ଡିସେମ୍ବର ୨୦୧୮ • ୩୦ ଟଙ୍କା

ଆମ ମାଟିର ସ୍ୱର




New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
HDPE Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# ରେବତୀ
## ଆମ ମାଟିର ସ୍ୱର

# REBATI AMA MATIRA SWARA

*(a family feature monthly odia magazine on life & literature)*

ପ୍ରଥମ ବର୍ଷ : ତୃତୀୟ ସଂଖ୍ୟା, ଡିସେମ୍ବର, ୨୦୧୮ ■ Vol-1, Issue-3, December, 2018



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

■

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

■

ଅଳଂକରଣ ବିଭାଗ

- ଚିତ୍ରକଳା : ଡକ୍ଟର ରଂଜନ ମଲ୍ଲିକ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

■

ସମ୍ପାଦକୀୟ କାର୍ଯ୍ୟାଳୟ | **Editorial Office**

ସମ୍ପାଦିକା : ରେବତୀ | Editor : **Rebati Ama Matira Swara**
ଓ.ଟି. ରୋଡ଼, ବାଲେଶ୍ୱର | O.T. Road, Balasore
ପିନ୍- ୭୫୬୦୦୧ | Pin - 756001, Odisha
ଫୋନ୍ : ୯୪୩୭୦୮୦୦୦୩ | Phone : 9437080003
୭୦୦୮୮୪୫୯୨୦ | 7008845920

E-mail : rebati.rebati2018@gmail.com

## ଫିଚର ପତ୍ରିକା ଭାବରେ 'ରେବତୀ' ଏକ ନବ ଆନ୍ଦୋଳନ ଆରମ୍ଭ କରିବ

● 'ରେବତୀ' ଆଣିଲି ଦୁଇଦିନ ତଳେ ନାରାୟଣୀ ବୁକ୍‌ଷ୍ଟଲ୍‌ରୁ । ସମ୍ପାଦନା ଭଲ । ସମ୍ପାଦକୀୟ ଲେଖା ମଧ୍ୟ ଭଲ । ଆରମ୍ଭରୁ ହିଁ ଜଣାପଡୁଛି ଏହା ଫିଚର୍ ପତ୍ରିକା ଭାବରେ ଏକ ଆନ୍ଦୋଳନର ଆରମ୍ଭ କରିବ । କାଗଜ ବଢ଼ିଆ ଓ ମୁଦ୍ରଣ ପରିପାଟି ମଧ୍ୟ ଆକର୍ଷଣୀୟ । ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଦ୍ୱାରା ପ୍ରସ୍ତୁତ ଜୟନ୍ତ ମହାପାତ୍ରଙ୍କ ଉପରେ ଆଲେଖ୍ୟଟି ଏ ସଂଖ୍ୟାର ଏକ ଚମତ୍କାର ବିଭବ । ଏହା ବ୍ୟତୀତ ଅଜୟ ସ୍ୱାଇଁଙ୍କ ଲେଖାରେ ଦେବ୍ରାଜ ଲେଙ୍କାଙ୍କ ବର୍ଣ୍ଣନା ତଥା ଭୀମ ପୃଷ୍ଟିଙ୍କ ଆଲେଖ୍ୟରେ ଜମ୍ବୁଲୋକର କଥା ବେଶ୍ ପଠନୀୟ । ନେତାଜୀ ଅଭିନନ୍ଦନଙ୍କ ରାଜନୀତି ଲେଖାଟି ଖୁବ୍ ଭଲ ଲାଗିଲା । ମନୋଜ ଦାସଙ୍କ ଗଳ୍ପ ଉପରେ ଯେଉଁ ଆଲୋଚନାଟି ସ୍ଥାନିତ ହୋଇଛି ତାହା ପ୍ରଥମେ ଛାପିଥିଲେ ଭଲ ହୋଇଥାନ୍ତା । ଦେବ୍ରାଜ ଲେଙ୍କାଙ୍କ ଖାଲିଦେହର ଫଟୋ ମୋତେ କାହିଁକି ଠିକ୍ ଲାଗିଲା ନାହିଁ । ଚିତ୍ର ବେଶ୍ ଭଲ କିନ୍ତୁ ଶିଳ୍ପୀଙ୍କର ନାମ ଓଡ଼ିଆରେ ଦେଲେ ଭଲ ହେବ । କବିତା ସବୁ ଖୁବ୍ ଭଲ । ଗିରିଜା କୁମାର ବଳୀୟାର ସିଂହଙ୍କର କବିତାକୁ ପ୍ରଶଂସା କରିବା ପାଇଁ ମୋ ପାଖରେ ଶବ୍ଦର ଅଭାବ । ପଶ୍ଚିମ ଓଡ଼ିଶାର ଖାଦ୍ୟରେ ଆଉଟିକେ ମେଟର୍ ଦେଇଥିଲେ ଭଲ ହୋଇଥାନ୍ତା । ଫଟୋ ପାଇଁ ଗୋଟେ ପୃଷ୍ଠା ଦିଆ ନଯାଉ । ସମ୍ପାଦିକାଙ୍କର ଛୋଟ ଫଟୋ ଦିଆଯାଉ । ସେ ଖୁବ୍ ଭଲ ଲେଖିଛନ୍ତି, ଭାରି ନମ୍ରତାର ସ୍ୱର । ଭଲ ଲାଗିଲା ପ୍ରଥମରୁ । ପତ୍ରିକାର ଦାମ୍ ଏତେ କମ୍ କାହିଁକି ? ଅତି କମ୍‌ରେ ୫୦ଟଙ୍କା ମୂଲ୍ୟ ରଖିଲେ ବି ଚଳିବ । ସାହିତ୍ୟକୁ ଆଉ ଟିକେ ଅଧିକ ସ୍ଥାନ ଦେବାକୁ ମୋର ଅନୁରୋଧ । ସୌନ୍ଦର୍ଯ୍ୟ ଚର୍ଚ୍ଚା ମଧ୍ୟ ମୋତେ ଭଲ ଲାଗିଲା । ଜମ୍ବୁଲୋକ ଉପରେ ଲେଖା ଯାଇଥିବା କଭର୍ ଫଟୋ ଆଲେଖ୍ୟ ସହ ଦେଇଥିଲେ ଭଲ ହୋଇଥାନ୍ତା । ଆଗାମୀ ଦିନରେ ମଲ୍ଲିକାଶପୁର ଗ୍ରାମ ଉପରେ ଏକ ଆଲେଖ୍ୟ ଦେବାକୁ ମୋର ବିଶେଷ ଅନୁରୋଧ । 'ରେବତୀ'କୁ ମୁଁ ତନ୍ନ ତନ୍ନ କରି ପଢ଼ିଛି । ସେଥିପାଇଁ ଅନେକ କ୍ଷେତ୍ରରେ ମୁଁ ମୋର ମତ ରଖିବା ସହିତ ଅମତ ମଧ୍ୟ ହୋଇଛି ।

**ହିରଣ୍ମୟୀ ମିଶ୍ର,** ଭୁବନେଶ୍ୱର

**ଆମର ଉତ୍ତର : ଏଠାରେ ସ୍ପଷ୍ଟ କରିଦେବାକୁ ଉଚିତ ମଣୁଛୁ କି 'ରେବତୀ'କୁ ଆମେ ପ୍ରଥମରୁ ଏକ ପାରିବାରିକ ଫିଚରଧର୍ମୀ ପତ୍ରିକା ଭାବରେ ପ୍ରସ୍ତୁତ କରିଛୁ । ସ୍ୱାଭାବିକ ଭାବେ ସୁତରାଂ ଏଥିରେ ସାହିତ୍ୟ ବିଭାଗଗୁଡ଼ିକ କମ୍ ରହିବାକୁ ବାଧ୍ୟ । କାରଣ ସାହିତ୍ୟ ବିଭବକୁ ନେଇ ସମୃଦ୍ଧ ଏକାଧିକ ପତ୍ରିକା ଓଡ଼ିଶାରୁ ପ୍ରକାଶିତ ହୁଏ । ଆମେ ତେଣୁ ଅନ୍ୟ ଦିଗକୁ ଆପଣେଇଲୁ । ଏଇ ମୂଲ୍ୟରେ ବି ଲୋକଙ୍କ ଭିତରେ କିଣିବାର କାର୍ପଣ୍ୟ ଆମେ ଦେଖୁଛୁ । ତେବେ ଯଥା ସମୟରେ ଆମେ ମୂଲ୍ୟ ବୃଦ୍ଧି କରିବୁ । ହଁ, ମଲ୍ଲିକାଶପୁର ଗ୍ରାମ ଉପରେ ଆଲେଖ ଆପଣ ପଢିବେ ଶିଘ୍ର । ଆପଣଙ୍କର ମତ-ଅମତ ପାଇଁ ଅଶେଷ କୃତଜ୍ଞତା ।**

## ପତ୍ରିକାରେ ନିଜକୁ ଆବିଷ୍କାର କଲି

● ଦୁଇଥର ଷ୍ଟଲ୍‌ରୁ ଫେରିବା ପରେ ତୃତୀୟ ଥର 'ରେବତୀ ଆମ ମାଟିର ସ୍ୱର'କୁ କଟକରୁ କିଣିଆଣି ପଢ଼ିବା ପରେ ଯେତିକି ଆଶ୍ଚର୍ଯ୍ୟ ହେଲି, ସେତିକି ଖୁସି ମଧ୍ୟ । ଗୋଟେ ନୂତନ ପତ୍ରିକାର ଜନ୍ମ ନିଶ୍ଚିତ ଭାବେ ଆନନ୍ଦଦାୟକ । ତେବେ ଏ ପତ୍ରିକାରେ ସମ୍ପୃକ୍ତ ଥିବା ମୋର ଶ୍ରଦ୍ଧେୟ କୃଷ୍ଣକୁମାର ମୋ ଅଜାଣତରେ ମୋତେ ଯେଉଁପରି ଭାବରେ ଏ ପତ୍ରିକାରେ ଫୁଟେଜ୍ ଦେଇଛନ୍ତି ମୁଁ ନିଶ୍ଚିତ ଭାବରେ ଏ ପତ୍ରିକାର ଦୀର୍ଘଜୀବନ କାମନା କରିବା ସହିତ ପତ୍ରିକା ପଛର ଶକ୍ତିଙ୍କୁ ଶୁଭେଚ୍ଛା ଦେବି ।

**ଦେବ୍ରାଜ ଲେଙ୍କା**

ବିଖ୍ୟାତ ଲେଖକ, ମଣ୍ଡରାମ ମଠ, କଟକ

## ଫିଚର୍ ଗୁଡ଼ିକ ବେଶ୍ ମନୋଜ୍ଞ

● ବାଲେଶ୍ୱର ମାଟିରୁ 'ରେବତୀ ଆମ ମାଟିର ସ୍ୱର'ର ଆତ୍ମପ୍ରକାଶ, ଫକୀରମୋହନଙ୍କ ଓଡ଼ିଆ ଗଳ୍ପ 'ରେବତୀ' କଥା ମନେ ପକାଇ ଦିଏ । ସେମିତି ଏ 'ରେବତୀ' ପତ୍ରିକାକୁ ଆମୂଳଚୁଳ ପଢ଼ିବା ସହିତ ସ୍ଥାନିତ ସବୁ ଫିଚର୍ ଗୁଡ଼ିକ ମୋତେ ଖୁବ୍ ମନମୁଗ୍ଧକର ମନେ ହେଲା । ଏଥିପାଇଁ ପତ୍ରିକାର ସମ୍ପାଦିକା ତଥା ପ୍ରକାଶିକା ମାଡାମ୍ ସୁବାସିନୀ ଜେନାଙ୍କୁ ମୁଁ ସାଧୁବାଦ ଜଣାଇବି ଯେ, ସେ ଅନ୍ତତଃ ସାହିତ୍ୟ ଓ ସମ୍ପାଦନାରେ ଅଭିଜ୍ଞ କୃଷ୍ଣ କୁମାର ମହାନ୍ତିଙ୍କୁ ଏହାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଆଶା କରିବି, ଏହା ନିୟମିତ ପ୍ରକାଶ ପାଇ ରାଜ୍ୟର ଏକ ସମ୍ଭ୍ରାନ୍ତ ଓ ନିଆରା ପତ୍ରିକା ରୂପେ ପ୍ରତିଷ୍ଠା ପାଉ ।

**ଅଜିତ୍ ପାତ୍ର,**

ବାରିପଦା

## ଅନେକ ସମ୍ଭାବନାର ସ୍ୱାକ୍ଷର

● ସୁନ୍ଦର ପ୍ରଚ୍ଛଦ, ମନଛୁଆଁ ଲେଖା, ପତ୍ରିକା ଜଗତରେ ଏକ ନୂତନ ସ୍ୱାକ୍ଷର ବହନ କରିଥିବା 'ରେବତୀ ଆମ ମାଟିର ସ୍ୱର' ଅନେକ ସମ୍ଭାବନା ଆଙ୍କି ପାରୁଛି ଆମମାନଙ୍କ ମନରେ ।

**ହିମାଂଶୁ ଦାସ**

ବାଲେଶ୍ୱର




## ସାରସ୍ୱତ ଚିନ୍ତା ଓ ଚେତନାର ସ୍ୱର

● ରେବତୀ ଯେପରି ଫକୀରମୋହନଙ୍କ ସୃଜନ ଦିଗନ୍ତକୁ ଉଦ୍‌ଭାସିତ କରିଥିଲା, ଠିକ୍ ସେହିପରି ଏହି 'ରେବତୀ ଆମ ମାଟିର ସ୍ୱର' ଓଡ଼ିଆର ସାରସ୍ୱତ ଚିନ୍ତା ଓ ଚେତନାକୁ ବିସ୍ତୃତ କରିବ ବୋଲି ମୋର ଆଶା । ପତ୍ରିକା ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ଶୁଭେଚ୍ଛା ।

**ଜ୍ୟୋତି ନନ୍ଦ**

ଭୁବନେଶ୍ୱର

## ପ୍ରତ୍ୟେକ ବିଭାଗ ଶୋଭନୀୟ

● 'ରେବତୀ ଆମ ମାଟିର ସ୍ୱର' କିଣିଲି ଓ ପଢ଼ିଲି । ଏହା ଏକ ପାରିବାରିକ ଫିଚର୍ ପତ୍ରିକା ଭାବରେ ଆତ୍ମପ୍ରକାଶ କରିଛି । ଏହାର ପ୍ରତ୍ୟେକଟି ବିଭାଗ ବେଶ୍ ସୁଖପାଠ୍ୟ ଓ ଶୋଭନୀୟ । ବିଶେଷକରି ଅକ୍ଟୋବର ସଂଖ୍ୟାରେ ସ୍ଥାନିତ ଅଜୟ ସ୍ୱାଇଁଙ୍କ ଆଲେଖ୍ୟ 'ବାଙ୍କିର ବାଦ୍‌ଶାହା', ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଆଲେଖ୍ୟ 'ବଗିଚାର ନାଁ ତିନି କୋଣିଆ' ମୋତେ ବେଶୀ ଭଲ ଲାଗିଛି । ଅନ୍ୟାନ୍ୟ ବିଭାଗ ଗୁଡ଼ିକ ମଧ୍ୟ ଚମତ୍କାର ।

**ଭୀମ ପୃଷ୍ଟି**

ଯାଜପୁର

## 'ରେବତୀ' ସମଗ୍ର ଓଡ଼ିଶା ମାଟିର ସ୍ୱର ହେବ

● 'ରେବତୀ ଆମ ମାଟିର ସ୍ୱର' ନିଶ୍ଚିତ ଭାବରେ ସମଗ୍ର ଓଡ଼ିଶାର ସ୍ୱର । ଏହାର ପ୍ରତିଟି ପୃଷ୍ଠା ମୋତେ ଅଭିଭୂତ କରିଛି । ପତ୍ରିକାଟିକୁ ଷ୍ଟଲ୍‌ରୁ ବିଳମ୍ବରେ କିଣିଥିଲେ ମଧ୍ୟ ଏକା ନିଃଶ୍ୱାସରେ ପଢ଼ି ଶେଷ କରିଦେଲି । ଏଥିରେ ମୋର ଲେଖା 'ବାଲିଆପାଳର ବନ୍ଧନ'କୁ ଅତି ଶୋଭନୀୟ ଓ ରୁଚିଶୀଳ ଢଙ୍ଗରେ ପରିବେଷଣ ଓ ପ୍ରକାଶ କରିଥିବାରୁ ମୁଁ ପତ୍ରିକାର ସମ୍ପାଦିକା ଏବଂ ସହଯୋଗୀ ସମ୍ପାଦକଙ୍କ ପାଖରେ ମୋର ଋଣ ସ୍ୱୀକାର କରୁଛି । ମୋତେ 'ରେବତୀ'ର ପୃଷ୍ଠାରେ ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।

**କବିତା ପାତ୍ର,** ବାଲିଆପାଳ, ବାଲେଶ୍ୱର

## ସୁନ୍ଦର ପରିପାଟିରେ 'ରେବତୀ' ସମ୍ବଲପୁରରେ ବେଶ୍ ଆଦୃତ

● ନଭେମ୍ବର ସଂଖ୍ୟା 'ରେବତୀ' ମଧ୍ୟ ବହୁ ସୁନ୍ଦର ପରିପାଟିରେ ପ୍ରକାଶିତ ହୋଇଛି । ଏଥର ମଧ୍ୟ ସମ୍ବଲପୁରରେ ରେବତୀ ଗୋଟିଏ ଦିନରେ ସବୁ କପି ବିକ୍ରି ହୋଇଗଲା । ଅନେକେ 'ରେବତୀ' କିଣିବାକୁ ଆସି ହତାଶ ହେଲେ । ଦୟାକରି ଅଧିକ ସଂଖ୍ୟାରେ ରେବତୀ ପଠାଇବାର ବ୍ୟବସ୍ଥା କରନ୍ତୁ ।

**ସୁଶୀଲ କୁମାର ପାଣିଗ୍ରାହୀ,** ସମ୍ବଲପୁର

## ସ୍ୱକୀୟ ରୂପରେ ଆକର୍ଷଣୀୟ

● ଆଜି 'ରେବତୀ ଆମ ମାଟିର ସ୍ୱର'ରୁ ପଢ଼ିଛି ଏହିସବୁ ଲେଖା:

୧. ଗୁହାଳପଡ଼ାର ଗୁମର : ଈପ୍ସିତା ଷଡ଼ଙ୍ଗୀ
୨. ଦୂର ବହୁଦୂର : ଅନୀଲ କୁମାର ପାଢ଼ୀ
୩. ନାରୀ ମୂର୍ତ୍ତି : ସୃଷ୍ଟିଶ୍ରୀ ନାଏକ
୪. ସୁହାସିନୀ କିଏ : ସୁଚେତା ମିଶ୍ର
୫. ଶାଢ଼ି କାହିଁକି : ଚିରଶ୍ରୀ ଇନ୍ଦ୍ରସିଂ
୬. ଶେଷକଥା : କୃଷ୍ଣ କୁମାର ମହାନ୍ତି

ସମସ୍ତ ସ୍ରଷ୍ଟାଙ୍କୁ ସମ୍ମାନ ଓ ଅଭିନନ୍ଦନ । 'ରେବତୀ' ତା'ର ପ୍ରଭାବ ବିସ୍ତାର କରିଚାଲିଛି ନିଜର ସ୍ୱକୀୟ ରୂପରେ, ରଙ୍ଗରେ, ଭାବରେ, ବିଭାବରେ । ପୃଷ୍ଠା ଓ ପ୍ରସଙ୍ଗରେ ପାଠକୀୟ ଆକର୍ଷଣ ଭରପୂର । ଏମିତି ହେଲେ ତ 'ରେବତୀ'ର ପ୍ରେମିକ ସଂଖ୍ୟା ଅବଶ୍ୟ ବଢ଼ି ଚାଲିବେ ।

ଭଲ ଲାଗିଲା ଅନୀଲ କୁମାର ପାଢ଼ୀଙ୍କ ଗଳ୍ପ, ଈପ୍ସିତା ଷଡ଼ଙ୍ଗୀଙ୍କ ଆଲେଖ, ସୁଚେତା ମିଶ୍ର ଓ ଚିରଶ୍ରୀ ଇନ୍ଦ୍ରସିଂଙ୍କ ଅନ୍ତରଙ୍ଗ ଅଙ୍ଗୀକାର ଆଉ 'ଶେଷ କଥା'ର ନିର୍ଯାସ । ପତ୍ରିକା ନିୟମିତ ବାହାରୁ ଓ ଆମକୁ ସବୁବେଳେ ପ୍ରେମମଗ୍ନ କରିରଖୁ, ଏତିକି କାମନା । ସମ୍ପାଦନା ମଣ୍ଡଳୀଙ୍କୁ ଆନ୍ତରିକ ଧନ୍ୟବାଦ ।

**ଡମ୍ବରୁଧର ପଟ୍ଟନାୟକ,** ରାୟଗଡ଼ା

## ରେବତୀର ପ୍ରଚ୍ଛଦ ବେଶ୍ ସୁନ୍ଦର

● 'ରେବତୀ'ର ନଭେମ୍ବର ସଂଖ୍ୟା କିଣିଲି । ଖୁବ୍ ସୁନ୍ଦର ପ୍ରଚ୍ଛଦପଟ । କାଖରେ ମାଟି କଳସ ଧରି ଆଜିର ରେବତୀ ଘରକୁ ଫେରୁଥିବାର ଫଟୋଚିତ୍ର ପ୍ରଚ୍ଛଦକୁ ବେଶ୍ ଆକର୍ଷଣୀୟ କରିଛି । ତା'ଭିତରେ ପୁଣି ସୁନ୍ଦର ଗାଁ ଗହଳିର ଝୋଟିଚିତ୍ର, ଖୁବ୍ ମନମୁଗ୍ଧକର । ମୋର ଶୁଭେଚ୍ଛା ।

**ବିଶ୍ୱଭାରତୀ ଦାଶ,**
ବାଙ୍ଗାଲୋର

## ସଂଗ୍ରହଣୀୟ ଓ ପଠନୀୟ

● 'ରେବତୀ ଆମ ମାଟିର ସ୍ୱର' ଏଇ ଦ୍ୱିତୀୟ ସଂଖ୍ୟା । ପ୍ରଥମ ସଂଖ୍ୟାରେ ତାର ସୌନ୍ଦର୍ଯ୍ୟ, ମସୃଣ ତ୍ୱଚା ମନ ମୋହିଥିଲା । ପ୍ରତ୍ୟେକ ଶବ୍ଦ ଶିକ୍ଷଣୀୟ, ଉପାଦେୟ । ନଭେମ୍ବର ସଂଖ୍ୟାରେ ଅଛି ମୋର ଏକ ଲେଖା । ସେଥିପାଇଁ ସମ୍ପାଦନା ମଣ୍ଡଳୀକୁ ଧନ୍ୟବାଦ ଏବଂ ବିଶେଷ କରି ଭିନ୍ନ ଏକ ବିଭାଗରେ ମୋତେ ଯୋଗଉଳି ଭାବରେ କୃଷ୍ଣ ବାବୁ ଯୋଡ଼ିଛନ୍ତି ଏବଂ ମୋର ଲେଖାକୁ ସ୍ଥାନୀତ କରିଛନ୍ତି ସେଥିପାଇଁ ମୁଁ କୃତଜ୍ଞତା ଜଣାଉଛି । 'ରେବତୀ'ର ନଭେମ୍ବର ସଂଖ୍ୟା ସବୁ ଦୃଷ୍ଟିରୁ ଏକ ପଠନୀୟ ଓ ସଂଗ୍ରହଣୀୟ ସଂଖ୍ୟା ।

**ମୀନା ସ୍ୱାଇଁ,**
କୋରାପୁଟ୍

## ରେବତୀ ରଙ୍ଗଶାଳା

ନଈ କାନ୍ଥରେ ଦଣ୍ଡେ ଠିଆ ହେଲେ
ଦିଶିଯାଏ ନଈ ଛଳଛଳ
ପୁଞ୍ଜା ପୁଞ୍ଜା ଫେଣ ଗଭୀର ଭଉଁରୀ
ପ୍ରଣୟ ପିରତୀ କାଳକାଳ...

ଦି'ହଜାର ଶୂନ ଅଠର ମସିହା
ପଢ଼ିଲି 'ରେବତୀ' ପୂଜାସଂଖ୍ୟା
ନବଜାତକର ନବାନ୍ନ ଛୁଆଁ
ଲାଗିଲା କି ସତେ ସବୁ ଲେଖା ।

ମୟୂରଭଞ୍ଜର ମହୁଲ ବଣରୁ
ନିମେଇଁ ମହାନ୍ତି ଦିଶୁଛନ୍ତି
ଗୀତି କବିତାର ଫଗୁଆ ଫଗୁଣ
ପାହାନ୍ତି ତରାର ନୀଳପୁନ୍ତି

ବିଶିଷ୍ଟ ବିଶିଷ୍ଟ କବି କଥାକାର
ଆନ୍ତର୍ଜାତିକ ପଦ୍ମଶ୍ରୀ
'କୁହ ଚକ୍ରଧର' ସୃଜନକଳାର
ଅଭିବ୍ୟକ୍ତିର ମନସ୍ୱୀ

କାଗଜ ଲାଗୁଚି କାନ୍‌ଭାସ୍ ପରି
ବର୍ଣ୍ଣମାଳିର ଆଲେଖ୍ୟ
'ରେବତୀ' ଖୋଲିଲେ ସେବତୀ ବାସୁଚି
ମଧୁପର ଝଡ଼ା ପକ୍ଷ....

ନୂଆମାଟି ଚାରା ଫୁଲର ଗନ୍ଧ
ପିଆସୀ ପବନ ମତୁଆଲା
ଦିଗରୁ ଦିଗନ୍ତ ମେଘ ଛାଇ ତଳେ
'ରେବତୀ' ସାଜିଚି ରଙ୍ଗଶାଳା...

**ଅଶ୍ୱିନୀ ଦାଶ**
ସିଦ୍ଧେଶ୍ୱର କଲୋନୀ, ଜାନୁଗଞ୍ଜ, ବାଲେଶ୍ୱର

## ପ୍ରଚ୍ଛଦପଟ ବେଶ୍ ଆକର୍ଷଣୀୟ

● 'ରେବତୀ'ର ପ୍ରଥମ ସଂଖ୍ୟା ଅପେକ୍ଷା ନଭେମ୍ବର ମାସ ନିଆରା ହୋଇଛି । ସୁନ୍ଦର ପ୍ରଚ୍ଛଦପଟ ସାଙ୍ଗକୁ ଭଲ ଭଲ ଫିଚର୍ ଲେଖାଗୁଡ଼ିକ ଦେଇଥିବାରୁ ଆପଣଙ୍କ ପରିଶ୍ରମ ନିଶ୍ଚିତ ଭାବେ ବାରି ହେଉଛି ।

**ରବୀନ୍ଦ୍ର ବିଶ୍ୱାଳ,** ଭୁବନେଶ୍ୱର

## କବି ଶ୍ରୀଦେବଙ୍କ କବିତାର ଆବେଦନ ଚମତ୍କାର

● 'ରେବତୀ' ପତ୍ରିକାଟି ପ୍ରଥମ ସଂଖ୍ୟାରୁ ସମସ୍ତ ଚେତନାଶୀଳ ପାଠକଙ୍କ ମନକୁ ଛୁଇଁବ ଏହା ନିଃସନ୍ଦେହ । ସାଧାରଣତଃ ଚିଠିପତ୍ରର ବିଭାଗଟି ପ୍ରାୟ ପତ୍ରପତ୍ରିକାରେ ବାହାବା ନେବା ପାଇଁ ରଖା ଯାଇଥାଏ । ସମ୍ପାଦକଙ୍କୁ ଧନ୍ୟବାଦ ଜଣାଇବି ଏଥିପାଇଁ ଯେ ଆପଣ ଏ ବିଭାଗଟିକୁ 'ମତ-ଅମତ' ନାମ କରଣ କରିଛନ୍ତି । ସବୁରେ ପାଠକ ଏକମତ ନ ହୋଇପାରନ୍ତି ଏହା ମାନିବାକୁ ହୁଏ । ସମୀକ୍ଷା ମୂଳକ ଚିଠିପତ୍ର ଲେଖିବା ପାଇଁ ଆମକୁ ଏକ ପରମ୍ପରା ଗଢ଼ିବାକୁ ପଡ଼ିବ । ପତ୍ରିକାଟିରେ ସ୍ଥାନିତ ପ୍ରତ୍ୟେକ ଲେଖା ସ୍ୱୟଂ କ୍ଷେତ୍ରରେ ଯାକୁଲ୍ୟମାନ । ଏଠି ସମ୍ପାଦିକାଙ୍କ ବିଶେଷତା ବାରିହୋଇ ପଡ଼େ । ଶେଷ ପୃଷ୍ଠାରେ 'ଶେଷକଥା' କୃଷ୍ଣ କୁମାର ମହାନ୍ତିଙ୍କ ଦୀର୍ଘ ସାହିତ୍ୟ ଯାତ୍ରାର ଅଭିଜ୍ଞତାର ଫସଲ । ମୋତେ ସବୁଦିନ କବି ଶ୍ରୀଦେବଙ୍କର କବିତା ମନଛୁଆଁ ଲାଗି ଆସିଛି । ଏହି ସଂଖ୍ୟାରେ ତାଙ୍କର କବିତା ପଢ଼ି ଶାନ୍ତିସ୍ପର୍ଶ ମିଳିଲା । କଥାସମ୍ରାଟ ଫକୀରମୋହନ ସେନାପତି ଯେଉଁ ମା-ମାଟିର ଭାଷାକୁ ନେଇ କାଳଜୟୀ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି ସେଇପରି ଆଞ୍ଚଳିକ ଶବ୍ଦ ଓ ମୌଖିକ ଶବ୍ଦକୁ ଅନାୟାସରେ ପ୍ରୟୋଗ କରି ନୂତନ ପିଢ଼ିର ପାଠକଙ୍କ ହୃଦୟକୁ ଛୁଇଁ ଯାଆନ୍ତି କବି ଶ୍ରୀଦେବ, ଏହା ତାଙ୍କ କବିତାରୁ ବୁଝିହୁଏ । ବାଂଲାଦେଶ ଭ୍ରମଣକୁ ନେଇ ମୋର ଗୋଟିଏ ଭ୍ରମଣ କାହାଣୀ ଏହି ନଭେମ୍ବର ସଂଖ୍ୟାରେ ପ୍ରକାଶ କରିଥିବାରୁ ସମ୍ପାଦିକାଙ୍କୁ କୃତଜ୍ଞତା ଜଣାଉଛି । 'ରେବତୀ ଆମ ମାଟିର ସ୍ୱର'ର ସମସ୍ତ ଆୟୋଜକଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

**ଅଜିତ୍ ପାତ୍ର,** ଝାଡ଼ଖଣ୍ଡ

## ସୂଚନା

'ରେବତୀ'ର ନଭେମ୍ବର ସଂଖ୍ୟା ପୃଷ୍ଠା ୭୧ରେ ପ୍ରକାଶିତ 'ମାନସିଂହଙ୍କ ମାନସାଙ୍କ' ଲେଖାରେ ମାନସିଂହ ଫଟୋଚିତ୍ର ଭାବେ ମୁଦ୍ରିତ ଫଟୋଟି ତାଙ୍କର ନୁହେଁ ବୋଲି ଆମକୁ ସୂଚନା ଦେଇଛନ୍ତି ଗୌରହରି ଦାସ ଓ ସତ୍ୟଶିବ ଦାସ । ଗୁଗୁଲରୁ ସର୍ଚ୍ଚ କରି ପାଇଥିବା ଫଟୋ ଆମେ ଛାପିଥିଲୁ । ମାତ୍ର ତର୍ଜମା କରି ଆମେ ଜାଣିଲୁ ଯେ ତାହା ମାନସିଂହଙ୍କର ନୁହେଁ । ଦାସ ଦ୍ୱୟଙ୍କୁ ଧନ୍ୟବାଦ ଏବଂ ପାଠକମାନଙ୍କ ଠାରେ ଆମେ କ୍ଷମାପ୍ରାର୍ଥୀ ।

## କଥା-କାହାଣୀ ଦୁଇଟି ଦୁର୍ବଳ ମନେହେଲା

● 'ରେବତୀ'ର ପ୍ରଥମ ସଂଖ୍ୟାଟି ସଞ୍ଜିବ ପଣ୍ଡାଙ୍କ ସୌଜନ୍ୟରୁ ଭୁବନେଶ୍ୱର ଠାରେ ପାଇଲି । କଳେବର ବେଶ୍ ରୁଚିପୂର୍ଣ୍ଣ । ସୁନ୍ଦର ପରିପାଟି । ଚମତ୍କାର ଓ ନିଖୁଣ ଛବିସବୁ । ଏକା ନିଃଶ୍ୱାସରେ ପଢ଼ିଗଲି । ମନ ବୁଝିଲାନି । ପୁଣିଥରେ ପଢ଼ିଲି । କେତେ ବଢ଼ିଆ ଲେଖାସବୁ, ସବୁ ଶ୍ରେଣୀର ପାଠକ ପାଇଁ ଖୋରାକ ରହିଛି । ତାପସ ଫଟୋଗ୍ରାଫିରେ ମାହିର୍ । 'ସମ୍ପର୍କହୀନତାର ବୈକଲ୍ୟ ଓ ସାମାଜିକ ସଙ୍କଟ' ଶୀର୍ଷକ ସମ୍ପାଦକୀୟଟି ଭିନ୍ନ ଶୈଳୀରେ ଉପସ୍ଥାପିତ । 'ମାନନୀୟେଷୁ'ରେ କବି ଜୟନ୍ତ ମହାପାତ୍ରଙ୍କ ଉପରେ 'ବଗିଚାର ନାଁ ତିନିକୋଣିଆ' ଫିଚର୍‌ଟି ବେଶ୍ ରୋଚକ । ମୋର ପ୍ରିୟ ଲେଖକ ତଥା କଥାର ବାଦ୍‌ଶାହା ଦେବ୍ରାଜ୍ ଲେଙ୍କା ଖାଲି ବାଙ୍କିର ବାଦ୍‌ଶା' ନୁହନ୍ତି, ପ୍ରତିଟି ଓଡ଼ିଆ ହୃଦୟର ରାଜା । କବି ଗିରିଜା କୁମାର ବଳୀୟାରସିଂହଙ୍କ 'ନିୟମଗିରି' କବିତାଟି ମନଛୁଆଁ । ସ୍ୱାସ୍ଥ୍ୟ ଚର୍ଚ୍ଚା, ବାଡ଼ିବଗିଚା, ରୋଷେଇଶାଳ, ରୂପରାଗ, ଝିଅର ଝରକାରେ ଓ ଛାୟାଚିତ୍ର ବେଶ୍ ଜ୍ଞାନବର୍ଦ୍ଧକ । 'ଶିକ୍ଷାୟତନ'ରେ ବ୍ୟାସବିହାରର ଅତି ସୁନ୍ଦର ଉପସ୍ଥାପନା, ବାରିପଦାର ବୁଦ୍ଧଙ୍କ ବିଷୟରେ ବି ପ୍ରଥମ ଜାଣିଲି ଏତେ କଥା । ବିଜୁଙ୍କ ଖାଲି ବସାଘର ନୁହେଁ, ନିଜଘର ବି ସ୍ମୃତିର ସ୍ମାରକୀ, କଟକର ଐତିହ୍ୟ । ପ୍ରତୀକ୍ଷା ଜେନାଙ୍କ 'ଏ ସ୍ତ୍ରୀ ଲୋକଟି କିଏ' ସମ୍ଭାବନାର ସୂଚନା ରଖେ; ଭଲ ଅନୁଶୀଳନ ନାରୀ ମନସ୍ତତ୍ତ୍ୱର । ଭୀମ ପୃଷ୍ଟିଙ୍କ 'ଜମ୍ବୁଲୋକ' ତଥ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟରେ ଭରପୁର୍ । ନେତାଜୀ ଅଭିନନ୍ଦନ ତାଙ୍କ 'ପଛଝର୍କା' ଦେଇ ବେଶ୍ ରାଜନୀତିର ବିଶ୍ଲେଷଣ କରି ପାରିଛନ୍ତି । 'କଥାକଣିକା' ଓ 'ପ୍ରସଙ୍ଗ' ମନ୍ଦ ନୁହେଁ । ଚୁଡ଼ିର ସତେ ଏତେ ଚମକ, ଭଉଣୀମାନେ ଜାଣି ଖୁସି ହେବେ । 'କଥା-କାହାଣୀ' ଦୁଇଟି ଟିକେ ଦୁର୍ବଳ ମନେହେଲା । 'ପାନର ମହକ' ବାଲେଶ୍ୱରରୁ ଆସିବନି ତ ଆଉ କୋଉଠୁ ଆସିବ ଯେ ? ଭଲ ଓ ଶିକ୍ଷଣୀୟ । ବନଜ ଦେବୀ 'ପୋଷଲର ପରିଭାଷା'ରେ ନିଜ ଗାଁକୁ ନେଇ ଏମିତି ସୁନ୍ଦର ଲେଖିଛନ୍ତି ଯେ ଆତ୍ମାକୁ ଛୁଇଁଗଲା । 'ପଶ୍ଚିମ ଓଡ଼ିଶାର ଖାଦ୍ୟ' ବେଶ୍ ରୁଚିକର । ପୋଟଳର ଔଷଧୀୟ ଗୁଣକୁ ନେଇ ଦେବଯାନୀ ଦାସଙ୍କ ଉପସ୍ଥାପନା ସହ ବ୍ୟଞ୍ଜନ- ଆଃ ଚମତ୍କାର ! ସରୋଜିନୀ ଷଡ଼ଙ୍ଗୀଙ୍କ ଉପସ୍ଥାପନା 'କୃଷ୍ଣାଙ୍ଗୀରୁ ସୁନ୍ଦରୀ ପରୀ' ଅନେକଙ୍କୁ ପଥ ଦେଖାଇବ ।

**ରାଜୀବ ଷଡ଼ଙ୍ଗୀ,** ଭୁବନେଶ୍ୱର

## 'ଏ ସ୍ତ୍ରୀଲୋକଟି କିଏ' ଏକ ଅନୋଖା ସ୍ୱୀକାରୋକ୍ତି

● 'ରେବତୀ'ର ସ୍ୱନକ୍ଷତ୍ର ସଂଖ୍ୟା ସହ ଏବେ ପରିଚିତ ହେବାର ସୁଯୋଗ ମିଳିଲା । ଖୁବ୍ ଆକର୍ଷଣୀୟ ପତ୍ରିକା । ପ୍ରତ୍ୟେକ ପୃଷ୍ଠା ଉଚ୍ଚକୋଟୀର । ସମ୍ପାଦକୀୟ ପୃଷ୍ଠାରେ ସତ କହିଛନ୍ତି ଆପଣ । ଜୀବନ ଓ ସାହିତ୍ୟ ଓତପ୍ରୋତ ଭାବେ ଜଡ଼ିତ । 'ରେବତୀ'ର ପ୍ରତ୍ୟେକ ପୃଷ୍ଠା ଜୀବନର କାହାଣୀକୁ ଶବ୍ଦରେ ସଜାଇ ପ୍ରସ୍ତୁତ କରିବାରେ ସକ୍ଷମ ହୋଇ ପାରିଛି । ସେଥିପାଇଁ ସାହିତ୍ୟାକାଶରେ 'ରେବତୀ' ଏକ ଉଜ୍ଜ୍ୱଳ ନକ୍ଷତ୍ର କହିଲେ ଭୁଲ୍ ହେବନାହିଁ ।

ପତ୍ରିକାଟିକୁ ଦେଖିଲା ପରେ (ସାନଭଉଣୀ ଈପ୍‌ସିତା ପୋଷ୍ଟାଲ୍‌ରେ ପଠାଇଛି ମୁମ୍ବାଇକୁ) ଭାବିଲି, ଖୋଜିଲି ବି- କଣ ନାହିଁ କଣ ନାହିଁ । ହେଲେ କିଛି ପାଇଲି ନାହିଁ । ପରିପୂର୍ଣ୍ଣ ପତ୍ରିକାଟେ । ଆପଣଙ୍କ ମତରେ ସବୁକିଛି ପରଷିବାର ଉଦ୍ୟମ କରାଯାଇଛି । ମୋ ମତରେ ସଫଳ ବି ହୋଇଛି । ପ୍ରତିଭାଶାଳୀ ଲେଖକଙ୍କ ଶବ୍ଦ ସଂରଚନା ଖୁବ୍ ମନଛୁଆଁ । ବିଶିଷ୍ଟ ଲେଖକ ଅଜୟ ସ୍ୱାଇଁଙ୍କ 'ନବ ପ୍ରଭାତର ନବାବ୍' ଖୁବ ଭଲ ଲାଗିଲା । କବିତା ବିଭାଗରେ ଅପର୍ଣ୍ଣା ମହାନ୍ତିଙ୍କ 'ଦେଖିବ, ନିମିଷକରେ କେମିତି...', ରଞ୍ଜନ ବାଗ୍‌ଙ୍କର 'କୁହ ଚକ୍ରଧର', ସୁନୀଲ କୁମାର ପୃଷ୍ଟିଙ୍କର 'ବାନର କିମ୍ଭୀରିଣୀ କଥା' ଆଦି କବିତା ସହ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଫିଚର୍ 'ଜୟନ୍ତ ସାର୍' ପଢ଼ି ଖୁବ୍ ଖୁସି ଲାଗିଲା । 'ଏ ସ୍ତ୍ରୀ ଲୋକଟି କିଏ ?' ଏକ ଅନୋଖା ପଦକ୍ଷେପ ।

ଶେଷରେ ଏତିକି କହିବି, ଏପରି ଏକ ପତ୍ରିକାକୁ ଓଡ଼ିଆ ସାହିତ୍ୟ ଜଗତକୁ ଆଣିଥିବାରୁ ଆପଣଙ୍କୁ, ମୋର ବଡ଼ଭାଇ ତୁଲ୍ୟ କୃଷ୍ଣ କୁମାର ମହାନ୍ତିଙ୍କୁ ଏବଂ 'ରେବତୀ' ସହ ଜଡ଼ିତ ସମସ୍ତ ସଦସ୍ୟଙ୍କୁ ଅନେକ ଅନେକ ଧନ୍ୟବାଦ ଓ ଶୁଭେଚ୍ଛା । ଓଡ଼ିଆ ପାଠକ ମାନଙ୍କ ଚେତନାର ତୃଷ୍ଣା ମେଣ୍ଟାଇବାରେ 'ରେବତୀ' ସଫଳ ହେଉ ଏତିକି କାମନା ।

**ପାରମିତା ଷଡ଼ଙ୍ଗୀ**

ଠାକୁର ଭିଲେଜ, କାନ୍ଦିବାଲି, ମୁମ୍ବାଇ

## 'ରେବତୀ'ର ଆକାର ଛୋଟ ହେଉ

● 'ରେବତୀ ଆମ ମାଟିର ସ୍ୱର' ପଢ଼ିଲି । ଆଲେଖ୍ୟ ଗୁଡ଼ିକ ବେଶ୍ ସୁନ୍ଦର ହୋଇଛି । ତେବେ ମୁଁ କିଛି ପ୍ରସ୍ତାବ ଦେବାକୁ ଚାହୁଁଛି । ଆକାର ଦୃଷ୍ଟିରୁ ପତ୍ରିକାଟି ଧରିବାକୁ ଓ ବାହାରୁ ଦେଖିବାକୁ ଟିକେ ଅଡୁଆ ଲାଗୁଛି । ସେହିପରି ଭିତରେ ପ୍ରାୟ ସମସ୍ତ ଆଲେଖ୍ୟ ତଥା ଅନ୍ୟ ଲେଖା ପରେ ଅବ୍ୟବହୃତ ସ୍ଥାନ ଆବଶ୍ୟକତା ଠାରୁ ଅଧିକ ରହିଯାଇଛି, ଯାହା ପାଠକଙ୍କ ଆଖିକୁ ଭଲ ଲାଗିନପାରେ । ତେଣୁ ପତ୍ରିକାଟିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପତ୍ରିକାର ଆକାରକୁ ସାମାନ୍ୟ ଛୋଟ କରି ଦେଲେ ଭଲ ହୁଅନ୍ତା ବୋଲି ମୁଁ ଭାବୁଛି । ପତ୍ରିକାରେ ସୂଚୀପତ୍ରକୁ ଆଉ ଟିକେ ଆକର୍ଷଣୀୟ କରାଯାଇପାରିବ । ମୋର ଏସବୁ ପ୍ରସ୍ତାବ ପ୍ରତି ଧ୍ୟାନ ଦେବେ ବୋଲି ଆଶା କରୁଛି ।

**ରୁଦ୍ର ରଂଜନ ଶେଜପଡ଼ା**

ବାଲେଶ୍ୱର

**ଆମର ଉତ୍ତର: ଆପଣଙ୍କ ପ୍ରସ୍ତାବ ପାଇଁ ଧନ୍ୟବାଦ ।ତେବେ ଯେକୌଣସି ଜାତୀୟ କି ଆନ୍ତର୍ଜାତୀୟ ପତ୍ରିକାର ଏକ ଷ୍ଟାଣ୍ଡାର୍ଡ଼ ସାଇଜ୍ ଥାଏ, ୮୩/୮ X୧୦୭/୮, ଯାହାକୁ ଆମେ ମାନିଛୁ । ଏହି ଆକାରରେ ହିଁ ବର୍ଷ ପରେ ବର୍ଷ ଓଡ଼ିଆରେ 'କାଦମ୍ବିନୀ', ଇଂରାଜିରେ 'ଫିଲ୍ମଫେୟାର୍' ପ୍ରକାଶ ପାଇ ଆସୁଛି । ହଁ, ସୂଚୀପତ୍ରକୁ ଆମେ ଆଗାମୀ ଦିନରେ ଆକର୍ଷଣୀୟ କରିବାକୁ ଚେଷ୍ଟା କରିବୁ ।**



## ଟାଇଟିଲ୍‌ର କ୍ୟାଚ୍‌ଲାଇନ୍‌ଟି ବେଶ୍ ଛୁଇଁଲା

● 'ରେବତୀ'ର ପ୍ରଥମ ସଂଖ୍ୟା ପଢ଼ିଲି । ପ୍ରଚ୍ଛଦ ଚମତ୍କାର ଲାଗିଲା । ଟାଇଟିଲ୍‌ର କ୍ୟାଚ୍ ଲାଇନ୍‌ଟି ଛୁଇଁଲା । ଆଲେଖ୍ୟ ସବୁ ସୁଖପାଠ୍ୟ । ପ୍ରଥମରୁ କଥା ଓ କାବ୍ୟର ଦୁଇ ସେଲିବ୍ରିଟି ଦେବ୍ରାଜ୍ ଓ ଜୟନ୍ତଙ୍କୁ ପଢ଼ି କୁଣ୍ଢେମୋଟ ହେଲି । ଗିରିଜା ବଳିୟାରସିଂହଙ୍କ 'ନିୟମଗିରି' ଗୋଟେ ଭାବର ଡଙ୍ଗର । ବିଜୁଙ୍କ ବସାଘର, ଅନ୍ତରାଙ୍କ ଉପରେ ଫିଚର୍ ଆଉ ଲେସ୍‌ଲିଙ୍କ ସାକ୍ଷାତକାର ଭଲ ଲାଗିଲା । ପୃଷ୍ଠାଗୁଡ଼ିକ ଅଧିକ ରଙ୍ଗୀନ ଓ ଗାଢ଼ ଯୋଗୁଁ ଆଖିକୁ ଭଲ ଲାଗୁନି । ଲେଖା (ଟେକ୍ସଟ୍) ପଛରେ ସବୁଠି ରଙ୍ଗୀନ ବ୍ୟାକ୍‌ଗ୍ରାଉଣ୍ଡ୍ ଆବଶ୍ୟକ ନାହିଁ । ଯେକୌଣସି ବକ୍ସ ଆଇଟମ୍‌ର ବର୍ଡ଼ର୍ ଲାଇନ୍ ଓ ଟେକ୍ସଟ୍ ଭିତରେ ଯେତେ ସ୍ପେସ୍ ରହିବ, ସେତିକି କ୍ଲାରିଟି ଆସିବ । ସାହିତ୍ୟିକଙ୍କ ସଂପୃକ୍ତି ଟିକେ ଅଧିକ ହେଉଛି । ତା ସ୍ଥାନରେ ଅନ୍ୟ ବର୍ଗର ବ୍ୟକ୍ତି ପ୍ରକାଶିତ ହେବା କିମ୍ବା ସେମାନଙ୍କ ସଂପୃକ୍ତି ରହିଲେ ବେଶି ଭଲ ଲାଗିବ । ଶେଷରେ ପତ୍ରିକାର ଅନ୍ୟ ସବୁ ସୁଖପାଠ୍ୟ । 'ରେବତୀ'ର ସ୍ୱର ଅବିଚ୍ଛିନ୍ନ ରହୁ ।

**ସନ୍ତୋଷ କୁମାର**

କାମାକ୍ଷାନଗର, ଢେଙ୍କାନାଳ

**ଆମର ଉତ୍ତର : ବୈଷୟିକ ସମସ୍ୟାସବୁ ସମାଧାନ ଦିଗରେ ଯତ୍ନବାନ ହେବୁ । ତେବେ ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ପ୍ରକାଶ କରିବାକୁ ଆମେ ପ୍ରସ୍ତୁତ, ଆପଣ ଆଲେଖ ପ୍ରସ୍ତୁତ କରି ଦେବାର ଦାୟିତ୍ୱଟି କେବଳ ନିଅନ୍ତୁ ।**

ସୂ ଚୀ ପ ତ୍ର

୧୮ ବର୍ଷ ୩ୟ ସଂଖ୍ୟା । ଡିସେମ୍ବର ୨୦୧୮ ।





ମାନନୀୟେଷୁ ୦୯

ପଶ୍ଚିମର ପଦ୍ମ




ଭଲ ବହି ୭୧

## ନିରବତାର ନାୟକ

ସ୍ଥାନ-କାଳ-ପାତ୍ର ୮୪

## ମାୟାନଗରୀ ମୁମ୍ବାଇ

ମୋ-ବାପା ୧୪

## ସାହସୀ ଶରତ







ଚଳନ୍ତିକା ୬୨

## ମନମୋହିଲା ଭୁବନେଶ୍ୱର



ଉତ୍ତର ଓଡ଼ିଶାର ଖାଦ୍ୟ ୯୬

ଦିବ୍ୟ-ଅନୁଭବ ୪୧

ଗୃହ ସମସ୍ୟା ୯୦

ହସଖୁସିର ପରିବାର

ନୂଆ ବିଭାଗ


- **ସଂପାଦକୀୟ** : ଯୌଥ ପରିବାର ... ସୁବାସିନୀ ଜେନା ୦୮
- **ମାନନୀୟେଷୁ** : ପଶ୍ଚିମର ପଦ୍ମ ଅନୀଲ କୁମାର ଦାଶ ୦୯
- **ମୋ-ବାପା** : ସାହସୀ ଶରତ ମଧୁମିତା ମହାନ୍ତି ୧୪
- **ଘଟଣା ଚରିତ୍ର** : ଭାଗୀରଥୀଙ୍କ ଭୂଗୋଳ ସନ୍ତୋଷ କୁ. ସାମଲ ୨୧
- **ପ୍ରସଙ୍ଗ** : ମାର୍ଗଶିରର ମହକ ଶ୍ୱେତା ରାଉତ ୨୫
- **ବ୍ୟକ୍ତିତ୍ୱ** : ଅସାଧାରଣ ଆପନ୍ନା ବିଘ୍ନେଶ୍ୱର ସାହୁ ୨୯
- **ଅନୁଶୀଳନ** : ବନଲତା ସେନ..... ସନ୍ତୋଷ କୁ. ନାୟକ ୩୩
- **ଦିବ୍ୟ-ଅନୁଭବ** : ହେ ମହାବାହୁ ତପସ୍ୱିନୀ ଦାଶ ୪୧
- **ଶିକ୍ଷାୟତନ** : ବର୍ଣ୍ଣିଳ ବାଣୀବିହାର ସନ୍ତୋଷ ତ୍ରିପାଠୀ ୪୩
- **ପର୍ଯ୍ୟଟନ** : କୋରାପୁଟର କୁହୁ... ମୀନା ସ୍ୱାଇଁ ୪୯
- **କବି-କବିତା** : ପୂତନା କିଏ ? ସେନାପତି ପ୍ରଦ୍ୟୁମ୍ନକେଶରୀ ୫୪
- **ସମକାଳ କବିତା** : ଭାତ ବିଷୟରେ... କେଦାର ମିଶ୍ର ୫୬
  - : ଫେରେଇବି ନାହିଁ... ବିମଳ ଜେନା ୫୭
  - : ଯାଃ, ତୋତେ ଛୁଇଁଲି... ସୁନୀଲ ମିଶ୍ର ୫୮
  - : ପଦ୍ମ ପୋଖରୀ ଆଶିଷ କୁ. ମିଶ୍ର ୫୮
- **ପଛ-ଝର୍କା** : ରାଜନୀତିର ରେଖାଚିତ୍ର ନେତାଜୀ ଅଭିନନ୍ଦନ ୫୯
- **ଚଳନ୍ତିକା** : ଭୁବନମୋହିନୀ ଭୁବନେଶ୍ୱର ପାର୍ଥ ସାରଥୀ ରାଉତ ୬୨
- **ନଦନଦୀ** : ନଈର ନାଁ ନାଗାବଳୀ ଡମ୍ବରୁଧର ପଟ୍ଟନାୟକ ୬୬
- **ଭଲ ବହି** : ନିରବ ନାୟକ କେ. ଶ୍ୟାମବାବୁ ଦୋରା ୭୧
- **କଥା-କାହାଣୀ-୧** : ଆତ୍ମହତ୍ୟାର ପୂର୍ବଦିନ ଶୁଭଲକ୍ଷ୍ମୀ ଦାସ ୭୫
- **କଥା-କାହାଣୀ-୨** : ଗୀତୁ ନାନୀ ଲିପିକା ଦାସ ୭୮
- **ଦେବାଳୟ** : ବାଲେଶ୍ୱରର ଜଗନ୍ନାଥ ମନ୍ଦିର ପ୍ରତ୍ୟାଶା ପ୍ରିୟମ୍ବଦା ୮୧
- **ସ୍ଥାନ-କାଳ-ପାତ୍ର** : ମାୟାନଗରୀ ମୁମ୍ବାଇ ପାରମିତା ଷଡ଼ଙ୍ଗୀ ୮୪
- **ପଞ୍ଚତନ୍ତ୍ର କାହାଣୀ** : ମିତ୍ରଭେଦ ଡକ୍ଟର ବିବୁଧରଂଜନ ୮୭
- **ଗୃହ ସମସ୍ୟା** : ହସଖୁସିର ପରିବାର ଡ. ହରପ୍ରସନ୍ନ ଦାସ ୯୦
- **ସ୍ୱାସ୍ଥ୍ୟ-ଚର୍ଚ୍ଚା** : ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା ଡା. ସରୋଜିନୀ ଷଡ଼ଙ୍ଗୀ ୯୩
- **ରୋଷେଇଶାଳ** : ଉତ୍ତର ଓଡ଼ିଶାର ଖାଦ୍ୟ ନିରୁପମା ବେହେରା ୯୬
- **ବାଡ଼ି-ବଗିଚା** : ଉପକାରୀ କଲରା ଦେବଯାନୀ ଦାସ ୯୮
- **ଛାୟାଚିତ୍ର** : ନନ୍ଦନର ନାନ୍ଦନିକତା ଅଜିତ ପାତ୍ର ୧୦୧
- **ଶେଷକଥା** : ସାହିତ୍ୟିକ ସହିଷ୍ଣୁତା କୃଷ୍ଣ କୁମାର ମହାନ୍ତି ୧୦୬



ସମ୍ପାଦିକା : **ସୁବାସିନୀ ଜେନା**

Editor : **Subasini Jena**

Published, Owned and edited by :
**Mrs. Subasini Jena**, Mansingh Bazar, Motiganj, Balasore,
Pin : 756003, Odisha and Printed on behalf of **Rebati Media House Pvt. Ltd.**, Balasore
at Print-Tech Offset Press, Bhubaneswar

ମୂଲ୍ୟ : **୩୦ ଟଙ୍କା ମାତ୍ର** Price : INR **30/-** Only


ମଲାଟ ଫଟୋ : **ବୁବୁ ରାଉତ, ସିଲି ଷ୍ଟୁଡ଼ିଓ**

ମଲାଟ ମଡେଲ୍ : **ଶ୍ୱେତା ସାମଲ ରାଉତ**

ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ୍**

ଶିକ୍ଷା : **ସ୍ନାତକ, ହିନ୍ଦୀ ରତ୍ନ ଓ କମ୍ପ୍ୟୁଟର୍ ପ୍ରୟୋଗରେ ସ୍ନାତକୋତ୍ତର**

ବୃତ୍ତି : **ଲେଖିକା**

କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : **ଶ୍ରୀୟାଂଶ**

ଆରେଞ୍ଜର୍ : **ଶ୍ରୀକାନ୍ତ**

ସ୍ଥାନ : **କଟକ ରୋଡ୍ ସ୍ଥିତ ରାଉତ କମ୍ପ୍ଲେକ୍ସ୍**



# ଯୌଥ ପରିବାର ଓ ପାରିବାରିକ ବନ୍ଧନ

ସମ୍ପ୍ରତି ସମୟର ଅଗ୍ରଗତି ସହିତ ଆମର ଚଳଣି, ସଂସ୍କୃତି ଓ ପରମ୍ପରାରେ ଘଟି ଚାଲିଛି ନାନାଦି ପରିବର୍ତ୍ତନ । ସାମାଜିକ ବିଧିବ୍ୟବସ୍ଥାର ବନ୍ଧନ ଭିତରେ ଥାଇ ଆମେ ଏକ ମୌଳିକ ଆଦର୍ଶକୁ ମାନି ଚଳିଥାଉଁ । ଶୃଙ୍ଖଳାବୋଧ ଓ ଆଚରଣ ସଂହିତା ହେଉଛି ଆମ ସମାଜବାଦର ଗୋଟେ ବଡ଼ ଅଙ୍ଗ । ସାମାଜିକ ଭାବରେ ଆମେ ଯେତେ ସଭ୍ୟ ଓ ଶିକ୍ଷିତ, ଯେତେ ଜ୍ଞାନୀ ଓ ଗୁଣବାନ ହୋଇଥିଲେ ହେଁ, ଆଜିର ସମୟରେ 'ଅପ୍‌ଡେଟ୍' ରହିବା ଏକ ପ୍ରକାର ଆବଶ୍ୟକତା ହୋଇଯାଇଛି । ସମୟ ସହିତ ତାଳ ଦେଇ ଆମେ ଅପ୍‌ଡେଟ୍ ହୋଇ ଚାଲିବାର ଯୁଗ ଇଏ । ଆପଣ ସେପରି ହୋଇ ନଥିଲେ ପଛୁଆ ବୋଲି ଗଣା ହେବେ ଏବଂ ଆପଣଙ୍କୁ ଆପଣଙ୍କର ଉତ୍ତରପିଢ଼ି ଏକ ଗୁରୁତ୍ୱହୀନ ବସ୍ତୁ ଭାବେ ବିବେଚନା କରିବେ । ଏହା ଆଜିର ସମୟର ବଡ଼ ଏକ ସାମାଜିକ ଆହ୍ୱାନ । ଏହାକୁ ଗ୍ରହଣ ନକରି ଚାରା ନାହିଁ । କିନ୍ତୁ ଯୌଥ ପରିବାର ଭିତରେ ବଢ଼ି ଆସିଥିବା ମଣିଷଟି ହଠାତ୍ ତା' ଉତ୍ତର ପିଢ଼ି ପାଖରୁ ଏପରି ଏକ ଅବମାନନା ସମ୍ବଳିତ ଆଚରଣ ଦ୍ୱାରା ଆହତ ଖାଲି ହେବନି, ଏକ ପାରିବାରିକ ବିଶୃଙ୍ଖଳା ଆଡ଼କୁ ଠେଲି ହୋଇଯିବ । ପାରିବାରିକ ବନ୍ଧନ ଭିତରେ ଆମେ ଯେଉଁ ସ୍ନେହପ୍ରେମ ଓ ସହାନୁଭୂତି ପାଇ ଆସୁଥିଲୁ ତାହା ଯେପରି ବିକଶିତ ସମାଜର ଏକ ନୂଆ ପୃଥିବୀରେ ମ୍ଳାନ । ଆଜିର ଦିନରେ ଆମ ପାଖରେ ନା ଅଛି ଯୌଥ ପରିବାରର ସେଇ ନିବିଡ଼ ବନ୍ଧନ, ନା ଅଛି ଆମ ପାଖରେ ପାରିବାରିକ ଶୃଙ୍ଖଳା । ଯୌଥ ବା ସଂଯୁକ୍ତ ପରିବାରର ମୂଳଦୁଆ ଭୁଷୁଡ଼ି ଯାଇଛି କହିଲେ ଠିକ୍ ହେବ । ତା'ରି ଭିତରୁ ନୂଆ ଚେହେରାରେ ଗଢ଼ି ଉଠିଛି ଏକକ ପରିବାର ବା ଆଧୁନିକ ଭାଷାରେ ଆମେ ଯାହାକୁ 'ମାଇକ୍ରୋ ଫ୍ୟାମିଲି' କହୁଛୁ । ସ୍ୱାମୀ, ସ୍ତ୍ରୀ ଓ ସନ୍ତାନଟିଏକୁ ନେଇ ଏ ପ୍ରକାର ପରିବାର ଏବେ ସମାଜର ଅଂଶ ।

ଏ ପରିବାରରେ ଥାଏନା ଯୌଥ ପରିବାରର ଅନ୍ତରଙ୍ଗ କୋଳାହଳ । ଏ ପରିବାରର ସଦସ୍ୟସଦସ୍ୟାମାନେ ନିଜ ନିଜ ଭିତରେ ବାଣ୍ଟନ୍ତି ନାହିଁ ଭାବାବେଗ । ଥାଏନା ଏଠି ଯୌଥ ପରିବାରର ଆତ୍ମୀୟତା । ଥାଏନା ପରିବାରର ବୟସ୍କଙ୍କ ପ୍ରତି ସମ୍ମାନ ଓ ଆଦର । ସମୟର କ୍ଷୀପ୍ରତାରେ ଦୌଡୁଥିବା ଏକ ଗତିଶୀଳ ବିମାନ ପରି ଆଜିର ମଣିଷ । କୁଆଡ଼େ ଯାଉଛନ୍ତି ସେମାନେ ? କେଉଁ ଉତ୍ତୁଙ୍ଗତାକୁ ଛୁଇଁ କେଉଁ ଯଶବାନା ଉଡ଼େଇବେ ସେମାନେ ? ଅର୍ଥ, କ୍ଷମତା ଏବଂ ବିଳାସ ଦ୍ୱାରା ନିୟନ୍ତ୍ରିତ ଏ ସମାଜ, ଏ ପରିବାରବାଦ ସତରେ କ'ଣ ବିକଶିତ ।

ଦୁଃଖସୁଖ ବାଣ୍ଟି ମିଳିମିଶି ଚଳିବାର ସେ ପାରିବାରିକ ଆନନ୍ଦ ଆଜି ଆଉ ନାହିଁ । ସଭିଏଁ ଯେପରି ଯେ'ଝା ସ୍ଥାନରେ ଏକାକୀ । ନିଃସଙ୍ଗ । ଏକକ ପରବାରରେ ବାପା ଏକା, ମାଆ ଏକା ପୁଅ କି ଝିଅ- ସେମାନେ ବି ଏକା । କାହାର କାହା ସହ ଯେପରି ସମ୍ପର୍କ ନାହିଁ । ସେମାନେ ଏକତ୍ରିତ ହୁଅନ୍ତିନି ଖାଇବା ସମୟରେ କି ଶୋଇବା ସମୟରେ । ଏକତ୍ର ପଙ୍‌କ୍ତି ଭୋଜନ ବସେନା ଏ ପରିବାରରେ । ଏ ପରିବାରରେ ବାପାଙ୍କ ବାପା କି ମାଆଙ୍କର ସ୍ଥାନ ନଥାଏ । ସେମାନେ ପଡ଼ିଥାନ୍ତି ଜରାନିବାସରେ, ନହେଲେ ଗାଁର କେଉଁ ଭଙ୍ଗାଦଦରା ଘରେ । କାହାର କାହା ସହିତ ନଥାଏ ସମ୍ପର୍କ କି ନ ଥାଏ ଆବେଗିକ ଲୋଡ଼ିବାପଣ । ଏ କେଉଁ ପ୍ରକାର ପାରିବାରିକ ବନ୍ଧନ ସତରେ !

**ଦୃଶ୍ୟ ନମ୍ବର ଏକ:** ଡାକ୍ତରଖାନାରେ ଚାକିରି କରୁଥିବା ମହିଳା ହେମଲତା ଦିନ ଦଶଟା ସୁଦ୍ଧା ରୋଷେଇ ସାରିବା ପରେ ନିଜେ କର୍ମସ୍ଥଳୀକୁ ବାହାରି ଯାଆନ୍ତି । ପୂର୍ବରୁ ହେମଲତାଙ୍କ ସ୍ୱାମୀ ଅମୀୟରଂଜନ ନିଜ ଅଫିସ୍‌କୁ ଚାଲି ଯାଇଥାନ୍ତି । ହେମଲତାଙ୍କ ଏକମାତ୍ର ଝିଅ ଆର୍ଚ୍ଚି ସକାଳୁ ଯାଇ ସାରିଥାଏ ସ୍କୁଲ୍ । ମହିଳା ଜଣକ ସବୁ କାମଦାମ ସାରି ଘରେ ତାଲା ପକାନ୍ତି । ଘରର ଚାବି ପାଖ ପଡ଼ିଶା ଘର ଅପାଙ୍କୁ ଦେଇ ଡାକ୍ତରଖାନା ପଳାନ୍ତି । ଆର୍ଚ୍ଚି ସ୍କୁଲ୍‌ରୁ ଫେରେ ୧୨ଟାରେ । ପଡ଼ିଶା ଘରର ଆଣ୍ଟିଙ୍କୁ ଡାକେ । ଆଣ୍ଟି ଘର ଖୋଲିଦିଅନ୍ତି । ଆର୍ଚ୍ଚି ଘର ଭିତରକୁ ପଶିଗଲେ ବାହାରପଟୁ ପୁଣି ଚାବି ପକାନ୍ତି ଆଣ୍ଟି । ଆର୍ଚ୍ଚି ନିଜେ ଡ୍ରେସ୍ ଓହ୍ଲାଏ, ଘରୁଆ ଡ୍ରେସ୍ ପିନ୍ଧେ, ଟେବୁଲ୍ ଉପରେ ସକାଳ ଦଶଟାରୁ ରନ୍ଧା ହୋଇ ଥୁଆ ହୋଇଥିବା ଖାଦ୍ୟ ଖାଏ ଓ ଘରଟା ଭିତରେ ବନ୍ଦିନୀ ଭାବେ ରହେ ମାମା (ମାଆ) ଫେରିବା ପର୍ଯ୍ୟନ୍ତ । ଆର୍ଚ୍ଚିର କ'ଣ ଇଚ୍ଛା ହୁଏନି, ସେ ସ୍କୁଲ୍‌ରୁ ଫେରିବା ବେଳକୁ ମାଆ ତାକୁ କୋଳେଇ ପକାନ୍ତା ଆଦରରେ, ଡ୍ରେସ୍‌ପତ୍ର ଖୋଲି ଖାଇବାକୁ ବାଢ଼ି ଦିଅନ୍ତା ! ଖୁଏଇ ଦିଅନ୍ତା ଟିକେ । ନା, ସେପରି ଘଟେନା ।



**ଦୃଶ୍ୟ ନମ୍ବର ଦୁଇ:** ଗୋଟେ ପରିବାରରେ ବାପା, ମାଆ ଓ ଦୁଇ ପୁଅ । ପୁଅମାନେ ବିବାହିତ । ଚାକିରି ବି କରନ୍ତି । ଭିନ୍ନ ଭିନ୍ନ ସହରରେ ରହନ୍ତି । ବାପାଙ୍କର ଆଣ୍ଠୁଗଣ୍ଠି ଯନ୍ତ୍ରଣା । ମାଆଙ୍କର ବ୍ଲଡ଼ ପ୍ରେସର୍ । ଏ କାରଣରୁ ବାପା ଓ ମାଆକୁ ଦୁଇପୁଅ ଭାଗ କରି ନେଇଛନ୍ତି । ଜଣକ ପାଖରେ ମାଆ ତ ଆଉ ଜଣକ ପାଖରେ ବାପା ରହୁଛନ୍ତି । ଏଇ କ'ଣ ପାରିବାରିକ ବନ୍ଧନର ପରିଭାଷା ? ବାପାମାଆ, ପୁଅବୋହୂ, ନାତିନାତୁଣୀ ଏକତ୍ର ରହି ପାରିବେନି । ପୁଣି ବୃଦ୍ଧାବସ୍ଥାରେ ବାପାମାଆଙ୍କୁ ମଧ୍ୟ ଅଲଗା ଅଲଗା ରହିବାକୁ ପଡ଼ିବ, ତାହା ପୁଣି ନିଜ ପୁଅ ଘରେ ନିଃସଙ୍ଗ ଭାବରେ । ଏଇ କଣ ବାପାମାଆ ପ୍ରତି ଆମର କର୍ତ୍ତବ୍ୟ !

ଯୌଥ ପରିବାର ଓ ପାରିବାରିକ ବନ୍ଧନ ଭିତରେ ଯେଉଁ ମଧୁରପଣ ଥିଲା, ଯେଉଁ ଆନ୍ତରିକ ଭଲପାଇବା ଥିଲା, ସେସବୁ ପୁଣିଥରେ ଫେରିଆସିବା ଦରକାର । ବିକଶିତ ମନୁଷ୍ୟ ସମାଜ ତା'ର ସାମାଜିକ ବନ୍ଧନ ଭିତରେ ଯେଉଁ ଜୀବନଟି ଜିଇଁବ, ତାହା କେବଳ ପ୍ରାଣବନ୍ତ ନୁହଁ, ଅଧିକନ୍ତୁ ତାହା ତାଙ୍କୁ ଶୃଙ୍ଖଳିତ କରିବା ଦରକାର । ସେପରି ହେଲେ ହିଁ ଆମେ ଗୋଟିଏ ଭଲ ବାତାବରଣ ପାଇପାରିବା ।

ଆପଣମାନଙ୍କୁ ଆଗାମୀ ନୂଆବର୍ଷ ପାଇଁ ଅଭିନନ୍ଦନ ଏବଂ ମାଣବସା ଗୁରୁବାରର ଶୁଭେଚ୍ଛା । **'ରେବତୀ'**କୁ ଆପଣମାନେ ଖୁବ୍ କମ ଦିନରେ ଯେଉଁ ଭଲପାଇବା ଓ ଆନ୍ତରିକତା ଦେଖାଇଛନ୍ତି, ତାହା ଆମକୁ ଅଭିଭୂତ କରିଛି । ଆଶା, ଏ ଧାରା ଜାରି ରହିବ ।

ସମ୍ପାଦିକା

# ପଶ୍ଚିମର ପଦ୍ମ





# ହୃଦୟଖୋଲା ହଳଧର



**ଅନୀଲ କୁମାର ଦାଶ**

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

**କୋଶଳି ଭାଷାରେ ସାହିତ୍ୟ ସର୍ଜନା କରି ଅତି ସାଧାରଣ ସ୍ତରରୁ ଆସିଥିବା କବି ହଳଧର ନାଗ ଏବେ ଅସାଧାରଣ ସ୍ତରରେ ପହଞ୍ଚି ପାରିଛନ୍ତି । ସଂପ୍ରତି ଚଳିତ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଭାଷା ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଏଇ ଲୋକକବିଙ୍କୁ 'ରେବତୀ'ର ଅଭିନନ୍ଦନ । ତାଙ୍କ ସମ୍ପର୍କରେ ଏ ଆଲେଖ୍ୟ ତାଙ୍କ ପ୍ରତି ଆମର ସମ୍ମାନର ସନ୍ତକ ।**

'ସାଧାରଣ ଜନତାଙ୍କ ଠାରୁ ବହୁ ଦୂରରେ, ଉଚ୍ଚଶିକ୍ଷିତ କୁଳୀନ ବର୍ଗଙ୍କର ଇଚ୍ଛାଧିନ ଭାବରେ, ସୀମିତ ଏବଂ ନିର୍ବାଚିତ ବିଚାର ସମୂହର ଅଭିବ୍ୟକ୍ତି ହେଉଛି ସାହିତ୍ୟ ।' ଯୁଗେ ଯୁଗେ ଏଇଭଳି ଅଭିଯୋଗମାନ ସାହିତ୍ୟ ବିରୁଦ୍ଧରେ ହୋଇ ଆସିଛି । ତେଣୁକରି କେତେବେଳେ ତୁଳସୀ ଦାସ, କେତେବେଳେ କବୀର ତ ପୁଣି କେତେବେଳେ ଜଗନ୍ନାଥ ଦାସ ଭଳି ସାଧକମାନେ ଶାସ୍ତ୍ରୀୟ ଜଟିଳତା ଭିତରୁ ମୁକ୍ତ କରି ସାହିତ୍ୟକୁ ସରଳ ଏବଂ ସର୍ବବୋଧଗମ୍ୟ କରିବାର ପ୍ରୟାସ କରି ଆସିଛନ୍ତି । ଯାହା ଫଳରେ, ସାହିତ୍ୟ ସାର୍ବଜନୀନ ହୋଇ ସାଧାରଣ ଜନତାଙ୍କୁ ମଧ୍ୟ ଅନେକାଂଶରେ ସାହିତ୍ୟ ସୃଷ୍ଟି ପାଇଁ ପ୍ରରୋଚିତ କରେଇ ପାରିଛି ।

ଓଡ଼ିଶାର ପଶ୍ଚିମାଞ୍ଚଳରେ କିନ୍ତୁ ଭିନ୍ନ ଏକ ସାହିତ୍ୟିକ ବାତାବରଣ ପରିଲକ୍ଷିତ ହୋଇଥାଏ । ଉଚ୍ଚ କୁଳୀନ ବର୍ଗଙ୍କ ଅପେକ୍ଷା ସାଧାରଣ ବର୍ଗଙ୍କର ବେଶୀ ନିକଟତର ଏ ଅଞ୍ଚଳର ସାହିତ୍ୟ । ଅଧିକାଂଶ ଉଚ୍ଚଶିକ୍ଷିତ ଏ ଅଞ୍ଚଳର ଭାଷା-ସାହିତ୍ୟ ପ୍ରତି ବିମୁଖ ରହୁଥିବା ବେଳେ ସାଧାରଣ ବର୍ଗ ଏ ଅଞ୍ଚଳ ଭାଷାସାହିତ୍ୟ ପ୍ରତି ଯେମିତି ଯତ୍ନଶୀଳ ସେମିତି ସୃଷ୍ଟିଶୀଳ ମଧ୍ୟ । ପଣ୍ଡିତ ସାହିତ୍ୟ ସାଧକମାନେ ଯଦିଓ ଏ ଅଞ୍ଚଳରେ ଲିଖିତ ଭାଷା ସାହିତ୍ୟର ମୂଳଦୁଆ ସ୍ଥାପନ କରିଥିଲେ ତଥାପି ହଳିଆ ଗୀତ, ବଖାନି, ଛଟା, ଝୁଁକର କଥାନୀ ଆଦି ଅନେକ ମୌଖିକ ଧାରା ଯେ ଏ ଅଞ୍ଚଳ ଭାଷା ସାହିତ୍ୟର ମୂଳ ଉତ୍ସ ଏଥିରେ କେହି ଦ୍ୱିମତ ହୋଇପାରିବେ ନାହିଁ । ବହୁ ପୁରାତନ କାଳରୁ ମୌଖିକ ଭାବରେ ଆରମ୍ଭ ହୋଇ ଯାଇଥିଲା ଏ ଅଞ୍ଚଳର ସାହିତ୍ୟ । ମଣିଷର ସୁଖ-ଦୁଃଖ, ଆନନ୍ଦ-ଉତ୍ସବ, ଜୀବନ-ଜୀବିକା, ସଂସ୍କୃତି-ପରମ୍ପରାକୁ ଆଧାର କରି ସୃଷ୍ଟି ହୋଇଥିବା ମୌଖିକ ସାହିତ୍ୟ ପାରମ୍ପରିକ ରୀତିରେ ବ୍ୟାପି ଚାଲିଥିଲା ଗୋଟିଏ ପୀଢ଼ିରୁ ଆଉ ଗୋଟିଏ ପୀଢ଼ି, ଗୋଟିଏ ପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ । ଅନେକ ପ୍ରତିଭା ସମ୍ପନ୍ନ କଳାକାର ସେ ସମୟରେ ଏହି ମୌଖିକ ସାହିତ୍ୟକୁ ମାଧ୍ୟମ କରି ଲୋକଙ୍କ ମନୋରଞ୍ଜନ କରିପାରୁଥିବା ସଙ୍ଗେସଙ୍ଗେ ସମାଜ ସଂସ୍କାରର ବାର୍ତ୍ତା ମଧ୍ୟ ପ୍ରଚାର କରିପାରୁଥିଲେ ।

ଏହି ମୌଖିକ ସାହିତ୍ୟ ଧିରେ ଧିରେ ଲିଖିତ ଭାବରେ ଆତ୍ମପ୍ରକାଶ କରିବା ଆରମ୍ଭ କରିଥିଲା । ବର୍ତ୍ତମାନ ସୁଦ୍ଧା ଏ ଅଞ୍ଚଳର ଅନେକ ପୁରାତନ ଲିଖିତ ସାହିତ୍ୟ ଗବେଷକ ମାନଙ୍କର ହସ୍ତଗତ ହୋଇସାରିଥିଲେ ମଧ୍ୟ ଗବେଷକ ଶ୍ରୀ ଶଶାଙ୍କ ଶେଖର ପଣ୍ଡାଙ୍କ ଦ୍ୱାରା ଆବିଷ୍କୃତ ୧୮୯୧ ମସିହା, 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶ ପାଇଥିବା ଅନାମଧେୟ କବି ମଧୁସୂଦନଙ୍କ ରଚିତ 'କହଗୋ ଦୂତୀ ମୁଇଁ କେନ୍ତା କରସିଁ ଗୋ' କବିତାଟିକୁ ହିଁ ଏ ଅଞ୍ଚଳ ଭାଷାର ପ୍ରଥମ ଲିଖିତ କବିତା ଭାବରେ ଗ୍ରହଣ କରାଯାଉଛି । କବି ମଧୁସୂଦନଙ୍କ ପରେ ଅନେକ ସାହିତ୍ୟ ସାଧକ ଏ ଅଞ୍ଚଳ ଭାଷାରେ ସାହିତ୍ୟ ସାଧନା କରି ଅସଂଖ୍ୟ କାଳଜୟୀ କୃତି ସବୁ ସୃଷ୍ଟି କରିଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଯେଉଁ କେତେଜଣ ଏ ଅଞ୍ଚଳ ସାଧାରଣ ବର୍ଗଙ୍କର ନିତ୍ୟ ସ୍ମରଣୀୟ, ସେମାନେ ହେଲେ ସତ୍ୟନାରାୟଣ ବହିଦାର (ସମ୍ବଲପୁରର ମାଟିପାନି.... କବିତା), ନୀଳମାଧବ ପାଣିଗ୍ରାହୀ (କୋଶଲୀ ମହାଭାରତ), ହେମଚନ୍ଦ୍ର ଆଚାର୍ଯ୍ୟ (ରାମରାହା), ଖଗେଶ୍ୱର ଶେଠ (ପରଛା ସତୀ), କପିଳ ମହାପାତ୍ର (ଗଅଁଲିଆ ରାମାୟଣ), ମୁରାରୀ ମିଶ୍ର ('ଗୌନ୍ତିଆ ବାବୁ' ନାଟକ), ମଙ୍ଗଳୁ ଚରଣ ବିଶ୍ୱାଳ ('ଭୁଖା' ନାଟକ), ଡ. ପ୍ରଫୁଲ୍ଲ ତ୍ରିପାଠୀ (ସମ୍ବଲପୁରୀ-କୋଶଲୀ ଅଭିଧାନ), ମିତ୍ରଭାନୁ ଗୌନ୍ତିଆ (ରଙ୍ଗବତୀ ଗୀତ), ବିନୋଦ ପଶାୟତ (ହାଏ କୃଷ୍ଣ ହାଏ କୃଷ୍ଣ ବଲି' ଗୀତ), ପୂର୍ଣ୍ଣଚନ୍ଦ୍ର ସାହୁ (ଭାଗବତ ବାରସ୍କନ୍ଧ), ପଦ୍ମଶ୍ରୀ ହଳଧର ନାଗ ଇତ୍ୟାଦି । ଉପରୋକ୍ତ ସାହିତ୍ୟ ସାଧକମାନେ ସେମାନଙ୍କ ଅପୂର୍ବ ସାହିତ୍ୟ ସୃଷ୍ଟିକୁ ନେଇ ଅଞ୍ଚଳବାସୀଙ୍କର ପ୍ରାତଃ ସ୍ମରଣୀୟ ହୋଇ ପାରିଥିବା ବେଳେ ପଦ୍ମଶ୍ରୀ ହଳଧର ନାଗ ତାଙ୍କର ସାହିତ୍ୟ ଏବଂ ବ୍ୟକ୍ତିତ୍ୱ ଉଭୟକୁ ନେଇ ଏ ଅଞ୍ଚଳବାସୀଙ୍କର ଅତି ପ୍ରିୟପାତ୍ର ହୋଇପାରିଛନ୍ତି । ହଳଧର ନାଗଙ୍କର ଅତି ସାଧାରଣ ଜୀବନଯାପନ ଶୈଳୀ, ସରଳ ସଚ୍ଚୋଟ ପ୍ରକୃତି, ଉଚ୍ଚାଙ୍ଗ ସାହିତ୍ୟ ନିର୍ମାଣର



ଲେଖକ ଅନୀଲ ଦାଶଙ୍କ ସହ ହଳଧର

ନିରବଚ୍ଛିନ୍ନ ଧାରା ଏବଂ ସର୍ବୋପରି ତାଙ୍କର ଉତ୍କୃଷ୍ଟ କବିତା ପରିବେଷଣ ଶୈଳୀ ହିଁ ତାଙ୍କୁ ଏ ଅଞ୍ଚଳର ଜଣେ ଅପ୍ରତିଦ୍ୱନ୍ଦୀ ପ୍ରତିଭା ଭାବରେ ସ୍ୱିକୃତୀ ପ୍ରଦାନ କରିଛି ।

## ହଳଧର ନାଗଙ୍କର ବାଲ୍ୟ ଜୀବନ

୧୯୫୦ ମସିହା ମାର୍ଚ୍ଚ ୩୧ ତାରିଖ ଦିନ ବର୍ତ୍ତମାନ ବରଗଡ଼ ଜିଲ୍ଲା 'ଘେଁସ୍' ଗ୍ରାମର ଏକ ଗରିବ ପରିବାରରେ ଜନ୍ମ ହଳଧରଙ୍କର । ବାପା-ମା ଏବଂ ଅନ୍ୟ ଚାରି ଭାଇଙ୍କ ସହିତ ଏକ ଝାଟିମାଟି, ଖଜୁରୀପତ୍ର ଛପର କରାହୋଇଥିବା ଘରେ ଅତିବାହିତ ହୋଇଛି ତାଙ୍କ ବାଲ୍ୟ ଜୀବନ । ପାଞ୍ଚ ଭାଇଙ୍କ ଭିତରୁ ହଳଧର ଥିଲେ ସବୁଠାରୁ ସାନ ଏବଂ ସମସ୍ତେ ତାଙ୍କୁ ଡାକୁଥିଲେ 'କାଳିଆ' । ଭାଇମାନଙ୍କ ବୟସ ବଢ଼ିବା ସଙ୍ଗେ ସଙ୍ଗେ ପରିବାରର ଅଭାବ ଅସୁବିଧା ମଧ୍ୟ ବଢ଼ି ଚାଲିଥାଏ । ବଡ଼ଭାଇ ଦୁଇଜଣ ବାହାସାହା ହୋଇ ଅନ୍ୟଘରେ ଘରଜ୍ୱାଇଁ ଭାବେ ରହିଯାଆନ୍ତି । ଗୋଟିଏ ଭାଇ ବିଡ଼ି ଶ୍ରମିକ ଓ ଆଉ ଗୋଟିଏ ଭାଇ ଦାଦନ ଶ୍ରମିକ ଭାବରେ ଘରୁ ବାହାରି ଯାଆନ୍ତି । ହଳଧରଙ୍କୁ ଦଶ ବର୍ଷ ବେଳେ ବିୟୋଗ ଘଟେ ବାପାଙ୍କର । ବପାଙ୍କ ଅନ୍ତେ ଘରେ ରହି ଯାଆନ୍ତି ଏକା ମା' ଓ ପୁଅ । ହଳଧରଙ୍କ ମା' ଧୈର୍ଯ୍ୟର ସହିତ ଜଣେ କେଉଁଟୁଣୀ ଘରେ ଧାନ କୁଟିବା କାମରେ ନିୟୋଜିତ ରହି ପ୍ରତିବଦଳରେ ଦିନକୁ ତାମ୍ଫେ ଚାଉଳ ଏବଂ କିଛି ମୁଢ଼ି ଧରି ଘରକୁ ଫେରନ୍ତି । ସେତିକିକୁ ଆଶ୍ରା କରି ବହୁକଷ୍ଟରେ ଚଳନ୍ତି ମା' ପୁଅ ।

ହଠାତ୍ ଦିନେ ମା'ବି ଛାଡ଼ି ଚାଲିଯାଆନ୍ତି । ଏତେ କମ୍ ବୟସରେ ଏଭଳି ଏକ ଦାରୁଣ ଆଘାତକୁ ସହ୍ୟ କରିପାରନ୍ତିନି ବାଳକ ହଳଧର । ମା'ଙ୍କ ମୃତ୍ୟୁ ପରେ ପ୍ରଥମ କିଛିଦିନ ଭୋକ ଉପବାସରେ ଘରେ ପଡ଼ି ରହନ୍ତି । କିନ୍ତୁ ପରେ, କିଛି ଭଦ୍ର ଗ୍ରାମବାସୀଙ୍କ ଦୟାରୁ ଜୀବନ ବଞ୍ଚିବାର ରାସ୍ତା ମିଳିଯାଏ । ତୃତୀୟ ଶ୍ରେଣୀ ପରେ ପାଠପଢ଼ା ବନ୍ଦ କରି କାହାର ଗୁହାଳ ସଫା କରିବା ଏବଂ ଅନ୍ୟାନ୍ୟ ଛୋଟମୋଟ କାମ କରିବା ଆରମ୍ଭ କରିଦିଅନ୍ତି ସେ । ପ୍ରତି ବଦଳରେ ମିଳିଯାଏ କଂସାଏ ପଖାଳ । କିନ୍ତୁ, ଏ କଣ ଜୀବନ ! ସ୍ଥାୟୀ ଜୀବିକା କିଛି ନଥିଲା । ତେଣୁ, ଯେଉଁ ଦିନ କାମ ନ ମିଳିଲା ସେଦିନ ତାଙ୍କୁ ଉପାସରେ ରହିବାକୁ ପଡୁଥିଲା । ଏମିତି ଦିନ ପରେ ଭୋକ ଉପାସରେ ଘୂରି ବୁଲୁଥାନ୍ତି ବାଳକ ହଳଧର । ଶେଷରେ, ଭୋକର ଦାଉ ସମ୍ଭାଳି ନପାରି ଏକ ଜଳଖିଆ ଦୋକାନ କଡ଼ରେ ପଡ଼ିଥିବା ବାସୀ-ପୋକରା ଖାଦ୍ୟସବୁକୁ ଖାଇବାକୁ ଲାଗନ୍ତି । ଏହା ଦେଖି ଦୋକାନୀ ମନରେ ଦୟା ଆସେ ଏବଂ ସେ ବାଳକ ହଳଧରଙ୍କୁ ତା ଦୋକାନରେ କର୍ମଚାରୀ ଭାବେ ରଖିନିଏ । ସେହିଦିନ ଠାରୁ ହଳଧର ଖୁବ୍ ଅଳ୍ପ ଦରମା ଏବଂ ଖାଦ୍ୟ ବଦଳରେ ସେଇ ଜଳଖିଆ ଦୋକାନରେ କପ୍-ପ୍ଲେଟ୍ ଆଦି ଧୋଇବା କାମ କରନ୍ତି । କିଛିଦିନ ପରେ ଗାଁର ଦୟାଳୁ ସରପଞ୍ଚ ହଳଧରଙ୍କୁ ନେଇ ଗାଁ ସ୍କୁଲରେ ରଖେଇ ଦିଅନ୍ତି । ସ୍କୁଲକୁ ସଫାସୁତରା ରଖିବା, ଝାଡୁ ମାରିବା, ବଗିଚା କାମ ସହିତ ହଷ୍ଟେଲରେ ରହୁଥିବା ପିଲାଙ୍କ ପାଇଁ ଖାଦ୍ୟ ରାନ୍ଧିବା ଆଦି ତାଙ୍କର ମୁଖ୍ୟ କାମ ହୋଇଯାଏ । ସ୍କୁଲ୍‌ରେ କାମ କରୁଥିବା ସମୟରେ ପ୍ରତିଭାଧର ଛାତ୍ରଛାତ୍ରୀ, ଶିକ୍ଷା ପ୍ରତି ସମର୍ପିତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ହଳଧରଙ୍କ ବ୍ୟକ୍ତିତ୍ୱରେ ଗୋଟାଏ ବିରାଟ ପରିବର୍ତ୍ତନ ଆସେ ।

## କଳାକାର ହଳଧର

ଚିର ମରୁଡ଼ି ପ୍ରପୀଡ଼ିତ ଘେଁସ୍ ଅଞ୍ଚଳର ଲୋକେ ଅତ୍ୟନ୍ତ ଅଭାବ, ଅନାଟନ ଭିତରେ କାଳାତିପାତ କରୁଥିଲେ । ତଥାପି, ସଂସ୍କୃତି-ପରମ୍ପରା ପ୍ରତି ସେମାନେ ଥିଲେ ବେଶ୍ ସଚେତନ । ସେ ସମୟରେ ଗାଁ-ଗାଁରେ ଦଣ୍ଡନୃତ୍ୟ, ସୁଆଙ୍ଗ, ସଂଚର, କରମା, ପାଲା, ନାଟକ ଆଦିର ଆୟୋଜନ ମାନ କରାଯାଉଥିଲା । ପିଲାଟି ଦିନରୁ ହଳଧରଙ୍କର ନାଚଗୀତ ପ୍ରତି ଦୁର୍ବଳତା ରହି ଆସିଥିଲା । ତେଣୁକରି, ସମୟ ପାଇଲେ ସେ ବହୁ ଦୂରଦୂରାନ୍ତ ଗାଁମାନଙ୍କୁ ଯାଇ ନାଚଗୀତ ଉପଭୋଗ କରୁଥିଲେ । ନିଜ ଭିତରେ ଭରି ରହିଥିବା ଅଦମ୍ୟ ଇଚ୍ଛାକୁ ଅଟକାଇ ନପାରି ଶେଷରେ ସେ ଦଣ୍ଡନାଚ ଦଳରେ ଯୋଗ ଦେଇଥିଲେ । ପରେ ଜଣେ ଦକ୍ଷ ଦଣ୍ଡନାଚ ଗୁରୁ ଭାବରେ ନିର୍ଦ୍ଦେଶନା ଦେଇ ତେର ଗୋଟି ଗ୍ରାମର ଦଣ୍ଡନାଚ ଦଳଙ୍କୁ ଛିଡ଼ା କରେଇ ପାରିଥିଲେ । ଦଣ୍ଡନାଚ, ସୁଆଙ୍ଗ ଆଦିର ଗୀତ ସବୁ ତାଙ୍କର ମୁଖସ୍ଥ ହୋଇ ରହୁଥିଲା ଏବଂ ତାହାକୁ ସେ ସୁଲଳିତ କଣ୍ଠରେ ଗାନ ମଧ କରି ପାରୁଥିଲେ । ଏହା ସହିତ ନଚନିଆଁ, ଦୁଲାବିହାନାଚ, ଡଣ୍ଡା ନାଚ ଆଦି ସମୟର ଗୀତ ପରିବେଷଣ କରିବାରେ ମଧ୍ୟ ସେ ଥିଲେ ଧୁରନ୍ଧର ।

## କବି ହଳଧର

ସ୍କୁଲରେ କାମ କରୁଥିବା ସମୟରେ କଥା କଥାରେ, ପଦକୁ ପଦ ଯୋଡ଼ି ଅନେକ ଉନ୍ନତ ପଂକ୍ତି ସବୁ ଗାନ କରି ଛାତ୍ରଛାତ୍ରୀଙ୍କର ମନୋରଞ୍ଜନ କରୁଥିଲେ ହଳଧର । ଦଣ୍ଡନାଚ, ସୁଆଙ୍ଗ, ଦୁଲାବିହା ଆଦି ପାଇଁ ମୌଖିକ/ଲିଖିତ ଭାବରେ ଅନେକ ଗୀତ ରଚନା କରିସାରିଥିଲେ । କିନ୍ତୁ ଯେତେବେଳେ, କେତେଜଣ ଗୁଣଗ୍ରାହୀ ବ୍ୟକ୍ତି ତାଙ୍କ ଭିତରେ ଲୁଚି ରହିଥିବା ପ୍ରଚଣ୍ଡ ପ୍ରତିଭାର ସନ୍ଧାନ ପାଇ ଅଭିମନ୍ୟୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ କବିତା ଆସରରେ ତାଙ୍କୁ ନେଇ ଛିଡ଼ା କରେଇ ଦେଲେ, ସେତେବେଳେ 'ମଲ୍ଲିକେ ମୋର ଆନୁଅଛେ ଜର ଭମରା' ଭଳି ପାରମ୍ପରିକ ସମ୍ବଲପୁରୀ ଲୋକଗୀତ ରାଗରେ ଏକ ସ୍ୱରଚିତ ଗୀତ ପରିବେଷଣ କରି ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ବେଶ୍, ସେହି ଦିନଠାରୁ ଆରମ୍ଭ ହୋଇଯାଇଥିଲା ହଳଧରଙ୍କ କବି ଜୀବନ । ସେ ଠିକ୍ ବୁଝି ପାରିଥିଲେ ଯେ, ତାଙ୍କ ଦ୍ୱାରା ରଚିତ କବିତା ମଧ ପାଠକୀୟ ଆଦୃତି ପାଇବା ସଙ୍ଗେସଙ୍ଗେ ଶ୍ରୋତାମାନଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇପାରିବ । ବିନୋଦ ଚନ୍ଦ୍ର ନାଏକଙ୍କ 'ଗ୍ରାମପଥ' କବିତା ଦ୍ୱାରା ପ୍ରଭାବିତ ହୋଇ ସେ ଲେଖିଥିଲେ 'ଡଡ଼ୋ ବରଗଛ' କବିତା । ଯାହାକି, ତାଙ୍କର ପ୍ରଥମ ପ୍ରକାଶିତ କବିତା ଭାବରେ 'ଆର୍ଟ ଏଣ୍ଡ ଆର୍ଟିଷ୍ଟ' ଅନୁଷ୍ଠାନ ସମ୍ବଲପୁରର ପତ୍ରିକାରେ ପ୍ରକାଶିତ ହୋଇ ପାଠକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହା ପରେପରେ ଲଗାତାର ଚାରିଗୋଟି କବିତା ଏହି 'ଆର୍ଟ ଏଣ୍ଡ୍ ଆର୍ଟିଷ୍ଟ'ର ପତ୍ରିକାରେ ପ୍ରକାଶିତ ହୋଇ ଅଞ୍ଚଳର ବୁଦ୍ଧିଜୀବି ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା । କବି ହଳଧରଙ୍କ ଭିତରେ ରହିଥିବା ବିପୁଳ ସମ୍ଭାବନାକୁ ଚିହ୍ନିପାରି 'ଆର୍ଟ ଏଣ୍ଡ୍ ଆର୍ଟିଷ୍ଟ୍' ଏବଂ 'ଯୁବ ଉଦୟନ' ସମ୍ବଲପୁରର ସଂସ୍ଥାଦ୍ୱୟ ତାଙ୍କୁ ଜଣେ ପ୍ରତିଭାସମ୍ପନ୍ନ କବି ଭାବରେ ପ୍ରଥମ କରି ସମ୍ମାନିତ କରିଥିଲେ । ଏହିପରି ସମ୍ମାନରେ ଉତ୍ସାହିତ ହୋଇ କବି ହଳଧର ଆରମ୍ଭ କରି ଦେଇଥିଲେ ଅନବରତ ସାହିତ୍ୟ ସାଧନା ଏବଂ ତାଙ୍କ କଲମରୁ ଝରି ଆସିଥିଲା ଅଛିଆଁ, ଭାବ୍, ମହାସତୀ ଉର୍ମିଳା, ତାରା-ମନ୍ଦୋଦରୀ,



ସିରି ସମଲେଇ, ବଛର, ରସିଆ କବି, ଆମର ଗାଁର ମଶାନ ପଦା, ପଞ୍ଜାବ ବାଘ, ପୁଷପୁନି, ଅଗ୍ନି, ବୀରସୁରେନ୍ଦ୍ର ସାଏ, ଥିର ଟିକେ ଲାଗି, ଗୁରୁ ମୋର ପଣ୍ଡା ଚେରେ, କାଁଯେ ବାହାରୁଥିଲା ଘରୁ ଭଳି ଅନେକ କାଳଜୟୀ କାବ୍ୟ-କବିତା ।

## ହଳଧରଙ୍କ କାବ୍ୟ କବିତାରେ ଦୈବୀ ସ୍ପର୍ଶ

ସରଳ ତରଳ ଭାଷା ଏବଂ ଅପୂର୍ବ ଶବ୍ଦ ସଂଯୋଜନାରେ ରସାଳ ହଳଧରଙ୍କ କାବ୍ୟ-କବିତା ଗୁଡ଼ିକ ପାଠକ ମନରେ ଏକ ଦିବ୍ୟାନୁଭୂତିର ଭାବ ସଞ୍ଚାର କରିଥାଏ। ସମୟ, କାଳ, ପାତ୍ର, ବିଷୟ ବର୍ଣ୍ଣନାରେ ମୁଖର ନିଖୁଣ କାବ୍ୟ କୁଶଳତା ପାଠକ ହୃଦୟକୁ ଦୈବୀ ଅନୁଭୂତି ସଂଯୁକ୍ତ କରି ଏକ ଦିବ୍ୟ ଆଲୋକ ଆଡ଼କୁ ବାଟ କଢ଼ାଇ ନେଇଥାଏ । ବିଶେଷ କରି ହଳଧର ନାଗ ଯେତେବେଳେ ମଞ୍ଚ ଉପରେ 'ସିରି ସମଲେଇ' କିମ୍ବା 'ମହାସତୀ ଉର୍ମିଳା' ଭଳି କାବ୍ୟ ଆବୃତ୍ତି କରୁଥାନ୍ତି, ସେତେବେଳେ ସଂପୂର୍ଣ୍ଣ ବାତାବରଣରେ ଏକ ଦୈବୀଶକ୍ତିର ଉପସ୍ଥିତି ଅନୁଭୂତ ହୋଇଥାଏ । ମଞ୍ଚ ଉପରେ କବି ହଳଧର ଅତି ସ୍ପଷ୍ଟ ଏବଂ ତନ୍ମୟ ଭାବରେ କବିତା ଆବୃତ୍ତି କରିଚାଲିଥିବା ବେଳେ ପ୍ରେକ୍ଷାରେ ଉପସ୍ଥିତ ଆତ୍ମବିଭୋର ଶ୍ରୋତା, ଏକ ଅପୂର୍ବ ଶିହରଣରେ ଶିହରିତ ହୋଇ ଧିରେଧିରେ ନିଜକୁ ହଜେଇ ଦେଉଥାଏ କବିତାର ଅବର୍ଣ୍ଣନୀୟ ମାଦକତାରେ । କୌଣସି ଏକ ଦୈବୀଶକ୍ତି ଆଦେଶରେ ଉଚ୍ଚାରିତ ହେଉଥିବା ଦେବବାଣୀ ଭଳି ହଳଧରଙ୍କ କଣ୍ଠରୁ ଅନବରତ ନିସୃତ ହେଇ ଚାଲିଥାଏ କବିତାର ପବିତ୍ର ଧାରା । କବିତା ଆବୃତ୍ତି ସମୟରେ ହଳଧରଙ୍କ ରୂପ, ରଙ୍ଗ ସଂପୂର୍ଣ୍ଣ ବଦଳି ଯାଇଥିବା ପରି ମନେହୁଏ । ଦୈବୀଶକ୍ତିର ଅନୁଭବକୁ ସ୍ୱୀକାର କରି ଏକ ସାକ୍ଷାତକାରରେ କବି ହଳଧର କହନ୍ତି, 'ଦୈବୀଶକ୍ତି ଥାଇପାରେ, ମୁଇଁ ଅନୁଭବ କରସିଁ । କେନ୍ତା ବଏଲେ, ମୁଇଁ ମଞ୍ଚନ ଉପରେ ଗୁଟେ ପଦ କହି ସାରୁନ୍ ସାରୁନ୍ ଆର୍ ଗୁଟେ ପଦ୍ ମୋର କାନକେ ମୁଡ଼କେ ଧାଇଁ ବସିଥିସି ନ । ସତେ ଯେନ୍ତା କି କେନ୍ ଦୈବୀଶକ୍ତିଟେ ମୋର କାନେ କହୁଥିସି ଅନବରତ କବିତାମାନ୍ ।'

## କବି ଧର୍ମର ନିରବ ପ୍ରଚାରକ ହଳଧର

ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସମନ୍ୱୟ ରକ୍ଷାକରି, ସମାଜର ହିତ ସକାଶେ ଉତ୍ସର୍ଗୀକୃତ ଜୀବନ ଯାପନ ହେଉଛି ଜଣେ ସତକବିର ପ୍ରକୃତ ଧର୍ମ । ଏହି କ୍ଷେତ୍ରରେ ହଳଧର ନାଗଙ୍କର ବ୍ୟକ୍ତିତ୍ୱକୁ ଏକ ଉଦାହରଣ ଭାବରେ ନିଆଯାଇପାରେ । ପାଇବାର ଲୋଭ, ନା ଅଭାବକୁ ନେଇ କ୍ଷୋଭ । ପରିବର୍ତ୍ତନ - ସ୍ୱାଭାବିକତାକୁ ନେଇ ଉଦ୍‌ବେଗ, ନା ଇଚ୍ଛା-ଅନିଚ୍ଛାକୁ ନେଇ ଆବେଗ । ପୁରସ୍କାର, ସମ୍ମାନ ଆଦି ପ୍ରତି ମୋହ-ମାୟା, ନା ପ୍ରାପ୍ତି-ଅପ୍ରାପ୍ତିକୁ ନେଇ କୌଣସି ପ୍ରତିକ୍ରିୟା । ଅଟଳ, ନିଡର ଏକ ନିରବ ସାଧକ ପରି । ଭାଷା, ସଂସ୍କୃତି, ସାହିତ୍ୟ ପ୍ରତି ଉତ୍ସର୍ଗୀକୃତ ପ୍ରାଣର ଏକ ଜୀବନ୍ତ ପ୍ରତିମୂର୍ତ୍ତି କବି ହଳଧର । ନା କେବେ ଶାରୀରିକ କ୍ଲେଶ ସାହିତ୍ୟ କର୍ମର ଗତିରୋଧ କରିପାରେ, ନା କୌଣସି ସାଂସାରିକ ଅସୁବିଧା ସାହିତ୍ୟିକ ଗତିବିଧି କ୍ଷେତ୍ରରେ ବାଧା ଉପୁଜାଇ ପାରେ । ପ୍ରତ୍ୟେକ ସ୍ତରର ସାହିତ୍ୟ ସମାବେଶରେ ଉପସ୍ଥିତ ରହି ପରିବେଶକୁ ଆହୁରି ରସାଣିତ କରିବାକୁ ସଦା ତତ୍ପର ହଳଧର । ସରଳ, ନିରାଡ଼ମ୍ବର ଜୀବନ ଶୈଳୀର ଏକ ନିଛକ ପ୍ରତିଛବି, ମାନ-ଅଭିମାନ ରହିତ, ଅନାସକ୍ତ, ଏକ ସମର୍ପିତ ସତକବି, ହଳଧର ।



## କବିତା ହିଁ ହଳଧରଙ୍କ ଜୀବିକା

ହିନ୍ଦୀ ଏବଂ ତାର ପାଖାପାଖି କେତେଗୋଟି ଭାଷା ବ୍ୟତୀତ ଅନ୍ୟ କୌଣସି ଭାରତୀୟ ଭାଷାରେ କବିତାକୁ ଜୀବିକା ଭାବରେ ଗ୍ରହଣ କରିପାରିଥିବା କବି ପ୍ରାୟତଃ ଦେଖାଯାଆନ୍ତି ନାହିଁ । କିନ୍ତୁ କବି ହଳଧର ନାଗ ହେଉଛନ୍ତି ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ । ତାଙ୍କର କବିତା ଗୁଡ଼ିକ ବ୍ୟଙ୍ଗାଶ୍ରୟୀ ନ ହୋଇ; ଦର୍ଶନ ତତ୍ତ୍ୱ, ପୌରାଣିକ ତତ୍ତ୍ୱ, ମିଥ୍ ଆଦିକୁ ଆଶ୍ରୟ କରି ରଚନା କରାଯାଇଥିଲେ ମଧ୍ୟ ବିଷୟବସ୍ତୁ ଚୟନରେ ବିଦ୍‌ବତ୍ତା, ଶବ୍ଦ ସଂଯୋଜନାରେ ଉଦାରତା ଏବଂ ପରିବେଶ ନିର୍ମାଣରେ କାବ୍ୟିକ ନିପୁଣତା ତାଙ୍କର କବିତା ଗୁଡ଼ିକୁ ଅତ୍ୟନ୍ତ ରସାଳ ଏବଂ ଭାବପୂର୍ଣ୍ଣ କରି ସବୁ ବର୍ଗର ଶ୍ରୋତାମାନଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥାନ୍ତି । ସେଥିପାଇଁ ହଳଧର ନାଗ ଉପସ୍ଥିତ ଥିବା ସାହିତ୍ୟ ସଭା ମାନଙ୍କରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥାଏ । କବିତା ପ୍ରତି ବିମୁଖ, କବିତା ରସ ଆସ୍ୱାଦନକୁ ଅସମର୍ଥ ଶ୍ରୋତାମାନେ ମଧ୍ୟ ହଳଧରଙ୍କର କବିତା ଶୁଣିବାକୁ ଉତ୍ସୁକତାର ସହ ଅପେକ୍ଷା କରିଥିବାର ଦେଖାଯାଏ ।

କବି ହଳଧରଙ୍କ ହାତରେ ଥାଏ ଅସଂଖ୍ୟ ନିମନ୍ତ୍ରଣ । ଆୟୋଜକ ମାନଙ୍କର ଉଦ୍ଦେଶ୍ୟ, ଆୟୋଜନ ସ୍ଥଳର ଅବସ୍ଥିତି କିମ୍ବା ଆୟୋଜନର ସ୍ତର ତାଙ୍କ ପାଇଁ କିଛି ମାନେ ରଖେନାହିଁ । କେବଳ ସାହିତ୍ୟ ସେବା ଉଦ୍ଦେଶ୍ୟ ନେଇ ବର୍ଷ ତମାମ ସେ ଘୂରି ବୁଲୁଥାନ୍ତି ଦେଶର କୋଣ ଅନୁକୋଣ । ସାହିତ୍ୟ ସଭାମାନଙ୍କରେ ଯୋଗଦାନ କରି ଆୟୋଜକମାନଙ୍କୁ ଉତ୍ସାହିତ କରନ୍ତି, ଶ୍ରୋତାମାନଙ୍କର ମନୋରଞ୍ଜନ କରନ୍ତି ଏବଂ ସାହିତ୍ୟ ଧର୍ମରେ ଦୀକ୍ଷିତ ହେବାପାଇଁ ଯୁବକମାନଙ୍କୁ ଉଦ୍‌ବୁଦ୍ଧ କରନ୍ତି । ପାଉଣାକୁ ନେଇ ତାଙ୍କର କୌଣସି ଦାବୀ ଥାଏ ନା କୌଣସି ନିୟମ । ଗସ୍ତଖର୍ଚ୍ଚ ଆଦିକୁ ହିସାବ କରି ଯିଏ ଯାହା ଦେଇଦେଲା ତାକୁ ସାଦରେ ଗ୍ରହଣ କରନ୍ତି ଏବଂ ଆୟୋଜକମାନଙ୍କୁ ଯଥା ସମ୍ଭବ ସହଯୋଗ କରିଥାନ୍ତି କବି ହଳଧର ।

କବି ହଳଧର ନାଗଙ୍କ ପ୍ରଭାବରେ ଆଜି ପଶ୍ଚିମ ଓଡ଼ିଶାରେ ଅନେକ ନବୀନ କବିଙ୍କର ଆବିର୍ଭାବ ହୋଇପାରିଛି । ଏହି ଅଞ୍ଚଳରେ ହଳଧରୀୟ ଶୈଳୀରେ କବିତା ରଚନା କରିବାର ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ହଳଧରଙ୍କ ଆଦର୍ଶରେ ଅନୁପ୍ରାଣିତ ଅନେକ ଯୁବକବି, କବିତା ପରିବେଷଣର ଧାରାକୁ ଯତ୍‌କିଞ୍ଚିତ ଆୟର ପନ୍ଥା ଭାବେ ଗ୍ରହଣ କରି, ଏଥିରେ ସଫଳ ମଧ୍ୟ ହେଉଛନ୍ତି । ପଶ୍ଚିମ ଓଡ଼ିଶାର ଘରେଘରେ, ପୁରେପୁରେ ଆଜି ହଳଧରୀୟ କବିତାର ଆଦର । ଉତ୍ସବ-ମହୋତ୍ସବ, ବିବାହ-ଭୋଜି, ଖେଳ, ଆନ୍ଦୋଳନ ଏମିତି ପ୍ରତ୍ୟେକ ଅବସରରେ କବିତା ପାଠର ଆୟୋଜନ ଦେଖିବାକୁ ମିଳୁଛି । ଏହି ପ୍ରକାର କବିତାପାଠର ଆୟୋଜନ କେବଳ ଏକତ୍ରିତ ଜନତାଙ୍କ ମନୋରଞ୍ଜନ କରିପାରୁଛି ତା ନୁହେଁ ବରଂ ବହୁଧା ବିଭାଜିତ ସମାଜରେ ଏକତାର ବୀଜ ବପନ କରିବାରେ ମଧ୍ୟ ସକ୍ଷମ ହେଉଛି ।

## ପଦ୍ମଶ୍ରୀ ହଳଧର ନାଗ

ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ ଭିନ୍ନଭିନ୍ନ ଅନୁଷ୍ଠାନ ତରଫରୁ ଅନେକ ସମ୍ମାନ ମିଳି ସାରିଥିଲେ ମଧ୍ୟ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ ହେବା, କବି ହଳଧରଙ୍କ ଜୀବନର ଗୋଟାଏ ବଡ଼ ଉପଲବ୍ଧି । ୨୮ ମାର୍ଚ୍ଚ ୨୦୧୬ ଦିନ ତତ୍କାଳୀନ ମହାମହିମ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ହାତରୁ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଥିଲେ ହଳଧର। ଏହି ଦିନଟି ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଥିଲା ଏକ ଅବିସ୍ମରଣୀୟ ଦିନ । ଦୀର୍ଘଦିନଧରି ନିରବ ଆନ୍ଦୋଳନ ମାଧ୍ୟମରେ ନିଜର ମାତୃଭାଷା ପାଇଁ ସାମ୍ବିଧାନିକ ମାନ୍ୟତା ଦାବୀ କରିଆସୁଥିବା ପଶ୍ଚିମ ଓଡ଼ିଶାବାସୀ ସେଦିନ ବିଜୟ ଉଲ୍ଲାସରେ ଉତ୍‌ଫୁଲ୍ଲିତ

ହୋଇ ଉଠିଥିଲେ । ଯାହାବି ହେଉ, ତାଙ୍କ ହୃଦୟରେ ଭରି ରହିଥିବା ମହନୀୟ ବିଚାର, ଉତ୍କୃଷ୍ଟ କଳା-ସଂସ୍କୃତି, ତାଙ୍କର ସମୃଦ୍ଧ ଅତୀତର ଅମୂଲ୍ୟ ବିଭବକୁ ଶେଷରେ ଠିକ୍ ଚିହ୍ନି ପାରିଛନ୍ତି ଭାରତବାସୀ । ତାଙ୍କର ମାତୃଭାଷାକୁ ମାନ୍ୟତା ମିଳିପାରି ନଥିଲେ ମଧ୍ୟ ତାଙ୍କର ସାହିତ୍ୟ, ତାଙ୍କର ସାହିତ୍ୟିକ ପ୍ରତିଭାକୁ ଯଥାଯୋଗ୍ୟ ମାନ୍ୟତା ମିଳି ପାରିଛି । ସମ୍ବଲପୁର ଅଞ୍ଚଳର ଭାଷା-ସାହିତ୍ୟକୁ ଅସ୍ପୃଶ୍ୟ ଏବଂ ହୀନ ମନେକରି ବିଭେଦର ବାତାବରଣଟିଏ ସୃଷ୍ଟି କରିବାରେ ଲାଗି ପଡ଼ିଥିବା ତଥାକଥିତ ବୁଦ୍ଧିଜୀବି ଏହିପରି ଏକ ଅପ୍ରତ୍ୟାଶିତ ଘଟଣାକୁ ନେଇ ସେଦିନ ହତଚକିତ ହୋଇଯାଇଥିଲେ । କିନ୍ତୁ, 'ଭାଷା ଯେ ବିବାଦର କାରଣ ନୁହେଁ ବରଂ ଏକ ଚିରନ୍ତନ ସମାଧାନ' ଏ କଥାକୁ ବୁଝିବାରେ ଓଡ଼ିଶାବାସୀଙ୍କୁ ବେଶୀ ସମୟ ଲାଗି ନଥିଲା । ସାରା ଓଡ଼ିଶାର ସହର-ନଗର, ପୁରପଲ୍ଲୀରେ ସଭା ସମିତିମାନ ଆୟୋଜନ କରାଯାଇ ପଦ୍ମଶ୍ରୀ ହଳଧର ନାଗଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ମାନବିକତାର ଜୟ ଜୟକାର ଧ୍ୱନିରେ ବେଶ କିଛିଦିନ ଧରି ଓଡ଼ିଶାର ଗଗନ-ପବନ ପ୍ରକମ୍ପିତ ହୋଇଯାଇଥିଲା । ଏହି ପରିପ୍ରେକ୍ଷୀରେ ଦିଆ ଯାଇଥିବା 'ଶ୍ରୀକ୍ଷେତ୍ର ସମ୍ମାନ', ଯାହାକୁ ଜୀବନର ଏକ ଦୁର୍ଲ୍ଲଭ ସମ୍ମାନ ମନେକରି ଏବଂ ସେହି ସମୟର ଅଭୁଲା ସ୍ମୃତିକୁ ମନେପକାଇ ଏକ ସାକ୍ଷାତକାରରେ ପଦ୍ମଶ୍ରୀ ହଳଧର କହନ୍ତି, "ଶ୍ରୀକ୍ଷେତ୍ର ସମ୍ମାନ ଗ୍ରହଣ କରବାର ଲାଗି ପୁରୀ ଯାଇଥିଲି । ସେନ ମତେ ଶ୍ରୀମନ୍ଦିରକେ ଦର୍ଶନ କରାବାର ଲାଗି ନିଆଗଲା । ପୁରୀର ପଣ୍ଡାମାନେ ମତେ ଦେଖିକରି ଗହଗହ ହେଇଗଲେ ଆରୁ ତାଙ୍କର ନିଜର ପଏସାର ପରସାଦ ଘିନିକରି ମତେ ଦେଲେ । ଆଗରୁ ଶୁନିଥିଲି, ପଣ୍ଡାମାନେ ଘିଚିଖିଆ ଲୋକ । ହେଲେ, ଇମାନେ ତ ତାକର ପଏସାର ପରସାଦ ଘିନିକରି ଦେଉଛନ । ହେ' କଥାଟା ମତେ ବଡ଼ା ଆକାଭୋତ ଲାଗଲା ।"

## ମାଟିପ୍ରେମୀ ହଳଧର ନାଗ

"ଆନ୍ତରିକ ଉଦ୍ୟମ ଥିଲେ ଝନେ ଚାହାବିକନେ ବାଲା ବି ଦେଶର ପ୍ରଧାନମନ୍ତ୍ରୀ ହେବାରଟା ଆରୁ, ଗୁଟେ କପ୍-ପ୍ଲେଟ ଧୁଉନେବାଲା ବି ପଦ୍ମଶ୍ରୀ ପାଏବାରଟା ବଡ଼କଥା ନୁହେସେ ।" ଏହି କଥାଟିକୁ ଅତି ନିର୍ବିକାର ଭାବରେ କହନ୍ତି ହଳଧର ନାଗ । ଏତେ ନିର୍ବିକାର ବୋଲି ତ, କାଲିଆରୁ ହଳଧର, ହଳଧରରୁ ଲୋକ କବିରତ୍ନ ପୁଣି ପଦ୍ମଶ୍ରୀ ହଳଧର ନାଗ । ଭୂମି ଠାରୁ ଭୂମା ଯାଏ ବ୍ୟାପି ଯିବାର ଅଦମ୍ୟ ଉତ୍ସାହ, ସ୍ୱ ଠୁଁ ବିଶ୍ୱ ଯାଏ ସମସ୍ତଙ୍କୁ ଆପଣେଇ ନେବାର ଅବିଶ୍ରାନ୍ତ ଯତ୍ନ ହଳଧର ନାଗଙ୍କୁ ଆଜି ସାଧାରଣରୁ ଅସାଧାରଣସ୍ତରକୁ ଉନ୍ନୀତ କରାଇ ଦେଇଛି । ପଙ୍କ ଭିତରୁ ଶତଦଳଟିଏ ହୋଇ ଫୁଟି ଉଠିବାର ଅହରହ ପ୍ରୟାସ ହିଁ ହଳଧର ନାଗଙ୍କୁ ନଗଣ୍ୟରୁ ଅଗ୍ରଗଣ୍ୟ ବ୍ୟକ୍ତିତ୍ୱର ଅଧିକାରୀ କରାଇ ଦେଇଛି । ଉପେକ୍ଷିତରୁ ଅପେକ୍ଷିତ, ସାମାନ୍ୟରୁ ଅସାମାନ୍ୟସ୍ତରକୁ ଉଠି ସାରିଥିଲେ ମଧ୍ୟ ହଳଧର ନାଗ ଅତିଶୟ ଭାବରେ ମାଟିପ୍ରେମୀ । କୌଣସି ପରିସ୍ଥିତିରେ ବି ଜନ୍ମମାଟି ଛାଡ଼ି ବାହାରି ଯିବାକୁ ନାରାଜ ହଳଧର ପରିବାର ସହିତ ବାସକରନ୍ତି ବରଗଡ଼ ଜିଲ୍ଲା ଅନ୍ତର୍ଗତ ତାଙ୍କର ଜନ୍ମଭୂମି 'ଘେଁସ୍' ଗାଆଁରେ । ପରିବାର କହିଲେ ପତିପତ୍ନୀ ଏବଂ ଗୋଟିଏ ମାତ୍ର ଝିଅ । ଝିଅଟି ବାହାସାହା ହୋଇ ସ୍ୱାମୀ ଘରେ ତା' ନିଜ ସଂସାରକୁ ନେଇ ବ୍ୟସ୍ତ । ଘରେ ବର୍ତ୍ତମାନ ପତି-ପତ୍ନୀ ଦୁଇଜଣ । ସରକାରଙ୍କ ତରଫରୁ ଏକ ଏକର ଜମି ଏବଂ ଖଣ୍ଡେ ଇନ୍ଦିରା ଆବାସ ମିଳିଛି । କଳାକାର ଭତ୍ତା ଭାବରେ ଏକ ହଜାର ଟଙ୍କା ଯାହା ପ୍ରତି ମାସରେ ମିଳେ, ତାକୁ 'ହଳଧର ବନବିଦ୍ୟାଳୟ' ପାଇଁ ଦାନ କରି ଦିଅନ୍ତି । ନାମମାତ୍ର ଚାଷ ଏବଂ ସାହିତ୍ୟପ୍ରେମୀଙ୍କ ଦୟାରୁ ଯାହା ଉପାର୍ଜନ ହୁଏ, ସେଥିରେ ଯେଣତେଣ ଚଳିଯାଆନ୍ତି ଦୁଇପ୍ରାଣୀ । ଗାଁ-ଘର, ଦୁଃଖ-ସୁଖ, ହାନି-ଲାଭରେ ସାମିଲ ହୁଅନ୍ତି । ଯାନି-ଯାତ୍ରା, ପର୍ବ-ପର୍ବାଣି ସମୟରେ ଗାଁ ଲୋକଙ୍କ ସହିତ ହାତ ମିଳେଇ ଯଥାସମ୍ଭବ ସହଯୋଗ କରନ୍ତି ।

ରେମଜା ପାୱାର ଷ୍ଟେସନ, ପୋଷ୍ଟ : ବ୍ରଜରାଜନଗର
ଜିଲ୍ଲା : ଝାରସୁଗୁଡ଼ା, ପିନ : ୭୬୮୨୧୬


▲କବିର ଜୀବନ : କଂସାଏ ପଖାଳ


▲ମହାମହିମଙ୍କ ସହ ମହାର୍ଘ ମୁହୂର୍ତ୍ତ


▲ବହି ଓ ଭାବନା ସହ ଭାବ

ମୋ କଥା

# ସାହସୀ ଶରତ



# ବାପା, ମୁଁ ଭଲରେ ଅଛି



**ମଧୁମିତା ମହାନ୍ତି**

ଫଟୋ ସୌଜନ୍ୟ : ଲେଖିକା ଓ ମନ୍ମଥ ପଟ୍ଟନାୟକ

**ସେ ଥିଲେ ଜଣେ ଭଲ ବାପା । ଭଲ ମଣିଷ ବି । ଥିଲେ ସାହିତ୍ୟର ସାହସୀ ସାରଥୀ । ସ୍ନେହ ଓ ଭଲ ପାଇବାକୁ ଲୁଚେଇ ରଖି ସେ ଝିଅକୁ ଶିଖେଇଥିଲେ ଜୀବନକୁ ନିଜ ଧୂନ୍‌ରେ ବଞ୍ଚିବାର ବାଟ । ସତକୁ ସାମ୍ନା କରିବାର ସାହସ । ପ୍ରବନ୍ଧର ପୃଥିବୀରେ ସେଥିଲେ ଜଣେ ପ୍ରାଣବନ୍ତ ପଥିକ । ଶରତ କୁମାର ମହାନ୍ତି । ତାଙ୍କ ପିତୃତ୍ୱର ପରିଭାଷା ମଧୁମିତାଙ୍କ ମନକଥା ।**

## ଜଣେ ବନ୍ଧୁଙ୍କ ସ୍ମରଣରେ ଶରତ

■ **ଶାନ୍ତନୁ କୁମାର ଆଚାର୍ଯ୍ୟ,** ବିଖ୍ୟାତ ଗାଳ୍ପିକ ଓ ଔପନ୍ୟାସିକ

ନୀଳାଚଳ ହସ୍ପିଟାଲର ଉପର ମହଲାରେ କୌଣସି ଏକ ବେଡ୍‌ରେ ତାଙ୍କୁ ରଖା ଯାଇଚି ଆଉ ତାଙ୍କର ଚିକିତ୍ସା ଚାଲିଚି...କାରଣ ଧନୁଷ୍ଟଙ୍କାର । ଏଭଳି ଏକ ଅସମ୍ଭବ ସମ୍ବାଦ ପାଇଁ ମୁଁ ଆଦୌ ନିଜକୁ ପ୍ରସ୍ତୁତ କରି ନଥିଲି ।

ଧନୁଷ୍ଟଙ୍କାର ବୈଜ୍ଞାନିକ ଚିନ୍ତାଧାରାର ଲେଖକଙ୍କୁ ? ଏହା କ'ଣ ସମ୍ଭବ ? ପୁଣି ଶରତ ମହାନ୍ତିଙ୍କୁ ? ହେ ଭଗବାନ !

ସେ ସନ୍ଧ୍ୟାରେ ଶାରଳା ପୁରସ୍କାରର ପୂର୍ବ ପ୍ରସ୍ତୁତି ଜନିତ ଏକ ବୈଠକ ଚାଲିଥିଲା ଇଂଫା ଅଫିସରେ– ଉପଦେଷ୍ଟା ସମିତିର । ବୈଠକ ପରେପରେ ଆମେ କେତେଜଣ ତାଙ୍କୁ ଦେଖିବାକୁ ନୀଳାଚଳ ଡାକ୍ତରଖାନା ଗଲୁ । ସେଠି ଯାହା ଦେଖିଲୁ ଆଉ ଶୁଣିଲୁ ପ୍ରଥମେ ମନେ ହେଲା ଅବସ୍ଥା ବୋଧହୁଏ ଆୟତ୍ତାଧୀନ । ବହୁ ହିତୈଷୀ ସାହିତ୍ୟିକ, ଅଣ-ସାହିତ୍ୟିକ ବନ୍ଧୁ କୋଠରୀ ବାହାର ବାରଣ୍ଡାରେ ଅପେକ୍ଷାରତ–ଆଉ ସମସ୍ତେ ଆଶାବାନ ଯେ ଏକବିଂଶ ଶତାବ୍ଦୀର ଡାକ୍ତରୀ ବିଜ୍ଞାନ ନିଶ୍ଚୟ କୌଣସି ପ୍ରକାରେ ଶରତଙ୍କ ଜୀବନ ରକ୍ଷକ ହେବ ହିଁ ହେବ । ମୁଁ ମଧ୍ୟ ସେଇ ଆଶା ନେଇ ତାଙ୍କୁ ଦେଖା କରିବାକୁ ଆଇ.ସି.ୟୁ. ଭିତରକୁ ଉଙ୍କି ମାରିଲି । କିଏ ଜଣେ ସେତିକିବେଳେ ଡାକିଦେଲେ, "ଆଖି ଫିଟାଅ, ଦେଖ କିଏ ଆସିଚନ୍ତି !" ବନ୍ଦ ଆଖି ଅଳ୍ପ ଖୋଲିଗଲା– ପରେପରେ ଆଖି ଦୁଇଟି ପୂରା ଖୋଲିଗଲା । ସେ ଆଖିର ଚାହାଣି ମୁମୂର୍ଷୁ ଧନୁଷ୍ଟଙ୍କାର ରୋଗୀର ନଥିଲା । ଥିଲା ଜଣେ ଗଭୀର ଜୀବନବାଦୀ ଓ ଦୃଢ଼ ଆଶାବାଦୀ ମଣିଷର, ଯେମିତିକି କାରାଗାରରେ ଆବଦ୍ଧ

ପିଲାବେଳେ ଗାଁରୁ ଯେବେ ଯିଏ ଆସନ୍ତି ଗୋଟିଏ କଥା କୁହନ୍ତି, ମାମିନା ପୁରା ଆମ ମିନା ଭଳି ଦେଖିବାକୁ, କିନ୍ତୁ ଟିକିଏ କାଳି । ମିନା ମୋ ବାପାଙ୍କ ଡାକ ନାଁ । ମତେ ଭାରି ରାଗ ଲାଗେ । କାଳି ବୋଲି ମୋ ମୁହଁରେ କହିବା କ'ଣ ବହୁତ ଜରୁରୀ ? ତମ ମନ ଭିତରେ ରଖୁନ ? ମାଆଙ୍କ ସବୁ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା ଦେଖି ମତେ ବେଳେବେଳେ ଲାଗେ ଏଠି ଭକ୍ତି କମ୍, ଦେଖେଇ ହେବାଟା ବେଶି । ମୁଁ ବାପାଙ୍କୁ ଥରେ କହିଥିଲି, "ବାପା ମୁଁ ସମସ୍ତଙ୍କୁ ଏମିତି ଦେଖେଇ ହେଇ ମୁଣ୍ଡିଆ ମାରିବିନି । ଯାହାକୁ ଇଚ୍ଛା ହବ ମୁଣ୍ଡିଆ ମାରିବି, ନଚେତ୍ ହାତଯୋଡ଼ି ନମସ୍କାର କରିବି ।" ବାପା ମୋ କଥାକୁ ଟିକିଏ ବି ବିରୋଧ କରିନଥିଲେ । କହିଲେ, "ତୋର ଯାହା ଇଚ୍ଛା ।"

ପିଲାବେଳେ ମୁଁ ଖାଇବାକୁ ବହୁତ ହଇରାଣ କରେ ଆଉ ବୋଉ ମତେ ବାପାଙ୍କ ଆଗରେ ଖାଇବାକୁ ବାଢ଼ିଦିଏ ଯେମିତି ମୁଁ ଡରିକି ବେଶି ଖାଇଦେବି । ପିଲାବେଳେ ଦିନେ ମୁଁ ବାପାଙ୍କୁ କହିଲି, ବାପା ଆମର ବହୁତ ଟଙ୍କା ଥିଲେ ବହୁତ ଭଲ ହୋଇଥାଆନ୍ତା ନା ? "ବାପା କହିଲେ, "କଣ ଅଧିକ ହୋଇଥାଆନ୍ତା ?" ମୁଁ କହିଲି, "ଆମେ ବହୁତ ବହୁତ କେକ୍ ଖାଇପାରନ୍ତେ ।" ବାପା ହସିକି କହିଲେ, "ତୁ ତ ଗୋଟିଏ କେକ୍‌ରୁ ହାପ୍ ଖାଇ ହାପ୍ ରଖିଦଉଛୁ ବେଶି କେକ୍ କେମିତି ଖାଇପାରିବୁ ? ବେଶି ଟଙ୍କା ହେଲେ ପେଟଟା ତ ବଡ଼ ହବନି ।" ସେଦିନ ମୁଁ ବୁଝିନଥିଲି ବାପା କ'ଣ କହୁଛନ୍ତି । କିନ୍ତୁ ପରେ ବୁଝିପାରିଲି ସେ କେତେବଡ଼ କଥା କହିଥିଲେ ।

ସତ କହିବାକୁ ସାହସ କରିବା, ନିଜ ଧୂନ୍‌ରେ ଜୀବନ ଜିଇଁବା– ମୁଁ ତାଙ୍କଠୁ ହିଁ ଶିଖିଛି । ବୁଝିଛି ଏ ସାଂସାରିକ ଲୋଭ, ମାୟା, ମୋହର କିଛି ମାନେ ନଥାଏ । ଶିଖିଛି ସମସ୍ତଙ୍କ ବିଚାରଧାରାକୁ ସମ୍ମାନ ଦେଇ ନିଜର ମତକୁ ସମସ୍ତଙ୍କ ଆଗରେ ସ୍ପଷ୍ଟ ଭାବରେ ପରିପ୍ରକାଶ କରିବା । ତମେ ଯଦି ଠିକ୍, ତମର ଯଦି ନିଜକୁ ନେଇ ଦ୍ୱନ୍ଦ୍ୱ ନାହିଁ, ତେବେ ତମେ କାହିଁକି କାହାକୁ ଡରିବ ? ଭିଡ଼ ଭିତରେ ମୁଁ ହଜି



ନଯାଇ ଭିଡ଼ ଭିତରୁ ମୁଁ ବାରି ହୋଇଯିବା ଉଚିତ୍ । ନହେଲେ ମୁଁ ବାପାଙ୍କ ଠାରୁ ଶିଖିଲି କଣ ? ସତରେ ବଞ୍ଚିଥିବା ମଣିଷ ଜୀବନରେ ସବୁକିଛି ହରେଇସାରି ମଧ୍ୟ କେବେ କାହା ଆଗରେ ଆଖି ନୁଆଏଁନି । ଆଉ ତାର ସେଇ ସିଧା ଚାହାଣୀକୁ ହିଁ ସାମ୍ନା ଲୋକର ଭୟ ଥାଏ । ପିଲାବେଳେ ଖେଳିବା ବେଳେ ଖଣ୍ଡିଆ ଖାବରା ହେଇ ମୁଁ ଘରକୁ ଫେରେ । ତାପରେ ବୋଉକୁ ଲୁଚେ । ସେ ଡରିକି ପାଟି କରିବ । ମତେ ଦୁଇ ଚାପୁଡ଼ା ମାରିବ । ସଙ୍ଗେ ସଙ୍ଗେ ବାପା ଘର ବାହାରକୁ ଆସି ତା ସହିତ ଯୁକ୍ତି କରନ୍ତି, "ପଡ଼ିଗଲା ତ କ'ଣ ହେଲା ? ଲୋକ ପଡ଼ିଯିବେ ବୋଲି କଣ ଖେଳିବେନି ? ରାସ୍ତାରେ ଚାଲିବେନି ? ମଜାରେ କେବେ ପରିବା କାଟୁ କାଟୁ ମୋ ହାତ କାଟିଯାଏ ତ ମୁଁ ପୁଣି ଡରିକି ଯାଇ ଗାଧୁଆ ଘରେ ଲୁଚେ । ବାପା କିନ୍ତୁ ଦୁଇଥର ମତେ ଡାକିଲା ପରେ ଜାଣିପାରନ୍ତି ଯେ ମୋ ହାତ କାଟିଛି ବୋଲି । ବୋଉକୁ କୁହନ୍ତି, "ତା ହାତ କଟୁ ପଛେ ସେ ପରିବା କାଟିବ, କାଟି ଶିଖିବ ।"

ଏଇ କଥା ସବୁ ମତେ ବଞ୍ଚିବାକୁ ସାହସ ଦେଇଛି । ଜୀବନ ରାସ୍ତାରେ ନିଜେ ଝୁଣ୍ଟି ପୁଣି ଉଠି ଚାଲିବାକୁ ଶକ୍ତି ଦେଇଛି । ଏସବୁ ଅଭ୍ୟାସ ବୋଧେ ପିଲାଦିନୁ ସେ କରେଇଥିଲେ ଯେମିତି ସେ ଗଲାପରେ ତାଙ୍କ ପିଲା ଜୀବନ ରାସ୍ତାରେ ପଡ଼ିନଯାଉ, ହାରିନଯାଉ ।

ବାପା ସବୁବେଳେ କହନ୍ତି, "ମୋର ସବୁଠୁ ବଡ଼ ଦୁଃଖ ତୁ ମୁର୍ଖ ହେଇଗଲୁ,




ତୁ ପାଠପଢ଼, ଜ୍ଞାନ ଅର୍ଜନ କର, କିନ୍ତୁ ସରକାରୀ ଚାକିରୀ କରିବୁନି । ସ୍ରଷ୍ଟା ହବୁ । ଆର୍ଟିଷ୍ଟ ହବୁ । ଗାୟକ ହବୁ । କବି କି ଲେଖକ ହବୁ । ବାପାଙ୍କର ଏକଥା ଶୁଣିଲେ ମୁଁ ବହୁତ ରାଗେ । କହେ, "ତମେ ସରକାରୀ ଚାକିରୀ କରିଦେଇଛ ତ ତମର ଚିନ୍ତା କଣ ? ଆରାମରେ ବସି ବହି ଲେଖୁଛ । ମୁଁ ଚାକିରୀ ନକଲେ ମତେ କିଏ ପୋଷିବ ?"

ବାପା କୁହନ୍ତି, "ତୁ ଗୋଟିଏ ଅଲଗା ମଣିଷ ହଅ, ମୁଁ ପୋଷିବି ।" ବାପାଙ୍କୁ ମୁଁ

ସକ୍ରେଟିସ୍ ହେମ୍‌ଲକ ବିଷ ଆକଣ୍ଠ ପାନ କରିସାରି ମଧ୍ୟ ବନ୍ଧୁମାନଙ୍କର କୌଣସି ଜଟିଳ ପ୍ରଶ୍ନର ଉତ୍ତର ଦେବା ପାଇଁ ଧ୍ୟାନରତ ଚକ୍ଷୁ ଦୁଇଟି ସେଇ ମାତ୍ର ଖୋଲିଛନ୍ତି !

– ଏ କ'ଣ ହେଲା ତୁମର ! ଶରତ ! – ମୁଁ କିନ୍ତୁ ମୁହଁ ଖୋଲିବା ଅବସ୍ଥାରେ ଆଦୌ ନଥିଲି । ସେ ବି ନଥିଲେ । କାରଣ ତାଙ୍କ ପାଟିରେ ବନ୍ଧା ଥିଲା ତୁଣ୍ଡି ! ପାଟି ଭିତରୁ ଅନବରତ ଝରୁଥିବା ଲାଳକୁ ଶୋଷାଡ଼ିବା ପାଇଁ ଗୋଟାଏ ମୋଟା ନଳି ଖୁନ୍ଦା ଯାଇଥାଏ ଏକ ବିଣ୍ଡା ସାହାଯ୍ୟରେ । ଅବାକ ହେଲି । ଶରତ ମୁହଁରେ ବିଣ୍ଡା ! ଯୋଉ ମୁହଁରୁ ନିର୍ଗତ ହୁଏ ମିଠାମିଠା ହସ ଭିତରୁ ବର୍ଟାଣ୍ଡ ରସେଲୀୟ ହ୍ୟୁମର ମିଶା ବୁଦ୍ଧିଦୀପ୍ତ ଅକାଟ୍ୟ ଯୁକ୍ତିପ୍ରବଣ କମେଣ୍ଟାରୀର ଧାରା ଆମ ବନ୍ଧୁ ମହଲରେ, ଆଉ ସେ ଧାରା ନିଗିଡ଼ିବା ମୁଁ ଦେଖି ଆସିଥିଲି ୧୯୬୦ରେ ପାରଳା ଖେମୁଣ୍ଡି କଲେଜରୁ

ଡଃ ଶରତ ଚନ୍ଦ୍ର ମହାନ୍ତି



ଏଯାବତ୍ ୨୦୦୬ ପର୍ଯ୍ୟନ୍ତ, ଏକାଧାରରେ ଛୟାଳିଶ–ସତଚାଳିଶ ବର୍ଷ ଧରି., ସେ ଧାରାକୁ ବନ୍ଦ କରିଦେବାକୁ ଏ ଅପପ୍ରୟାସ କରୁଚି କିଏ ? ଅବାକ୍ ହେଲି, ମୋ ଆଖି ଛଳଛଳ ହେବା ନିଶ୍ଚୟ ଲକ୍ଷ୍ୟ କରି ପାରିଥିଲେ ସେ । ତେଣୁ ହୁଏତ ସେ ତାଙ୍କ ନିଜ ମୁହଁରୁ ସେ ବିଣ୍ଡାଟାକୁ ଜୋର କରି ଭିଡ଼ି ଓଟାରି ଖୋଲିଦେବାର ପ୍ରୟାସ କରୁଥିଲେ ଆଉ ନିଜର ଦୁଇ ହାତକୁ ଅଟକାଉଥିବା ସାଲାଇନ ଏବଂ ଅନ୍ୟ କୌଣସି ଜୀବନ ରକ୍ଷକ ଔଷଧର ଇଞ୍ଜେକସନ ଛୁଞ୍ଚି ଯୋଡ଼ାକୁ ଭିଡ଼ିଦେବାର ଉପକ୍ରମ କରୁଥିଲେ । କିନ୍ତୁ ସେ ଉଦ୍ୟମକୁ ବ୍ୟର୍ଥ କରି ଦିଆଗଲା ଶେଷରେ । ଅସ୍ଥିର ହେଲେ । ବାରମ୍ବାର ମୁଣ୍ଡ ଗଡ଼େଇଲେ– ଏପାଖୁ ସେପାଖ । ସତେକି କୌଣସି ଅକୁହା କଥା କହିଦେବାକୁ ଇଚ୍ଛା କରୁଥିଲେ, କିନ୍ତୁ ସେ କଥା ରହିଗଲା ଅକୁହା । ଅଗତ୍ୟା ସେ ମୋ ଆଖିରେ ଆଖି ମିଳେଇଲେ । ସେଇ ଆଖିରେ କ'ଣ ସବୁ କହିଗଲେ ସେ ତାପରେ କେତୋଟି ଲମ୍ବା ମୁହୂର୍ତ୍ତ । ବୁଝିବାକୁ ବାକି ରହିଲା ନାହିଁ ସେ ନୀରବ ଭାଷାର ମର୍ମାର୍ଥ । ତାହା ଥିଲା ଜଣେ ଅସ୍ତିତ୍ୱବାଦୀର ମର୍ମ ଭାଷା– ମୋହ ବାଞ୍ଛିତ ଏହୁ କର୍ମ / ବନ୍ଧୁ ନକର ମତି ଭ୍ରମ !

ପରେପରେ ସେଇ ମର୍ମ ଭାଷା ଆହୁରି ସୁସ୍ପଷ୍ଟ ହେଲା । ଶରତ ଜାଣି ବୁଝି ନିଜ ଉପରେ ନିଜେ ପରୀକ୍ଷା ମୂଳକ ଉପଚାର ପ୍ରୟୋଗ କରିଥିଲେ ଯାହାର ପରିଣତି ଏଭଳି ମାରାତ୍ମକ ହୋଇ ପଡ଼ିଲା । ସେ ବିଷୟରେ ଆଲୋଚନା ବର୍ତ୍ତମାନ ଅନାବଶ୍ୟକ ।

କିନ୍ତୁ, ସେ ବ୍ୟାପାରରେ ସବୁ ଜାଣିବା ପରେ ବୈଜ୍ଞାନିକ ଶରତ ମହାନ୍ତିଙ୍କ ପ୍ରତି ମୋ ଶ୍ରଦ୍ଧା ଆହୁରି ଘନୀଭୂତ ହେଲା । ଲୋକଟା ସତରେ ଥିଲା ଜଣେ ଅସ୍ତିତ୍ୱବାଦୀ, ଜଣେ ନଚିକେତା, ଏ ଯୁଗର, ଯାହାର ମୃତ୍ୟୁ ଭୟ ନଥିଲା । ଅସ୍ତିତ୍ୱବାଦୀର ପ୍ରଥମ ପରିଚୟ– ସେ ମୃତ୍ୟୁକୁ ଭୟ କରେନା ବୋଲି ଯେତେ ମୁହଁରେ ନକୁହେ ତା ଠୁଁ ବେଶି ପ୍ରକାଶ କରେ କାର୍ଯ୍ୟରେ । ସେ ମୃତ୍ୟୁକୁ ବୈଜ୍ଞାନିକ ପଦ୍ଧତିରେ ନିଜ ଜୀବନ ଉପରେ ମଧ୍ୟ ପରୀକ୍ଷା କରିବାକୁ ପଶ୍ଚାତପଦ ହୁଏନା । ସେ କିନ୍ତୁ ଭଲକରି ଜାଣେ ମୃତ୍ୟୁ ଅବଶ୍ୟମ୍ଭାବୀ, ତଥାପି ତାର ପ୍ରବଳ ଆତ୍ମ ବିଶ୍ୱାସ ଯେ ମଣିଷ ଦିନେ ନା ଦିନେ ମୃତ୍ୟୁକୁ ଜୟ କରିବ । ସେ ପର୍ଯ୍ୟନ୍ତ ମଣିଷକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହେବ । ତାର ତୀବ୍ର ଜ୍ୱାଳାକୁ ସହି ସହି ତାକୁ ପରିହାସ କରିବା ହେଲା ମଣିଷ ପଣିଆ । ସେଥିପାଇଁ ଆବଶ୍ୟକ ପୁରୁଷକାର, ପ୍ରବଳ ପୁରୁଷକାର !

ଶରତ ବାବୁ ନିଜ ଜୀବନର ଅବଧି କାଳ ଭିତରେ ସେହି ପୁରୁଷ କାରର ପ୍ରମାଣ ଦେଇଥିଲେ । ସେ ପ୍ରମାଣ– ତାଙ୍କ ସୁଦୀର୍ଘ ଦାମ୍ପତ୍ୟ ଜୀବନ । ଯାହାର ପଟାନ୍ତର ପାର୍ଥିବ ଜଗତରେ ଖୋଜିଲେ ମିଳିବ ନାହିଁ । ହୁଏତ ମିଳିପାରେ ପୌରାଣିକ ସାହିତ୍ୟରେ । ମନେହୁଏ ଅର୍ଦ୍ଧଦଗ୍ଧ ସତୀଙ୍କ ଶରୀରକୁ ନିବିଡ଼ ଆଲିଙ୍ଗନରେ ଜଡ଼ାଇ ଧରି ଶିବ ଯେପରି ବ୍ରହ୍ମାଣ୍ଡ ପରିକ୍ରମା କରୁଥିଲେ ଓ ସତୀଙ୍କ ବିଗଳିତ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଅନ୍ତରୀକ୍ଷରୁ ନିରନ୍ତର ଝରି ପଡୁଥିବା ସତ୍ତ୍ୱେ ପ୍ରଭୁ ଭୋଳାନାଥ ସେଥିପ୍ରତି ତିଳାର୍ଦ୍ଧେ ଧ୍ୟାନ ଦେଇ ନଥିଲେ ।

ଶରତଙ୍କ ଦାମ୍ପତ୍ୟ ଜୀବନକୁ ଯେଉଁମାନେ ଅତି ନିକଟରୁ ସହୃଦୟତାର ସହିତ ନିରୀକ୍ଷଣ କରିଥିବେ ସେମାନେ ନିଶ୍ଚୟ ଲକ୍ଷ୍ୟ କରିଥିବେ ସେପରି ସାଦୃଶ୍ୟ । ସେ ଦୃଷ୍ଟିରୁ ଶରତ ଥିଲେ ଯଥାର୍ଥରେ ଶିବ ପ୍ରକୃତିର । ଅଶେଷ ସହିଷ୍ଣୁତା ଓ ଧୈର୍ଯ୍ୟର ଆଧାର । ଏଭଳି ସହିଷ୍ଣୁତା କେବଳ ଜଣେ ସନ୍ଥ ପକ୍ଷରେ ହୁଏତ ସମ୍ଭବ । ତେବେ ସନ୍ଥମାନେ ଈଶ୍ୱରାନୁରାଗୀ । ସେମାନେ ସର୍ବଶକ୍ତିମାନ ଈଶ୍ୱରଙ୍କ ନିକଟରେ ସମର୍ପିତ



ପଚାରିଛି, ତମେ ଫରେଷ୍ଟ ଡିପାର୍ଟମେଣ୍ଟରେ ପରୀକ୍ଷା ଦେଇ ପାଶ୍ କଲା ପରେ କବାଟ ବନ୍ଦ କରି ଘରେ ଲୁଚିଲ ଜବ୍ କରିବାକୁ ଗଲନି । ଅଲ୍ ଇଣ୍ଡିଆ ଇନିଷ୍ଟିଚ୍ୟୁଟ୍‌ରେ ଅନ୍ତରୀକ୍ଷ ବିଜ୍ଞାନରେ ପଢ଼ିବାକୁ ସିଟ୍ ପାଇ ବି ଗଲନି । ଏତେ ବର୍ଷ ପରେ କେବେ ଅବଶୋଷ କରିନ ?"

ବାପା କହିଥିଲେ, "ନା ଆଜି ମୋ କାମରେ ମୁଁ ଖୁବ୍ ଶାନ୍ତି ପାଏ ।"

ବାପା ମୁଁ ବି ଏତେ ପାଠ ପଢ଼ି ଚାକିରୀ ପାଇ, ଏଇ ଚାକିରି କରି ଘରେ ରହିଲି ତଥାପି ତମେ ମତେ କେବେ ବାଧ୍ୟ କରିନ । ଆଜି ମୁକ୍ତ କଣ୍ଠରେ ମୁଁ ବି କହିପାରେ, ଆଜି ମୁଁ ଯେଉଁଠି ଅଛି ଯେମିତି ଅଛି ଖୁସିରେ ଅଛି । ମୋ କାମରେ ବି ମୁଁ ଶାନ୍ତି ପାଏ । କେବେ ମୁଁ ଅବଶୋଷ କରିନି ।"

ବଡ଼ ହେଲାପରେ ଦିନେ ମୁଁ ତୁମକୁ ପଚାରିଥିଲି ବାପା, ମୁଁ ଏତେ ଯାଏ ପଢ଼ିଲି, କିନ୍ତୁ ବଡ଼ ଚାକିରୀ କଲିନି । ମୋ ଜୀବନରେ ଆହୁରି ବହୁତ ଉପରକୁ ମୁଁ ଯିବା କଥା, ଯାଇ ପାରିଲିନି । ତମ ମନ ଖରାପ ହୁଏନି ତମ ଝିଅ ଜୀବନରେ କିଛି କରିପାରିଲାନି ?"

ବାପା ସେଦିନ ମତେ ଯାହା କରିଥିଲେ ମୁଁ ବୁଝିପାରି ନଥିଲି । କିନ୍ତୁ ଆଜି ବୁଝିପାରେ । ବାପା କହିଥିଲେ, "ତୁ କଣ ପାଇନୁ ସେଇଟା ବଡ଼ କଥା ନୁହେଁ । ତୁ କଣ ପାଇଛୁ ସେଇଟା ବଡ଼ କଥା । ଯାହା ବହୁତ ଲୋକ ତାଙ୍କ ଜୀବନରେ



ବାଳିକା ବୟସରେ ବାପାଙ୍କ ସହ ମଧୁମିତା

ହୋଇଥାନ୍ତି । ସେମାନେ ବିଶ୍ୱର ଉତ୍ସ କେବଳ ଈଶ୍ୱର ବୋଲି ଜାଣନ୍ତି । ସକଳ ଘଟେ ନାରାୟଣଙ୍କୁ ଦର୍ଶନ କରି ପାରୁଥିବା ହେତୁ ସେମାନେ ଜଗତକୁ ରହସ୍ୟମୟ ଭଗବାନଙ୍କ ଐଶ୍ୱରୀୟ ଲୀଳା ମନେ କରନ୍ତି । ତେଣୁ ସନ୍ଥମାନଙ୍କୁ ରହସ୍ୟବାଦୀ ବିଶ୍ୱାସର ସ୍ରଷ୍ଟା ମନେ କରାଯାଏ । ସେମାନଙ୍କୁ ଦାର୍ଶନିକମାନେ ନାମିତ କରନ୍ତି- ମିଷ୍ଟିକସ୍ !

କିନ୍ତୁ ଶରତ ଶିବ ପ୍ରକୃତିର ହୋଇଥିଲେ ବି ମୋ ଜାଣିବାରେ ତାଙ୍କର ଈଶ୍ୱର ବିଶ୍ୱାସ ଥିଲା ଓ ନଥିଲା ମଧ୍ୟ । ଏଭଳି ଅସ୍ତି-ନାସ୍ତି ବୋଧକୁ ଦାର୍ଶନିକ ଭାଷାରେ ତ କୁହାଯାଏ- ଅଜ୍ଞେୟବାଦ । ଅଜ୍ଞେୟବାଦ-ବୈଜ୍ଞାନିକର ଧର୍ମ । ସେ ଈଶ୍ୱର ଅଛନ୍ତି ନାହାନ୍ତିରେ ଗୁରୁତ୍ୱ ଦିଏନା । ନିଜର ଭଲ ମନ୍ଦ ପାଇଁ ଭଗବାନଙ୍କୁ ଦାୟୀ ବା ଭୟ କରେନା । କାରଣ ସେ ଜାଣେ ଈଶ୍ୱର ଭଲ ମନ୍ଦ, ପାପ ପୁଣ୍ୟର ଉର୍ଦ୍ଧ୍ୱରେ । ସେମାନଙ୍କ ପାଇଁ ସବୁ କର୍ମର କର୍ତ୍ତା ନିଜେ ମଣିଷ । ତେଣୁ ମଣିଷ ନିଜ କର୍ମର ଦାୟିତ୍ୱ ନିଜେ ନେବା ଉଚିତ ।

ଶରତ ଶେଷ ପର୍ଯ୍ୟନ୍ତ ନିଜ କର୍ମର ଦାୟିତ୍ୱ ନିଜ ଉପରେ ନ୍ୟସ୍ତ କରିଥିଲେ । ତେଣୁ ଜଟିଳ ସାଂସାରିକ ସମସ୍ୟାରେ ଅହରହ ଘାରି ହେଉଥିଲେ ମଧ୍ୟ ତାଙ୍କୁ ଆମେ ଈଶ୍ୱରଙ୍କ ଦ୍ୱାରସ୍ଥ ହେବାର କ୍ୱଚିତ ଦେଖିବାକୁ ପାଉଥିଲୁ । ବିନା ବାହ୍ୟ ସହାୟତାରେ ଜଣେ ମଣିଷ ଯଦି ଦମ୍ଭର ସହିତ ନିଜ ସମସ୍ୟାର ବୋଝ ନିଜ କାନ୍ଧରେ ନିଜେ ବୋହି ନେବାକୁ ପ୍ରସ୍ତୁତ ଥାଏ ତେବେ ସେପରି ମଣିଷକୁ କେଉଁ ନାମରେ ନାମିତ କରାଯିବ ? ଅନେକ କହି ପାରନ୍ତି ସେ ଥିଲେ ହେତୁବାଦୀ । ପୁଣି କେହି କହି ପାରନ୍ତି ସେ ଥିଲେ-ବସ୍ତୁବାଦୀ । ଆଧୁନିକ ସାହିତ୍ୟରେ ତ ଏଭଳି ଲୋକଙ୍କୁ କୁହାଯାଏ ଅସ୍ତିତ୍ୱବାଦୀ । ପୁଣି ବୌଦ୍ଧଦର୍ଶନ ଦୃଷ୍ଟିରେ ଏଭଳି ନୈରାତ୍ମ୍ୟବାଦୀ ହେଲେ- ଯଥାର୍ଥରେ ବୌଦ୍ଧ । କେବଳ କ'ଣ ସେତିକିରେ କଥା ଛିଣ୍ଡେ ? ଆଉ ପ୍ରକାର ବିଚାରରେ ଶରତଙ୍କୁ ମଧ୍ୟ କୁହାଯାଇପାରେ- ସେ ଥିଲେ ଏକ ପ୍ରକାର-ଅଦ୍ୱୈତବାଦୀ ! ଅଦ୍ୱୈତବାଦୀମାନେ ନିଜକୁ ମାନନ୍ତି ଈଶ୍ୱର ରୂପରେ । ସେମାନଙ୍କ ମନ୍ତ୍ର- ସୋହଂ । କହିବା ବାହୁଲ୍ୟ- ଏ ସମସ୍ତ ଲକ୍ଷଣ ଭରପୂର ରହିଥିଲା ଆମ ସମୟର ଏଇ ଯୁଗାନ୍ତକାରୀ ସାହିତ୍ୟ ସ୍ରଷ୍ଟାଙ୍କ ମାନସିକତାରେ । ସେ ସମସ୍ତର ପ୍ରମାଣ ମିଳେ ତାଙ୍କ ରଚନାବଳୀରୁ ।

ଶରତଙ୍କ ସର୍ବପ୍ରଥମ ଆତ୍ମ ପ୍ରକାଶ ଘଟେ ତାଙ୍କ- ବୈଜ୍ଞାନିକ ଚିନ୍ତାଧାରା ବହିରୁ । ସେଥିରେ ସେ ନିଜ ପରିଚୟ ଦିଅନ୍ତି ସେ ସମୟର ପ୍ରଚଣ୍ଡ ପ୍ରତିଭାଧର ପାଶ୍ଚାତ୍ୟ ବୁଦ୍ଧିଜୀବୀ ଗାଣିତଜ୍ଞ ବର୍ଟ୍ରାଣ୍ଡ୍ ରସେଲଙ୍କ ଚିନ୍ତା ଚେତନାର ବିଶ୍ୱସ୍ତ ଅନୁଗାମୀ ଭାବେ । ସେ ସମୟରେ ରସେଲ ଥିଲେ ଅଧିକାଂଶ ବୁଦ୍ଧିଜୀବୀଙ୍କ ଗୁରୁ । ଶରତଙ୍କ ବୌଦ୍ଧିକ ବିକାଶରେ ରସେଲଙ୍କ ପାଶ୍ଚାତ୍ୟ ଦର୍ଶନର ଗଭୀର ପ୍ରଭାବ ସହଜରେ ଲକ୍ଷ୍ୟ କରିହୁଏ ସେ ବହିରେ ।

ପରେପରେ ସେ ରଚନା କଲେ- ସକ୍ରେଟିସ ଓ ପ୍ଲେଟୋ- ଗ୍ରନ୍ଥ । ଏ ଗ୍ରନ୍ଥର ଅନୁଶୀଳନରୁ ବୁଝା ପଡ଼େ ପାଶ୍ଚାତ୍ୟ ଦର୍ଶନ, ବିଶେଷତଃ ଗ୍ରୀକ୍ ଦର୍ଶନ ପ୍ରତି ତାଙ୍କର ବିଶେଷ ରୁଚି ଥିବା ବିଷୟ । ଧୀରେ ଧୀରେ ସେ ଏଇ ପାଶ୍ଚାତ୍ୟ ଦୃଷ୍ଟିକୋଣକୁ ଆଧୁନିକ ଯୁଦ୍ଧୋତ୍ତର ସାହିତ୍ୟର ମୌଳିକତା ବୋଲି ଧରିନେଲେ । ସେ ଦୃଷ୍ଟିରୁ ସେ ପାରମ୍ପରିକ ଭାରତୀୟ ସାହିତ୍ୟ ପ୍ରତି ଅନେକଟା ବିମୁଖ ହେବା ଭଳି ମଧ୍ୟ ମନେ ହେଉଥିଲେ । ମନେ ପଡୁଛି ଦିନେ ଗୋପୀନାଥ ମହାନ୍ତିଙ୍କ ଘରେ ଆମେ କେତେଜଣ ବସିଥାଉ । ଶରତ ତାଙ୍କର ସଦ୍ୟ ପ୍ରକାଶିତ 'ସକ୍ରେଟିସ ଓ ପ୍ଲେଟୋ' ବହି ଖଣ୍ଡିଏ ଉପହାର ଦେଲେ ଗୋପୀବାବୁଙ୍କୁ । ଗୋପୀବାବୁ ତାଙ୍କୁ ପଚାରିଲେ- ଆପଣ ଉପନିଷଦ ପଢ଼ିଚନ୍ତି ନିଶ୍ଚେ ? ଶରତ ଚୁପ ରହିଲେ । ଗୋପୀବାବୁ ତାଙ୍କୁ ପରାମର୍ଶ ଦେଲେ- ଗ୍ରୀକ୍ ସାହିତ୍ୟ ବା ଦର୍ଶନ ପଢ଼ିବା ଆଗରୁ ଭାରତୀୟ ପୁରାଣ ଓ ଦର୍ଶନ ପଢ଼ନ୍ତୁ । ତାହେଲେ ଆପଣ ତୁଳନା କରିପାରିବେ ପରସ୍ପରକୁ । ଆପଣ ନିଶ୍ଚେ ଜାଣନ୍ତି ଗ୍ରୀକ୍ ସାହିତ୍ୟ ଓ ଦର୍ଶନ ବେଦ ଉପନିଷଦର ସାତ ପଛରେ ? ଗୋପୀବାବୁଙ୍କ ସେ ମନ୍ତବ୍ୟ ଶରତଙ୍କୁ ଭଲ ଲାଗି ନଥିଲା । ଅନେକ ଦିନ ପର୍ଯ୍ୟନ୍ତ ସେ ଗୋପୀବାବୁଙ୍କ ଘରକୁ ଯାଇ ନଥିଲେ । ଏହା ସତ୍ତ୍ୱେ ତାଙ୍କର ଏ ବହିଟି ଓଡ଼ିଆ ସାହିତ୍ୟର ଅବରୁଦ୍ଧ କୋଠରୀ ପାଇଁ ଏକ ମୁକ୍ତ ବାତାୟନର ଆବଶ୍ୟକତା ପୂରଣ କଲା ।

ପରବର୍ତ୍ତୀ ସମୟରେ ଶରତ ଲେଖିଲେ ତାଙ୍କର ବିଖ୍ୟାତ ଗ୍ରନ୍ଥ- 'ଅସ୍ତିତ୍ୱବାଦର ମର୍ମକଥା' । ସେ ଗ୍ରନ୍ଥଟି ଥିଲା ଅତ୍ୟନ୍ତ ସମୟ ଉପଯୋଗୀ । ଯୁଦ୍ଧୋତ୍ତର ବିଶ୍ୱରେ ସାରା ବିଶ୍ୱ ସାହିତ୍ୟ ମାତି ଉଠିଥାଏ ଅସ୍ତିତ୍ୱବାଦକୁ ନେଇ । କବିମାନେ ଏଲିୟଟ ଓ ଔପନ୍ୟାସିକ, ଗାଳ୍ପିକମାନେ କାମ୍ୟୁ ଓ ସାର୍ତ୍ରେଙ୍କ ନାମ ଭଜୁଥାନ୍ତି- ପୋଷା ଶୁଆ ରାଧାକୃଷ୍ଣ ନାମ ଜପିଲା ପରି । ତେଣୁ ପ୍ରବନ୍ଧ ସାହିତ୍ୟରେ ଅସ୍ତିତ୍ୱବାଦର ବୌଦ୍ଧିକ ସମାଲୋଚନାର ଯଥାର୍ଥ ଏକାଡ଼େମିକ ଆବଶ୍ୟକତା ଥିଲା । ଶରତଙ୍କ ଅସ୍ତିତ୍ୱବାଦର ମର୍ମକଥା ସେ ଆବଶ୍ୟକତା କେବଳ ପରିପୂର୍ଣ୍ଣ କଲା ନୁହେଁ, ଯୁଦ୍ଧୋତ୍ତର ଆଧୁନିକ ସାହିତ୍ୟର ମର୍ମକଥା ସମ୍ୟକ ବ୍ୟାଖ୍ୟା ଦିଗରେ ସହାୟକ ହେଲା । ଏ ବହି ପାଇଁ ସେ ବହୁ ପ୍ରଶଂସା ଭାଜନ ହୋଇଥିଲେ । ମନେ କରାଯାଉଥିଲା ଏଭଳି ଅନବଦ୍ୟ ସୃଷ୍ଟିର ଉପାଦେୟତା ଉପଲବ୍ଧି କରି କୃତଜ୍ଞ ଓଡ଼ିଆ ଗୁଣ ଚିହ୍ନରା ମୁଣ୍ଡଧାରତାମାନେ ସେ ବର୍ଷ ତାଙ୍କୁ ନିଶ୍ଚୟ ରାଷ୍ଟ୍ରୀୟ ବା ରାଜ୍ୟ ସ୍ତରରେ କୌଣସି ପୁରସ୍କାର ଦ୍ୱାରା ସମ୍ମାନୀତ କରିବେ । କିନ୍ତୁ ତାହା ହୋଇ ପାରିନଥିଲା । ତେବେ



ପାଇନାହାନ୍ତି । ତୋ ଭାଗରେ ଯେଉଁ ପ୍ରକାର ଜମି ଅଛି ତାକୁ ଯଦି ତୁ ଚାଷ କରିପାରିଲୁ ତାହେଲେ ହିଁ ପ୍ରକୃତରେ ତୁ ଜୀବନ ଜିଇଁଲୁ ।”

ବାପା, ତମେ ହଠାତ୍ ମତେ ଏକୁଟିଆ ଛାଡ଼ିଦେଇ ଚାଲିଗଲ । ପାଖରେ ଛୋଟ ପିଲା ପରି ବୋଉକୁ ଧରି ମୁଁ ୯ ବର୍ଷ ତମରି ଶିକ୍ଷାକୁ ମନେ ପକେଇ ସବୁ ପ୍ରତିକୂଳ ପରିସ୍ଥିତି ସହିତ ଲଢ଼ିଛି, ହାରିଛି, ଜିତିଛି । କିନ୍ତୁ ନିଜ ଭାଗରେ ଥିବା ଚାଷଜମିକୁ ଚାଷ କରି ଚାଲିବା ଶିଖି ଯାଇଛି । ଆଜି ବି ଜୀବନରେ ଝଡ଼ଝଞ୍ଜା ମୋ ଉପରେ କିଛି ବିଶେଷ ପ୍ରଭାବ ପକାଇ ପାରେନି । ମୁଁ ଏସବୁକୁ ଖାତିର ନକରି ତମ ପରି ଆଗେଇ ଚାଲିବା ଶିଖିଛି । ଜୀବନକୁ କେମିତି ଜିଇଁ ହୁଏ ସେ ମନ୍ତ୍ର ତ ତମେ ହିଁ ଶିଖେଇଛ । ମାନୁଛି ତୁମର ଦୁଃଖ ରହିଗଲା ଯେ ମୁଁ ମୂର୍ଖ, କିନ୍ତୁ ମୁଁ ତମ ଠୁ କିଛି ତ ଶିଖିଛି ଯାହା ଅନେକ ଜ୍ଞାନୀଲୋକ ବି ବୁଝି ନାହାନ୍ତି । ■



ସାହିତ୍ୟ ପାଇଁ ସମ୍ମାନ : ଏକାଡେମୀ ପୁରସ୍କାର ଗ୍ରହଣ ବେଳର ମୁହୂର୍ତ୍ତ

କିଛିବର୍ଷ ବ୍ୟବଧାନରେ ତାଙ୍କୁ ତାଙ୍କର ଅନ୍ୟତମ ବିଶିଷ୍ଟ ସାହିତ୍ୟିକ ଅବଦାନ– ‘ସଂସ୍କୃତି ଅପସଂସ୍କୃତି’ ପାଇଁ ଯେତେବେଳେ ଶାରଳା ପୁରସ୍କାର ପାଇଁ ମନୋନୀତ କରାଗଲା ସେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ପରେ ପରେ ସେ ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର ପ୍ରତ୍ୟାଖ୍ୟାନ କଲେ । ଏହା ଥିଲା ତଥାକଥିତ ଓଡ଼ିଆ ସାହିତ୍ୟ ବିଚାରକଙ୍କ ପ୍ରତି ତାଙ୍କର ସେ ସମୟର ତାଚ୍ଛଲ୍ୟ ମନୋଭାବର ପରିପ୍ରକାଶ ଯାହା ଅନେକାଂଶରେ ଥିଲା ସମୟୋପଯୋଗୀ ଓ ଯଥାର୍ଥ ।

ବୈଜ୍ଞାନିକ ଚିନ୍ତାଧାରା ଓ ପାଶ୍ଚାତ୍ୟ ଦର୍ଶନ ପରେ ତାଙ୍କ ନିଘା ଘନୀଭୂତ ହେଲା ଯୁଗସ୍ରଷ୍ଟା ମହାମନୀଷୀମାନଙ୍କ ଉପରେ । ସେମାନଙ୍କର ଜୀବନୀ ଓ ଜୀବନ ଦର୍ଶନକୁ କେନ୍ଦ୍ରକରି ସେ କେତେକ ଜୀବନୀ ରଚନା କଲେ । ଏହି ପର୍ଯ୍ୟାୟରେ ଗୌତମ ବୁଦ୍ଧ, ସ୍ୱାମୀ ବିବେକାନନ୍ଦ, ଛତ୍ରପତି ଶିବାଜୀ ଏବଂ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଲେଖି ବସିଲେ । ଏସବୁ ଜୀବନୀ ଥିଲା ବହୁ ଗଭୀର ଗବେଷଣା ସାପେକ୍ଷ । ଶେଷୋକ୍ତ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଯାହା ତାଙ୍କ ପାଇଁ ଆଣି ଦେଇଥିଲା ରାଷ୍ଟ୍ରୀୟ ସମ୍ମାନ ଅର୍ଥାତ୍ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ସେ ପୁସ୍ତକର ନାମକରଣ ସେ କରିଥିଲେ– ‘ଗାନ୍ଧୀ ମଣିଷ’ । କିନ୍ତୁ ଏ ସମସ୍ତ ମହାପୁରୁଷଙ୍କ ଜୀବନୀରେ ମଧ୍ୟ ପାଠକ ସହଜରେ ଲକ୍ଷ୍ୟ କରେ ଶରତଙ୍କ ସେଇ ନିର୍ଦ୍ଦିଷ୍ଟ ଅସ୍ତିତ୍ୱବାଦୀ । ଆଭିମୁଖ୍ୟ ଯାହା ଜଣେ ବୈଜ୍ଞାନିକକୁ ସୁହାଏ । ବୈଜ୍ଞାନିକ ରହସ୍ୟବାଦର ବିରୋଧୀ । ସେ ଅସୀମକୁ ସସୀମ, ଅସାଧାରଣକୁ ସାଧାରଣ ଭାବରେ ବିଚାର କରିବାକୁ ଚାହେଁ । ବୈଜ୍ଞାନିକ ଦୃଷ୍ଟିରେ ଅସୀମ ଅପହଞ୍ଚ ଅସାଧାରଣ ବୋଲି କିଛି ନଥାଏ । ତେଣୁ ସେ ମହାମାନବମାନଙ୍କୁ ମାନବର ହାତ ନପାଇବାର ଉଚ୍ଚତା ବା ଦୂରତାରେ ରଖି ସେମାନଙ୍କର ଜୀବନୀ ଲେଖିବାକୁ ଏକ ସାରସ୍ୱତ ମିଥ୍ୟା ବା ଛଳନା ମନେକରେ । ଏହି ନ୍ୟାୟରେ ଲେଖକ ବୁଦ୍ଧଙ୍କୁ ଭଗବାନ ଭାବେ ଉପସ୍ଥାପିତ କରିବାକୁ ପସନ୍ଦ କରି ନାହାନ୍ତି କି ସ୍ୱାମୀଜୀ, ଶିବାଜୀ ମହାରାଜଙ୍କୁ କୌଣସି ବିଭୂତି ଶକ୍ତିର ଅବତାରୀ ପୁରୁଷ ବୋଲି ପ୍ରମାଣିତ କରିବାର ପ୍ରଚେଷ୍ଟା କରିନାହାନ୍ତି । ମହାତ୍ମା ଗାନ୍ଧୀଙ୍କୁ ସେ ସେଇ କାରଣରୁ ଗାନ୍ଧୀ ମଣିଷ ଆଖ୍ୟା ଦେଇଛନ୍ତି । ମହାତ୍ମା ମାନଙ୍କୁ ମହାତ୍ମା ନକହିବା ଯୁଦ୍ଧୋତ୍ତର ବିଶ୍ୱସାହିତ୍ୟର ଅନ୍ୟତମ ଲକ୍ଷଣ । ଏହାର ଉତ୍ପତ୍ତି ସମାଜବାଦରୁ । ସମାଜବାଦରେ ଅସାଧାରଣର ସ୍ଥାନ ନଥାଏ, ସବୁ ଓ ସମସ୍ତେ ଏକ ପ୍ରକାର, ଏକ ଜାତିର, ସମସ୍ତେ ସାଧାରଣ । ଏ ଦୃଷ୍ଟିରୁ ଶରତ ଆଣ୍ଟିରୋମାଣ୍ଟିକ । ତେବେ ତାଙ୍କର ସାହିତ୍ୟିକ ଦୃଷ୍ଟି ଓ ବିଚାର ନୂଆ ମନେହୁଏ । ଅନ୍ୟ ସବୁ ସାହିତ୍ୟିକଙ୍କ ପରି ଶରତଙ୍କ ବିଚାରବୋଧର କ୍ରମବିକାଶ ହୋଇ ଆସିଥିଲା– ବିଗତ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି । ସେ ବିକାଶ ପ୍ରକ୍ରିୟା ଲକ୍ଷ୍ୟ କରିବାର ସୁଯୋଗ ମତେ ମିଳିଥିଲା ।

ଶରତଙ୍କ ସହିତ ମୋର ପ୍ରଥମ ଭେଟ ହୁଏ– ପାରଳାଖେମୁଣ୍ଡିରେ, ୧୯୫୯-୬୦ରେ । ନୂଆ ହୋଇ ଗଣିତ ବିଭାଗରେ ଅଧ୍ୟାପକ ଭାବେ ସେ ଯୋଗ ଦେଇଥାନ୍ତି ସେ ବର୍ଷ । ଚେହେରା ସୁନ୍ଦର, ଶାନ୍ତଶିଷ୍ଟ ଦିଶୁଥିବା ଯୁବକଟି ଷ୍ଟାଫ୍ କମନ୍ ରୁମ୍‌ର ହାଉହାଉ ଭିତରେ କୁଆଡ଼େ ଅଦୃଶ୍ୟ ରହିଯାଉଥାନ୍ତି । ସେତେବେଳେ ପାରଳା କଲେଜରେ ଅଧ୍ୟକ୍ଷ ପ୍ରସିଦ୍ଧ ଦର୍ଶନ ପ୍ରଫେସର ଗଣେଶ୍ୱର ମିଶ୍ର । ସେ ଉପସ୍ଥିତ ଥିଲେ କମନ୍‌ରୁମ୍ ହସଖୁସି ଓ ଯୁକ୍ତିତର୍କ ଭିତରେ ବୁଡ଼ିଯାଏ । ତାରି ଭିତରେ ଶିକ୍ଷକ ଛାତ୍ର ସୁଲଭ ଏକାଡ଼େମିକ ଯୁକ୍ତି ତର୍କ ଚାଲେ । ଏଥିରେ ବରିଷ୍ଠ କନିଷ୍ଠ ବାଛବିଚାର ରହେନା । ଅଧ୍ୟକ୍ଷ ମିଶ୍ର ମନେହୁଏ ତର୍କ ପାଇଁ ସମସ୍ତଙ୍କୁ ପ୍ରଶ୍ରୟ ଦେଉଥାନ୍ତି ।

ସେତେବେଳେ ପାରଳା କଲେଜରେ ଥାନ୍ତି କେତେଜଣ ମାର୍କାମରା ପ୍ରବୀଣ ଅଧ୍ୟାପକ । ସେମାନେ ଅଧିକାଂଶ ପାରଳାକୁ ବାଧ୍ୟ ବାଧକତାରେ ବଦଳି ହୋଇ ଆସିଥାନ୍ତି । ସେମାନଙ୍କ ଭିତରେ ଥିଲେ– ଇଂରେଜୀ ଅଧ୍ୟାପକ ବସନ୍ତ କୁମାର ଶତପଥୀ ଯେ ଓଡ଼ିଆ କ୍ଷୁଦ୍ର ଗଳ୍ପ ରଚନା କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିସାରିଥାନ୍ତି । ସେହିପରି ଇଂରେଜୀ ଅଧ୍ୟାପକ ଦୁର୍ଗା ଚରଣ କୁଅଁର । ଓଡ଼ିଆ କବିତାରେ ତାଙ୍କ ସୁନାମ ଥାଏ । ଏମାନେ ବରିଷ୍ଠ ଅଧ୍ୟାପକ । କନିଷ୍ଠଙ୍କ ଭିତରେ ଥାନ୍ତି ମହାପାତ୍ର ନୀଳମଣି ସାହୁ । ସେ ମଧ୍ୟ ଓଡ଼ିଆ ସାହିତ୍ୟରେ କୀର୍ତ୍ତିମାନ ଭାବେ ଗଣାଯାଉଥାନ୍ତି । ତାଙ୍କ ପଛକୁ ରହିଲୁଣି ସେତେବେଳକୁ ଆମେ କେତେଜଣ– ଫିଜିକ୍ସ ଅଧ୍ୟାପକ ଅମୂଲ୍ୟକୃଷ୍ଣ ମିଶ୍ର, ଓଡ଼ିଆ ବିଭାଗର କବି ବିଭୁଦତ୍ତ ମିଶ୍ର, ଇଂରେଜୀର ବିୟତକେଶ ତ୍ରିପାଠୀ ଓ କେମିଷ୍ଟ୍ରିର ମୁଁ । ଅମୂଲ୍ୟ ବାବୁ ବୈଜ୍ଞାନିକ ସାହିତ୍ୟ ଲେଖୁଥାନ୍ତି । ବିଭୂଦତ୍ତ ତ କବି, ବିୟତକେଶ ନାଟକ ମଞ୍ଚସ୍ଥ କରିବାରେ ଉତ୍ସାହ ପ୍ରକାଶ କରୁଥାନ୍ତି । ଆଉ, ମୁଁ ଶିଶୁ ସାହିତ୍ୟ ପରେ କ୍ଷୁଦ୍ର ଗଳ୍ପରେ ହାତ ଦେଉଦେଉ ନର-କିନ୍ନର ଉପନ୍ୟାସରେ ମାତଥାଏ । ଏସବୁ ଥାଏ ଭିତିରି ସାଧନା ଆମ ପ୍ରତ୍ୟେକଙ୍କର ।

କିନ୍ତୁ ସେତେବେଳେ ଆମ କଲେଜ ଅଧ୍ୟାପକଙ୍କ ପାଇଁ ଏକ ବିରାଟ ସାମାଜିକ ଆହ୍ୱାନ ଅପେକ୍ଷାରତ ଥାଏ । ତାହା ଥିଲା ପାରଳାରେ ଓଡ଼ିଆ ଭାଷାଭାଷୀ ସ୍ଥାନୀୟ ଲୋକମାନଙ୍କ ମନରେ ନିଜ ମାତୃଭାଷା ପ୍ରତି ରହିଥିବା ହୀନମନ୍ୟତାର ନିରାକରଣ । ସେ ଥିଲା ପାରଳାରେ ଲାଗିଥିବା ଭୀଷଣ ଓଡ଼ିଆ– ତେଲୁଗୁ ଦଙ୍ଗାର ଠିକ ପରବର୍ତ୍ତୀ ସମୟ । ତେଲୁଗୁମାନେ ଜୋରଦାର ପୁଲିସ ଆକ୍‌ସନରେ ଦବିଥାନ୍ତି ଟିକେ, କିନ୍ତୁ ଓଡ଼ିଆଙ୍କ ଡର ଛାଡ଼ିନଥାଏ । ଓଡ଼ିଆମାନେ



ଗରିବ । ତେଲୁଗୁମାନେ ଧନୀ କୁମୁଟି ଶ୍ରେଣୀର । ସେମାନେ ଅର୍ଥନୀତିରେ ବଳୀୟାନ ହୋଇ ଓଡ଼ିଆଙ୍କୁ ଡରେଇ ଥରେଇ ରଖିଥାନ୍ତି । ଓଡ଼ିଆମାନେ ତେଲୁଗୁରେ କଥା ହୁଅନ୍ତି । ଅଥଚ ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ ସେତେବେଳେ ବି ବଞ୍ଚିଥାନ୍ତି ଯେ ଏତେ କଷ୍ଟକର ପାରଳାକୁ ତେଲୁଗୁ ଚକ୍ରାନ୍ତରୁ ରକ୍ଷାକରି ୧୯୩୬ରେ ଓଡ଼ିଆ ପ୍ରଦେଶ ସହିତ ମିଶାଇବାକୁ ନେଇ ତାଙ୍କୁ ନେଇ କାହିଁରେ କ'ଣ ଗର୍ବ କରୁଥାନ୍ତି ସ୍ଥାନୀୟ ଲୋକେ ! ଏଇ ସ୍ଥାନୀୟ ସମସ୍ୟାରେ ପଶିବା କଲେଜ ଅଧ୍ୟାପକଙ୍କ ପାଇଁ ନିରାପଦ ନଥିଲା । କାରଣ ସେମାନେ ପ୍ରାୟ ସମସ୍ତେ କଳାପାଣିରେ ଦଣ୍ଡିତ ହେଲାପରି ମନୋଭାବ ନେଇ ପାରଳାକୁ ସରକାରୀ ଚାକିରିରେ ବଦଳି ହେଇ ଆସିଥିଲେ । ସରକାରୀ ଚାକିରିରେ ଥାଇ ପାରଳାର ରାଜନୀତିରେ କିଏ କାହିଁକି ଭଲା ପଶନ୍ତା ! କିନ୍ତୁ ସେତେବେଳକୁ ଆମେ ଦୁଇ ଜଣ ଅଧ୍ୟାପକ ଜାଣତ ବା ଅଜାଣତରେ ପାରଳାର ସାମାଜିକ ରାଜନୈତିକ ସମସ୍ୟା ସହିତ ଓତଃପ୍ରୋତଃ ଭାବେ ଜଡ଼ିତ ହୋଇ ପଡ଼ିଥାଉ । ଶରତଙ୍କ ଜୀବନର ଗତିପଥ କିପରି ଗଣିତ କ୍ଷେତ୍ରରୁ ନିରୁତା ସାହିତ୍ୟ କ୍ଷେତ୍ରକୁ ଦିଗ ମୋଡ଼ି ଆଜିର ଶରତ ମହାନ୍ତିଙ୍କ ପ୍ରତିଭାପ୍ରାପ୍ତ ହେଲା– ତାର ଚାବି ଖୋଜିଲେ ମିଳିବ ଚାଳିଶ ବର୍ଷ ତଳର ପାରଳାଖେମୁଣ୍ଡିର ସାମାଜିକ ଇତିହାସରେ । ସେଇ ବିଷୟରେ ସାମାନ୍ୟ ସୂଚନା ନଦେଲେ ଏ ଆଲୋଚନା ରହିଯିବ ଅସଂପୂର୍ଣ୍ଣ ।

୧୯୫୮ ଜାନୁଆରୀ ପହିଲା ତାରିଖରେ ମହାପାତ୍ର ନୀଳମଣି ସାହୁ ଓ ମୁଁ ଭେଟାଭେଟି ହେଲୁ ବ୍ରହ୍ମପୁରରେ ସିଭିଲ ସର୍ଜନ ଶୀତିକଣ୍ଠ ମିଶ୍ରଙ୍କ ଘରେ– ସରକାରୀ ଚାକରି ପାଇଁ ଦରକାର ପଡୁଥିବା ଡାକ୍ତରୀ ସାର୍ଟିଫିକେଟ ସଂଗ୍ରହ ଉଦ୍ଦେଶ୍ୟରେ । ସେ ଆସିଥିଲେ ଭଦ୍ରଖର ପ୍ରାଇଭେଟ କଲେଜର ଅଧ୍ୟାପକ ଚାକିରିରୁ ସରକାରୀ ଚାକିରିରେ ଯୋଗ ଦେବାକୁ ଆଉ ମୁଁ ଆସିଥିଲି ବ୍ରଜରାଜ ନଗରର ବିରଳା କମ୍ପାନୀରେ କାଗଜ କାରଖାନାର ମାସିକ ହଜାରେ ଦରମାବାଲା ଚାକିରି ସ୍ୱେଚ୍ଛାରେ ଛାଡ଼ି ପାରଳାରେ ମାସିକ ଦୁଇଶହ ଟଙ୍କିଆ ଅଧ୍ୟାପକ ଚାକିରିରେ ଯୋଗ ଦେବାକୁ । ସେଇଠି ସିଭିଲ୍ ସର୍ଜନଙ୍କ ଅଫିସରେ ଆମର ସର୍ବ ପ୍ରଥମ ଭେଟ ! ସେଇ ଥିଲା ମୋ ଜୀବନର ଗତିପଥ ପରିବର୍ତ୍ତନର ମାହେନ୍ଦ୍ର ଯୋଗ । ସେ ବିଷୟ ଏଠାରେ ଅଧିକ କହିବା ଅନାବଶ୍ୟକ । କିନ୍ତୁ ଏତିକି କହିଲେ ଯଥେଷ୍ଟ ହେବ ଯେ ଗଜପତି କଲେଜରେ ଯୋଗଦେବାର ମାସ କେତେଟା ନଯାଉଣୁ ଆମେ ଦୁଇ ଗେଜେଟେଡ଼ ଅଫିସରଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଭେଟିଲେ ବିଭିନ୍ନ ସାଂସ୍କୃତିକ ସଭା ସମିତିରେ । ସେମାନେ ପ୍ରଥମେ ପ୍ରଥମେ ଆମ କଥାକୁ କାନକୁ ନେବାକୁ ଅନିଚ୍ଛୁକ ହେଉଥିଲେ । କାରଣ ସେମାନେ ଆମକୁ କଟକିଆ ଲୋକ ବୋଲି ସ୍ୱାଭାବିକ ଭାବେ ସନ୍ଦେହ କରୁଥିଲେ । କିନ୍ତୁ ସେ ସନ୍ଦେହ ଅଚିରେ ଅପସରିଗଲା । ପରେପରେ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗରେ ପାରଳାରେ ନିୟମିତ ଭାବେ ପାଳିତ ହେଲା– ଗୋପାଳକୃଷ୍ଣ ଜୟନ୍ତୀ, ଗୋପୀନାଥ ନନ୍ଦ ଜୟନ୍ତୀ, ପ୍ରତିଷ୍ଠା ପାଇଲା ଗୋପୀନାଥ ପାଠାଗାର, ପ୍ରତିଷ୍ଠା ପାଇଲା ଉତ୍କଳମଣି ଗୋପବନ୍ଧୁଙ୍କ ନାମରେ ନାମିତ ଟାଉନହଲ୍, କଲେଜ ଭିତରେ ଆଉ ସହରରେ ଓଡ଼ିଆ ନାଟକ ଅଭିନୟରେ ନିର୍ଦ୍ଦେଶନା ସହିତ ଅଭିନୟରେ ମଧ୍ୟ ଅଂଶ ନେଲୁ ଆମେ ଅଧ୍ୟାପକମାନେ, ପୁଣି ପାରଳାର ଏକମାତ୍ର ସିନେମା ହଲ୍‌ରେ ନିୟମକଲା ଭଳି ଆବହମାନ କାଳରୁ ଚଳି ଆସୁଥିବା ତେଲୁଗୁ ସିନେମା ପ୍ରଚଳନ ପରମ୍ପରାରେ ପରିବର୍ତ୍ତନ ଆଣି ସେଠାରେ ଓଡ଼ିଆ ସିନେମା ଚଳେଇବା ଲାଗି ଓଡ଼ିଆଙ୍କ ପକ୍ଷରୁ ଦାବି ଓ ଜନ ଜାଗରଣ ସୃଷ୍ଟି କରିବା ଇତ୍ୟାଦି ବହୁ ବହୁ କାର୍ଯ୍ୟକ୍ରମ ଆସ୍ତେ ଆସ୍ତେ ଚାଲୁହେଲା ଓ ତାର ପ୍ରଭାବ ପଡ଼ିଲା । ଏସବୁର ବିଶେଷତ୍ୱ ଥିଲା– ସ୍ଥାନୀୟ ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ଗର୍ବ ଗୌରବର ସହିତ ରାଜନୈତିକ ଅଧିକାରବୋଧର ପୁନଃ ପ୍ରତିଷ୍ଠା । ଏ ସମସ୍ତ କାର୍ଯ୍ୟକ୍ରମରେ ନୀଳମଣି ବାବୁ ଓ ମୁଁ ପ୍ରତ୍ୟକ୍ଷ ଭାବେ ଆମକୁ ଜଡ଼ାଇ ଦେଲୁ । ଜାଣିବାକୁ ପାଉଥାଉ ଆମ ନାଁରେ ସି.ଆଇ.ଡି. ରିପୋର୍ଟ ସରକାରଙ୍କ ପାଖକୁ ଯାଉଥାଏ ଯେ ଆମେ ଦୁଇଜଣ ଅଧ୍ୟାପକ ସରକାରୀ ଚାକିରି ନିୟମ ନମାନି ଓଡ଼ିଆଙ୍କୁ ମତାଇ ରାଜନୈତିକ କାର୍ଯ୍ୟରେ ଲିପ୍ତ ରହିଚୁ । ତଥାପି ଆମେ ଆମ କର୍ତ୍ତବ୍ୟରୁ ଓହରି ନଥିଲୁ । ଶେଷରେ ପ୍ରାୟ ସାଢ଼େ ତିନିବର୍ଷ ରହଣି ପରେ ୧୯୬୧ ଜୁଲାଇରେ ପ୍ରଥମେ ମୋର ପରେପରେ ନୀଳମଣି ବାବୁଙ୍କ ବଦଳି ହେଲା । ମୁଁ ଆସିଲି ଭୁବନେଶ୍ୱରର ବିଜେବି କଲେଜକୁ, ନୀଳମଣି ବାବୁ ଗଲେ ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଂଜଦେଓ କଲେଜକୁ ।

ଏ ସମୟ ଭିତରେ ଶରତ ବାବୁଙ୍କର ମଧ୍ୟ ଏକ ଅଦ୍ଭୁତ ପରିବର୍ତ୍ତନ ଆମେ ଲକ୍ଷ୍ୟ କରୁଥିଲୁ । ସେ ପରିବର୍ତ୍ତନକୁ କୁହାଯାଇପାରେ ପ୍ରଜାପତିର ସଁବାଳୁଆରୁ ଖୋଷା ଭିତରକୁ ପ୍ରବେଶ ପାଇଁ ପ୍ରସ୍ତୁତି । ସେତେବେଳେ ଶରତ ଅନେକଟା ଲଜ୍ୟାଶୀଳ ଥିଲେ । ସହଜେ ସେ ବିଶେଷ ଗପସପ ହଇହଲ୍ଲାରେ ଭାଗ



ସାହସୀ ସୃଜନ-ସ୍ରଷ୍ଟା ଶରତ ମହାନ୍ତି



ନିଅନ୍ତି ନାହିଁ । କିନ୍ତୁ ସେ ଆଲୋଚନାସବୁକୁ ମନଦେଇ ଶୁଣନ୍ତି । ଧୀରେ ଧୀରେ ସେ ଆମ ସାଙ୍ଗରେ ମିଶିବା ଆରମ୍ଭ କଲେ । ପରେପରେ ସେ ମଧ୍ୟ ସାମାଜିକ କାର୍ଯ୍ୟକ୍ରମରେ ଆମ ସହିତ ସହଯୋଗ କରିବା ଆରମ୍ଭ କଲେ ଓ ସେତେବେଳେ ସାହିତ୍ୟର ଆଧୁନିକତାକୁ ନେଇ ଆମ ନୀଳମଣି ବାବୁ ଓ ମୋ ଭିତରେ ଯେତେ ସବୁ ନିଗୂଢ଼ ଚର୍ଚ୍ଚା ଚାଲୁଥିଲା ଏପରିକି ରାତିରାତି ପ୍ରବଳ ଯୁକ୍ତିତର୍କ ବାକବିତଣ୍ଡା ସବୁ ଚାଲି ଆସୁଥିଲା ସେ ସବୁ ଆସରରେମଧ୍ୟ ଜଣେ ନୀରବ ଦ୍ରଷ୍ଟା ତୃତୀୟ ବ୍ୟକ୍ତି ଭାବେ ସେ ବରାବର ଉପସ୍ଥିତ ରହୁଥିବା ଆମେ ଲକ୍ଷ୍ୟ କରି ଆସୁଥିଲୁ । ସେ ଥିଲେ ସେତେବେଳର ଗଣିତ ଅଧ୍ୟାପକ ଶରତ ମହାନ୍ତି !

ନୀଳମଣି ବାବୁଙ୍କ ବାରିପଦା ବଦଳିର କିଛି ମାସ ଆଗରୁ ଶରତଙ୍କ ବଦଳି ହୋଇଥିଲା ସେଇ ବାରିପଦାକୁ । ଶରତଙ୍କ ଖୋଷା ଫାଟିଲା ସେଇଠି- ବାରିପଦାରେ । ସେଥିପାଇଁ ପୂର୍ଣ୍ଣତଃ ଦାୟୀ ଜଣେ ବ୍ୟକ୍ତି । ସେ ହେଲେ ମହାପାତ୍ର ନୀଳମଣି ସାହୁ । ଏହାର କିଛି ବର୍ଷ ପରେ ସେମାନେ ସମସ୍ତେ ସଦଳବଳେ ଫେରିଲେ ଭୁବନେଶ୍ୱର । ସେ ଦଳରେ ଥିଲେ ନୀଳମଣି ବାବୁ ଓ ଶରତଙ୍କ ଛଡ଼ା ଆହୁରି କେତେଜଣ ଯାହାଙ୍କୁ ନେଇ ଓଡ଼ିଆ ସାହିତ୍ୟ ଏବଂ ଓଡ଼ିଶା ଗର୍ବିତ । ସେମାନେ ହେଲେ-ସର୍ବଶ୍ରୀ ଚନ୍ଦ୍ରଶେଖର ରଥ, ଜୀବନାନନ୍ଦ ପାଣି, ହୃଦାନନ୍ଦ ରାୟ ପ୍ରମୁଖ । ଏମାନେ ସମସ୍ତେ ସମୟକ୍ରମେ ଅବସ୍ଥାପିତ ହେଲେ ଭୁବନେଶ୍ୱର ବା ପୁରୀରେ, କିନ୍ତୁ ସେମାନଙ୍କର ସକ୍ରିୟ ଉପସ୍ଥିତି ଅନୁଭୂତ ହେଲା-ରାଜଧାନୀ ଭୁବନେଶ୍ୱରରେ । ସେମାନଙ୍କର କକ୍ଷ ଭିନ୍ନ ଭିନ୍ନ ହେଲେ ସୁଦ୍ଧା କେନ୍ଦ୍ରବିନ୍ଦୁ ଥିଲା ଏକ ନିର୍ଦ୍ଦିଷ୍ଟ ସ୍ଥଳରେ । ସେ ସ୍ଥଳଟି ଥିଲା- ଆମସଭିଙ୍କ ସାହିତ୍ୟିକ ପ୍ରେରଣାର ଉତ୍ସ ଗୋପୀନାଥ ମହାନ୍ତିଙ୍କ ଭୁବନେଶ୍ୱର ବାସ ଭବନ ।

ସେଇଠି ଭେଟ ହୁଏ ଆମ ସମସ୍ତଙ୍କ ସହିତ । ସେ ସମସ୍ତଙ୍କ ଭିତରେ ଥିଲେ ବାମାଚରଣ ମିତ୍ର, ଅଖିଳ ମୋହନ ପଟ୍ଟନାୟକ, କୃଷ୍ଣ ପ୍ରସାଦ ମିଶ୍ର, ସୀତାକାନ୍ତ ମହାପାତ୍ର ଓ ଆହୁରି ଅନେକ । କିନ୍ତୁ ସର୍ବ କନିଷ୍ଠ ଥିଲେ- ଶରତ ମହାନ୍ତି । ସେମାନଙ୍କ ଭିତରୁ କେତେକ ତ ବିଦାୟ ନେଇଥିଲେ ପୂର୍ବରୁ, କିନ୍ତୁ ଶରତଙ୍କ ଅକାଳ ବିୟୋଗ ଆମକୁ ଦାରୁଣ ଆଘାତ ଦେଲା ।

ତେବେ, ଶରତଙ୍କର ପ୍ରତିଭାର ପୂର୍ଣ୍ଣ ବିକାଶ ଘଟିବାର ସୁଯୋଗ ଆସିଥିଲା- ସେ ବାରିପଦାରୁ ବଦଳି ହେଇ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ଅବସ୍ଥାପିତ ହେବା ପରେ । ତାଙ୍କର ପୁରୀ ରହଣି ପର୍ଯ୍ୟନ୍ତ ସେ ଥିଲେ ଅବିବାହିତ । ସେ ସମୟରେ ମୁଁ ଥରେ ସପରିବାରେ ତାଙ୍କ ବସାଘରେ ଅତିଥି ହେବାର ମନେପଡ଼େ । ଘରେ ତାଙ୍କର ମା ବାପା ରହୁଥାନ୍ତି । ସେମାନେ ଆମର ଏଭଳି ଆନ୍ତରିକତା ସହିତ ଅତିଥି ଚର୍ଚ୍ଚା କଲେ ଯାହା ଚିରକାଳ ପାଇଁ ଆମ ଦୁଇ ପରିବାରକୁ ସ୍ନେହ ଡୋରିରେ ବାନ୍ଧିଦେଲା । ପରେ ଶରତ କଟକ ରେଭେନ୍ସା କଲେଜକୁ ବଦଳି ହୋଇ ଆସିଲେ । ସେତେବେଳକୁ ସେ ବିବାହିତ । ତାଙ୍କ କଟକ ବସା ଘରକୁ ନୀଳମଣି ବାବୁ ଓ ମୁଁ ମଝିରେ ମଝିରେ ଯାଉ ସାହିତ୍ୟ ଚର୍ଚ୍ଚା ବ୍ୟତୀତ ଅନ୍ୟ ଏକ ଲୋଭରେ । ସେ ଲୋଭଟି ହେଲା- ସଙ୍ଗୀତ ! ଶରତ ଅତ୍ୟନ୍ତ ସଙ୍ଗୀତ ପ୍ରିୟ ବୋଲି ଆମେ ସେତିକିବେଳେ ଆବିଷ୍କାର କଲୁ । ସେତେବେଳେ କଟକର କଲେଜ ଛକ ପାଖରେ ଏକ ଗ୍ରାମୋଫୋନ ରେକର୍ଡ଼ ବିକ୍ରୀ ଦୋକାନ ଥିଲା- ନାଁ ତାର ଶିବ୍‌ଜୀ । ସେ ଦୋକାନରେ ହିନ୍ଦୀ, ଓଡ଼ିଆ, ବଙ୍ଗଳାର ବଛାବଛା ଗ୍ରାମୋଫୋନ ରେକର୍ଡ଼ କିଣିବାକୁ ମିଳୁଥିଲା । ଶରତ ଏ ଦୋକାନର ଜଣେ ଲାଗୁଆ ଗରାଖ । ଉପରୋକ୍ତ ତିନି ଭାଷାର ଯେତେଯେତେ ନୂଆ ରେକର୍ଡ଼ ଶିବ୍‌ଜୀ ଦୋକାନକୁ ଆସେ ତାର ନମୁନା ସଂଗ୍ରହ କରିନିଅନ୍ତି ସେ । ତା ପରେ ନିମନ୍ତ୍ରଣ ଆସେ ଆମ ପାଖକୁ- ଆସନ୍ତୁ । ଆସିଗଲା ଆପଣମାନଙ୍କ ପାଇଁ ନୂଆ ରେକର୍ଡ଼ ! ସୁନନ୍ଦା ପଟ୍ଟନାୟକ ଶୁଣିବେ କହୁଥିଲେ ନା ? ଆସିଗଲା । ଆହୁରି କହୁଥିଲେ ପରା ସନ୍ଧ୍ୟା ମୁଖାର୍ଜୀ ଶୁଣିବାକୁ ? ଆସନ୍ତୁ ଆଜି ରବିବାର ଦିପହରଟା ଏଇଠି କଟୁ ଆପଣମାନଙ୍କର... ।

ବହୁ ରବିବାର ଓ ଛୁଟିଦିନ ଆମ ତିନିଜଣଙ୍କର କଟିଚି ଶରତଙ୍କ ଘରେ । ଖାଲି ସଙ୍ଗୀତ ନୁହେଁ- ତା ସହିତ ଚାଲେ ସାହିତ୍ୟ ଚର୍ଚ୍ଚା । ଖାଲି ସାହିତ୍ୟ ନୁହେଁ- ଦର୍ଶନ, ବିଜ୍ଞାନ, ସମାଜ ବିଜ୍ଞାନ, ଇତିହାସ, ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ଜ୍ୟୋତିର୍ବିଜ୍ଞାନ ଇତ୍ୟାଦି ଇତ୍ୟାଦି ସବୁ ତତ୍ତ୍ୱ ଓ ସବୁ ବିଜ୍ଞାନର ସର୍ବାଧୁନିକ ଜ୍ଞାନ ସମ୍ପର୍କରେ ସେତେବେଳେ ଯେତେଯେତେ ନୂଆ ବହି କନିକା ଲାଇବ୍ରେରୀକୁ ଆସୁଥିଲା, ସେ ସବୁ ବିଷୟରେ ପ୍ରଥମେ ଖବର ମିଳୁଥିଲା ସେଇଠି ଶରତ ବାବୁଙ୍କ ଘର ଆଲୋଚନାଚକ୍ରରେ । ପରବର୍ତ୍ତୀ କାଳରେ ଶରତ ଯେ ସେ ସବୁକୁ ନେଇ ଜ୍ଞାନଭିତ୍ତିକ ପ୍ରବନ୍ଧ ଲେଖିବେ ଏହା ବେଶ୍ ବୁଝା ପଡୁଥିଲା ଆମକୁ ସେତେବେଳେ । ତାହାହିଁ କାର୍ଯ୍ୟତଃ ଫଳିଥିଲା ତାଙ୍କ ଜୀବନ କାଳ ମଧ୍ୟରେ । ତେବେ ତାଙ୍କର ଅନେକ ଲେଖାର ପରିକଳ୍ପନା ଶେଷ ପର୍ଯ୍ୟନ୍ତ ରହିଗଲା ଅପୂର୍ଣ୍ଣ । ପରେ ଶରତ ବଦଳି ହେଲେ ଭୁବନେଶ୍ୱର । ସେତେବେଳେ ସେ ସପରିବାରେ ରହିଲେ ୟୁନିଟ୍-୨ ରେ ଶିବ ମନ୍ଦିର ନିକଟ ୨୫ ନମ୍ବର ଟାଇପ ୪-ଆର୍ ସରକାରୀ କ୍ୱାର୍ଟରସ୍‌ରେ । ଏ ଘରେ ରହିଲେ ବହୁ ବର୍ଷ । ଏଥିଲା ନୀଳମଣି ବାବୁ ଓ ମୋ ପାଇଁ ନିଜର ଘର ଭଳି ଯୋଉଠି ଆମ ପାଇଁ କୌଣସି ବାରଣ ନଥିଲା । ଯେତେବେଳେ ଫୁରସତ ମିଳୁଥିଲା ଆମ ତିନି ପରିବାର ଏକାଠି ହେଉଥିଲେ ଏ ଘରେ । କେତେଯେ ସକାଳ ସନ୍ଧ୍ୟା କଟିଚି ସେ ଘର ଡ୍ରଇଂରୁମ୍ ଓ ବାରଣ୍ଡାରେ, ଘମାଘୋଟ ଆଲୋଚନା ଚକ୍ରରେ ମଜଗୁଲ ଅବସ୍ଥାରେ ତାର କୌଣସି ହିସାବ ମିଳିବ ନାହିଁ ଆଜି । ଆମେ ତିନିଜଣ କ୍ରମଶଃ ଏକାତ୍ମ ହୋଇ ଉଠିଲୁ ଓ ସେଥିପାଇଁ ଅନେକଙ୍କ ଈର୍ଷାର ପାତ୍ର ମଧ୍ୟ ହେଲୁ । ଈର୍ଷାର କାରଣ ଥିଲା- ଯେଉଁମାନେ ସାହିତ୍ୟ ବିଚାରରେ ଜାତିଆଣବାଦକୁ ପ୍ରାଧାନ୍ୟ ଦେବା ମତଲବରେ ଶରତକୁ ଆମ ଠାରୁ ଅଲଗା କରିବାକୁ ଚାହୁଁଥିଲେ ସେମାନେ ଶତ ଚେଷ୍ଟା ସତ୍ତ୍ୱେ ବିଫଳ ହେଲେ । ଶରତ ଆମ ପ୍ରତି ସର୍ବଦା ଅନୁରକ୍ତ ରହିଲେ ଶେଷ ପର୍ଯ୍ୟନ୍ତ । ସେଥିପାଇଁ ତାଙ୍କୁ ମଧ୍ୟ କମ ହଇରାଣ ହେବାକୁ ପଡ଼ିନଥିଲା, ଉଭୟ ସାହିତ୍ୟ ଓ ଚାକିରି କ୍ଷେତ୍ରରେ ।

ସମୟକ୍ରମେ ପାରିବାରିକ ବନ୍ଧୁତା ଦୃଷ୍ଟିରୁ ଶରତଙ୍କ ସହିତ ମୋ ସମ୍ପର୍କ ଏତେ ନିବିଡ଼ ହୋଇଉଠିଲା ଯେ ଏକ ସମୟରେ ମୁଁ ମୋ ସବା ସାନ ଝିଅ ଜୁଲିକୁ ଶରତ ଓ ତାଙ୍କ ପତ୍ନୀ ଲିଲିଙ୍କୁ ପାଳିତା କନ୍ୟାରୂପେ ଅର୍ପଣ କରିଦେବାକୁ ମନସ୍ଥିର କରିନେଇଥିଲି । ବର୍ତ୍ତମାନ ସେ କଥା ଭାବିଲେ ଆମେ ପତିପତ୍ନୀ ଆଶ୍ଚର୍ଯ୍ୟ ହେଉ- ଦୁଃଖିତ ହେଉ । ଅପତ୍ୟ ପ୍ରାପ୍ତି ଦୃଷ୍ଟିରୁ ଶରତ ଓ ଲିଲି ଥିଲେ ଅପୂର୍ଣ୍ଣ । ଅବଶ୍ୟ ସେ ଅପୂର୍ଣ୍ଣତାକୁ ପୂରଣ କରିଥିଲା- ମାମିନା । କେବଳ ପୂରଣ ନୁହେଁ- ମାମିନାର ଅସାମାନ୍ୟ ପ୍ରତିଭାକୁ ନେଇ ସିଦ୍ଧିକୁ ନେଇ ସେମାନେ ଅତ୍ୟନ୍ତ ସନ୍ତୁଷ୍ଟ ଏବଂ ଗର୍ବିତ ବୋଲି ଶରତ ମତେ ଏକାଧିକ ଥର ସୂଚନା ଦେଇଥିଲେ । ଆମ ଝିଅ ଜୁଲି ବଦଳରେ ମାମିନାକୁ ତାଙ୍କ ଘରେ ଦେଖି ଆମେ ମାମିନାକୁ ବାଲ୍ୟକାଳରୁ ନିଜ ଝିଅ ଭଳି ଭଲ ପାଇ ଆସିଚୁ । ଆମର ପାରିବାରିକୁ ସୁସମ୍ପର୍କର ନିବିଡ଼ତା ହେତୁ ଶରତ ମୋ ପତ୍ନୀ ନିରୂପମାଙ୍କୁ ବଡ଼ ଭଉଣୀ ଜ୍ଞାନରେ ନାନୀ ସମ୍ବୋଧନ କରନ୍ତି ।

ଶରତ ସହିତ ଆମର ଅନ୍ୟ ପ୍ରକାର ସମ୍ପର୍କ ଆହୁରି ଘନିଷ୍ଠ ହେଲା- ଅଗ୍ରଦୂତ ପ୍ରକାଶନୀ ପ୍ରତିଷ୍ଠା ପରେ । ମୋର ବୃହତ ଉପନ୍ୟାସ 'ଶକୁନ୍ତଳା' ପ୍ରକାଶ କରିଥିଲେ- ଅଗ୍ରଦୂତ, ୧୯୮୦ରେ, ସବା ପ୍ରଥମେ । ନିରୂପମାଙ୍କ କେତେଖଣ୍ଡ ଶିଶୁ ସାହିତ୍ୟ ଓ ଲୋକକଥା ମଧ୍ୟ ପ୍ରକାଶ ପାଇଛି ଏହି ପ୍ରକାଶନ ସଂସ୍ଥା ଦ୍ୱାରା । କ୍ରମଶଃ ଅଗ୍ରଦୂତ ଏକ ବୃହତ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରକାଶକ ଭାବେ ଉଭା ହେଇଛି ବର୍ତ୍ତମାନ ସାରା ରାଜ୍ୟରେ । ଏତେ ଅଳ୍ପ ସମୟ ଭିତରେ ଗୋଟିଏ ନୂଆ ପ୍ରକାଶନ ସଂସ୍ଥା ଭାବେ ଅଗ୍ରଦୂତ ସିଦ୍ଧି ସମ୍ଭବ ହୋଇପାରିଚି କେବଳ ଶରତଙ୍କ ଭଦ୍ର ବ୍ୟବହାର, ପରିଚାଳନା କୌଶଳ ଓ ସର୍ବୋପରି ତାଙ୍କର ଭବ୍ୟ ଭାବ ମୂର୍ତ୍ତିର ଆକର୍ଷଣ ଯୋଗେ ।

କିନ୍ତୁ ହାୟ ! ଆଜିର ଓଡ଼ିଆ ଭାଷା ସାହିତ୍ୟର ଘଡ଼ିସନ୍ଧି ସମୟରେ ଯେତେବେଳେ ତାଙ୍କର ସକ୍ରିୟ ଯୋଗଦାନକୁ ଓଡ଼ିଆ ଜାତି ସର୍ବାଧିକ ଆଶାୟୀ ହୋଇ ଚାହିଁ ରହିଥିଲା ଠିକ୍ ସେତିକିବେଳେ ଅକାଳ ବଜ୍ରପାତ ହେଲା । ସମ୍ବାଦ ରଚିଲା ଓଡ଼ିଶାର ସାରସ୍ୱତ ଆକାଶରୁ ଉଜ୍ଜ୍ୱଳତମ ତାରକାଟି କେଉଁ ଆଡ଼େ ଅଦୃଶ୍ୟ ହୋଇଗଲା !




# ଭାଗୀରଥୀଙ୍କ ଭୂଗୋଳ



# ଭିନ୍ନ ମଣିଷ

# ଭାଗୀରଥୀ ଦାସ



**ଡକ୍ଟର ସନ୍ତୋଷ କୁମାର ସାମଲ**

ଫଟୋ ସୌଜନ୍ୟ : ଲେଖକ

**ଅଧାପାଠୋଇ ଝିଅମାନଙ୍କ ତୁଣ୍ଡରେ ଥାଏ ଓଡ଼ିଆ ଭାଷା, ଓଡ଼ିଆ କଥା, ଓଡ଼ିଆ ସଂସ୍କୃତି, ଓଡ଼ିଆ ଘରର କାହାଣୀ, ଓଡ଼ିଶାର ସୁଖଦୁଃଖ, ସାହସ, ପରାକ୍ରମ ସହିତ ପୁରାଣ, ମହାଭାରତ, ରାମାୟଣ ଓ ଭାଗବତ । ସେଇଠି ଥାଏ ମଧ ଗଦା ଗଦା ଉପନ୍ୟାସ । ସେ ସବୁର ସ୍ରଷ୍ଟା ହେଲେ ଭାଗୀରଥୀ ଦାସ । ବହୁ ଉପନ୍ୟାସ ରଚନା କରିଥିଲେ ମଧ ତାଙ୍କୁ ମିଳିନାହିଁ ଔପନ୍ୟାସିକର ମର୍ଯ୍ୟାଦା ।**

୧୯୬୦ ରୁ ୨୦୦୦ : ପୁରୁଣା ଓ ନୂଆ ମିଶି ଏକ ଚମତ୍କାର କାଳଖଣ୍ଡ । ଦାସକାଠିଆ ଥିଲା, ଥିଲା ବି ଚାର୍ଲି ଚାପ୍‌ଲିନ୍ । ୧୯୬୫ ମସିହା ବେଳକୁ ଗାଁଗଣ୍ଡାରେ କିଛି ସ୍କୁଲ୍ ହେଲାଣି । ଆଠଦଶ ଖଣ୍ଡ ଗାଁକୁ ନେଇ ଗୋଟେ ହାଇସ୍କୁଲ୍ ହେଲାଣି, କିଛି କିଛି କଲେଜ୍ ଗଢ଼ି ଉଠିଲାଣି । ଅବଶ୍ୟ ଏହା ଉପକୂଳ ଅଞ୍ଚଳରେ । ଓଡ଼ିଶାର ଷାଠିଏ ଭାଗ ବଣ ପର୍ବତ ଘେରା ଆଦିବାସୀ ଅଞ୍ଚଳ କଥା କହିବାନି ।

ସେବେଳେ ପ୍ରତ୍ୟେକ ଗାଁର କିଛି କିଛି ପିଲା ପାଠ ପଢୁଥିବେ, ଅଧିକାଂଶ ଅଧାପାଠରୁ ଆସି ଡ୍ରାମା, ରାମଲୀଳା, ପୂଜାପାର୍ବଣରେ ମାତି ଚାଷ କରିବାକୁ ଯୋଗ୍ୟ ହୋଇଯିବେ । ହାତଗଣତି କେଇଜଣ ମାଇନର ଡେଇଁ ମାଟ୍ରିକ୍, ସେଥିରେ ଜଣେ ଦି'ଜଣ କଲେଜ୍ ଯିବେ ।

ଅଧିକାଂଶ ଗାଁରେ ଝିଅମାନେ ଅକ୍ଷର ଶିଖିଥିବେ । ପୁରାଣ ପଢ଼ି ଜାଣିଥିବେ । ଆମର ଆଦୌ ପଢ଼ିନଥିବା ବାପାମାନେ ମାଇନର୍ ଫେଲ୍ କହି ଝିଅକୁ ବାହା ଦେଉଥିବେ । ପ୍ରାୟତଃ ସତୁରି ଭାଗ ଝିଅ ଏମିତି ଅଧାପାଠୋଇ ହେଇ ସ୍କୁଲ୍‌ରୁ ଆସି, ମା'କୁ ରୋଷେଇରେ ସାହାଯ୍ୟ କରିବେ, ରୋଷେଇବାସ, ପିଠାପଣା ଶିଖି ବାହା ହେବା ପାଇଁ ଯୋଗ୍ୟ ହେବେ । ବାହା ହେଇ ଶାଶୁଘରକୁ ଗଲା ବେଳେ ସାଙ୍ଗରେ ନିଶ୍ଚୟ ନେବେ ଗୋଟେ ବହିଟ୍ରଙ୍କ୍ । ସେଥିରେ ଥିବ ପୁରାଣ, ଭାଗବତ ଆଉ ଗୁଡ଼ାଏ ଉପନ୍ୟାସ । ଯାହାର ଯେତେ ଉପନ୍ୟାସ ସେ ସେତେ ପାଠୁଆ । ସେଇ ଝିଅମାନଙ୍କ ଟ୍ରଙ୍କ୍ ଭିତରେ, ତକିଆ ତଳେ, ନିକାଞ୍ଚନ ଖରାବେଳେ, ପାଖରେ ଥିବ ଭାଗୀରଥୀ ଦାସଙ୍କ 'ଦାରୁଣ ଦଇବ' ନହେଲେ 'ଭାଇ ନୁହେଁ ଭଗବାନ' ଅଥବା 'ପରଝିଅ ଘର ଭାଙ୍ଗେନା' ।

ଓଡ଼ିଶାର ଅଧିକାଂଶ ଘରସଂସାର ଥିବ, ପରିବାର ଥିବ, ଏମିତି ଏକା ପରି । ସେଥିରୁ ପାଞ୍ଚଭାଗ ଥିବେ ବହୁତ ବଡ଼ । ଆଉ ତିରିଶ୍ ଚାଳିଶ ଭାଗ ଘର ମାନଙ୍କର କିଛିନଥିବ । ଖାଇଲେ, ଶୋଇଲେ, ମଲେ ବାସ୍ । ଅଧାପାଠୋଇ ଝିଅମାନେ ପାଠପଢ଼ି ଘରେ ରହି ବିବାହକୁ ଅପେକ୍ଷା କରିବା ବେଳେ ହାତରେ ପ୍ରଚୁର ସମୟ, ଭାଗୀରଥୀ ଦାସ ସେମାନଙ୍କ ହାତରେ ଖଞ୍ଜିଦେବେ କର୍ତ୍ତବ୍ୟ, ଛାତିରେ ବୁଣିଦେବେ ସପନ । ଚାରିପାଖରେ ସୁଖଦୁଃଖ, ହସଲୁହ, ବିଦ୍ରୋହ, ଶତ୍ରୁତା, ଉତ୍ସବ ଥିବ ।

ଏଇ ଅଧାପାଠୋଇ ଝିଅମାନଙ୍କ ତୁଣ୍ଡରେ ଥିବ ଓଡ଼ିଆ ଭାଷା, ଓଡ଼ିଆ କଥା, ଓଡ଼ିଆ ସଂସ୍କୃତି, ଓଡ଼ିଆ ଘରର କାହାଣୀ, ଓଡ଼ିଶାର ସୁଖ, ଦୁଃଖ, ସାହସ, ପରାକ୍ରମ ସହିତ ପୁରାଣ, ମହାଭାରତ, ରାମାୟଣ, ଭାଗବତ । ସେଇଠି ଥିବେ ଭାଗୀରଥୀ ଦାସ ତାଙ୍କ ଉପନ୍ୟାସ ଧରି । ମୋ ବଡ଼ଭଉଣୀ ମାଟ୍ରିକ୍ ଫେଲ୍ ହେଇ ଘରେ ରହିବା ବେଳକୁ ଭାଗୀରଥୀ ଦାସ ଆମ ଘର ଭିତରକୁ ପଶିଲେ । ବଳରାମ ନାଥ ଓରଫ୍ ବଳିଆ ଯୋଗୀ ଗୋଟେ ବେତ ପାଛିଆରେ ବହି ମୁଣ୍ଡେଇ ଗାଁ ଗାଁ ବୁଲି ବିକ୍ରି କରେ । ବୋଉ ତାଠୁ ପଦ୍ମପୁରାଣ, ଦାର୍ଢ୍ୟତା ଭକ୍ତି, ବିଶ୍ୱନାଥ ଖୁଣ୍ଟିଆ ଓ ସଦାଶିବ ଦାସ ରାମାୟଣ କିଣେ । ସେଇଠି ମୋ ବଡ଼ ଭଉଣୀ ଭାଗୀରଥୀ ଦାସଙ୍କ ଉପନ୍ୟାସ 'ମୁଠାଏ ମମତା', 'ଜୀବନେ ଜଞ୍ଜାଳ କେତେ, 'ଏମିତି ଭାଇ ସଂସାରେ ନାହିଁ'- ଏମିତି କେତେ କ'ଣ କିଣେ, ପଢ଼େ, ମୁଁ ବି ପଢ଼େ । ଉପନ୍ୟାସ ପଢ଼ିଲେ ପିଲାମାନେ ଖରାପ ହେଇଯାନ୍ତି ବୋଲି ସେଇବେଳେ ଯଦିଓ ଏକ ଧାରଣା ଥାଏ, କିନ୍ତୁ ଆମ ଘରେ ନଥାଏ ।

ଉପନ୍ୟାସର କାହାଣୀ ସହିତ ମୋ ଅପା, କାନ୍ଦୁଥାଏ, ହସୁଥାଏ, ଲାଜେଇ ଯାଉଥାଏ । ଗଢୁଥାଏ ତା'ର ସ୍ୱପ୍ନର ସଂସାର ।

ଖାଲି ମୋ ଅପା ନୁହେଁ, ସେଇବେଳେ ଓଡ଼ିଶାର ସବୁ ଅଧାପାଠୋଇ, ପାଠୋଇ ଝିଅମାନଙ୍କ ହାତରେ ଥାଏ ଉପନ୍ୟାସ । ଏଇମାନେ ହିଁ ହଜାର ହଜାର ବିଭିନ୍ନ ଲେଖକଙ୍କ ଉପନ୍ୟାସ ପଢ଼ିଥିଲେ । ତାଙ୍କ ପାଖରୁ ଆମେମାନେ । ମାତୃଭାଷାର ଦାୟିତ୍ୱ, ସୁରକ୍ଷା, ଇତିହାସ ସହିତ ଓଡ଼ିଶାର ସଂସ୍କୃତିକୁ ଏଇମାନେ ବଞ୍ଚାଇଥିଲେ ।

ଝିଅ, ଭଉଣୀ, ପ୍ରେମିକା, ସ୍ତ୍ରୀ, ଭାଉଜ, ଖୁଡ଼ି, ମାଇଁ, ମା' କେତେ କ'ଣ ରୂପରେ ଏଇମାନେ ହିଁ ଛିଡ଼ାହେଇ କହୁଥିଲେ ନିଛକ ଓଡ଼ିଆ ।

ଏବେ ଲକ୍ଷ୍ୟ କଲେ ଦିଶେ, ଯେଉଁମାନେ ମାତୃଭାଷାର ରକ୍ଷା ପାଇଁ ବିଭିନ୍ନ ମଞ୍ଚ ସଜାଡୁଛନ୍ତି, ଭାଷଣ ଦେଉଛନ୍ତି, ସେମାନଙ୍କ ପିଲାମାନେ ଓଡ଼ିଆ ପଢ଼ନ୍ତି ନାହିଁ ।












ସେମାନଙ୍କ ସ୍ତ୍ରୀ କୌଣସି ଉପନ୍ୟାସ ପଢ଼ିନଥାଏ, ଏପରିକି ତା'ର କୋର୍ସରେ ଥିବା ଉପନ୍ୟାସ ବି ଭଲଭାବରେ ପଢ଼ିନଥାଏ ଓ କମ୍ ନମ୍ବର ରଖିଥାଏ । ମାତୃଭାଷାରେ ନମ୍ବର କୌଣସି କାମରେ ଲାଗେ ନାହିଁ । ଅବଶ୍ୟ ଏଠି ତାର କୌଣସି ଆବଶ୍ୟକତା ନାହିଁ । ମୁଁ ଜାଣିଚି ସେମାନଙ୍କ ତୁଣ୍ଡରେ, ଭାଷଣରେ, ମଞ୍ଚ ସଜାଡ଼ିବାରେ, ଭାଷା ବଞ୍ଚେ ନାଇଁ ବରଂ ଏଇ ସତୁରି ଭାଗ ଅଧାପାଠୋଇ, ଅଧାପାଠୁଆଙ୍କ ତୁଣ୍ଡରେ କଥାରେ, ଚିନ୍ତା ଚେତନାରେ, ସ୍ୱପ୍ନରେ, ସଂସାରରେ ବଞ୍ଚେ । ତେଣୁ ମଞ୍ଚ ବାନ୍ଧି ହାୟ ହାୟ କରୁଥିବା ଲୋକଟି ମରିଗଲେ ଆମର କି ଯାଏ ? ଯୋଉଦିନ ଜାଣିଲି ସେଇ ସମୟର ସେଇ ପ୍ରଚାରିତ ପ୍ରସାରିତ ଔପନ୍ୟାସିକ ଭାଗୀରଥୀ ଦାସ ୧୯୬୯ ରୁ ୧୯୯୮ ମସିହା ଭିତରେ ଲେଖିଛନ୍ତି ପ୍ରାୟତଃ ୫୦୦ଖଣ୍ଡ ଉପନ୍ୟାସ, ୨୫ ଖଣ୍ଡ ନାଟକ, ୧୫ଖଣ୍ଡ ଗପବହି, ସେଦିନ ମୋ ପାଦତଳର ମାଟି ଧସିଗଲା ପରି ଲାଗିଲା ।

ଜଗତସିଂହପୁର ଜିଲ୍ଲା କାର୍ଯ୍ୟାଳୟ ଠୁ ଦୁଇ କିଲୋମିଟର ପାଟେଣୀ ଗାଁରେ ଔପନ୍ୟାସିକ ଭାଗୀରଥୀ ଦାସଙ୍କ ଜନ୍ମ । ଯେତିକି ପାଠ ପଢ଼ିଲେ ଖଣ୍ଡେ ଚାକିରି କରିହବ ସେତିକି ପାଠ ପଢ଼ି ୧୯୬୨ ମସିହାରେ ସେ ଗ୍ରାମ କୃଷି କ୍ଷେତ୍ର ପରିଦର୍ଶକ ଭାବେ ରଘୁନାଥପୁର ବ୍ଲକ୍‌ରେ ଯୋଗ ଦେଲେ । ୧୯୬୯ ମସିହାରେ ସରସ୍ୱତୀ ବିଦ୍ୟାଭଣ୍ଡାର କଟକ ଦ୍ୱାରା ପ୍ରକାଶିତ ହେଲା ତାଙ୍କର ପ୍ରଥମ ଉପନ୍ୟାସ 'ଦାରୁଣ ଦଇବ' । ତାପରେ ସେ ପଛକୁ ଫେରି ଚାହିଁନାହାନ୍ତି । ଦୁଇଝିଅ, ପୁଅ, ସ୍ତ୍ରୀ, ଘର ସଂସାର ସମ୍ଭାଳି ଚାକିରି ସହିତ ଜଣେ ନିରବଚ୍ଛିନ୍ନ ଲେଖକ ଭାବରେ ଚିର ସ୍ରୋତସ୍ୱିନୀ ତାଙ୍କ ସୃଜନ । ଅନେକ ଅପମାନ, ଲାଞ୍ଛନା, ଘୃଣା ପ୍ରକାଶକମାନଙ୍କ ହତାଦରକୁ ବେଖାତିର କରି, ସେ ଲେଖି ଚାଲିଲେ ଗୋଟିଏ ପରେ ଗୋଟିଏ ଉପନ୍ୟାସ । 'ନାୟିକା ଆମ ସମୟର', 'ଭାଇ ନୁହେଁ ଭଗବାନ', 'କାହିଁକି ଆସିଛୁ ମନ', 'ହେ ନାରୀ ମୋର ନମସ୍ୟା', 'ଯୌତୁକ ଯନ୍ତ୍ରଣା', 'ଚାକର ମଣିଷ ନୁହେଁ କି' ଇତ୍ୟାଦି ଅଜସ୍ର ଉପନ୍ୟାସ ।

ଯାହା ଓଡ଼ିଆର ଘରେଘରେ ସାଇତା ହୋଇ ରହିଲା । ଯୋଉ ଉପନ୍ୟାସମାନଙ୍କରେ ଓଡ଼ିଆ ଘର, ସଂସାର, ସୁଖ ଦୁଃଖ, ପ୍ରେମ, ବିଦ୍ରୋହ, ସଂସ୍କୃତି, ଇତିହାସ ଭାଗ୍ୟ ହେଇ ଝୁଲିଲା ।

ଅତି ସାଧାରଣ ଶବ୍ଦ, ଗାଁର ଭାଷା, ଓଡ଼ିଶା ଗାଁମାନଙ୍କର ଗୋଟି ଗୋଟି କଥା କାହାଣୀ, ପ୍ରେମ ଶତ୍ରୁତା ଆଃ କି ନିରାଡ଼ମ୍ବର ଭାବେ କୁହାଯାଇପାରେ କଥା ।

ସେସବୁ ଉପନ୍ୟାସରେ ଆମ ବଦଳିବା ସମୟର କଥା, ବିବେକ ଚେତନା ଓ ମଣିଷପଣିଆର ଅବକ୍ଷୟ, ଆଧୁନିକତାର ପ୍ରବଞ୍ଚନା, ଶବ୍ଦ ନକରି ବହି ଯାଉଥିବା ଝରଣା ଭଳି ଭାଗୀରଥୀ ଦାସ କହି ଚାଲିଲେ ଅନବରତ ।

'ନାରୀ, ନିଆଁ, ନଦୀ', 'କାହିଁକି ଆସିଛ ମନ', 'ମୁଠାଏ ମମତା', 'ଚାକର ମଣିଷ ନୁହେଁକି', 'ଧିକ୍ ଏ ଜୀବନ', 'ତୋତେ ମୁଁ ବେଦିରେ ବସାଇ ଦେବି ନାହିଁ', 'ଝିଅଟି ମୋର ବୋଲକର', 'ରକ୍ତରେ ଲାଗିଚି ନିଆଁ', 'ଫେରି ଆସ ପତି ପାପ ପଥର' ଇତ୍ୟାଦି ଉପନ୍ୟାସ ଆମଘର, ଆମ ପରିବାରର କଥା କହିଲା, ସେଥିରେ କିଛି ବିରାଟ ଦର୍ଶନ ନଥିଲା ଥିଲା ଯେତିକି ବାସ୍ତବ ସେତିକି ଆପଣାର । ନିଛକ ଓଡ଼ିଆ ଘରର ଅନ୍ତରଙ୍ଗ କଥା ।

୧୯୮୫ ମସିହାରେ ଭାଗୀରଥୀ ଦାସଙ୍କ ଉପନ୍ୟାସକୁ ନେଇ ତିଆରି ହେଲା ଓଡ଼ିଆ ଚଳଚ୍ଚିତ୍ର 'ପରଝିଅ ଘର ଭାଙ୍ଗେନା' । ପାରିବାରିକ ଚଳଚ୍ଚିତ୍ର ଭାବେ ଦର୍ଶକମାନଙ୍କ ଦ୍ୱାରା ବେଶ୍ ଆଦୃତ ଓ ପ୍ରଶଂସିତ ହେଲା । ସିନେମାରେ କାହାଣୀ ଗଢ଼ିଥିବା ଲୋକଟି ଅଭିନୟରୁ ପଛରେ ପଡ଼ିଗଲା । ସେ ସମୟ ଥିଲା କେତେ ଅଲଗା ?

ସେବେଳେ ଗାଁର ବାର୍ଷିକ ଉତ୍ସବ, ରଜ, କୁଆଁର ପୁନେଇ, ଦଶହରା, ଦୋଳମେଳଣ ବା ଚଇତି ପୁନେଇକୁ ଅପେରା ହେବ ନହେଲେ ଡ୍ରାମା । ଗାଁର ଯୋଉ ଡ୍ରାମା ତାହା ଅପେରା ମଡ଼େଲ୍‌ର, ଓପନ୍ ପେଣ୍ଡାଲ୍ । ଖୁବ୍ କମ୍ ଗାଁରେ ସ୍କ୍ରିନ ଟଣା ଡ୍ରାମା ହୁଏ ।

ଡ୍ରାମା ବି ସେମିତି ହୁଏନି, ଜଣେ ଦି'ଜଣ ସ୍ୱତନ୍ତ୍ର ଭାବେ ବିଭିନ୍ନ ନାଟ୍ୟକାରଙ୍କ




ନାଟକ ବହି ବାଛିବେ, ଅଲଗା ଗାଁ ଲୋକମାନେ କଟକ ଆସନ୍ତି । ଆମ ଗାଁ ପାଖରେ ବୁଢ଼ାପିର, ପିର ଠାକୁର । ପ୍ରତ୍ୟେକ ଗୁରୁବାର ପିରଠାକୁରଙ୍କ ପାଖରେ ବଜାର ବସେ । ତିନି ତିନିଟା ବହି ଦୋକାନ । ବଳିଆ ଯୋଗୀ, କୁଳିଆଯୋଗୀ ଓ ବିପିନା ତାଙ୍କ ବହି ପାଲ ମେଲେଇ ଦିଅନ୍ତି । ଆଖପାଖ ୫୦/୧୦୦ଖଣ୍ଡ ଗାଁରେ ଡ୍ରାମା ପିଲା ବୁଢ଼ାପିରଙ୍କ ପାଖକୁ ବହି ବାଛିବାକୁ ଯାଆନ୍ତି । ସେତେବେଳେ ଆଜିକାଲିକା ପରି ମହୋତ୍ସବ (ମହୋତ୍ସବ), ମେଲୋଡ଼ି କି ରେକର୍ଡ଼ ଡ୍ୟାନ୍ସ ନଥିଲା । ଡ୍ରାମା ଥିଲା ସମସ୍ତଙ୍କ ପାଇଁ ସବୁଠୁ ଭଲ ମନୋରଞ୍ଜନ ।

୧୯୮୨ ମସିହା ରଜରେ ଆମ ଗାଁ ଡ୍ରାମା ପାଇଁ ପ୍ରଫୁଲ୍ଲ କକେଇ, ବିରଞ୍ଚି କକେଇ ନାଟକ ବହି ବାଛି ଆଣିଲେ । କାଙ୍ଗାଦା ଆମ ଗାଁ ଡ୍ରାମା ଡାଇରେକ୍ଟର ପଚାରିଲେ, କି ନାଟକ କିରେ ବିରଞ୍ଚି ?

ବିରଞ୍ଚି କକେଇ କହିଲେ, 'ଭିନ୍ନ ଏକ ପୃଥିବୀ' ଭାଗୀରଥୀ ଦାସଙ୍କ ନାଟକ । ଓଡ଼ିଆ ଘର ପରିବାରର ବିଶ୍ୱାସ ଓ ଆସ୍ଥା ସାମ୍ନାରେ କେମିତି ଚୂନା ହେଇ ଯାଇଚି ହଜାରେ, ହିଂସା, ଶତ୍ରୁତା ଓ ବିପର୍ଯ୍ୟୟ । ପୁଣି ଫୁଟିଚି ସକାଳର ଫୁଲ । ଆମ ଅଞ୍ଚଳର ସେଇ ସମୟରେ ଆଖପାଖ କେଇଖଣ୍ଡ ଗାଁରେ ଏହି ନାଟକ ଶ୍ରେଷ୍ଠ ନାଟକ ଭାବେ ବହୁବର୍ଷ ପର୍ଯ୍ୟନ୍ତ ଆଦୃତ ହେଲା ।

ଏହାର ପ୍ରକୃତ କାରଣ ଥିଲା, ନାଟକର କାହାଣୀ । ଖାଲି ଏଇ ନାଟକ ନୁହେଁ 'ମୋ ସଂସାର ଭାସିଗଲା', 'ଝଡ଼ ଝଂଜା ଝାମେଲା', 'ଚାଲ ଫେରିଯିବା ଶ୍ରୀକ୍ଷେତ୍ର', 'ପ୍ରିୟା ପ୍ରୀତି ପ୍ରିୟତମା', 'ସ୍ୱାମୀ ଥାଇ ସ୍ତ୍ରୀ ବିଧବା', 'ଜୟ ଶିବ ଶଙ୍କର' ଇତ୍ୟାଦି ଅନେକ ନାଟକକୁ ନାମିଦାମୀ ଅପେରା ପାର୍ଟି ମଞ୍ଚସ୍ଥ କରିଛନ୍ତି ।

ମାତ୍ର ସେମିତି ସିନେମା ପରି, ଅଭିନୟ ସାମ୍ନାରେ କାହାଣୀ ମରି ଯାଉଥାଏ । ଭାଗୀରଥୀ ଦାସଙ୍କ ପୁସ୍ତକ- 'ଧର୍ମଗ୍ରନ୍ଥ ଷ୍ଟୋର', 'ଏ ପୁସ୍ତକ ଭଣ୍ଡାର', 'ସରସ୍ୱତୀ ବିଦ୍ୟାଭଣ୍ଡାର', 'କୋହିନୁର ପ୍ରେସ୍', 'ସାରଦା ଷ୍ଟୋର୍', 'ଆନନ୍ଦ ଏଜେନ୍ସି କଲିକତା', 'ସନ୍ୟାସୀ ପୁସ୍ତକାଳୟ ଗଞ୍ଜାମ' ଇତ୍ୟାଦି ପ୍ରକାଶନ ସଂସ୍ଥାମାନେ ଛାପିଛନ୍ତି ।

ପୁଣିଥରେ କହିରଖେ ପୁସ୍ତକ ସାମ୍ନାରେ କାହାଣୀ ମରିଯାଏ । କାହାଣୀ ମରିଯାଏର ଅର୍ଥ ଲେଖକଟି, ଚଳଚ୍ଚିତ୍ର ପ୍ରଯୋଜକ, ନାଟ୍ୟ ସଂସ୍ଥାର ମାଲିକ, ପ୍ରକାଶନ ସଂସ୍ଥା ଠୁ ପାରିଶ୍ରମିକ ପାଏନି । ସେଥିପାଇଁ ତାକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ।

ଅତି ସରଳ, ନିରାଡ଼ମ୍ବର ଜୀବନଚର୍ଯ୍ୟା, ତାଙ୍କୁ ଋଷି ପରି ଛିଡ଼ା କରି ତାଙ୍କ ଭିତରୁ କାଢ଼ି ନେଇଚି ସୃଷ୍ଟିର ବିଭିନ୍ନ ରସ, ଭିନ୍ନ ଭିନ୍ନ ଆଳରେ । ସେଇଥିପାଇଁ ତ ସେ ଭିନ୍ନ ଏକ ପୃଥିବୀର ମଣିଷ ।

ଋଷି ହେଲେ ହିଁ ଚେନାଏ ଆଶ୍ୱାସନାରେ ଜଗତ ନିରାମୟ ହେବ, ଯାବତୀୟ ଦୁଃଖରୁ ମୁକ୍ତ ରହି ଉଲ୍ଲାସଟିଏ ଦେଖିବ ଆଗାମୀ କାଲିର ସକାଳ ।

ଏଇ ସମୟରେ ଓଡ଼ିଆ ସାହିତ୍ୟରେ ଅନେକ ଚମତ୍କାର ଉପନ୍ୟାସ ଲେଖାଯାଇଛି । ଆମ ଔପନ୍ୟାସିକମାନେ ବିଶ୍ୱ ଦରବାରରେ ନିଜର ସ୍ଥାନ ସ୍ୱତନ୍ତ୍ର କରିଛନ୍ତି । ମାତ୍ର ଭାଗୀରଥୀ ଦାସ ଭିନ୍ନ ।

ଏଇଥିପାଇଁ ଯେ, ସେ କେବେ ଭାବି ନାହାନ୍ତି ଓଡ଼ିଆ ସାହିତ୍ୟର ଇତିହାସରେ ତାଙ୍କ ନାଁ ଅଛି କି ନାହିଁ । ତାଙ୍କୁ କୋଉ ରାଜା, କୋଉ ସରକାର, କୋଉ ଅନୁଷ୍ଠାନ ତରଫରୁ ପୁରସ୍କାର ମିଳିବ କି ନାହିଁ । କୋଉ ପ୍ରକାଶକ ତାଙ୍କୁ ପାରିଶ୍ରମିକ ଦେବ କି ନାହିଁ ।

ପଚାରିଲେ କୁହନ୍ତି, "ମୁଁ ଚାହେଁ ଡଗଡଗ କଥାଟିଏ କହି ଚାଲିଥିବି । ଆମରି କଥା, ଆମରି ଛାତି ତଳର କଥା । ସମସ୍ତେ ଶୁଣୁଥିବେ, ସୁଖଦୁଃଖ ବାଣ୍ଟୁଥିବେ । ଲକ୍ଷେ ଦୁଃଖକୁ ଛାତିତଳେ ପୋତିଦେଇ ପ୍ରେମ ବାଣ୍ଟୁଥିବେ । ମତେ ଭଲ ଲାଗିବ । ଗାଁ ଦାଣ୍ଡରେ ମୁଁ ସାଇକେଲ୍‌ରେ ଚାଲିଗଲା ବେଳେ ଯେମିତି ବୋହୂଟିଏ ପଡ଼ିଶା ଘରର ବୋହୂଟିକି ଡାକି କହୁଥିବ 'ପଢ଼ିଲଣି କି ଦେଇ ମୁଠାଏ ମମତା ଭାଗୀରଥୀ ଦାସଙ୍କର ଆହା କି କରୁଣ !' ସେଇପଟେ ମୋ ସାଇକେଲ୍ ଗଡ଼ି ଚାଲିଯିବ । ମୋ ଛାତି ପୂରିଯିବ । ଆଉ କ'ଣ ଲୋଡ଼ା ?"

ଲେଖକମାନେ ଏମିତି ବାଇଆ ଚିରକାଳ । ଲେଖିବାକୁ କହିଦେଲେ ଛାତିରୁ କଳିଜା କାଢ଼ିଦେବେ ନିର୍ଦ୍ୱନ୍ଦ୍ୱରେ ।

ଆପଣ ସେମିତି କି ?

ପାରାଦ୍ୱୀପ ମହାବିଦ୍ୟାଳୟ, ପାରାଦ୍ୱୀପ, ଜଗତସିଂହପୁର
ଫୋନ: ୯୯୩୭୬୩୭୩୭୬

## ବହି ବିଚାର




- ପୁସ୍ତକର ନାମ: **ଓଡ଼ିଆ ପ୍ରେମ କବିତା**
- ଅନୁବାଦକଙ୍କ ନାମ : **ପ୍ରଶାନ୍ତ କୁମାର ମହାନ୍ତି**
- ପ୍ରକାଶକଙ୍କ ନାମ : **ଫ୍ଲେମିଙ୍ଗୋ ପବ୍ଲିକେଶନ୍ସ, ଅହମଦାବାଦ**
- ମୂଲ୍ୟ : **୨୪୦/-**

ଓଡ଼ିଆ କବିତାକୁ ବିଭିନ୍ନ ସମୟରେ ଗୁଜୁରାଟୀ ଭାଷାର ପାଠକପାଠିକାଙ୍କ ପାଇଁ ଅନୁବାଦ କରି ଦୁଇଟି ଭାଷାର ସାହିତ୍ୟକୁ ଯୋଡୁଥିବା କବି ତଥା ଅନୁବାଦକ ପ୍ରଶାନ୍ତ କୁମାର ମହାନ୍ତି ଏବେ ୪୪ଟି ଚୟନିତ ଓଡ଼ିଆ ପ୍ରେମ କବିତାକୁ ନେଇ ଏକ ଗୁଜୁରାଟୀ ସଂକଳନ ପ୍ରସ୍ତୁତ କରିଛନ୍ତି । ଅହମଦାବାଦର ଫ୍ଲେମିଙ୍ଗୋ ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶ ପାଇଥିବା ଏହି 'ଓଡ଼ିଆ ପ୍ରେମ କବିତା' ପୁସ୍ତକଟି ଆମର ହସ୍ତଗତ ହୋଇଛି । ଏହି ପୁସ୍ତକରେ କେତୋଟି ଚମତ୍କାର ପ୍ରେମ କବିତାକୁ ଚୟନ କରିଥିବାରୁ ଅନୁବାଦକଙ୍କୁ ପ୍ରଶଂସା କରାଯାଇପାରେ । ତେବେ ପୁସ୍ତକରେ ଗୁଜୁରାଟୀ ଅନୁବାଦ ସହିତ ମୂଳ ଓଡ଼ିଆ କବିତାଟିକୁ ଓଡ଼ିଆରେ ଛାପିଥିଲେ ବୋଧେ ଭଲ ହୋଇଥାନ୍ତା । ଏଥିରେ ଭାନୁଜୀ ରାଓ, ସୌଭାଗ୍ୟବନ୍ତ ମହାରଣା, ଚନ୍ଦ୍ର କୁମାର ମହାନ୍ତି, ମାନସ ରଂଜନ ମହାପାତ୍ର, ପ୍ରସନ୍ନ କୁମାର ମହାନ୍ତି, ଶ୍ରୀଦେବ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଶ୍ରୀହରି ଧଳ, ସୁନୀଲ କୁମାର ପୃଷ୍ଟି, କୃଷ୍ଣ କୁମାର ମହାନ୍ତି, ମାଧୁରୀ ପଣ୍ଡା, ହୃଦାନନ୍ଦ ପାଣିଗ୍ରାହୀଙ୍କ ସମେତ ଆହୁରି ଅନେକଙ୍କ ପ୍ରେମ କବିତାକୁ ଗୁଜୁରାଟୀ ଭାଷାରେ ଅନୁବାଦ କରାଯାଇଛି । ଏଥିରେ ଉଷା ଉପାଧ୍ୟାୟ ଏକ ସମୀକ୍ଷାତ୍ମକ ଅଗ୍ରଲେଖ ଲେଖିଛନ୍ତି ।

# ମାର୍ଗଶିରର ମହକ



# ମାର୍ଗଶିର ଗୁରୁବାର
# ମାଣବସା




**ଶ୍ୱେତା ରାଉତ**

ଫଟୋ ସୌଜନ୍ୟ : ଲେଖିକା




କୃଷି ପ୍ରବଣ ଦେଶ ଭାରତରେ ଲକ୍ଷ୍ମୀ ହେଉଛନ୍ତି ଧନର ଦେବୀ ମା' ଲକ୍ଷ୍ମୀ ସକଳ ଐଶ୍ୱର୍ଯ୍ୟର ପ୍ରତୀକ । ସାରା ଭାରତବର୍ଷରେ ମା' ଲକ୍ଷ୍ମୀଙ୍କୁ ବିଭିନ୍ନ ପର୍ବପର୍ବାଣିରେ ବିଭିନ୍ନ ରୂପରେ ପୂଜା କରା ଯାଉଥିବା ବେଳେ ଓଡ଼ିଶା ଭଳି ଏକ କୃଷିପ୍ରଧାନ ରାଜ୍ୟରେ ମା' ଲକ୍ଷ୍ମୀଙ୍କୁ ମାର୍ଗଶିର ମାସ ଗୁରୁବାର ପୂଜା ଭାବେ ନିରାଚନା କରା ଯାଇଥାଏ । ଚାଷୀମାନେ ଧାନ ମାପିବାକୁ 'ମାଣ' ବ୍ୟବହାର କରିଥାନ୍ତି । ନୂଆ ଧାନ ଅମଳ ହେଲେ ପ୍ରଥମେ ସେ ମାଣରେ ଧାନଭର୍ତ୍ତୀ କରି ମା' ଲକ୍ଷ୍ମୀଙ୍କ ଆବାହନ ନିମନ୍ତେ ଖଟୁଲି ଉପରେ ଧାନ ମାଣ ବସାଇ ପୂଜା କରୁଥିବାରୁ ଏହି ପୂଜାକୁ ମାଣବସା ପୂଜା କୁହାଯାଇଥାଏ । ଏହି ମାଣବସା ଗୁରୁବାର ଓଡ଼ିଶାର ଧର୍ମଧାରା, ସ୍ୱଚ୍ଛତା, ନିଷ୍ଠା ଓ ଭକ୍ତିଭାବକୁ ନିବିଡ଼ ଭାବେ ବାନ୍ଧି ରଖିଥାଏ । ଧର୍ମଧାରା ଯେତିକି ଆଧ୍ୟାତ୍ମିକ ଭାବନା ବାଢେ, ତା'ଠାରୁ ଅଧିକ ସଂସ୍କାର ଓ ସଂଯମତାର ବାର୍ତ୍ତା ପ୍ରଦାନ କରେ । ମାର୍ଗଶୀର ଗୁରୁବାର ବା ମାଣବସାରେ ପଢାଯାଉଥିବା ପୁରାଣ ଗୀତ ସୁଖମୟ ପାରିବାରିକ ଜୀବନଯାପନ, ସୁସ୍ଥ ସମାଜ ଗଠନ ଓ ଶୃଙ୍ଖଳିତ ଜୀବନଧାରଣ ପାଇଁ ସଠିକ୍ ମାର୍ଗ ନିର୍ଦ୍ଦେଶ କରେ । ମଣିଷର ଧର୍ମାନୁମୋଦିତ ଆଚାର ବ୍ୟବହାର ହେଉଛି 'ଲକ୍ଷ୍ମୀ' । ଏଇଥିପାଇଁ କୁହାଯାଇଛି "ଆଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ ।"

**ଭାରତୀୟ ସଂସ୍କୃତିରେ ଦେବୀପୂଜାର ଏକ ବିଶେଷ ସ୍ୱାତନ୍ତ୍ର୍ୟ ରହିଛି । ସେହି ଦେବୀମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ପରାଶକ୍ତି ମା'ଲକ୍ଷ୍ମୀ ଜଗତର ପାଳନକର୍ତ୍ତ୍ରୀ ଭାବରେ ପୂଜିତା ହୁଅନ୍ତି । କେଉଁଠି ଆମେ ଲକ୍ଷ୍ମୀ, ସମୁଦ୍ର ମନ୍ଥନରୁ ପ୍ରାପ୍ତ ରତ୍ନମାନଙ୍କ ମଧ୍ୟରୁ ଗୋଟିଏ ବୋଲି ଜାଣିବାକୁ ପାଆନ୍ତି ତ କେଉଁଠି ପୌରାଣିକ ମତ ଅନୁସାରେ ଲକ୍ଷ୍ମୀ, ମହର୍ଷି ଭୃଗୁଙ୍କର ପତ୍ନୀ ଖ୍ୟାତିଙ୍କ ଗର୍ଭରୁ ଜନ୍ମ ବୋଲି ଜାଣିଥାନ୍ତି । ସକଳ ଶୁଭଲକ୍ଷଣା, ଐଶ୍ୱର୍ଯ୍ୟ ବିଭୂଷଣ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କର ପ୍ରାଣପ୍ରିୟା ହୋଇ କ୍ଷୀରସାଗରରେ ବାସ କରନ୍ତି । ସାରା ଭାରତବର୍ଷରେ ସିଦ୍ଧି, ସମୃଦ୍ଧି ପାଇଁ ପୂଜିତା ମା'ଲକ୍ଷ୍ମୀଙ୍କର ଉପାସନା ଗୁପ୍ତଯୁଗର ବହୁ ପୂର୍ବରୁ ପ୍ରଚଳନ ଥିବାର ପ୍ରତ୍ନତାତ୍ତ୍ୱିକ ଅନୁଧ୍ୟାନରୁ ଜଣାଯାଏ । ପ୍ରାଚୀନତମ ନିଦର୍ଶନ ଭାବେ ଆମେ ଭୁବନେଶ୍ୱର ସ୍ଥିତ ଉଦୟଗିରି ଗୁମ୍ଫାର ଗଜଲକ୍ଷ୍ମୀ ଚିତ୍ର, ପଶୁରାମେଶ୍ୱର ମନ୍ଦିରରେ ଖୋଦିତ ଲକ୍ଷ୍ମୀମୂର୍ତ୍ତୀ, କୋଣାର୍କ ମନ୍ଦିରରେ ଖୋଦିତ ଲକ୍ଷ୍ମୀମୂର୍ତ୍ତି ଏବଂ ବିଭିନ୍ନ ମନ୍ଦିରରେ ଖୋଦିତ ଲକ୍ଷ୍ମୀଙ୍କର ବହୁ ପ୍ରାଚୀନ ମୂର୍ତ୍ତି ବା ଚିତ୍ରରୁ ଓଡ଼ିଶାରେ ଲକ୍ଷ୍ମୀପୂଜାର ମହତ୍ତ୍ୱ ପ୍ରତିପାଦିତ ହୋଇଥାଏ । ମହିମାମୟୀ, କରୁଣାମୟୀ, ବାତ୍ସଲ୍ୟମୟୀ ମାତା ଲକ୍ଷ୍ମୀଙ୍କର ଶ୍ରୀମନ୍ଦିର ପରିସରରେ ନିର୍ମିତ ଭବ୍ୟ ମନ୍ଦିର ଉତ୍କଳୀୟ ସଂସ୍କୃତିର ବିଚାରବୋଧରେ ଲକ୍ଷ୍ମୀପୂଜାର ସ୍ୱାତନ୍ତ୍ର୍ୟର ସୂଚନା ପ୍ରଦାନ କରିଥାଏ । ଗବେଷକଙ୍କ ମତରେ ଲକ୍ଷ୍ମୀପୂଜା ଖ୍ରୀ ୯ମ ଶତାବ୍ଦୀରୁ ପ୍ରଚଳିତ ଥିବାର ଜଣାଯାଏ । ଭାରତୀୟ ବେଦାନ୍ତ ଦର୍ଶନରେ ଲକ୍ଷ୍ମୀଙ୍କୁ ପରାଶକ୍ତି ସ୍ୱରୂପରେ ସ୍ୱୀକାର କରାଯାଇଛି । ଯଥା ସ୍ୱର୍ଗରେ ସ୍ୱର୍ଗଲକ୍ଷ୍ମୀ, ଭୂତଳରେ ରାଜଲକ୍ଷ୍ମୀ, ପାତାଳରେ ନାଗାଜିଲକ୍ଷ୍ମୀ ଓ ଗୃହମାନଙ୍କରେ ଗୃହଲକ୍ଷ୍ମୀ । ଏହା ବ୍ୟତୀତ ଲକ୍ଷ୍ମୀଙ୍କୁ ଆଠଟି ସ୍ୱରୂପରେ ମଧ୍ୟ ପୂଜା କରାଯାଏ । ଯଥା: ଆଦିଲକ୍ଷ୍ମୀ, ଧନଲକ୍ଷ୍ମୀ, ଧ୍ୟାନଲକ୍ଷ୍ମୀ, ଗଜଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ, ବିଜୟଲକ୍ଷ୍ମୀ ଓ ବିଦ୍ୟାଲକ୍ଷ୍ମୀ । ଅଷ୍ଟଲକ୍ଷ୍ମୀ ଭାବେ ପୂଜିତା ମାତା ସମ୍ପୂର୍ଣ୍ଣ ଐଶ୍ୱର୍ଯ୍ୟ ବିଧାନକାରୀ, ସର୍ବପୂଜ୍ୟା, ପବିତ୍ରତା ଓ ନାରୀ ଜାତିର ଏକ ଜ୍ୱଳନ୍ତ ପ୍ରତୀକ । କମଳଲୋଚନୀ ମା'ଲକ୍ଷ୍ମୀଙ୍କୁ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ଭକ୍ତିପୂତ ଭାବେ ସର୍ବତ୍ର ପୂଜା କରା ଯାଇଥାଏ ।**

## ପୂଜାବିଧି

ପ୍ରତ୍ୟେକ ଓଡ଼ିଆ ଘରେ ଖୁବ୍ ନିଷ୍ଠା ଓ ଭକ୍ତିଭାବର ସହ ପାଳିତ ହୁଏ ମାଣବସା ଗୁରୁବାର । ଯେଉଁଘରେ ମାଣବସା ବ୍ରତ ରୀତିନୀତି ଅନୁଯାୟୀ ପାଳନ କରାଯାଏ, ସେଠାରେ ଜଗତ୍‌ଜନନୀ ମା' ଲକ୍ଷ୍ମୀ ବାସ କରନ୍ତି । ଦାରିଦ୍ର୍ୟ, ରୋଗ, ଶୋକ ସବୁ ଦୂରେଇ ଯାଏ । ଘରପରିବାର ସୁଖଶାନ୍ତି, ପ୍ରାଚୁର୍ଯ୍ୟରେ ପୂରି ଉଠେ । କୃଷିଭିତ୍ତିକ ଏହି ପର୍ବ ଫସଲ ଅମଳ ସମୟରେ ହିଁ ପଡ଼େ । ମାର୍ଗଶିର ମାସରେ ପ୍ରଥମ ଧାନ ଅମଳ ଆରମ୍ଭ ହୁଏ ଚାଷୀ ତା'ର ଖଳାକୁ ଧାନହଳା ଆଣିଥାଏ । ଧାନ ଅମଳ କରି ଆଣିବା ଆଗରୁ ତା'ର ଘରଣୀ ଧଳାଧାନର ଶିଶା ବାଛି ବାହାର କରିଥାଏ । ଏହି ଧାନ ଶିଶାରେ ବେଣୀ ବାନ୍ଧି ମେଣ୍ଢା ପ୍ରସ୍ତୁତ କରି ଏହାକୁ ଶୁଖାଇ ଅତିଯତ୍ନରେ ରଖିଥାଏ । ମାଣବସା ବ୍ରତ ପୂର୍ବଦିନରୁ ଘରଦ୍ୱାର, ଅଗଣା, ଘର ଚାରିପାଖ ଗୋବର ମାଟିରେ ଲିପାପୋଛା କରି ନୂଆ ଚାଉଳର ପିଠଉରେ ଝୋଟି ଚିତା ପକାଇ ସଜା ଯାଇଥାଏ । ଘରର ପ୍ରତ୍ୟେକ ଦୁଆର, ଅଗଣା, କାନ୍ଥ ଓ ଚାରିପାଖ ବିଭିନ୍ନ ପ୍ରକାର ଝୋଟି ଚିତ୍ର ଅଙ୍କନ କରାଯାଇ ମା' ଲକ୍ଷ୍ମୀ ପାଦପଦ୍ମ ଦ୍ୱାର ମୁହଁରୁ ଠାକୁର ଘରଯାଏ ଚିତା ପଡ଼ିଥାଏ । ମାଣକୁ ହଳଦୀ ପାଣିରେ ଧୋଇ ଖରାରେ ଶୁଖାଇ ରଖାଯାଏ । ମାର୍ଗଶିର ମାସ ଗୁରୁବାର ପ୍ରତ୍ୟୁଷରୁ ଉଠି ମହିଳାମାନେ ଶୁକ୍ଳବସ୍ତ୍ର ପରିଧାନ କରି ମାତା ଲକ୍ଷ୍ମୀଙ୍କ ଆବାହନ ନିମନ୍ତେ ଠାକୁର ଘରର ଏକ ନିର୍ଦ୍ଦିଷ୍ଟ କୋଣରେ ଷୋଳପାଖୁଡ଼ା ବିଶିଷ୍ଟ ଦିବ୍ୟ ପଦ୍ମର ଝୋଟି ଆଙ୍କି ତହିଁ ଉପରେ ଏକ ଖଟୁଲି ଓ ଧାନମାଣ ସ୍ଥାପନ କରିଥାନ୍ତି । ମାଣରେ ସିନ୍ଦୂର ବୋଳା ଯାଇ ସେଥିରେ ପାଞ୍ଚମାଣ, ପାଞ୍ଚସେର, ପାଞ୍ଚଗୌଣି ଧାନ ଭରାଯାଏ । ହଳଦୀ ଓ ଗୁଗୁଳ ବାଟି ମାଣର ଉପର ପାର୍ଶ୍ୱରେ ଏକ ମୁହଁ ସଦୃଶ ଲେପ ଦିଆଯାଏ, ସେଥିରେ କଉଡିକୁ ଆଖି ଭାବେ ବ୍ୟବହାର କରି ନିଜର ସୃଜନ ଶୈଳୀ ଦ୍ୱାରା ମାଣକୁ ଏକ ସୁନ୍ଦର ମୁହଁର ରୂପଦେଇ ତହିଁ ଉପରେ ଧାନମେଣ୍ଢା ରଖା ଯାଇଥାଏ । ନାଲିଛିଟ ପାଟକନାରେ ଓଢଣୀ ଦେଇ ମାଣକୁ ଏକ ନବବଧୂ ସଦୃଶ ବେଶ କରାଯାଏ । ଖଟୁଲି ବା ଆସ୍ଥାନ ଚାରିପାଖ ସୁନ୍ଦର ପଦ୍ମଫୁଲ ଓ ଲକ୍ଷ୍ମୀ ପାଦଚିହ୍ନର ଝୋଟି ଚିତା ପକାଯାଇଥାଏ । ଖଟୁଲିରେ କେହି କେହି ଗବପତ୍ର, ଗୟାତୁଳସୀ, କଳାପାତି, ସିନ୍ଦୂରଫରୁଆ, ପିତ୍ତଳମୂର୍ତ୍ତି ଇତ୍ୟାଦି ରଖିଥାନ୍ତି । ପୂଜା ପାଇଁ ନାରୀମାନେ ପୂର୍ବରୁ ଶୁକ୍ଳଧାନ, ମାଣ, ଗୁଆ, କଉଡ଼ି, ନଡ଼ିଆ, ଦୁବ, ବରକୋଳିପତ୍ର, ସିନ୍ଦୂର, କର୍ପୁର, ଧୂପଦୀପ, ନୈବେଦ୍ୟ ଝୁଣା ସଜାଡ଼ି ରଖିଥାନ୍ତି । ଶଙ୍ଖ, ହୁଳହୁଳିର ଅପୂର୍ବ ନିନାଦ ପ୍ରତ୍ୟୁଷକୁ ଆହୁରି ମନୋମୁଗ୍ଧକର କରିଥାଏ । ସମସ୍ତଙ୍କ ଘରୁ ଝୁଣା, ଧୂପର ଅପୂର୍ବ ମହକ ଓ ମାଣବସା ବ୍ରତ ପୁରାଣ ଗୀତର ମୂର୍ଚ୍ଛନା ଗୁଞ୍ଜରିତ ହୋଇଉଠେ । ସତେ ଯେମିତି ମାଆ ଲକ୍ଷ୍ମୀ ମର୍ତ୍ତ୍ୟାବତରଣ କରିଥାନ୍ତି ମାର୍ଗଶିର ଗୁରୁବାରରେ ।

## ମାଣବସା ପ୍ରସାଦ

ମାର୍ଗଶିର ମାସର ପ୍ରତ୍ୟେକ ଗୁରୁବାର ଚିତ୍ରଚରିତ୍ରର ଗୁରୁତ୍ୱପୂର୍ଣ୍ଣ ଦିନ । ଏହିଦିନ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ସ୍ୱତନ୍ତ୍ର ପୂଜାର ଦିନ । ଅମାରରୁ ଅଗଣା, କ୍ଷେତରୁ, ଖଳା ସବୁଠି ଭରି ରହିଥାଏ ନୂଆଧାନ । ପ୍ରତିଟି ଓଡ଼ିଆ ଘରେ ମାଣବସା ଦିନ ପ୍ରସ୍ତୁତ କରା ଯାଇଥାଏ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ପ୍ରସାଦ । ଖଟୁଲିରେ ସ୍ଥାପିତ ମାଣ ନିକଟରେ ମୂଳା, ଶୋରିଷ ଫୁଲ, ଆଖୁ, ଧାନମେଣ୍ଢା ଓ ଗୁଆରଖି ମାତା ଲକ୍ଷ୍ମୀଙ୍କୁ ଆବାହନ କରିବା ସହିତ ପ୍ରତିଟି ପ୍ରହରରେ ଭିନ୍ନ ପ୍ରକାର ନୈବେଦ୍ୟ ସମର୍ପଣ କରାଯାଇଥାଏ । ବାଲଭୋଗରେ ଛେନା, ନଡ଼ିଆ, ଗୁଡ଼, କଦଳୀକୁ ଚକଟି ପ୍ରତ୍ୟୁଷରେ ଭୋଗ ଲଗା ଯାଇଥାଏ । ମଧ୍ୟାହ୍ନରେ ଶଙ୍ଖୁଡ଼ି ଧୂପରେ ଲାଗି ହେବା ପାଇଁ ଚକୁଳି ପିଠା, ଗୁଡ





ପିଠା, ବିରି ବରା, ଖିରି ଇତ୍ୟାଦି ଲାଗି ଦିଆଯାଏ ଓ ମଧ୍ୟାହ୍ନ ସମୟରେ ଭୋଗ ପରେ ମା'ଙ୍କ ନିକଟରେ ଲକ୍ଷ୍ମୀପୁରାଣ ଗୀତ ବୋଲାଯାଏ । ଦ୍ୱିତୀୟ ପାଳିରେ ଚିତଉ ପିଠା, ଦହିକାଲୁଆ, ତୃତୀୟ ପାଳିରେ ଖେଚୁଡ଼ି ଡାଲମା ଓ ଚତୁର୍ଥରେ ମଣ୍ଡାପିଠା ଭୋଗ କରାଯାଇଥାଏ । ମାଣବସା ପ୍ରସାଦକୁ କେବଳ ନିଜ ପରିବାର ସଦସ୍ୟ ଖାଇଥାନ୍ତି, ଅନ୍ୟ କାହାରିକୁ ଦିଆଯାଇ ନଥାଏ ଏବଂ ବିବାହିତ କନ୍ୟାକୁ ମଧ୍ୟ ପରିବାର ଲୋକେ ଏହି ପ୍ରସାଦ ଦେଇନଥାନ୍ତି । ମା' ଲକ୍ଷ୍ମୀଙ୍କୁ ସନ୍ଧ୍ୟାଭୋଗରେ ଖିରି ଲାଗିକରି ଭଜୁଆଯାଏ । ଖଟୁଲିରେ ବ୍ୟବହୃତ ଧାନ ସବୁକୁ ଅନ୍ୟତ୍ର ଅଜାଡ଼ି ରଖାଯାଏ । ଅନ୍ୟଦିନରେ ଏହି ଧାନକୁ ଢିଙ୍କି ବା ହେମଦସ୍ତା ସାହାଯ୍ୟରେ କୁଟି ଚାଉଳ ବାହାର କରି ସେହି ଚାଉଳରେ ଖିରି, ଖେଚୁଡ଼ି କିମ୍ବା ଦହି କାଲୁଆ ପ୍ରସ୍ତୁତ କରି ଖିଆଯାଇଥାଏ ।

## କିମ୍ବଦନ୍ତୀ

କୌଣସି ବସ୍ତୁକୁ ମଣିଷ ପାଇଁ ଉପଯୋଗୀ ବନାଇବା ଏବଂ ତାହାର ଅଭିଷ୍ଟ ସିଦ୍ଧିର ଉପଲବ୍ଧି କରିବାର କ୍ଷମତାକୁ 'ଲକ୍ଷ୍ମୀ' କୁହାଯାଏ । 'ଲକ୍ଷ୍ମୀ' ଶବ୍ଦର ଅର୍ଥ ସମ୍ପତ୍ତି ପାଇଁ ପ୍ରଯୁଜ୍ୟ ହେଲେ ମଧ୍ୟ ବସ୍ତୁତଃ ଏହା ଚେତନାର ଏକ ଗୁଣକୁ ବୁଝାଏ । ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣରେ ଲକ୍ଷ୍ମୀ ଏବଂ ମାଣବସା ଗୁରୁବାରର କିମ୍ବଦନ୍ତୀ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣିତ ଅଛି । କଠୋର ଜାତିବାଦ ଓ ଅସ୍ପୃଶ୍ୟତା ଭଳି ସାମାଜିକ କୁସଂସ୍କାର ବିରୋଧରେ ମାଣବସା ବ୍ରତ ଓ ଲକ୍ଷ୍ମୀପୁରାଣ ବୋଧହୁଏ ସର୍ବପ୍ରଥମ ଆନ୍ଦୋଳନ । ଯେକୌଣସି ଜାତିର ଲୋକ ଈଶ୍ୱରଙ୍କୁ ନିରାଚନା କରିବା ତା'ର ଜନ୍ମସିଦ୍ଧ ଅଧିକାର । ଜାତିଆଣ ଭାବ ଦୂର କରିବାର ସୁନ୍ଦର ପ୍ରଚେଷ୍ଟା କରିଛନ୍ତି ମା' ଲକ୍ଷ୍ମୀ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ଶ୍ରୀହୀନ କରି । ପୁରାଣ ଅନୁସାରେ ମା' ଲକ୍ଷ୍ମୀ ସ୍ୱାମୀ ଶ୍ରୀ ଜଗନ୍ନାଥଙ୍କ ଠାରୁ ଅନୁମତି ନେଇ ଦେଶ ଭ୍ରମଣରେ ବାହାରନ୍ତି । କିଏ ତାଙ୍କୁ ଶ୍ରଦ୍ଧାର ସହ ପୂଜା କରୁଛି ଜାଣିବା ପାଇଁ କି ଧନୀ କି ଗରୀବ ସମସ୍ତଙ୍କ ଘର ଘର ବୁଲି ଦେଖିବାକୁ ଇଚ୍ଛା ପ୍ରକଟ କଲେ । ଅନେକ ଧନୀ, ବଡ଼ଲୋକମାନେ ଗୁରୁବାର ବୋଲି ଭୁଲି ଯାଇଥିବା ଦେଖିବାପରେ ସେ ଶ୍ରୀୟା ନାମକ ଜଣେ ଚଣ୍ଡାଲୁଣୀ ଘରେ ପହଞ୍ଚିଲେ । ଶ୍ରୀୟାର ଘରଦ୍ୱାର ପରିଷ୍କାର, ଲିପାପୋଛା କରି ଝୋଟି ଚିତାରେ ମା' ଲକ୍ଷ୍ମୀଙ୍କର ପାଦୁକା ଚିହ୍ନ ଓ ପଦ୍ମ ଫୁଲର ଚିତା ଅଙ୍କା ଯାଇଥିବାର ଦେଖି ମା' ଲକ୍ଷ୍ମୀ ଶ୍ରୀୟା ଘରେ ଅଟକି ଗଲେ । ଅତି ଶ୍ରଦ୍ଧାର ସହିତ ଧୂପ, ଦୀପ, ନୈବେଦ୍ୟ ଭୋଗ ଲଗାଇ ଶ୍ରୀୟା ମା' ଲକ୍ଷ୍ମୀଙ୍କୁ ବିମୋହିତ କରିଥିବାରୁ ମା' ଲକ୍ଷ୍ମୀ ଚଣ୍ଡାଲୁଣୀ ଶ୍ରୀୟା ଘରେ ରହିଗଲେ । ବଳରାମ ଏହା ଶୁଣି କୋପ କଲେ ଏବଂ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ବାଧ୍ୟ କରାଇ ଲକ୍ଷ୍ମୀଙ୍କୁ ବଡ଼ଦେଉଳରୁ ବାସନ୍ଦ କରାଇଥିଲେ । ଐଶ୍ୱର୍ଯ୍ୟଦାୟିନୀ ମା' ଲକ୍ଷ୍ମୀଙ୍କର ପ୍ରସ୍ଥାନ ପରେ ଶ୍ରୀହୀନ ହୋଇପଡ଼ିଥିଲା ଶ୍ରୀମନ୍ଦିର । ଦାରିଦ୍ର, ଦୁଃଖ, ଶୋକ ଓ ଦୁର୍ଦ୍ଦଶାରେ ବର୍ଷ ବର୍ଷ ଘୁରି ବୁଲିଲେ ବ୍ରହ୍ମାଣ୍ଡ ଠାକୁର । ଅନେକ ବର୍ଷ ପରେ ମାଆ କମଳିନୀଙ୍କୁ ସନ୍ତୁଷ୍ଟ କରାଇ ଫେରି ପାଇଥିଲେ ନିଜର ପୂର୍ବଶିରୀ । ସ୍ତ୍ରୀ ଓ ପୁରୁଷ ପରସ୍ପର ପରିପୂରକ, ସ୍ୱୟଂ ଜଗନ୍ନାଥ ବି ଲକ୍ଷ୍ମୀଙ୍କ ବିନା ଅସମ୍ପୂର୍ଣ୍ଣ । ଲକ୍ଷ୍ମୀପୁରାଣ ମାଧ୍ୟମରେ ସମାଜରେ ନାରୀମାନଙ୍କର ଗୁରୁତ୍ୱ ପ୍ରତିପାଦନ



କରାଯିବା ସହିତ ନାରୀ ସଶକ୍ତିକରଣ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ଭାବେ ପ୍ରତିପାଦିତ ହୋଇଛି । ଅସ୍ପୃଶ୍ୟତା ବା ଜାତିଆଣ ଭାବ ନରହିବା ପାଇଁ ମା' ଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରବେଶ କରିବାର ଅଧିକାର ସମସ୍ତ ଜାତିର ଲୋକଙ୍କ ଅନୁମତି ନିମନ୍ତେ ବ୍ରହ୍ମାଣ୍ଡ ଠାକୁରଙ୍କୁ ଗୁହାରି କରିଛନ୍ତି ଏବଂ ଆଜି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଜାତିଭେଦ ବୋଲି କିଛି ନାହିଁ । ଏହା ଅନ୍ୟ ସବୁ ମନ୍ଦିର ମାନଙ୍କରେ ଲାଗୁ ହେବା ନିହାତି ଆବଶ୍ୟକ । ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣରେ କେବଳ ଅସ୍ପୃଶ୍ୟତା ଦୂରୀକରଣ ଓ ନାରୀ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆ ଯାଇନାହିଁ, ଏଥିରେ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ପ୍ରତି ଯତ୍ନଶୀଳ ରହିବା ପାଇଁ ଧାର୍ମିକ ଭାବନା ସହିତ ପ୍ରବର୍ତ୍ତାଇବାର ଉଲ୍ଲେଖ ଅଛି ।

## ମାଣବସା ଝୋଟିଚିତା

ବହୁ ପ୍ରାଚୀନ ଲୋକକଳା ଭାବେ ବେଶ୍ ପ୍ରତୀୟମାନ ହୁଏ ଆମ ଓଡ଼ିଶା ଓ ଏହାର ସାଂସ୍କୃତିକ ପରମ୍ପରା । ମାଣବସା ଗୁରୁବାରର ଝୋଟିଚିତା ତନ୍ମଧ୍ୟରୁ ଗୋଟିଏ । ଝୋଟିଚିତା ଘରର କାନ୍ଥରେ କିମ୍ବା ଚଟାଣରେ ଅଙ୍କନ କଲେ ଘର ଧନଧାନ୍ୟପୂର୍ଣ୍ଣ ରହିବ ଓ ସମ୍ପତ୍ତିବାଡ଼ି ସୁରକ୍ଷିତ ରହିବ ବୋଲି ଏକ ଧାର୍ମିକ ସାଂସ୍କୃତିକ ଆସ୍ଥା ଓ ବିଶ୍ୱାସ ରହିଛି ସମସ୍ତଙ୍କର । ଓଡ଼ିଆଘରେ ମା' ଲକ୍ଷ୍ମୀଙ୍କର ଆବାହନ ନିମନ୍ତେ ଘରଣୀମାନେ ଘର ଅଗଣାକୁ ଲିପାପୋଛା କରି ସେଥିରେ ବିଭିନ୍ନ ପ୍ରକାର ଝୋଟି ପକାଇଥାନ୍ତି, ଯେମିତିକି ଶଙ୍ଖ, ପଦ୍ମ, ସ୍ୱସ୍ତିକ ଚିହ୍ନ, ଧାନକେଣ୍ଡା, ଅଙ୍ଗୁଳିଛପା, ଲକ୍ଷ୍ମୀପାଦ ଇତ୍ୟାଦି । ଲକ୍ଷ୍ମୀପୁରାଣରେ ବର୍ଣ୍ଣିତ ଅଛି ଯେ, ମାତା ଲକ୍ଷ୍ମୀ ଶ୍ରୀୟା ଚଣ୍ଡାଳୁଣୀର ଭକ୍ତି ଓ ସୁନ୍ଦର ପାଦପଦ୍ମର ଝୋଟିଚିତାରେ ଅଭିଭୂତା ହୋଇ ଚଣ୍ଡାଳୁଣୀ ଘରେ ଆବିର୍ଭୂତା ହୋଇଥିଲେ ଏବଂ ଶ୍ରୀୟାଙ୍କୁ ଇଚ୍ଛା ମୁତାବକ ବର ପ୍ରଦାନ କରିଥିଲେ । ପିଠଉ ପାଣିରେ ଅଙ୍କା ଯାଇଥିବା ଏହି ଚିତା ଗୋବର ଲିପା ମାଟିକାନ୍ଥ ଉପରେ ଲାଗେ ଯେମିତି ନବବଧୂର ପ୍ରଶସ୍ତ କପାଳରେ ଚିତ୍ରିତ ଚନ୍ଦନ ଟୋପା । ମାଣବସା ଗୁରୁବାରର ଏହି ପାରମ୍ପରିକ ଚିତ୍ରକଳା କେବଳ ସମସ୍ତଙ୍କୁ ଆକୃଷ୍ଟ କରେ ତାହା ନୁହେଁ ଏହି ଚିତା ବିଭିନ୍ନ ଦେବାଦେବୀଙ୍କୁ ସନ୍ତୁଷ୍ଟ କରି ଆବାହନ କରିବା ନିମନ୍ତେ ଘରକାନ୍ଥ ବା ଅଗଣାରେ ଅଙ୍କନ କରାଯାଇଥାଏ । ଚିତା ଘରର ନକରାତ୍ମକ ବାତାବରଣକୁ ନଷ୍ଟ କରି ଘରେ ସକରାତ୍ମକ ଭାବଧାରାର ଉର୍ଜ୍ଜା ପ୍ରକଟ କରେ ମାତା ଲକ୍ଷ୍ମୀଙ୍କର ଅତିପ୍ରିୟ ଝୋଟିଚିତା ମାର୍ଗଶିର ମାସ ଗୁରୁବାର ବା ମାଣବସା ବ୍ରତ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ । ବର୍ତ୍ତମାନ ବିଶେଷକରି ମାଟିଘର ବା କାନ୍ଥ ଦେଖିବାକୁ ମିଳୁନାହିଁ । ତେଣୁ ଗୃହିଣୀମାନେ ମାଣବସା ଦିନ ପକ୍କା ଚଟାଣ ଉପରେ ମଧ୍ୟ ବିଭିନ୍ନ ପ୍ରକାର ଝୋଟିଚିତା, ଦ୍ୱାରବନ୍ଧରେ ପିଠଉ ପାଣି ଗଡ଼ାଣି ଦେଇ, ଲକ୍ଷ୍ମୀ ପାଦପଦ୍ମ ଅଙ୍କନ କରି ମାତା ଲକ୍ଷ୍ମୀଙ୍କର ଆବାହନ କରିଥାନ୍ତି । ଓଡ଼ିଶାର ଏହି ସୁପ୍ରାଚୀନ ଲୋକକଳା ପିଢି ପରେ ପିଢି ବଜାୟ ରହୁ ଏବଂ ଓଡ଼ିଶାର ଐତିହ୍ୟ ବିଶ୍ୱବିଦିତ ହୋଇ ରହିଥାଉ ଏହା ହିଁ କାମନା କରିବା ।

ରାଉତ କମ୍ପ୍ଲେକ୍ସ
କଟକ ରୋଡ, ଭୁବନେଶ୍ୱର

## 'ରେବତୀ'ର ବିତରକ ଓ ବିକ୍ରେତା



**ଏ.କେ. ନାୟକ ବୁକ୍‌ଷ୍ଟୋର**
ପୁରୁଣା ବସ୍‌ଷ୍ଟାଣ୍ଡ,
ଭୁବନେଶ୍ୱର



**ନଲେଜ୍ କର୍ଣ୍ଣର**
ବସ୍‌ଷ୍ଟାଣ୍ଡ୍
ସହଦେବଖୁଣ୍ଟା
ବାଲେଶ୍ୱର



**ନାରାୟଣୀ ବୁକ୍‌ଷ୍ଟୋର**
ପୁରୁଣା ବସ୍‌ଷ୍ଟାଣ୍ଡ
ଭୁବନେଶ୍ୱର



**ସଞ୍ଜୟ ବୁକ୍ ଷ୍ଟୋର**
ବଟେରୀ ବଜାର,
କଲେଜ ରୋଡ୍
ଭଦ୍ରକ

**ମାଧବ ବୁକ୍ ଷ୍ଟୋର**
ଭରତିଆ ଟାୱାର,
ବାଦାମବାଡ଼ି
ବସ୍‌ଷ୍ଟାଣ୍ଡ ସାମ୍ନା, କଟକ

**ତପନ ବୁକ୍ ଷ୍ଟୋର**
ପୁରୁଣା ବସ୍‌ଷ୍ଟାଣ୍ଡ
ଭୁବନେଶ୍ୱର

**ବୀଣାପାଣି ପୁସ୍ତକ ଭଣ୍ଡାର**
ଷ୍ଟେସନ୍ ବଜାର
ବାଲେଶ୍ୱର

**ଜ୍ଞାନପୀଠ ବୁକ୍ ଷ୍ଟୋର**
ବସ୍‌ଷ୍ଟାଣ୍ଡ୍
ବାରିପଦା

**ପଣ୍ଡା ବୁକ୍ ଷ୍ଟୋର**
ବସ୍‌ଷ୍ଟାଣ୍ଡ୍
ସମ୍ବଲପୁର

ସଂସ୍କୃତି

# ଅସାଧାରଣ ଥାପନ୍ନା







# ସାଧାରଣରୁ ଅସାଧାରଣ

# ଆପନ୍ନା ପରିଚ୍ଛା



**ବିଘ୍ନେଶ୍ୱର ସାହୁ**

ଫଟୋ ସୌଜନ୍ୟ : ଲେଖକ

ଓଡ଼ିଶାର ଭୌଗୋଳିକ ସୀମା ସରହଦ ଓ ଭାଷାଭିତ୍ତିକ ଅଞ୍ଚଳର ଯୁକ୍ତିଯୁକ୍ତତା ପ୍ରତିପାଦନ ସକାଶେ ପାରଳା ମହାରାଜା ଆପ୍ରାଣ ଚେଷ୍ଟା କରୁଥିବା ସମୟରେ, ଏହି ଭାଷା ଅଥବା ସୀମା ନିର୍ଦ୍ଧାରଣ କରିବା ସକାଶେ ପାରଳାମାଟିର ଅନ୍ୟାନ୍ୟ ପ୍ରତିଭାମାନଙ୍କ ମଧ୍ୟରୁ ଯେଉଁମାନେ ଯତ୍‌କିଞ୍ଚିତ ସହଯୋଗୀର ଦାୟିତ୍ୱ ନେଉଥିଲେ, ତନ୍ମଧ୍ୟରୁ ବିସ୍ମୃତ ତଥା ବିବିଧ ବ୍ୟକ୍ତିତ୍ୱ ଆପନ୍ନା ପରିଚ୍ଛା ରହିବେ ସର୍ବାଗ୍ରେ ।

ଆପନ୍ନା ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ତତ୍କାଳୀନ ପାରଳା ଜମିଦାରୀର ଜଣେ ପ୍ରମୁଖ ଜମିଦାର ପରିବାରରେ ଜନ୍ମ ତାଙ୍କର । 'କିଛି ନୂଆ ସୃଷ୍ଟି କରିବାର' ଜିଜ୍ଞାସା ଆପନା ପରିଚ୍ଛାଙ୍କୁ ଆଜନ୍ମ ଘାରୁଥିଲା । ତେବେ ପ୍ରଥମେ ପ୍ରଥମେ ଏଥିରେ ସେ ସଫଳକାମୀ ହୋଇଥିଲେ ନଥିଲେ ସୁଦ୍ଧା ଦୃଢ଼ ମନୋବଳ ଯୋଗୁଁ ବିଫଳତାରେ ହତାଶ ହୋଇନଥିଲେ । ପରେ ଅବଶ୍ୟ ନିଜ ଈପ୍ସିତ ଉଦ୍ୟମରେ ସଫଳ ହୋଇଥିଲେ ।

ଜଣେ ମଠ ପରିଚାଳକରୁ ନାଟ୍ୟକାର, ନିର୍ଦ୍ଦେଶକ, ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚା ଏବଂ ସର୍ବୋପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଭିତ୍ତିଭୂମି ତିଆରିରେ ନିଜକୁ ଜଡ଼ାଇ ରଖିବା ଭଳି ବ୍ୟକ୍ତିତ୍ୱ ହେଲେ ଆପନ୍ନା ପରିଚ୍ଛା ।

କେହି ହୁଏତ ନାଟ୍ୟକାର ଆପନ୍ନା ପରିଚ୍ଛା କହିପାରନ୍ତି, କେହି ସ୍ୱାଧୀନତା ସଂଗ୍ରାମୀ ଆପନ୍ନା ପରିଚ୍ଛା କହିପାରନ୍ତି, କିନ୍ତୁ ସମସ୍ତ ବାଦ-ବିବାଦ ଓ ହୀନମନ୍ୟତାରୁ ଊର୍ଦ୍ଧ୍ୱରେ ଥିଲେ ଏହି ବିବିଧ ବ୍ୟକ୍ତିତ୍ୱ ।

ପୁଣ୍ୟ ମହେନ୍ଦ୍ରତନୟାର ତଟବର୍ତ୍ତୀ ପାରଳା ସହରର ଅନେକ ଅନ୍ୟାନ୍ୟ ଇତିହାସର ଗୌରବମୟ ପୃଷ୍ଠାରୁ ଭାଷାଭିତ୍ତିକ ରାଜ୍ୟଗଠନର ମୂଳଦୁଆ ଯେଉଁଠି ପଡ଼ିଥିବା ଅନେକ ଦୃଷ୍ଟାନ୍ତ ରହିଛି – ତାହା ହେଉଛି ରସିକରାଜ ମଠ ବା ପରିଚ୍ଛା ମଠ ।

କେବଳ ଓଡ଼ିଆ ଭାଷାର ନୁହେଁ, ଓଡ଼ିଶାର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚର ଧ୍ୱଂସାବଶେଷକୁ ସଯତ୍ନେ କୋଳେଇ ରଖିଛି ପରିଚ୍ଛା ମଠ ।

ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଆଠ ଦଶକ ବା ଅଶୀ ବର୍ଷରୁ ଅଧିକ ହେବ ଆମେ ସରକାରୀ ଭାବେ ଉତ୍ସବ ପାଳନ କରିଆସୁଛୁ । କିନ୍ତୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିବା ସ୍ୱାଭିମାନୀ ଓ ଜାତିପ୍ରେମୀ ଓଡ଼ିଆ ନେତାଙ୍କ ଗୋଲ୍‌ଟେବୁଲ ବୈଠକ ବସୁଥିଲା ଏଇ ମଠ ପରିସରରେ । ଭାଷାଭିତ୍ତିକ ଅଞ୍ଚଳ ସବୁର ସମ୍ମିଶ୍ରଣ, ରଇତ ଆନ୍ଦୋଳନ; ଏପରି ଅନେକ ଜାତି କଲ୍ୟାଣକର ଯୋଜନା ତିଆରି ହେଉଥିଲା ଏହି ମଠ ପରିସରରେ ।

କେବଳ ଖୋଦ୍ ଆପନ୍ନା ପରିଚ୍ଛା ନୁହଁନ୍ତି କିମ୍ବା ତତ୍କାଳୀନ ଗଞ୍ଜାମ ଜିଲ୍ଲାର ନେତୃବର୍ଗ ନୁହନ୍ତି; ପଣ୍ଡିତ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ବ୍ୟାସକବି ଫକୀରମୋହନ ସେନାପତିଙ୍କ ଭଳି ଓଡ଼ିଶାର ବରପୁତ୍ରଗଣ ମଧ୍ୟ ଏଇ କଥିତ ପରିଚ୍ଛା ମଠର ବାରଣ୍ଡାରେ ହେଉଥିବା ଗୋଲ୍‌ଟେବୁଲ୍ ବୈଠକରେ ଅଂଶଗ୍ରହଣ କରି ସୁଚିନ୍ତିତ ପରାମର୍ଶ ତଥା ମତାମତ ଯୁକ୍ତିନିଷ୍ଠ ଭାବେ ଉପସ୍ଥାପନ କରିଛନ୍ତି ।

ଶିଳ୍ପୀ ଚାତୁରୀର ଅମର ଆଲେଖ୍ୟ ବହନ କରୁଥିବା ଦୁଇ ମହଲା ବିଶିଷ୍ଟ ଏହି ପରିଚ୍ଛା ମଠର କ୍ଷେତ୍ରଫଳ ହେଉଛି ୯୫.୨୫୨ସେଣ୍ଟ୍ । ପ୍ରାୟ (୧୭୩୯-୧୮୦୦) ମସିହାରେ ଶାସନ କରୁଥିବା ଜଗନ୍ନାଥ ଗଜପତି ନାରାୟଣ ଦେବଙ୍କ ଅମଳରେ ଦାମୋଦର ପରିଚ୍ଛା ମଠ ପ୍ରତିଷ୍ଠା କରିଥିବା ଇତିହାସ କହେ ।

ସେ ସମୟର ମଠ ସଂସ୍କୃତିର ଅଭ୍ୟୁଦୟ ପୁରୀ ଭଳି ଏଠାରେ ମଧ୍ୟ ଦ୍ରୁତ ଉନ୍ନତିର ସୋପାନରେ ପହଞ୍ଚି ପାରିଥିଲା । କେବଳ ଠାକୁର ପୂଜା ମଠଗୁଡ଼ିକର ଆଭିମୁଖ୍ୟ ନଥିଲା, ମଠ ଭିତରେ ଅନାଥ ଓ ଗରିବ ଶ୍ରେଣୀର ଛାତ୍ରମାନେ ରହି ରାଜାନୁଗ୍ରହରେ ଶିକ୍ଷାଗ୍ରହଣ କରୁଥିଲେ । ପୁରୀ ପରେ ପାରଳାଖେମୁଣ୍ଡିରେ ଅଧିକାଂଶ ମଠ ରହିଛି । ଏପରିକି ରାଜାରାଜୁଡ଼ାମାନେ ସହରରେ ଥିବା ଅନେକ ମଠକୁ ହଜାର ହଜାର ଏକର ଜମି ଦାନସୂତ୍ରରେ ଦେଇଛନ୍ତି ତ ଅନେକ ଜମିଦାର ଓ ନିଜର ବଂଶାନୁକ୍ରମିକ ଭାବେ ମଠ ସବୁର ଦାୟିତ୍ୱ ନିର୍ବାହ କରିଆସୁଛନ୍ତି । ସେହିପରି ମଠ ମଧ୍ୟରୁ ପରିଚ୍ଛା ମଠ ଅନ୍ୟତମ । ଏହି ପରିଚ୍ଛା ମଠ ମଧ୍ୟରେ ଆରାଧ୍ୟ ଦେବତା ରହିଛନ୍ତି ରସିକରାଜ । ଏଠାରେ ରାଧାକୃଷ୍ଣ ଯୁଗଳମୂର୍ତ୍ତି ପୂଜିତ ହେଉଥିବା ବେଳେ କୃଷ୍ଣଙ୍କ ଅନ୍ୟ ପ୍ରକୃତି ରସିକତା ଥିଲା । ସେହି ରସିକତାକୁ ଆଧାରକରି ଏଠାରେ ଆରମ୍ଭ ହୋଇଥିଲା 'ଶ୍ରୀଶ୍ରୀ ରସିକରାଜ ପ୍ରାସାଦୈକ ସୁଜ୍ଜନ ମନୋରଞ୍ଜନ ନାଟ୍ୟସଂଘ' । ପ୍ରଥମେ ଆପନ୍ନା ପରିଚ୍ଛାଙ୍କ ଦ୍ୱାରା ଏହାର ଶ୍ରୀଶୁଭମସ୍ତୁ କରାଯାଇଥିଲା । ନାଟକ କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବାରେ ଆପନ୍ନାଙ୍କ ଧୂରୀଣ ଓ ବଳିଷ୍ଠ ଦୂରଦୃଷ୍ଟି କଳିଙ୍ଗରାଜ୍ୟର ନାଟ୍ୟକାରମାନଙ୍କ ସକାଶେ ସମୃଦ୍ଧି ଆଣିଦେଇଥିଲା । ଅନେକ ବିନିଦ୍ର ରଜନୀ ଏଠାରେ କଟାଇଛନ୍ତି ବହୁ ବିଜ୍ଞ ମହାମନିଷୀଗଣ ।

ସାମାଜିକ ନାଟକ କ୍ଷେତ୍ରରେ 'ବାବାଜୀ' ନାଟକ ପ୍ରଥମେ ମଞ୍ଚସ୍ଥ ହୋଇଥିଲା କଟକ ଜିଲ୍ଲା ମାହାଙ୍ଗାର ରାଧାକାନ୍ତ ରଙ୍ଗମଞ୍ଚରେ । କିନ୍ତୁ ପୌରାଣିକ କିମ୍ବା ଯେକୌଣସି ବର୍ଗର ନାଟକ କ୍ଷେତ୍ରରେ ରସିକରାଜ ପ୍ରାସାଦୈକ ରଙ୍ଗମଞ୍ଚ ହିଁ ଓଡ଼ିଶାରେ ସର୍ବପ୍ରଥମ ।



ଆପନ୍ନା ପରିଛା ମାଟ୍ରିକ ପଢୁଥିବା ସମୟରେ ମନ୍ଦିରର ବଂଶାନୁକ୍ରମିକ ଦାୟିତ୍ୱ ମୁଣ୍ଡାଇବାର ଭାର ପଡ଼ିଥିଲା । ମନ୍ଦିରର ପରିଚାଳନାର ଦାୟିତ୍ୱ ସହ ଏକ ସାଂସ୍କୃତିକ ଦଳ ପ୍ରତିଷ୍ଠା ତାଙ୍କରି ନାଟ୍ୟକଳା ପ୍ରତି ଥିବା ଅନୁରକ୍ତିର ପରିଚୟ ଦିଏ । ନିଜ ପ୍ରତିଷ୍ଠିତ ରଙ୍ଗାଳୟକୁ ପାରଳା ରାଜ ପରିବାର ଅନୁରୋଧ କ୍ରମେ ପଦ୍ମନାଭ ରଙ୍ଗାଳୟକୁ ନାମ ପରିବର୍ତ୍ତନ କରିବା କେବଳ ଆପନ୍ନାଙ୍କର ନୁହେଁ, ପରିଛା ବଂଶର ପ୍ରକୃତ ଦାୟାଦ ହିସାବରେ ଆପନ୍ନାଙ୍କ ନିର୍ମଳ ତ୍ୟାଗ ତଥା ରାଜ ପରିବାର ପ୍ରତି ଅନୁରାଗର ସୂଚନା ଦିଏ ।

ଦ୍ୱିତଳ ବିଶିଷ୍ଟ ମଞ୍ଚର ତଳ ଭାଗରେ କୋଠାଘର, ଭଣ୍ଡାରଘର, ଗନ୍ତାଘର ରହିଥିବା ବେଳେ ଉପରି ଭାଗରେ ଗ୍ରନ୍ଥାଗାର ଚାଲୁଥିଲା । ସରକାରୀ ଦୃଷ୍ଟିର ଆଢୁଆଳ ଯୋଗୁଁ ଏହି ବିରଳ କୀର୍ତ୍ତିସ୍ତମ୍ଭଟି ହୁଏତ କିଛି ବର୍ଷ ପରେ ଧରାଶାୟୀ ହୋଇଯିବ । ଏବେକାର ମନ୍ଦିରର ଉତ୍ତରାଧିକାରୀ ମୂରଲୀଧରଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଅନେକାଂଶରେ ଆପନ୍ନାଙ୍କ ସ୍ମୃତିକୁ ସାଉଁଟିବାରେ ଯଥେଷ୍ଟ ସହାୟକ ହୋଇପାରିଛି । ବହୁଦିନରୁ ଏବଂ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦାଲାଭ କରିବା ପୂର୍ବରୁ ଆପନ୍ନାଙ୍କ କୃତି ଗ୍ରନ୍ଥାଗାରରେ ତିନି ହଜାରରୁ ଅଧିକ ବିଭିନ୍ନ ଭାଷାର ଦଲିଲ, ପୁସ୍ତକ ଓ ଡାଏରୀମାନ ରହିଛି । ଏସବୁ ଡାଏରୀରେ ଆପନ୍ନା ପ୍ରତିଦିନର ବିବରଣୀ ଓ ମଠର ହିସାବପତ୍ର ଲିପିବଦ୍ଧ କରୁଥିଲେ । ଗବେଷଣା ଆଳରେ କିଛି ନଥିପତ୍ର ଓ ଦଲିଲ ଚୋରୀ ହୋଇଥିବା ବେଳେ କିଛି ଯତ୍ନ ଅଭାବରୁ ନଷ୍ଟ ହୋଇଯାଇଛି । ଯେତିକି ଅନ୍ତତଃ ରହିଛି, ସେସବୁ ମଧ୍ୟ ଗବେଷଣା ସାପେକ୍ଷ । ନାଟକ ରଚନା ଠୁ ଆରମ୍ଭ କରି ନାଟକର ନିର୍ଦ୍ଦେଶନା ଦେବା ଅନେକାଂଶରେ ଏକ କଷ୍ଟକର ବ୍ୟାପାର । କିନ୍ତୁ ଊନବିଂଶ ଶତାବ୍ଦୀର ଆଦ୍ୟକାଳରେ ବିଭିନ୍ନ ଭାଷାର ପୁସ୍ତକ ଓ ସାହିତ୍ୟ ପଢ଼ିବା, ସେସବୁର ଭାଷାନ୍ତର କରିବା ଆଦୌ ସହଜଲବ୍ଧ ନଥିଲା । କିନ୍ତୁ ଦୂରଦୃଷ୍ଟିର ଦୃଷ୍ଟାନ୍ତ ରଖୁଥିଲେ ଆପନ୍ନା ପରିଛା । କେବଳ ନିଜେ ପଢ଼ାପଢ଼ି କରୁନଥିଲେ, ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ବିଭିନ୍ନ ଭାଷାର ପୁସ୍ତକ ଅଧ୍ୟୟନ ପାଇଁ ପ୍ରବର୍ତ୍ତାଉ ଥିଲେ । ଏହି ମଠରେ ତତ୍‌ସାମୟିକ ଦାୟାଦମାନେ ଗରିବ, ଅନାଥ ଛାତ୍ରମାନଙ୍କୁ ଆଣି ଉକ୍ତ ମଠରେ ରଖି ସେମାନଙ୍କୁ ସବୁପ୍ରକାର ନିତ୍ୟ ଆବଶ୍ୟକତାକୁ ତୁଲାଇ ନିଜ ଆଧିପତ୍ୟ, ବଂଶ ଆଭିଜାତ୍ୟ ଏବଂ ମଠର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବାରେ ସକ୍ଷମ ହୋଇଥିଲେ ଯାହା ସାମାଜିକ ଦୃଷ୍ଟିକୋଣରୁ ଏହି ପରିଛା ମଠର ଆବଶ୍ୟକତା ସେ ସମୟରେ ସର୍ବୋତ୍କୃଷ୍ଟ ଥିଲା । ବିଜ୍ଞପଣ୍ଡିତ, ସାହିତ୍ୟିକ ଓ ଶାସ୍ତ୍ରଜ୍ଞମାନଙ୍କୁ ନିମନ୍ତ୍ରଣ କରି ଜ୍ଞାନ ସମ୍ବନ୍ଧୀୟ ଆଲୋଚନା, ତର୍କ କରାଯାଉଥିଲା । ବିଖ୍ୟାତ କଳାକାରମାନଙ୍କୁ ଡକାଇ ଏଠାରେ ସ୍ଥାନୀୟ କଳାପ୍ରେମୀ ଜନସାଧାରଣଙ୍କୁ ଉଚିତ ମାର୍ଗଦର୍ଶନ କରା ଯାଉଥିଲା । ଏ ସମସ୍ତ ପ୍ରକାର ବିବିଧ ବିଭବକୁ ଲକ୍ଷ୍ୟ କରି ଗୋପବନ୍ଧୁ ଦାସ କହିଥିଲେ - ପରିଛା ମଠ ଓଡ଼ିଆ ଜାତୀୟତା ଏବଂ ଜ୍ଞାନଚର୍ଚ୍ଚାର ପୀଠସ୍ଥଳି ଅଟେ ।

ଓଡ଼ିଶା ପ୍ରାଦେଶିକ ପଟ୍ଟଭୂମି ନିର୍ମାଣ ସମୟରେ ଏହି ମଠ ସ୍ୱାଭିମାନୀ ଆପନ୍ନା ପରିଛାଙ୍କ ସୂକ୍ଷ୍ମଚିନ୍ତା ଏବଂ ତୀକ୍ଷ୍ଣ ଦୂରଦୃଷ୍ଟିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଇତିହାସ କହେ, ଯାହା ପାଇଁ ଏହି ମଠକୁ ଓଡ଼ିଶାରେ 'ଆନନ୍ଦ ମଠ' ବୋଲି କୁହାଯାଇ ପାରିବ ।

ଭାରତର ଆନନ୍ଦମଠରେ ଯେଉଁପରି ଗାନ୍ଧିଜୀଙ୍କ ସହ ଅନ୍ୟ ଦେଶର ଭକ୍ତ, ବିଦ୍ୱାନ୍‌ମାନେ ମିଳିତ ହୋଇ ପରାଧୀନ ଭାରତମାତାକୁ ମୁକ୍ତ କରିବା ପାଇଁ ଯେଉଁଭଳି ଭାବେ ବିଭିନ୍ନପ୍ରକାର ଷଡ଼ଯନ୍ତ୍ର ଗୁପ୍ତ ଭାବେ କରୁଥିଲେ ଏବଂ ଲଢ଼ିବା ପାଇଁ ସଂଗ୍ରାମୀମାନଙ୍କୁ ଶିକ୍ଷା ଦେଉଥିଲେ, ଠିକ ସେହିପରି ତତ୍ ସମୟରେ ବାରିଷ୍ଟର ମଧୁସୂଦନ, ପଣ୍ଡିତ ଗୋପବନ୍ଧୁ, ନୀଳକଣ୍ଠ ଦାସ ବିଦ୍ରୋହୀ ଆପନ୍ନାଙ୍କ ସହିତ ଏହି ମଠରେ ମିଳିତ ହୋଇ ଓଡ଼ିଆ ଭାଷା, ଜାତି ଓ ଭୂଖଣ୍ଡର ରକ୍ଷା ଓ ସ୍ୱାଧୀନତା ପାଇଁ ଏହି ମଠଟିକୁ ସୁରକ୍ଷିତ ମଣି ବିଭିନ୍ନ ପ୍ରକାର ଗୁପ୍ତ ଷଡ଼ଯନ୍ତ୍ର ତିଆରି କରୁଥିଲେ ।

ଏହି ବିଷୟବସ୍ତୁକୁ ଉପଜୀବ୍ୟ କରି ପ୍ରଖ୍ୟାତ ଐତିହାସିକ ଓ ଗବେଷକ ତଥା ଏହି ପାରଳାମାଟିର ଅନ୍ୟତମ କୃତିସନ୍ତାନ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ନିବନ୍ଧରେ ଲେଖିଛନ୍ତି ।

'ଆନନ୍ଦ ମଠର ଆଦର୍ଶରେ ପରିଛାମଠ ଚାଲୁଛି । ଏହି ମଠର ଆଦର୍ଶ ଭଳି ଅବଶ୍ୟ ଓଡ଼ିଶାରେ ସ୍ୱରାଜ୍ୟ ଆଶ୍ରମ, କଟକ ଓ ଉତ୍କଳ ଆଶ୍ରମ ଗଞ୍ଜାମରେ ରହିଛି । କିନ୍ତୁ ଇଂରେଜମାନଙ୍କ ତୀକ୍ଷ୍ଣ ନଜରରେ ଥିବା ପ୍ରୋକ୍ତ ଦୁଇଟି ଯାକ ଆଶ୍ରମ ସମସ୍ତଙ୍କ ପାଇଁ ସୁରକ୍ଷିତ ନଥିଲା ।

ସେହିପରି ଆଉ ଏକ ପ୍ରବନ୍ଧରେ ବିଶିଷ୍ଟ ଐତିହାସିକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଲେଖିଛନ୍ତି : "ପାରଳାଖେମୁଣ୍ଡିର ଶ୍ରୀ ପଦ୍ମନାଭ ଦେବଙ୍କ ସ୍ମୃତିରକ୍ଷା ସକାଶେ ଯେଉଁ ରଙ୍ଗାଳୟଟି ଆଧୁନିକ ଧରଣରେ ନିର୍ମିତ ହେଲା, ସେଥିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଉତ୍ସାହ ଏବଂ ଅନୁଦାନ ହେତୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଙ୍ଗୀତ ଓ ନାଟକ ପ୍ରେମୀମାନେ ଆସି ସେହି ଅନୁଷ୍ଠାନରୁ ଶିକ୍ଷାଲାଭ କରି ଯାଉଥିଲେ । କଟକର ଅନ୍ନପୂର୍ଣ୍ଣା ଥିଏଟର ପକ୍ଷରୁ ମଧ୍ୟ କେତେକ ନାଟକ ସେହି ପଦ୍ମନାଭ ରଙ୍ଗାଳୟରେ ପ୍ରଦର୍ଶିତ ହୋଇଥିଲା । ଓଡ଼ିଶାର ସୁପ୍ରସିଦ୍ଧ ସଙ୍ଗୀତଜ୍ଞ ସ୍ୱର୍ଗୀୟ କାଳୀଚରଣ ପଟ୍ଟନାୟକ କେତେଥର ପାରଳା ଆସି କବି ଗୋପାଳକୃଷ୍ଣ, ଗୌରହରି ପରିଛା ପ୍ରଭୃତି ପ୍ରାଚୀନ କବି ଓ ସଙ୍ଗୀତଜ୍ଞଙ୍କ ରଚିତ ରାଗ ଓ ତାଳ ସମ୍ପର୍କରେ ଅଧିକ ଶିକ୍ଷା କରି ଯାଇଥିବା ଆପନ୍ନାଙ୍କ ଡାଏରୀରୁ ଜଣାଯାଏ । ଆଧୁନିକ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପାରଳା ଠାରେ ପଥପ୍ରାନ୍ତ ନାଟ୍ୟ ରୂପେ ରାମଲୀଳା, କୃଷ୍ଣଲୀଳା ଅତି ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଥିଲା । ରାଧାକୃଷ୍ଣଙ୍କ ଲୀଳା ସମ୍ପର୍କରେ ଯେଉଁ ସବୁ ପଥପ୍ରାନ୍ତ ନାଟ୍ୟ ସମ୍ଭାର ପାରଳାର କରଣ ସାହିରେ ପ୍ରଦର୍ଶିତ ହେଉଥିଲା, ତାହା ନାଟକୀୟ ପଦ୍ଧତିରେ ରଚନା କରିବା ସକାଶେ ସ୍ୱର୍ଗୀୟ ଆପନ୍ନା ପରିଛା ବହୁ ଧନ ବ୍ୟୟ କରି ତାଙ୍କ ନିଜର ଶ୍ରୀ ରସିକରାଜ ମଠରେ ଗୋଟିଏ ନାଟ୍ୟଶାଳା ନିର୍ମାଣ କଲେ । ସେଥିରେ ନାଟକ ପ୍ରଦର୍ଶନ ପାଇଁ ଯେତେ ସବୁ ଉପକରଣ ଓ ବେଶଭୂଷା ଆବଶ୍ୟକ, ତାହା ସେ ନିଜେ କ୍ରୟ କରିଥିଲେ । ଆଉ ମଧ୍ୟ କୃଷ୍ଣଲୀଳା ନାଟକର ଢାଞ୍ଚାରେ ଲେଖିବାକୁ ଆପନ୍ନା ପରିଛା ଓ ତାଙ୍କ ପୁତୁରା ସିଂହାଦ୍ରୀ ପରିଛା



ଏବଂ ନିଜେ (ରାଜଗୁରୁ ମହାଶୟ) କେତେ ଗୋଟି ନାଟକ ରଚନା କଲୁ । ଆପନ୍ନା ପରିଛାଙ୍କ ନବାନ୍ନ ରାଗ, ସିଂହାଦ୍ରୀ ପରିଛାଙ୍କ 'ନବୋକୃଷ୍ଣା' ଓ ନିଜେ(ସତ୍ୟନାରାୟଣ ରାଜଗୁରୁ) ଲେଖିଥିବା ନାଟକ 'ରାଧାଭିଷେକ' ରସିକରାଜ ମଠର ରଙ୍ଗମଞ୍ଚରେ ଅଭିନୀତ ହୋଇ ପ୍ରଶଂସିତ ହୋଇଥିଲା । ରାଧାଭିଷେକ ନାଟକ ଅଭିନୟ ଦେଖିବାକୁ ଖୋଦ୍ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସେହି ମଠକୁ ଯାଇ ସମ୍ପୂର୍ଣ୍ଣ ନାଟକଟିକୁ ଦେଖିଥିବାରୁ ପରିଛାଙ୍କ ନାଟ୍ୟଶାଳା ସମଗ୍ର ଓଡ଼ିଶାରେ ପରିଚିତ ହୋଇଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ସ୍ୱର୍ଗୀୟ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ପ୍ରମୁଖ ତତ୍କାଳୀନ କଂଗ୍ରେସ ନେତାମାନେ ଅନେକବାର ପରିଛା ମଠକୁ ଆସି ଆତିଥ୍ୟ ଗ୍ରହଣ କରୁଥିଲେ । ଆପନ୍ନା ପରିଛାଙ୍କ ଉଦ୍ୟମରେ ସେହି କୃଷ୍ଣଲୀଳା ସମ୍ପର୍କୀୟ ନାଟକରେ ଅଂଶଗ୍ରହଣ କରିବା ସକାଶେ ଦୁସ୍ଥ ବାଳକମାନଙ୍କୁ ସେହି ମଠରେ ରଖି ସଙ୍ଗୀତ ଓ ଅଭିନୟ ଶିକ୍ଷା ଦିଆ ଯାଉଥିଲା । କାରଣ ସଙ୍ଗୀତ ପ୍ରାଧାନ୍ୟ ସେହି ନାଟ୍ୟ ଭୂମିକାରେ ଅଂଶଗ୍ରହଣ କରିବାକୁ ହେଲେ ସଙ୍ଗୀତର ମୌଳିକ ପଦ୍ଧତି ଜାଣିବା ଆବଶ୍ୟକ । ତେଣୁ ସେଥିପାଇଁ ପାରଳାର ସୁପ୍ରସିଦ୍ଧ ସଙ୍ଗୀତ ବିଶାରଦ ମାଗତା ପାଢ଼ୀଙ୍କୁ ଆପନ୍ନା ପରିଛା ଦରମା ଦେଇ ନିଯୁକ୍ତ କରିଥିଲେ । ତାଙ୍କର ପଦ୍ମନାଭ ରଙ୍ଗାଳୟରେ କେତେକ ଐତିହାସିକ ଓ ପୌରାଣିକ ବିଷୟକୁ ଆଧାର କରି ଲେଖାହୋଇଥିବା ନାଟକ ଅଭିନୀତ ହେଉଥିଲା ।"

ବେଳେ ବେଳେ ଏମିତି ଘଟଣା ଘଟିଛି, ଯାହା ଅନେକଙ୍କୁ ଆଚମ୍ବିତ କରିଛି । ଅତିଥି ସେବାରେ ସେ ନିଜକୁ ମଜାଇ ଦେଉଥିବା ବେଳେ ଅପରପକ୍ଷରେ ପ୍ରବଳ ରାଜାନୁଗ୍ରହ ଥାଇସୁଦ୍ଧା ପାରଳା ରାଜାଙ୍କ ସାମୟିକ ରୁକ୍ଷ ବା ରୁଷ୍ଟତା ପ୍ରତି ସେ ଭ୍ରୂକ୍ଷେପ କରୁନଥିଲେ । ଯେଉଁକ୍ଷେତ୍ରରେ ସମଗ୍ର ପାରଳାବାସୀ ରାଜାଙ୍କୁ ଭୟ କରି ରହୁଥିଲେ, ସେଇ ଅବସ୍ଥାରେ ସେ ସାହସର ସହ ରାଜାଙ୍କୁ ସାମୟିକ ସ୍ତରରେ ମୁକାବିଲା କରି ପାରିଛନ୍ତି । ଥରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଓଡ଼ିଆ ଜାଗରଣ କାର୍ଯ୍ୟକ୍ରମରେ ପାରଳାକୁ ଆସିବାର ଥାଏ । କିନ୍ତୁ ତତ୍କାଳୀନ ଗଜପତି ମହାରାଜ ତାଙ୍କରି କାର୍ଯ୍ୟକ୍ରମ ଓ ରହିବାର କୌଣସି ବନ୍ଦୋବସ୍ତ କଲେ ନାହିଁ । ଆପନ୍ନା ପରିଛା ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ମଧ୍ୟରେ ଥିବା ମତାନୈକ୍ୟ ପ୍ରତି ସହରବାସୀ ଅବଗତ ଥିଲେ ବହୁ ପୂର୍ବରୁ । ଏଥିରୁ ସାଧାରଣତଃ ଅନୁମାନ କରିବା କଥା ଯେ ଯେହେତୁ ପାରଳାର ନାଗରିକମାନେ ବିଶେଷତଃ ବୁଦ୍ଧିଜୀବୀ ଓ ରାଜାନୁଗ୍ରହ ପାଳିତ ବ୍ୟକ୍ତିମାନେ ପରିଛା ମଠର ଛାଇ ନମାଡ଼ିବା କଥା, କିନ୍ତୁ ପ୍ରକୃତ ପରିସ୍ଥିତି ଥିଲା ଓଲଟା । ସହର ମଧ୍ୟରେ ଆପନ୍ନା ଅତ୍ୟନ୍ତ ଲୋକପ୍ରିୟ ଥିଲେ । ପରିଛା ମଠକୁ ସାଧାରଣ ଲୋକେ, ବୁଦ୍ଧିଜୀବୀ ଶ୍ରେଣୀ, ଏପରିକି ମହାରାଜାଙ୍କ କର୍ମଚାରୀ ଓ କଲେଜ ଅଧ୍ୟାପକମାନେ ନିର୍ଭୟରେ ଆସନ୍ତି । ନାଟକର ପ୍ରାକ୍ ଅଭ୍ୟାସ ଦେଖନ୍ତି– ଗପସପ ହୁଏ – ସଙ୍ଗୀତ ଚର୍ଚ୍ଚା ହୁଏ । ମତାନୈକ୍ୟ ଥିଲେ ସୁଦ୍ଧା ରାଜା କିମ୍ବା ଆପନ୍ନା ପରିଛା ନିଜ ପାଖକୁ ଆସୁଥିବା ଜନସାଧାରଣଙ୍କୁ ପରସ୍ପର ବିରୋଧରେ କେହି କାହାରି କଥା ପଚାରିନଥିବା ସବୁଠୁ ଉଲ୍ଲେଖଯୋଗ୍ୟ । ଏହାର ଦୃଷ୍ଟାନ୍ତ ନାହିଁ । ନିଜ ନିଜ ଆସ୍ଥାନରେ ଦୃଢ଼ ରହି ଉଭୟେ ଉଭୟଙ୍କୁ ସମ୍ମାନଜନକ ଦୃଷ୍ଟିରେ ଦେଖୁଥିଲେ । ତଥାପି ମହାରାଜ ଗଜପତି ପ୍ରଶାସନିକ କ୍ଷେତ୍ରର ଇଂରେଜମାନଙ୍କ ସହ ଉତ୍ତମ ସମ୍ପର୍କ ରଖିବା ଉଦ୍ଦେଶ୍ୟରେ ଗୋପବନ୍ଧୁଙ୍କ ରହଣି ସକାଶେ କିଛି ବ୍ୟବସ୍ଥା କଲେ ନାହିଁ । ଏ ଅବ୍ୟବସ୍ଥା ସମ୍ପର୍କରେ ତତ୍କାଳ ଛାତ୍ର ସତ୍ୟନାରାୟଣ ରାଜଗୁରୁ ଏବଂ ସାଥୀଙ୍କୁ ଖବର ମିଳିଲା । ସେମାନେ ଅନନ୍ୟୋପାୟ ହୋଇ ପରିଛା ମଠକୁ ଧାଇଁଲେ । ଆପନ୍ନାଙ୍କୁ ସାକ୍ଷାତ କରି ସବୁ ବିଷୟ ପେଶ୍ କରି ଚାଲିଲେ । ଆପନ୍ନା କିନ୍ତୁ ନିର୍ବିକାର ଭାବେ ସମସ୍ତଙ୍କୁ ଆଶ୍ୱାସନା ଦେଇ କହିଲେ – ଚିନ୍ତାକର ନାହିଁ । ମୁଁ ପରିଛା ମଠରେ ସେହି ବିରାଟ କାର୍ଯ୍ୟକ୍ରମର ବନ୍ଦୋବସ୍ତ କରିବି । ପରେ ଅତି ଉଦ୍ଦୀପନାର ସହ କାର୍ଯ୍ୟକ୍ରମଟି ସଫଳ ହେଲା ।

ସାମାଜିକ ଦିଗଦର୍ଶନ ଦେବାରେ ଏହି ମଠ ନିଜର ପ୍ରାଧାନ୍ୟକୁ ବଜାୟ ରଖିଥିଲା । ବିପ୍ଳବୀ ଆପନ୍ନା ଥିଲେ ଏହାର ମୁଖ୍ୟନାୟକ ।

୧୯୨୪ ମସିହାରେ ରଇତଙ୍କ ଉପରେ ଖଜଣା ବସାଗଲା, ଏଇ ମଠରେ ରଇତମାନଙ୍କ ସମାବେଶ କରାଇ ଖଜଣା ଆଦାୟ ବିରୋଧରେ ସ୍ୱର ଉଠାଗଲା । ଏହା ରଇତମାନଙ୍କ ଦକ୍ଷ ଓ ରୁକ୍ଷ ଚିନ୍ତାଧାରାକୁ ଦୋହଲାଇ ଦେବାରେ ସକ୍ଷମ ହୋଇଥିଲା । ରଇତ ଆନ୍ଦୋଳନ ତୀବ୍ରତର ହେଲା । ଏହି ପରିଛା ମଠର ଆରାଧ୍ୟ ଶ୍ରୀ ରସିକରାଜଙ୍କ ଅପାର କରୁଣାରୁ ଯେଉଁ ବଜ୍ର ଶପଥ ନିଆଯାଏ, ତାହାର ସଫଳ ରୂପାୟନ ହୋଇଥିବା ଅନେକ ଦୃଷ୍ଟାନ୍ତ ରହିଛି । ଓଡ଼ିଆ ଭାଷା, ଜାତି, ଦେଶମିଶ୍ରଣ, ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସ୍ୱାଧୀନତା ପାଇଁ ଯେଉଁ ଗୁପ୍ତ ମନ୍ତ୍ରଣା ତିଆରି ହେଉଥିଲା ଏହି ପରିଛା ମଠରେ । ବଙ୍ଗଳାର ଔପନ୍ୟାସିକ ବଙ୍କିମଚନ୍ଦ୍ରଙ୍କ ରଚିତ 'ଆନନ୍ଦ ମଠ'ର ଆଦର୍ଶରେ 'ପରିଛା ମଠ' ଦକ୍ଷିଣାଞ୍ଚଳ ଓଡ଼ିଆଙ୍କ ଏକ ଜାତୀୟ କେନ୍ଦ୍ରରୂପେ ପରିକଳ୍ପିତ ହୋଇଥିଲା । କାରଣ ଏହି ଦୁର୍ଗମ ଅଞ୍ଚଳକୁ ନିରାପଦ ମଣି ସଂଗ୍ରାମୀ ମନର ଯୁଦ୍ଧକୌଶଳ ପ୍ରସ୍ତୁତି କରା ଯାଉଥିଲା । ୧୯୨୭ ମସିହାରେ ମହାତ୍ମାଗାନ୍ଧୀ ଶ୍ରୀକାକୁଲମ (ଆନ୍ଧ୍ରପ୍ରଦେଶ) ଆସିଥିବା ଅବସରରେ ତାଙ୍କୁ ପାରଳା ଆଣିବା ପାଇଁ ଉଦ୍ୟମ କରି ଆପନ୍ନା ପରିଛା ସଫଳ ହୋଇଥିଲେ । ପାରଳାବାସୀ ଗାନ୍ଧିଜୀଙ୍କ ଦର୍ଶନ ଲାଭ କରି କୃତ କୃତ୍ୟ ହେବା ସହ ଆପାନ୍ନାଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ ।

ଦେଶ ମିଶ୍ରଣ, ଭାଷାଗତ ସ୍ୱାଧୀନତା ପାଇଁ ସଂଗ୍ରାମର ପାଉଁଶ ଗଦାଭିତରୁ ଆଜି ମଧ୍ୟ ଆପନ୍ନା ପରିଛାଙ୍କ ନାମରେ ନିଆଁର ବାସ୍ନା ମିଳୁଛି । ଦେଖିବାକୁ ଗଲେ ସଂସ୍କୃତି, ସଙ୍ଗଠନ ଓ ସର୍ବୋପରି ସଂଗ୍ରାମ ଓ ସଂଗ୍ରାମୀର ପେଣ୍ଠସ୍ଥଳ ହେଉଛି ଏହି ରସିକରାଜ ମଠ ବା ପରିଛା ମଠ ପରିସୀମା ।

ଯଥାର୍ଥରେ ଆପନ୍ନା ଥିଲେ ପାରଳାରେ ଗାନ୍ଧୀ-ଗୋପବନ୍ଧୁ ପ୍ରବାହର ଅନ୍ୟତମ ଭଗୀରଥ । ପାରଳାର ଏହି ଭୂମିପୁତ୍ର ହେଲେ ଏକାଧାରରେ ନାଟ୍ୟକାର ସଙ୍ଗୀତଜ୍ଞ, ସମାଜସେବୀ, ସଂସ୍କାରକ, ଦେଶଭକ୍ତ ଓ ଜାତିପ୍ରାଣତାର ଅପୂର୍ବ ତ୍ରିବେଣୀସିକ୍ତ ଜଣେ ବିବିଧ ବ୍ୟକ୍ତିତ୍ୱ ।

**ସହଯୋଗୀ ସମ୍ପାଦକ : ସମଦୃଷ୍ଟି, ଭୁବନେଶ୍ୱର**
**ଫୋନ୍: ୭୦୦୮୭୮୭୩୬୪**



# ବନଲତା ସେନ ପ୍ରତିମା ନାୟକ ଅଲକା ସାନ୍ୟାଲ



ସଚ୍ଚି ରାଉତରାୟ

ଗୁରୁପ୍ରସାଦ ମହାନ୍ତି

ଜୀବନାନନ୍ଦ ଦାଶ

# ଅଳକାରୁ ଅଳକା ପର୍ଯ୍ୟନ୍ତ




## ସନ୍ତୋଷ କୁମାର ନାୟକ

ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ (ଓଡ଼ିଆ)
ସରକାରୀ ମହାବିଦ୍ୟାଳୟ, କୋରାପୁଟ-୭୬୪୦୨୧
ଫୋନ୍ : ୮୩୨୮୯୦୯୧୫୭


ନାରୀକୁ ନେଇ ପୁରୁଷ ସ୍ରଷ୍ଟା ରଚନା କରିଆସିଛି ଅସଂଖ୍ୟ ସାହିତ୍ୟ କୃତି। ପୂର୍ବରୁ ସ୍ରଷ୍ଟାକୁ ଲିଙ୍ଗଭେଦ ବା ଲୈଙ୍ଗିକ ବିବିଧତାର ଖୁବ୍ ଉର୍ଦ୍ଧ୍ୱରେ ସମାଲୋଚକ ରଖୁଥିଲେ। କିନ୍ତୁ ଏକବିଂଶ ଶତକରେ ଛିଡ଼ା ହୋଇ ଆଜି ଆଉ ଅନୁରୂପ ଭାବନାକୁ ଛାତିରେ ସ୍ଥାନଦେବା ନ୍ୟାୟୋଚିତ ମନେହୁଏ ନାହିଁ। ନାରୀବାଦୀ ଆନ୍ଦୋଳନର ଆଲୋକରେ ଅନ୍ତତଃ ନାରୀର ବିଶୁଦ୍ଧ ଇଚ୍ଛା କେତେ ବାରି ହୋଇପଡ଼ିଛି। ଏହାଦ୍ୱାରା ନାରୀର ଭିନ୍ନ ଏକ ସ୍ୱର ଓ ସ୍ୱରୂପ ଉଦ୍‌ଘାଟିତ ହୋଇଛି। ଏହିଠାରୁ ହିଁ ସ୍ୱତଃ ଦୁଇଟି କଥା ଆସେ : ପୁରୁଷ ଦୃଷ୍ଟି ଓ ନାରୀ ଦୃଷ୍ଟି। ପୁଣି ଏ ଦ୍ୱୟ ପ୍ରତ୍ୟେକ କରି ଦ୍ୱିବିଧ ଅଟନ୍ତି। ପୁରୁଷ ସ୍ରଷ୍ଟାର ପୁରୁଷ ପ୍ରତି ଦୃଷ୍ଟି ଓ ଦର୍ଶନ ଓ ପୁରୁଷ ସ୍ରଷ୍ଟାର ନାରୀ ପ୍ରତି ଦୃଷ୍ଟିଦର୍ଶନ। ଠିକ୍ ସେହିକଥା ନାରୀ ସ୍ରଷ୍ଟାଟିଏ କ୍ଷେତ୍ରରେ ମଧ୍ୟ ଦେଖାଯାଏ। ଉଭୟଙ୍କର ଉଭୟଙ୍କ ପ୍ରତି ଭିନ୍ନ ଭିନ୍ନ ଦୃଷ୍ଟିଭଙ୍ଗୀ। ସ୍ରଷ୍ଟାଟିଏର ଦୃଷ୍ଟିରେ ନାରୀ ବା ପୁରୁଷଟିଏ 'ସୃଷ୍ଟି'ରେ ପରିଣତ ହୁଏ; କାଳଜୟୀ ଚରିତ୍ରଟି ହୁଏ କିନ୍ତୁ ସେହି ଚରିତ୍ରଟି ଚିତ୍ରିତ ହୁଏ ନିର୍ଦ୍ଦିଷ୍ଟ ଲେଖକଟି ଦ୍ୱାରା। କାରଣ ଲେଖକ ଯେତେ ବାସ୍ତବବାଦୀ, କ୍ଷେତ୍ର ଅଧ୍ୟୟନ ମୂଳକ ହେଲେ ମଧ୍ୟ ଚରିତ୍ରଟିଏର ବା ସାମାଜିକ ବ୍ୟକ୍ତିଟିଏର ମନସ୍ତତ୍ତ୍ୱ ଅନ୍ତର୍ନିହିତ ଭାବନା ଓ ମନସ୍ତତ୍ତ୍ୱକୁ କଦାପି ମାପି ପାରି ନଥାଏ। ଏସବୁ କହିବା ଅସହଜ ନୁହେଁ, ଅସମ୍ଭବ ମଧ୍ୟ- ଏସବୁ କଳ୍ପନାତୀତ ଗୋପୀନାଥଙ୍କ 'ଦାନାପାଣି'ରେ 'ବଳିଦତ୍ତ' ଓ 'ସରୋଜିନୀ' ପ୍ରତି ଲେଖକୀୟ ଦୃଷ୍ଟିଭଙ୍ଗୀକୁ ବିଚାର କରାଯାଉ। ସେହିପରି ଲେଖକ ମହାନ୍ତିଙ୍କ 'ହରିଜନ'ର ପୁନି, ଜେମା ପ୍ରମୁଖ ଚରିତ୍ର ଓ ରାହୁର ଛାୟା ଉପନ୍ୟାସରେ 'ସତୀ' ଚରିତ୍ର ଚିତ୍ରଣକୁ ଲକ୍ଷ୍ୟ କରାଯାଉ। ବର୍ତ୍ତମାନ ଆଲୋଚ୍ୟ ପ୍ରସଙ୍ଗ ନାରୀର ବିବର୍ତ୍ତିତ ତଥା ବିପର୍ଯ୍ୟସ୍ତ ଅସ୍ତିତ୍ୱ। ନାରୀ ସମଗ୍ର ଜଗତରେ ଏକ ଅମୂଲ୍ୟ ଓ ବିସ୍ମୟକର ସୃଷ୍ଟି। ନାରୀ ଓ ପୁରୁଷର ପାରସ୍ପରିକ ଆକର୍ଷଣ ପୁଣି ଅନ୍ୟ ଏକ ବୈଚିତ୍ର୍ୟ ଏ ପୃଥିବୀର ତଥା ମାନବୀୟ ସ୍ୱଭାବର। ଆକର୍ଷଣ ବିକର୍ଷଣ ଅଶ୍ରୁ-ସ୍ୱାଦ ଓ ଆହ୍ଲାଦର ଏ ରୀତି ସଂପୂର୍ଣ୍ଣ ବିଚିତ୍ର। ତେବେ ନାରୀକୁ ନେଇ ପୁରୁଷ ସ୍ରଷ୍ଟା ଅନେକ କବିତା ରଚନା କରି ଯାଇଛନ୍ତି। ଆମେ ଆରମ୍ଭ କରିବା ଓଡ଼ିଆ କବିତା 'ଅଳକା ସାନ୍ୟାଲ' (୧୯୪୭) ଠାରୁ ଯାହାର ସ୍ରଷ୍ଟା ହେଉଛନ୍ତି କବି ସଚ୍ଚିଦାନନ୍ଦ ରାଉତରାୟ। କିନ୍ତୁ ଏହି କବିତାଟିର ସ୍ୱାତନ୍ତ୍ର୍ୟ ଆମେ ଜାଣିବା ପାଇଁ କବିଙ୍କ ଦ୍ୱାରା ଉକ୍ତ ବଙ୍ଗୀୟ କବି ଜୀବନାନନ୍ଦ ଦାସଙ୍କ 'ବନଲତା ସେନ୍' (୧୯୪୨)କୁ ଆଲୋଚନାର ପ୍ରାଙ୍ଗଣକୁ ଆଣିବାକୁ ପଡ଼ିବ। ପୁଣି ରାଉତରାୟ ଯେପରି ସାମାନ୍ୟ ସ୍ୱତନ୍ତ୍ର ଦୃଷ୍ଟିରେ ନାରୀକୁ 'ଅଳକା ସାନ୍ୟାଲ' ରୂପରେ ଦେଖିଲେ, ତା'ଠାରୁ ଖୁବ୍ ଅଲଗା ଓ ଖୁବ୍ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖିଲେ କବି ଗୁରୁ ପ୍ରସାଦ ମହାନ୍ତି। ମହାନ୍ତି ଜଣେ ବାସ୍ତବତା ଓ ବିପର୍ଯ୍ୟୟର କବି ଅଟନ୍ତି। ତଥାପି ଏହିଠାରେ ଦେଖିବା କଥାଟି ହେଉଛି ସେ 'ବନଲତା' ହେଉ କି 'ଅଳକା' ହେଉ, ସବୁଥିରେ ନାରୀକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖାଯାଇ ଆସିଛି। ପୁଣି ତିନିଥର ଯାକ ପୁରୁଷ ହିଁ ଦେଖିଛି ନାରୀକୁ। ପୁରୁଷ ତା' ଦୃଷ୍ଟିରେ ନାରୀ କୈନ୍ଦ୍ରିକ ସୃଷ୍ଟି ତୋଳିଛି- ନାରୀର ଦୃଷ୍ଟି ଓ ଦର୍ଶନ, ଭାବନା ଓ ଚିନ୍ତାଧାରା ଏଠାରେ, ଏହି ସୃଷ୍ଟି ନିଚୟରେ ନାରୀର ବିଶୁଦ୍ଧ ଦୃଷ୍ଟି ଦର୍ଶନ ଭାବନା ନୁହେଁ। କାରଣ ଏହା ହେଉଛି ପୁରୁଷର ଆନୁମାନିକ ଭାବନା ଓ ଏକ ପାକ୍ଷିକ ଭାବନା ଏସବୁ ଦ୍ୱିତୀୟକ। ମାତ୍ର ଏହା ବୋଲି ଏସବୁ ମିଥ୍ୟା ନୁହେଁ। ଏଗୁଡ଼ିକ ଅମୂଳକ ଓ ଅଯୌକ୍ତିକ ମଧ୍ୟ ନୁହେଁ। ମାତ୍ର ଏହା ଆପେକ୍ଷିକ (Relative), ଆଂଶିକ ସତ୍ୟ (partial truth) ଅଟେ। ହୁଏତ ଏହାର ସମ୍ପର୍କ ବା ସାଦୃଶ୍ୟ ବା ଏପରିକି ସାମ୍ୟ ନାରୀର ସ୍ୱକୀୟା ଚେତନା-ଚିନ୍ତା ଭାବନା ସହ ଥାଇପାରେ। କିନ୍ତୁ ପ୍ରାଥମିକ କଥାଟା ସର୍ବଦା ପ୍ରାଥମିକ ଓ ଦ୍ୱିତୀୟକ (Secondary) କଥାଟା ସବୁବେଳେ ଦ୍ୱିତୀୟକ ହିଁ ହୋଇଥାଏ। ଅବଶ୍ୟ ଏହା ସତ୍ୟ ଯେ, କୌଣସିଟି ଦର୍ଶନ ଅନପେକ୍ଷିତ ବା ସମ୍ପୂର୍ଣ୍ଣ ସତ (Absolute) ନୁହେଁ। ତେବେ ଏଠାରେ ଆଲୋଚନାଟିକୁ ଜୀବନାନନ୍ଦଙ୍କ ଠାରୁ ଆରମ୍ଭ କରି ସଚ୍ଚିଦାନନ୍ଦଙ୍କ ବାଟ ଦେଇ ଗୁରୁପ୍ରସାଦଙ୍କ ଠାରେ ସାରିବାର ଯଥାର୍ଥତା ରହିଛି ବୋଲି ମନେକରି ସେହିମୂଳେ ଜୀବନାନନ୍ଦ, ସଚ୍ଚି ରାଉତରାୟ ଓ ଗୁରୁପ୍ରସାଦଙ୍କ ବିଶେଷତ୍ୱ ଉପରେ ତଥା କାବ୍ୟଦୃଷ୍ଟି ଉପରେ ଆଲୋକପାତ କରାଯାଉଛି।

ନାରୀ ସମୟ ସୁଅରେ ଯେତେ ପ୍ରଶଂସାର ମୁକୁଟ ପିନ୍ଧୁ ନା କାହିଁକି, ଯେତେ ମହାନ କାମ କରୁନା କାହିଁକି ଅଥବା ଯେତେ ବଳିଦାନ ଦେଉନା କାହିଁକି ବେଳେବେଳେ ତାକୁ ତୁଚ୍ଛାତିତୁଚ୍ଛ ବସ୍ତୁ ଠାରୁ ମଧ୍ୟ ହୀନ ବ୍ୟବହାର କରାଯାଏ। ସମାଜ ତା'ପ୍ରତି ନିଷ୍ଠୁର, କ୍ରୁର, ଅନ୍ୟାୟୀ ଓ ହିଂସ୍ର ହୋଇଉଠେ। "ଦେଶ ବିଭାଜନ କାଳର ସାମାଜିକ ତଥା ପାରିବାରିକ ବ୍ୟବସ୍ଥାକୁ ନିରୀକ୍ଷଣ କଲେ ଏହାର ପ୍ରକାଶ ମିଳିଥାଏ।" (ଶତପଥି:୨୦୯:୨୮) ଦେଶବିଭାଜନ କାଳର ନାରୀ ପ୍ରତି ପୁରୁଷର ହୋଇଥିବା ହିଂସ୍ରତା ଏଯାବତ୍ ଲିଭିନାହିଁ। ଏହା ସମଗ୍ର ରାଷ୍ଟ୍ରପାଇଁ ଏକ କଳ୍କିତ ଅଧ୍ୟାୟ ମାତ୍ର। ମାନବିକତାର ଅପମୃତ୍ୟୁ ଅସମୟରେ ଘଟିଛି ବୋଲି ଏଠାରେ ହୋଇଛି ପ୍ରମାଣିତ। ଦେଶ ବିଭାଜନ କାଳରେ ନାରୀ ନିର୍ଯାତନାର ବିଭତ୍ସ ଓ ଅମାନବିକ ପରିସ୍ଥିତି ସର୍ବକାଳରେ ଅକଥନୀୟ ଓ ଲଜ୍ଜାଜନକ ହୋଇରହିବ। କାରଣ ସେତିକିବେଳେ ହିଁ ସମାଜରେ ନାରୀ ନିର୍ଯାତନା Permissible (ଆଇନ୍ ସମ୍ମତ ବା ଆଇନଗତ ବିରୋଧରହିତ) ହୋଇଗଲା, ଖୋଲାଖୋଲି ଚାଲିଲା, ତାର ପ୍ରତିରୋଧ କରିବାକୁ କେହି ନଥିଲେ। ଧର୍ଷଣ, ହତ୍ୟା ସହ ଯାବତୀୟ ଆସୁରିକ କ୍ରିୟାକଳାପକୁ କେହି ଦୋଷାବହ ମନେକଲେ ନାହିଁ। ଧର୍ମାନ୍ଧତାର ଦାଢ଼ରେ ନାରୀ ସକଳ ପ୍ରକାର ବିଭୀଷିକାର ଭୁକ୍ତଭୋଗୀ ହୋଇପଡ଼ିଲା, ସେହି କାଳରେ ଭାରତୀୟ ନାରୀ କେବେ ନିଜ ଇଚ୍ଛାରେ ତ କେବେ ପରିବାରର ସ୍ୱୀକୃତିକ୍ରମେ ଆତ୍ମଘାତୀ ହେଲା। ଏହି ସାମ୍ପ୍ରଦାୟିକ ଦଙ୍ଗା କାଳରେ କେତେକ ଗ୍ରାମରେ ନିଜ ଲୋକମାନେ

ଝିଅ ଓ ବୋହୂମାନଙ୍କୁ କୂଅରେ ପକାଇଦେଲେ, କେତେକ ସ୍ଥାନରେ ଟ୍ରେଞ୍ଚଖୋଳି ଜୀଅନ୍ତା ପୋତିଦେଲେ, ଅନ୍ୟ କେତେକଙ୍କୁ ଜୀଅନ୍ତା ପୋଡ଼ି ଦିଆଗଲା । ଆଉ କେତେକ ମଧ୍ୟ ଇଲେକ୍ଟ୍ରିକ୍ ତାରକୁ ଛୁଇଁ ମୃତ୍ୟୁବରଣ କଲେ । ଉଦ୍ଦେଶ୍ୟ, କିପରି ସେମାନଙ୍କୁ ଭିନ୍ନ ସମ୍ପ୍ରଦାୟର ଉତ୍ତ୍ୟକ୍ତ ଲୋକମାନେ ନ ଛୁଅନ୍ତୁ ।" (ଶତପଥି:୨୦୦୯:୨୯) ସମୟ ଖଣ୍ଡରେ ଏ ଯୁଦ୍ଧ ମଣିଷର କି ମାନବିକତାର ନୁହେଁ । ଏ ଯୁଦ୍ଧ ପୁରୁଷର, ପୁରୁଷ କୈନ୍ଦ୍ରିକ ପୃଥିବୀର ଆଉ ପୁରୁଷର ମିଛ ଅହମିକା ଓ ଆଦିମ ପ୍ରକୃତିର, ହୃଦୟହୀନ ବର୍ବରତାର । ଏ ଯୁଦ୍ଧ ଅପସଂସ୍କୃତିର, ଅପବିଶ୍ୱାସ ଆଉ ବଦ ପରମ୍ପରାର । କିଛି ବିଭତ୍ସ ଚିତ୍ର ଏହାର ସାକ୍ଷୀ । ଦେଶ ବିଭାଜନ କାଳରେ ଡାକିବଜେଇ  ଶତ୍ରୁ ସମ୍ପ୍ରଦାୟ ଆସିଲେ- ପୁରୁଷ ଲୋକମାନଙ୍କୁ ବାନ୍ଧିନେଲେ, ଯୁବା ଝିଅବୋହୂଙ୍କୁ ଧର୍ଷଣ କଲେ, ମୁଖକୁ କ୍ଷତାକ୍ତ କରିପକାଇଲେ, ସ୍ତନକୁ କାଟିଦେଲେ ଓ ଫିଙ୍ଗିଦେଇ ଚାଲିଗଲେ ।  ଝିଅବୋହୂଙ୍କ ସାରା ଦେହରେ ଦାନ୍ତ ଚିହ୍ନ । ସେଇ ଝିଅବୋହୂଙ୍କ ପରିବାର ଲୋକେ କହିଲେ, "ଏଇଲେ ଆମେ ଯାଙ୍କୁ ରଖିବୁ କେଉଁଠି ? ଏମାନେ ମରିଗଲେ ଭଲ ।" ଅତ୍ୟାଚାରିତାମାନଙ୍କ ମଧ୍ୟରୁ ଅଧିକାଂଶ ଅଠର, ପନ୍ଦର, ଚଉଦବର୍ଷ ବୟସର ।" (ଶତପଥି:୨୦୦୯:୨୯) ରୀତା ମେନନ୍‌ଙ୍କ Borders and Boundaries ଏହାର ଆହୁରି ପକ୍କା ପ୍ରମାଣ ସଦୃଷ୍ଟାନ୍ତ ପ୍ରଦାନ କରିଥାଏ । ଏଭଳି ନାରକୀୟ ଅତ୍ୟାଚାର ଦେଶ ବିଭାଜନର ପ୍ରାକ୍‌କାଳରୁ ଆରମ୍ଭ ହୋଇ ପଞ୍ଚମ ଦଶକ ଯାଏଁ ଚାଲୁ ରହିଥିଲା । ଏହାର ପୃଷ୍ଠପଟରେ ଯଦିଓ ଐତିହାସିକ କାଳ ଓ ସାମ୍ପ୍ରତିକ ହିଂସା ରହିଥିଲା, ତଥାପି ଏସବୁଥିରୁ ଆମେ ଅଧିକାଂଶ ନାରୀ ଭୋଗୁଥିବା ପ୍ରାତ୍ୟହିକ ଦୁର୍ଦ୍ଦଶା ସମ୍ପର୍କରେ ବେଶ୍ କିଛି ଅନୁମାନ କରିପାରିବା ।" (ଶତପଥି:୨୦୦୯:୨୯-୩୦) ନାରୀ ସେତେବେଳେ ରାଜକୁମାରୀ, ଯଜ୍ଞଜନ୍ମା, ବିଦ୍ୟାର୍ଥୀ ତା ଅପସରୀ ନୁହେଁ ବରଂ କୀଟପତଙ୍ଗ ଓ ବସ୍ତୁ ଠାରୁ ମଧ୍ୟ ହୀନ ହୋଇ ପଡ଼ିଥିଲା । ଅଦରକାରୀ ବସ୍ତୁ ପରି ସମାଜ ତାକୁ ବ୍ୟବହାର କରିଥିଲା । ଏଣୁ କବି ତାକୁ ନୂଆଖାଲି ପଠାଣ ବସ୍ତିରୁ, ମଶାଣିରୁ ପାଇଥିଲେ । ଏଠି ନୂଆଖାଲି କହିଲେ କି ଶ୍ମଶାନ କହିଲେ କେବଳ ବଙ୍ଗଦେଶର ନୂଆଖାଲି ଗତ ଶ୍ମଶାନକୁ ବୁଝାଏ ନାହିଁ, ଅଧିକନ୍ତୁ ପ୍ରତ୍ୟେକ ରାଜ୍ୟ, ପ୍ରତିଟି ଅଞ୍ଚଳକୁ ବୁଝାଏ । କାରଣ ଏହା 'ନାରୀ'ର ଦୁର୍ଦ୍ଦଶା ମାତ୍ର ଥିଲା, ନୂଆଖାଲି କି ବଙ୍ଗ ଦେଶର ନାରୀର ନୁହେଁ । ପୁରୁଷ କୈନ୍ଦ୍ରିକ ସମାଜରେ  ନାରୀଟିଏ ବାସ କରେ ମାତ୍ର । ତା'ର ସ୍ୱାଧିକାର, ସମ୍ମାନ ଓ ସ୍ୱାଧୀନତା ସମ୍ପର୍କରେ କେହି ସ୍ୱପ୍ନରେ ହେଲେ ଥରେ ଭାବିନାହିଁ । ଏହାଥିଲା ପଞ୍ଚମ ଦଶକ ପର୍ଯ୍ୟନ୍ତ ପୃଥିବୀ (ଭାରତବର୍ଷ)ର କଥା । ଲେଖିକା ଆହୁରି କହନ୍ତି- "ବହୁ ମହିଳା ଲୁଗାପଟା, ବିଛଣାପତ୍ର ଏକାଠି କରି ନିଆଁ ଲଗାଇ, ସେହି ନିଆଁ ଭିତରକୁ ଡେଇଁପଡ଼ି ପ୍ରାଣ ହରାଇଥିଲେ । ମିରଟ, ସୁରଟ, ଭାଗଲପୁର, ଅହମଦାବାଦ ଆଦି ସ୍ଥାନରେ ମହିଳାମାନଙ୍କ ପ୍ରତି ସାମ୍ପ୍ରଦାୟିକ ହିଂସାଚରଣ, ବର୍ବରତା ଓ ଯୌନ ବୀଭତ୍ସତାକୁ କଳନା କରି ହେବନାହିଁ । ସାରା ବିଶ୍ୱରେ ନାରୀ ପ୍ରତି ହିଂସାଚରଣର ପଟ୍ଟାନ୍ତର ନାହିଁ । ଏଭଳି ଧର୍ଷଣରେ ନାରୀର ଗର୍ଭାଶୟ ହିଁ ଅଧିକୃତ ଅଞ୍ଚଳ ରୂପେ ସାବ୍ୟସ୍ତ ହେଉଛି ।" (ଶତପଥି:୨୦୦୯:୩୦) ଏସବୁ ଘଟଣାକୁ ସାହିତ୍ୟରେ ରୂପ ଦେବା ପ୍ରତ୍ୟେକ ସାହିତ୍ୟିକର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ଲିଙ୍ଗ ଜାତି, ବର୍ଣ୍ଣ ଓ ବାଦ-ବିବାଦର ଅନେକ ଉର୍ଦ୍ଧ୍ୱରେ ଏକଥା; ମୌଳିକ ଓ ବାଧ୍ୟତାମୂଳକ ଏ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ଦାୟରେ ବୋଧହୁଏ ରାଉତରାୟ ଲେଖିଛନ୍ତି ଯେ ଜୀବନାନନ୍ଦଙ୍କ କବିତାର ଅଭାବଟିକୁ ସେ ନିଜ କବିତାରେ ପୂରଣ କରିଛନ୍ତି ବୋଲି । କିନ୍ତୁ ଏହା ରାଉତରାୟଙ୍କ ଦୃଷ୍ଟିର ଭିନ୍ନତା ମାତ୍ର; ଏକ ସମ୍ବେଦନଶୀଳ ଓ ସୂକ୍ଷ୍ମ ଦୃଷ୍ଟି ସମ୍ପନ୍ନ ତଥା 'ଆରପାଖ' ଟିକୁ ଦେଖିବାକୁ, ଚାହୁଁଥିବା କବି ସେ । ତା'ରି ଫଳଶ୍ରୁତି ହେଉଛି 'ଅଳକା ସାନ୍ୟାଲ୍' । କିନ୍ତୁ ଏଠାରେ ନାରୀ ଦୃଷ୍ଟି କାହିଁ, ନାରୀର ଇଚ୍ଛା କାହିଁ? ନାରୀ ଚାହେଁ କ'ଣ ? ପାଇବା କଥାତ ବର୍ଣ୍ଣନା ହେଲା । ବୋଧହୁଏ ଗୁରୁପ୍ରସାଦ ତା'ର ଉତ୍ତର ରଖିଛନ୍ତି ନିଜ 'ଅଳକା ସାନ୍ୟାଲ୍' କବିତାରେ । ଜୀବନାନନ୍ଦଙ୍କ ଠାରୁ ପ୍ରସୃତ 'ଅଳକା', 'ପ୍ରତିମା' ପ୍ରଭୃତିର ରହସ୍ୟ ଏକଏକ । ଏସବୁର ସତ୍ୟତା ମିଳେ ଗଣ୍ଠି ଖୋଲିଲେ ଗୁରୁପ୍ରସାଦଙ୍କ କବିତା ମଧ୍ୟରେ । "ଜୀବନାନନ୍ଦ ଏକ ପୃଥିବୀ । ପୃଥିବୀଟି ଅନ୍ଧକାର ଓ ଅନିର୍ବଚନୀୟ ଆଲୋକର ।" ଏହି ଯୁଗାନ୍ତକାରୀ ଉକ୍ତି ଯେଉଁ ସ୍ରଷ୍ଟାଙ୍କ ଉଦ୍ଦେଶ୍ୟରେ ବଢ଼ା ଯାଇଛି ତାଙ୍କରି ପାଖରୁ ଉତ୍ସରିତ ହୋଇଥିଲା ଏଇ ଅସ୍ମିତାର କଥା, ବନଲତା ଠାରୁ ଅଳକା ସାନ୍ୟାଲର କଥା । ସମୀକ୍ଷକ ନାରାୟଣ ଗଙ୍ଗୋପାଧ୍ୟାୟଙ୍କ ଭାଷାରେ "ନବୀନ୍ କବିର୍ କାଛେ ଜୀବନାନନ୍ଦ କେବଲ୍ ବ୍ୟକ୍ତି ବିଶେଷ୍ ନଏନ୍ । ତିନି ଏକ୍‌ଟି ଇନ୍‌ଷ୍ଟିଟ୍ୟୁସନ୍- ଏକ୍ ସଂସ୍ଥା, ଜୀବନାନନ୍ଦେର୍ ଆର୍ ଏକ୍ ନାମ୍ କବିତା ।" ଏହି ମହାନ ଓ ପ୍ରତିଭାଧାରୀ, ପ୍ରଭାବଶାଳୀ କବି ଆମ ଓଡ଼ିଆ କବିକୁଳକୁ କିଛି ଗୁଣରେ କମ୍ ପ୍ରଭାବିତ କରିନାହାଁନ୍ତି । ଏଇ କବିଙ୍କ ମାନସ କନ୍ୟା 'ବନଲତା ସେନ୍' (୧୯୪୨) ହିଁ ସଚ୍ଚିବାବୁଙ୍କ ଅଳକାସାନ୍ୟାଲ (୧୯୪୭) ଓ ଗୁରୁପ୍ରସାଦଙ୍କ ପ୍ରତ୍ୟୁତ୍ତରଧର୍ମୀ 'ଅଳକା ସାନ୍ୟାଲ୍' (୧୯୫୫)ର ମୂଳୋତ୍ସ । 'ବଙ୍ଗ' ଦେଶସ୍ଥ କ୍ଷୁଦ୍ର ସହର 'ରାଜସାହି' ସ୍ଥିତ 'ନାଟୋର୍' ଅଞ୍ଚଳର କନ୍ୟା 'ବନଲତା ସେନ୍' । ଜୀବନାନନ୍ଦଙ୍କ ଦ୍ୱାରା ହୋଇଗଲା ନାରୀତ୍ୱର ସ୍ମାରକୀ ତା'ର ରହସ୍ୟମୟ ଜୀବନ, ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତିଭୂ-ପରମ । 'ବନଲତା' ନାମଟି ସେକାଳରେ, ବିଶେଷକରି ଜୀବନାନନ୍ଦଙ୍କ ବାପାଙ୍କ ଅମଳରେ, ମଧ୍ୟବିତ୍ତ ବଙ୍ଗାଳୀ ଭଦ୍ରଲୋକମାନଙ୍କ ପରିବାରରେ ବହୁଳ ଭାବରେ ପ୍ରଚଳିତ ଥିଲା । 'ସେନ୍' ସଂଜ୍ଞାଟି ଜୀବନାନନ୍ଦଙ୍କ ନିଜର । 'ବୈଦ୍ୟ' ଜାତି ଅନ୍ତର୍ଗତ ଏହି ସଂଜ୍ଞା ଦେଖା ଯାଇଥାଏ ।  ଜୀବନାନନ୍ଦଙ୍କ ପରିବାର 'ବ୍ରାହ୍ମଧର୍ମୀ' ହେବା ପୂର୍ବରୁ ସେ ଏଇ ଜାତିଗତ ଥିଲେ । 'ନାଟୋର୍' ଜାଗାଟି ବର୍ତ୍ତମାନ୍ 'ବାଙ୍ଗଲାଦେଶ୍' ଅନ୍ତର୍ଗତ । କିନ୍ତୁ ଜୀବନାନନ୍ଦ ଏଠାରେ ବନଲତାକୁ ସମୟ ରଜ୍ଜୁରେ ବାନ୍ଧି ନରଖି କରିଛନ୍ତି 'ସମୟାତୀତ'(Timeless) "Her name indicates that she is a contemporary woman, but her description in terms of forgotten classical locations makes it plain that she is timeless." (1965:639-40) କିନ୍ତୁ ଜୀବନଦାନନ୍ଦ ଏହି ନାମଟିକୁ ଏଠାରେ ପ୍ରଥମଥର ପାଇଁ ବ୍ୟବହାର କରିନାହାଁନ୍ତି, ଅଧିକନ୍ତୁ ତାଙ୍କ ରଚିତ 'କରୁବସୋନା' ନାମକ ଆତ୍ମଜୀବନୀମୂଳକ ଦୀର୍ଘକାୟ ଉପନ୍ୟାସରେ, ଯାହା ୧୯୩୨ ମସିହାରେ ରଚନା କରା ଯାଇଥିଲା ।  ସେଇଥିରେ ସଂଘର୍ଷକାରୀ ନାୟକ ପ୍ରତିବେଶୀ ମହିଳା ଭାବରେ ଚିତ୍ରିତ କରିଥିଲେ ।  ଏହି ଉପନ୍ୟାସଟି ଦାସଙ୍କ ମୃତ୍ୟୁର ୩୨ବର୍ଷ ପରେ ୧୯୮୬ରେ ପ୍ରକାଶ ଲାଭ କରିଥିଲେ ହେଁ, ଏହା ଯଥେଷ୍ଟ ପୂର୍ବର, ଯାହାକୁ ବିଶେଷ ଭାବରେ ଆଲୋକ ବା ଆଲୋଚନା ପରିସରଭୁକ୍ତ କରାଯାଇପାରି ନାହିଁ ।

'ବନଲତା ସେନ୍' ଆଲୋଚନା କଥା ଆସିଲେ ଏଡ୍‌ଗର୍ ଆଲନ ପୋ'ଙ୍କ To Helen (1831) କବିତାର ଚିତ୍ର ଆପେ ଆପେ ମନ ଭିତରକୁ ପଶି ଆସେ । ଏହା କବିଙ୍କ ବାଲ୍ୟବନ୍ଧୁଙ୍କ ମା'ଙ୍କ ସମ୍ମାନ ଓ ସ୍ମୃତି ଉଦ୍ଦେଶ୍ୟରେ ପୋ'ଙ୍କ ଦ୍ୱାରା ଲେଖା ଯାଇଥିଲା ଓ Poems of Edgar Poe ସଂକଳନରେ ସର୍ବପ୍ରଥମେ ୧୮୩୦ରେ Southern Literary Messengerର ୧୯୩୬ ମାର୍ଚ୍ଚ ସଂଖ୍ୟାରେ ଏବଂ ପରିଶେଷରେ The Ravan and other poems (୧୮୪୫)ରେ ସଂଶୋଧିତ ହୋଇ ପ୍ରକାଶ ଲାଭ କରିଥିଲା । ତେବେ ପୋ'ଙ୍କ ଏହି କବିତାର ବର୍ଣ୍ଣନା ଓ ଚେତନା ଜୀବନାନନ୍ଦଙ୍କ 'ବନଲତା'ର ବର୍ଣ୍ଣନା ସମାନ ନହେଲେ ମଧ୍ୟ ଆପାତତଃ ସଦୃଶ୍ୟ ମୂଳକ । ଆମ ଓଡ଼ିଆ କବି ରାଉତରାୟ କିନ୍ତୁ 'ବନଲତା ସେନ୍'ରୁ ପ୍ରେରଣା ପାଇ ତିଆରି କଲେ ନିଜ ଭିତରେ ନାୟକ ପଣିଆ ଓ ଗଢ଼ିତୋଳି ଆଣି ଥୋଇ ଦେଲେ ଗୋଟାଏ ମଡ଼େଲ୍ ନାରୀର, ଯୁଗନାରୀର । ତ୍ରେତୟା ଯୁଗରୁ ନାରୀର ସ୍ୱର ଓ ସ୍ୱରୂପ ଆଙ୍କି ଆଙ୍କି ଦ୍ୱାପର, ଦ୍ୱାପରରୁ କଳିଯୁଗର ବିବିଧ ଚିତ୍ର ପାଖରେ ପହଞ୍ଚିଛନ୍ତି । ରାଜା ରାମଚନ୍ଦ୍ରଙ୍କର ପ୍ରାଣପ୍ରିୟା ପତ୍ନୀ ଦେବୀ ସୀତାଙ୍କ ଦୁରବସ୍ଥା ଏଠାରେ କେନ୍ଦ୍ରକଥା ରୂପରେ ଚିତ୍ରାୟିତ । ସ୍ୱୟମ୍ବରରେ ବିଦେହ ରାଜପୁରରେ ସ୍ୱୟମ୍ବର ଚାଲିଥିଲା । କିନ୍ତୁ ଏହି କଥାର ବିନିର୍ମାଣ (Deconstruction) ଆପେ ହୋଇଯାଏ, ଯେତେବେଳେ ଆମେ ଏହି ଘଟଣାଟିକୁ ସାମାନ୍ୟ ଭିନ୍ନ ଭାବରେ ଦେଖୁ । ଦେବୀ ସୀତା ନିଜ ପସନ୍ଦର ବରଣ କରିବା (ପତିବରଣ) ଭିନ୍ନ ଏକ ପ୍ରେକ୍ଷାପଟ । କାରଣ ସେଠାରେ ସ୍ୱୟଂବରଣ ଠାରୁ ପ୍ରତିଯୋଗିତା ଅଧିକ ଚାଲିଥିଲା । ସେ ପୁଣି ବଳର ପରୀକ୍ଷା । କିଏ ଶିବଧନୁ (ପିନାକ) ଭଙ୍ଗ କରିପାରିବ ଓ ଟେକି ପାରିବ, ଏହା ହିଁ ସର୍ତ୍ତ ଥିଲା । ବିନା ସର୍ତ୍ତରେ ବିନା ଚାପ

ଓ ବିନା ସ୍ୱାଧୀନତାରେ ଏହି ବରଣ ହୋଇଥିବା ଜଣା ପଡ଼ିବ । ଆମେ ପୁରାଣକୁ ସିନା ଗ୍ରହଣ କରି ନେଉଛୁ, କିନ୍ତୁ ଏହା କ'ଣ ବାସ୍ତବରେ ଯୁକ୍ତିସଙ୍ଗତ ନା ଔଚିତ୍ୟମୂଳକ ? ଏହା ଏକ  ସାମାଜିକ ପ୍ରଥା ହୋଇପାରେ, ମାତ୍ର ଏହି ପ୍ରକ୍ରିୟାରେ 'ନାରୀ' ଏକ 'ଉପହାର ବସ୍ତୁ' ସଦୃଶ । ଏକ ପଣ୍ୟ, ବିଜେୟ ବସ୍ତୁ ପରି 'ସୀତା' ଏଠାରେ ଚିତ୍ରିତା । ଏହି ପଦଟିକୁ ଲକ୍ଷ୍ୟ କଲେ ସହଜରେ ତାହା ଜ୍ଞାତ ହୋଇ ପାରିବ । "ପ୍ରଥମେ ତୁମକୁ ଯେବେ ଦେଖିଥିଲି ଅଲକା ସାନ୍ୟାଲ /ବିଦେହର ରାଜପୁରେ, ଲକ୍ଷ ସ୍ୱର୍ଣ୍ଣ ହରିଣର ଛାଲ ଛାଇଥିଲା ପୃଥିବୀରେ ଫଗୁଣର ଆଶ୍ଚର୍ଯ୍ୟ ଗୋଧୂଳି / ଦେଖିଚି କି ଦେଖି ନାଇଁ ମନେମନେ ଯେବେ ଭାବୁଥିଲି..." (ରାଉତରାୟ: ୨୦୦୧ :୮୬୧) ସ୍ୱର୍ଣ୍ଣ ମୃଗର ମାୟା ମରୀଚିକା କଥା ଏଠାରେ ଉତ୍‌ଥାପିତ ହୋଇଛି ବୋଲି କୁହା ଯାଇପାରେ । ନାରୀ କିପରି ମାୟା ମରୀଚିକା ପଛରେ ଅନୁଧାବନ କରେ, ସେ କଥା ମଧ୍ୟ ଏଠାରେ ବ୍ୟକ୍ତ କରାଯାଇପାରେ । ପୁଣି ତ୍ରେତୟାରୁ ଦ୍ୱାପରକୁ ଆଖି ବୁଲେଇ ଆଣିବା ସମୟରେ 'ସୀତା' ଓ 'ଦ୍ରୌପଦୀ' (କୃଷ୍ଣା)ଙ୍କ ମଧ୍ୟରେ ଅଭେଦ କଳ୍ପନା ନିମନ୍ତେ ଅତି ଚମତ୍କାର ଭାବରେ (ଅବଶ୍ୟ ଜୀବନାନନ୍ଦଙ୍କ ଶୈଳୀରେ) ଏକ ଯୋଗସୂତ୍ର ସ୍ଥାପନ କରିଛନ୍ତି । ଏହି ଯୋଗସୂତ୍ର ଗୁଡ଼ିକ ନିମନ୍ତେ ଏହିପରି ବର୍ଣ୍ଣନା ରହିଛି । "ହଠାତ୍ ଯେ ହଜିଗଲ, ତୁମକୁ ମୁଁ କେତେଇ ଖୋଜିଲି / ବହୁଦିନ ବହୁଯୁଗ ଅନ୍ତେ ଯେବେ ଶେଷେ ଠାବ କଲି / ଚାହୁଁ ଚାହୁଁ ଗଲ ନିଭି,  ତାହାପରେ  ମନେପଡ଼େ ମୋ'ର / ହୁଏତ ବା ଦେଖା ଆମ ହୋଇଥିଲା ବାରୁଣାବନ୍ତର / ନିର୍ଜନ ପ୍ରାସାଦେ ଏକ, ଝଲମଲ ଜଡ଼ଭ, ସ୍ତମ୍ଭରେ / ତୁମରି ଧର୍ଷିତ ଛାଇ ଫାଙ୍କି ଦେଇ ଦୃଷ୍ଟି ପ୍ରଦୀପରେ / କ୍ଷଣକେ ଉଭେଇ ଗଲା (...)" (୨୦୦୧ :୮୬୧) କି  ବୈଦଭୀ 'ସୀତା' କି ଦ୍ରୁପଦ କନ୍ୟା 'କୃଷ୍ଣା'- ଉଭୟ ସଂଭ୍ରାନ୍ତ, ରାଜକୀୟ ଶକ୍ତିଶାଳୀ ବଂଶ ସମ୍ଭୂତା । ଏପରି ବଳିଷ୍ଠ ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି ଥାଉ ଥାଉ ଯଦି ଏମାନେ ଧର୍ଷିତା, ଅବହେଳିତା, ନିର୍ଯାତିତା ଓ ନିଷ୍ପେଷିତା ତେବେ ସାଧାରଣ ନାରୀଟିଏର ଅବସ୍ଥା ସେ ସମୟରେ କିପରି ଥିବ ତାହା ଚିନ୍ତା କରିବାର ବିଷୟ । ପୁଣି  ନାରୀର ଅବସ୍ଥା ଏହି ସମ୍ଭ୍ରାନ୍ତ ସମାଜମାନଙ୍କରେ ଏପରି ବୋଲି କବି ସୂଚନା ମଧ୍ୟ ଦେଇଥାଇପାରନ୍ତି ବୋଲି କେହିକେହି ଭାବି ପାରନ୍ତି । କିନ୍ତୁ ଏହା ନୁହେଁ । କାରଣ କବିତାର ଉତ୍ତରାର୍ଦ୍ଧରେ ଏହି ଯୋଡ଼ିବା ପରମ୍ପରା ଅର୍ଥାତ୍ ଗୋଟିଏ ଚରିତ୍ରରୁ ଅନ୍ୟ ଏକ ଚରିତ୍ରକୁ ଯାତ୍ରା କାଳରେ ଅବ୍ୟାହତ ରହିଛି । ପ୍ରଥମେ ପ୍ରଥମେ  ଜନକ କନ୍ୟା ସୀତାଙ୍କ ଠାରୁ ଏହି କଥା ଆରମ୍ଭ ହୋଇ ପରେ ପରେ ଦ୍ରୁପଦକନ୍ୟାଙ୍କ ଠାରୁ 'ଉର୍ବଶୀ' (ଅପ୍‌ସରୀ) ଓ ନାଳନ୍ଦାର ଛାତ୍ରୀ ବିଶେଷ ତଥା ପରିଶେଷରେ ଏବର ସମୟର ନୂଆଖାଲି ଦଙ୍ଗାରେ କ୍ଷତାହତା ବା ମୃତାହତା ଜନୈକା 'ନାରୀ ବିଶେଷ' ପାଖକୁ ଲମ୍ବି ଆସିଛି । ଏହାର ଅର୍ଥ କବି ଏକ ସାଧାରଣ 'ନାରୀସତ୍ତା' ଆଡ଼କୁ ଇଙ୍ଗିତ ହିଁ କରିଛନ୍ତି । ନାରୀସତ୍ତାଟିର 'ଅସ୍ତିତ୍ୱ' କିପରି  ଚିର ଦୋଦୁଲ୍ୟମାନ, ସନ୍ଦିହାନ ଓ ବିପର୍ଯ୍ୟସ୍ତ ତା'ର ଦସ୍ତାବିଜ୍ ହେଉଛି ଏହି 'ଅଲକା ସାନ୍ୟାଲ୍' କବିତା । ଏସବୁରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ନାରୀ ଚିର ନିର୍ଯାତିତା । ନାରୀ ପାଖରେ ଉପଭୋଗ୍ୟ ବସ୍ତୁ ହେଉଛି ତା'ର ଶରୀର । ସେ ସନ୍ଦେହର ଯୋଗ୍ୟ, ସେ ଦୁର୍ବଳା, ସେ ବାଧ୍ୟ ଏକ ଶିଶୁ ପରି ସବୁବେଳେ କିଂକର୍ତ୍ତବ୍ୟ ବିମୂଢ଼ା, ସେ ପରାଶ୍ରୟୀ ତା'ର ଡେଣା ନାହିଁ ଉଡ଼ିବାକୁ, ଥିଲେ ତହିଁରେ ସାମର୍ଥ୍ୟ ନାହିଁ- ଏହିପରି ବର୍ଣ୍ଣନା ହୋଇଛି ରାଉତରାୟଙ୍କ 'ଅଲକା ସାନ୍ୟାଲ୍'ରେ । ଏସବୁ ୧୯୪୭ର କଥା । ନହେଲେ ରାଉତରାୟ କାଇଁ ବର୍ଣ୍ଣନା କରିଥାନ୍ତେ- "ମନେପଡ଼େ ତୁମକୁ ମୁଁ ଚିତ୍ରରଥ ଗନ୍ଧର୍ବ ହାତରୁ ଆଉଦିନେ ଉଦ୍ଧରିଲି, ପୁରସ୍କାର ଦେଇଥିଲେ ମତେ / ଦୁଇଟି କନକଶଙ୍ଖ ନଚାଇ ମୋ' ବକ୍ଷ ପାଶେ ସତେ... ।" (୨୦୦୧ :୮୬୧) ପୁଣି କାବ୍ୟନାୟକ କହିଛି: "ତୁମବିନେ ଶୂନ୍ୟ ଦିଶେ ଧରଣୀର ବିଚିତ୍ର ଛାଉଣୀ ।" (୨୦୦୧ :୮୬୧) କାବ୍ୟନାୟକ ଅଳକା ସାନ୍ୟାଲ୍ (ନାରୀ)କୁ ଖୋଜିଛି, ଆଉ ଖୋଜି ଆସିଛି ଯୁଗ ଯୁଗାନ୍ତରରୁ । ତା'ବିନା କାବ୍ୟନାୟକକୁ ସବୁ ଶୂନ୍ୟଶୂନ୍ୟ ଲାଗୁଛି । ସେ ତା'ର ମନ ଓ ଦେହର ସଙ୍ଗିନୀ । ନାରୀ ସମାଜର ଏକ ଅପରିହାର୍ଯ୍ୟ ଅଙ୍ଗ, ଏକ ଅମୂଲ୍ୟ ଆବଶ୍ୟକତା । ତେଣୁ ନାରୀକୁ ବାଦ୍ ଦେଇ ପୁରୁଷ ଚିନ୍ତା କରିପାରିନି । କିନ୍ତୁ ଏଠାରେ ପ୍ରଶ୍ନ ଯେ, ପ୍ରକୃତରେ ଏଠାରେ ଏକ ଗଠନାତ୍ମକ ଦୃଷ୍ଟିକୋଣରୁ 'ନାରୀ'କୁ ଖୋଜା ଯାଇଛି ନା କେବଳ ଶାରୀରିକ ଆବଶ୍ୟକତା, ମାନସିକ ଶାନ୍ତି ଓ ନିଜର ଆଦିମ ବିକୃତି ସବୁର (କ୍ରୋଧ, ସନ୍ଦେହ, ଘୃଣା, ଯୌନତା,ହିଂସ୍ରତା) ପରିପ୍ରକାଶ ନିମନ୍ତେ ଖୋଜା ଯାଇଛି ।

ଏହାପରେ ସେହି 'ହଜିବା-ପାଇବା' ରୀତିରେ କବି 'ଉର୍ବଶୀ' ଠାରୁ ଯାଇ ସାଧାରଣ ଏକ ଛାତ୍ରୀ ମଧ୍ୟରେ ଏହି 'ସତ୍ତା'କୁ ପାଇଛନ୍ତି । ନାୟକ ମଧ୍ୟ ଏଠାରେ 'ଗଣ'ରେ ସାମିଲ ହୋଇଛି । ସହପାଠିନୀ ହିସାବରେ ସେ 'ନାରୀସତ୍ତା'କୁ ଲାଭ କରିଛି । ଏହା ଏକ ଐତିହାସିକ ସତ୍ୟ, ଯାହା ଏକ ବିକୃତ ମାନସିକତା ତଥା କଳଙ୍କିତ, ବୌଦ୍ଧଧର୍ମର ଅଧଃପତନ-କାଳୀନ ମାନସିକତାକୁ ପ୍ରତିଫଳିତ କରିଛି । ଅତି ସଂଭ୍ରାନ୍ତପଣିଆର ସହିତ କବି ରାଉତରାୟ ଏଠାରେ ଯୌନକ୍ରିୟା, ଅବାଧ ଯୌନକ୍ରିୟା ଓ ଅନୈତିକ, ଅଧଃପତିତ ଯୌନକ୍ରିୟାକୁ ବ୍ୟକ୍ତ କରିଛନ୍ତି । କବିଙ୍କ ଭାଷାରେ- "ଏହାପରେ ମନେପଡ଼େ ଯେତେଦୂର ଆଜି ବାରେବାରେ,/ ମୋ' ସହପାଠିନୀ ହୋଇ ନାଳନ୍ଦାର ନିର୍ଜନ ବିହାରେ / ଦେଖାହେଲା ତୁମେ ଦିନେ ପଚାରିଲ ଏକାନ୍ତେ କୁଶଳ / ତୁମ କୃଷ୍ଣ କବରୀର କାରୁକାର୍ଯ୍ୟ ଲାଗିଥିଲା ଭଲ ।" (୨୦୦୧ :୮୬୧) ଏଠାରେ ପ୍ରଶ୍ନ ଉଠିପାରେ ଯେ, ଏଥିରେ ପରକୀୟା ବା ଅଯଥା ବା ଅନୈତିକତା କେଉଁଠୁ ଆସିଲା ? ତେବେ ପ୍ରଥମ କଥା ନାଳନ୍ଦାର ନିର୍ଜନ ବିହାର ହେଲେ ମଧ୍ୟ ତାହା ଥିଲା ବିଖ୍ୟାତ ଶିକ୍ଷାନୁଷ୍ଠାନ । ଏହା ଶିକ୍ଷାନୁଷ୍ଠାନରେ ଅକରଣୀୟ । ଦ୍ୱିତୀୟତଃ ଏହାର ଉତ୍ତର ଧାଡ଼ିରେ କବି କହିଛନ୍ତି: "ତାହାପରେ ନିଜ ପଥେ ତୁମେ ଗଲ, ମୁହିଁ ମୋର ପଥେ / ସେହିନୁ ତୁମକୁ ଖୋଜେ ସମୟର ନିରୋଳା ସୈକତେ ।" (୨୦୦୧ :୮୬୨) ଏହା ହେଉଛି ସେହି ପ୍ରେମ ବା ସମ୍ପର୍କର ଅବସ୍ଥା ବା ସତ୍ୟତା । ଶେଷରେ ଏହା ଦେଖାଯାଇଛି ଅତି ସାଧାରଣରୁ ସାଧାରଣ ଜନମାନସ ମଧ୍ୟରେ । ନୂଆଖାଲିର ମରଣାନ୍ତକ ଦଙ୍ଗା ଓ ନାରକୀୟ କାଣ୍ଡରେ ହିନ୍ଦୁ ଓ ମୁସଲ୍‌ମାନ୍ ମଧ୍ୟରେ ହୋଇଥିବା ଦ୍ୱନ୍ଦ୍ୱ ଏକ ଭୟାବହ ପରିସ୍ଥିତି ଖାଲି ସୃଷ୍ଟି କରିନଥିଲା ବରଂ ନାରୀର ଅସ୍ତିତ୍ୱକୁ ମାଟିରେ ମିଶାଇ ଦେଇଥିଲା । ନାରୀ ଏଠାରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ କୁଶିତା, ନିର୍ଯାତିତା, ଧର୍ଷିତା, ପୀଡ଼ିତା ଓ ଅବହେଳିତା ହୋଇଥିଲା । ଉଭୟେ ହିନ୍ଦୁ ଓ ମୁସଲମାନ ମାନେ ନିଜର ନାରୀମାନଙ୍କୁ ହତ୍ୟା କଲେ । ପରସ୍ପର ପରସ୍ପର ଉପରେ ପ୍ରତିଶୋଧ ପାଇଁ ସେମାନଙ୍କର (ପରସ୍ପରର) ନାରୀମାନଙ୍କୁ ଧର୍ଷଣ, ଲୁଣ୍ଠନ, ହତ୍ୟା, ଏପରିକି ଅର୍ଦ୍ଧଦଗ୍ଧ କରି ଛାଡ଼ି ଦେଲେ । ଏହି ସମୟରେ ନିନ୍ଦନୀୟ ଏକ ପ୍ରଥା ଆସିଲା ଯାହାକୁ 'ସମ୍ମାନଜନକ ମରଣ' ବୋଲି କୁହାଗଲା । ଅନ୍ୟଧର୍ମର ଲୋକେ ନାରୀକୁ ହତ୍ୟା କରିବା ଆଗରୁ ନିଜେ ସେମାନଙ୍କୁ ପାଣିରେ ବୁଡ଼ାଇ ବୁଡ଼ାଇ ମାରି ଦେଉଥିଲେ । ଯଥାର୍ଥରେ ନାରୀର ସ୍ଥାନ ସମାଜରେ ନଥିଲା । ବରଂ ଥିଲା ଭଙ୍ଗା ନୂଆଖାଲିର ଶ୍ମଶାନରେ ।

ଜୀବନାନନ୍ଦ କିନ୍ତୁ ପାଠକମାନଙ୍କ ସହ ଏକାତ୍ମ ଥିଲେ । 'ବନଲତା ସେନ୍' ଲେଖି ସାରିଲା ପରେ ତାଙ୍କୁ ଅନେକ ପ୍ରଶ୍ନର ଶରବ୍ୟ ହେବାକୁ

**ଗୁରୁପ୍ରସାଦଙ୍କ ଅଲକା ସାନ୍ୟାଲ୍ କୌଣସି ସ୍ଥାନର ନୁହେଁ, ବରଂ ଏକ ସମୟର, ଆଧୁନିକ, ସ୍ୱାଧୀନତୋତ୍ତର କାଳର । କିନ୍ତୁ କବି ରାଉତରାୟ ଯେଉଁ ସମୟର ନାରୀ ଅସ୍ତିତ୍ୱ ସମ୍ପର୍କରେ କହିଛନ୍ତି ତାହା ଅତ୍ୟନ୍ତ ମର୍ମନ୍ତୁଦ ଓ ହୃଦୟ ବିଦାରକ ଅଟେ । ଦେଶ ବିଭାଜନ କାଳରେ ହିଂସା ଦାଢ଼ରେ ନାରୀ କିପରି ଭୟାବହ ପରିସ୍ଥିତିରେ ବୁଡ଼ିଥିଲା- ତାହା ରାଉତରାୟଙ୍କ କବିତାର କେନ୍ଦ୍ରକଥା । କିନ୍ତୁ ଏସବୁ ସତ୍ତ୍ୱେ ଏକ ସାର୍ବକାଳୀକ ଆବେଦନ ମଧ୍ୟ ସେହି କବିତାଟିରେ ରହିଛି ।**

ପଡ଼ିଥିଲା । ଏପରିକି ନିଜ ପରିବାର ତରଫରୁ ସନ୍ଦେହରେ ଛୁରୀକାଘାତ ମଧ୍ୟ ସେ ପାଇଥିଲେ । ଜଣେ ବିବାହିତ ହିସାବରେ ତାଙ୍କୁ ବନଲତା ସେନ୍ ସହ ଯୋଡ଼ି ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଥିଲା । ଏଥିରୁ ଲେଖାଟିଏର ବାସ୍ତବତା ଏବଂ କଳାପଣଟିକୁ ଅନୁମାନ କରା ଯାଇପାରେ । ସଚ୍ଚିବାବୁଙ୍କ କ୍ଷେତ୍ରରେ ସେହିପରି ଆମେ ଲକ୍ଷ୍ୟ କରୁ ଦୁଇଜଣଙ୍କୁ । ଜଣେ ହେଉଛନ୍ତି **ଅଳକା ସାନ୍ୟାଲ୍** ଓ ଅନ୍ୟଜଣେ ହେଉଛନ୍ତି **ପ୍ରତିମା ନାୟକ** ।

ବୁଦ୍ଧଙ୍କର ଅବଲୋକିତେଶ୍ୱର ମୁଦ୍ରା ପରି ପ୍ରତ୍ୟେକ ଆଧୁନିକ କବିତା ଏହି ଜଟିଳ-ଜଞ୍ଜାଳମୟ ଜୀବନର ଅନୁଭାଷ୍ୟ-ବୈପ୍ଳବିକ ପଦକ୍ଷେପ ଏକ ଯୌନ ସଂଘର୍ଷର ସ୍ୱର ଓ ସ୍ୱାକ୍ଷର । ଜୀବନାନନ୍ଦ ବାରମ୍ବାର ପଚାରିଛନ୍ତି- "ଏତୋ ଦିନ୍ କୋଥାଏ ଛିଲେନ୍?" ତା'ଛଡ଼ା ତାଙ୍କର ଅନ୍ୟ ଏକ ଉକ୍ତି : "ପାକ୍ଷିର୍ ନୀଡ଼େର୍ ମତୋ ଚୋଖ୍ ତୁଲେ ନାଟୋରେର୍ ବନଲତା ସେନ୍ ।" କବିତାର ଅନ୍ୟ ଏକ ଦିଗକୁ ଚିହ୍ନାଇ ଦେଇଛି । ତାହା ହେଉଛି ନାରୀପକ୍ଷ । ନାରୀର ମନଇଚ୍ଛା ଆକାଂକ୍ଷା ଓ ସମ୍ଭାବନା । "ଏଠାରେ ବନଲତା ଏକ ଚିରନ୍ତନୀ ନାରୀସତ୍ତା । ହୁଏତ ଏକ ଆଦିନାରୀ । ତା'ର କାମାୟିନୀ ରୂପ ବଡ଼ ଚାକ୍ଷୁସ । ପ୍ରାକ୍-ଐତିହାସିକ ପ୍ରେକ୍ଷାପଟ୍ଟ ମଧ୍ୟରେ ବନଲତା ସେନ୍‌ର ଆକସ୍ମିକ ସାନ୍ନିଧ୍ୟ କବିଙ୍କୁ ମୁଗ୍ଧ କରେ । ଏହାକୁ ଆର୍କିଟାଇପର୍ ଆଦିଜନନୀ ସହ ସମୀଭୂତ କରାଯାଇପାରେ । ସେ ସମ୍ମୋହନୀ ହୋଇ ପ୍ରେମିକା ପାଲଟି ଯାଏ । ଅସଂଖ୍ୟ ଘଟଣାବହୁଳ ଜୀବନପୁସ୍ତକରେ ସ୍ମରଣୀୟ ଅଧ୍ୟାୟ ପରି କବି ଚେତନାକୁ ବାନ୍ଧିରଖେ ।" (ରଥ:୨୦୦୬:୫୮)

ବନଲତା ପ୍ରତି ଏଠାରେ କବି ଦାସ ଅଧିକ ଆନତ ଥିଲା ପରି ଓ ତାର ସୌନ୍ଦର୍ଯ୍ୟର ଅବଗାହନ କଲା ପରି ମନେହୁଏ । ଯଥାର୍ଥରେ ସେ କହିଛନ୍ତି "ଚୂଲ୍ ତାର୍ କବେକାର୍ ଅନ୍ଧକାର୍ ବିଦିଶାର୍ ନିଶା / ମୁଖ୍ ତାର୍ ଶ୍ରାବସ୍ତୀର୍ କାରୁକାର୍ଯ୍ୟ... ।" (ବ.ସେ.) କବି ରାଉତରାୟ ଜୀବନାନନ୍ଦଙ୍କ ବର୍ଣ୍ଣନା କ୍ରମରେ କିପରି ଅନୁରୂପ ବର୍ଣ୍ଣନା ତାଙ୍କ କାବ୍ୟ ନାୟିକା ଅଳକା ସାନ୍ୟାଲ ଠାରେ ବାଢ଼ିଛନ୍ତି ତାହା ଏଠାରେ ଉଦ୍ଧାର କରା ଯାଇପାରେ । "ଦେଖାହେଲ ତୁମେ ଦିନେ ପଚାରିଲ ଏକାନ୍ତେ କୁଶଳ / ତୁମ କୃଷ୍ଣ କବରୀର କାରୁକାର୍ଯ୍ୟ ଲାଗିଥିଲା ଭଲ ।" (୨୦୦୧:୮୬୧) ନାୟକ କଳିଙ୍ଗ, କଳିଙ୍ଗ ଠାରୁ ଅନେକ ଦୂରରେ ଥିବା ଲବଙ୍ଗ, ଅଳେଇଚ ଓ ଡାଳିମ୍ବ ଦ୍ୱୀପରେ ମଧ୍ୟ ଖୋଜିଛି କାଚ କରତର ଦୁର୍ଗମ ବାଟ ଦେଇ କ୍ଷତାକ୍ତ ହୋଇ ସେ ଖୋଜିଛି । ଆହୁରି ସେ କହିଛି: "କଳିଙ୍ଗ କଟକୁ ଦୂରେ ଅଳେଇଚ ଦ୍ୱୀପର ବନ୍ଦରେ / ତୁମକୁ ମୁଁ ଖୋଜି ବୁଲେ ତୁମ କୃଷ୍ଣ କେଶର ଗନ୍ଧରେ ।" (୨୦୦୧:୮୬୨) ବନଲତା ସେନ୍‌ର ଆଖି ଦୁଇଟିକୁ ନୀଡ଼ସ୍ଥ ପକ୍ଷୀର ଆଖି ସହ ତୁଳନା କରିବା ଭିତରେ କବି ତା'ର ଅପୂର୍ବ ରୂପଲାବଣ୍ୟରେ ବିମୋହିତ ହେବା କଥା ଅନ୍ତତଃ ପକ୍ଷେ ସ୍ପଷ୍ଟ ହୋଇଛି । ଡାରଉଇନ୍ ମଧ୍ୟ କହିଛନ୍ତି ଯେ, ଅନେକ ଜୀବଜନ୍ତୁଙ୍କ ଆକର୍ଷଣ ପଶ୍ଚାତ୍‌ରେ ଏହି ସୌନ୍ଦର୍ଯ୍ୟ ହିଁ ଥାଏ । "ସବ୍ ପାଖି ଘରେ ଆସେ /ସବ୍ ନଦୀ ପୁରାୟ ଏ ଜୀବନେ ସବ୍ ଲେନ୍‌ଦେନ୍ / ଥାକେ ଶୁଧୁ ଅନ୍ଧକାର୍ ମୁଖୋମୁଖି ବସ୍‌ବାର୍ ନାଟୋରେର୍ ବନଲତା ସେନ୍ ।" (ବନଲତା ସେନ୍) କବି ଜୀବନାନନ୍ଦ ଇତିହାସରୁ ସାଉଁଟି ଆଣିଛନ୍ତି ବନଲତାକୁ କିନ୍ତୁ କବି ରାଉତରାୟ ପୁରାଣ ଠାରୁ ଆରମ୍ଭ କରି, ଇତିହାସ ଓ ବର୍ତ୍ତମାନରୁ ସ୍ୱାଧୀନତା ପୂର୍ବର ଓ ସ୍ୱାଧୀନତା ସମୟର ଭୟାବହ ପରିସ୍ଥିତି ମଧ୍ୟସ୍ଥ ବାତାବରଣରୁ ସାଉଁଟିଛନ୍ତି ଅଳକାକୁ । 'ବନଲତା ସେନ୍'ରେ କବି ଦାସ ଅଧିକ ସୌନ୍ଦର୍ଯ୍ୟଗ୍ରାହୀ କିନ୍ତୁ 'ଅଳକା ସାନ୍ୟାଲ୍'ରେ କବି ରାଉତରାୟ ଅଧିକ ବାସ୍ତବତା ମୁଖୀ ହୋଇଛନ୍ତି, ଯଦିଓ ସେଥିମଧ୍ୟରେ ରୋମାନ୍ସ ଓ କଳ୍ପନାର ପୁଟ ଭର୍ତ୍ତି ହୋଇ ରହିଛି । "ସମସ୍ତ ଦିନେର୍ ଶେଷେ ଶିଶିରେର୍ ଶବ୍ଦେର୍ ମତନ", ଅଥବା "ସନ୍ଧ୍ୟା ଆସେ ଡାନାର୍ ରୌଦ୍ରେର୍ ଗନ୍ଧେ ମୁଖେ ଫେଲେଛିଲ" ପ୍ରଭୃତି ଚିତ୍ରକଳ୍ପ କବି ଦାସଙ୍କର ସୌନ୍ଦର୍ଯ୍ୟଗ୍ରାହୀ ମନୋବୃତ୍ତି ଆଡ଼କୁ ସ୍ପଷ୍ଟ ଇଙ୍ଗିତ କରେ । ଏହାରି ଭିତରେ ଜୀବନାନନ୍ଦ ରବୀନ୍ଦ୍ରୀୟ ପରମ୍ପରା ଜଗତରୁ ବାହାରି ଆସି ଏକ ନୂତନ ଧାରା ପାଇଁ ଆହ୍ୱାନ ଦେଇଛନ୍ତି । ଓଡ଼ିଆ ସାହିତ୍ୟରେ ଏହିଧାରାର ଏକ ଉପଧାରା ବା ଅନୁଧାରା ଭାବରେ ରାଉତରାୟଙ୍କ 'ପାଣ୍ଡୁଲିପି' (୧୯୪୭) ବା ଗୁରୁପ୍ରସାଦ ଓ ଭାନୁଜୀଙ୍କ 'ନୂତନ କବିତା' (୧୯୫୫)କୁ ପ୍ରତ୍ୟକ୍ଷ କରିଥାଉ । ନାରାୟଣ ଗଙ୍ଗୋପାଧ୍ୟାୟ ଏହି ମର୍ମରେ ଲେଖିଲେ: "ଜୀବନାନନ୍ଦ ବାରବାର ଆଲୋକିତ ଏବଂ ବ୍ୟାଖ୍ୟାତ ହବେନ୍ । ତା'ର୍ ରୋମାଣ୍ଟିକ୍ ମନନ୍, ଆତ୍ମମଗ୍ନତା, ବିଶିଷ୍ଟ ଭାଷାରୀତି ଏବଂ ଛନ୍ଦ ସ୍ୱାତନ୍ତ୍ର୍ୟ, ଶବ୍ଦ ବ୍ୟବହାରରେ ନିଜସ୍ୱ ପ୍ରତୀକ ଏବଂ ଚିତ୍ରକଳ୍ପେର ପ୍ରୟୋଗ, ଜୀବନବୋଧେର୍ ମୌଳିକ ସ୍ୱର କ୍ରମୋନ୍ନୟନ୍ ପରିନତି, ଏଗୁଲୋ ନିଶ୍ଚିତ ଭାବେ ନିର୍ବାଚିତ ହୟୋୟାର୍ ଜନ୍ୟେ ଆରୋ ଅନେକ ଚିନ୍ତା ନିୟୋଜିତ ହବେ ।" ଏପଟେ ନିଜେ ରାଉତରାୟ ନିଜର 'ଅଳକା ସାନ୍ୟାଲ୍' କବିତା ସମ୍ପର୍କରେ କହିଛନ୍ତି ଯେ, "ବଙ୍ଗୀୟ କବି ଜୀବନାନନ୍ଦ ଦାସଙ୍କ 'ବନଲତା ସେନ୍' ଉତ୍ତରରେ ଲେଖା ଏକ ବାସ୍ତବଧର୍ମୀ ଐତିହାସିକ ପୃଷ୍ଠପଟ- ଯାହା ତାଙ୍କ କବିତାରେ ଅଭାବ ଥିଲା, ରଚନା କରିବା ହିଁ ଏହି କବିତାର ଲକ୍ଷ୍ୟ ।" (୨୦୦୧:୮୬୨) ବିଶେଷକରି ନୂଆଖାଲି ଦଙ୍ଗା ଓ ହିଂସାତ୍ମକ ଘଟଣା ହିଁ ଏହି 'ଅଳକା ସାନ୍ୟାଲ୍' (୧୯୪୭)ର ମୁଖ୍ୟ କଥାବସ୍ତୁ । 'ଅଳକା ସାନ୍ୟାଲ୍' ଲେଖିବାର କାରଣ ବୋଧହୁଏ ନୂଆଖାଲିର ବର୍ବର କାଣ୍ଡ ଓ ନାରୀର ତହିଁରେ ଦୁରବସ୍ଥା । କିନ୍ତୁ ଗୁରୁ ପ୍ରସାଦ ଯେଉଁ ଅଳକା ସାନ୍ୟାଲ୍ କଥା କହିଛନ୍ତି ସେ ଅଳକା ସାନ୍ୟାଲ୍ ଏଇ 'ଅଳକା' ନୁହେଁ । ସେ ଭିନ୍ନ ଏକ ଅଳକା ; ନାରୀ ଭିନ୍ନ ଏକ ରୂପ । ବିଶେଷ କରି ସ୍ୱାଧୀନତା ପରବର୍ତ୍ତୀ ସମୟର ନାରୀର କଥା ଗୁରୁବାବୁ କହିଛନ୍ତି । ସେ ସିଧାସିଧା ନିଜର କବିତା ଆରମ୍ଭରୁ ଏହା ସ୍ପଷ୍ଟ କରି ଦେଇଛନ୍ତି ।

*"ତୁମକୁ ବା ସଚ୍ଚିବାବୁ ଦେଖିଥିଲେ କେବେ / ଜାଣେ ନାହିଁ ଅଳକା ସାନ୍ନ୍ୟାଲ୍ ସେତେବେଳେ ଆକାଶରେ ସ୍ୱର୍ଣ୍ଣ ଚିତାବାଘ ଅବା ହରିଣର ଛାଲ / ଅବା ଥିଲା ଖୋଲ ହୋଇ ହଳଦିଆ ଜହ୍ନର ମଶାଲ ।" (୧୯୫୫:୨୦)*

ସଚ୍ଚିବାବୁଙ୍କ 'ଅଳକା ସାନ୍ୟାଲ୍' ଓ ଗୁରୁବାବୁଙ୍କ 'ଅଳକା ସାନ୍ୟାଲ୍' ମଧ୍ୟରେ ଆକାଶ ପାତାଳର ଫରକ ରହିଛି । ଗୁରୁବାବୁ ସଚ୍ଚିବାବୁଙ୍କ ଏକ ତରଫା ବର୍ଣ୍ଣନାରେ ସନ୍ତୁଷ୍ଟ ନଥିଲେ । ସଚ୍ଚି ରାଉତରାୟ ସବୁବେଳେ, ତମାମ କବିତାଟିର ଛତ୍ରେଛତ୍ରେ, ସ୍ଥାନେସ୍ଥାନେ, କାଳେକାଳେ ପ୍ରତି ଛକରେ ନାରୀକୁ ଏକ ନିର୍ଯାତିତା ତଥା ଅବହେଳିତା ଏବଂ ସର୍ବୋପରି ଏକ ଦୁର୍ବଳ, ଇଚ୍ଛାରହିତ ଜୀବ ହିସାବରେ ଆଙ୍କିଛନ୍ତି । ବିଧୁପ୍ରଭା ରଥ କହନ୍ତି: "ଅଳକା ସାନ୍ୟାଲ୍‌ର ପୃଷ୍ଠଭୂମି ତାତ୍କାଳିକ ପୃଥିବୀ । ଏଠାରେ ଇତିହାସର ଏକ କ୍ରମିକ ବିବର୍ତ୍ତନର ପ୍ରେକ୍ଷାପଟ୍ଟ ଥିଲେ ହେଁ ସମକାଳୀନ ଶ୍ମଶାନିତ ଭଙ୍ଗା ନୂଆଖାଲିର ବିବର୍ଣ୍ଣ ପାଣ୍ଡୁର ଚିତ୍ର ହିଁ ଅଧିକ ସୁସ୍ପଷ୍ଟ । ତେବେ କବିତାର ମୌଳ ଧାରାଟି ହେଲା ନାରୀ ସତ୍ତାର ଐତିହାସିକ ବିବର୍ତ୍ତନ । ଏଠି ବି ସେଇ ଅନ୍ୱେଷାର ସ୍ୱର ଧ୍ୱନିତ ।" (୨୦୦୬:୬୦) କିନ୍ତୁ ଏଠାରେ ପ୍ରଶ୍ନ ଉଠେ ପ୍ରକୃତ ପକ୍ଷେ ପରିବର୍ତ୍ତିତ ସମୟ ସ୍ରୋତରେ ନାରୀର ପରିବର୍ତ୍ତନ ବି ବିବର୍ତ୍ତନ ହୋଇଛି କି ? ଯଦି ହୋଇଛି ତେବେ ରାଉତରାୟଙ୍କ କବିତାରେ ସେ ବିବର୍ତ୍ତନ ମୁତାବକ ଫଳାଫଳ ବା ସମାଜର ଦୃଷ୍ଟି ଓ ବ୍ୟବହାରର ସ୍ୱର ଓ ସ୍ୱରୂପ ବଦଳି ଯାଇଛି କି ? ନା, ଆଦୌ ବଦଳି ଯାଇନି । ରାଉତରାୟଙ୍କ କବିତାର ପ୍ରତ୍ୟେକ ମୋଡ଼ରେ ଅଳକା ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀ ପ୍ରାୟ ସମାନ ରହିଥିଲା ପରି ମନେହେବ । କିନ୍ତୁ ହଁ, ଗୁରୁପ୍ରସାଦଙ୍କ ଅଳକା ସାନ୍ୟାଲ୍ କଥା ଆଲୋଚନା କଲାବେଳକୁ ଏତକ କଥା ଏକ୍‌ଦମ୍ ସତ ଜଣା ପଡ଼େ । କାରଣ ଗୁରୁପ୍ରସାଦଙ୍କ ଅଳକା ସାନ୍ୟାଲ୍ ଠାରେ କାଳଗତ ଓ ଚରିତ୍ରଗତ ଉଭୟ ପରିବର୍ତ୍ତନ ଦେଖା ଦେଇଛି । ସେତେବେଳେ ଶୋଷଣ ଓ ନିର୍ଯ୍ୟାତନାର ସଂଜ୍ଞାକୁ ସେ ପରାଜିତ କରିଛି ନିଜର ସ୍ୱେଚ୍ଛାଚାରୀ ସ୍ୱାଧୀନପଣିଆର ଅସ୍ତ୍ରରେ । "ଆଜି ନାରୀ ଜୀବନ ବିଳମ୍ବିତ । ବହୁ ଦୁଃଖ, ଯନ୍ତ୍ରଣା ଦେଇ ସେ ସଂଗ୍ରାମରତ । ତା'ପରେ ପରମ୍ପରାବୋଧ ନାହିଁ, ନିଷ୍ଠା ନାହିଁ, ସେ କୁଟୁମ୍ବିନୀ ହୋଇ ବି ସ୍ୱୈରିଣୀ । ସେ ସର୍ବଦା ସିଗାରେଟ୍, କୋଇଲା ଚୂଲିର ଧୂମକୁଣ୍ଡଳୀ ଘେରା ଖାକି ଆଉ ଫ୍ରିଲ୍‌ଡ଼୍ ଗ୍ରେ ଧୂଳି ପୃଥିବୀରେ ଆତଯାତ । ବହୁ ବେଶଭୂଷାରେ ସେ ବିମଣ୍ଡିତା ଅଭିନୟ କାଳରେ ସେ ନିପୁଣା । ସେ କୁଟୁମ୍ବିନୀରେ ଅଭିନୟ କରି ଜୋତାଷ୍ଟ୍ରାପ୍ ଖୋଲିପାରେ ପୁଣି ସ୍ୱୈରିଣୀ ଭାବରେ ଅସଂଯତ ବେଶଭୂଷାରେ ବିଛଣାରେ ଶୋଇ ରହେ । ପୁଣି କେତେବେଳେ ଟାଉନ୍‌ହଲ୍ ସଭାରେ ପ୍ରତିଦ୍ୱନ୍ଦ୍ୱୀ ହୋଇ ପୁରୁଷ ସହ ମିଶିପାରେ ।" (ରଥ :୨୦୦୬:୬୧) କିନ୍ତୁ ଏଠାରେ ଦେଖିବାର କଥା ଯେ, ଗୁରୁବାବୁ ଯେଉଁ ଅଳକା ସାନ୍ୟାଲ୍ କଥା କହିଛନ୍ତି ତାହା ଗୋଟିଏ ମାତ୍ର କାଳର, ସମକାଳର ତଥା

ସ୍ୱାଧୀନତୋତ୍ତର କାଳର । କିନ୍ତୁ ରାଉତରାୟଙ୍କ ଅଳକା ସାନ୍ୟାଲ୍ ଭିନ୍ନ ଭିନ୍ନ କାଳଖଣ୍ଡର । କିନ୍ତୁ ଗୁରୁପ୍ରସାଦଙ୍କ ଯୁକ୍ତି ଏଠାରେ ଅଧିକତର ବାସ୍ତବମୁଖୀ ଓ ସତ୍ୟତା ଓ ଆଧୁନିକ ଜୀବନର ନିକଟବର୍ତ୍ତୀ । ଆଧୁନିକ ନାରୀର ଜୀବନଚର୍ଯ୍ୟା ଏଠାରେ ବ୍ୟଙ୍ଗାତ୍ମକ ହୋଇ ଉଠିଛି । ନାରୀର ଆଧୁନିକ ସଂସ୍କରଣରେ ତାର ମହନୀୟ ଗୁଣାବଳୀ ଲାଜ-ରକ୍ଷଣଶୀଳତା, ମାତୃତ୍ୱ, ଜନନୀତ୍ୱ ଏବଂ ଅନେକ କଥା ନିଷ୍ପ୍ରଭ ଓ ମଳିନ ଦିଶିଛି । ଅନେକ ପୁରୁଣା ପୃଷ୍ଠା ହଜି ଯାଇଛି ଏ ସଂସ୍କରଣରେ ଓ ଅନେକ ନୂତନ ପୃଷ୍ଠା ଯୋଡ଼ିଯାଇଛି ଏଠାରେ ।

କବି ଏଲିଅଟ୍ ପୂର୍ବସୂରୀଙ୍କ କବିତା ସହ ସନ୍ଧି ସ୍ଥାପନ ଓ ଅର୍ଥବ୍ୟାପ୍ତି କଥା କହିଥିଲେ । କୌଣସି କବି ତା'ର ପୂର୍ବବର୍ତ୍ତୀ ପିଢ଼ି ଠାରୁ ସଂପୂର୍ଣ୍ଣ ମୁକ୍ତ ନୁହେଁ । ଅଧିକନ୍ତୁ କବିଟିଏ ତାର ପୂର୍ବପିଢ଼ିକୁ ନେଇ ସନ୍ଧିକ୍ରମେ ଆଗକୁ ଗଲେ ସୁଫଳ ମିଳିଥାଏ । ଏଠାରେ ରାଉତରାୟଙ୍କ ଠାରୁ ମହାନ୍ତି ଏହି ଉକ୍ତି ଯଥାର୍ଥତାକୁ ବେଶ୍ ପ୍ରମାଣିତ କରି ପାରିଛନ୍ତି ।

"ତିନୋଟି କବିତାରେ କବିଙ୍କର ନଟସତ୍ତା କାବ୍ୟନାୟକ ରୂପେ ପ୍ରକଟିତ । କବିତା ମଧ୍ୟରେ କେବଳ ସ୍ଥାନଗତ ଭିନ୍ନତା ରହିଛି ତା' ନୁହେଁ ପରନ୍ତୁ କାଳଗତ ପାର୍ଥକ୍ୟ ମଧ୍ୟ ବିଶେଷ ଉଲ୍ଲେଖନୀୟ । ଜୀବନାନନ୍ଦଙ୍କ କବିତାରେ କବି ଅସ୍ଥିର, କ୍ଳାନ୍ତଶ୍ରାନ୍ତ ଅବସନ୍ନ ମାନସିକତା ନେଇ 'ବନଲତା' ସହ ଥରଟିଏ ସାନ୍ନିଧ୍ୟ ଲାଭ କରନ୍ତି ।  ଗୋଟିଏ ମୁହୂର୍ତ୍ତରେ ଅନୁଭୂତି ହିଁ କବି ମାନସରେ କୋଟିସ୍ମୃତିର ରୂପ ନିଏ । ସଚ୍ଚି ରାଉତରାୟଙ୍କ କବିତାରେ କାବ୍ୟ ନାୟିକା ସହ ବିଭିନ୍ନ ରୂପରେ ଏକାଧିକଥର ଦେଖା ହୁଏ କିନ୍ତୁ ଗୁରୁପ୍ରସାଦ ଅଳକାକୁ ସର୍ବତ୍ର ବିଭିନ୍ନ ରୂପରେ ଦେଖିବାକୁ ପାଆନ୍ତି ।" (ରଥ :୨୦୦୬:୬୨) ଗୁରୁବାବୁ ଆଜିର ନାରୀ କିପରି ବ୍ୟଭିଚାରିଣୀ, ସ୍ୱେଚ୍ଛାଚାରିଣୀ ଓ ବିପର୍ଯ୍ୟସ୍ତ ଅସ୍ତିତ୍ୱ ସଂପନ୍ନା ହୋଇଯାଇଛି ସେହିକଥା ହିଁ କହିଛନ୍ତି । କବି ଗୁରୁପ୍ରସାଦ ମଧ୍ୟ ପୂର୍ବୋକ୍ତ କବିତାଗୁଡ଼ିକ ପରି ନିଜେ ଏକ ପର୍ଯ୍ୟବେକ୍ଷକ ଓ ଭୁକ୍ତଭୋଗୀ ଚରିତ୍ର ପରି ଘଟଣାରେ ସାମିଲ୍ ଅଛନ୍ତି । ଯଥାର୍ଥରେ ସେ କହୁଛନ୍ତି ଜଣେ ପ୍ରତ୍ୟକ୍ଷଦର୍ଶୀ ପରି- "ମୁଁ ତୁମକୁ ଦେଖେ ଆଜି ତୁମେ ଦିଅ ବ୍ଲାଉଜର ବୋତାମ / ତା' ଦାଗ ତୁମେ ଧୁଅ ସେମିଜ୍‌ରୁ ଗରମ ପାଣିରେ / ତୁମେ ପୁଣି କଥାକୁହ ମୁହଁପୋତି ଟେବୁଲ୍ ସେ ପାଖେ / ତୁମେ ପୁଣି ଉଠି ଆସି ଆସ୍ତେ ବସ ପାଖ ଚଉକିରେ ।" (୧୯୫୫:୨୦) ଏହା ଏକ କମ୍ପ୍ଲିଟ୍ ସିନ୍ - ଏକ ଦୃଶ୍ୟ, କିଛି ଅଙ୍ଗେନିଭା ସମୟର । କବି ଏଠି କମେଣ୍ଟେଟର୍, ଜଣେ ବିବରଣୀ ପ୍ରଦାନକାରୀ- ଜଣେ ପ୍ରତ୍ୟକ୍ଷଦର୍ଶୀ । ଖାଲି ସେତିକି ନୁହେଁ, କବି ଗୁରୁପ୍ରସାଦ ପ୍ରତ୍ୟକ୍ଷଦର୍ଶୀ ଭାବରେ ଜଣେ କାବ୍ୟନାୟକ ହେଉ ଅଥବା ସୂତ୍ରଧର ହେଉ- ସାହିତ୍ୟ ଜଗତର ନ୍ୟାୟ ଦରବାରରେ କବିତାର କାଠଗଡ଼ାରେ ଛିଡ଼ା ହୋଇ କବି ମନୀଷୀ-ପରିଭୂ ହିସାବରେ ନୁହେଁ ବରଂ ଜଣେ ପ୍ରତିବଦ୍ଧ ଓ ଦାୟିତ୍ୱସଂପନ୍ନ ସ୍ରଷ୍ଟା ହିସାବରେ, ଜଣେ ସିରିୟସ୍ ସାହିତ୍ୟିକ ହିସାବରେ- ସାହିତ୍ୟର କର୍ତ୍ତବ୍ୟ ଦାୟରେ କହିଛନ୍ତି- ଅଳକା ସାନ୍ନ୍ୟାଲ୍ ବା ଯୁଗନାରୀର ନଗ୍ନସତ୍ୟ, ବଖାଣିଛନ୍ତି ତାଙ୍କ ଆଖି ଦେଖା-କାନଶୁଣା ଓ ଅଙ୍ଗେନିଭା ନାରୀର ବିବର୍ତ୍ତିତ-ବିଧ୍ୱସ୍ତ ଅନ୍ତତ୍ୱର କଥା । କେତେକଥା ପ୍ରତୀକ ମାଧ୍ୟମରେ ମଧ୍ୟ ସେ କିହଛନ୍ତି । କିନ୍ତୁ ସିଧାସିଧା କେତେକଥା କହିଛନ୍ତି ଦେଖନ୍ତୁ । କବି କହନ୍ତି- "ତୁମକୁ ମୁଁ ଦେଖିପାରେ ଜୋତାଷ୍ଟ୍ରାପ୍ ତୁମେ ଧୀରେ ଖୋଲ / ତୁମେ ଆସି ଲୋଟିପଡ଼ ବିଛଣାରେ ବେଣୀ ଆଉ ଶାଢ଼ି ଅସଂଯତ / ତୁମେ ପୁଣି ଆସ୍ତେ ଉଠ ଲୁଗାପଟା ଠିକ୍‌ଠାକ୍ କରି / ଟାଉନ୍‌ହଲ୍ ସଭାରେ ମୁଁ ପାଏ ପୁଣି ତୁମରି ସାକ୍ଷାତ ।" (୧୯୫୫:୨୦) ପୁଣି କହୁଛନ୍ତି- "ମୁଁ ତୁମର ଶୁଣେ ଆଜି ଝଡ଼ ପରି ଭୀଷଣ ବକ୍ତୃତା / ମୁଁ ଦେଖେ ତୁମର ଦେହ ହଠାତ୍ ଯାଏ କାଦୁଅ ପାଲଟି / ଛିଣ୍ଡା ଚିଠି କାଗଜରେ ତୁମର ଯା' ଅବଶିଷ୍ଟ ରହେ / ପବନ ସେତକ ନିଏ ସଡ଼କରୁ ସାଉଁଟି ସାଉଁଟି ।" (୧୯୫୫:୨୧) କବିତାଟିର ଶେଷ ପଂକ୍ତିରେ ବା କବିଙ୍କର ଶେଷ ଷ୍ଟେଟ୍‌ମେଣ୍ଟ୍‌ରେ ସେ ସ୍ୱଷ୍ଟ କରିଛନ୍ତି ଯେ, ସେ ମଧ୍ୟ ଏହି ବିପର୍ଯ୍ୟସ୍ତ ଅସ୍ତିତ୍ୱଧାରୀ ନାୟିକାର ଅନ୍ୟତମ ପ୍ରେମିକ - ଓ କାବ୍ୟନାୟକ । ସେ କବି ଓ କାବ୍ୟପୁରୁଷର ଉକ୍ତିଟି ଏହିପରି : "(...) ତା' ଭିତରେ ତୁମେ ପୁଣି ପ୍ରେମ କର ଗର୍ଭବତୀ ହୁଅ / ସିନେମାର ହ୍ୟାଣ୍ଡ୍‌ବିଲ୍ ମୁଁ ଦେଖିଛି ତୁମର ଦେହରେ / ପବନ ତୁମକୁ ଯେବେ ଆସ୍ତେ ନିଏ ବାଲିରୁ ସାଉଁଟି /ମୁଁ ତୁମକୁ ସ୍ୱପ୍ନ ଦେଖେ ମୋର ଢିଲା ପାଇଜାମା କାମିଜ୍‌ର ଅମରାବତୀରେ ।" (୧୯୫୫:୨୧) ଏସବୁ ଉକ୍ତିରୁ ନାୟିକାର ସତ୍ୟ ସ୍ୱରୂପ ଜାଣିବାରେ ଆଉ କିଛି ଅସୁବିଧା ଥିଲା ପରି ମନେହୁଏ ନାହିଁ ।

ବନଲତା ହେଉଛି ଜୀବନାନନ୍ଦଙ୍କ କାବ୍ୟନାୟିକା ପୁଣି ମାନସ ନାୟିକା । ଅଳକା କିନ୍ତୁ ଯଦିଓ ସଚ୍ଚି ରାଉତରାୟ ଓ ଗୁରୁ ମହାନ୍ତିଙ୍କ କବିତାର କେନ୍ଦ୍ର ତଥାପି ଖୁବ୍ ବିବର୍ତ୍ତମାନା, ପରିବର୍ତ୍ତନଶୀଳା । ସଚ୍ଚିବାବୁଙ୍କ ଯାଏଁ ଅବଶ୍ୟ ଜୀବନାନନ୍ଦଙ୍କ ପ୍ରଭାବରେ ଅଳକାକୁ କବିର ନାୟିକା ବୋଲି କହି ହେବ । କାରଣ ଶେଷଯାଏଁ କବି ରାଉତରାୟ ଅଳକାକୁ ନାୟିକା ପରି ହିଁ ଦେଖିଛନ୍ତି, ଯଦିଓ ତାର ପରିଣତି ଦୁଃଖଦ ଓ ମର୍ମାନ୍ତକ ହୋଇଛି । ଆଉ ଗୋଟିଏ କଥା ଲକ୍ଷ୍ୟ କରି ହେବ ଯେ, ଜୀବନାନନ୍ଦଙ୍କ ଦ୍ୱାରା ସଚ୍ଚିଦାନନ୍ଦ ଖୁବ୍ ପ୍ରଭାବିତ ହୋଇଛନ୍ତି । ସେମିତି ଦେଖିଲେ ରବୀନ୍ଦ୍ର ଓ ବୁଦ୍ଧଦେବ ପ୍ରମୁଖ ବଙ୍ଗଳା କବିଙ୍କ ଦ୍ୱାରା ରାଉତରାୟ ପ୍ରଭାବିତ ମଧ୍ୟ ହୋଇଛନ୍ତି । କିନ୍ତୁ ଏଠାରେ ଉଲ୍ଲେଖ କରିବା ନିହାତି ଦରକାର ଯେ, ରାଉତରାୟ ଜୀବନାନନ୍ଦ ଦାସଙ୍କ ଧାଡ଼ି ଅନେକ, ଶବ୍ଦ ପ୍ରୟୋଗ ଧାରା ପ୍ରଭୃତିକୁ ସିଧାସଳଖ ଗ୍ରହଣ କରିଛନ୍ତି । କିନ୍ତୁ ସବୁଠାରୁ ବଡ଼କଥାଟା ହେଲା ଏହି ପ୍ରୟୋଗ ସମାନ ହେଲେ ମଧ୍ୟ ତା'ର ବ୍ୟଙ୍ଗାର୍ଥ ପ୍ରୟୋଗ ଗୁଡ଼ିକ ଅନନ୍ୟ ଯାହା ଜୀବନାନନ୍ଦ ମଧ୍ୟ କରିପାରି ନାହାଁନ୍ତି । ସେ ବ୍ୟାଚ୍ୟାର୍ଥ ଉପରେ ଗୁରୁତ୍ୱ ଦେଲା ବେଳେ ରାଉତରାୟ ସମାଜ କଥାର ପ୍ରୟୋଗ ଏପରି କରିଛନ୍ତି ଯେ, ସେଠାରେ ଆପଣାଛାଏଁ ପାଠକ ବ୍ୟଞ୍ଜନାର୍ଥଟିକୁ ଖୋଜିବାକୁ ଆଉଟୁ ପାଉଟୁ ହୁଏ ।

"ବନଲତା ସେନ୍ ଓ ଅଳକା ସାନ୍ୟାଲ୍ ବିଂଶ ଶତକର କାବ୍ୟ ନାୟିକା, ଯେଉଁମାନେ କି ୧୯୪୨ ଓ ୧୯୪୭ରେ କବି ଚକ୍ଷୁରେ ଆବିର୍ଭୁତ ହୁଅନ୍ତି ନାଟୋର ଓ ନୂଆଖାଲିରୁ ।" (ହୋତା:୧୯୯୩:୩୨୩) କିନ୍ତୁ ଗୁରୁପ୍ରସାଦଙ୍କ ଅଳକା ସାନ୍ୟାଲ୍ କୌଣସି ସ୍ଥାନର ନୁହେଁ, ବରଂ ଏକ ସମୟର, ଆଧୁନିକ, ସ୍ୱାଧୀନତୋତ୍ତର କାଳର । କିନ୍ତୁ କବି ରାଉତରାୟ ଯେଉଁ ସମୟର ନାରୀ ଅସ୍ତିତ୍ୱ ସମ୍ପର୍କରେ କହିଛନ୍ତି ତାହା ଅତ୍ୟନ୍ତ ମର୍ମନ୍ତୁଦ ଓ ହୃଦୟ ବିଦାରକ ଅଟେ । ଦେଶ ବିଭାଜନ କାଳରେ ହିଂସା ଦାଢ଼ରେ ନାରୀ କିପରି ଭୟାବହ ପରିସ୍ଥିତିରେ ବୁଡ଼ିଥିଲା- ତାହା ରାଉତରାୟଙ୍କ କବିତାର କେନ୍ଦ୍ରକଥା । କିନ୍ତୁ ଏସବୁ ସତ୍ତ୍ୱେ ଏକ ସାର୍ବକାଳୀକ ଆବେଦନ ମଧ୍ୟ ସେହି କବିତାଟିରେ ରହିଛି । ମଥୁରାନାଥ ହୋତା ସଚ୍ଚିରାଉତରାୟଙ୍କ ଅଳକା ସାନ୍ୟାଲ୍ ସମ୍ପର୍କରେ ଯେଉଁ ମତ ପ୍ରଦାନ କରିଛନ୍ତି, ତାହା ଉପର୍ଯ୍ୟାଲୋଚ୍ୟ କଥା ଠାରୁ ଭିନ୍ନ । ସେ କହନ୍ତି, " (....)ସଚ୍ଚି ରାଉତରାୟଙ୍କୁ ଅଳକା ସାନ୍ୟାଲ୍ ପ୍ରଥମେ ଦେଖା ଦେଇଛି ବିଦେହର ରାଜପୁରରେ । ବୈଦେହୀ ସୀତା ପ୍ରଣୟ ପ୍ରବୀଣା ହୋଇ ରାମଚନ୍ଦ୍ରଙ୍କୁ ଗ୍ରହଣ କରନ୍ତି । ନାରୀର କୌତୁହଳ ଚରିତାର୍ଥ କରିବା ପାଇଁ ପୁରୁଷ ସ୍ୱର୍ଣ୍ଣମୃଗ ଧରିବା ଆଶାରେ ଧାଇଁ ଯାଇଛି, ଦ୍ରୌପଦୀର ସମ୍ମାନ ରକ୍ଷା କରିବା ପାଇଁ ଦୁଃଶାସନର ରକ୍ତପାନ କରିବାକୁ ପଛେଇ ନାଇଁ । କବିତାର ଦ୍ୱିତୀୟ ଭାଗରେ ମଧ୍ୟଯୁଗୀୟ ନାୟିକା 'ପରିମଳା'କୁ ଚିତ୍ରରଥ ଗନ୍ଧର୍ବ ହାତରୁ ମୁକ୍ତ କରିଛନ୍ତି । ମକର  କେତୁ ଓ ଚିତ୍ରରଥ ଉଭୟେ ଚାହାନ୍ତି 'ପରିମଳା'କୁ । ନାରୀର ଦ୍ୱୈତ ରୂପ ଏଠାରେ ସୁସ୍ପଷ୍ଟ । ପରେ ଅବଶ୍ୟ ବିଜୟ ହୋଇଛି ମକରକେତୁର । ନାଳନ୍ଦାର ନିର୍ଜନ ବିହାରରେ ପୁରୁଷ ସହିତ ସମ ଅଧିକାର ପାଇଛି ଏଇ ନାରୀ । ସଚ୍ଚିବାବୁଙ୍କ ଲେଖାରେ ନାରୀର ଏଇ ଶ୍ରମ ବିକାଶ ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟ । କବିତାର ତୃତୀୟ ଭାଗରେ କଳ୍ପଲୋକର ନାୟିକା ପୁରୁଷ ଦୃଷ୍ଟିର ମାୟାଞ୍ଜନ ସାମଗ୍ରୀ । ରୂପକଥାରେ କଳିଙ୍ଗ କଟକରୁ ଲବଙ୍ଗ ଡାଳିମ୍ବ ଦ୍ୱୀପ ଦେଇ, ସସାଗରା ପୃଥିବୀ ତା'ର ବିହାରଭୂମି । ଶେଷ ଭାଗରେ  କବି ନୂଆଖାଲିରୁ ତା'ର ବିଖଣ୍ଡିତ, ବିକ୍ଷତ ରୂପକୁ ଉଦ୍ଧାର କରିଛନ୍ତି । ତା'ର ସ୍ୱପ୍ନ ରଚନା ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇଛି ।" (ହୋତା:୧୯୯୩:୩୨୪-୨୫) କିନ୍ତୁ ଏ କଥାଟି ଯଥାର୍ଥ ମନେହୁଏ ନାହିଁ । ବିଗଠନ ମୂଳେ ଦେଖିଲେ ଏହି 'ପାଠ' ଟିର ଅର୍ଥ ଏହା ନୁହେଁ । କାରଣ ଏହାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗଟି ଚତୁର୍ଥ ବା ଶେଷ ଭାଗ ସହ ଏକମତ ନୁହେଁ । କିନ୍ତୁ କବିତାଟି ଗୋଟିଏ ଟୋନ୍ ଓ ଗୋଟିଏ ଥିମ୍‌ର । ଏଠାରେ ଲେଖକଙ୍କ ଅଭିପ୍ରାୟ ଅପରିବର୍ତ୍ତିତ ରହିଲା ପରି ଅଧିକ ମନେ ହେଉଛି । ଏଣୁ ରାମଚନ୍ଦ୍ର ଓ ସୀତାଙ୍କ

ସମ୍ପର୍କ ହେଉ ବା ଦ୍ରୌପଦୀ ଓ ଭୀମଙ୍କ ପ୍ରେମ ହେଉ- ଏସବୁଥିରେ ସମାଲୋଚକ ହୋତା ବନଲତା ଛାପରେ ରୋମାଣ୍ଟିକ ପ୍ରବୃତ୍ତିରୁ ବାହାରି ଆସିପାରି ନାହାଁନ୍ତି । କିନ୍ତୁ ପ୍ରକୃତପକ୍ଷେ ନାରୀର ନାଚାରପଣ ତଥା ସବୁ ଯୁଗରେ ସବୁ ଘଟଣା ଦୁର୍ଘଟଣାରେ ନାରୀର କପାଳରେ ଦୁର୍ଭାଗ୍ୟତକ ଲଦିଦେବା ଚିରନ୍ତନୀ ନଦୀ ପରି ଦେଖା ଯାଇଛି । ସୀତା ଠାରୁ ନୂଆଖାଲି ଯାଏଁ ଆମେ ସବୁଥିରେ ଅଳକାକୁ ଏକ ଦୁର୍ଭାଗ୍ୟଗ୍ରସ୍ତା ଭୁକ୍ତଭୋଗୀ ହିସାବରେ ହିଁ ଚିତ୍ରିତ କରିଛୁ । ଯେପରି ଲଙ୍କାରୁ ଫେରିଲା ପରେ ଅଯୋଧ୍ୟା ମୌନ ରହି ସୀତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଦେଖିଥିଲା ଓ ଚୁପ୍ ରହିଥିଲା, ଯେପରି ବାରୁଣାବନ୍ତରେ ଦ୍ରୌପଦୀଙ୍କ ପ୍ରତି ହୋଇଥିବା ବ୍ୟଭିଚାରକୁ ସମଗ୍ର ହସ୍ତିନାପୁର ଉପଭୋଗ କରିଥିଲା ଓ ନିରୁତ୍ତର, ତଥା ପ୍ରତିବାଦହୀନ ହୋଇଥିଲା, ଯେଉଁପରି ନାଳନ୍ଦାର ଶିକ୍ଷାୟତନ ଓ ଗୁଣୀଜ୍ଞାନୀ ସମାଜ ତା'ର ଅବକ୍ଷୟରେ ପ୍ରତିକ୍ରିୟାହୀନ ହୋଇ ପଡ଼ିଥିଲା ତଥା ସମଗ୍ର ଦେବସତ୍ତା ନିଷ୍ପ୍ରଭ ଦିଶିଥିଲା ସେହିପରି ନୂଆଖାଲିର ବର୍ବରତା ଦେଖି ନାରୀର ବୁକୁଫଟା ଚିତ୍କାରକୁ ଶୁଣି ନିଜର ଛାତିତଳେ ତା'ର କବର ଖୋଳି, ଶ୍ମଶାନରେ ତା'ର ବିଖଣ୍ଡିତ ଶବ, ଇଚ୍ଛା ଓ ଆକାଂକ୍ଷାକୁ ଲୁଚାଉଥିଲା । ଏହା ହିଁ ପୃଥିବୀର ସାର୍ବକାଳିକ ସତ୍ୟ । ଏହା ହିଁ ନାରୀର ସାର୍ବକାଳିକ ଓ ସାର୍ବସ୍ଥାନିକ ଭାଗ୍ୟ ।

"ନାରୀ ନିର୍ଯାତନାର ପରିଧି ବହୁ ବ୍ୟାପକ ଓ ଏହାର ବିଭିନ୍ନ ସ୍ୱରୂପ ସମୟକ୍ରମେ ପ୍ରକଟିତ ହୋଇ ଚାଲିଛି । ଅନ୍ୟପକ୍ଷରେ ସମାଜ ଓ ପରିବାରରେ ନାରୀର ସ୍ଥିତି ଅପରିହାର୍ଯ୍ୟ । ପୁରୁଷ ପାଇଁ ନାରୀଟିଏ ନହେଲେ ନ ଚଳେ । ଅଥଚ ତାକୁ ନିଜ ଭଳି ବିଚାରି ଗ୍ରହଣ କରିନେବାରେ ଅନେକ କାର୍ପଣ୍ୟ । କିନ୍ତୁ ପତ୍ନୀର ବ୍ୟକ୍ତିତ୍ୱକୁ ସମ୍ମାନ ଦେବା, ନିଜ ପ୍ରତି ଯେଉଁ ବ୍ୟବହାର ସହ୍ୟ ହେବ ନାହିଁ ସେପରି ବ୍ୟବହାର ପତ୍ନୀ ପ୍ରତି ନକରିବା, ନିଜ କନ୍ୟାକୁ ତା'ର ପ୍ରାପ୍ୟ ସମ୍ପତ୍ତି ଦାନ କରିବା, ଏହା ହୋଇପାରେ ନାହିଁ । ପୁଣି ସମାଜରେ ଯେଉଁ କର୍ମ ପାଇଁ ପୁରୁଷ ନିନ୍ଦିତ ହୁଏ ନାହିଁ, ସେହି କର୍ମ ପାଇଁ ନାରୀଟିଏ ନିନ୍ଦା ଭୋଗେ, ସମାଜ ଓ ପରିବାର ତା'ଠାରୁ କେବଳ ଆତ୍ମୋତ୍ସର୍ଗ ଚାହେଁ, ନିଜ ଇଚ୍ଛାନୁସାରେ କଣ୍ଢେଇକୁ ନଚାଇଲା ଭଳି ନଚାଇବାକୁ ଚାହେଁ । ଅନେକତ୍ର ନାରୀ ପଣ୍ୟ ଭାବେ ବ୍ୟବହୃତ ହୁଏ ।" (ଶତପଥି:୨୦୦୯:୨୮)

ନାରୀ ସଂପୂର୍ଣ୍ଣ ରୂପେ ଏକ ପୁରୁଷକୈନ୍ଦ୍ରିକ ସମାଜରେ କବଳିତା । ମାନସିକ, ଶାରୀରିକ, ଆର୍ଥିକ, ସାମାଜିକ ଓ ଅନ୍ୟାନ୍ୟ ଅନେକ ଦୃଷ୍ଟିରୁ (କେବଳ ଜୈବିକ ଦୃଷ୍ଟିକୁ ଛାଡ଼ିଦେଲେ) ନାରୀ ଆଜି ପରାଧୀନା, କବଳିତା, ଅସୁସ୍ଥା । ନିତ୍ୟନୈମିତ୍ତିକ ଜୀବନଧାରାର ବିବିଧ କ୍ଷେତ୍ରରେ ଏପରିକି କୌଣସି ମୁହୂର୍ତ୍ତରେ ମଧ୍ୟ ନାରୀଟିଏ ନିର୍ଯାତିତା ହେବାର ସମ୍ଭାବନା ବିପୁଳ । କିନ୍ତୁ ସର୍ବୋପରି ଏଠାରେ କବି ରାଉତରାୟ ଯେଉଁ କଥାଟି ଉଠାଇଛନ୍ତି ଆଲୋଚ୍ୟ ଅଳକା ସାନ୍ୟାଲ୍ ପ୍ରସଙ୍ଗରେ, ତାହା ହେଉଛି ସମୟର ନିଷ୍ଠୁରତା, ନାରୀ ପ୍ରତି ବୈର ଦୃଷ୍ଟିପୀଡ଼ି । "ଏଠାରେ ଦୁଇଗୋଟି ବିବର୍ତ୍ତିତ ପ୍ରେକ୍ଷାପଟରେ ନାୟିକା ପ୍ରତି ସୌନ୍ଦର୍ଯ୍ୟ ମୁଗ୍ଧ ଅନ୍ୱେଷଣ ଯେତିକି ଗୁରୁତ୍ୱପୂର୍ଣ୍ଣ ହୋଇ ନାହିଁ, ଗୁରୁତ୍ୱପୂର୍ଣ୍ଣ ହୋଇଛି ସମୟର ପ୍ରାଣସ୍ପନ୍ଦନକୁ ରୂପଦେବା ।" (ପାଣ୍ଡବ:୧୯୯୮:୮୪) କିନ୍ତୁ ଏହା ସତ୍ୟ ଯେ, ସଚ୍ଚିବାବୁଙ୍କ ଅଳକା ଏକ ରୋମାଣ୍ଟିକ ଦୃଷ୍ଟିସଂଭୂତା- ଅଳକା ସାନ୍ୟାଲ୍ । ଏ ଅଳକା ସାନ୍ୟାଲ୍ ଏକ ରୋମାଣ୍ଟିକ୍ ମୁହୂର୍ତ୍ତର କଥା । କିନ୍ତୁ ଗୁରୁ ପ୍ରସାଦଙ୍କ 'ଅଳକା' ବାସ୍ତବତା ଓ ବିପର୍ଯ୍ୟୟର କଥା କହେ । ଅବଶ୍ୟ ଏହା ପୁରୁଷ ଦୃଷ୍ଟିରୁ ନିର୍ମିତ । ଗୁରୁପ୍ରସାଦ ଏକ ଆଣ୍ଟିରୋମାଣ୍ଟିକ୍ ଦୃଷ୍ଟିରେ ଅଳକା ସାନ୍ୟାଲ୍ ସୃଷ୍ଟି କରିଛନ୍ତି । ସଚ୍ଚିବାବୁ ଜୀବନାନନ୍ଦ ଦାସଙ୍କ ଶୈଳୀ ପାଖରେ ଋଣୀ । କିନ୍ତୁ ଗୁରୁପ୍ରସାଦ ନା ଜୀବନାନନ୍ଦ ନା ସଚ୍ଚିଦାନନ୍ଦ- କାହାରି ଠାରେ ଋଣୀ ନୁହଁନ୍ତି । ଏ ଷ୍ଟାଇଲ୍ ତାଙ୍କର ନିଜର- ନିଜ ବ୍ୟକ୍ତିତ୍ୱର- ସ୍ୱାତନ୍ତ୍ର୍ୟର ଏକ ନୂଆସ୍ୱରର ।

ସମୟ ସ୍ରୋତରେ ନାରୀର ରୂପ ଓ ସ୍ଥାନ ବଦଳିଛି ସିନା ହେଲେ ମାନ ବଦଳିନି । ତା'ର ଅସ୍ମିତା ବାବଦରେ ତା' ନିଜର ବକ୍ତବ୍ୟକୁ କେହି କେବେ ଅପେକ୍ଷା ରଖିନାହିଁ । କବି ରାଉତରାୟଙ୍କ ଉକ୍ତିଟିକୁ ଦେଖିଲେ ଆହୁରି କିଛି କଥା ସ୍ପଷ୍ଟ ହେବ ।

"କଳିଙ୍ଗ କଟକୁ ଦୂରେ ଅଳେଇଚ ଦ୍ୱୀପର ବନ୍ଦରେ
ତୁମକୁ ମୁଁ ଖୋଜିବୁଲେ ତୁମ କୃଷ୍ଣ କେଶର ଗନ୍ଧରେ
ସୁଦୂର ଡାଳିମ୍ବ ଦ୍ୱୀପେ ଡେଇଁ କାଚ କରତର ବାଡ଼
ବନ୍ଦିନୀ ତୁମକୁ ଲୋଡ଼େ ଦେବା ପାଇଁ ମୁକ୍ତି ଉପହାର ।"

(ରାଉତରାୟ:୨୦୦୧:୮୬୨)

ଏଥିରୁ ଅନ୍ତତଃ ଏହା ସ୍ପଷ୍ଟ ହୁଏ ଯେ, ନାରୀ ବିମୁକ୍ତା ନଥିଲା । ସେ ବନ୍ଦିନୀ ଥିଲା, ଅବନ୍ଧା ଓ ରୁଦ୍ଧ କାରାଗାରରେ ରହି ଆସିଥିଲା । ଏଣୁ ନାୟକର ଏ ଉକ୍ତି । ନାୟକ ମନସ୍ଥ କରିଛି ନାୟିକା ଅଳକାକୁ ମୁକ୍ତିର ଉପହାର ଦେବ । ପୁରୁଷ ନିର୍ଣ୍ଣୟ ନେଇଛି ନାରୀକୁ ଉପହାର ଦେବ ମୁକ୍ତିର । କିନ୍ତୁ ସେ ମୁକ୍ତି ହୋଇଛି ମୃତ୍ୟୁ, ଅପମୃତ୍ୟୁର ମୁକ୍ତି । ସେ ହୋଇଛି ଶୋଷିତା, ପେଷିତା, କୁଶିତା ଓ ପୁନର୍ବାର ନିର୍ଯାତିତା । ସ୍ଥାନ ମିଳିନି ତାକୁ ସମାଜରେ । ସମାଜରୁ ମିଳିଛି ତାକୁ ମୁକ୍ତି । ପୁରୁଷ ସମାଜରୁ, ପୁରୁଷର ଅହଙ୍କାର, ଅନ୍ଧବିଶ୍ୱାସ ଓ ଭିତ୍ତିରହିତ ବୁନିଆଦିର ସମାଜରୁ ସେ ହୋଇଛି ବିତାଡ଼ିତା ଓ ଆଶ୍ରୟ ନେଇଛି ଟ୍ରେଞ୍ଚ୍ ତଳେ, ନୂଆଖାଲି ମଶାଣିର ଯୂଇ ଗାତ୍ରରେ । ଡାଳିମ୍ବ, ଅଳେଇଚ କି ଲବଙ୍ଗ ଦ୍ୱୀପ, ଅଥବା ଜାଭା ସୁମାତ୍ରାରେ ଖବର ନାହିଁ ଅଳକାର । କାରଣ ସେସବୁଠି ମଧ୍ୟ ପୁରୁଷର ଖିଆଲ୍ ରାଜତ୍ୱ କରେ । ଏଣୁ ଅଳକା(ନାରୀ)କୁ ଲୁଚାଇଥିଲା ଭଙ୍ଗାରୁଜା, ଜଳି ଯାଇଥିବା, ପୋଡ଼ି ଯାଇଥିବା ଅଙ୍ଗାରବତ ନୂଆଖାଲି ମଶାଣିରେ ।

ଗୁରୁପ୍ରସାଦଙ୍କ ଦୃଷ୍ଟି କିନ୍ତୁ ପୂରାପୂରି ଅଲଗା । ନାରୀ ଆଉ ଆବ୍ରୁ ଭିତରେ ନାହିଁ । ସେ ନିଜେ ଖୋଲି ଦେଇଛି ନିଜର ଆବ୍ରୁ । ପୂର୍ବରୁ ଆଉଜଣେ କିଏ (ପୁରୁଷ) ଖୋଲୁଥିଲା ତା'ର ବସ୍ତ୍ର । କିନ୍ତୁ ଆଜି ନାରୀ ନିଜକୁ ନିଜେ ବିବସ୍ତ୍ର କରି ପ୍ରସ୍ତୁତ କରୁଛି ଟାଉନହଲ୍ ସଭା ଠାରୁ, ସିନେମାହଲ୍ ଆଉ କେଉଁ ନିଭୃତ କୋଠରୀ ମଧ୍ୟରେ । ସେ ଆଜି କ୍ଷମତା-ପ୍ରମତ୍ତ ପୁଣି ଧ୍ୱସ୍ତ-ଅସ୍ତିତ୍ୱା । ମହାନ୍ତି ଯେଉଁପରି ରାଉତରାୟଙ୍କୁ ଚାଲେଞ୍ଜ୍ କରିଛନ୍ତି ତା'ର ପଟାନ୍ତର ନାହିଁ । ସିଧାକଥା । ସେ ନିଜେ ପ୍ରମାଣ-ଚାକ୍ଷୁଷ ପ୍ରମାଣ, ଯାହାକୁ ଆମେ ଓକିଲାତି ଭାଷାରେ eye witness ବୋଲି କହିପାରିବା । ଏଣୁ ଏଥିରୁ ସ୍ପଷ୍ଟ ହୁଏ ଯେ, ରାଉତରାୟଙ୍କ ଉକ୍ତି ଆଂଶିକ ସତ୍ୟତାନତ । ଗୁରୁପ୍ରସାଦ ଆଧୁନିକ ନାରୀର ଅନ୍ୟ ପାଖଟିକୁ ବେଶ୍ ଆଲୋକପାତ କରିଛନ୍ତି । ହୋଇପାରେ ଏହା ହିଁ ଆଧୁନିକତା ଓ ସ୍ୱାଧୀନତାର ଆଉ ଏକ ପ୍ରଭାବ- ନାରୀର ଅନ୍ୟ ଏକ ଇଚ୍ଛା ବା ସ୍ୱାଧୀନତାର ପାର୍ଶ୍ୱ ପ୍ରତିକ୍ରିୟା (Side effect): "ଏକ ବ୍ୟାଧିଗ୍ରସ୍ତ ସଭ୍ୟତାର ଶିକାର ଏଇ ନାରୀର ରୁଗ୍ଣ ଜୀବନର ଚିତ୍ର ଦେବାକୁ ଯାଇ ପୁନଶ୍ଚ ଏ କବିତାଟିରେ 'ଛିଣ୍ଡାଚିଠି', 'କାଦୁଅ', 'ବାଦୁଡ଼ି' ଓ 'କୁଆର ଚେଁ ଚାଁ', 'ସିନେମାର ହ୍ୟାଣ୍ଡବିଲ୍' ଆଦି ପ୍ରତୀକଗୁଡ଼ିକ ବ୍ୟବହାର କରାଯାଇଛି । ଏହି ପ୍ରତୀକଗୁଡ଼ିକ ଅତି ଦ୍ରୁତ ଭାବରେ ନାରୀ ଜୀବନର ଅସହାୟ ସାଂପ୍ରତିକ ସ୍ଥିତିକୁ ପ୍ରକାଶ କରୁନାହିଁ କି?" (ଶତପଥି:୧୯୯୪:୪୮୭) ଗୁରୁପ୍ରସାଦ କେତେ ସମୟୋପଯୋଗୀ ଚିତ୍ରଗୁଡ଼ିକ ଦେଇଛନ୍ତି ଓ ଯୁଦ୍ଧ ପରେ ପରେ ନାରୀର ଅସ୍ତିତ୍ୱ କିପରି ଅପଘଟିତ ହୋଇଛି ଦେଖାଇଛନ୍ତି- ସେସବୁ ତାଙ୍କ କବିତାଟିକୁ ସୂକ୍ଷ୍ମ ଦୃଷ୍ଟିରେ ପାଠ କଲେ ଜଣାପଡ଼େ । ସଚ୍ଚି ରାଉତରାୟ ଅଳକାକୁ ଦେଖା ପାଇଛନ୍ତି ଓ ପୁଣି ସେ ହଜି ଯାଇଛି । କିନ୍ତୁ ଗୁରୁପ୍ରସାଦ ସିଧା ସିଧା ନିରନ୍ତର ଅନ୍ୱେଷଣ ଓ ଠାବ ପରେ ଇସ୍ତାହାର ରଖିଛନ୍ତି । "ନୂଆଖାଲିର ପଠାଣବସ୍ତି ଠାରୁ ଭାରତୀୟ ସ୍ୱାଧିନତା ବାଟ ଦେଇ ଚା' ଦୋକାନ, ଗଳି ରାସ୍ତା, ଟାଉନ୍‌ହଲ୍ ପର୍ଯ୍ୟନ୍ତ ତାଙ୍କ ସନ୍ଧାନର ଭୌଗୋଳିକ ସୀମା ଅତ୍ୟନ୍ତ ସମୟୋପଯୋଗୀ । ସଚ୍ଚିବାବୁଙ୍କ କାବ୍ୟଚେତନାର ପ୍ରତିକ୍ରିୟାରେ ତଥା କାବ୍ୟ ସୂଚନାରେ ସଙ୍ଗଠିତ ଶ୍ରୀ ମହାନ୍ତିଙ୍କ କବିତାର ଏଇ ବାସ୍ତବବାଦୀ ଆଭିମୁଖ୍ୟ ଯଥାର୍ଥରେ ଯୁଦ୍ଧ ପରବର୍ତ୍ତୀ ସମୟ ଓ ଜୀବନଯନ୍ତ୍ରଣାର ଚମତ୍କାର ପ୍ରତିନିଧିତ୍ୱ କରେ । ସେଇ ମହୀୟାସୀ ଭାରତୀୟ ନାରୀର ଜୀବନ ଆଜି କେଡ଼େ ବିପନ୍ନ । ସେ ସହରର ଗଳି ଓ ରାସ୍ତାକଡ଼ରେ ସନ୍ତାନ ପ୍ରସବ କରେ; ପୁଣି ରୁଗ୍ଣ ଶିଶୁ ଜନ୍ମ ବି କରେ । କଟକ ଠାରୁ କଲିକତା ଓ କଲିକତାରୁ ନୂଆଦିଲ୍ଲୀ- ସବୁଠାରେ ଏଇ କରୁଣ ଚିତ୍ର ଆମ ଅର୍ଥନୀତିକ ସ୍ଥିତିର ବାସ୍ତବ ଦିଗ ପ୍ରକାଶ କରିଥାଏ ।" (ଶତପଥି:୧୯୯୪:୪୮୬) ପ୍ରେମର ଏହି ବିଷର୍ଣ୍ଣ, ବିପର୍ଯ୍ୟସ୍ତ ଓ ଅବକ୍ଷୟର ଚିତ୍ର ଏଠାରେ ବର୍ତ୍ତମାନ । ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସୃଷ୍ଟି ହେଉଛି ସଚ୍ଚିଦାନନ୍ଦଙ୍କ

'ପ୍ରତିମା ନାୟକ' ।

"ପ୍ରତିମା ନାୟକ ହେଉଛି ଯୁଦ୍ଧର ଭୁକ୍ତାବିଶେଷ । ତା' ଜୀବନର ସମସ୍ତ ସମ୍ଭାବନା ଲୁଣ୍ଠିତ ।" (୧୯୮୫:୮୯) କବି ରାଉତରାୟ ତା' ଓଠରେ ଯେଉଁ 'ଖାକିର ହସ' ଦେଇଛନ୍ତି, ମୁଖରେ 'ବ୍ରଣର ବିକାର' ଭରି ଦେଇଛନ୍ତି, ସେଥିରେ ତା'ର ଅନ୍ତର୍ମଣିଷର ସଂଜ୍ଞା ବେଶ୍ ବାରି ହୋଇ ପଡ଼ିଥାଏ । ରାଉତରାୟ କହନ୍ତି – "ପ୍ରତିମା ନାୟକ ହସେ, ଓଠେ ତାର ସ୍ୱପ୍ନର ଆଭାସ /ମୁହଁରେ ଖାକିର ହସ, ଆଖିରେ ତା' ରାତିର ଇସାରା / ଦୁଇ ପାଖେ ଦ୍ରୁତ ବନ, ଗତିବାନ ନକ୍ଷତ୍ରର ଧାରା ।" (୨୦୦୧:୭୯୪) ଚକ୍ରବାକ କାନ୍ଦିବାକୁ ପ୍ରତିମା ନାୟକ ଦେଖାଇବା ଏକ ପ୍ରତୀକାତ୍ମକ ସଂଯୋଗ । 'ପ୍ରେମ' ହିଁ କଥାବସ୍ତୁ । କିନ୍ତୁ ଏଠି ପ୍ରେମରେ ସ୍ୱଚ୍ଛତା କି ଶୁଦ୍ଧତା ନାହିଁ । "ଶୀର୍ଣ୍ଣ ସାଧା ଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ / ତନୁ ତା'ର ରୋଗଜୀର୍ଣ୍ଣ, ବ୍ରଣେ ତା'ର ମ୍ଳାନ ମୁହଁଯାକ / ଶ୍ଳଥ, ରକ୍ତ ଦେହ- ଶିଖା ଢାଙ୍କିଅଛି ଖାକିର ପୋଷାକ ।" (ରାଉତରାୟ:୨୦୦୧:୭୯୩) ଏସବୁ ବର୍ଣ୍ଣନା ଭିତରେ ନାରୀର ଆଉ ଏକ ରୂପ ଓ ତା'ର ଅସ୍ତିତ୍ୱକୁ ଆମେ ପତ୍ୟକ୍ଷ କରିଥାଉ । ସ୍ୱପ୍ନ ଆଉ ବାସ୍ତବତା ଏଠି ମୁହାଁମୁହିଁ ହୁଅନ୍ତି । ଧୂସର, ଧମାଳ, ଧ୍ୱାନ୍ତ ଭୟଙ୍କର ରୂପ ଏଠି ବର୍ତ୍ତମାନ । କବି ନାରୀର ଏପରି ଅସ୍ମିତାର ଚିତ୍ର ଆଙ୍କିଛନ୍ତି ଏହି କବିତାରେ । ପୁଣି ଲାସ୍‌କଟା ଘରେ ହାରିକେନ୍ ବତୀ ଜଳିବା କଥାଟା ଅତ୍ୟନ୍ତ ପ୍ରତୀକାତ୍ମକ ଓ ନାରୀର ପୁରୁଷ ସହ ପ୍ରେମ ସମ୍ପର୍କ ଓ ତା'ର କାଦାକାର ଆଦିମ ରୂପ ଆଡ଼କୁ ହିଁ ଇଙ୍ଗିତ କରେ । ଏଥିପାଇଁ ଏମ.ଏ. ପଢ଼ିଲା ବେଳେ ପ୍ରତିମାର ବାହାଘର ଭାଙ୍ଗିଛି ଓ ପିତୃଋଣ ଶୁଝିବାକୁ ସେ ଖାକିର ହସ ଓ ପୋଷାକକୁ ଆଦରି ନେଇଛି । ଗୁରୁ ପ୍ରସାଦଙ୍କର ଅନେକ କବିତାରେ ଆମେ ଏହି ଦୁଇ ଚରିତ୍ରଙ୍କୁ ପ୍ରତ୍ୟକ୍ଷ କରୁ- ଅଳକା ଓ ପ୍ରତିମା । ହୁଏତ ଏହାର ଅନେକ କାରଣ ଥାଇପାରେ । କିନ୍ତୁ ଏହା ସତ ଯେ, ଅଳକା ସାନ୍ୟାଲ୍ ଓ ପ୍ରତିମା ନାୟକ ସେ କାଳରେ ଅତୀବ ଚର୍ଚ୍ଚିତ ଚେହେରା ଥିଲେ ସାହିତ୍ୟ ମହଲରେ । କିନ୍ତୁ 'ଅଳକା ସାନ୍ୟାଲ୍'ରେ ବର୍ଣ୍ଣିତ ନାରୀର ହାବଭାବ ବା ବର୍ଣ୍ଣନାରୀତି ସହ ଗୁରୁପ୍ରସାଦ ଏକମତ ନଥିଲା ପରି ମନେ ହୁଅନ୍ତି । ଅବଶ୍ୟ ସେକଥାକୁ ସେ ନିଜେ ମଧ୍ୟ ତାଙ୍କ 'ଅଳକା ସାନ୍ୟାଲ୍'ରେ ସ୍ପଷ୍ଟ କରିଛନ୍ତି । କାରଣ 'ପ୍ରତିମା' ଚରିତ୍ର ଗୁରୁପ୍ରସାଦଙ୍କ 'ଅଳକା'ର ସନ୍ନିହିତ ଚରିତ୍ର । ଅବଶ୍ୟ ସେଠାରେ ମଧ୍ୟ ରାଉତରାୟ ପ୍ରତିମାକୁ ସଂପୂର୍ଣ୍ଣ ଦୋଷମୁକ୍ତ ଓ ପରିସ୍ଥିତିର ଦାସ ହିସାବରେ ଜଣେ ଅତ୍ୟାଚାରିତା ହିସାବରେ ଚିତ୍ରଣ କରିବାରେ ଢିଲା ଦେଇ ନାହାଁନ୍ତି । କିନ୍ତୁ ଗୁରୁପ୍ରସାଦଙ୍କ 'ଅଳକା ସାନ୍ୟାଲ୍'ର ଉଦ୍ଦେଶ୍ୟ ଏକଦମ୍ ସ୍ପଷ୍ଟ ଓ ସିଧାକଥା । ଆମେ ଏଲିଅଟଙ୍କୁ ଗୁରୁପ୍ରସାଦଙ୍କ ଠାରେ ଅଧିକ ଦେଖୁ । "ରେସ୍ତୋରାଁ ଠାରୁ ଟାଉନହଲ୍ ଯାଏଁ, ପ୍ରେମିକର ଶଯ୍ୟାରୁ ଜୀବନ ସଂଗ୍ରାମର ରାଜପଥ ପର୍ଯ୍ୟନ୍ତ, ସବୁଠାରେ ତାର ଅସ୍ତିତ୍ୱ ମିଶି ରହିଛି ।" (ଶତପଥି:୧୯୮୫:୧୩୧) ପ୍ରଫେସର ଶତପଥି ଯଥାର୍ଥରେ କହିଛନ୍ତି- "ମୋର ଯେପରି ମନେହୁଏ ଏଇ ପ୍ରତିମା ନାୟକ ହିଁ 'କାଳପୁରୁଷ'ରେ ଚିତ୍ରିତ ନାୟିକାମାନଙ୍କ ଭୂମିକାରେ ପଦାର୍ପଣ କରିଛି । ଏପରିକି ଶ୍ରୀ ମହାନ୍ତି ଏଇ ନାମଟିର ଲୋଭକୁ ମଧ୍ୟ ପ୍ରତ୍ୟାହାର କରିପାରି ନାହାନ୍ତି । କାରଣ ତାଙ୍କ ନାୟିକା ଓ ଯୁଦ୍ଧ ପରବର୍ତ୍ତୀ ସମୟ-କ୍ଷତ ପ୍ରତିମା ନାୟକର ମାନସିକ ଓ ସାମାଜିକ ପରିସ୍ଥିତିରେ ରହିଛି ଅଦ୍ଭୁତ ସାମଞ୍ଜସ୍ୟ । ଏପରିକି ରାଉତରାୟଙ୍କ 'ଅଳକା ସାନ୍ୟାଲ୍' କବିତାର ସୂଚନାତ୍ମିକତା ଉପରେ ଶ୍ରୀ ମହାନ୍ତିଙ୍କ 'ଅଳକା ସାନ୍ୟାଲ୍'ର କାବ୍ୟ ରୂପ ଏକ ମାନସିକ ପ୍ରକ୍ରିୟାର ସମ୍ମୁଖୀନ ହୋଇଛି- ଏହା ଅସ୍ୱୀକାର କରାଯାଇ ପାରିବ ନାହିଁ ।" (ଶତପଥୀ:୧୯୮୫:୧୪୯) ଗୁରୁପ୍ରସାଦ କବି ରାଉତରାୟଙ୍କ ଦ୍ୱାରା ଖୁବ୍ ପ୍ରଭାବିତ ଥିଲେ । ତାର ପ୍ରମାଣ ଆଲୋଚ୍ୟ 'ଅଳକା ସାନ୍ୟାଲ୍' କବିତାରେ ସେ ପ୍ରମାଣ କରିଛନ୍ତି ରାଉତରାୟଙ୍କ ନାମ ଉଲ୍ଲେଖି କରି । ପୁଣି 'କପୋତ କପୋତୀ'ରେ ସେ ଲେଖିଛନ୍ତି: "ଏ ରାତି ବିଛାଇ ଦିଏ ସ୍ୱପ୍ନ ଆଉ ଯୁଗ ଯୁଗ କଳ୍ପକଳ୍ପ ତାରା ଆଉ ତାରା / ତୁମରି ଭ୍ରୂଲତା ତଳେ ମିଶିଯାଏ ଦିଗ୍‌ବଳୟ / ରାଧାନାଥ ରାୟ ଆଉ ସଚ୍ଚି ରାଉତରା.../ ସେ କହିଲା, "ଏହି ମୋର ସିଲ୍‌କ ଶାଢ଼ି ଆକାଶୀ ରଙ୍ଗରେ / ଆକାଶରୁ ଖସିଆସେ ତାରା ଆଉ ସଚ୍ଚି ରାଉତରା ।" (ମହାନ୍ତି:୨୦୦୫:୧୪) ପୁଣି ପ୍ରତିମା ନାୟକରେ କବି ରାଉତରାୟ ବ୍ୟବହାର କରିଥିବା 'ଧାନସିଡ଼ି' ନଇକଥା (ବହୁଦୂରେ ଯନ୍ତ୍ର ଶାଳେ ଚିମ୍‌ନିଟା କାଶେ ନିଜ ଛାଏଁ / ଧାନସିଡ଼ି ନଦୀ ଟପି ଆଠଟାର, ଡାକଗାଡ଼ି ଧାଏଁ ।"(୨୦୦୧:୭୯୩) ଗୁରୁପ୍ରସାଦ ମଧ୍ୟ ତାଙ୍କ 'ସିଡୁଆ' କବିତାରେ ଉଠାଇଛନ୍ତି: "ଧାନସିଡ଼ି ନଈ ସିନା ଏଠି ନାହିଁ ଏଠି ଏହି ସିଡୁଆର ଧାର ।" ମହାନ୍ତି:୨୦୦୫:୮୩) ଅଥବା ଧାନସିଡ଼ି ନଈ ସିନା ଏଠି ନାହିଁ, ଏଠି ଶୀର୍ଣ୍ଣ ସିଡୁଆ ସୁଅ । (୨୦୦୫:୮୫) ଏହା କବିଙ୍କର ଇଚ୍ଛାକୃତ ଓ ସ୍ୱତନ୍ତ୍ର ଲକ୍ଷ୍ୟମୂଳକ ବ୍ୟବହାର ମାତ୍ର । ମହାନ୍ତିଙ୍କ ପ୍ରସିଦ୍ଧ ଦୀର୍ଘ କବିତା 'କାଳପୁରୁଷ'(୧୯୬୦)କୁ ଦେଖାଯାଉ । ଏଥିରେ ପ୍ରତିମା ଓ ଅଳକା କିପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନାଧିକାର କରିଛନ୍ତି ଦେଖା ଯାଇପାରେ । "ସ୍ପାର୍ଣ୍ଣଦାସ ଇଂଜିନିୟର ଛିଡ଼ା ହୁଏ କାର୍ ରଖି ସାକାର ଓ ପୁଣି ନିରାକାର / ପ୍ରତିମା ନାୟକ ହସେ ତା' ଦେହରେ କଳା ଶାଢ଼ି ରୁଜ୍ ଆଉ ବ୍ରଣର ବିକାର ।" (ମହାନ୍ତି:୨୦୦୫:୬୮) ଅଥବା "ସହର ଉପରେ ଯାଏ ଭାସି ଭାସି ଅସରନ୍ତି ଧୂସର ବଉଦ / ଧୂସର ଏ ଆକାଶରେ ନେଶି ହୋଇ ରହିଯାଏ ପ୍ରତିମା, ମିନତି, ମିରା / ରୁଜ୍, ବ୍ରଣ, ଚକୋଲେଟ୍, ଲାଲ୍‌ଛେପ ରଖିଯାଏ ଦାଗ ।" (୨୦୦୫:୬୮) ପୁଣି ମହାନ୍ତିଙ୍କ ଷ୍ଟାଇଲ୍‌କୁ ଏଠାରେ ଲକ୍ଷ୍ୟ କଲେ ସେଠାରେ ରାଉତରାୟ ଆପେ ଉଭା ହେବେ । "ମୁଁ ତୁମକୁ ଖୋଜିଥିଲି କେତେ ରେଲ୍ ପୋଲ ଡେଇଁ / କେତେ ଯୁଗଯୁଗାନ୍ତର ସିଂହଳ ଓ ମଳୟ ଦ୍ୱୀପରେ / କେତେ ଗଳି କୋଠା ଡେଇଁ ବିବର୍ଣ୍ଣ ପଥର ସ୍ତୁପ ବାରବାଟି ପାଚିରୀ ଭିତରେ / ଗଡ଼ଖାଇ ତଳେ କେତେ ସୁଡ଼ଙ୍ଗ ଓ ଅରମା ଭିତରେ / ତୁମକୁ ଖୋଜିଲି ପୁଣି ଚଉଦ୍ୱାର ବାଙ୍କି କଟକରେ ।" (୨୦୦୫:୭୫) ଏହା ରାଉତରାୟଙ୍କ ଶୈଳୀ (ଅଳକା ସାନ୍ୟାଲ୍ କବିତାସ୍ଥ) ସଦୃଶ । ଏହିପରି ନାରୀର କଥା, ସମାଜରେ ନାରୀର ସ୍ଥିତି ଓ ପୁରୁଷ ମନରେ ନାରୀର ସ୍ୱରୂପ ତଥା ପୁରୁଷର ମୂଲ୍ୟବୋଧ ଭିତ୍ତିକ ସମାଜରେ ନାରୀର ଉତ୍ତରଣ ଓ ବିପର୍ଯ୍ୟସ୍ତର ଚିତ୍ର ଏଠାରେ ଚିତ୍ରିତ ।

ପରିଶେଷରେ ଏହା କୁହାଯାଇପାରେ ଯେ, ରାଉତରାୟଙ୍କ ଅଳକା ସାନ୍ୟାଲ୍ ଠାରୁ ଗୁରୁପ୍ରସାଦଙ୍କ ଅଳକା ସାନ୍ୟାଲ୍ ଅଧିକ ଆଧୁନିକ ରୁଚିସଂପନ୍ନା । ଗୁରୁପ୍ରସାଦ ଅପେକ୍ଷାକୃତ ଅଧିକ ବାସ୍ତବତାମୁଖୀ । ରାଉତରାୟ ପୁରୁଷ ହେଲେ ମଧ୍ୟ ନାରୀକୁ ନିର୍ଯାତିତ ବୋଲି ପ୍ରମାଣ କରିଛନ୍ତି ଓ ଏଥିପାଇଁ ପୁରୁଷ ଦାୟୀ ବୋଲି କହିଛନ୍ତି । କିନ୍ତୁ ମହାନ୍ତି ଏ କଥାକୁ ଅସ୍ୱୀକାର କରିଛନ୍ତି । ନାରୀ ଅଧୁନା ହୋଇଛି ସ୍ୱେଚ୍ଛାଚାରିଣୀ । ତାର ବିପର୍ଯ୍ୟସ୍ତ ଅସ୍ତିତ୍ୱ ହେଉ କି ଆଧୁନିକତା ଅସ୍ମିତା ହେଉ ଏସବୁର ସ୍ୱର ଓ ସ୍ୱାକ୍ଷର ବହନ କରିଛି ମହାନ୍ତିଙ୍କ କବିତା । ରାଉତରାୟଙ୍କ ସ୍ୱରଟି ନାରୀବାଦୀ ଆଡ଼କୁ ଆନତ ଥିଲା ପରି ଜଣା ପଡୁଥିଲା ବେଳେ ମହାନ୍ତିଙ୍କ ମନୋବୃତ୍ତି ରକ୍ଷଣଶୀଳତା ଆଡ଼କୁ ଯାଇଛି । ଏଣୁ ନାରୀର ଏତାଦୃଶ୍ୟ ନଗ୍ନ ଓ ଭଗ୍ନ ଅସ୍ତିତ୍ୱକୁ ସେ ସହଜରେ ସ୍ୱୀକାର କରିପାରି ନାହାଁନ୍ତି । ଏହା ଏକ ବ୍ୟଭିଚାର ପରି ମନେ ହୋଇଛି କବି ମହାନ୍ତିଙ୍କୁ । କିନ୍ତୁ ଏହା ମହାନ୍ତି କହିଲେ ମଧ୍ୟ- କଥାଟା ନାରୀମନର, ନାରୀର ଅନ୍ତରାତ୍ମାର ଇଚ୍ଛା ହୋଇପାରେ । ଏଣୁ ଏ ଦୁଇଟି ଯାକ କବିତାର ଆୟାମ୍ (dimensions) ଅନେକ ଓ ଅନେକ କୋଠରୀର କବାଟ ଖୋଲିବା ବାକି ଅଛି । ସର୍ବୋପରି ଓଡ଼ିଆ କବିତା କ୍ଷେତ୍ରରେ ଏହି ଦ୍ୱୟ ଯେ ଅଦ୍ୱିତୀୟ ଓ ବହୁମୂଲ୍ୟ କବିତା ଏହା ଅସ୍ୱୀକାର କରାଯାଇ ନପାରେ ।

**ଅନୁସୃତ ଗ୍ରନ୍ଥସୂଚୀ:** (୧) ନନ୍ଦ, ବିଜୟ କୁମାର (୧୯୯୯), ସାହିତ୍ୟ ଓ ସଂସ୍କୃତି କଟକ- ଆର୍ଯ୍ୟ ପ୍ରକାଶନ । (୨) ପାଣ୍ଡବ ଶତ୍ରୁଘ୍ନ(୧୯୯୮) ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା-କଟକ, ଫ୍ରେଣ୍ଡସ ପବ୍ଲିଶର୍ସ । (୩) ମହାନ୍ତି, ଗୁରୁପ୍ରସାଦ (୧୯୫୫)- ନୂତନ କବିତା, କଟକ, ଜନଶକ୍ତି ପୁସ୍ତକାଳୟ । (୪) ମହାନ୍ତି, ଗୁରୁପ୍ରସାଦ(୨୦୦୫), ଗୁରୁପ୍ରସାଦ କବିତା, ଭୁବନେଶ୍ୱର, ସୁବର୍ଣ୍ଣରେଖା । (୫) ରଥ ପ୍ରଭାତୀ(୨୦୦୬) ଆଧୁନିକ କବିତାରେ ରୂପତତ୍ତ୍ୱ, କଟକ, ପାଦଟୀକା । (୬) ରାଉତରାୟ, ସଚ୍ଚିଦାନନ୍ଦ (୨୦୦୧), ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ଭୁବନେଶ୍ୱର, ଓ.ସା.ଏ. । (୭) ଶତପଥୀ, ନିତ୍ୟାନନ୍ଦ (୧୯୮୫), ପ୍ରମୁଖ କବି କତିପୟ କଟକ, ନାଳନ୍ଦା । (୮) ଶତପଥି, ନିତ୍ୟାନନ୍ଦ (୧୯୯୪), ସବୁଜରୁ ସାଂପ୍ରତିକ ଆଧୁନିକ ଓଡ଼ିଆ କବିତା ୧୯୨୦-୬୭, କଟକ, ଗ୍ରନ୍ଥମନ୍ଦିର । (୯) ଶତପଥି, ପ୍ରତିଭା(୨୦୦୯), ନାରୀ ଅସ୍ତିତ୍ୱର ବାସ୍ତବତା ବିବର୍ତ୍ତିତ ଓଡ଼ିଆ କବିତା, କଟକ, ବିଦ୍ୟାପୁରୀ ।(୧୦) ହୋତା, ମଧୁରାନାଥ (୧୯୯୩) କବି ସଚ୍ଚି ରାଉତରାୟଙ୍କ ପାଣ୍ଡୁଲିପି ଏକ ନୂତନ ଯୁଗର ପ୍ରସ୍ତୁତି, ପୁରୀ, ନିଜସ୍ୱ ପ୍ରକାଶନ ।

# ହେ ମହାବାହୁ

**ଈଶ୍ୱରଙ୍କର ବିଦ୍ୟମାନତାକୁ ନେଇ ଆମ ଭିତରେ ରହିଆସିଛି ବହୁ ମତପାର୍ଥକ୍ୟ, ଦ୍ୱନ୍ଦ୍ୱ ଓ ବିଶ୍ୱାସ-ଅବିଶ୍ୱାସ । ତେବେ ଆମ ଭିତରୁ କେହିନା କେହି ଜୀବନରେ କେବେବି ଈଶ୍ୱରଙ୍କର ଉପସ୍ଥିତିକୁ ଅନୁଭବ କରିଥିବାର ଦୃଷ୍ଟାନ୍ତବି ବିରଳ ନୁହେଁ । ବିଭୁକୃପା ଲାଭ ଏବଂ ଦିବ୍ୟ-ଅନୁଭବର ପରିପ୍ରକାଶ ହିଁ ଆମର ଏହି ନୂତନ ପ୍ରୟାସ । ଈଶ୍ୱରଙ୍କର ଅନୁଭବ ଲାଭ କରିଥିବା ଯେକେହି ବି ଏଠାରେ ପ୍ରକାଶ କରିପାରିବେ ସେଇ ଅବିଶ୍ୱସନୀୟ କାହାଣୀ ।**

## ହଳେ କାନଫୁଲର କାହାଣୀ

**ତପସ୍ୱିନୀ ଦାଶ**

ଶୈଶବର ଅନେକ ସ୍ମୃତି ସଜଳ । ମନେପଡ଼େ, ଅନେକଥର ଉଡ଼ାଜାହାଜର ଶବ୍ଦ ଶୁଣି କେମିତି ଦୌଡ଼ି ଆସି ଆକାଶକୁ ଅନେଇ ହାତ ହଲାଇବାର ସୁଖଦ ଅନୁଭୂତି । ଏବେ ବି ତାଜା ସେ ସ୍ମୃତି । ଖୁବ୍ ବେଶୀ ଆପଣାର ସେ ସ୍ମୃତି । ଅମାବାସ୍ୟା ହେଉ ବା ଜହ୍ନରାତି, ଉଡ଼ାଜାହାଜର ଆକର୍ଷଣ ଥିଲା ଅଦମ୍ୟ । ତା' ଡେଣାରେ ଚିକ୍‌ମିକ୍ ହେଉଥିବା ଆଲୋକକୁ ନିରିଖେଇ ଦେଖୁ ଦେଖୁ ବହଳିଆ ଅନ୍ଧାରରେ ଉଡ଼ାଜାହାଜଟି ଅନ୍ତର୍ହିତ ହେଇ ଯାଉଥିଲା ଘନନୀଳ ଅନ୍ତରୀକ୍ଷରେ । ମନରେ ରହିଯାଉଥିଲା ଅନେକ ଅନୁତ୍ତରିତ ପ୍ରଶ୍ନ ।

ସେସବୁ ମୋର ସାଇତା ଅତୀତ । ଆଜି ଯେତେବେଳେ ଉଡ଼ାଜାହାଜରେ ବସି ଉଡ଼େ ଓ ଉଡ଼େ, ପିଲାଦିନର ସେ ଅଜବ୍ କୌତୁହଳ କୋଉଠି ଗୋଟେ ମୁହଁ ଲୁଚାଏ ।

ହଁ, ଅନେକ ଦିନ ପରେ ଆଜି ଶୈଶବ ମୋର ରୂପାନ୍ତରିତ । ଏବେ ଆଉ ଉଡ଼ାଜାହାଜ ଦେଖି ଦୌଡ଼ି ଆସେନା ମୁଁ । ଏବେ ବିଦେଶରେ ରହିବା ପରେ ସେ ହିଁ ଯାତ୍ରାର ଏକମାତ୍ର ମାଧ୍ୟମ । ମୁଁ ଏବେ ଯାତ୍ରାକାଳରେ ଫ୍ଲାଇଟ୍ ବୁକିଙ୍ଗ୍ ବେଳେ ପ୍ରାୟ ସବୁ ସମୟରେ ବାଛି ନିଏ ଝର୍କାପାଖ ସିଟ୍ । ଥରେ ମୋ ପୁଅକୁ ଅଢ଼େଇ ବର୍ଷ ହୋଇଥିଲା ବେଳେ ଫ୍ଲାଇଟ୍‌ର ଝର୍କାପାଖ ସିଟ୍‌ରେ ବସିଥାଏ । ସୂର୍ଯ୍ୟ କିରଣର ବର୍ଣ୍ଣାଳି ଭିତରେ ଭାସି ବୁଲୁଥିବା କୁନି କୁନି ଢେଉ ପରି ମେଘମାଳାକୁ ନିରିଖେଇ ଦେଖୁଥାଏ



ପୁଅ । ତାର ପ୍ରଶ୍ନ ଥିଲା : ମାମା ମୁଁ ଭଗବାନଙ୍କୁ ଦେଖିପାରୁନି ।

ଘଟଣାଟିର ଅବତାରଣା କରିବାକୁ ଚାହୁଁଛି ଏମିତି । ପ୍ରାୟ ସବୁଦିନ ରାତିରେ ତାକୁ ଶୁଆଇବାକୁ ନେଲେ ଗପ ଶୁଣାଇବାକୁ ପଡ଼େ । ନହେଲେ ସେ ଶୋଇବନି । ବିଭିନ୍ନ ପ୍ରକାର ଗପ ଶୁଣୁ ଶୁଣୁ ତାର ନିଦ ଆସିଯାଏ । ତାକୁ ମୁଁ ଶୁଣାଉଥିବା ସବୁ ଗପରେ ପ୍ରାୟ ଥାଆନ୍ତି ଈଶ୍ୱର । ଭଗବାନ ଆକାଶ ଭିତରେ ଅଛନ୍ତି, ଏକଥା ମୁଁ ହିଁ ତାକୁ କହିଥାଏ । ତେଣୁ ଭଗବାନଙ୍କ ଘର ଆକାଶରେ ବୋଲି ତାର ଧାରଣା ହୋଇଯିବା ସ୍ୱାଭାବିକ୍ । ସେ କେବେ ଦିନେ ଫ୍ଲାଇଟ୍‌ରେ ବସି ଭଗବାନଙ୍କୁ ଦେଖିବ ବୋଲି ଭାବିଥାଏ ମନରେ ।

ତେଣୁ ମୋର ପ୍ରଥମ ଉଡ଼ାଯାହାଜ ଯାତ୍ରାକାଳରେ ତାର ସ୍ୱତଃ ପ୍ରଶ୍ନ ଥିଲା : ମାମା ମୁଁ ଭଗବାନଙ୍କୁ ଦେଖିପାରୁନି କାହିଁକି ? ପ୍ରତ୍ୟେକ ବସ୍ତୁ ମଧ୍ୟରେ ପରଂବ୍ରହ୍ମଙ୍କର ଲୁକ୍କାୟିତ ସ୍ପନ୍ଦନ ଅହରହ ବିଦ୍ୟମାନ, ଏ ଗୋପନୀୟ ସତ୍ୟକୁ କେବଳ ସାଧନା ଓ ତପସ୍ୟା ମାଧ୍ୟମରେ ଯୋଗୀ ଋଷିମାନେ ହିଁ ଅନୁଭବ କରନ୍ତି– ଏ ଧରଣର ଏକ ଧରାବନ୍ଧା ନିୟମଟିଏ ଅଛି ବୋଲି ମୋର ଧାରଣାକୁ ପ୍ରତିହତ କରିଥିଲା ଦୁଇଟି ଅନୁଭୂତି । ଅତି ସାଧାରଣ ମଣିଷଟିଏ ମଧ୍ୟ ସେଇ ପରମ ପ୍ରେମମୟ ପୁରୁଷାର୍ଥଙ୍କର କରୁଣାର ପାତ୍ର ହୋଇପାରେ, ଏ ସତ୍ୟକୁ ସ୍ଥାପିତ କରିବ ମୁଁ ସ୍ୱୟଂ ଉପଲବ୍ଧି କରିଥିବା ଏହି ଘଟଣା ଦୁଇଟିର ପ୍ରବାହ ।

୧୯୯୦ ମସିହା ମାର୍ଚ୍ଚ ମାସ । ଉତ୍ତରପ୍ରଦେଶର ଏକ ପରିବାର ଆମ ପରିବାର ସହ ଘନିଷ୍ଠ ହୋଇ ଜଗନ୍ନାଥ ଧାମ ବୁଲିଯିବା ପାଇଁ ଯୋଜନା କରନ୍ତି । ଆମେ କଟକରେ ରହୁଥାଉଁ । କଟକରୁ ପୁରୀ ପ୍ରାୟ ଦୁଇ ଘଣ୍ଟା ସମୟ ଲାଗେ । ସକାଳୁ ସକାଳୁ ଆମେ ବାହାରି ପଡ଼ିଲୁ ପୁରୀ ଅଭିମୁଖେ । ପ୍ରାୟ ୮ଟା ବେଳକୁ ଆମେ ପହଞ୍ଚି ସାରିଥାଉ ପୁଣ୍ୟପୀଠ ନୀଳାଚଳ ଧାମରେ ।

ପୂର୍ବ ଯୋଜନା ଅନୁଯାୟୀ ଆମେ ସମସ୍ତେ ଚାଲିଲୁ ସମୁଦ୍ର ସ୍ନାନ ପାଇଁ । ଉତ୍ତାଳ ଫେନିଳ ଲହରୀ ମୁଣ୍ଡ ପିଟୁଥାଏ କୂଳରେ । ଯଦିଓ ବସନ୍ତ ଋତୁ ତଥାପି ଖରାରେ ଥାଏ ତେଜ । ଆମେ ଦୁଇ ପରିବାରର ସଭିଏଁ ଗାଧୋଇବାର ମଜା ନେଉଥାଉଁ । ସମୁଦ୍ରର ଲହଡ଼ି ମାଳା ଭିତରେ ନିଜକୁ ହଜେଇ ଦେବାରେ କେହି ବ୍ୟସ୍ତ ତ ଆଉ କେହି ଶାମୁକା ସାଉଁଟିବାରେ । ଶାମୁକା ସବୁକୁ କୂଳରେ ସ୍ତୁପ କରି ପୁଣି ଥରେ ଲମ୍ଫ ପ୍ରଦାନ କରୁଥାନ୍ତି ଲହଡ଼ି ଭିତରକୁ ।

ଦୀର୍ଘ ଦୁଇ ଘଣ୍ଟା ସମୁଦ୍ର ଭିତରେ ଲହଡ଼ି ସହ ରହିବା ପରେ କ୍ଳାନ୍ତ ହୋଇ ମୁଁ ଉଠି ଆସି ବସିଥାଏ କୂଳରେ । ଲୁଣି ପାଣିରେ ଭିଜା ଅସ୍ତବ୍ୟସ୍ତ କେଶରାଶି ସାଉଁଟି ଆଣୁ ଆଣୁ ହଠାତ ଅନୁଭବ କଲି ଯେ ମୋର ସୁନା କାନଫୁଲଟେ ନାହିଁ କାନରେ, ଖସି ଯାଇଛି ପାଣି ଭିତରେ ।

ମନେ ପଡ଼ିଲା ବୋଉ କଥା । ଘରୁ ବାହାରିବା ବେଳେ ବୋଉ ବାରମ୍ବାର ତାଗିଦ୍ କରି କହୁଥାନ୍ତି ଗାଧୋଇଲା ବେଳେ କାନଫୁଲ ଖୋଲି ଖୋଲି ରଖିଦେବୁ । ମୁଁ କଣ ମାନିଛି ତାଙ୍କ କଥା । ଇଅର୍ ରିଂଟି ସମୁଦ୍ରର ଅତଳ ଗର୍ଭରେ ହରେଇ ଦେବାର ଦୁଃଖ ଅପେକ୍ଷା ବୋଉର କଥାକୁ ଗୁରୁତ୍ୱ ଦେଇନଥିବାର ଗ୍ଳାନି ଭାରାକ୍ରାନ୍ତ କରି ପକେଇଲା । ମୋର ଏକ ପ୍ରକାର କାନ୍ଦି ପକେଇବା ଭଳି ଅବସ୍ଥା । ଆଖିରୁ ଝରଝର ଲୁହ ଧାରା ବହିବାକୁ ଲାଗିଲା । ଆଖି ବୁଜି ହୋଇ ଆସିଲା ।

ହଠାତ୍ କେମିତି ସେଇ ଈଶ୍ୱରୀୟ ଶକ୍ତିକୁ ପରଖିବା ପାଇଁ ମନ ଉଦ୍‌ବେଳିତ ହେଲା । ଶୁଣିଚି ରତ୍ନଗର୍ଭା ସମୁଦ୍ର କାହାର କୌଣସି ଜିନିଷ ରଖେନାହିଁ । ଫେରେଇ ଦିଏ । କିନ୍ତୁ ମୋ ସୁନା କାନଫୁଲ ମୁଁ ଫେରିପାଇବି କେବେ ଆଉ କେମିତି ? ଗୋଟେ ଦୋଦୁଲ୍ୟମାନ ଅବସ୍ଥା । ଈଶ୍ୱରଙ୍କୁ ପ୍ରାର୍ଥନା କଲି : ସତରେ ପ୍ରଭୁ ଯଦି ତୁମର ଅନନ୍ତ ସତ୍ତା ଏ ଜଗତରେ ବିଦ୍ୟମାନ, ତେବେ ସମୁଦ୍ରର ଏଇ ଅତଳ ଗର୍ଭରୁ ମୋର କ୍ଷୁଦ୍ରାତିକ୍ଷୁଦ୍ର ସୁନା କାନଫୁଲଟି ମିଳିଯାଉ ।

ଅନ୍ତରର ଅନ୍ତର୍ଦ୍ୱନ୍ଦ୍ୱ ଭିତରେ କେମିତି ମୁଦି ହେଇ ଯାଇଛି ମୋ ଆଖି ମୁହୂର୍ତ୍ତକ ପାଇଁ । ଠିକ୍ ପର ମୁହୂର୍ତ୍ତରେ କାହାର ଗୋଟେ ସ୍ୱର ଶୁଣୁଛି ମୁଁ । ଯେମିତି ବଡ଼ଠାକୁର ମୋ ଗୁହାରୀ ଶୁଣିଲେ କି ଆଉ, ଏମିତି ଏକ ଆତ୍ମପ୍ରତ୍ୟୟ ସୃଷ୍ଟି ହେଲା ।

"ନାନୀ, କେଉଁଠି ତୁମେ ଲହଡ଼ି ଭଙ୍ଗୁଥିଲ ଯେ କାନଫୁଲ ଖସି ପଡିଲା ?" ଆମ ସହ ଆସିଥିବା ପରିବାରର ଦୂର ସମ୍ପର୍କୀୟ ଭାଇଟିଏ ଠିଆ ହେଇଚି ମୋ ସାମ୍ନାରେ । ପଚାରୁଛି ମୋତେ ପ୍ରଶ୍ନ ।

ମୁଁ ହାତ ଦେଖେଇ ଇଙ୍ଗିତ କଲି । ମୋ ଠାରୁ ପ୍ରାୟ ୩୦୦ ମିଟର ପରିସର ଜଳରାଶି ଆଡ଼କୁ । ଯେଉଁଠି ପାହାଡ଼ ପ୍ରାୟ ଉତ୍ତାଳ ତରଙ୍ଗ ସବୁ ଅବିରାମ ନୃତ୍ୟରତ ।

ଅକସ୍ମାତ ଦୁଇ ହାତକୁ ପ୍ରସାରିତ କରି ଲମ୍ଫ ପ୍ରଦାନ କଲା ସେ ସମୁଦ୍ରର ଜଳରାଶି ଭିତରକୁ ଆଉ ପର ମୁହୂର୍ତ୍ତରେ ମୋ ଆଖିକୁ ଚକିତ କରି ତା ହାତରେ ଚକ୍‌ଚକ୍ କରୁଥିଲା ମୋର ସେଇ ହଜିଲା କାନଫୁଲଟି । ଅବର୍ଣ୍ଣନୀୟ ଥିଲା ସେ ଦୃଶ୍ୟ । ଏ ଦୃଶ୍ୟ ଚକିତ କରିଥିଲା ସମୁଦ୍ର କୂଳରେ ବୁଲୁଥିବା ପର୍ଯ୍ୟଟକ ଠାରୁ ବେଲୁନ୍ ବିକାଳୀ ପର୍ଯ୍ୟନ୍ତ ସମସ୍ତଙ୍କୁ । ସାଧାରଣ ଗୃହୀ ମଣିଷଟିଏ ମଧ୍ୟ ଭଗବତ କୃପା ଅନାୟାସରେ ଲଭିପାରେ– ଏଇଭଳି ଏକ ମହାର୍ଘ ଅନୁଭୂତି ହେଲା ମୋର ।

ଜଗତଜନନୀ ମା'ଙ୍କ କରୁଣାର ଉତ୍ସ ପ୍ରବାହିତ ହୁଏ ସର୍ବତ୍ର । ଏକ ଛୋଟ ବନ୍ଧେଇ କରା ଫଟୋରେ ବି ଥାଏ ଦିବ୍ୟ ଅନୁଭବ । ସେସବୁ ଅନୁଭବକୁ ଗୋପନ ରଖିବା ପାଇଁ ସ୍ୱାମୀ ପରମହଂସ ଯୋଗାନନ୍ଦଙ୍କର ଇଙ୍ଗିତ । ଅନେକ ଯୋଗୀଋଷି ମହର୍ଷି ଈଶ୍ୱରାନୁଭୂତିର ଅଲୌକିକତାକୁ ଅନୁଭବ କରିଥିଲେ ମଧ୍ୟ ସେସବୁ ପରିପ୍ରକାଶ କରିନାହାନ୍ତି । ହୁଏତ ସାଧାରଣ ମଣିଷଟିଏ ପାଇଁ ଏହା କିଂଚିତ୍ ମାତ୍ରାରେ ଅହଂଭାବ ଉଦ୍ରେକ କରିବା ସହ ଉଚ୍ଚତର ଚେତନାକୁ ସ୍ପର୍ଶ କରିବାରେ ବାଧା ସୃଷ୍ଟି କରିପାରେ ବୋଲି ଆମର ଧାରଣା ଏସବୁକୁ ଗୋପନ ରଖିବାରେ ହୋଇଥାଏ ସହାୟକ । କିନ୍ତୁ ଜଣେ ଅତି ସାଧାରଣ ମଣିଷର ଏକନିଷ୍ଠ ସମର୍ପିତ ପ୍ରାର୍ଥନା ଅବଶ୍ୟ ମହତ୍ତର ଚେତନାରେ ସୃଷ୍ଟି କରେ ମୃଦୁ କମ୍ପନ । ଏହା ହିଁ ଉପସ୍ଥାପିତ କରିବା ଥିଲା ଏଇ ଲେଖାଟିର ଉଦ୍ଦେଶ୍ୟ ।

ବାହାଘର ପରେ ମୁଁ ବିଦେଶରେ ରହୁଥାଏ । ସେଦିନ କୌଣସି ଏକ ପାରିବାରିକ ଘଟଣାରେ ଖୁବ୍ ବେଶୀ ବ୍ୟଥିତ ଥିଲି ମୁଁ । ମନର ଏ ବିଚଳନ ଭାବ କାହା ଆଗରେ ପ୍ରକାଶ କରି ଦେଲେ ହୁଏତ ମନ ହାଲୁକା ହୁଅନ୍ତା । କିନ୍ତୁ ବିଦେଶ ମାଟିରେ ସେଭଳି ଅନ୍ତରଙ୍ଗ ବାନ୍ଧବୀଟିଏ କାହିଁ ? ଶାରୀରିକ ଅସୁସ୍ଥତାରେ ପୀଡ଼ିତ ମୁଁ । ମୁଣ୍ଡ ଭିତରେ ମୋର ଅସହ୍ୟ ଯନ୍ତ୍ରଣା । ଯେମିତି ଶିରା ପ୍ରଶିରା ସବୁ ଏଇ ମୁହୂର୍ତ୍ତରେ ଫାଟିଯିବ ! ଘର ଭିତରେ ସମ୍ପୂର୍ଣ୍ଣ ନୀରବତା । ଏପରି ଏକ ପରିବେଶରେ ମୁଁ ଏକାକୀ । ଘରର ଗୋଟିଏ କୋଣରେ ଜଗଜ୍ଜନନୀ ମା' ଦୁର୍ଗାଙ୍କର ଫଟୋ । ମାତାରିଣୀଙ୍କ ରୂପାର ଫଟୋଟିଏ ଫ୍ରେମ୍‌ରେ ବନ୍ଧା ହୋଇଛି । ବିକ୍ଷିପ୍ତ ଚିନ୍ତାଧାରା । ମୁଁ ଘରର ଏପଟ ସେପଟ ଚାଲୁଥାଏ ବିଚଳିତ ହୋଇ ଏବଂ ଫଟୋ ଆଡ଼େ ଦୃଷ୍ଟି ଚାଲି ଯାଉଥାଏ ଆପେ । କେମିତି ଏକ ଇଙ୍ଗିତ ଆସୁଥିବା ଭଳି ମନେ ହେଉଥାଏ ମୋତେ ।

କିଛି ସମୟ ପରେ ମୁଁ ଧୀରେ ମୋର ବସିବା ଆସନକୁ ଟାଣି ଆଣି ବସି ପଡ଼ିଲି ସେଇ ଫଟୋ ସାମ୍ନାରେ । ଲୁହ ଆଉ କୋହ ଭିତରେ ଅଣନିଶ୍ୱାସୀ ଅବସ୍ଥା ମୋର । ଲକ୍ଷ୍ୟ କଲି, ଦିବ୍ୟ ଜନନୀଙ୍କର ଚକ୍ଷୁଯୁଗଳକୁ । ମୋତେ ଦେଖାଗଲା କରୁଣାମୟୀଙ୍କ ଚକ୍ଷୁ ଭିତରେ ପ୍ଲାବିତ ହେଉଛି ସତେକି ଘନନୀଳ ରଙ୍ଗର ଏକ ପ୍ରବାହ । ଅଭୟ ମୁଦ୍ରାର ହସ୍ତ ପାପୁଲିରେ ଭରି ଯାଉଛି ରକ୍ତଜବାର ଲାଲିମା । ସହସା ମୋର ସତ୍ତା ଲୋପ ପାଇବା ଭଳି ଅବସ୍ଥା । ମନେହେଲା ଶରୀର ହାଲ୍‌କା ହୋଇ ଉପରକୁ ଉଠୁଛି । ମୋର ପ୍ରଶ୍ନ: "କାହିଁକି ଏଭଳି ପରିସ୍ଥିତି ମା' ?"

ଦିବ୍ୟ ଧ୍ୱନିରେ ସାରା ଶରୀର ପ୍ରକମ୍ପିତ । କେଉଁ ଦୂରରୁ ଭାସି ଆସୁଛି ସପ୍ତସତୀ ଚଣ୍ଡୀର ଶ୍ଲୋକ । ପୁନଶ୍ଚ ସେଇ ଦିବ୍ୟ ଶକ୍ତିର ଉତ୍ତର : ମାୟା ।

ସେଇଭଳି ଅବସ୍ଥାରେ ରହିବାର ପ୍ରାୟ ଦୁଇ ଘଣ୍ଟା ପରେ ମୁଁ ଫେରି ଆସିଲି ସ୍ୱାଭାବିକ ଅବସ୍ଥାକୁ । ମନରେ ନାହି: ଆଉ ସେ ବିଚଳନ । ଅବସୋସ ଓ କ୍ଳାନ୍ତି ବି ନାହିଁ । ଶୀତଳତାର ଏକ ଉଷ୍ଣ ପ୍ରବାହ ହୃଦୟ ଭିତରେ ଯେମିତି ମୋତେ ପ୍ରଶାନ୍ତି ଆଡ଼କୁ ଫେରେଇ ନେଇଛି । କହିବା ବାହୁଲ୍ୟ, ଘରର ସେ ସମସ୍ୟାଟି ପର ମୁହୂର୍ତ୍ତ ଠୁଁ ଆଶ୍ଚର୍ଯ୍ୟଜନକ ଭାବେ ଉଭେଇ ଯାଇଥିଲା ।



# ବର୍ଣ୍ଣିଳ ବାଣୀବିହାର



# ନବନିର୍ମାଣର ଆଲୋକବର୍ତ୍ତିକା

# ଉତ୍କଳ ବିଶ୍ୱବିଦ୍ୟାଳୟ



**ଡକ୍ଟର ସନ୍ତୋଷ ତ୍ରିପାଠୀ**

ଫଟୋ ସୌଜନ୍ୟ : ଲେଖକ ଓ ପ୍ର. ଜୟନ୍ତ ଦାସ

## ଏନ୍ତୁଡ଼ିର ଓଁକାର : କିଛି ସ୍ମୃତି କିଛି ସୂଚନା

ଉତ୍କଳ ବିଶ୍ୱବିଦ୍ୟାଳୟର କଳ୍ପନା ପ୍ରତିଷ୍ଠା ବିକାଶ କଥା ହିଁ ଆଧୁନିକ ଓଡ଼ିଶାର ବୌଦ୍ଧିକ ଯାତ୍ରାର ବୃହତ୍ତମ ଅଂଶ । ଏହା ନିର୍ବିବାଦୀୟ ବି । ଆଧୁନିକ ଓଡ଼ିଶାର ପ୍ରାଜ୍ଞିକ ସମୃଦ୍ଧିର ପ୍ରତୀକ ଏହି ବିଶ୍ୱବିଦ୍ୟାଳୟ । ଆଧୁନିକ ଓଡ଼ିଆ ଚେତନା ନିର୍ମାଣର ଆଲୋକ ବର୍ତ୍ତିକା । ବିଗତ ପଞ୍ଚସ୍ତରୀ ବର୍ଷର ଏକ ବିଶାଳ କାଳଖଣ୍ଡ ଏ ବିଶ୍ୱବିଦ୍ୟାଳୟର ଇତିହାସ । ସବୁବେଳେ ସକାରାତ୍ମକ ଭୂମିକା ସମ୍ପାଦନ କରିଆସିଛି ଏ ବାଣୀପୀଠ । ଯାହାର ଆସ୍ଥା ଓ ମୂଲ୍ୟାୟନ ଅନନ୍ୟ ଓ ଅତୁଳନୀୟ । ନାକ୍-ୟୁଜିସିଙ୍କ ପରିସଂଖ୍ୟାନାତ୍ମକ ମୂଲ୍ୟାୟନରେ ଏ + ମାନ୍ୟତା ପ୍ରାପ୍ତ ଏହି ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖ, ଦିବା ୧୧ଘଟିକାରେ ରେଭେନ୍ସା ମହାବିଦ୍ୟାଳୟରସ୍ଥ ପଶ୍ଚିମ ଛାତ୍ରାବାସର ସାଧାରଣ ପ୍ରକୋଷ୍ଠରେ ଭାରତର ୧୭ତମ ପ୍ରାଚୀନ ବିଶ୍ୱବିଦ୍ୟାଳୟ ଭାବେ ପ୍ରଥମ ଏନ୍ତୁଡ଼ିଶାଳର ନିଆଁ ପୁଆଇଥିଲା । ସଂପ୍ରତି ଏହାର ବିଧି-ପ୍ରବିଧି-ଅନୁବିଧିର ଖସଡ଼ାକୁ ଆଧାର କରି ଓଡ଼ିଶାର (ବିବିଧ ବିଦ୍ୟାର) ଉଚ୍ଚଶିକ୍ଷା କ୍ଷେତ୍ରରେ ୧୨ଗୋଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିବାରୁ ଏହାକୁ ମିଳିଛି ମାତୃକା ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ।

ଓଡ଼ିଶା ବିଶ୍ୱବିଦ୍ୟାଳୟ, କଟକ ବିଶ୍ୱବିଦ୍ୟାଳୟ- ଏପରି ନାମରେ ନାମିତ ହେବାର ପ୍ରସ୍ତାବ ଆସିଥିଲେ ମଧ୍ୟ ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ସାର୍ବକାଳିକ ଅସ୍ମିତାସୂଚକ ଭାବଦ୍ୟୋତିକ ନାମ 'ଉତ୍କଳ' (କଳା ଓ ସୌନ୍ଦର୍ଯ୍ୟର ଉତ୍କୃଷ୍ଟଗୁଣ ଓ ସୌନ୍ଦର୍ଯ୍ୟର ସହଜାତ ଉତ୍କର୍ଷ ଭିତ୍ତିକ ଅର୍ଥ)କୁ ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପରିପୂରଣ ଭିତ୍ତିରେ ଗ୍ରହଣ କରାଯାଇ 'ଉତ୍କଳ ବିଶ୍ୱବିଦ୍ୟାଳୟ' ରଖାଗଲା । ୧୯୫୮ ମସିହା ଜାନୁଆରୀ ୧ ତାରିଖରେ ଭାରତର ପ୍ରଥମ ରାଷ୍ଟ୍ରପତି ଏହାର ନୂତନ ଶିକ୍ଷା ପରିସରର ଭିତ୍ତି ସ୍ଥାପନ କଲେ ଓ ୧୯୬୩ ମସିହା ଜାନୁୟାରୀ ୨ ତାରିଖରେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଦାର୍ଶନିକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟର ଶୈକ୍ଷିକ-ପୀଠ ଭାବରେ ଉଦ୍‌ଘାଟନ କଲେ । ଓଡ଼ିଶା ପ୍ରଦେଶର ରାଜଧାନୀ ତଥା ପ୍ରାଚୀନ ଜୈନ-ବୌଦ୍ଧ-ଶୈବାଚାରୀୟ ସଂସ୍କୃତିର ପବିତ୍ର କ୍ଷେତ୍ର ଭୁବନେଶ୍ୱରର ହୃଦ୍-କେନ୍ଦ୍ରରେ ପାଞ୍ଚ ନମ୍ବର ଜାତୀୟ ରାଜପଥର ଉତ୍ତରପାର୍ଶ୍ୱରେ



୩୯୯.୯ ଏକର ପରିମିତ ଭୂମିଖଣ୍ଡକୁ ନେଇ ଏହି ବିଶ୍ୱବିଦ୍ୟାଳୟର କ୍ଷେତ୍ରୀୟ ଶ୍ରଦ୍ଧାନାମ 'ବାଣୀବିହାର' ରଖାଗଲା । ସେହି ସମୟର କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜା, ଓଡ଼ିଶାର ଶିକ୍ଷାମନ୍ତ୍ରୀ ଓ ପରବର୍ତ୍ତୀ ବାଚସ୍ପତି ସତ୍ୟପ୍ରିୟ ମହାନ୍ତି ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମଚିନ୍ତନ ଭିତ୍ତିରେ ନୂତନ ଶୈକ୍ଷିକ ପରିସରର ନାମ ଓଡ୍ରରାଷ୍ଟ୍ର ମଣ୍ଡଳର ବାଗ୍‌ଦେବୀ ସାରଳା ଚଣ୍ଡୀଙ୍କ ବାଣୀବରଜ ନୀଳସରସ୍ୱତୀୟ ମହିମାମୟୀ ପ୍ରସିଦ୍ଧିକୁ ଆଶ୍ରୟ କରି ବାଣୀବିହାର କରାଗଲା । ପ୍ରଥମେ ୧୯୬୨ ମସିହା ଜୁଲାଇ ୧ ତାରିଖରେ କଟକରୁ ବାଣୀବିହାର ପରିସରକୁ ଅଫିସ୍ ଓ ଶିକ୍ଷା ବିଭାଗଗୁଡ଼ିକ କ୍ରମଶଃ ସ୍ଥାନାନ୍ତରିତ ହେବାର ପ୍ରସ୍ତାବ ଲାଗୁହେଲା ଓ ୧୯୬୩ ମସିହା ପର ଠାରୁ ଏହା ସ୍ୱୟଂସଂପୂର୍ଣ୍ଣ ପରିସରରେ ପରିଣତ ହେଲା । ସଂପ୍ରତି କଳା, ବାଣିଜ୍ୟ, ବିଜ୍ଞାନ, ଆଇନ, ପରିଚାଳନା, ପ୍ରଶାସନିକ ବିଧି, ସାମ୍ବାଦିକତା ଓ ଭେଷଜବିଜ୍ଞାନ ଆଦି ବିଦ୍ୟାକୁ ନେଇ ୨୭ ଗୋଟି ମୂଳ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ପ୍ରଦାନ କରାଯାଉଛି । ଶିକ୍ଷାଦାନ, ଗବେଷଣା ଓ ଉଚ୍ଚଶିକ୍ଷାର ପ୍ରସାର, ବିକାଶ ଓ ନିୟନ୍ତ୍ରଣ ଇତ୍ୟାଦି ଦିଗକୁ କାର୍ଯ୍ୟକାରୀ କରିବାକୁ ଯାଇ ଏହି ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ସହିତ ଶିକ୍ଷା ନିୟନ୍ତ୍ରଣର ନିୟାମକ ବିଶ୍ୱବିଦ୍ୟାଳୟ ଭାବରେ ଜାତୀୟ ପ୍ରସିଦ୍ଧି ପାଇପାରିଛି । ପ୍ରାୟ ୫୦୦୦ରୁ ଅଧିକ ବିଦ୍ୟାର୍ଥୀଙ୍କୁ ସ୍ନାତକୋତ୍ତର ପର୍ଯ୍ୟାୟର ଶିକ୍ଷା ପ୍ରତ୍ୟକ୍ଷ ଭାବରେ ପ୍ରଦାନ କରି ଆସୁଥିବା ଏହି ବିଶ୍ୱବିଦ୍ୟାଳୟ ନିୟାମକ ବନ୍ଧନଧାରାରେ ୩୮୧ଟି ସହବନ୍ଧିତ ମହାବିଦ୍ୟାଳୟ, ୧୬ଟି ସ୍ୱୟଂଶାସିତ ମହାବିଦ୍ୟାଳୟ, ୧୦୦ଟି ବିବିଧ ବୈଷୟିକ ବୃତ୍ତିମୂଳକ ମହାବିଦ୍ୟାଳୟ, ୭ଟି ଭେଷଜ ବିଦ୍ୟାଭିତ୍ତିକ ମହାବିଦ୍ୟାଳୟ ଓ ୯ଟି ଆଇନ୍ ମହାବିଦ୍ୟାଳୟ ସହବନ୍ଧନ ସୂତ୍ରରେ ଅନୁବନ୍ଧିତ ହୋଇ ରହିଛନ୍ତି । ଏଥିସହିତ ଦୂର-ନିରନ୍ତର-ଶିକ୍ଷା ନିର୍ଦ୍ଦେଶାଳୟ ମାଧ୍ୟମରେ ଶହ ଶହ ବିଦ୍ୟାର୍ଥୀ ମାନବସମ୍ବଳ ଭାବରେ ପ୍ରତିବର୍ଷ ଏ ଅନୁଷ୍ଠାନରୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହୁଅନ୍ତି ।

ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ, ମଧୁସୂଦନ ଆଇନ୍ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଆଇନ୍ କଲେଜ୍ ଓ ଦୂରଶିକ୍ଷା ଧାରାର ଶିକ୍ଷକମାନଙ୍କୁ ମିଶାଇ ଆଚାର୍ଯ୍ୟ, ବରିଷ୍ଠାଚାର୍ଯ୍ୟ, ପ୍ରାଚାର୍ଯ୍ୟ ଭାବରେ ୨୧୮ ଜଣରୁ ଅଧିକ ଶିକ୍ଷକ ଶିକ୍ଷାଦାନ ଓ ଗବେଷଣାରେ ଏଠାରେ ନିଯୁକ୍ତ ଅଛନ୍ତି । ପ୍ରାୟ ୩୫୦ ସଂଖ୍ୟକ ଦାପ୍ତରିକ କର୍ମଚାରୀ ବିଶ୍ୱବିଦ୍ୟାଳୟ ଅଧିବ୍ୟବସ୍ଥାକୁ ସୁପରିଚାଳିତ କରୁଛନ୍ତି । ସଂପ୍ରତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ପ୍ରକୃଷ୍ଟ ଓ ସକରାତ୍ମକ ପରିଚାଳନାରେ କୁଳସଚିବ ଶ୍ରୀଯୁକ୍ତ ଦୟାନିଧି ନାୟକ, ପରୀକ୍ଷା ନିୟନ୍ତ୍ରକ ସୌମ୍ୟାଶ୍ରୀ ରଥ, ବିଭାଧିକାରୀ ବିଦ୍ୟାଧର ନାୟକଙ୍କ ସହ-ସଞ୍ଚାଳନରେ ଏହି ବିଶ୍ୱବିଦ୍ୟାଳୟ ପାଇଛି ଗୁଣାତ୍ମକ ମର୍ଯ୍ୟାଦା ଓ ସୁଷମ ଖ୍ୟାତି । ଉତ୍ତରପିଢ଼ିଙ୍କୁ ସମର୍ଥ ଓ ଆତ୍ମନିର୍ଭରଶୀଳ କରିବାରେ ତଥା ଏକ ପ୍ରାଜ୍ଞିକ କ୍ଷେତ୍ରରୂପେ ଓଡ଼ିଶା ପ୍ରଦେଶକୁ ପ୍ରତିଷ୍ଠା ଦେବାରେ ଏ ବିଶ୍ୱବିଦ୍ୟାଳୟ ଅଗ୍ରଗଣ୍ୟ । ଦୀର୍ଘ ୭୫ବର୍ଷର ନିରନ୍ତର ସାଫଲ୍ୟ ଓ ଉଦ୍ୟମ ଏହାକୁ ପିନ୍ଧାଇଛି ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ ଶିକ୍ଷାକେନ୍ଦ୍ରର ପରିଧାନ । ତେଣୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ହେଉଥିବା ଦାବି ଯଥାର୍ଥ ।

## ଐତିହାସିକ ଭିତ୍ତି ଓ ବିଭୂତି

ପଡ଼ୋଶୀ ପ୍ରଦେଶମାନଙ୍କ ଠାରୁ ଯଥେଷ୍ଟ ପଛରେ ଓଡ଼ିଶା ଇଂରେଜ ଶାସନ, ଶିକ୍ଷା, ସଭ୍ୟତା ଓ ବ୍ୟବସ୍ଥା ମଧ୍ୟକୁ ଆସିଲା । ଏଥିପାଇଁ ଐତିହାସିକ ଗୌରବର ଫର୍ଦ୍ଦ ଓଡ଼ିଶା ପାଇଁ ଯୋଡ଼ା ଯାଇପାରେ । ମାତ୍ର ଭିନ୍ନ ଏକ ବାସ୍ତବତା ଓଡ଼ିଶାର ନିୟତିକୁ ଭୋଗିବାକୁ ପଡ଼ିଥିଲା । ପୂର୍ବରୁ ଇଂରେଜୀ ଶିକ୍ଷା-ଶାସନ-ବ୍ୟବସ୍ଥା ସଂସର୍ଗରେ ଆସିଥିବାରୁ ପଡ଼ୋଶୀ ପ୍ରଦେଶମାନେ ନିଜର ପୋଖତପଣିଆ ବଳରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଯେମିତି କରାୟତ କରିଥିଲେ ସେମିତି ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନ ବ୍ୟବସ୍ଥାକୁ ମନାଇ ବତାଇ ନିଜ ପ୍ରାଦେଶିକ ଶାସନଖଣ୍ଡ ଭିତରେ ଓଡ଼ିଶାକୁ ଅଣସ୍ୱତନ୍ତ୍ର ଭୂମିଭାଗ ରୂପେ ରଖି ପାରିଥିଲେ । ଏହି କାରଣରୁ ଆଧୁନିକ ହେବାର ସମସ୍ତ ସୂତ୍ର ବଙ୍ଗଳା-ବିହାର-ମଧ୍ୟପ୍ରଦେଶ-ତାମିଲପ୍ରଦେଶ ମାଡ୍ରାସ କବଳରେ ଥିଲା । ଆଧୁନିକ ଶିକ୍ଷାଧାରାର ପ୍ରାଣଶକ୍ତି ରୂପେ ବିବେଚିତ ଅଣସ୍ୱତନ୍ତ୍ର ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନ ପାଟନା ଓ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଆଇନ କର୍ତ୍ତୃତ୍ୱାଧୀନ ଥିଲା । ଫଳରେ ଶିକ୍ଷିତ ଓ ଉଚ୍ଚଶିକ୍ଷିତ ଗୋଷ୍ଠୀର ଗୁଣାତ୍ମକ, ପରିମାଣାତ୍ମକ ଅଭିବୃଦ୍ଧି ଓଡ଼ିଶାରେ ନିମ୍ନାଙ୍କରେ ରହିଥିଲା । ଶିକ୍ଷାର ଅଭାବ ଉତ୍କଳୀୟ ଜାତୀୟତାବୋଧ, ସାମାଜିକ ବିକାଶ ଓ ଅର୍ଥନୀତିକ ସମୃଦ୍ଧିର ବାଧକ ଥିଲା ।



ଏହି ସତ୍ୟକୁ ଅନୁଭବ କରି ବିହାର-ଓଡ଼ିଶା ପ୍ରାଦେଶିକ ବ୍ୟବସ୍ଥାପକ ପରିଷଦରେ ପଣ୍ଡିତ ଗୋପବନ୍ଧୁ ଦାସ ଓ ଉତ୍କଳଗୌରବ ମଧୁସୂଦନ ଦାସ ଓଡ଼ିଶା ନିମିତ୍ତ ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଉଠାଇଥିଲେ । ପାଟନା ଠାରେ ବିହାର-ଓଡ଼ିଶା ପାଇଁ ପାଟନା ବିଶ୍ୱବିଦ୍ୟାଳୟ ଗଠନ ହେବା ହେତୁ ଓଡ଼ିଶାର ଶୈକ୍ଷିକ ସମୃଦ୍ଧି ନିମିତ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଷୟରେ ବ୍ରିଟିଶ-ଉପନିବେଶବାଦୀ ବ୍ୟବସ୍ଥା ଧ୍ୟାନ ଦେଉ ନଥିଲେ । ୧୯୧୯ରେ ବିହାର-ଓଡ଼ିଶା ପ୍ରଶାସନ ଭାଗର ଛୋଟଲାଟ୍ ସାର୍ ଏଡ୍‌ୱାର୍ଡ଼ ଗେଟ୍ ଏବର ରେଭେନ୍ସା ବିଶ୍ୱବିଦ୍ୟାଳୟର ତଥା ସେବର ରେଭେନ୍ସା କଲେଜର ମୁଖ୍ୟ ଅଟ୍ଟାଳିକାର ଭୂମି-ପ୍ରସ୍ତର ସ୍ଥାପନ କରିବାକୁ ଆସି କହିଥିଲେ, "ବିହାର-ଓଡ଼ିଶା ପ୍ରଦେଶର ପ୍ରଶାସନିକ ଭାଗ ମଧ୍ୟରୁ ଓଡ଼ିଆ ଭାଷାଭାଷୀ କେବଳ ଗୋଟିଏ ଭାଗ । ଏ ଭାଗର ପୁନର୍ଗଠନ ଓ ଅଭିବୃଦ୍ଧି ପାଇଁ ଉଚ୍ଚଶିକ୍ଷାର ପ୍ରସାର ଦରକାର । ମୋର ବିଶ୍ୱାସ ଏହି କଲେଜ ଭବିଷ୍ୟତରେ ଓଡ଼ିଶା ବିଶ୍ୱବିଦ୍ୟାଳୟର ମୂଳଭିତ୍ତି ହେବ । ଓଡ଼ିଶାର ସ୍ୱତନ୍ତ୍ର ଭାଷା, ସଂସ୍କୃତି ଓ ଲୋକାଚାରୀୟ ପରିମଣ୍ଡଳ ରହିଛି ଓ ଏହାର ଅଭିବୃଦ୍ଧି ପାଇଁ ବିଶ୍ୱବିଦ୍ୟାଳୟ ନିର୍ମାଣ ଶାସନୋଚିତ ।" ଏ ପ୍ରକାର ଯୁକ୍ତି ଉପସ୍ଥାପନ କରିଥିଲେ ବି ବାରମ୍ବାର ବିଶ୍ୱବିଦ୍ୟାଳୟଟିଏ ପାଇଁ ଲୋଡ଼ା ବହୁସଂଖ୍ୟକ ସ୍କୁଲକଲେଜ ନଥିବାର ଆଳ ଦେଖାଇ ଗୋପବନ୍ଧୁ ଓ ମଧୁସୂଦନଙ୍କ ପ୍ରସ୍ତାବକୁ ବିଦେଶୀ ସରକାର କାର୍ଯ୍ୟକାରୀ କରିପାରିନଥିଲେ । ୧୯୨୧ ମସିହାରେ ଗୋପବନ୍ଧୁ ନୀଳକଣ୍ଠଙ୍କ ସହିତ ପରାମର୍ଶ କରି ଓଡ଼ିଶାରେ ଅଧିକ ଶିକ୍ଷାନୁଷ୍ଠାନର ପ୍ରସାର ଓ ପ୍ରତିଷ୍ଠା ନିମିତ୍ତ ଯୋଜନା କଲେ । ସତ୍ୟବାଦୀ ବନ ବିଦ୍ୟାଳୟକୁ ଭବିଷ୍ୟତରେ ଜାତୀୟ ବିଶ୍ୱବିଦ୍ୟାଳୟରେ ପରିଣତି କରିବାର ଆଶା ରଖି ତାହାକୁ ସରକାରୀ କଳରୁ ମୁକ୍ତ କରିଦେଲେ । ମାତ୍ର ବନ ବିଦ୍ୟାଳୟର ଉଚ୍ଚ-ଉତ୍ତୀର୍ଣ୍ଣତା ବିଫଳ ହୋଇଗଲା ।

୧୯୧୯ ମସିହାରେ ସୋନପୁର ରାଜା କଲିକତା ବିଶ୍ୱବିଦ୍ୟାଳୟରେ କୁଳପତି ସାର୍ ଆଶୁତୋଷ ମୁଖାର୍ଜୀଙ୍କ ପରାମର୍ଶରେ ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା ବା ବିଶ୍ୱବିଦ୍ୟାଳୟ ଶିକ୍ଷାର ଗୌରବ ସାଧନ ପାଇଁ ସୋନପୁର ଚେୟାର୍ ପ୍ରତିଷ୍ଠା କରିଥିଲେ । ଆଶୁତୋଷ ମୁଖାର୍ଜୀ ନୀଳକଣ୍ଠଙ୍କୁ ଏ ଚେୟାର୍‌ର ଉପଯୁକ୍ତ ଦାୟାଦ ଭାବି ସାନୁରୋଧ ଡକାଇ ନିଯୁକ୍ତି ଦେଇଥିଲେ । ଏହି ସମୟରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ନିର୍ମାଣର ଏକ ଅହେତୁକୀ ଚେତନାର ବୀଜ ପଣ୍ଡିତ ନୀଳକଣ୍ଠଙ୍କ ମନରେ ପୋତି ହୋଇଯାଇଥିଲା । ୧୯୨୭ ମସିହାରେ ଦିଲ୍ଲୀରେ କେନ୍ଦ୍ର ଆସେମ୍ବ୍ଲିର ଜଣେ ପ୍ରାଜ୍ଞିକ ସଭ୍ୟ ଭାବରେ ଓଡ଼ିଶା-ସ୍ୱତନ୍ତ୍ର-ପ୍ରଦେଶ ଗଠନର ଦାବି ଉପସ୍ଥାପନ କରିବା ଅବକାଶରେ ପଣ୍ଡିତ ନୀଳକଣ୍ଠ କହିଥିଲେ: "ଆମେ ଓଡ଼ିଶାର ଅଧିଭାଷୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ପୂର୍ଣ୍ଣାଙ୍ଗ ପ୍ରଦେଶ ଚାହୁଁ । ଆମର ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଓ ପ୍ରଧାନ ବିଚାରାଳୟ ଏକାନ୍ତ ଭାବେ ଦରକାର ।" ମାତ୍ର ଅନେକ ପ୍ରତିଶ୍ରୁତି ସତ୍ତ୍ୱେ ବିଦେଶୀ ଶାସନ ଶୃଙ୍ଖଳା ଦ୍ୱାରା ଏ ଆଶା ଓ ଦାବି ଅପୂରଣ ରହିଲା । ଲଣ୍ଡନ ଦରବାରରେ ମଧ୍ୟ ଏ ଦାବି ପାରଳା ମହାରାଜା ସାର୍ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ଉଠାଇ ସରସ ପ୍ରତିଶ୍ରୁତି ପାଇ ଫେରିଥିଲେ । ୧୯୧୯

ଠାରୁ ୧୯୩୪ ମସିହା ମଧ୍ୟରେ ଗୋପବନ୍ଧୁ, ମଧୁସୂଦନ, ନୀଳକଣ୍ଠ ଓ ଗଜପତି କୃଷ୍ଣଚନ୍ଦ୍ରଙ୍କ ଦାବି ପୂରଣ ହୋଇ ନଥିଲେ ମଧ୍ୟ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ବିଜ୍ଞାନୋଚିତ ଅଭିବୃଦ୍ଧି ନିମିତ୍ତ ବିଶ୍ୱବିଦ୍ୟାଳୟଟିଏ ଯେ ଜରୁରୀ, ଏ କଥା ବିଦେଶୀ ଶାସନ କଳ ବୁଝି ପାରିଥିଲେ ।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା । ପରେ ପରେ ସ୍ୱତନ୍ତ୍ର ପ୍ରାଦେଶିକ ବିଧାନସଭା ନିମିତ୍ତ ନିର୍ବାଚନ ହେଲା । ଏଥିରେ ପଣ୍ଡିତ ନୀଳକଣ୍ଠଙ୍କ ସଭାପତିତ୍ୱରେ ଜାତୀୟ କଂଗ୍ରେସ ବିଜୟ ହେଲା । ୧୯୩୭ ମସିହା ଜୁଲାଇ ମାସରେ ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଓଡ଼ିଶାରେ ପ୍ରାଦେଶିକ ମନ୍ତ୍ରୀ ମଣ୍ଡଳୀୟ ଶାସନ ଆରମ୍ଭ ହେଲା । କଂଗ୍ରେସର ପ୍ରାଦେଶିକ ସଭାପତି ଭାବରେ ନୀଳକଣ୍ଠ ୧୯୩୭ ମସିହା ସେପ୍ଟେମ୍ବର ମାସରେ ସରକାରଙ୍କ ପାଖରେ ଓଡ଼ିଶାର ବହୁ ବୁଦ୍ଧିଜୀବୀଙ୍କ ମତ ନେଇ 'ସ୍ୱତନ୍ତ୍ର ଓଡ଼ିଶାର ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ' ପ୍ରତିଷ୍ଠା କ୍ଷେତ୍ରରେ ସରକାର ଉଦ୍ୟମ କରନ୍ତୁ ବୋଲି ଲିଖିତ ପ୍ରସ୍ତାବ ରଖିଥିଲେ । ତେବେ ସରକାରଙ୍କ ଉଦାସୀନ ରହିବାରୁ ବ୍ରହ୍ମପୁର ଠାରେ ବିଶ୍ୱବିଦ୍ୟାଳୟ ଗଠନ ସପକ୍ଷରେ ଆନ୍ଦୋଳନ ହେଲା । ଜନତାର ସମର୍ଥନରେ ବେସରକାରୀ ଭାବେ ନୀଳକଣ୍ଠଙ୍କ ଅଧ୍ୟକ୍ଷତାରେ ଏକ ବିଶ୍ୱବିଦ୍ୟାଳୟ କମିଟି ଗଢ଼ାଗଲା । ଏହାପରେ 'ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଅନୁଧ୍ୟାନ କମିଟି' ୧୯୩୮ ମସିହା ମାର୍ଚ୍ଚ ୨ ତାରିଖରେ ଗଠିତ ହେଲା । ନୀଳକଣ୍ଠ ଏହି ସରକାରୀ କମିଟିର ଅଧ୍ୟକ୍ଷ ହେଲେ ଓ କଟକ ଟ୍ରେନିଂ କଲେଜର ପ୍ରିନ୍ସିପାଲ ଶ୍ରୀ ମହେଶ ଚନ୍ଦ୍ର ପ୍ରଧାନ ହେଲେ ସମ୍ପାଦକ । ଓଡ଼ିଶା ଓ ଓଡ଼ିଶା ବାହାରୁ ନାନା ତଥ୍ୟ ସଂଗ୍ରହ କରି ବିଶ୍ୱବିଦ୍ୟାଳୟର ରୂପରେଖ, ଅର୍ଥବ୍ୟବସ୍ଥା, ବିଦ୍ୟାଧାରା, ସ୍ଥାନ ଓ ବିଧିବ୍ୟବସ୍ଥା ଆଦି ବିଷୟରେ ଏକ ବିବରଣୀ ନଥି (ରିପୋର୍ଟ ଫାଇଲ) ପ୍ରସ୍ତୁତ କରି ବିଶ୍ୱନାଥଙ୍କ ଦାସଙ୍କ ମନ୍ତ୍ରୀ ମଣ୍ଡଳ ପାଖରେ ଦାଖଲ କଲେ । ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତର ଯୋଗଦାନକୁ ପ୍ରତିବାଦ କରି ରାଷ୍ଟ୍ରବ୍ୟାପି କଂଗ୍ରେସ ମନ୍ତ୍ରୀମଣ୍ଡଳ ସରକାରୀ ବ୍ୟବସ୍ଥାରୁ ଇସ୍ତଫା ଦେଇ ଓହରିଆସିଲେ । ଓଡ଼ିଶାରେ ତାହା ଘଟିଲା ଓ ପ୍ରଦେଶ ରାଜ୍ୟପାଳଙ୍କ ଦପ୍ତରରେ ବିବରଣୀ ଉପସ୍ଥାପନ କରିବା ନିରର୍ଥକ ଭାବି ପ୍ରଶାସନ ଅଧିକାରୀ ତାହାଙ୍କୁ ମୃତପ୍ରାୟ ପକାଇ ରଖିଲେ ।

ମାତ୍ର ମହାକାଳ ହିଁ ନିୟତି ନିର୍ଣ୍ଣାୟକ । ୧୯୪୩ ମସିହା ଜୁନ୍ ୩୦ ତାରିଖ ଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ବିଲ୍ ବିଧାନସଭାରେ ଗୃହୀତ ହୋଇଥିଲା ଓ ଅଗଷ୍ଟ ଦୁଇ ତାରିଖରେ ଏହା ରାଜ୍ୟପାଳ ଲୁଇସ୍‌ଙ୍କ ଦ୍ୱାରା ସ୍ୱୀକୃତି ପାଇଲା । ବିଧେୟକ ଉପସ୍ଥାପନା କଲାବେଳେ ଶିକ୍ଷାମନ୍ତ୍ରୀ ଗୋଦାବରୀଶ ନୀଳକଣ୍ଠଙ୍କ ପ୍ରସ୍ତୁତ ବିବରଣୀକୁ ଧନ୍ୟବାଦର ସହିତ ଉଲ୍ଲେଖ କରି 'ଉତ୍କଳ ସମ୍ମିଳନୀ' ସବୁ ଓଡ଼ିଆ ଭାଷୀ ଅଞ୍ଚଳର ସହଯୋଗରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବାସ୍ତବ ଭିତ୍ତିଥିବାରୁ ଏହି ପ୍ରତିନିଧି ସ୍ଥାନୀୟ ଅନୁଷ୍ଠାନର ସ୍ମୃତିରେ ଓଡ଼ିଶାର ବିଶ୍ୱବିଦ୍ୟାଳୟର ନାମ 'ଉତ୍କଳ ବିଶ୍ୱବିଦ୍ୟାଳୟ' ହେଲା ବୋଲି ସିଦ୍ଧାନ୍ତ ପ୍ରଦାନ କରିଥିଲେ ।

ବିଶ୍ୱବିଦ୍ୟାଳୟର ବିଧେୟକ ସ୍ୱୀକୃତି ପାଇଲା ପରେ ଏହାର ପରିଚାଳନା ଓ କାର୍ଯ୍ୟକାରୀ ବିଧିପ୍ରବିଧି ପ୍ରଣୟନ ଉପରେ ଗୁରୁତ୍ୱ ଦିଆଗଲା । କାର୍ଯ୍ୟନିର୍ବାହୀ ନିୟମାବଳୀ ବା ବିଧିଖସଡ଼ା (statutes) ଓ ପାଠ୍ୟବିଧାନ (Academic Regulations) ପ୍ରଣୟନ କରିବା ଲାଗି ପାରଳା ମହାରାଜାଙ୍କ ବ୍ୟବସ୍ଥା କ୍ରମେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର କୁଳସଚିବ ମାକ୍ଲିନ ସାହେବ ତିନିମାସ ମଧ୍ୟରେ ଓଡ଼ିଶାରେ ଆତିଥ୍ୟ ଗହଣ କରି ନିୟମାବଳୀ ପ୍ରସ୍ତୁତ କଲେ । ବିଶ୍ୱବିଦ୍ୟାଳୟ ବିଧିଖସଡ଼ା ଅନୁସାରେ ଏହାର ସଂରଚନାଟି କୁଳାଧିପତି, ପ୍ରକୁଳାଧିପତି, କୁଳପତି, ସିନେଟ, ସିଣ୍ଡିକେଟ, ପାଠ୍ୟ ପରିଷଦ ଓ କୁଳସଚିବ ପଦବୀକୁ ଆଧାର କରି ଗଢ଼ି ଉଠିଲା । ଏହି ବିଧିଖସଡ଼ାକୁ 'ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୪୩' (The Utkal University Act-1943) ଭାବରେ ବିବେଚନା କରାଗଲା । ୧୯୪୩ ମସିହା ନଭେମ୍ବର ୨୭ ତାରିଖ ଦିନ ରେଭେନ୍ସା କଲେଜର ୧୫ ନମ୍ବର ପ୍ରକୋଷ୍ଠରେ ଏ ବିଶ୍ୱବିଦ୍ୟାଳୟର ପ୍ରଥମ ଦିବସ ସଂଚାଳିତ ହୋଇଥିଲା । ସେହି ସମୟର ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରାଣକୃଷ୍ଣ ପରିଜା ଏହି ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହେଲେ ।

୧୯୬୬ ମସିହା ଜାନୁଆରୀ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ଅଧିନିୟମ କ୍ରମେ ଡକ୍ଟର ହରେକୃଷ୍ଣ ମହତାବ, ଡକ୍ଟର ପ୍ରାଣକୃଷ୍ଣ ପରିଜା, ପଣ୍ଡିତ ନୀଳକଣ୍ଠ ଦାସ ଓ ନ୍ୟାୟାଧୀଶ ଗୋପାଳଚନ୍ଦ୍ର ଦାସ ପ୍ରକୁଳାଧିପତି ହୋଇଥିଲେ । ଅଧିନିୟମରେ ସଂଶୋଧନ ଘଟି ଏହି ପଦବୀ ଉଠିଯିବା ଦ୍ୱାରା ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଅଧିକ କ୍ଷମତା ଓ ମର୍ଯ୍ୟାଦା ସମ୍ପନ୍ନ ହେଲା । ରାୟବାହାଦୂର ଚିନ୍ତାମଣି ଆଚାର୍ଯ୍ୟ, ମହେଶ ଚନ୍ଦ୍ର ପ୍ରଧାନ ଓ ଡକ୍ଟର ପର୍ଶୁରାମ ମିଶ୍ର ସ୍ୱାଧୀନତା ପରବର୍ତ୍ତୀ କାଳରେ କୁଳପତି ଆସନ ମଣ୍ଡନ କଲେ । ୧୯୫୨ ଠାରୁ କୁଳପତି ରହିବାର ଅବଧି ତିନିବର୍ଷକୁ ଖସି ଆସିଲା । ୧୯୫୫ ରୁ ୧୯୬୬ ପର୍ଯ୍ୟନ୍ତ ପ୍ରାଣକୃଷ୍ଣ ପରିଜା ଓ ପରେ ପରେ ଡକ୍ଟର ସଦାଶିବ ମିଶ୍ର, ରମାନାଥ ମହାନ୍ତି, ଜ୍ଞାନଚାନ୍ଦ(ପ୍ରଶାସକ), ଗୌତମ ମାଥୁର୍, ଡକ୍ଟର ବିଦ୍ୟାଧର ମିଶ୍ର, ଡ.ମହେନ୍ଦ୍ର କୁମାର ରାଉତ, ମହମ୍ମଦ ହବିବ, ଡ. ମନ୍ମଥ ନାଥ ଦାସ, ପି.କେ. ଦାଶ, ଡ. ସତ୍ୟାନନ୍ଦ ଆଚାର୍ଯ୍ୟ, ଡ. ଗୌରକିଶୋର ଦାସ, ଡକ୍ଟର ଗୋକୁଳା ନନ୍ଦ ଦାସ, ଡକ୍ଟର ପାଣ୍ଡବ ନାୟକ, ଶ୍ରୀଯୁକ୍ତ ଅଶୋକ ତ୍ରିପାଠୀ / ଅରୁଣ ସାମନ୍ତରାୟ (ପ୍ରଶାସକ), ଡକ୍ଟର ଲକ୍ଷ୍ମୀନାରାୟଣ ମିଶ୍ର, ଡକ୍ଟର ବିନାୟକ ରଥ,ଡକ୍ଟର ପ୍ରଶାନ୍ତ କୁମାର ସାହୁ, ଡକ୍ଟର ଅଶୋକ କୁମାର ଦାସ ଓ ଡକ୍ଟର ସୌମେନ୍ଦ୍ର ମୋହନ ପଟ୍ଟନାୟକ କୁଳପତି ଆସନରେ ଅଧିଷ୍ଠିତ ହୋଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ୧୯୪୩ ରୁ ୧୯୫୫ ମସିହା ପର୍ଯ୍ୟନ୍ତ ପ୍ରାୟ ପ୍ରଥମ ୧୨ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ବା ବିଧିବ୍ୟବସ୍ଥାର ସଂଚାଳନରେ ବାହ୍ୟ ରାଜନୀତିର ଉତ୍ପାତ ଦେଖାଯାଇ ନଥିଲା । ୧୯୫୫ରୁ ୧୯୬୬ ମସିହା ପର୍ଯ୍ୟନ୍ତ କାଳଖଣ୍ଡକୁ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ କ୍ଷେତ୍ରୀୟ ପରିସର (କ୍ୟାମ୍ପସ୍)















ନିର୍ମାଣର ଓ ଶିକ୍ଷାଦାନର ଉନ୍ନତୀକରଣ ପର୍ଯ୍ୟାୟ ଭାବରେ ନିଆଯାଇପାରେ । ଏକଦା ଉଚ୍ଚଶକ୍ଷାର ସହବନ୍ଧିତ ପରିଚାଳନା କରୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତ୍ୟକ୍ଷ ଗବେଷଣା ଓ ସ୍ନାତକୋତ୍ତର ଶିକ୍ଷାଦାନର ବାଣୀପୀଠ ଭାବେ ସମାଦୃତ ହେଲା । ୧୯୬୬ ରୁ ୧୯୮୩ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଘଟିଲ । ସର୍ବଭାରତୀୟ ବୃତ୍ତିଭିକ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କର ଗୁଣାତ୍ମକ ଓ ପରିମାଣାତ୍ମକ ସଫଳତା ଏହାର ମର୍ଯ୍ୟାଦା ଓ ଖ୍ୟାତିର କାରଣ ହୋଇପାରିଛି । ଓଡ଼ିଶା ଇତିହାସ, ଓଡ଼ିଶାର ମନ୍ଦିର, ଓଡ଼ିଶାର ଭୂଗୋଳ, ଓଡ଼ିଶାର ନଦନଦୀ, ଖଣିଜ ସ୍ଥିତି, ବାଣିଜ୍ୟିକ ସ୍ଥିତାବସ୍ଥା, କଳା-ସଂସ୍କୃତି-ସାହିତ୍ୟ, ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ସହିତ ରାଜନୀତିକ-ଅର୍ଥନୀତିକ-ଦାର୍ଶନିକ ଭାବକଳ୍ପୀ ଦିଗଗୁଡ଼ିକୁ ନେଇ ଉଚ୍ଚମାନର ଗବେଷଣା ସମ୍ପାଦିତ ହୋଇଛି । ଡକ୍ଟର ସଦାଶିବ ମିଶ୍ରଙ୍କ କୁଳପତିତ୍ୱ ସମୟରୁ ଧୀରେ ଧୀରେ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ ଆରମ୍ଭ ହେଲା ଛାତ୍ରରାଜନୀତି । ୧୯୫୫ ମସିହାରୁ ଏ ଯାବତ୍ ନୂଆ ନୂଆ ବିଭାଗ ଖୋଲିଛି ବିଶ୍ୱବିଦ୍ୟାଳୟରେ । ଐତିହାସିକ ମନ୍ମଥ ନାଥ ଦାସଙ୍କ କୁଳପତିତ୍ୱ କାଳରୁ ଏବଂ ପରେ ପରେ ନୂତନ ସଂଶୋଧିତ ବିଶ୍ୱବିଦ୍ୟାଳୟ ଅଧିଖସଡ଼ା ଏକ ସମଭାଗିତା ଓ ଦାୟବଦ୍ଧତାର ପରିବେଶ ସୃଷ୍ଟି କରିପାରିଛି । ପରିଣାମସ୍ୱରୂପ ଶିକ୍ଷାଦାନ, ଗବେଷଣା, ଶିକ୍ଷକ ସମ୍ବଳ, ବିଦ୍ୟାର୍ଥୀ ସାଫଲ୍ୟ, ପାଠାଗାର-ଗବେଷଣାଗାର-ଛାତ୍ରାବାସ-ପ୍ରୟୋଗଶାଳା ପରିଚାଳନା ପଦ୍ଧତିର ଶୃଙ୍ଖଳିତ, ଉନ୍ନତ ଓ ବିକଶିତ ସ୍ଥିତାବସ୍ଥାକୁ ନେଇ ଏ ବିଶ୍ୱବିଦ୍ୟାଳୟ ହୋଇପାରିଛି ରାଜ୍ୟର ଏକମାତ୍ର 'ଏ +' ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ।

## ବିକାଶ ଓ ପ୍ରଜ୍ଞାର କ୍ଷେତ୍ର

ସଂପ୍ରତି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ଦ୍ୱାରା ଏହି ସର୍ବପ୍ରାଚୀନ ମାତୃକା ବିଶ୍ୱବିଦ୍ୟାଳୟର ନିୟାମକ କ୍ଷେତ୍ର ଓ ସହବନ୍ଧିତ ମହାବିଦ୍ୟାଳୟର ପରିସଂଖ୍ୟାନ କମିଛି । ତଥାପି ରାଜ୍ୟର ନଅଟି ଜିଲ୍ଲା ଓ ହାରାହାର ୨୪.୯୭୩ ବର୍ଗ କିଲୋମିଟର ଅଞ୍ଚଳ ଭିତରେ ପ୍ରାୟ ୧୨୦ଲକ୍ଷ ଲୋକଙ୍କୁ ଏ ବିଶ୍ୱବିଦ୍ୟାଳୟ ଯୋଗାଇ ଦେଉଛି ପ୍ରତ୍ୟକ୍ଷ ଶିକ୍ଷା । ୩୮୧ ଗୋଟି ମହାବିଦ୍ୟାଳୟକୁ ଆପଣାର ଶିକ୍ଷା ବ୍ୟବସ୍ଥାରେ ସହବନ୍ଧନ ସୂତ୍ରରେ ଅଙ୍ଗୀଭୂତ କରିଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଜନ କରିଛି ଦେଶର ସର୍ବ ବୃହତ ବିଶ୍ୱବିଦ୍ୟାଳୟର ଖ୍ୟାତି । ୨୦୧୮ ଶିକ୍ଷାବର୍ଷରେ ଚଣ୍ଡୀଖୋଲ ଠାରେ ଦ୍ୱିତୀୟ କ୍ୟାମ୍ପସ୍ ଖୋଲାଯାଇଛି । ଯାହା ଉତ୍ତରପିଢ଼ିଙ୍କ ନିମନ୍ତେ ସଦ୍ୟତମ ବିଦ୍ୟାର ଅଧ୍ୟୟନ କ୍ଷେତ୍ର ହୋଇପାରିବ । ଏତଦ୍‌ବ୍ୟତୀତ ୧୭ଟି ବିଷୟରେ ଦେୟଭିତ୍ତିକ ପାଠ୍ୟଧାରା ଉଭୟ ପୁରାତନ ଓ ନୂତନ କ୍ୟାମ୍ପସ୍‌ରେ ଦିଆଯିବାର ବ୍ୟବସ୍ଥା ହୋଇଛି । ଆସ୍ଥା ଓ ପସନ୍ଦ ଭିତ୍ତିକ ପାଠ୍ୟକ୍ରମ ସହିତ ଭବିଷ୍ୟତ ସମୁଜ୍ଜ୍ୱଳଧର୍ମୀ ବିଦ୍ୟାର ଅଧ୍ୟୟନ ଉପରେ ଏ ବିଶ୍ୱବିଦ୍ୟାଳୟ ଗୁରୁତ୍ୱ ଦେଇପାରିଛି । ଭାଷା ଓ ସାହିତ୍ୟ ବିଭାଗ, ମନସ୍ତତ୍ତ୍ୱ ବିଭାଗ, ପଦାର୍ଥବିଜ୍ଞାନ ବିଭାଗ, ଇଂରାଜୀ ବିଭାଗ, ଦର୍ଶନ ବିଭାଗ ଓ ବାଣିଜ୍ୟ ବିଭାଗ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଓ ବିଶ୍ୱବଦ୍ୟାଳୟ ଆୟୋଗଙ୍କ ଦ୍ୱାରା ସ୍ୱତନ୍ତ୍ର ଅନୁଦାନ ପ୍ରାପ୍ତ କରିବାର ଗୌରବ ଲାଭ କରିଛି । ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ୫ଟି ସହବନ୍ଧିତ ମହାବିଦ୍ୟାଳୟ ୟୁଜିସିଙ୍କ ଦ୍ୱାରା ଦକ୍ଷ ଓ ଉତ୍କର୍ଷ ଶିକ୍ଷାନୁଷ୍ଠାନର (ସିପିଇ) ମାନ୍ୟତା ପାଇପାରିଛି ଯାହାକି ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ପରିଚାଳନାର ପରିଚୟକୁ ପ୍ରତିପାଦିତ କରୁଛି ।

## ବ୍ୟକ୍ତିତ୍ୱ ନିର୍ମାଣର ପୁଣ୍ୟପୀଠ

ବିଗତ ୭୫ବର୍ଷ ଧରି ଏ ବିଶ୍ୱବିଦ୍ୟାଳୟ ଦକ୍ଷ ବୈଜ୍ଞାନିକ, ସାହିତ୍ୟିକ, ଯନ୍ତ୍ରୀ, କଳାକାର, ସାମ୍ବାଦିକ, ଶିଳ୍ପପତି, ପରିଚାଳନା ବିଦ୍ୟାଧୂରୀଣ ପରିଚାଳକ ଓ ଆତ୍ମନିର୍ଭରଶୀଳ ବ୍ୟକ୍ତିତ୍ୱ ନିର୍ମାଣ କରି ଆସୁଛି । ଏ ବିଶ୍ୱବଦ୍ୟାଳୟର ବିଦ୍ୟାର୍ଥୀ ଦେଶ ଓ ଦେଶ ବାହାରର ପ୍ରମୁଖ ବିଶ୍ୱବିଦ୍ୟାଳୟରେ ପ୍ରାଚାର୍ଯ୍ୟ ହୋଇପାରିଛନ୍ତି ।




ବିଶ୍ୱବିଦ୍ୟାଳୟ ଆଚାର୍ଯ୍ୟମାନେ ଅନ୍ୟ ବିଶ୍ୱବିଦ୍ୟାଳୟର ପ୍ରାଚାର୍ଯ୍ୟ, ପ୍ରାଧ୍ୟାପକ ଓ କୁଳପତି ଭାବରେ ଆସନ୍ନମଣ୍ଡନ କରିଛନ୍ତି । ଐତିହାସିକ ମନ୍ମଥ ନାଥ ଦାସ, ଗଣିତଜ୍ଞ ରାମନାଥ ମହାନ୍ତି, ଦାର୍ଶନିକ ଗଣେଶ୍ୱର ମିଶ୍ର, ଗୌରାଙ୍ଗ ଚରଣ ରାୟ, ମନସ୍ତତ୍ତ୍ୱବିତ୍ ରାଧାନାଥ ରଥ, ରାଜନୀତିବିଜ୍ଞାନୀ ଶ୍ରୀରାମ ଦାଶ, ଅର୍ଥଶାସ୍ତ୍ରୀ ସୁଧାକର ପଣ୍ଡା, ପ୍ରତ୍ନତତ୍ତ୍ୱବିତ୍ କରୁଣାସାଗର ବେହେରା, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀ, ବାଣିଜ୍ୟବିଦ୍ୟାର ସାହିତ୍ୟିକ ସୂର୍ଯ୍ୟନାରାୟଣ ଦାଶ, ସାହିତ୍ୟିକ ଗଣେଶ୍ୱର ମିଶ୍ର, ନିତ୍ୟାନନ୍ଦ ଶତପଥି, କୃଷ୍ଣପ୍ରସାଦ ମିଶ୍ର, ଗଣେଶ୍ୱର ମିଶ୍ର, ଫକୀରମୋହନ ସାହୁ, ବିଜୟ କୁମାର ଶତପଥୀ, ନାରାୟଣ ସାହୁ, ନୃତତ୍ତ୍ୱବିତ୍ ଲକ୍ଷ୍ମଣ କୁମାର ମହାପାତ୍ର, ବୈଜ୍ଞାନିକ ବସନ୍ତ କୁମାର ବେହୁରା, ଡକ୍ଟର ପ୍ରାଣକୃଷ୍ଣ ପରିଜା, ଡକ୍ଟର ସଦାଶିବ ମିଶ୍ର, ଡକ୍ଟର ଶିବ ପ୍ରସାଦ ଅଧିକାରୀ, ଡକ୍ଟର ଶିବପ୍ରସାଦ ରଥ, ଡକ୍ଟର ପ୍ରଦୀପ୍ତ କୁମାର ତ୍ରିପାଠୀ, ଡକ୍ଟର ପ୍ରଦୀପ କୁମାର ଚାନ୍ଦ, ଡକ୍ଟର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ, ଡକ୍ଟର ଗୋପୀନାଥ ମହାପାତ୍ର, ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ଡକ୍ଟର ମଧୁମିତା ଦାଶ, ଡକ୍ଟର ଅଜିତ କୁମାର ମହାନ୍ତି, ଡକ୍ଟର ଯତୀନ୍ଦ୍ର କୁମାର ମହାନ୍ତି, ଡକ୍ଟର ଯତୀନ କୁମାର ନାୟକ, ଡକ୍ଟର ପ୍ରକାଶ କୁମାର ସାହୁ ଓ ଡକ୍ଟର ରୀତା ରାୟ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହି ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଛାତ୍ର ଭାବରେ ଶ୍ରୀଯୁକ୍ତ ସୁବାସ ପାଣି, ଶ୍ରୀଯୁକ୍ତ ଅଜିତ କୁମାର ତ୍ରିପାଠୀ ଓ ଶ୍ରୀଯୁକ୍ତ ତରୁଣକାନ୍ତି ମିଶ୍ର ମୁଖ୍ୟ ଶାସନ ସଚିବ ସ୍ତରକୁ ଭାରତୀୟ ପ୍ରଶାସନିକ ସେବାବୃତ୍ତିରେ ଯାଇ ପାରିଛନ୍ତି । ଅନୁରୂପ ଭାବରେ ଶ୍ରୀଯୁକ୍ତ ହୃଷୀକେଶ ପଣ୍ଡା, ଶ୍ରୀଯୁକ୍ତ ପ୍ରଫୁଲ୍ଲ ମିଶ୍ର ଓ ରୂପା ମିଶ୍ର ସର୍ବ ଭାରତୀୟ ପ୍ରଶାସନିକ ପ୍ରତିଯୋଗିତାରେ ପ୍ରଥମ ହୋଇ ଏ ବିଶ୍ୱବିଦ୍ୟାଳୟ ପ୍ରଜ୍ଞାବୋଧଙ୍କୁ ରାଷ୍ଟ୍ରପ୍ରସାରୀ କରିପାରିଛନ୍ତି । ସାହିତ୍ୟିକ ଭାବରେ ତରୁଣକାନ୍ତି ମିଶ୍ର, ହୃଶିକେଷ ପଣ୍ଡା, ହୃଷିକେଶ ମଲ୍ଲିକ, ହରପ୍ରସାଦ ଦାସ, ଶତ୍ରୁଘ୍ନ ପାଣ୍ଡବ, ପ୍ରବାସିନୀ ମହାକୁଡ଼, ବାଉରିବନ୍ଧୁ କର, ସଂଘମିତ୍ରା ମିଶ୍ର, ସୁନୀତି ଦେବୀ, ବିଜୟ ନାୟକ, ଜଗଦୀଶ ମହାନ୍ତି, ଅପର୍ଣ୍ଣା ମହାନ୍ତି ପ୍ରମୁଖ ଏ ବିଶ୍ୱବିଦ୍ୟାଳୟକୁ ଗଣପ୍ରିୟ ଓ ଗଣସମ୍ମାନପ୍ରଦ କରିପାରିଛନ୍ତି ।

## ବାଣୀବିହାର : ବିଶ୍ୱାସର ବିହାର

ଓଡ଼ିଶାର ବିକାଶଧାରାରେ ଓ ପ୍ରାଞ୍ଜିକ ପରିଚିତି ନିର୍ମାଣରେ ଆଲୋକବର୍ତ୍ତିକାବତ୍ ଦାୟବଦ୍ଧ ଭୂମିକା ନିର୍ବାହ କରିଆସିଛି ଉତ୍କଳ ବିଶ୍ୱବିଦ୍ୟାଳୟ । ଏହା ମଧ୍ୟ ବିଶ୍ୱବିଦ୍ୟାଳୟ ଆୟୋଗ, ନୂଆଦିଲ୍ଲୀଙ୍କ ଦ୍ୱାରା ସ୍ୱତନ୍ତ୍ର ସୂଚକ ସ୍ୱାୟତ୍ତ୍ୱ କ୍ଷମତାପ୍ରାପ୍ତ ବିଶ୍ୱବିଦ୍ୟାଳୟ ହୋଇପାରିଛି । ଏହି ମର୍ମରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ (ୟୁଜିସି) ବିଶ୍ୱବିଦ୍ୟାଳୟ ଉତ୍କର୍ଷ ବର୍ଗୀୟ ତାଲିକା-୧ରେ ଅନ୍ତର୍ଭୁକ୍ତ ହୋଇ ଉତ୍କଳ ବିଶ୍ୱବିଦ୍ୟାଳୟ ସର୍ବ ଭାରତୀୟ ସ୍ତରରେ ୨୫ଗୋଟି ଉତ୍ତମ ଓ ଉନ୍ନତ ଅନୁଷ୍ଠାନ ମଧ୍ୟରେ ଅନ୍ୟତମ ଓ ଅନନ୍ୟତମ ହୋଇପାରିଛି । ଦୀର୍ଘ ୭୫ବର୍ଷ ଧରି ନିରବଚ୍ଛିନ୍ନ ପ୍ରକ୍ରିୟାରେ ଉନ୍ନତ ଶିକ୍ଷାଦାନ ଓ ଗବେଷଣାତ୍ମକ ମାନକ ରକ୍ଷା କରି ଆସୁଥିବାରୁ ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ପ୍ରଜ୍ଞାକ୍ଷେତ୍ରକୁ ଜାତୀୟ ଓ ଆନ୍ତର୍ଜାତୀୟ ମେଧାଶକ୍ତିଙ୍କୁ ଆକର୍ଷି ଆଣିବାରେ ହୋଇଛି ସଫଳ ଓ ସମର୍ଥ ।

ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ ସତ୍ତ୍ୱେ ଓଡ଼ିଶାର କର୍ମସଂସ୍କୃତି, ଜ୍ଞାନ ସଂସ୍କୃତି ଓ ବୋଧସଂସ୍କୃତିର ମୂଳ ବାଣୀପିଣ୍ଡ ଭାବେ ୧୯୪୩ ମସିହାରେ ପ୍ରତିଷ୍ଠିତ ଏ ଶିକ୍ଷାୟତନ ଗଢ଼ିଛି କୀର୍ତ୍ତି । ବାଣୀବିହାର : ଓଡ଼ିଶୀ ଭାବନାର ପିଣ୍ଡ । ବିଶ୍ୱାସର ବିହାର-ଏହି କଥାକୁ ସୂଚେଇ ଚାଲିଛି ।

**ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**
**ଫୋନ:୯୪୩୯୯୧୭୬୨୦**



# କୋରାପୁଟର କୁହୁ...



# କଳାକାରର ଗାଁ

# କୁଟୁଣୀପଦର




ମୀନା ସ୍ୱାଇଁ

ଫଟୋ ସୌଜନ୍ୟ : ଲେଖିକା


ଈଶ୍ୱରୀୟ ଆଶୀର୍ବାଦ ହିଁ କଳା, ଭାସ୍କର୍ଯ୍ୟ, ଚିତ୍ର, ସଙ୍ଗୀତ, ନୃତ୍ୟ, କାବ୍ୟ କବିତା, ଗଳ୍ପ, ପ୍ରବନ୍ଧ ଆଦିର ରୂପ ନିଏ କଳାକାର ହସ୍ତରେ, ସମ୍ବେଦନଶୀଳ ହୃଦୟରେ, ସୃଜନଶୀଳ ମସ୍ତିଷ୍କରେ । ତା'ର କଳାର ସର୍ଜନାରେ ନିଜକୁ ବିଜ୍ଞାପିତ କରିବା ଉଦ୍ଦେଶ୍ୟ ନଥାଏ । ସ୍ୱତଃସ୍ଫୂର୍ତ୍ତ ଭାବେ ତାହା ଝରି ଆସେ ଲେଖନୀ, ବାଦ୍ୟଯନ୍ତ୍ର, ତୂଳୀ ଅବା ନିହଣମୁନକୁ । ଆଉ କଳାକାର ରଚିଚାଲେ ଅବିନଶ୍ୱର ଭାସ୍କର୍ଯ୍ୟ ଯୁଗଯୁଗ ଲାଗି । ଏଥିପାଇଁ ହୁଏତ ବାରମ୍ବାର ତାକୁ ଅଗ୍ନିର ଶିଖା ମଧ୍ୟଦେଇ ପ୍ରବେଶ କରିବାକୁ ପଡ଼ିଥାଇପାରେ, କଣ୍ଟାରେ ପାଦ ଥାପି ପାରିଥାଏ, ପ୍ରତ୍ୟେକ ବିନ୍ଦୁ ସ୍ୱେଦସହ ଜଳାଞ୍ଜଳୀ ଦେଇଥାଇପାରେ ନିଜ ସୁଖ, ସ୍ୱାଚ୍ଛନ୍ଦକୁ । ଅନେକ ସମୟରେ ପରିବାର ଓ ସମାଜର ସମାଲୋଚନାର ଶରବ୍ୟ ହେଉଥାଏ ନିହଣର ପ୍ରହାର, ନୂପୁରର ତାଳ, ସଙ୍ଗୀତର ଛନ୍ଦ । ସେଥିପ୍ରତି ତିଳେମାତ୍ର ଭ୍ରୂକ୍ଷେପ ନଥାଏ ତାର । ହାତରେ ଉପକରଣ ଧରି ସାଜିଥାଏ ସେ ଦ୍ୱିତୀୟ ଈଶ୍ୱର ।

ସେହିଭଳି ଏକ କଳାର ନିଦର୍ଶନ ଦେଖିବାକୁ ମିଳେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକର କୁଟୁଣୀପଦର ଗାଁରେ । ପ୍ରାଚୀନ କାଳର ଅପୂର୍ବ, ଅନନ୍ୟ, ଭାସ୍କର୍ଯ୍ୟର ନମୁନା ଦେଖିବାକୁ ମିଳେ କୁଟୁଣୀପଦର ଗ୍ରାମକୁ ପରିବେଷ୍ଟିତ କରି ସଗର୍ବେ ଠିଆ ହୋଇଥିବା ପର୍ବତ ବକ୍ଷରେ, ତାର ଗୁମ୍ଫାମାନଙ୍କରେ ।

କୋରାପୁଟ ଜିଲ୍ଲାର ସଦର ମହକୁମା ଠାରୁ ରାୟଗଡ଼ା ଯିବା ରାସ୍ତାରେ ପଇଁଚାଳିଶି କିଲୋମିଟର ଗଲେ ପଡ଼େ କାକିରିଗୁମ୍ମା ବ୍ଲକ । ସେହି ରାସ୍ତାରେ ଆଗକୁ ପାଞ୍ଚ କି.ମି. ଗଲେ ପଡ଼େ କୁସୁମଗୁଡ଼ା ଗାଁ । ବେଶ୍ ସୁନ୍ଦର ପିଚୁ ରାସ୍ତା । ଗାଁ ନିକଟରେ ବାମପଟେ ଦେଖିବାକୁ ମିଳେ କୁଟୁଣୀପଦର ଗାଁକୁ ନିର୍ଦ୍ଦେଶ କରୁଥିବା ବୋର୍ଡ଼ଟିଏ ।

କୁସୁମଗୁଡ଼ା ଠାରୁ କୁଟୁଣୀପଦରକୁ ପିଚୁରାସ୍ତା । ଅନାୟାସରେ ଚାରିଚକିଆ ଯାନ ଗଡ଼ିପାରେ ସେହି ରାସ୍ତାରେ । କିଛିବାଟ ପାହାଡ଼ର ଧାରେ ଧାରେ ଯିବାକୁ ହୁଏ । ରାସ୍ତାର ଉଭୟ ପାର୍ଶ୍ୱ ଅତ୍ୟନ୍ତ ମନୋରମ । ମେ' ମାସର ପ୍ରଚଣ୍ଡ ରୌଦ୍ର ତାପରେ ବି ଉଭୟ ପାର୍ଶ୍ୱରେ ଥିବା ନିମ୍ନ ଉପତ୍ୟକାରେ ସବୁଜିମା ଭରା ମାଣ୍ଡିଆ କ୍ଷେତ, ସୂର୍ଯ୍ୟମୁଖୀ ଚାଷ ଯେ କୌଣସି ବ୍ୟକ୍ତିକୁ ଆତ୍ମହରା କରେ । ପାର୍ବତ୍ୟର ଢାଲୁ ଅଂଶଗୁଡ଼ିକରେ ସୋପାନ ପ୍ରଣାଳୀରେ ସରୁସରୁ ପଟି କିଆରୀ, କଦଳୀ ଚାଷ ଉଭୟ ପାର୍ଶ୍ୱର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରେ । ରାସ୍ତାର ପାର୍ଶ୍ୱରେ ପାହାଡ଼ି ଝରଣାର ଧାର, ଯାହାକି ବର୍ଷସାରା ସେହିସବୁ ଅଞ୍ଚଳକୁ ଶସ୍ୟଶ୍ୟାମଳ କରେ । ସୁଉଚ୍ଚ ନୀଳ ପର୍ବତମାଳା । ଦର୍ଶକକୁ ନେଇ ପହଞ୍ଚାଇ ଦିଏ କେଉଁ ଏକ ଅତିନ୍ଦ୍ରୀୟ ରାଜ୍ୟରେ ।

ତିନି/ଚାରି କିଲୋମିଟର ଅତିକ୍ରମ କଲାପରେ ପଡ଼େ କୁଟୁଣୀପଦର ଗାଁ । ସେଠାରେ ପହଞ୍ଚି ପହଞ୍ଚି ପଥ ପ୍ରଦର୍ଶକ ହିସାବରେ ଗାଁର ଚପଳମତି ଶିଶୁ ତଥା ବୟସ୍କ ପୁରୁଷ, ସ୍ତ୍ରୀ ମାନଙ୍କର ସହଯୋଗ ଓ ଆତ୍ମୀୟତା ଭରା ସାହାଯ୍ୟ ଅଭିଭୂତ କରେ, ମନେପକାଇ ଦିଏ ଉପନ୍ୟାସ ଓ କାହାଣୀର ସରଳ ଆଦିବାସୀଙ୍କର ନିର୍ମଳ ଛଳଛଳ ହୃଦୟର କଥା । ଛୋଟ ଶିଶୁଟିଏ ବି ହାତ ବଢ଼ାଏ, ଗର୍ବ ଅନୁଭବ କରେ ଦେଖେଇବାକୁ ତା'ର ଗାଁର ବିଭବକୁ, ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ଅମର ଭାସ୍କର୍ଯ୍ୟକୁ । ଯେମିତି ସେ ଧରୋହର ସେ ସମ୍ପତ୍ତିର ।

ଗାଁର ପ୍ରାରମ୍ଭରେ ହିଁ ସେହି ପ୍ରାଚୀନ ମନ୍ଦିର, ସମସ୍ତ ରହସ୍ୟକୁ ଛାତିରେ ଧରି ପାହାଡ଼ର ମଧ୍ୟଭାଗରେ, ବୃକ୍ଷ ଆଢୁଆଳରେ ମଥାଟେକି ଠିଆ ହୋଇଛି କେଉଁ ଯୁଗରୁ କେଜାଣି । ମନ୍ଦିର ଆକୃତିର କୌଣସି ଗଠନ ସେଠାରେ ନାହିଁ । ତଳୁ ପାହାଡ଼ ଉପରକୁ ଲମ୍ବିଯାଇଛି ସୁନ୍ଦର ପାହାଚ ଶ୍ରେଣୀ । ପାହାଚ ଶେଷରେ ଛୋଟ କବାଟ ଥାଇ ଛୋଟ ପାଚେରୀଟିଏ । ନାମକୁ ମାତ୍ର ସୁରକ୍ଷା ବଳୟ । ତାରି ଭିତରେ ଦ୍ୱାର ସମ୍ମୁଖରେ ପର୍ବତରେ ଖୋଦିତ ବିଶାଳ ଶିବଲିଙ୍ଗ । ଶିବଲିଙ୍ଗର ପଛପଟେ ଥିବା ପ୍ରସ୍ତର ଉପରେ ଖୋଦିତ ଅନେକ ଦେବାଦେବୀଙ୍କର ମୂର୍ତ୍ତି । ଦୁର୍ଗା, ଗଣେଶ, ହନୁମାନ, ବ୍ରହ୍ମା ଆଦି । କେତେକ ମୂର୍ତ୍ତି ସେହି ପ୍ରସ୍ତର ଉପରେ ହିଁ ଖୋଦିତ ଓ ଆଉ କେତେକ ମାଟିତଳୁ ବା ପର୍ବତ ଉପରୁ ଉଦ୍ଧାର ହୋଇଥିବା ଅତି ପ୍ରାଚୀନ ମୂର୍ତ୍ତି । ଶିଆଳି ଲତା ହିଁ ପ୍ରାକୃତିକ ଭାବେ ମାଡ଼ିଯାଇ ଅତି ନିଚ୍ଛା ଛାତଟିଏ ତିଆରି କରିଛି ଶିଳ୍ପୀର ଚମତ୍କାର ସୃଜନକୁ ସୁରକ୍ଷା ଦେବା ପାଇଁ । ଶିବଲିଙ୍ଗ ବାମ ପାର୍ଶ୍ୱରେ ଛୋଟ ସରୁ ରାସ୍ତାଟିଏ ଯାହାକି ଶେଷ ହୁଏ ଦୁଇଟି ଛୋଟ ଛୋଟ ଗୁମ୍ଫା ନିକଟରେ । ଗୁମ୍ଫା ମୁହଁ ଅତି ଛୋଟ । ବାହାରୁ ଦେଖିଲେ ନିରନ୍ଧ୍ର ଅନ୍ଧକାର । ଗୁମ୍ଫା ଦ୍ୱାର ଦେଇ ଗୁରୁଣ୍ଡି ଗୁରୁଣ୍ଡି ପଶିବାକୁ ହୁଏ, ଟର୍ଚ୍ଚ କିମ୍ବା କୌଣସି ଆଲୋକର ସହାୟତାରେ । ପ୍ରଥମ ଗୁମ୍ଫା ଭିତରକୁ ପ୍ରବେଶ କଲେ ଅନ୍ଧାରି ସଂକୀର୍ଣ୍ଣ ଜାଗା, ଯେଉଁଠାରେ କି ବସିବା ଛଡ଼ା ଠିଆ ହେବା ବି ସମ୍ଭବ ନୁହେଁ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ସେଠି ସମ୍ଭବ





▲ ପାହାଡ଼ କାନ୍ଥରେ ଖୋଦିତ ମୂର୍ତ୍ତି



▲ ବଡ଼ ବଡ଼ ମୁନିଆ କଣ୍ଟାଥିବା ବସିବା ଚୌକି



▲ ମନ୍ଦିର ସମ୍ମୁଖସ୍ଥ ଦ୍ୱାର ଓ ପାଚେରୀ

ହୋଇଛି ଶିଳ୍ପୀର ନିହଣମୁନରେ ଅତ୍ୟନ୍ତ ନିଖୁଣ ଓ ଚମତ୍କାର ଭାବେ ଖୋଦିତ ବିଷ୍ଣୁଙ୍କ ଅନନ୍ତଶୟନ ମୂର୍ତ୍ତି ଓ ଶିବଲିଙ୍ଗ । ଗୁମ୍ଫା ଭିତରେ ଅନ୍ୟ ଗୁମ୍ଫାକୁ ରାସ୍ତା । ତାହା ମଧ୍ୟଦେଇ ବି ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ହୁଏ । ସେହି ଅନ୍ଧାରି ସଂକୀର୍ଣ୍ଣ ଗୁମ୍ଫାରେ ବସବାସ କରନ୍ତି ଅସଂଖ୍ୟ ଚେମେଣି । ତା'ରି ଭିତରେ ଖୋଦିତ ଶିବଲିଙ୍ଗ ।

ସେଭଳି ସଂକୀର୍ଣ୍ଣ, ଅନ୍ଧାରି ଗୁମ୍ଫା ଭିତରେ ଶିଳ୍ପୀଟିଏ ଏତେ କଷ୍ଟ ସ୍ୱୀକାର କରି, ଅଣନିଶ୍ୱାସୀ ହୋଇ ଘଣ୍ଟା ଘଣ୍ଟା ଧରି ତାର ନିହଣର ଠୁକ୍‌ଠୁକ୍ ଶବ୍ଦରେ, ତା'ର କେଉଁ ଆକାଂକ୍ଷାକୁ ପ୍ରଶମିତ କରିଛି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଗୁମ୍ଫାର ଆହୁରି ଭିତରକୁ ଅନେକ ମୂର୍ତ୍ତି ଅଛି ବୋଲି ଗ୍ରାମବାସୀ ମତବ୍ୟକ୍ତ କରନ୍ତି ଯାହାକି ଅନୁସନ୍ଧାନ ସାପେକ୍ଷ । ସଂକୀର୍ଣ୍ଣ ସୁଡ଼ଙ୍ଗ ପଥ ଓ ଆଲୋକର ଅଭାବ ସାଧାରଣ ପର୍ଯ୍ୟଟକଙ୍କ ମନରେ ବନ୍ୟଜନ୍ତୁ ଓ ଅଣନିଶ୍ୱାସୀ ହେବାର ଭୟ ଉଦ୍ରେକ କରିବା ସ୍ୱାଭାବିକ । ଜଙ୍ଗଲ ପରିବେଷ୍ଟିତ ଏହି ପର୍ବତଟି କେତେ ଶହ ବର୍ଷତଳେ କେତେ ଅଗମ୍ୟ, ବିପଦପୂର୍ଣ୍ଣ ବନ୍ୟଜନ୍ତୁ ପରିବେଷ୍ଟିତ ହୋଇନଥିବ ସତେ ! ତଥାପି ଶିଳ୍ପୀଟି ତା'ର ନିହଣର ଆହ୍ୱାନକୁ ଟାଳି ଦେଇପାରିନି । ସାରା ପର୍ବତରେ ତାର କଳାର ପଦଚିହ୍ନ ଆଙ୍କିବାକୁ ସେ ଯେମିତି ଥିଲା ବଦ୍ଧ ପରିକର ଅବା ପ୍ରତିଶ୍ରୁତିବଦ୍ଧ ରାଜାଙ୍କ ସହ କିମ୍ବା କୌଣସି ଅଭିଷ୍ଟ ପୂରଣ ଲକ୍ଷ୍ୟରେ ନିଜର ହୃଦୟ ସହ ଚୁକ୍ତିବଦ୍ଧ ।

ଗୁମ୍ଫା ସମ୍ମୁଖରେ ଏକ ଅଳ୍ପ ଉଚ୍ଚ ବିଶାଳ ପଥର ଉପରେ ଖୋଦିତ ଅନେକ ବିଶାଳ ଶିବଲିଙ୍ଗ । ସବୁଠାରୁ ବଡ଼ ଶିବଲିଙ୍ଗଟି ପ୍ରାୟ ୫ ଫୁଟ ବିଶିଷ୍ଟ ଓ ଏକ ସର୍ପର କୁଣ୍ଡଳୀ ଉପରେ ଆସୀନ । ଲିଙ୍ଗ ଉପରେ ଫଣା ଟେକି ରହିଛି ପ୍ରସ୍ତରର ସର୍ପଟିଏ । ସାରା ଲିଙ୍ଗରେ ଅନେକ ସର୍ପ ଖୋଦିତ । ଏକାଧିକ ସର୍ପଦ୍ୱାରା ପରିବେଷ୍ଟିତ ଶିବଲିଙ୍ଗ । ପାର୍ଶ୍ୱରେ ଲଗାଲଗି ହୋଇ ଆହୁରି ଚାରିପାଞ୍ଚଟି ବଡ଼ବଡ଼ ଶିବଲିଙ୍ଗ ଓ ଅନେକ ଛୋଟଛୋଟ ଶିବଲିଙ୍ଗ । ହୁଏତ ବିରାଟ ପ୍ରସ୍ତରଖଣ୍ଡର ଅନେକ ଗୋଜିଆ ହୋଇ ମୁଣ୍ଡଟେକିଥିବା ଅସମାନ ପୃଷ୍ଠକୁ ରୂପ ଦେବାକୁ ଯାଇ ଶିଳ୍ପୀ ଅତି କମ୍ ସ୍ଥାନରେ ଏକାଧିକ ଶିବଲିଙ୍ଗ ସର୍ଜନା କରିବାର ପରିକଳ୍ପନା କରିଥାଇପାରେ । ଶିବଲିଙ୍ଗକୁ ଲାଗି ମା' ତାରିଣୀ, ମାତେଶ୍ୱରୀଙ୍କ ପ୍ରତିମୂର୍ତ୍ତି । ପାର୍ଶ୍ୱରେ ଏକ ବିରାଟ ବିଶାଳ ମୂର୍ତ୍ତି, ଅନନ୍ତ ଶୟନରେ ପ୍ରଭୁ ଜଗନ୍ନାଥ । ପାଖରେ ଲକ୍ଷ୍ମୀଙ୍କର ପ୍ରତିମୂର୍ତ୍ତି । ଅତି କମ୍ ସ୍ଥାନରେ ଗୋଟିଏ ପ୍ରସ୍ତରର ଉପରିଭାଗରେ ଅନେକ ଦେବାଦେବୀଙ୍କର ପ୍ରତିମୂର୍ତ୍ତି ନିର୍ମାଣ ଯେ କୌଣସି ବ୍ୟକ୍ତିକୁ ବିସ୍ମୟାଭିଭୂତ କରିଦିଏ । ଏଥିରେ ଶିଳ୍ପୀମାନେ ଭିନ୍ନଭିନ୍ନ ମୂର୍ତ୍ତି ନିର୍ମାଣରେ ନିଜର କଳାଚାତୁରୀ ପରଖିବାର ଆକାଂକ୍ଷା ନା ଏକାଥରକେ ସମସ୍ତ ଦେବାଦେବୀଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିବା ଲାଗି କେଉଁ ରାଜାରାଣୀଙ୍କର ନିର୍ଦ୍ଦେଶ, ତାହାର ବିବରଣୀ ସମୟ ଗର୍ଭରେ ବିସ୍ମୃତ । କିଏ ଦେବ ତାର ଉତ୍ତର ଏତେ ଶହ ବର୍ଷ ପରେ ?

ବର୍ତ୍ତମାନ ଏହିସବୁ ମୂର୍ତ୍ତି ଚତୁର୍ଦ୍ଦିଗରେ ଏକ ଗ୍ରୀଲ୍‌ର ବାଡ଼ା ଦିଆହୋଇଛି । କିନ୍ତୁ ଉପରିଭାଗରେ ଛାତ ନାହିଁ । ଶିଆଳି ଲତା ସତେ ଯେମିତି ଆଗଭର ହୋଇ ଅଣ୍ଟା ଭିଡ଼ିଛି, ପ୍ରାକୃତିକ ନିଚ୍ଚା ଛାତଟିଏ ତିଆରି କରିଛି, ସରକାରୀ କଳ ଅବା ବ୍ୟକ୍ତିବିଶେଷଙ୍କୁ ଅପେକ୍ଷା ନକରି । ସେ ତ ସାକ୍ଷୀ ସର୍ଜନାକାରୀର ସ୍ୱେଦବିନ୍ଦୁର, କଳାକାର ପ୍ରାଣର ବ୍ୟାକୁଳତାର, ପ୍ରତିଟି ସୃଷ୍ଟିର କଳାତ୍ମକ ଓ ଐତିହାସିକ ମୂଲ୍ୟର । ନିଚ୍ଚା ଛାତ ଯୋଗୁଁ ବ୍ୟକ୍ତିଟିଏ ସେଠାରେ ମୁଣ୍ଡ ନୁଆଁଇ ଠିଆ ହେବାକୁ ବାଧ୍ୟ ହୁଏ । ଏମିତି ବି କଳାର ମହନୀୟତା ନିକଟରେ, ଦୈବୀଶକ୍ତି ସମ୍ମୁଖରେ ଯୁଗେ ଯୁଗେ ମାନବ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛି ।

ଭିତରେ ଗେରୁଆ ବସ୍ତ୍ର ପରିହିତ, ଜଟାଧାରୀ ଦିସାରୀଟିଏ ବେଶ୍ ସରଳ ଭାବରେ ଫୁଲ, ଧୂପ, ଦୀପ, ଚାଉଳ, ନଡ଼ିଆ, ସିନ୍ଦୂର ଦେଇ ପୂଜା କରନ୍ତି । ଦୂରଦୂରାନ୍ତରୁ କେହି କେହି ନିଜର ପାରିବାରିକ ସମସ୍ୟା ନେଇ ଆସିଲେ, ଚାଉଳ ଓ ସିନ୍ଦୂର ଦେଇ ସମାଧାନ ଲାଗି ଆଶ୍ୱାସନା ଦିଅନ୍ତି । ଭିତରେ ଏକାଧିକ ବ୍ୟକ୍ତି ବସିବା କିମ୍ବା ଠିଆ ହେବାଲାଗି ସ୍ଥାନର ଅଭାବ । ଦିସାରୀ ଜଣକ ମୁଖ୍ୟତଃ ତାରିଣୀ ମା'ଙ୍କୁ ପୂଜା କରନ୍ତି । ତେଣୁ ବୋଧହୁଏ ସ୍ଥାନଟିର ନାମ ତାରିଣୀ ମନ୍ଦିର । କିନ୍ତୁ ପର୍ବତ ସାରା ଛୋଟବଡ଼ ସହସ୍ରାଧିକ ଶିବଲିଙ୍ଗ ହିଁ ଦେଖିବାକୁ ମିଳେ । ଲୋକେ କହନ୍ତି, ପର୍ବତ ସାରା ଏକ କୋଟି ଶିବଲିଙ୍ଗ ଭିନ୍ନ ଭିନ୍ନ ସ୍ଥାନରେ ରହିଛନ୍ତି । କିଛି ଆବିଷ୍କୃତ ଓ

ଆହୁରି କିଛି ଅନାବିଷ୍କୃତ । ଏକ କୋଟି ଶିବଲିଙ୍ଗ ଥିବା ହେତୁ ଗ୍ରାମଟିର ନାମ କୁଟୁଣୀପଦର । ଏମିତି ବି ହୋଇପାରେ ଗ୍ରାମଟି କଳାକାରମାନଙ୍କର ଗାଁ ଓ ପଥର କାଟି ମୂର୍ତ୍ତି କୁଟେଇବା କାମ କରୁଥିବାରୁ ସ୍ଥାନଟିର ନାମ କୁଟୁଣୀପଦର । 'ପଦର' ଅର୍ଥ ଗ୍ରାମ ।

ମନ୍ଦିରର ଡାହାଣ ପାର୍ଶ୍ୱକୁ ଅଳ୍ପକେତୋଟି ପାହାଚ ଲମ୍ବିଯାଇଛି ଉପରକୁ । ଉପରେ ଗୋଟିଏ ଛୋଟ ନୁଆଣିଆ ମାଟି କୁଡ଼ିଆ । ବାଉଁଶ ତାଟର କବାଟ । କୁଡ଼ିଆ ଭିତରେ ଠିଆ ହୋଇ ହୁଏନାହିଁ । କୁଡ଼ିଆ ଭିତରର ଦୃଶ୍ୟ ଯେ କୌଣସି ବ୍ୟକ୍ତିକୁ ବି ସ୍ତମ୍ଭୀଭୂତ କରିବାକୁ ଯଥେଷ୍ଟ । ସହସ୍ରାଧିକ ଖଣ୍ଡା ସେ ଭିତରେ ଗଚ୍ଛିତ । ଦିସାରୀଙ୍କ ମତରେ ତାର ସଂଖ୍ୟା ଏକ ହଜାର । ସବୁଗୁଡ଼ିକ କଳଙ୍କିର ଆଲିଙ୍ଗନରେ ବିବର୍ଣ୍ଣ । ତା'ସହ ଅନେକ ତ୍ରିଶୂଳ ବି ରହିଛି । ଗୋଟିଏ କାଠ ଚୌକିର ବସିବା ସ୍ଥାନରେ ମୁନିଆ, ଲମ୍ବା (ପ୍ରାୟ ଦଶ ସେ.ମି.) ଲୁହାକଣ୍ଟା ସବୁ ଉପରକୁ ମୁଣ୍ଡଟେକି ଯେମିତି କୌଣସି ରହସ୍ୟର ଉନ୍ମୋଚନ କରିବାକୁ ଆମନ୍ତ୍ରଣ କରୁଛି । କେତୋଟି ସିମେଣ୍ଟର ଲମ୍ବା ପ୍ଲେଟରେ ସେହିଭଳି ଲମ୍ବା ଓ ତୀକ୍ଷ୍ଣ ସହସ୍ରାଧିକ ଲୁହା କଣ୍ଟା ମୁଣ୍ଡଟେକି ଇତିହାସର କୌଣସି ବର୍ବରୋଚିତ ଫର୍ଦ୍ଦକୁ ଘୋଷଣା କରୁଥିଲା ଅଥବା ଦୈବୀପୀଠର କୌଣସି କଷ୍ଟଦାୟକ ପରମ୍ପରାର ସ୍ମୃତିବହନ କରି ପଡ଼ିରହିଥିଲା ଉତ୍ତର ପିଢ଼ୀର ଗବେଷଣା ସକାଶେ ।

ଦିସାରୀକୁ ପଚାରନ୍ତେ ତାର ଇତିହାସ ବିଷୟରେ ତାଙ୍କର ପିତା ମଧ୍ୟ ବିଶେଷ ଜାଣିନଥିବା ଓ ପିତା ମଧ୍ୟ ତାଙ୍କ ବାଲ୍ୟକାଳରୁ ଏହି ଅବସ୍ଥାରେ ସମସ୍ତ ଜିନିଷକୁ ଦେଖି ଆସୁଥିବା ଓ ପୂଜି ଆସୁଥିବା କହିଥିଲେ । ତଥାପି ବଂଶ ପରମ୍ପରା କ୍ରମେ ଶୁଣି ଆସୁଥିବା କଥାକୁ ଦୋହରାଇଥିଲେ ଯେ "ସେଠାରେ ପୂର୍ବେ ଦେବୀଙ୍କ ଆଗରେ ଜୀବବଳି ଦିଆଯାଉଥିଲା ଏହି ଖଣ୍ଡାମାନଙ୍କ ଦ୍ୱାରା । ପର୍ବତ ଶିଖରରେ ବ୍ରହ୍ମାଙ୍କର ଖୋଦିତ ମୂର୍ତ୍ତି ରହିଛି । ତାଙ୍କ ନିର୍ଦ୍ଦେଶରେ ମାତା ପରିଚାଳିତ । ଯେବେ ତାରିଣୀମାତା କ୍ରୋଧ ହୁଅନ୍ତି, ରାୟଗଡ଼ାର ମାଝିଗୌରୀ ମା', କୋରାପୁଟର ମୁତ୍ୟାଲୁମା, ନବରଙ୍ଗପୁରର ଭଣ୍ଡାରଘରଣୀ ମା', ଉମରକୋଟର ପେଣ୍ଡ୍ରାଣୀ ମା' ଆଦି ବିଭିନ୍ନ ଅଞ୍ଚଳର ଦେବୀଙ୍କ ମନରେ ମଧ୍ୟ ଏହାର ପ୍ରତିକ୍ରିୟା ସୃଷ୍ଟି ହୁଏ ଓ ସେମାନେ ଭକ୍ତଙ୍କୁ ତାଙ୍କର କ୍ରୋଧ ପ୍ରଦର୍ଶନ କରନ୍ତି । ଆଜିକାଲି ଦେବୀ ରକ୍ତ ଚାହୁଁନାହାନ୍ତି । ନଡ଼ିଆ ପାଣିରେ ସନ୍ତୁଷ୍ଟ । ପ୍ରତି ବର୍ଷ ବୈଶାଖ ମାସରେ ଗାଁରେ ତାରିଣୀ ଯାତ୍ରା ହୁଏ । ସେତେବେଳେ ଏହି ଖଣ୍ଡାସବୁ ବାହାରକୁ ବାହାରେ ଓ ଗାଁରେ ପ୍ରତ୍ୟେକ ଘର ସମ୍ମୁଖକୁ ଯାଇ ପୂଜା ପାଏ । ତୀକ୍ଷ୍ଣ କଣ୍ଟା ଲାଗିଥିବା କାଠଚୌକି ଉପରେ ପୂର୍ବେ କାଳେସୀ ଲାଗୁଥିବା ବ୍ୟକ୍ତି ବସୁଥିଲେ ଓ ଲୋକଙ୍କୁ ହୁକୁମ୍ ଦେଉଥିଲେ । ଲୁହାକଣ୍ଟା ଲାଗିଥିବା ପ୍ଲେଟ୍ ଉପରେ ଭକ୍ତମାନେ ଚାଲୁଥିଲେ ଓ ଦୈବୀଶକ୍ତିର ନିଦର୍ଶନ ସ୍ୱରୂପ ଅକ୍ଷତ ଅବସ୍ଥାରେ ଓହ୍ଲାଇ ଆସୁଥିଲେ ।"

ଭ୍ରମଣ କାହାଣୀ ଲେଖକ ପ୍ରିୟବ୍ରତ ପାତ୍ର କିନ୍ତୁ ଭିନ୍ନ ମତ ପୋଷଣ କରନ୍ତି । ସେ କହନ୍ତି, ନନ୍ଦପୁର ରାଜା ଓ ବିଜୟନଗରମ୍ ରାଜାଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିବା ସମୟରେ ଗୋଟିଏ ପକ୍ଷର ଏକ ହଜାର ସୈନିକ ଗଭୀର ରାତ୍ରୀରେ ନିଦ୍ରାଗତ ଥିବା ସମୟରେ ନିରନ୍ଧ୍ର ଅନ୍ଧକାରର ସୁଯୋଗ ନେଇ ଅପରପକ୍ଷର ସୈନ୍ୟମାନେ ସେମାନଙ୍କର ଶିରଚ୍ଛେଦନ କରିଥିଲେ । ଯୁଦ୍ଧର ନିୟମ ଭଙ୍ଗକରି ନିଦ୍ରିତାବସ୍ଥାରେ ଥିବା ସୈନିକମାନଙ୍କ ଉପରେ ଅସ୍ତ୍ର ଉଠେଇବା ଗ୍ଲାନି ସ୍ୱରୂପ ରାଜାଙ୍କ ନିର୍ଦ୍ଦେଶରେ ମୃତ ଏକ ହଜାର ସୈନିକଙ୍କର ଖଣ୍ଡାକୁ ହୁଏତ ସେହି ପାହାଡ଼ର ଏକ ଖୋଲରେ ଜନମାନସର ଅଗୋଚରରେ ଗୁପ୍ତ ଭାବେ ରଖା ଯାଇଥିବ । ତେଣୁ ତାହାର ଇତିହାସ କେଉଁଠାରେ ଲିପିବଦ୍ଧ ହୋଇ ରହିନାହିଁ । ତେବେ ସେହି ଖଣ୍ଡାଗୁଡ଼ିକର ନିର୍ମାଣ କେଉଁ ସମୟର ଓ କେଉଁ କାର୍ଯ୍ୟର ସେ ମୂକସାକ୍ଷୀ, ତାହା ପ୍ରତ୍ନତତ୍ତ୍ୱବିତ୍ ଓ ଐତିହାସିକମାନଙ୍କର ଗବେଷଣା ସାପେକ୍ଷ । ହୁଏତ ଉଚିତ ଗବେଷଣା ପରେ ସେହି ମୂକଖଣ୍ଡା ସବୁ ବଖାଣିପାରନ୍ତି ପ୍ରତ୍ୟେକ ଟୋପା ରକ୍ତର କାହାଣୀ; ଯୁଦ୍ଧଭୂମିର ଅବା ସଂକୀର୍ଣ୍ଣ ପରମ୍ପରାର ।

ଭୌଗୋଳିକ ଦୃଷ୍ଟିକୋଣରୁ ସ୍ଥାନଟି ସେନା ଛାଉଣୀ ପାଇଁ ଉତ୍କୃଷ୍ଟ ମନେହୁଏ । ବୋହି ଯାଉଥିବା ଝରଣା, ଗ୍ରାମର ଚତୁଃପାର୍ଶ୍ୱରେ ଥିବା ସୁଉଚ୍ଚ ପର୍ବତ, ପର୍ବତ



▲ କୁଡ଼ିଆ ମଧ୍ୟରେ ଥିବା ପ୍ରଚୁର ସଂଖ୍ୟକ ପୁରାତନ କଳଙ୍କିଲଗା ଖଣ୍ଡା



▲ କୁଡ଼ିଆ ମଧ୍ୟରେ ଥିବା ପ୍ରଚୁର ସଂଖ୍ୟକ ପୁରାତନ କଳଙ୍କିଲଗା ଖଣ୍ଡା



▲ ରାସ୍ତା ଠାରୁ ମନ୍ଦିର ପର୍ଯ୍ୟନ୍ତ ଲମ୍ବିଥିବା ପାହାଚ ଓ ପାହାଚ



ପାହାଡ଼ ଉପରେ ଖୋଦିତ ଶ୍ରୀଜଗନ୍ନାଥଙ୍କ ଅନନ୍ତ ଶୟନ ମୂର୍ତ୍ତି

ମଧ୍ୟରେ ଥିବା ଅନେକ ପ୍ରାକୃତିକ ଖୋଲ ଓ ଗୁମ୍ଫା ହୁଏତ ସେତେବେଳେ ସେନା ଛାଉଣୀଟିଏ ପାଇଁ ସୁହାଇଥିବ । ମହଜୁଦ୍ ଥିବା ଅନେକ ଖଣ୍ଡା ଏହାର ନିଦର୍ଶନ ହୋଇପାରେ ।

ପାହାଡ଼ ଉପରୁ ଦେଖାଯାଏ ପୁରା କୁଟୁଣୀପଦର ଗାଁର ଧାଡ଼ି ଧାଡ଼ି ଘର, ସୋଲାର ବ୍ୟାଟେରୀ ଦ୍ୱାରା ପରିଚାଳିତ ଟ୍ୟୁବ୍‌ୱେଲ୍, ପାଣି ଟାଙ୍କି, ଗାଁ ମଧ୍ୟଦେଇ ଯାଇଥିବା ଝରଣା ଜଳରେ ସ୍ନାନରତ ଗ୍ରାମବାସୀ ଓ ଛୋଟ ଛୁଆ । ହସୁଥାଏ ସମ୍ମୁଖରେ ଥିବା ନୀଳ ପର୍ବତମାଳା ତା' ଗର୍ଭରେ ଲୁକ୍‌କାୟିତ ଥିବା ଅନେକ ଭାସ୍କର୍ଯ୍ୟକୁ ଆବିଷ୍କାର କରିବାର ଆହ୍ୱାନ ଦେଇ ।

ଗାଁରେ ପ୍ରାୟ ସତୁରୀ ଘର । କିଛି ପକ୍କା ଓ କିଛି ମାଟିଘର । ମାଟିଘର ଗୁଡ଼ିକ ବି ବିଭିନ୍ନ ରଙ୍ଗରେ ରଙ୍ଗୀନ୍ ଚିତ୍ରପଟ ଟିଏ ଭଳି । ଗାଁରେ ତିନିଶହ ପାଖାପାଖି ବ୍ୟକ୍ତି । ଧାନ, ମାଣ୍ଡିଆ, ମକା ଚାଷ କରନ୍ତି । ଅନେକ ନିକଟବର୍ତ୍ତୀ ସହରମାନଙ୍କରେ ବ୍ୟବସାୟ କରନ୍ତି । ରସ ବାସନକୁସନ ବିକ୍ରୀ କରନ୍ତି ଅନେକ । ଗାଈ, ଘୁଷୁରୀ, କୁକୁଡ଼ା ଚାଷ କରନ୍ତି । ପାଣିର ଅଭାବ ଅନୁଭବ କରନ୍ତି ନାହିଁ । ଗାଁ ଆରମ୍ଭରେ ଦୋକାନଟିଏ । ଅତ୍ୟାବଶ୍ୟକୀୟ ଜିନିଷ ବ୍ୟତୀତ ସଲପ ବି ବିକ୍ରୀ ହୁଏ । ନିଜ ଇଚ୍ଛା ମୁତାବକ ଯେ କୌଣସି ସମୟରେ କେତୋଟି ମୁଦ୍ରା ବିନିମୟରେ ନିଜକୁ ଭୁଲିବାର ଆନନ୍ଦ ଗ୍ରାମବାସୀ ନେଇପାରନ୍ତି ।

ଗାଁ ଅତିକ୍ରମ କରି ଚାଷଜମି ମଧ୍ୟଦେଇ ଅଧ କିଲୋମିଟର ଚାଲିଚାଲି ଗଲାପରେ ଡାହାଣ ପଟେ ପଡ଼େ ଏକ ସୁଉଚ୍ଚ ପର୍ବତମାଳା । ସେହି ପର୍ବତ ଉପରେ ଅନେକ ଛୋଟ ଛୋଟ ଗୁମ୍ଫା । ପାହାଡ଼ ଉପରକୁ ଚଢ଼ିବାକୁ କୌଣସି ରାସ୍ତା ନାହିଁ । ଅମଡ଼ା ବାଟରେ ବଣଲତା ଆଡ଼େଇ ଆଡ଼େଇ ଅତ୍ୟନ୍ତ ସତର୍କତାର ସହିତ ପର୍ବତ ଉପରକୁ ଉଠିବାକୁ ହୁଏ । କୌଣସି ମୁହୂର୍ତ୍ତରେ ବି ପାଦ ଖସିବାର ସମ୍ଭାବନା ଥାଏ । ପର୍ବତ ଉପରେ ବିରାଟ ଏକ ଗଛ ତଳେ ଗୁମ୍ଫା । ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ହୁଏ ଭିତରକୁ । ପୂର୍ବେ ଗୁରୁଣ୍ଡି ଗୁରୁଣ୍ଡି ମଧ୍ୟ ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉନଥିଲା, ମୁଣ୍ଡ ବାଜୁଥିଲା ପ୍ରସ୍ତର ଦେହରେ । ବର୍ତ୍ତମାନ ପ୍ରବେଶ ଦ୍ୱାରକୁ କାଟି ଟିକିଏ ପ୍ରଶସ୍ତ କରିବା ଫଳରେ ଗୁରୁଣ୍ଡି ଗୁରୁଣ୍ଡି ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଛି ।

ଭିତରେ ଖୋଦିତ ଶିବଲିଙ୍ଗ । ଆଶ୍ଚର୍ଯ୍ୟ ଲାଗିଲା, ଶିଳ୍ପୀଟିଏ ଏତେ କଷ୍ଟ ସ୍ୱୀକାର କରି ପର୍ବତର ଏତେ ଉଚ୍ଚକୁ ଉଠି, ସଂକୀର୍ଣ୍ଣ ଖୋଲ ମଧ୍ୟରେ କାହିଁକି, କେଉଁ ଉଦ୍ଦେଶ୍ୟରେ ଲିଙ୍ଗଟିଏ ରୂପ ଦେଇଛି ନିହଣ ମୁନରେ ? ଭିତରେ ବସି କରି ହିଁ ଠାକୁର ଦର୍ଶନ କରିହୁଏ । ଗ୍ରାମବାସୀଟିଏ ନିତି ପର୍ବତ ଉପରକୁ ଆସି ପୂଜା କରିଯାଏ । ଏହିଭଳି ଅନେକ ଗୁମ୍ଫା ପର୍ବତ ସାରା । ସେହି ପର୍ବତ ଉପରେ ଠିଆ ହେଲେ ସମ୍ମୁଖରେ ଦେଖାଯାଏ, ଏହାଠାରୁ ବି ଅଧିକ ଉଚ୍ଚ ଏକ ବିସ୍ତୃତ ପର୍ବତମାଳା ।

ଗ୍ରାମବାସୀମାନେ କହନ୍ତି, ସେଠାରେ ବିଶାଳ, ପ୍ରଶସ୍ତ ଗୁମ୍ଫାଟିଏ ଅଛି । ସମସ୍ତ ଗ୍ରାମବାସୀଙ୍କୁ ଧରିପାରିଲା ଭଳି ପ୍ରଶସ୍ତ କ୍ଷେତ୍ର । ଗୁମ୍ଫା ମଧ୍ୟରେ ପାହାଚ ଓ ତାର ଅପର ପାର୍ଶ୍ୱରେ ବିଶାଳ ଶିବଲିଙ୍ଗ ।

ସେଠାକୁ ଯିବା ସେହି ସମୟରେ ସମ୍ଭବପର ନଥିଲା । ସେହି ପର୍ବତର ଅପର ପାର୍ଶ୍ୱରେ ଥିବା ଘୁଷୁରାଗୁଡ଼ା ଗ୍ରାମ ମଧ୍ୟ ଦେଇ ସେହି ଗୁମ୍ଫାକୁ ଯିବା କିଛି ମାତ୍ରାରେ ସହଜସାଧ୍ୟ ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

ସେହି ପର୍ବତକୁ ଦୂରରୁ ଦେଖି, ପୁଣି କେବେ ଆସିବାର ପ୍ରତିଶ୍ରୁତି ଦେଇ ଫେରିଲି । ମେ' ମାସର ଟାଣ ଖରାରେ ସୁଉଚ୍ଚ ପର୍ବତ ଚଢ଼ିବା ଓ ଓହ୍ଲାଇବା ପରେ ଭୀଷଣ ଭୋକ ଓ କ୍ଲାନ୍ତି ଅନୁଭୂତ ହେଉଥିଲା । ଗ୍ରାମବାସୀଙ୍କର ଆତ୍ମୀୟତା, ସହଯୋଗ ଓ ମାର୍ଗଦର୍ଶନ କରିବାର ଉତ୍ସୁକତା ହୃଦୟରେ ରେଖାପାତ କରେ । ଗାଁ ମୁଣ୍ଡରେ ଥିବା ନିଶାଣୀମୁଣ୍ଡାରେ ହାତଯୋଡ଼ି ପ୍ରାର୍ଥନା କଲି, "ଗ୍ରାମବାସୀଙ୍କର ସୁଖ, ଶାନ୍ତି ଓ ସୁନ୍ଦର ମନ ବଳବତ୍ତର ରହିଥାଉ ଯୁଗ ଯୁଗ ଲାଗି ।" ହାତ ହଲାଇ ବିଦାୟ ଜଣାଉଥିଲେ ନିତ୍ୟାନନ୍ଦ, ପ୍ରମୋଦ ଆଦି ଗ୍ରାମବାସୀ ।

ଆଗରେ ଦିଶୁଥିଲା ସବୁଜ ମାଣ୍ଡିଆ କ୍ଷେତ, ହଳଦିଆ ସୂର୍ଯ୍ୟମୁଖି କ୍ଷେତ ଆଉ କଳ କଳ ବୋହି ଯାଉଥିବା ପାହାଡ଼ି ଝରଣାର ଧାର । ଆଶଙ୍କା ହେଉଥିଲା, ମନ୍ଦିରର ପୁନରୁଦ୍ଧାର; ସ୍ଥାନଟି ସହ ପରିବହନର ପର୍ଯ୍ୟାପ୍ତ ସୁବିଧା, ପର୍ବତ ଖୋଲ ଉପରକୁ ପାହାଚ ନିର୍ମାଣ, ସହରୀ ଦୋକାନ ବଜାରର ସ୍ପର୍ଶ, ସଂସ୍କୃତ ଶ୍ଲୋକ ବୋଲି ପୂଜାବିଧି ଜାଣିଥିବା ପୂଜକଟିଏ ନିଯୁକ୍ତ ପରେ କୁଟୁଣୀପଦର ତାର ମୌଳିକତା ରକ୍ଷା କରିପାରିବ ତ ? ପର୍ଯ୍ୟଟକଟିଏ ଅତୀତର ରହସ୍ୟମୟ ପୃଷ୍ଠା ଖୋଲି ପଢ଼ିବାର ଦୁର୍ବାର ଆଗ୍ରହକୁ କୁଟୁଣୀପଦର ବଜାୟ ରଖିପାରିବ ତ ? ?

କୋରାପୁଟ
ଫୋନ୍ : ୯୪୩୭୭୮୩୫୧୫

# ପୂତନା କିଏ ?

ସତ କହିବି ତ ମୋ’ ପୂତନା ଭାଗବତର ସେଇ ବାଳଘାତିନୀ ରାକ୍ଷସୀ ପୂତନା ନୁହେଁ । ସେ ଗୋଟେ ସମାଜ ନିଗୃହୀତା ସାଧାରଣ ନାରୀ ! ତେବେ ପୁରାଣର ସେଇ ଦାନବୀ ପୂତନା ଚରିତ୍ର ଭିତରୁ ଦିନେ ମୁଁ ଖୋଜି ପାଇଥିଲି ମୋ’ କାବ୍ୟର ନାୟିକା ! ସେତେବେଳେ ପୂତନା ଥିଲା ରକ୍ଷରାଜ ଦାନବୀର ବଳିରାଜାଙ୍କ ଅଲିଅଳି କନ୍ୟା ରତ୍ନମାଳା । ଯେଉଁ ରତ୍ନମାଳା ବାମନରୂପୀ ବିଷ୍ଣୁ ଭଗବାନଙ୍କର ମୁନିମନଭୁଲା ରୂପଶୋଭା ଦେଖି ମାତୃତ୍ୱ ଭାବନାରେ ଆତ୍ମହରା ହୋଇ ପଡ଼ିଥିଲା ଏବଂ କୃଷ୍ଣଙ୍କୁ କୋଳରେ ଧରି ସ୍ତନ୍ୟ ପିଆଇବାର ପବିତ୍ର ଭାବନାରେ ଏପରି ମଜ୍ଜି ଯାଇଥିଲା ଯେ, ତା’ର ଅଭିଆଡ଼ୀ ଛାତିର କୁଚକୁମ୍ଭରୁ ଝରି ପଡ଼ିଥିଲା ସୁଧାବିନ୍ଦୁ ପରି କ୍ଷୀର ଦୁଇଟୋପା !

କିନ୍ତୁ ଏପରି ପବିତ୍ର ମନ ଯେଉଁ ନାରୀର, କେଉଁ ଅପରାଧ ପାଇଁ ପର ଜନ୍ମରେ ତାକୁ ଏମିତି କ୍ରୂରା ନିଷ୍ଠୁରା ଏକ ବିଷକନ୍ୟା ସଜେଇ ଦିଆଗଲା, ଏହାର ରୂପକଳ୍ପିକ ଅର୍ଥ ବିଷୟରେ ଏ ପର୍ଯ୍ୟନ୍ତ ମୁଁ ସନ୍ଦିହାନ୍ ରହିଛି । ସେଥିପାଇଁ ବର୍ଷ ବର୍ଷ ଧରି ବିଭିନ୍ନ ପୁରାଣ ଭିତରୁ ଏହାର ଯଥାର୍ଥ ଉତ୍ତର ଖୋଜିଚି । କିନ୍ତୁ ନାନାକଥା ଉପକଥାର ବୁଢ଼ିଆଣୀ ଜାଲ ଭିତରେ ଛନ୍ଦି ହେବା ଛଡ଼ା ଅଧିକ କିଛି ଲାଭ ମୁଁ ପାଇନାହିଁ ।

ଗୋଟେ ନାରୀକୁ ମିଥ୍ୟା ଅପବାଦ ଦେଇ ନାଗୁଣୀ ସଜେଇବାରେ ଆମ ସମାଜ ବେଶ୍ ଧୁରନ୍ଧର । ଯୁଗ ଯୁଗ ଧରି ଏପରି ଘଟି ଆସିଚି । ଆଜି ବି ଆମ ଶିକ୍ଷିତ ସମାଜରେ ନାରୀକୁ ରାକ୍ଷସୀ ରୂପେ ଚିତ୍ରଣ କରାଯାଏ ! ତାକୁ ଡାହାଣୀ ବୋଲି କହି କେତେ ନିନ୍ଦା ଅପବାଦର କାଦୁଅ ତା’ ଉପରକୁ ଫିଙ୍ଗାଯାଏ ! ଓଡ଼ିଶାର ବହୁ ଆଦିବାସୀ ସମାଜରେ ଏପରି ଧାରଣା ଅତି ଉତ୍କଟ ! ଗାଆଁରୁ ବାସନ୍ଦ କରିବା, ନିଆଁ ପାଣି ଅଟକ କରିବା ଠାରୁ ତାକୁ ଉଲଗ୍ନ କରି ମାଡ଼ ଦେବା ଓ ବିଷ୍ଠା ଖୁଆଇବା ଭଳି ଅତି କୁତ୍ସିତ ଦଣ୍ଡ ଦିଆଯାଏ !

ପିଲାଦିନେ ମୁଁ ଦେଖିଚି ଆମ ଗାଆଁର ଗୋଟେ ସ୍ତ୍ରୀଲୋକକୁ କଞ୍ଚା ଡାହାଣୀ କହି କେତେ ନିର୍ଯ୍ୟାତନା ଦିଆ ଯାଉଥିଲା । ସେ କୁଆଡ଼େ ରାତି ଅଧରେ ଉଧୁନଙ୍ଗଳା ହେଇ ଗୋଡ଼ ଦି’ଟା ଉପରକି ଟେକି ଗୁହ ଚରେ ! ସେହି ଅବସ୍ଥାରେ ତାକୁ କେହି କେହି ଦେଖିଥିବାର ଦାବି ମଧ୍ୟ କରନ୍ତି । ତେଣୁ ଗାଆଁଦାଣ୍ଡରେ ଦୀନା ବୋଉ ଆସୁଥିବାର ଦେଖିଲେ ଗାଆଁ ମାଇପେ ନିଜ ନିଜର ପିଲାଛୁଆଙ୍କୁ ଘର ଭିତରେ ପୂରେଇ ଦରଜା କିଳିଦିଅନ୍ତି ।

ଆଜି ବି କଥାକଥାକେ ପୁରୁଷମାନେ ନାରୀକୁ ଅଲକ୍ଷଣୀ କହି ଗାଳି ଦିଅନ୍ତି । ଯେତେ ଧନ ଅର୍ଜିଲେ ବି ତା’ରି ପାଇଁ ତା’ଘରୁ କୁଆଡ଼େ ଲକ୍ଷ୍ମୀ ପଳେଇ ଯାଆନ୍ତି ବୋଲି କେତେ ଛିଗୁଲେଇ ଆରୋପ ଲଗାନ୍ତି । ରୋଗ ବାଧକାରେ ପଡ଼ି ଯଦି କଅଁଳା ନାତିଟା ମରିଗଲା, ତେବେ ଶାଶୁବୁଢ଼ୀ ବୋହୂଟାକୁ ‘ପୁତୁଖାଇ’ ବୋଲି କହି କେତେ ଖୁଣ୍ଟା ଦିଏ ! ସାବତ ମାଆଟି ଯେତେ ଭଲ ହେଲେ ମଧ୍ୟ ତାକୁ ସବୁବେଳେ ହୀନଦୃଷ୍ଟିରେ ଦେଖାଯାଏ ଏବଂ ତା’ର ମାତୃତ୍ୱକୁ ବାରମ୍ବାର ସନ୍ଦେହ କରାଯାଏ ! ଯୋଉ ନାରୀଟିର ପିଲାପିଲି ହୁଅନ୍ତିନି, ଜାଣ ତା’ର କପାଳ ଫାଟିଲା ! ଦିନରାତି ତାକୁ ନାନା ଗଞ୍ଜଣା ସହିସହି ବଞ୍ଚିବାକୁ ପଡ଼େ । ଗାଆଁର କୌଣସି ଶୁଭ କାର୍ଯ୍ୟରେ ତା’ର ଉପସ୍ଥିତିକୁ ସମ୍ପୂର୍ଣ୍ଣ ବାରଣ କରାଯାଏ । ଏମିତି ଦେଖିଲେ କେବଳ ଗୋଟିଏ ପୂତନା ନୁହେଁ, ବିନା ଦୋଷରେ ଅସଂଖ୍ୟ ପୂତନା ଯୁଗଯୁଗ ଧରି ଅସରନ୍ତି ନିନ୍ଦା ଅପବାଦ ଭିତରେ ସନ୍ତୁଳି ହୋଇ ଜୀବନ ବିତାନ୍ତି । ଆଜିର ଆଧୁନିକ ଶିକ୍ଷିତ ସମାଜ ମଧ୍ୟ ଏଭଳି ଅନ୍ଧବିଶ୍ୱାସର ଧୂମ୍ର କୁହେଳିକା ମଧ୍ୟରୁ ତଥାପି ମୁକ୍ତ ନୁହେଁ– ଏକଥା ସମସ୍ତେ ଜାଣନ୍ତି !

ତେବେ ଦୁନିଆରେ ଆଲୋକ ଅନ୍ଧାର ଯେମିତି ସତ୍ୟ, ପୂତନାର ଅଭିଶପ୍ତ ଜୀବନ ଭିତରେ ସେମିତି ମୁଁ ଦେଖିଚି ପ୍ରେମ ଓ ନିଷ୍ଠୁରତାର ମିଶ୍ରରାଗ । ଯାହା ସାଧାରଣତଃ ସବୁ ନାରୀଙ୍କ ଭିତରେ କମ୍ ବହୁତ ରହିଥାଏ । ନାରୀର ଗୋଟିଏ ରୂପ ମହମହ ବାସଚନ୍ଦନ ହେଲେ ଅନ୍ୟ ରୂପଟି ଡହଡହ ଖରାର ଉତ୍ତପ୍ତ ଅଙ୍ଗାର ! ମୋର ଚେତନାରେ ‘ପୂତନା’ର ରାକ୍ଷସୀ ରୂପଟି ଯେଉଁ ଦୁଃସହ ଜ୍ୱାଳା ସୃଷ୍ଟି କରେ, ତା’ର ‘ରତ୍ନମାଳା’ ରୂପଟି ବାସଚନ୍ଦନର ଶୀତଳ ପ୍ରଲେପ ପରି ପ୍ରାଣର ସକଳ ପୀଡ଼ାକୁ କୁଆଡ଼େ ହରଣ କରି ନିଏ ! ଗୋଟେ ଅଭିଶପ୍ତ ନାରୀର ପ୍ରାଣ ଭିତରେ ସତେ ଯେମିତି ନିର୍ମଳ ସ୍ନେହର କୁଳୁକୁଳୁ ଝରଣାଟିଏ ପ୍ରବାହିତ ହେଉଥାଏ ।

ମୋ’ ବିଚାରରେ ‘ପୂତନା’ ଏକ ନାରୀ ନୁହେଁ, ବରଂ ଏକ ସୁଦୀର୍ଘ ପରମ୍ପରା ! ତା’ର ମନସ୍ତାତ୍ତ୍ୱିକ ଚିତ୍ତଭୂମିରେ ମହତ୍ତର ଅଭିଳାଷର ଯେଉଁ ସଙ୍କେତ ରହିଛି, ତାହା କେବେ ହେଲେ ତା’ର ସଂଯମ ଶୃଙ୍ଖଳାକୁ ଭାଙ୍ଗି ନିଜର ମାତ୍ରାଧିକ ଉଗ୍ରତା ପ୍ରଦର୍ଶନ କରେନା ।



କବି ସେନାପତି ପ୍ରଦ୍ୟୁମ୍ନକେଶରୀ ▶

## ପୁନଶ୍ଚ ପୂତନା

ସେନାପତି ପ୍ରଦ୍ୟୁମ୍ନକେଶରୀ

ତୁମେ ପରା ସେଇ କାଠ ?
ଯିଏ ନିଜେଇ ନିଜକୁ
ବାରମ୍ବାର ହାଣୁଥାଏ
ନିଜେ ହୋଇ କୁରାଢ଼ୀର ବେଣ୍ଟ !

ଅସନା ବକଳଯାକ ଛେଲି ଛଡ଼େଇ
ଏ ଦିହକୁ କରିଦିଅ
ଘିଅ ପରି ସୁନ୍ଦର ଚିକ୍‌କଣ ।

ଦିନେ ଯୋଉ ବିଭତ୍ସତା ଥିଲା
ମୋର ଚର୍ମରେ ଲୋମରେ
ଯୋଉ ଲୋଲୁପତା ଥିଲା
ମୋର ଆଖିରେ ଓଠରେ
ଯୋଉ କଠୋରତା ଥିଲା
ମୋର ହସରେ ଭାଷାରେ



ଥରେ ଭାବନ୍ତୁ ତ, ଚିର ଉପେକ୍ଷିତା ସେଇ ନାରୀଟିର ଜୀବନରେ ପାର୍ଥିବ କ୍ଳେଶର ଅନିବାର୍ଯ୍ୟତା ସତ୍ତ୍ୱେ କେମିତି ଭରି ରହିଚି ଏକ ପରିପୂର୍ଣ୍ଣ ମାତୃଛାୟା ! ସକଳ ନିଃସ୍ୱତାରୁ ପରିପୂର୍ଣ୍ଣତାକୁ ଯିବାର ବ୍ୟାକୁଳ ସାଧନା କ'ଣ ସହଜ କଥା ? ବ୍ୟକ୍ତିକ ଅନୁଭବକୁ ସମୂହ ଅନୁଭବରେ ରୂପାନ୍ତରିତ କରିବା ଲାଗି ପୂତନା ବୋଧେ ପୂତନାମାନଙ୍କ ପାଇଁ ଏକ ଦିବ୍ୟ ପ୍ରେରଣା ! ତା'ର ଏକାକୀତ୍ୱ, ଶୂନ୍ୟବୋଧ ସମାନ୍ତରାଳ ଭାବରେ ଏକ ଦୂରନ୍ତ ଅଭିମାନକୁ ପାଥେୟ କରି ଗତିଶୀଳ ହେଉଛି ସତ, କିନ୍ତୁ ସମସ୍ତ ପ୍ରକାର କୁତ୍ସିତତାକୁ ପରିହାର କରି ଏକ ମଧୁର ସୁନ୍ଦରତା ପ୍ରତି ତା'ମନରେ କି ଦୁର୍ବାର ଆକର୍ଷଣ ସତରେ ! ତାହା ତା'ର ପ୍ରତିଟି ଅଶ୍ରୁଟୋପା, ଦୀର୍ଘଶ୍ୱାସ ଓ ତୀବ୍ର ହାହାକାର ଭିତରୁ ସହଜରେ ବୁଝି ହୁଏ ।

ସେ ଜାଣେ, ସେ ନିହାତି ଅସୁନ୍ଦରୀ । କାଳି କୁତୁରୀ । ତାର ଶରୀର ଗଢ଼ଣ ଏତେ କୁତ୍ସିତ କଦାକାର ଯେ, ସବୁବେଳେ ଗୋଟେ ଅପରାହତ ହୀନମନ୍ୟତା ତାକୁ ଦଂଶନ କରି ଚାଲିଛି । ତେଣୁ ତା'ଜୀବନର ପ୍ରେମ, ବିବାହ ଏବଂ ସନ୍ତାନ ସୁଖ ଏକ ଦିବାସ୍ୱପ୍ନ ହୋଇ ରହିଯାଇଛି । ଅଧିକାରର ଦାବି ତା' ପାଇଁ ନିଷିଦ୍ଧ । ଜୀବନ ଓ ସ୍ୱପ୍ନ ତା' ପାଇଁ ସତେ ଯେମିତି ଆକାଶ କଇଁଆ ଚିଲିକା ମାଛ ! ଅସଂଖ୍ୟ ମନଗଢ଼ା ଆରୋପ ଭିତରେ ସେ ତମାମ୍ ଜୀବନ ଶ୍ୱାସରୁଦ୍ଧ !

ମୋ' ପୂତନା ନିଜକୁ ଗୋଟାପଣେ ଭଲ ବୋଲି କେବେ ବି ଦାବି କରେନା । ଅନ୍ୟ କାହା ଅଧିକାରକୁ ଛଡ଼େଇ ନେଇ ତାକୁ ସର୍ବସ୍ୱାନ୍ତ କରିବାକୁ କେବେ ବି ଚାହେଁନା । ବରଂ ସକଳ ଅପବାଦର ଊର୍ଦ୍ଧ୍ୱରେ ଗୋଟେ ନାରୀ ଜୀବନର ପରିପୂର୍ଣ୍ଣ ସ୍ୱପ୍ନକୁ ଛାତିତଳେ ସାଇତି ସେ ନିଜର ସବୁ କିଛିକୁ ବାଜି ଲଗେଇ ଦେବାକୁ କେବେ ପଶ୍ଚାତ୍‌ପଦ ହୁଏନା । କାରଣ ସେ ଏକ ଭିନ୍ନ ଅନୁଭବରେ ଚିର ଆତ୍ମହରା !

କୁମାରୀ କନ୍ୟାଟିଏ ମାତୃତ୍ୱର ଚରମ ଅସୁଖ ଅନୁଭବିବା କ'ଣ ଏତେ ସହଜ କଥା ? ଶିଶୁଟିକୁ ଗେଲ କରିବା, ଚୁମା ଦେବା, କାଖେଇ କୋଳେଇ ବୁଲିବା, ଅତି ସରାଗରେ ଖୁଆଇ ପିଆଇ ତୁନି କରିଦେବା ଏକ ଭିନ୍ନ କଥା । କିନ୍ତୁ ଗୋଟେ ଶିଶୁକୁ ଆଦୌ ଜନ୍ମଦେବାର ବାସ୍ତବ ଅନୁଭୂତି ନଥାଇ ଜଣେ କୁମାରୀ କନ୍ୟା ବାତ୍ସଲ୍ୟ ସୁଖରେ ଆତ୍ମହରା ହୋଇ ସ୍ତନ ପୀଡ଼ାର ସୁଖଦ ପୁଲକଟିଏ ଅନୁଭବିବା ଆଦୌ ସାଧାରଣ କଥା ନୁହେଁ । ଯାହା ପୂତନା ଜୀବନରେ ସମ୍ଭବ ହୋଇଛି ।

ସୁତରାଂ, ମୋ' ପୂତନା ଗୋଟେ ଖଣ୍ଡିତା ଉଆଁସୀ ନୁହେଁ, ବରଂ ପରିପୂର୍ଣ୍ଣ ବାତ୍ସଲ୍ୟ ପ୍ରେମର ଏକ ଆଲୋକସ୍ନାତା ପୌର୍ଣ୍ଣମାସୀଟିଏ ।

ଏକଥା ସତ୍ୟ, ସମାଜର କୌଣସି ନାରୀ ଗୋଟେ ନିଷ୍ପାପ ଶିଶୁ ପାଇଁ କେବେ ହେଲେ ଜୀବନହାରୀ ବିଷ କୁମ୍ଭଟିଏ ହୋଇ ପାରିବ ନାହିଁ । ବରଂ ନିଜର ସନ୍ତାନହୀନ ଶୁଷ୍କ ଜୀବନରେ ଆଷାଢ଼ର ପ୍ରଥମ ବାରିଧାରା ପରି ସେ ପାଲଟିଯିବ ଗେହ୍ଲାପଣର ଶୀତଳ ସରସୀଟିଏ !

ମୋ' କାବ୍ୟନାୟିକା ଏକ ଉତ୍ତରିତ ମାତୃତ୍ୱର ଆଲୋକବାହୀ କୁଆଁ ତାରାଟିଏ । ଯିଏ ଅନ୍ତଃକରଣରେ ଗୋଟେ ଆତ୍ମମଗ୍ନା ବ୍ୟାକୁଳିତା ମାଆ । ଯିଏ ଗୋଟେ ଶିଶୁ ବ୍ୟକ୍ତିତ୍ୱ ଭିତରେ ଛପିଥିବା ଅସୀମ ସାହସିକତାକୁ ଦେଖାଇ ଦେଇପାରେ ସାରା ବିଶ୍ୱକୁ । ସେଭଳି ଏକ ଶୁଦ୍ଧ ନାରୀକୁ ମୁଁ ବାରମ୍ବାର ପ୍ରଣିପାତ କରେ ।

ଆସୋସିଏଟ୍ ପ୍ରଫେସର୍, ସାଲେପୁର ସ୍ୱୟଂଶାସିତ କଲେଜ, ସାଲେପୁର, କଟକ-୭୫୪୨୦୨
ଫୋନ : ୯୪୩୮୨୭୫୩୨୩




◀ ପ୍ରଚ୍ଛଦରେ ପୂତନା

**ପୂତନା ଗୋଟେ ଖଣ୍ଡିତା ଉଆଁସୀ ନୁହେଁ, ବରଂ ପରିପୂର୍ଣ୍ଣ ବାତ୍ସଲ୍ୟ ପ୍ରେମର ଏକ ଆଲୋକସ୍ନାତା ପୌର୍ଣ୍ଣମାସୀଟିଏ ।**

ସେସବୁ କୁଆଡ଼େ ଉଭେଇଗଲା କେଜାଣି ?

ଏବେ ଲାଗୁଚି :
ଯେମିତି ମୁଁ ଗୋଟେ କାଠରେ
ତିଆରି ଫୁଲଦାନୀ
ଯଦିଓ
ବହୁତ ଫାଙ୍କା ମୋ' ଭିତର !

କିନ୍ତୁ ତୁମେ
ପେନ୍ଥାଏ ଫୁଲ ପରି
ଯେତେବେଳେ ମୋ ଉପରେ
ସଜେଇ ହେଇ ବସିପଡ଼
କୁଆଡ଼େ ଲୁଚିଯାଏ
ଖାଁ ଖାଁ ଶୂନ୍ୟ ଖରାବେଳ !

ତୁମ ଛଡ଼ା
ଆଉ କାହାକୁ ଦେବି କୁହ ତ ? ♥

# ଭାତ ବିଷୟରେ ଯେଉଁ କବିତା ଲେଖାଯାଇ ପାରିଲା ନାହିଁ

**କେଦାର ମିଶ୍ର**

ଭାତ ବିଷୟରେ ସର୍ବଶେଷ କବିତା ଯିଏ ଲେଖିବା କଥା
ସେ ଭାତ ମୁଠାଏ ଖାଇବାକୁ ନପାଇ ମରିଗଲା ।

ଭାତ ଗୋଟେ କବିତାର ବିଷୟ ହେବ ବୋଲି କେହି ଅବଶ୍ୟ ନିୟମ କରିନଥିଲେ
ଜିଆ କୋଶି କୋଶି ହାଲୁକା କଲା ମାଟି, ତ ବିହନ ବୁଣିଲା ଚାଷୀ
ବିହନ ଉଷୁମ ହେଇ ଉଠିଲା ଗଜା, ମେଲିଲା ପତ୍ର ଓ ପିକ
ମେଘ ପିନ୍ଧିଲା ଶାଗୁଆ କ୍ଷେତର ଶାଢ଼ୀ
ଫଂଝାଏ ଶୁଆ ଆସି ଗୀତ ଗାଇଲେ ଗର୍ଭଣା ସଂକ୍ରାନ୍ତିର ଉଦ୍‌ଗମ ବେଳାରେ
ଧାନ କେଣ୍ଡାରେ ଦୁଷ୍ଟ ପୋକ ଅବା ପାଣି ଭିତରେ ଧାନଫୁଲର ବାସ୍ନା ପିଉଥିବା ସାପ
କେହିବି ଜାଣି ନଥିଲେ, ଏଇଠୁ ଧାନ, ଧାନରୁ ଚାଉଳ ଓ ଫୁଟିଲେ ଭାତ ହେବାର କବିତା ।

ଭୋକ ଯାହାର, ଭାତକୁ ନେଇ କବିତା ବି ତାହାର
ଭାତର କବିତାରେ, କେବେ କେବେ ଚୁଲି ପାଲଟେ ଶବ୍ଦ
କେବେ ପୁଣି ବାମ୍ଫ ପାଲଟେ ଅକ୍ଷର
ଭାତର କବିତା, ଅନେକ ସମୟରେ ଭୋକ ଠୁ ବି ଭୟଙ୍କର ।

ଏବେ ଶୁଣିମା ହେଉ ସେ ସବାଶେଷ କବିର କାହାଣୀ
ସେ ଟିକେ ଟିକେ ରାଣୀ ଓ ଝାପ୍‌ସା ଝାପ୍‌ସା ଚନ୍ଦ୍ରାକାଣିର ଜୀବନୀ
ସେ କଥା କହିଲେ ଫୁଲଗଛ ମରେ ଓ ବାଲି ଛତୁ ଅନବରତ ଫୁଟୁଥାଏ ତାର ପେଟ ଭିତରେ
ସେ ହିନ୍ନ ହିନ୍ନ ଅସ୍ତାବଲ୍‌ର ଘୋଡ଼ୀ
ସେ ଗଛକୁ ଆଉଜି ଶୋଇପଡ଼ିଥିବା କଙ୍କାଳୀ
ସେ ଆମର ଗାଁର ଭୋକିଲା ସୁରୁବାଲି
ସେ ଭୋକରେ ସାଧୁଚି ଜୀବନକୁ, ଭାତକୁ ନେଇ କବିତା ଲେଖିବ ବୋଲି ।

କେତେ କିସମର କବିତା ଲେଖା ହେଇଚି ଯା ଭିତରେ
ମହୁଲ ଫୁଲର ରସ ଥିପିଚି କବିତାରେ
ଆସିଛି ପ୍ରେମର ନଈବଢ଼ି, କବିତାରେ ଗଢ଼ା ହୋଇଛି ସିଂହାସନ ଓ ଘୋଷଣା ହୋଇଛି ଯୁଦ୍ଧ
ହେଲେ ଭାତର କବିତା ଅଲେଖା ରହିଛି ସେମିତି ।

ଭାତର କବିତା ଜମିରୁ ଆସିଛି ଗଛକୁ, ଗଛରୁ ଯାଇଛି ଶୁଆ ପକ୍ଷୀର ପେଟକୁ
ଆସିଛି ଖଳା ଓ ଚୁଲିକୁ
ସିଝା ହାଣ୍ଡି ଓ ସୂର୍ଯ୍ୟସ୍ନାନକୁ
ଭାତର କବିତା ଭୋକରେ ଲେଖା ହେବ ବୋଲି
ଭୋକ ଏବେ ଠିଆ ହୋଇଛି ସୀତା ପରି ଅଗ୍ନି ପରୀକ୍ଷା ଦେବାକୁ ।

ଯିଏ କହିଥିଲା ଆମର ପୃଥିବୀ ଲାଗି ଭାତର କବିତା ଲେଖିବ ବୋଲି
ଭାତ...ଭାତ...ଚିତ୍କାର କରି କରି ଫାଟି ଯାଇଛି ତାର ବୁକୁ । ♥

ବିନୋଦିନୀ ନିବାସ, ୨୬୫/୧୭୩୬ -ଏ, ଶାସ୍ତ୍ରୀ ନଗର, ଭୁବନେଶ୍ୱର-୧,
ଫୋନ :୯୪୩୭୧୫୪୪୪୫



◀କବି କେଦାର ମିଶ୍ର

# ଫେରେଇବି ନାହିଁ, ଫେରେଇ ଦେବି

**ବିମଳ ଜେନା**

କବି ବିମଳ ଜେନା▼



## ।। ଫେରେଇବି ନାହିଁ ।।

ଫେରେଇବି ନାହିଁ ଫେରେଇବି ନାହିଁ
ଈଶ୍ୱରଙ୍କୁ ମୋର କିଶୋର ଦିନ
ଆମ୍ବତୋଟାରେ ଡାଳମାଙ୍କୁଡ଼ି
ଖେଳ ଖେଳୁଥାଉ ସେ ରାତିଦିନ ।

ଫେରେଇବି ନାହିଁ ଫେରେଇବି ନାହିଁ
କିଶୋରୀ ପ୍ରେମିକା ପ୍ରଥମ ଚିଠି
ସ୍ମୃତି ସିନ୍ଧୁକରେ ସାଇତି ରଖିଚି
ନଈକୁ ଫିଙ୍ଗିଚି ତା ଚାବିକାଠି ।

ଫେରେଇବି ନାହିଁ ଗେଣ୍ଡାଳିଆ ଗୀତ
ଗହିର ବିଲରେ ଯାହାକୁ ଭେଟେ
ଗାଈଆଳ ଠାରୁ ଚୋରେଇ ଆଣିଚି
ସାଇତି ରଖିଛି ନିଜର ଓଠେ ।

ବଣହରିଣୀର ଚାହାଣୀ ସାଙ୍ଗକୁ
କଳସୀ କାଖରେ ଅଳସ ଚାଲି
ଫେରେଇବି ନାହିଁ ପୋଖରୀ ତୁଠକୁ
ଯାହାପାଇଁ ଦିନେ ପାଗଳ ହେଲି ।

ଭୋଦୁଅ ଖରାକୁ ଫେରେଇବି ନାହିଁ
ଭସା ବାଦଲର ଚୋରା ଚାହାଣୀ
ପାନ୍ଥଶାଳାର କାନ୍ଥକୁ ଆମ
ଭଲପାଇବାର ପୁରା କାହାଣୀ ।

ଯୌବନକୁ ମୁଁ ଫେରେଇବି ନାହିଁ
ନିଷିଦ୍ଧ ଫଳର ବିଶୁଦ୍ଧ ପାପ
ଦେହ ଦେଉଳର ନାଟ ମଣ୍ଡପ
ଦୁଇ ଅଧରର ଅଧୁରା ଗପ ।

ଫେରେଇବି ନାହିଁ ଶୀତ ସକାଳକୁ
କଅଁଳ ଖରାର ଖଣ୍ଡୁଆ ପାଟ
ଖରାବେଳକୁ ତା ଶିମୁଳି ଶାଖାରେ
କଜଳପାତିର କବିତା ପାଠ ।

ଫେରେଇବି ନାହିଁ ନଈକୁ କେବେବି
ଗୋଧୂଳିର ସେଇ ମଧୁରବେଳା
ଶ୍ୟାମଳୀ ପ୍ରେୟସୀ ମୋ ସହିତ ମିଶି
ଦେଖିବି ସୂର୍ଯ୍ୟ ସିନ୍ଦୂର ଖେଳା ।

ନୂଆବର୍ଷକୁ ଫେରେଇବି ନାହିଁ
ପୁରୁଣା କଳଙ୍କ ପ୍ରାଚୀନ ପୀଡ଼ା
ଦୁନିଆକୁ ଦେଇ ଫୁଲତୋଡ଼ା ଆଜି
ମୋ ପାଇଁ ରଖୁଚି ପତ୍ରଝଡ଼ା ।

## ।। ଫେରେଇ ଦେବି ।।

ଲଣ୍ଡାପାହାଡ଼କୁ ଫେରେଇଦେବି
ବଣ୍ଡା ରମଣୀର ଗଳାର ମାଳି,
ସବୁଜ ପତ୍ର ମୟୂରଚୁଳରେ
ପାହାଡ଼ ଦିଶିବ ନାୟକ ଭଳି ।

ମାନସିଂଙ୍କର ଜ୍ୟୋତ୍ସ୍ନାବିହାର
ଅକ୍ଷୟ ମହାନ୍ତି ନାଉରୀ ଗୀତ,
ଫେରେଇବି ଦିନେ ମହାନଦୀ ତୋତେ
ତା ସହିତ ତୋର ଶୀତଳ ସ୍ରୋତ ।

ଫେରେଇ ଦେବି ମୁଁ ଦାଦନକୁ ତାର
ମହୁଲ, ମାଣ୍ଡିଆ ଅଳସୀ କ୍ଷେତ,
ଛତିଶଗଡ଼ କି ଆନ୍ଧ୍ର ନ ଯାଇ
ମାଟି ସହ ସିଏ ବସିବ ମିତ ।

ଅନ୍ଧବିଶ୍ୱାସ ଗନ୍ଧମାର୍ଦ୍ଦନ
କାନ୍ଧରେ ଆଉ ବୋହିବ ନାହିଁ
ଡାହାଣି ସନ୍ଦେହ, ଶିଶୁକୁ ଚେଙ୍କ
ଅତୀତ ହାତକୁ ଦେବି ଫେରାଇ ।

ଫେରେଇବି ଦିନେ ମାଓବାଦୀକୁ ତା’
ଭୁଲି ଯାଇଥିବା ମଣିଷପଣ
ମାଉଜର୍ ନୁହେଁ ମାଦଲ ବଜେଇ
ନିଜେ ନାଚିବ ସେ ନାଚିବ ବଣ ।
ଫେରେଇବି ନଦୀ ନବଯୌବନ
ପ୍ରଦୂଷଣ ପାଦେ ପକାଇ ବେଡ଼ି
ପାଣିପଣତକୁ ହାତରେ ଧରି
ନଦୀ ନାଚୁଥିବା ସମ୍ବଲପୁରୀ ।

କୃଷକ ଓଠକୁ ଫେରେଇ ଦେବି
ଫସଲ କଟାର ଉଚ୍ଛାଟ ଗୀତ,
ଛାଡ଼ି ଆସିଥିବା ଗାଆଁକୁ ମୋର
ଦୋଳ ଦଶହରା ପୁନେଇ ଯାତ ।

ଫେରେଇଦେବି ମୁଁ ମାର୍ଗଶୀରକୁ
ଲିଭି ଯାଇଥିବା ଲକ୍ଷ୍ମୀପାଦ,
ତପସ୍ୱିନୀକୁ ଫେରେଇଦେବି
ଚାହିଁବାପଣର ଚର୍ଯ୍ୟାପଦ ।

କବିତାକୁ ଦିନେ ଫେରେଇଦେବି ତା
ଭାବ, ଆବେଗର ଗୀତ ଗହଣା,
ବାପାଙ୍କ ଶାସନ, ମାଆ ପଣତକୁ
ଫେରେଇ ହେବନି କିଛି ପାଉଣା । ♥

‘ଲୁମ୍ବିନୀ’, ଦେୱାନପାଟଣା, ସୁନହଟ,
ବାଲେଶ୍ୱର-୭୫୬୦୦୨,
ଫୋନ :୯୪୩୭୧୭୩୪୪

# ଯାଃ, ତୋତେ ଛୁଇଁଲି; ମଲି !

## ସୁନୀଲ ମିଶ୍ର

ମୋତେ ଛୁଇଁଲେ ଛୁଁ
ନ ଛୁଇଁଲେ ମୁଁ ଯେ ସରି ଯାଉଚି
ଚାହିଁଲେ ଚାହାଁ
ଲାଜେ ଲାଜେ ମୁଁ ଯେ ମରି ଯାଉଚି !

ଯେ ଦିନ ତୁ ଚନ୍ଦ୍ରିକା ନଚେଇ
ଚାନ୍ଦ ତୋଳିଦେବୁ ବୋଲି କହିଲୁ
ମୁଁ ଚନ୍ଦ୍ରିକା ମାୟାରେ
କି ଚାନ୍ଦର ଲୋଭରେ ଜାଣେନି
ଫିଟି ପଡ଼ିଲି
ଖରା ହେଇ, ଫୁଲ ହେଇ, ଫୁଆରା ହେଇ ।



◀କବି ସୁନୀଲ ମିଶ୍ର



ଚିତ୍ରଶିଳ୍ପୀ : ମିତ୍ରଭାନୁ ସାହୁ

ମୁଁ ବହକିଲି ତ
ତୁ ବଜେଇଲୁ ପେଁ କାଳି
ତୋ କରାମତିର ଦକ୍ଷିଣା ବାଆରେ
ଉଲୁସେଇଲୁ ମୋତେ,
ପାଲଟିଲୁ ମୋ ଗଳାମାଳି ।
ସାଉଁଳେଇ ସାଉଁଳେଇ
ମୋ' ବହକାପଣର ମାଦକତାକୁ
ବାସ୍ନା କରି ଭସେଇଲୁ
ମୋ ଉଲୁସାପଣର ଇଚ୍ଛାକୁ
ଗୀତ କରି ରସେଇଲୁ
କ୍ଷେତ ସାରା ।

ଖୁ' ଗୋଟେ ମତଲବ୍‌ରେ
ହିଡ଼ ଉଠେଇଲୁ ଓ
ବସେଇଲୁ ବାଡ଼ ବ'ନ୍ଦୀ;
କହିଲୁ କ'ଣ ନା
ପଦୁଅଁ ମେଲିଲେ ଭୋଦୁଅ ଫୁଟେ
ନିକଷ ରଗଡ଼ ସୁନାରେ ଫିଟେ ।

ଆଉଟା ସୁନା ପରି
ମୁଁ ଉଲୁସିଲି ଶିରି ଶିରି
ଉଲୁସି ଉଲୁସି ପାଲଟିଗଲି
ସୋରି ସୋରି ସୋରିଷ କିଆରୀ ।

ଫୁଲି ଫୁଲି ତୋତେ ଖୋଜିଲି ତ
ତୁ ଜାମାଯୋଡ଼ ହେଇ
ଏକ୍‌ଦମ୍ ଖଡ଼ା କିଆରୀ ମଝିରେ,
ଯେମିତି ଗହ ଗହ ଗହିରଦଣ୍ଡା
କଳାଘୁମର ପୋଖରୀ ପାଣିରେ !

ଅଥଚ, ତୋତେ ଛୁଇଁଲା ବେଳକୁ
ଫୁର୍‌ର୍ ତୋ' ଚନ୍ଦ୍ରିକା ଓ ପେଁ କାଳି !
ତୁଚ୍ଛା ଖାଲି ମୋ'
ତବତ ଭାତର ଭୋକଥାଳି !

ଯାଃ
ତୋତେ ଛୁଇଁଲି, ମଲି ;
ଲାଜ କଲି
ତିନି ପାଞ୍ଜିରୁ ଗଲି ! ♥

କାହାଳିଆ, ରାଜ ନୀଳଗିରି, ବାଲେଶ୍ୱର
ଫୋନ: ୯୭୭୭୨୩୩୫୬୬

# ପଦ୍ମ ପୋଖରୀ

## ଆଶିଷ କୁମାର ମିଶ୍ର

ତମେ ଠିଆ ହେଲ ପୋଖରୀ ହୁଡ଼ାରେ,
ତମେ ଦେଖୁଛ ପୋଖରୀ
ମୁଁ ଦେଖୁଛି ତମକୁ ।

କ'ଣ ଫୁଲ ତୋଳିବାକୁ ଆସିଛ ?

ତମର ତ ପଦ୍ମଫୁଲରେ ମନ,
କି ଦେଣ ନେଣ
ଆକାଶରୁ ତାରା ଖସି
କଣା ହେଇଯାଇଛି ପଦ୍ମପତ୍ର !

ତମେ ପକେଇଲ ପାଦ ପାଣିରେ,
ତମେ ଦେଖୁଛ ଫୁଲ
ମୁଁ ଦେଖୁଛି ତମ ଚୁଡ଼ିକୁ ।

ସୂରୁଜ ଡିଆଁ ମାରି ପାଣିରୁ ଉଠିଗଲା, ଦେଖିଲ ?

ତମର ତ ପଦ୍ମଫୁଲରେ ମନ,
କି ଦେଣ ନେଣ
ଦେହରୁ କାତି ଛାଡ଼ି
ପାଣି ଢଳଢ଼ଳ ହେଉଛି କଳାନାଗର ଯଉବନ !

ତମେ ଛିଣ୍ଡେଇଲ ଫୁଲଟିଏ ଡେମ୍ଫରୁ,
ତମେ ଦେଖୁଛ ଆକାଶକୁ
ମୁଁ ଦେଖୁଛି ତମ ପିଠିର ଝାଳ ।

ମେରିଖୁଂଟ ପରି ଦିଶିଲା ପଦ୍ମନାଡ଼, ଦେଖିଲ ?

ତମର ତ ପଦ୍ମଫୁଲରେ ମନ,
କି ଦେଣ ନେଣ
ପାଣି ନ ପିଇ
ଫେରି ଯାଉଛି ପବନ !

ତମେ ଉଠି ଯାଉଥିଲ ପାଣିରୁ,
ତମେ ଦେଖୁଛ ବାଟକୁ
ମୁଁ ଦେଖୁଛି ପୋଖରୀର ସବୁ ଫୁଲେ ତମ ମୁହଁ ! ♥

ତେଲଣ୍ଡା, ସୁବର୍ଣ୍ଣପୁର
ଫୋନ : ୬୩୭୦୧୬୯୧୪୬



କବି ଆଶିଷ କୁମାର ମିଶ୍ର ▶

# ରାଜନୀତିର ରେଖାଚିତ୍ର



ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫଉଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



॥ ଭାଗ-୩ ॥

# କୁଚକ୍ର ଓ ଷଡ଼ଯନ୍ତ୍ର :
# ଓଡ଼ିଶା ରାଜନୀତିରେ ବିଶ୍ୱାସଘାତକତାର ପର୍ବ



**ନେତାଜୀ ଅଭିନନ୍ଦନ**

ଫଟୋ ସୌଜନ୍ୟ : ଗୁଗୁଲ୍

କାଳୁଆ ଦେବ ଓ କଖାରୁଆ ଦେବ ।

ଜାଣିଛନ୍ତି ଏମାନେ କିଏ ?

ଏମାନେ କୁଆଡ଼େ ଥିଲେ ଓଡ଼ିଶାର ରାଜା ?!

ମାଦଳାପାଞ୍ଜି ଅନୁସାରେ ୧୫୩୩ରେ ପ୍ରତାପରୁଦ୍ରଙ୍କ ଦେହାନ୍ତ ପରେ ତାଙ୍କର ଦୁଇ ପୁତ୍ର କାଳୁଆ ଓ କଖାରୁଆ ଶାସନ ଗାଦିରେ ବସିଥିଲେ; କାଳୁଆ ଦେବ ସତର ମାସ ପାଇଁ ଓ କଖାରୁଆ ଦେବ ମାତ୍ର ତିନିମାସ ପାଇଁ ।

ପ୍ରତାପରୁଦ୍ରଙ୍କୁ କ'ଣ ନାଁ ମିଳୁନଥିଲା ଯେ, ସେ ତାଙ୍କ ଦୁଇପୁଅଙ୍କ ନାଁ କାଳୁଆ ଓ କଖାରୁଆ ରଖିଲେ ! ରାଜାମାନଙ୍କ ପୁଅମାନଙ୍କ ନାଁ କ'ଣ ଏମିତି ହୁଏ ।

ନା ନା, ପ୍ରକୃତରେ ଏମାନଙ୍କ ନାମ ଥିଲା ରାମଚନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବ । ସୂର୍ଯ୍ୟବଂଶର ଏହି ଦୁଇ ଶେଷ ଓ ଅପାରଗ ରାଜାଙ୍କ ଦେଢ଼ବର୍ଷର ପ୍ରଭାବଶୂନ୍ୟ ଶାସନକାଳକୁ ଇତିହାସ ପୃଷ୍ଠାରୁ ସଂପୂର୍ଣ୍ଣ ପୋଛି ଦେବା ପାଇଁ ବୋଧେ ଲୋକମାନେ ତାଙ୍କୁ ଏଭଳି ନାମିତ କରିଥିଲେ । ନାଁ ଗଢ଼ିବାରେ-ଭାଂଗିବାରେ, ମୁହଁ ଦବାରେ-ମୋଡ଼ିବାରେ ଆମ ଲୋକେ ଓସ୍ତାଦ୍ !

ସେଇ ଲୋକମାନେ ହିଁ ତ ଗଢ଼ନ୍ତି ଇତିହାସ ।

ସାମ୍ରାଜ୍ୟ ଗଢ଼ାହୁଏ, ବିସ୍ତାରିତ ହୁଏ, ପୁଣି ଭାଂଗିଯାଏ ।

ସତେ ଅବା 'କାଳ' କଷ୍ଟ କରିଥାଏ, କାହାପାଇଁ କେତେଦିନ ।

ମାତ୍ର ଶହେ ବର୍ଷର ଶାସନ ପରେ ସୂର୍ଯ୍ୟବଂଶ ଅସ୍ତମିତ ହୋଇଗଲା, ଅତ୍ୟନ୍ତ ଦୁଃଖଦାୟକ ଢଙ୍ଗରେ ।

ପ୍ରତାପରୁଦ୍ରଙ୍କ ଦୁଇପୁତ୍ରଙ୍କୁ ହତ୍ୟା କରି ଶାସନର ମଙ୍ଗ ଧରିଥିବା ମନ୍ତ୍ରୀବର ଗୋବିନ୍ଦ ବିଦ୍ୟାଧର ହିଁ ଟାଣିଲେ ଯବନିକା ସୂର୍ଯ୍ୟବଂଶ ଉପରେ ।

ପଛରୁ ଛୁରୀ ଭୁଷିଥିବା ବ୍ରୁଟସ୍‌ମାନଙ୍କ ନଜିର୍ କମ୍ ନାହିଁ ବିଶ୍ୱ ଇତିହାସରେ । ପ୍ରାୟତଃ ଛାଇଭଳି ପାଖେ ପାଖେ ରହୁଥିବା ବ୍ରୁଟସ୍‌ମାନେ ହିଁ ପତନର କାରଣ ପାଲଟନ୍ତି; ବିଶ୍ୱସ୍ତମାନେ ହିଁ ଘାତକ ସାଜନ୍ତି, ଆଉ ତାଙ୍କ ଆଘାତ ପ୍ରାଣଘାତୀ ସାବ୍ୟସ୍ତ ହୁଏ ।

■

**ପଛରୁ ଛୁରୀ ଭୁଷିଥିବା ବ୍ରୁଟସ୍‌ମାନଙ୍କ ନଜିର୍ କମ୍ ନାହିଁ ବିଶ୍ୱ ଇତିହାସରେ । ପ୍ରାୟତଃ ଛାଇଭଳି ପାଖେ ପାଖେ ରହୁଥିବା ବ୍ରୁଟସ୍‌ମାନେ ହିଁ ପତନର କାରଣ ପାଲଟନ୍ତି; ବିଶ୍ୱସ୍ତମାନେ ହିଁ ଘାତକ ସାଜନ୍ତି, ଆଉ ତାଙ୍କ ଆଘାତ ପ୍ରାଣଘାତୀ ସାବ୍ୟସ୍ତ ହୁଏ ।**

■

କୁଟିଳ, କପଟୀ, କୁଚକ୍ରୀ ଗୋବିନ୍ଦ ବିଦ୍ୟାଧର କେବଳ ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ନଥିଲେ, ସେ ମଧ୍ୟ ଥିଲେ କଟକ ଦୁର୍ଗର ଅଧକ୍ଷ ଓ ସେନାମୁଖ୍ୟ । ୧୫୦୯ରେ ଗଜପତିଙ୍କ ପ୍ରତି ବିଶ୍ୱାସଘାତକତା କରି ଗୋବିନ୍ଦ ବଙ୍ଗଳାର ଶାସକ ହୁସେନ୍ ଶାହଙ୍କ ପାଖରେ ଅଧସ୍ତନ କର୍ମଚାରୀ ଭାବେ କାମ କରୁଥିଲେ । ଗୋବିନ୍ଦଙ୍କ ବିରୁଦ୍ଧରେ ବିଶ୍ୱାସ ଘାତକତାର ଏଭଳି ବହୁ ପ୍ରମାଣ ରହିଥିଲେ ମଧ, ଗଜପତି କିଭଳି ଆଖି ବୁଜିଦେଇ ତାଙ୍କୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆସନରେ ବସେଇଥିଲେ, ବୁଝିବା କାଠିକର ପାଠ ।

ବୋଧେ ଗୋବିନ୍ଦ ଥିବେ ସବୁଠୁ ଉଚ୍ଚକୋଟୀର ତୋଷାମଦକାରୀ ।

ତୋଷାମଦ ଆଗରେ ବୁଦ୍ଧି, ବିବେକ, ବିଚାର ସବୁ ହାର୍‌ମାନେ ।

ତୋଷାମଦିଆଙ୍କ କଥରେ ଭଳି କେତେ କେତେ ରାଜା ନିଜର ରାଜ୍ୟ ଓ ସାମ୍ରାଜ୍ୟ ହରେଇଛନ୍ତି ।

ଆଜି ବି ତ ଶାସକଙ୍କୁ ବିଭ୍ରାନ୍ତ କରୁଥିବା ତୋଷାମଦିଆଙ୍କ ଅଭାବ ନାହିଁ ରାଜ୍ୟରେ !

ମାଦଳା ପାଞ୍ଜି ଅନୁସାରେ ଗୋବିନ୍ଦ ବିଦ୍ୟାଧର କେବଳ କାଳୁଆ ଓ କଖାରୁଆଙ୍କୁ ନୁହେଁ, ପ୍ରତାପରୁଦ୍ର ଦେବଙ୍କର ବତିଶ ପୁଅଙ୍କୁ ଓ ବହୁ ବିଶ୍ୱସ୍ତ କର୍ମଚାରୀଙ୍କୁ ହତ୍ୟା କରିଥିଲେ ସିଂହାସନ ହାସଲ କରିବା ପାଇଁ ।

ମାଦଳା ପାଞ୍ଜି ଭାଷାରେ - 'ଏ ଉତ୍ତାରୁ ଗୋବିନ୍ଦ ଭୋଇ ବିଦ୍ୟାଧର ମହାରାଜା ହୋଇଲେ । ପ୍ରତାପରୁଦ୍ର ମହାରାଜାଙ୍କର ବତିଶ ପୁଅ ଥିଲେ । ତାହାଙ୍କୁ ଗୋବିନ୍ଦ ଦେବ ମହାରଜାଏ ମରାଇ ପକାଇଥିଲେ । କଟକ ସିଂହଦ୍ୱାରେ ମଧୁଶ୍ରୀଚନ୍ଦନ ମହାପାତ୍ର ଥାଇ ମରାଇ ପକାଇଲେ । ଏକାଦିନେ ଭଲ ଭଲ ଲୋକମାନଙ୍କୁ ମରାଇ ପକାଇଲେ । ରାମଚନ୍ଦ୍ର ସାନ୍ତରା ମୁଣ୍ଡ ଛେଚାଇ ମାଇଲେ ।'

ପ୍ରଶ୍ନ ଉଠୁଛି ସୂର୍ଯ୍ୟବଂଶ ରାଜ ପରିବାରରେ ବିଶ୍ୱାସଘାତକତାର ଏ ଜଘନ୍ୟ କାଣ୍ଡ ଚାଲିଥିବାବେଳେ ସାଧାରଣ ଲୋକଙ୍କ ପ୍ରତିକ୍ରିୟା କ'ଣ ଥିଲା । ସେମାନେ କାହିଁକି ଧୂର୍ତ୍ତ ଓ ଚକ୍ରାନ୍ତକାରୀ ଗୋବିନ୍ଦ ବିଦ୍ୟାଧରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ ନାହିଁ ? କାହିଁକି ବିଦ୍ରୋହର ଡାକରା ଦେଲେନି ?? କାହିଁକି ଚୁପ୍‌ଚାପ୍ ମୁଣ୍ଡପାତି ସବୁକିଛି ସହିନେଲେ, ଗ୍ରହଣ କରିନେଲେ ???

ଲୋକଙ୍କୁ ନେଇ ତ ରାଜ୍ୟ ।

ଲୋକଙ୍କୁ ନେଇ ତ ସାମ୍ରାଜ୍ୟ ।

ଲୋକଙ୍କୁ ନେଇ ତ ରାଜା, ଆଉ ତାଙ୍କ ଶାସନ ।

ହେଲେ, ଲୋକଙ୍କର ବୋଧେ ଯାଏ-ଆସ ନଥିଲା, ତାଙ୍କର ରାଜା କିଏ ଓ ସେ କେମିତି ଲୋକ । ଖାଲି ଜଣେ ରାଜା ଦରକାର ରାଜ୍ୟ ଚଳେଇବା ପାଇଁ, ସିଏ ଯେମିତି ହଉନା କାହିଁକି ।

ଲୋକେ କାଳେ କାଳେ ସ୍ଥାଣୁ, ନିସ୍ପୃହ, ଉଦାସୀନ । ନିଜ ନିଜ ଘର ଜଂଜାଳରେ ବ୍ୟସ୍ତ, ମଗ୍ନ, ରାଜ୍ୟ ତେଣେ ଭାସିଯାଉ, ପରବାଏ ନାହିଁ ।

ସେ ଯାହା ହେଉ, କଳେ ବଳେ କଉଶଳେ, ରକ୍ତର ହୋରି ଖେଳି ଗୋବିନ୍ଦ ବିଦ୍ୟାଧର ସିଂହାସନ ଦଖଲ କଲେ, ରାଜା ବୋଲାଇଲେ ।

× × × × ×

## କରିତକର୍ମା କଟୁଆଳ

ରାଜା ହେବାପରେ ଗୋବିନ୍ଦ ବିଦ୍ୟାଧର କଟକର କଟୁଆଳ ଥିବା ମୁକୁନ୍ଦ ହରିଚନ୍ଦନଙ୍କୁ ସେନାପତିର ଆସନ ଦେଲେ । ସେଇ ସମୟରେ ଗୋଲକୁଣ୍ଡାର ସୁଲତାନ କୁଲି କୁତବ ଶାହ ଓଡ଼ିଶାର ଦକ୍ଷିଣରେ ଆକ୍ରମଣ କରିବାରୁ ମୁକୁନ୍ଦଙ୍କୁ ରାଜ୍ୟ ଭାର ଦେଇ ଗୋବିନ୍ଦ ଦକ୍ଷିଣକୁ ଯୁଦ୍ଧଯାତ୍ରା କଲେ । ଗୋବିନ୍ଦ ବିଦ୍ୟାଧରଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଙ୍କ ଦୁଇ ଭଣଜା ରଘୁନାଥ ଭଞ୍ଜ ଓ ବାଲ୍ମୀକି ଶ୍ରୀଚନ୍ଦନ ବିଦ୍ରୋହ କଲେ ଏବଂ ମୁକୁନ୍ଦ ହରିଚନ୍ଦନଙ୍କୁ ବହିଷ୍କାର କରି ବାରବାଟୀ ଦୁର୍ଗ ଅଧିକାର କଲେ । ସେମାନେ ଜଗନ୍ନାଥ ମନ୍ଦିରର ବଡ଼ପଣ୍ଡାଙ୍କୁ ମଧ୍ୟ ହତ୍ୟା କରିଥିଲେ ।



ବିଦ୍ରୋହର ଖବର ପାଇ ଗୋବିନ୍ଦ ବିଦ୍ୟାଧର ଗୋଲକୁଣ୍ଡା ସୁଲତାନଙ୍କ ସହ ସନ୍ଧି ସ୍ଥାପନ କରି ମନ୍ତ୍ରୀ ଜନାର୍ଦ୍ଦନ ବିଦ୍ୟାଧରଙ୍କୁ ଦକ୍ଷିଣ ସୀମାନ୍ତ ଦାୟିତ୍ୱରେ ରଖାଇ କଟକ ଫେରିବା ପାଟରେ ବୈତରଣୀ ନଦୀ କୂଳରେ ତାଙ୍କର ମୃତ୍ୟୁ ଘଟିଲା ।

ମାତ୍ର ନଅବର୍ଷ ଭିତରେ ବିଶ୍ୱାସଘାତକ ଗୋବିନ୍ଦ ବିଦ୍ୟାଧର ସବୁକିଛି ହରେଇଲେ-ଶାସନ, ସିଂହାସନ ଓ ଜୀବନ । ପୁଣି ଥରେ ପ୍ରମାଣିତ ହେଲା ଯେ, କୂଟ-କପଟ ଦ୍ୱାରା ହାସଲ କରାଯାଇଥିବା କ୍ଷମତା ବେଶିଦିନ ରହେନି ।

ଏକଦା ସୀମାଚଳ ଯାଏଁ ବିସ୍ତୃତ ଥିଲା ଓଡ଼ିଶା ସାମ୍ରାଜ୍ୟ । ସୀମାଚଳ ଅଭିଲେଖରେ ଗୋବିନ୍ଦ ବିଦ୍ୟାଧର ନିଜକୁ 'ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ସୁବର୍ଣ୍ଣକେଶରୀ ଗୋବିନ୍ଦ ଦେବ ମହାରାଜା' ଉପାଧିରେ ଭୂଷିତ କରିଥିଲେ । ହେଲେ ନା ଉପାଧି ରହିଲା, ନା ରାଜ୍ୟ ।

ବିଷ ମଞ୍ଜିରୁ ହୋଇଥିବା ଗଛରେ ବିଷ ହିଁ ଫଳେ ।

ଏଇଠି ଜଣେଇଦେବା ଜରୁରୀ ଯେ, ଗୋବିନ୍ଦ ବିଦ୍ୟାଧରଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀ ସତ୍ୟବାଦୀ ପାଖରେ ବୀରଗୋବିନ୍ଦପୁର ଶାସନ ଓ ସୀମାଚଳସ୍ଥ ନୃସିଂହ ମନ୍ଦିର ବେଢ଼ା ଭିତରେ ଗୋଲାକୃତି ସ୍ତମ୍ଭରେ ଓଡ଼ିଆ ଭାଷାରେ ଲେଖା ଅଭିଲେଖ ଏବେ ମଧ୍ୟ ରହିଛି ।

## କଟୁଆଳ ହେଲେ ରାଜା

ଗୋବିନ୍ଦ ବିଦ୍ୟାଧରଙ୍କ ପରେ ତାଙ୍କ ପୁଅ ଚକ୍ରପ୍ରତାପ ରାଜା ହେଲେ । ଚକ୍ରପ୍ରତାପ ଥିଲେ ଦୁର୍ବଳ, ଆଉ ତା ସାଙ୍ଗକୁ ଅତ୍ୟାଚାରୀ । ପୁରୀର ବ୍ରାହ୍ମଣମାନଙ୍କୁ ସେ ଜୋର ଜବରଦସ୍ତି ନୀଚକର୍ମରେ ନିୟୋଜିତ କରୁଥିଲେ । ଲୋକେ ତାଙ୍କୁ ଆଦୌ ଭଲ ପାଉନଥିଲେ ।

୧୫୫୭ରେ ଜଗନ୍ନାଥ ମନ୍ଦିର ବେଢ଼ାରେ ହିଁ ଚକ୍ରପ୍ରତାପ ପ୍ରାଣ ହରେଇଲେ । କୁହାଯାଏ, ଚକ୍ରପ୍ରତାପଙ୍କୁ ତାଙ୍କରି ପୁଅ ନରସିଂହ ଜେନା ବିଷ ପ୍ରୟୋଗ କରି ହତ୍ୟା କରିଥିଲେ । ଅବୁଲଫଜଲ୍ ତାଙ୍କ 'ଆକବର ନାମା'ରେ ଏହି ବିଷୟ ଉଲ୍ଲେଖ କରିଛନ୍ତି ।

ଶାସନ ସମ୍ଭାଳିବାକୁ ନରସିଂହ ଜେନାଙ୍କର ନା ଦକ୍ଷତା ଥିଲା, ନା ସାମର୍ଥ୍ୟ, ବରଂଚ ସେ ଥିଲେ ଅତ୍ୟାଚାରୀ, ଆଉ ତା'ଠୁ ଅଧିକ ଲଂପଟ । ଅପାରଗ ରାଜା, ବଢ଼ିଚାଲିଥିବା ଜନ-ଅସନ୍ତୋଷ, ବିଗୁଡୁଥିବା ଆଇନ୍-ଶୃଙ୍ଖଳା ପରିସ୍ଥିତି - ଏହାର ସୁଯୋଗ ନେଲେ କଟୁଆଳ ଥିବା ମୁକୁନ୍ଦ ହରିଚନ୍ଦନ ।

ସମ୍ଭୋଗ ପାଇଁ ସୁନ୍ଦରୀ ତରୁଣୀମାନଙ୍କୁ ରାଜନଅରକୁ ସବାରିରେ ପଠାଇଛନ୍ତି ବୋଲି ଖବର ଦେଇ ଦୁଇଶହ ସୈନ୍ୟଙ୍କୁ ନାରୀ ବେଶରେ ପଠେଇ ସେଇମାନଙ୍କ ଦ୍ୱାରା ନରସିଂହଙ୍କୁ ହତ୍ୟା କରେଇଥିଲେ ମୁକୁନ୍ଦ ।

ନରସିଂହଙ୍କ ମନ୍ତ୍ରୀ ଜନାର୍ଦ୍ଦନ ବିଦ୍ୟାଧର ବିଦ୍ରୋହ କରିବା ପୂର୍ବରୁ ହିଁ ବନ୍ଦୀ ହେଲେ ଓ କାରାଗାରରେ ତାଙ୍କ ମୃତ୍ୟୁ ଘଟିଲା । ଗୋବିନ୍ଦ ବିଦ୍ୟାଧରଙ୍କ ଭଣଜା ରଘୁଭଞ୍ଜ ଛୋଟରାୟ ମଧ୍ୟ କଟକ ଫେରିଆସିବା ପରେ ବନ୍ଦୀ ହେଲେ ଓ ମୁକୁନ୍ଦଙ୍କ ଦ୍ୱାରା ହତ୍ୟାର ଶୀକାର ହେଲେ ।

କିଛିଦିନ ପାଇଁ ନରସିଂହଙ୍କ ଭାଇ ରଘୁରାମ ଜେନା ଶାସନ ଗାଦିରେ ବସିଲେ, ହେଲେ କ୍ଷମତାର ଚାବିକାଠି ରହିଲା ମୁକୁନ୍ଦ ହରିଚନ୍ଦନଙ୍କ ହାତରେ ।

ମାତ୍ର ଦୁଇବର୍ଷ ରହିଲେ ରଘୁରାମ ରାଜଗାଦିରେ । ସିଂହାସନ ପାଇଁ ଚାଲିଥିବା ନରମେଧ ଯଜ୍ଞରେ ତାଙ୍କୁ ବି ବଳି ପଡ଼ିବାକୁ ପଡ଼ିଲା । ସେ ବି ହତ୍ୟାର ଶୀକାର ହେଲେ ଓ ତାଙ୍କ ସହ ଗୋବିନ୍ଦ ବିଦ୍ୟାଧରଙ୍କ ବଂଶ ସମୂଳେ ଲୋପ ପାଇଗଲା ।

ସବୁ ପ୍ରତିଦ୍ୱନ୍ଦ୍ୱୀ ଓ ଦାବୀଦାରଙ୍କୁ ହତ୍ୟା କରି ନିଷ୍କଣ୍ଟକ ହେବାପରେ ୧୫୬୦ରେ ସିଂହାସନ ଆରୋହଣ କଲେ ଏକଦା କଟକର କଟୁଆଳ ଥିବା ମୁକୁନ୍ଦ ହରିଚନ୍ଦନ ଦେବ ।

× × × ×

× × ×

କ୍ଷମତା ପାଇଁ ଷଡ଼ଯନ୍ତ୍ର, ହତ୍ୟା, ରକ୍ତପାତ, ବିଦ୍ରୋହ, ବିଶ୍ୱାସଘାତକତା - ଏସବୁ ମୋଗଲ କି କୌଣସି ରାଜପୁତ୍ ରାଜବଂଶର କାହାଣୀ ନୁହେଁ । ଏଇସବୁ ଆମ ଓଡ଼ିଶାର କଥା ।

କ୍ଷମତାକୁ ନେଇ ଓଡ଼ିଶାରେ ହୋଇଥିବା କୁଟିଳ ରାଜନୀତି ଓ ରକ୍ତାକ୍ତ ସଂଘର୍ଷର ଗାଥା । କୁହାଯାଏ, ଓଡ଼ିଆଏ ସାଧାରଣତଃ ଶାନ୍ତିପ୍ରିୟ; ଭୋଜନ ଓ ସଂକୀର୍ତ୍ତନରେ ସନ୍ତୁଷ୍ଟ, ପ୍ରାୟତଃ ଆତ୍ମମଗ୍ନ ଓ ଆତ୍ମବିଭୋର ଥାଆନ୍ତି ସେମାନେ । ଅନ୍ୟ ଜାତିଙ୍କ ଭଳି ସେମାନେ କଳହପ୍ରିୟ, ଯୁଦ୍ଧଖୋର, ରକ୍ତମୁଖା ନୁହଁନ୍ତି । ଆପଣା ଆପଣା ଗୁମୁଟି ଭିତରେ ଥାଆନ୍ତି, ବାହାର ଦୁନିଆ ପ୍ରତି ଆଖି କାନ ମୁଦି ଦେଇଥାଆନ୍ତି । ତା'ଛଡ଼ା ଯେଉଁ ଜାତିର ଅଧିନାୟକ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ; ତାଙ୍କରି ରାଜ୍ୟ ଓ ତାଙ୍କରି ସାମ୍ରାଜ୍ୟ, ସେଠି ପୁଣି କ୍ଷମତା ପାଇଁ ଯୁଦ୍ଧ କାହିଁକି ?

କ୍ଷମତା ସବୁ ନିୟମ ବର୍ହିଭୂତ । ଥରେ କ୍ଷମତାର ନିଶା ମୁଣ୍ଡରେ ସବାର୍ ହେଲେ, ସବୁକିଛି ତୁଚ୍ଛ ହୋଇଯାଏ । ଧର୍ମ, ରୀତି-ନୀତି, ସଂସ୍କାର, ନୈତିକତା, ସଂପର୍କ କୋଣଠେସା ଖାଇ ମାଟି କାମୁଡ଼ି ପଡ଼ନ୍ତି ।

କ୍ଷମତା ପାଇଁ କ୍ଷମତା ।

ଏଇତ ରାଜନୀତିର ମୂଳ ନିୟମ ଯୁଗେ ଯୁଗେ ।

ଓଡ଼ିଶା ବା କେମିତି ବାଦ୍ ପଡ଼ନ୍ତା ଏ ନିୟମରୁ ।

ଗୋବିନ୍ଦ ବିଦ୍ୟାଧର ଯେଉଁପରି ବିଶ୍ୱାସଘାତକତା କରି ସୂର୍ଯ୍ୟବଂଶର ବିଲୋପ କରି ଭୋଇ ରାଜବଂଶ ପ୍ରତିଷ୍ଠା କରିଥିଲେ, ତାଙ୍କରି ବିଶ୍ୱସ୍ତ ମୁକୁନ୍ଦ ହରିଚନ୍ଦନ ଠିକ୍ ସେହିଭଳି ଢଂଗରେ ଅତ୍ୟନ୍ତ ନିର୍ଦ୍ଦୟତାର ସହ ଭୋଇ ବଂଶର ସମସ୍ତଙ୍କୁ ହତ୍ୟା କରିବା ପରେ ମୁକୁନ୍ଦ ଦେବ ନାମ ଧାରଣ କରି ଓଡ଼ିଶାର ରାଜା ହୋଇଥିଲେ ।

ଥରେ ବିଶ୍ୱାସରେ ବିଷ ମିଶିଲେ, ସେ ବିଷ ଚରିଯାଏ ଚାରିଆଡ଼େ ।

ବିଷରୁ ବିଷ ହିଁ ବାହାରେ ।

ଓଡ଼ିଶା ରାଜନୀତିରେ ବିଷ ମିଶିଯାଇଥିଲା, ଆଉ ସେ ବିଷ ଓଡ଼ିଶାର ରାଜପରିବାରଠୁ ଆରମ୍ଭ କରି ସମଗ୍ର ସାମ୍ରାଜ୍ୟକୁ ଧ୍ୱଂସ କରିବା ଆରମ୍ଭ କରିଦେଇଥିଲା ।

ଘୁଣ ଖାଇବା ଆରମ୍ଭ କରିଦେଇଥିଲା ଶାସନ ଓ ରାଜନୈତିକ ବ୍ୟବସ୍ଥା ।

ସ୍ୱାଧୀନ ଓଡ଼ିଶାର ଦିନ ସରି ସରି ଆସୁଥିଲା ।

**ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩**
**ମୋବାଇଲ୍ - ୯୦୪୦୦୦୩୧୨୩**



# ଭୁବନମୋହିନୀ ଭୁବନେଶ୍ୱର

କାନ୍ଥ କହୁଛି କୃତିର କଥା । ଶିଳ୍ପୀ ଆଙ୍କୁଛି ସୃଜନର ଗାଥା । କାନ୍ଥ ପାଲଟିଛି ଚିତ୍ରକାନ୍ଥ । ରାତି ପାଲଟିଛି ଚିତ୍ରରାତି । ରାଜଧାନୀର କାନ୍ଥବାଡ଼ ଓ ବାଟଘାଟ ଚିତ୍ରଶିଳ୍ପୀଙ୍କ ହାତର ସ୍ପର୍ଶରେ ହୋଇଛି ଶ୍ରୀମଣ୍ଡିତ । କାନ୍ଥରେ ସାହିତ୍ୟକୃତିର ଚିତ୍ରରୂପକୁ ନେଇ ଆମର ପ୍ରତିଫଳନ ।

# ମନମୋହିଲା ଭୁବନେଶ୍ୱର



**ପାର୍ଥ ସାରଥୀ ରାଉତ**

ଫଟୋ ସୌଜନ୍ୟ : ଲେଖକ ଓ କଲ୍‌କୀ କୃଷ୍ଣ

ଚା' ଷ୍ଟଲ୍‌ରେ ଏକା ସମୟରେ ଚା' ପିଇ ନଥିଲେ ଆଦୌ ଜାଣି ହୁଅନ୍ତା ନାହିଁ, ଲୋକଟା ଭିତରେ ଏତେ ସାହିତ୍ୟଧାରଣା ଭରି ରହିଛି ବୋଲି । ବୟସ ପାଖାପାଖି ପଚାଶ, ନିହାତି ସାଧାରଣ ବେଶପୋଷାକ । କିନ୍ତୁ କଥା ଶୈଳୀ ଓ କଳାସାହିତ୍ୟରେ ଅଗାଧ ଦଖଲ ମୋ ପରି କେତେକ ସୃଜନପ୍ରିୟ ଲୋକଙ୍କୁ ବେଶ୍ କିଛି ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଲା । କଥାକଥାକେ କବିତା, ନହେଲେ କେଉଁ ଉପନ୍ୟାସର ସ୍ମରଣୀୟ କେଇ ଲାଇନ୍ । ଏକା ନିଶ୍ୱାସରେ କହି ଚାଲିଥିଲେ, "ଆଗରୁ ଆଜ୍ଞା କହି କହି ତଣ୍ଟି ଫାଟି ଯାଉଥିଲା ଯେ ଓଡ଼ିଶାରେ ଜନ୍ମ ନନେଇ ଆଉ କେଉଁଠି ଜନ୍ମ ହୋଇଥିଲେ ଯଥେଷ୍ଟ ସମ୍ମାନ ଓ ସ୍ୱୀକୃତି ପାଇଥାନ୍ତେ । ସ୍ମାରକୀ ସ୍ୱରୂପ ନା ଡାକ ଟିକେଟ, ନା ପାଠାଗାର ପ୍ରତିଷ୍ଠା କିମ୍ବା ନା ପ୍ରତିମୂର୍ତ୍ତି ନିର୍ମାଣ... । କେଉଁଥିରେ ମନୀଷୀମାନଙ୍କୁ ଉଚିତ୍ ସମ୍ମାନ ଦେଇ ହେଉନି"...ଟିକେ ନିଶ୍ୱାସ ନେଇ ଅଧାକଥାର ଖିଅ ଧରିଲେ, "ଏବେ କିନ୍ତୁ କେହି ସେକଥା ଦୋହରାଇ ପାରିବେନି । ସମୟ ବଦଳୁଛି । ଭୁବନେଶ୍ୱରର କାନ୍ଥରେ ବାଡ଼ରେ ସବୁ ମହାନ୍ ସାହିତ୍ୟ ସ୍ରଷ୍ଟାଙ୍କ ଶ୍ରେଷ୍ଠ କୃତି । କେତେ ସୁନ୍ଦର ନହୋଇଛି ! କାନ୍ଥରେ ଏପରି ଚମତ୍କାର ସାହିତ୍ୟ ଦେଖି ମୋ ପେଟ ପୂରି ଯାଉଛି ଆଜ୍ଞା । ଆଜିକୁ କୋଡ଼ିଏ ପଚିଶ ବର୍ଷ ତଳେ ଆଜ୍ଞା ଲାବଣ୍ୟବତୀ, ଲଛମା, ଯାଜ୍ଞସେନୀ ଆଦି ପଢ଼ିଥିଲି । ସେତେବେଳେ ପ୍ରତି ମାସରେ ତିନି ଚାରିଟି ନୂଆ କାବ୍ୟ କି ଉପନ୍ୟାସ ନପଢ଼ିଲେ ମନ ବୁଝୁ ନଥିଲା । ଯେତେ ମୋଟା ବହିଟେ ହେଉ, ଏକା ଦିନରେ ସାରି ଦେଉଥିଲି । ମାତ୍ର ଡାଲିତେଲର ସଂଘର୍ଷ ଭିତରେ ଏବେ ପଢ଼ାପଢ଼ି ଠୁ ବହୁ ଦୂରରେ । ବୟସ ତାଳେ ତାଳେ ଆଖିର ପାୱାର୍ ବି କମିଛି । ମାତ୍ର ଏବେ ରାଜଧାନୀ କାନ୍ଥରେ ଏପରି ବହିର ସୁନ୍ଦର ପ୍ରଚ୍ଛଦ ଦେଖି ପ୍ରତି ଚିତ୍ର ପାଖରେ ଅଧଘଣ୍ଟା ଲେଖାଏଁ ଅଟକିଯାଉଛି ।" ସାହିତ୍ୟପ୍ରେମୀ ଭାଇଙ୍କର ଏକଥା ମୋତେ ଟାଣିନେଲା ରାଜଧାନୀର ଚିତ୍ରକାନ୍ଥକୁ ।

ମନ୍ଦିରମାଳିନୀ ନଗ୍ର ଏବେ ଦେଶର କ୍ରୀଡ଼ା କେନ୍ଦ୍ର ବା ସ୍ପୋର୍ଟସ୍ ହବ୍ । ବିଶ୍ୱ ଆଥ୍‌ଲେଟିକ୍ସ ଆୟୋଜନ ପରେ ହକି ବିଶ୍ୱକପ୍‌କୁ ନେଇ ଆନ୍ତର୍ଜାତୀୟ ସ୍ତରରେ



## ସଫଳତାର ସୂତ୍ରଧର

ସୌନ୍ଦର୍ଯ୍ୟକରଣ ପୂର୍ବରୁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଓ ରାଜ୍ୟ କ୍ରୀଡ଼ା ମନ୍ତ୍ରାଳୟ ବିଭିନ୍ନ ଚିତ୍ରକଳା ଅନୁଷ୍ଠାନ ପକ୍ଷରୁ ପ୍ରସ୍ତାବ ଆହ୍ୱାନ କରିଥିଲେ । ବିଭିନ୍ନ ସଂଗଠନ ଭିନ୍ନ ଭିନ୍ନ ପ୍ରସ୍ତାବ ଦେଇଥିଲେ । ତା ମଧ୍ୟରୁ ସବୁଠାରୁ ଉପାଦେୟ ପ୍ରସ୍ତାବ ଥିଲା ଓଡ଼ିଶା ପ୍ରୋଗ୍ରେସିଭ୍ ଆର୍ଟ ସଂସ୍କାର । ଫାଇନ୍ ଓ ଭିଜୁଆଲ୍ ଆର୍ଟରେ ଶିକ୍ଷା ସମାପ୍ତ କରିବା ପରେ କିଛି ଉତ୍ସାହୀ ଶିଳ୍ପୀ ମିଶି ତିଆରି କରିଛନ୍ତି ଏହି ଫ୍ରଣ୍ଟ୍ । ଓଡ଼ିଆ ସାହିତ୍ୟର ସ୍ମରଣୀୟ କୃତିକୁ ଆଗକୁ ଆଣିବା ସେମାନଙ୍କ ଅନୁଷ୍ଠାନର ଲକ୍ଷ୍ୟ ବୋଲି କହିବା ସହ ବିଏମ୍ସିକୁ ନିଜ କୃତିର କେତେକ ନମୁନା ମଧ୍ୟ ପ୍ରଦର୍ଶିତ କରିଥିଲେ । ଥିମ୍ ଥିଲା ଚମତ୍କାର ଓ ଏହାକୁ କେମିତି ଏଡ଼େଇ ଦେଇ ପାରିଥାନ୍ତେ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଓ ରାଜ୍ୟ କ୍ରୀଡ଼ା ମନ୍ତ୍ରାଳୟର ବରିଷ୍ଠ କର୍ମକର୍ତ୍ତା ! ତାପରେ ଗୋଟିଏ ପରେ ଗୋଟିଏ କାନ୍ଥରେ ଉପାଦେୟ ପୁସ୍ତକକୁ ଫୁଟାଇ ଚାଲିଥିଲେ ନିଜ ତୂଳୀରେ । ଏନେଇ ଅନୁଷ୍ଠାନର ମୁଖ୍ୟ **ପ୍ରିୟରଂଜନ ବରାଳ** କହନ୍ତି ଯେ ତାଙ୍କ ସଙ୍ଗଠନ ହଜି ଯାଉଥିବା ଐତିହ୍ୟ ଉପରେ କାମ କରିଥାଏ । ଓଡ଼ିଆ ସାହିତ୍ୟର ବହୁ ଉପାଦେୟ ପୁସ୍ତକ ଲୋକଲୋଚନ ଆଢୁଆଳରେ ରହିଯାଉଥିବାରୁ ସେଗୁଡ଼ିକୁ ଉଜ୍ଜୀବିତ କରିବାକୁ ପ୍ରୟାସ ଆରମ୍ଭ କରିଛୁ । ତାଙ୍କ ସମେତ ଅନୁଷ୍ଠାନର ୧୪ଜଣ ତରୁଣ ଶିଳ୍ପୀ ପ୍ରାୟ ୨୦ଦିନ ଧରି ଏହି ପ୍ରୟାସ କରିଥିଲେ ।

ଇଟାପଥରର କାନ୍ଥରେ ଫୁଟି ଉଠିଛି ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ କୃତିମାନ । ପୁରାତନ ସହ ସମସାମୟିକ ସାହିତ୍ୟର ହୋଇଛି ଚମତ୍କାର ପ୍ରତିଫଳନ । ଲାବଣ୍ୟବତୀ, ଛ ମାଣ ଆଠଗୁଣ୍ଠ, ଚିତ୍ରଲେଖା, ଯାଜ୍ଞସେନୀ, ମାମୁ, ଲଛମା, ଡାକମୁନସୀ, ମୋକ୍ଷ, ଶ୍ରୀରାଧା, ଶିଳାପଦ୍ମ, ତପସ୍ୱିନୀ, ପ୍ରଣୟବଲ୍ଲରୀ, ପ୍ରେମସୁଧାନିଧି, ରସିକ ହାରାବଳି ପରି ଉପାଦେୟ ପୁସ୍ତକମାନ ସ୍ଥାନ ପାଇଛି । ଏଥିସହିତ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରି ମହା ମନିଷୀଙ୍କର ମଧ୍ୟ ପୂର୍ଣ୍ଣାବୟବ ପେଣ୍ଟିଂ ଏକାଧିକ ସ୍ଥାନରେ କରାଯାଇଛି ।

ଏହି ଚିତ୍ରକାନ୍ଥ ବା ପାଚେରୀ ଗୁଡ଼ିକ ସ୍ମରଣୀୟ ବହିଥାକର ଭ୍ରମ ସୃଷ୍ଟି କରୁଛି । ଦୂରରୁ ଦେଖିଲେ ଲାଗୁଛି ଯେମିତି ଇଟାକାନ୍ଥର ପାଚେରୀ ନୁହେଁ ତ, ବୃହଦାକାର ପୁସ୍ତକଗୁଡ଼ିକୁ ଥାକ ଥାକ କରି ସଜା ହୋଇଛି । ଏପରି ଚିତ୍ତାକର୍ଷକ ଆର୍ଟ ଦେଖିବାକୁ ରାସ୍ତାରେ ଲୋକେ ଘଣ୍ଟା ଘଣ୍ଟା ଅଟକି ଯାଉଛନ୍ତି । ମନଧ୍ୟାନ ଦେଇ ତଲ୍ଲୀନ ହୋଇ ଦେଖୁଛନ୍ତି ବହିର ପ୍ରଚ୍ଛଦକୁ, ଏଥିସହିତ ସେସବୁର ଲେଖକଙ୍କୁ । ଆଉ ଏହି ଚିତ୍ରକାନ୍ଥ ପାଖରେ ସେଲ୍ଫି ନେବା ପାଇଁ ତ ପ୍ରତିଯୋଗିତା ଚାଲିଛି । ୬ ବର୍ଷରୁ ୬୦ବର୍ଷ ପର୍ଯ୍ୟନ୍ତ ସମସ୍ତେ ଫଟୋ ଉଠାଇ ଏହି ଚିତ୍ରିତ ଚୌହଦୀକୁ ନିଜ ଭିତରେ ସାଇତି ନେଉଛନ୍ତି । ବିଶେଷ କରି ସାହିତ୍ୟମନସ୍କଙ୍କ ପାଇଁ ଏହା ସମ୍ଭାର ଆଣିଛି । ଯଦିଓ ଏଥିରେ କେତେକ ବନାନଗତ ତ୍ରୁଟି ରହିଛି, ଯାହାକୁ ନେଇ କିଛି ପରିମାଣରେ ଅସନ୍ତୋଷ ମଧ୍ୟ ଦେଖିବାକୁ ମିଳିଛି । ଆଗାମୀ ଦିନରେ ଏହିପରି କିଛି ୱାଲ୍ ଲିଟ୍ରେଚର୍ ପ୍ରମୋସନ୍ ଯୋଜନା ଥିଲେ ବିଏମ୍ସି କର୍ତ୍ତୃପକ୍ଷ ବନାନଗତ ଅଶୁଦ୍ଧି ପ୍ରତି ଧ୍ୟାନ ଦେବାକୁ ବୁଦ୍ଧିଜୀବୀମାନେ କହିଛନ୍ତି । ଏହା ହେଲେ ଏହି ପରମ୍ପରା ଆହୁରି ସମୃଦ୍ଧ ଓ ବ୍ୟାପକ ହେବ । ତେବେ ଏହି କଥାଟିକୁ ବାଦ୍ ଦେଲେ ଏହି ଐତିହାସିକ ପଦକ୍ଷେପ ପ୍ରଶଂସନୀୟ ପ୍ରମାଣିତ ହୋଇଛି । ଏ ନେଇ ଖ୍ୟାତନାମା ଶିଳ୍ପୀ ତଥା ରାଜ୍ୟ ଲଳିତକଳା ଏକାଡ଼େମୀର ପୂର୍ବତନ ସମ୍ପାଦକ **ତାରାକାନ୍ତ ପରିଡ଼ା** କହନ୍ତି ଯେ ପୂର୍ବରୁ ୱାଲ୍ ପେଣ୍ଟିଂ ପାଇଁ ଓଡ଼ିଆ ଶିଳ୍ପୀମାନଙ୍କୁ ଦିଲ୍ଲୀ, ହାଇଦ୍ରାବାଦ ଅଥବ ବାଙ୍ଗାଲୋର ଯିବାକୁ ପଡୁଥିଲା । କାରଣ ଆର୍ଟିଷ୍ଟମାନଙ୍କ ପାଇଁ ଏଠାରେ କମର୍ସିଆଲ କାମ ଖୁବ୍ ବେଶି ମିଳୁନଥିଲା । ମାତ୍ର ଏବେ ସେ ସମୟ ସରିବାକୁ ଯାଉଛି । ଓଡ଼ିଶା ସରକାର ହକି ବିଶ୍ୱକପ୍ରେ ଏବେ ଯେଉଁ ନୂଆ ଧାରା ଆରମ୍ଭ କରିଛନ୍ତି, ବିଭିନ୍ନ ମେଗା ଇଭେଣ୍ଟ ଅବସରରେ ତାହା ବଜାୟ ରଖିବା ଆବଶ୍ୟକ । ତାହା ହେଲେ ରାଜ୍ୟର ଅନେକ ଉଦୀୟମାନ ଶିଳ୍ପୀଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବା ସହ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇପାରିବ ।

ସହରର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟର ଆଗଧାଡ଼ିର ଚିତ୍ରଶିଳ୍ପୀଙ୍କୁ ବାଛିଥିଲା ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଓ ରାଜ୍ୟ କ୍ରୀଡ଼ା ମନ୍ତ୍ରାଳୟ । ପନ୍ଦରଟି ଗ୍ରୁପରେ ବିଭକ୍ତ ହୋଇ ପ୍ରାୟ ୬୦୦ରୁ ଅଧିକ ଚିତ୍ରଶିଳ୍ପୀ ମାସାଧିକ କାଳ ଏଥିରେ ମନପ୍ରାଣ ଢାଳି ଦେଇଥିଲେ । ରଙ୍ଗତୂଳୀରେ ଦିନରାତିକୁ ଏକ କରିଦେଇଥିଲେ ସେମାନେ । ଲୋକେ ଚାହିଁଥିଲେ ସେମାନଙ୍କ ଶେଷସ୍ପର୍ଶକୁ । ମାତ୍ର ଅନେକଙ୍କ



# ଆମେରିକୀୟ ଶିଳ୍ପୀ ପ୍ରମୁଖ ଆକର୍ଷଣ

ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ସବୁଠୁ ଆକର୍ଷକ ସାଜିଥିଲା ଆମେରିକୀୟ ଆର୍ଟିଷ୍ଟଙ୍କ ଟିମ୍ । ଏହି ଟିମ୍‌ରେ ଥିଲେ ଚାରି ଜଣ ଶିଳ୍ପୀ । ଟ୍ରେସି ଲିଷ୍ଟମ୍, ଜି.ଡାଇଲର୍, ଜୁଲିଓ ଏବଂ ଆନ୍ନା ରୋନେନ୍ । ଏମାନେ ପ୍ରାୟ ତିରିଶ ଦିନ ରହି ପାଂଚଟି କାନ୍ଥରେ ଫୁଟାଇଥିଲେ ଥ୍ରୀ-ଡି ଆର୍ଟର ଚମକ । ଦକ୍ଷିଣ କାଲିଫର୍ଣ୍ଣିଆର ଟ୍ରେସି ଲିଷ୍ଟମ୍ ଥିଲେ ଟିମ୍‌ର ମୁଖ୍ୟ । ଲସ୍ ଆଞ୍ଜେଲ୍‌ସ୍‌ରୁ ଆସିଥିଲେ ଜୁଲିଓ, ହଷ୍ଟନ୍‌ରୁ ସାମିଲ ହୋଇଥିଲେ ରୋନେନ୍ ଏବଂ ଲାସ୍ ଭେଗାସ୍‌ରୁ ଆସିଥିଲେ ଚିତ୍ରଶିଳ୍ପୀ ଡାଇଲର୍ । ଏମାନେ ସମସ୍ତେ ଆମେରିକାର ଆର୍ଟ ଏଜୁକେସନ୍ ନେଇ ଅଭିଜ୍ଞ ଶିଳ୍ପୀ ଭାବେ ନାଁ କମେଇଛନ୍ତି । ଏହି ଫରେନ୍ ଆର୍ଟିଷ୍ଟମାନେ ଥ୍ରୀଡି ଚିତ୍ର ଆଙ୍କୁଥିବା ବେଳେ ବିଭିନ୍ନ ଛକରେ ନାହିଁ ନଥିବା ଭିଡ଼ ଜମିଥିଲା । ବିଦେଶୀ ଚିତ୍ରଶିଳ୍ପୀମାନେ କେବଳ ଓଡ଼ିଶା ରାଜଧାନୀରେ ଚିତ୍ର ଆଙ୍କି ନଥିଲେ, ମନ୍ଦିର ମାଳିନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟରେ ହୋଇଥିଲେ ବିମୋହିତ । ଓଡ଼ିଶା କଳା ସଂସ୍କୃତି ଐତିହ୍ୟ ଓ ସାହିତ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ଏଠାକାର ଖାଦ୍ୟ, ପରିବେଶ ବିଶେଷ କରି ଓଡ଼ିଆ ଲୋକଙ୍କ ସୌଜନ୍ୟବୋଧ ଖୁବ୍ ଚମତ୍କାର ବୋଲି କହନ୍ତି ଟ୍ରେସି ଲିଷ୍ଟମ୍ । ମନ୍ଦିରମାଳିନୀ ନଗ୍ର ସାଙ୍ଗକୁ ବିଶ୍ୱର ସ୍ମାର୍ଟ ସିଟିର ମାନ୍ୟତା ପାଇବାର ଖବର ଚମତ୍କାର ବୋଲି କହନ୍ତି ଟ୍ରେସି ଲିଷ୍ଟମ୍ ।



ମନ୍ଦିରମାଳିନୀ ନଗ୍ର ସାଙ୍ଗକୁ ବିଶ୍ୱର ସ୍ମାର୍ଟ ସିଟିର ମାନ୍ୟତା ପାଇବା ଖୁବ୍ ଗର୍ବର କଥା ବୋଲି କହିବା ବେଳେ ଭାବପ୍ରବଣ ହୋଇ ଉଠିଥିଲେ ଟ୍ରେସି । ରୋନେନ୍ କହିଥିଲେ, ପୁରୀ ସମ୍ପର୍କରେ ଆମେ ଆଗରୁ ଶୁଣିଥିଲୁ । ଓଡ଼ିଶା ଏକ ସାଂସ୍କୃତିକ ପୀଠ ବୋଲି ବି ବିଭିନ୍ନ ପତ୍ରପତ୍ରିକାରୁ ଜାଣିଥିଲୁ । ତେଣୁ ଏଠାକୁ ଆସିବାକୁ ବହୁତ ଇଚ୍ଛା ଥିଲା । ସେହିପରି ସୁଯୋଗ ପାଇଲେ ସେମାନେ ବାରମ୍ବାର ଓଡ଼ିଶା ଆସିବେ ବୋଲି ସେ କହିଥିଲେ ।

ଧାରଣାକୁ ଭୁଲ୍ ପ୍ରମାଣିତ କରିଥିଲା ଚିତ୍ରଶିଳ୍ପୀମାନଙ୍କ ତୂଳୀ । କେବଳ ଖେଳ ଓ ଖେଳାଳିଙ୍କ ଚିତ୍ର ନଆଙ୍କି ସେଥିରୁ ଝରିଥିଲା କଳା, ସଂସ୍କୃତି, ସାହିତ୍ୟର ସୃଜନୀ । ଓଡ଼ିଶା ମଡ଼ର୍ଣ୍ଣ ଆର୍ଟ ଗ୍ୟାଲେରୀ, ବକୁଲ୍ ଫାଉଣ୍ଡେସନ୍, କୃତ୍ତିକା, କନକ ଆର୍ଟ, ସୂତ୍ର ଆର୍ଡ଼ଭାଇଟାଇଜିଂ, ଓଡ଼ିଶା ପ୍ରୋଗ୍ରେସିଭ୍ ଆର୍ଟ (ଓପାକ୍) ପରି ସଂସ୍ଥାର ଚିତ୍ରଶିଳ୍ପୀମାନେ ଏହାର ପୁରୋଧା ସାଜିଥିଲେ । ସିଟି ଜଙ୍କ୍‌ସନ୍‌ଠୁ ନେଇ ଫ୍ଲାଏ ଓଭର୍, ନାଲ୍‌କୋ ସ୍କୋୟାର୍ ଠୁ ନେଇ ନିକୋ ପାର୍କ ଛକ ପର୍ଯ୍ୟନ୍ତ ସବୁ ଝଲସି ଉଠିଥିଲା ତରୁଣ ଶିଳ୍ପୀଙ୍କ ତୂଳୀରେ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏପରି ଚମତ୍କାର ଚିତ୍ରକଳା ଦୀର୍ଘଦିନ ରହିବା ପାଇଁ ବିଭିନ୍ନ ପ୍ରକାର କୋଟିଂ ଓ ଅତ୍ୟାଧୁନିକ କେମିକାଲ୍ ବ୍ୟବହାର କରାଯାଇଛି । ପ୍ରାୟ ୭ ବର୍ଷ ପର୍ଯ୍ୟନ୍ତ ଏହି ସୌନ୍ଦର୍ଯ୍ୟକରଣ ଅକ୍ଷୁର୍ଣ୍ଣ ରହିବ ବୋଲି ଆର୍ଟ ସଙ୍ଗଠନଗୁଡ଼ିକ ଆଶ୍ୱାସନା ଦେଇ କହନ୍ତି ।

କାନ୍ଥରେ ଗାଥା ବା ୱାଲ୍ ପେଣ୍ଟିଂର ଇତିହାସ ବହୁ ପୁରୁଣା । ଗବେଷକଙ୍କ ମତ ଅନୁଯାୟୀ, ଷୋଡ଼ଶ ଶତାବ୍ଦୀ ପୂର୍ବରୁ ଏହି ଧାରା ଆରମ୍ଭ ହୋଇଥିଲା । ପାଶ୍ଚାତ୍ୟରେ




ଆରମ୍ଭ ହୋଇଥିଲା ଏହି ପରମ୍ପରା । ରାଜାରାଜୁଡ଼ା ସମୟରେ ସ୍ମରଣୀୟ ଗାଥା ଓ କୃତିକୁ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଦର୍ଶନ କରିବା ଥିଲା ଏହାର ମୁଖ୍ୟ ଲକ୍ଷ୍ୟ । ବିଶେଷକରି ରାଜକୀୟ ସଫଳତା ଓ ଗୌରବ ବଖାଣିବା ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଥିଲା ବୋଲି ଗବେଷକମାନେ କହନ୍ତି । ସେଥିପାଇଁ ରାଜବଂଶ ପୁରୋହିତ ପରି ରାଜବଂଶୀୟ ଶିଳ୍ପୀ ଓ ଭାଟମାନେ ରହିଥିଲେ । ଏହି ଧାରା ପରବର୍ତ୍ତୀ ସମୟରେ କାଳକ୍ରମେ ଥିଏଟର୍ ଓ ମଞ୍ଚ ନାଟକ, ସିନେମା ଆଦିକୁ ବ୍ୟାପିଥିଲା । ୱାଲ୍ ଲିଟ୍ରେଚର୍‌ର ଏହି ଧାରା ଏବେ ବି ବହୁ ଜାଗାରେ ରହିଛି । କେଉଁଠି ରଙ୍ଗତୂଳୀ, କେଉଁଠି ଚକ୍ ଖଡ଼ି ତ କେଉଁଠି ଡିଜିଟାଲ୍ ୱାଲ ।

ସାହିତ୍ୟପ୍ରେମୀ ଲୋକଟି ତ କଥା କେଇପଦ କହିଦେଇ ଚାଲିଗଲେ । ମାତ୍ର ତାଙ୍କ କଥା ମୋତେ ଭାଷା ଓ ଭୂଗୋଳ ଭିତରେ ଥିବା ଅନ୍ତଃକରଣ ଭିତରକୁ ଟାଣିନେଲା । ଦେଖିବାକୁ ଗଲେ ଏ ଦୁଇଟି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଅର୍ଥାତ୍ ସବୁ ଭାଷାର କିଛି ନା କିଛି ଭୌଗୋଳିକ ଭିତ୍ତି ରହିଛି । ଭାଷା ବିନା ଭୂଗୋଳ ବା ଭୂଗୋଳ ବିନା ଭାଷା ଅସଂପୂର୍ଣ୍ଣ । ଭୁବନେଶ୍ୱରର ଭୂଗୋଳ ସଂପ୍ରତି ଏହାକୁ ନିଖୁଣ ଭାବେ ପ୍ରତିପାଦିତ କରୁଛି । ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ତା ଭିତରେ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ଜନମାନସରେ ଉଜ୍ଜୀବିତ କରାଇବା ସହ ରାଜଧାନୀର ଭୂଗୋଳକୁ ଆହୁରି ଋଦ୍ଧିମନ୍ତ କରିଛି । ଡିଜିଟାଲ୍ ମାର୍କେଟିଂ ଓ ଇ-ମିଡ଼ିଆ ଯୁଗରେ କାଳିକଲମର ବହିକୁ ପୁଣିଥରେ ମାନସପଟରେ ଜାଗ୍ରତ କରାଇ ସାହିତ୍ୟପ୍ରେମୀଙ୍କୁ ଖୋରାକ୍ ଯୋଗାଇଛନ୍ତି । ତେବେ ସେ ଯାହା ହେଉନା କାହିଁକ କ୍ରୀଡ଼ା ମହାକୁମ୍ଭ ପୃଷ୍ଠଭୂମିରେ ସାହିତ୍ୟ ପୃଷ୍ଠପୋଷକତାର ଯେଉଁ ଧାରା ଆରମ୍ଭ ହୋଇଛି, ତାହା ଆହୁରି ବ୍ୟାପକ ହେଉ । ଓଡ଼ିଆ ସାହିତ୍ୟକୁ ଯେଉଁ ମହାମନୀଷୀମାନେ ନିଜ ଲେଖନୀରେ ସମୃଦ୍ଧ କରିଛନ୍ତି, ଏହି ପଦକ୍ଷେପ ସେମାନଙ୍କ ପାଇଁ କିଛିକାଂଶରେ ହେଲେ ବି ଉପଯୁକ୍ତ ସମ୍ମାନ ଓ ସ୍ୱୀକୃତି ହେବ, ଏହା ଅନସ୍ୱୀକାର୍ଯ୍ୟ । ପ୍ରୟାସକୁ ପ୍ରଣାମ ।

ଶୈଳଶ୍ରୀ ବିହାର, ଭୁବନେଶ୍ୱର, ଫୋନ : ୯୪୩୮୨୯୦୪୯୧

# ନଈର ନାଁ
# ନାଗାବଳୀ



# ନାଗାବଳୀ କଥା




**ଡମ୍ବରୁଧର ପଟ୍ଟନାୟକ**

'ସାହିତ୍ୟାୟନ', କୋ-ଅପରେଟିଭ୍ କଲୋନୀ
ଦ୍ୱିତୀୟ ଗଳି, ରାୟଗଡ-୭୬୫୦୦୧
ଫୋନ୍ : ୯୪୩୮୬୧୦୮୧୧


ଫଟୋ ସୌଜନ୍ୟ : ଲେଖକ

ନଈଟିଏ । ନାଁ ତାର ନାଗାବଳୀ । ଜନ୍ମସ୍ଥଳରେ କଳକଳ ଛଳଛଳ ଝରଣା ପରି ସେ । କଳାହାଣ୍ଡିର ନିୟମଗିରି ପାହାଡ ଅନ୍ତର୍ଗତ ବିଜାପୁର ପର୍ବତମାଳା ଲାଖବାହାଲ ହେଉଛି ନାଗାବଳୀର ଜନ୍ମସ୍ଥାନ । ସେଠାରୁ ବାହାରି ଅଙ୍କାବଙ୍କା ବହି ଚାଲିଛି ଆଗକୁ ଆଗକୁ । ପାହାଡରୁ ତଳକୁ ଗଡିବା, ପଥରରେ କଚାଡି ହେବା, ଜଳ ଛିଟିକାରେ ଆଖପାଖର ଗଛଲତା, ପ୍ରାଣୀଜଗତ ଓ ଜନସମାଜକୁ ଭିଜେଇବା ଭିତରେ କିଛି ବାଟର ଯାତ୍ରାପଥ ନାଗାବଳୀକୁ କରିଛି ବୟସ୍କା । କଳେବର ଆସିଛି ପରିବର୍ତ୍ତନ । ସେ ପାଲଟିଛି ଋତୁମତୀ ପାହାଡୀ କନ୍ୟା । ଜଳର ଯୌବନରେ ଦେହ ତାର ଭରା ଭରା । ଦେହରେ ତୃଷାର୍ତ୍ତଙ୍କୁ ନିଜ ଆଡକୁ ଆକର୍ଷି ଆଣିବାର ଆତ୍ମୀୟପଣ । ଜଳଦାନ ତ ମହାପୁଣ୍ୟର କଥା । ତାହା ନକରିବ କେମିତି ? ଏକ ନିର୍ଦ୍ଦିଷ୍ଟ ଗତିପଥ ଏକ ନିର୍ଦ୍ଦିଷ୍ଟ ଧାରାରେ ଯାତ୍ରା ତାର । ହେଲେ କିଏ ଯଦି ବାଟ କଢେଇ ନିଏ ନାଚାର ନଈ । ସ୍ୱୟଂ ବଳରାମ ନିଜ ଲଙ୍ଗଳମୁନରେ ବାଟ କଢେଇ ନେଇଗଲେ ନାଗାବଳୀକୁ ଆଗକୁ ଆଗକୁ । ବଦଳିଲା ନଈର ନକ୍ସା । ଓଡିଶାର କଳାହାଣ୍ଡିରୁ ଆନ୍ଧ୍ରର ବିଜୟନଗରମ୍-ଶ୍ରୀକାକୁଲମ୍ ଦେଇ ବଙ୍ଗୋପସାଗରରେ ମିଶିଲା ସେ । ସେଇଥିପାଇଁ ଓଡିଶାରେ ସେ ନାଗାବଳୀ ତ ଆନ୍ଧ୍ରରେ ଲାଙ୍ଗଳିନୀ ରୂପେ କରିଚିତା ।

## ନାଗାବଳୀର ନାମକରଣ

ନାଗାବଳୀର ନାମକରଣରେ ଲୁକ୍କାୟିତ ଏକ ବିଶେଷ ମହତ୍ୱ । ତା କୂଳରେ ବସବାସ କରୁଥିବା ପ୍ରାଚୀନ ଆଦିବାସୀ ଜନଜାତିଙ୍କ ମଧ୍ୟରୁ ନାଗ ବଂଶ ଅନ୍ୟତମ । ଏମାନଙ୍କ ବଂଶାବଳୀ ଅନୁଧ୍ୟାନରୁ ଜଣାଯାଏ ଯେ ଏମାନେ ମୁଖ୍ୟତଃ ଗଣ୍ଡ ସଂପ୍ରଦାୟରୁ ସଂଭୂତ ନାଗଗୋଷ୍ଠୀ ପର୍ଯ୍ୟାୟଭୁକ୍ତ । ଏମାନେ ନାଗପୂଜା ଓ ଧରିତ୍ରୀ ପୂଜାର ପରଂପରାରେ ବିଶ୍ୱାସୀ । ନିଜକୁ ବସୁମତୀ ମାଆ ବା ବାସୁକୀ ମାତାଙ୍କ ସନ୍ତାନ ବୋଲି ଏମାନେ ବିଶ୍ୱାସ କରନ୍ତି । ଅପରପକ୍ଷରେ ଶିଶୁନାଗ ବଂଶକୁ ଶେଷନାଗ ବା ବଳରାମଙ୍କ ବଂଶ ବୋଲି କୁହାଯାଏ । ଏହି ବଂଶର ପ୍ରତିଷ୍ଠା ସମୟ ଇତିହାସର ନିରୂପଣ ଅନୁସାରେ ଖ୍ରୀଷ୍ଟପୂର୍ବ ୧୯୯୫ ମସିହା । କିମ୍ବଦନ୍ତୀ କହେ ନାଗାବଳୀର ଜନ୍ମସ୍ଥାନଟି ଘନ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ସେହି ସମୟରେ ଶେଷନାଗ ବା ହଳଧର ବଳରାମ ପ୍ରଥମେ ଏ ଅଂଚଳରେ କୃଷିର ପ୍ରସାର ନିମନ୍ତେ ଜଳର ଆବଶ୍ୟକତା ଅନୁଭବ କରି ନିଜ ଲଙ୍ଗଳ ମୂନରେ ଖୋଳି ନାଗାବଳୀକୁ ଆବିର୍ଭୂତ କରାଇ ଥିଲେ । କାଳକ୍ରମେ ତାଙ୍କରି ନିର୍ଦ୍ଦେଶିତ ପଥରେ ଗମନ କରି ଆନ୍ଧ୍ରର କଳିଙ୍ଗପାଟଣା ଠାରେ ବଙ୍ଗୋପସାଗରରେ ବିଲୀନ ହୋଇଛି ଏ ନଈ ।

ଆଉ ଏକ କଥନିକା ଅନୁସାରେ ମହାଭାରତର କୌରବମାନେ ଭୀମଙ୍କୁ ବିଷଲଡୁ



## ଜିଲ୍ଲା ଗେଜେଟିୟରରେ ଯାହା ଉଲ୍ଲେଖ ଅଛି

The river Nagavali is 151 miles (241 kilometres) long out of which 63 miles (100 kilometres) run through this District. It rises in the Kalahandi District and flows through the fertile Kalyansingpur valley, then flown past Rayagada and enters Srikakulam District. Ultimately, it falls into the Bay of Bengal. Near Rayagada it becomes a gorge with two falls of 20 and 30 feet. The river travels occurring at a height of 200 feet above the river-bed indicates a deep cutting river through soft soil as well as rising land. It is joined by another tributary the Jhanjabati, which drains the Narayanpatna area. Before it reaches the sea near Srikakulam of Andhra Pradesh, it undergoes a change of name.

**Rayagada District Gazetteer, Page-2**

ଖୁଆଇ ମରିଗଲେ ଭାବି ଯମୁନା ନଦୀରେ ଭସାଇ ଦେଇଥିଲେ । ସେହି ସମୟରେ ଏ ଅଂଚଳର ନାଗବଂଶୀୟ ରାଜାଙ୍କ ସହ ତାଙ୍କ କନ୍ୟା ନାଗବାଳୀ ବାରୁଣୀ ସ୍ନାନ କରିବାକୁ ଯାଇ ଅଚେତ ଭୀମଙ୍କୁ ପାଣିରୁ ଉଠାଇ ଆଣିଥିଲେ ଏବଂ ବିଷହରଣପୂର୍ବକ ତାଙ୍କୁ ନିଜ ରାଜ୍ୟକୁ ନେଇ ଆସିଥିଲେ । ପରବର୍ତ୍ତୀ ସମୟରେ ଭୀମ ନାଗକନ୍ୟା ବେଲାବଳୀ ବା ନାଗବାଳୀଙ୍କୁ ବିବାହ କରି ସେଠାରେ ଶାସନକାର୍ଯ୍ୟ ତୁଲାଇଲେ । ତେଣୁ ଭୀମ-ନାଗବାଳୀଙ୍କ ସ୍ମୃତିରେ ନାଗାବଳୀ ନାମଟି ହୋଇଥିବା ଲୋକବିଶ୍ୱାସ ରହିଛି । କାରଣ ଏବେ ବି ଏଠାକାର ଆଦିବାସୀମାନେ ଭୀମଙ୍କୁ ଠାକୁର ରୂପେ ପୂଜା କରୁଥିବା ଦେଖାଯାଏ ।

ଲଙ୍ଗଳମୂଳରୁ ଆବିର୍ଭାବ ହେବା ପରେ ପ୍ରଥମେ କିଛିବାଟ ଜଙ୍ଗଲ, ପାହାଡର ପାଦଦେଶ ଦେଇ ଆଗକୁ ବଢିଛି ନାଗାବଳୀ । ପରେ ପରେ ଆସିଛି ନଗ୍ର ଓ ଜନପଦ । ଯେଉଁଠି ତା କୂଳରେ ମାନବସମାଜ ଗଢି ବସିଲେ ନିଜର ଜୀବନଜୀବିକା । ନଦୀର ଦୁଇକୂଳରେ ଗଢି ଉଠିଥିବା ଜନପଦର ଲୋକେ ନାଗାବଳୀର ଜଳରେ ଜଳସେଚିତ କରି ଆରମ୍ଭ କଲେ କୃଷିକର୍ମ । ଆଳସ୍ୟ ତ୍ୟାଗ କରି ଗୋଟିଏ ଜାତି (ସେ ଆଦିବାସୀ ହେଉ ବା ଜନଜାତି) ଚାଷବାସ ଦ୍ୱାରା ଜୀବନଯାପନର କ୍ରମବିକାଶରେ ହେଲେ ସାମିଲ୍ । ନାଗାବଳୀର ଦୁଇକୂଳରେ ତେଣୁ କୃଷିସମୃଦ୍ଧ ମଣିଷସମାଜଟିଏ ଅଚିରେ ସ୍ଥାପନ ହେଲା ।

### ଅନ୍ଧ ଆଧୁନିକତାରେ ନିଷ୍ପ୍ରଭ ନାଗାବଳୀ

ନାଗାବଳୀ କୂଳର ସହର ହେଉଛି ଜେକେପୁର । ସେଠି ଅଛି ଭାରତର ପ୍ରସିଦ୍ଧ କାଗଜ କଳ ଜେ.କେ.ପେପର୍ ଲିମିଟେଡ୍ । ଦୈନିକ ୪୦୦୦୦୦୦୦ ଲିଟର ଜଳ ଆବଶ୍ୟକ କରୁଥିବା ଏହି କାରଖାନାଟି ଭୂତଳ ଜଳ ସମେତ ଏ ନଦୀର ଜଳକୁ ବ୍ୟବହାର କରି ହୋଇଛି ସମୃଦ୍ଧ । ଅବଶ୍ୟ ଏହି କାରଖାନାର ରାସାୟନିକ ବର୍ଜ୍ୟ ଜଳରେ ନିତି ପ୍ରଦୂଷିତ ହେଇଚାଲିଛି ଏହାର ଜଳରାଶି । ତଳମୁଣ୍ଡର ଲୋକେ ତେଣୁ ପ୍ରଦୁଷିତ ଜଳର ସଂସ୍ପର୍ଶରେ ଆସି ବିଭିନ୍ନ ଚର୍ମରୋଗ ଓ ପେଟରୋଗ ଭୋଗୁଥିବାର ସମସ୍ୟା ନୂଆ ନୁହେଁ । ଏପରିକି ଏହି କାରଖାନାର ଦୂଷିତ ଜଳ ନଈରେ ମିଶିବା ଫଳରେ ୧୦ ପ୍ରତିଶତ ମାଛ ମରିଯିବାର ଦେଖାଯାଏ । କାରଣ ଏ ଦୂଷିତ ଜଳରେ ରହିଛି ସଲ୍‌ଫାଇଡ୍, ମର୍କ୍ୟୁରି, କାଡ୍‌ମିୟମ୍, ଡେନୋଲିକ୍ କଂପାଉଣ୍ଡ, ହେକ୍ସାଭାଲେଣ୍ଟ କ୍ରୋମିୟମ୍ ଭଳି ବିଷାକ୍ତ ରାସାୟନିକ ଉପାଦାନ । ଅତୀତରେ କିନ୍ତୁ ନାଗାବଳୀର ଜଳ ଥିଲା ସ୍ୱଚ୍ଛ ଓ ବିଶୁଦ୍ଧ । ଯାହାକୁ ଆଜି ବି ଝୁରି ହେଉଛନ୍ତି ଲୋକେ ।

ବର୍ତ୍ତମାନ ବାଲିଅନ୍ତା, ଖୋର୍ଦ୍ଧାରେ ରହୁଥିବା ସେମିତି ଜଣେ ବିଶିଷ୍ଟ ବ୍ୟକ୍ତି ହେଲେ **ଆର୍ଯ୍ୟ ଯଜ୍ଞଦତ୍ତ** । ଓଡ଼ିଶାର ଜଣେ ପ୍ରବୀଣ ଗାନ୍ଧିକ । ସେ ସ୍ମୃତିଚାରଣ କରି କହନ୍ତି, "୧୯୭୦ ମସିହାର କଥା । ମୁଁ ରାୟଗଡ ମହାବିଦ୍ୟାଳୟରେ ବି.ଏ. ପଢୁଥିଲି । ରବିବାର କିମ୍ବା ଅନ୍ୟ ଛୁଟିଦିନ ମାନଙ୍କରେ ସହପାଠୀଙ୍କ ସହ ନିୟମିତ ହାତୀପଥର ପାଖକୁ ଯାଉଥିବାର ମନେ ଅଛି । ସାଙ୍ଗରେ ଡେକ୍‌ଚି, କଡେଇ, ତେଲମସଲା, ଚାଉଳ ଓ ମାଂସ ଧରି । ସେଠି ପହଂଚି କାଠ ଜାଳି ରୋଷେଇ କରି ଖାଉଥିଲୁ ଆମେ । ସହପାଠୀମାନେ ହେଲେ ଦେବୀପ୍ରସାଦ ରାଓ, ନଳିନୀ ରଂଜନ ନାୟକ, ନିରଂଜନ ସାହୁ, ଅବଦୁଲ ସତାର, ନବୀନ ନାୟକ ପ୍ରମୁଖ । ଦିନକର ଘଟଣା । ନାଗାବଳୀରୁ ବ୍ଲିଚିଂ କି କ୍ଲୋରିନ୍ ଗନ୍ଧ ତୀବ୍ର ବାହାରିଲା । ପାଟିରେ ପାଣି ଦେଇ ହେଲା ନାହିଁ । ଆମେ ସମସ୍ତେ ବିମର୍ଷ ହେଇଗଲୁ । ବାଲି ଖୋଳି ପାଣି ସଂଗ୍ରହ କଲୁ, ସେଥିରେ ମଧ୍ୟ ସେହି ଦୁର୍ଗନ୍ଧ । ନିରାଶ ହୋଇ ଉପବାସରେ ଫେରିଲୁ, ଭୋଜି ରନ୍ଧା ନୋହିଲା । ପବନରେ ମଧ୍ୟ ସେହି ଅତିଷ୍ଠ ଦୁର୍ଗନ୍ଧ । ଅନୁଶୀଳନ କରି ଜାଣିଲୁ ଜେକେ ପେପର ମିଲ୍ ତା'ର ବର୍ଜ୍ୟ ଦୂଷିତ ଜଳ ନାଗାବଳୀରେ ଛାଡିଛି । ଅମୃତଧାରକୁ ସେମାନେ ବିଷ ପ୍ରବାହରେ ପରିଣତ କରି ଦେଇଥିଲେ । ତା'ପର ଠୁ ଆମେ ନାଗାବଳୀକୁ ଆଉ ନ ଯାଇ ଗୁମ୍ପା ନଦୀକୁ ଆପଣେଇ ନେଲୁ । ଜାଣେନା ଏବେ ନାଗାବଳୀର ପ୍ରବାହରେ ବିଷ ଅଛି କି ଅମୃତ ଅଛି ।"

### ଜେକେ କାଗଜକଳ ଓ ନାଗାବଳୀ

ଏବେ ପରିସ୍ଥିତି ବଦଳି ଯାଇଛି । ଜେକେ କାଗଜ କଳ ଦୂଷିତ ଜଳର ପୁନଃ ପ୍ରକ୍ରିୟାକରଣ କରି ତାକୁ ବ୍ୟବହାରଯୋଗ୍ୟ କରୁଛି ଏବଂ ଯେଉଁ ପାଣି ନଦୀଗର୍ଭକୁ ଛାଡୁଛି ସେଥିରେ ୧୯୭୦ ମସିହା ଭଳି ଏତେ ଦୁର୍ଗନ୍ଧ ଆଉ ନାହିଁ । ଜେକେ କାଗଜକଳ ପାଇଁ ରାୟଗଡ ଏକ ଶିଳ୍ପସମୃଦ୍ଧ ସହରର ପରିଚିତି ପାଇପାରିଛି । ଅର୍ନ୍ତରାଷ୍ଟ୍ରୀୟ ମାନର ବହୁବିଧ କାଗଜ ପ୍ରସ୍ତୁତ କରୁଥିବାରୁ ଦେଶବିଦେଶରେ ଜେକେ କାଗଜକଳ ଉତ୍ପାଦିତ କାଗଜର ରହିଛି ବିଶେଷ ଚାହିଦା । ସେଥିପାଇଁ ଏଠାରେ ଅତ୍ୟାଧୁନିକ କାଗଜ କଳ ସ୍ଥାପନା ସହ ଜେକେ ପେପର ଲିମିଟେଡ୍ ବାର୍ଷିକ ୩୦୦୦୦୦ ଟନ୍ କାଗଜ ଓ କାଗଜ ବୋର୍ଡ ତଥା ୨୨୦୦୦୦ ଟନ୍ କାଗଜ ମଣ୍ଡ ପ୍ରସ୍ତୁତ କରିପାରୁଛି । ୨୦୧୬-୧୭ ବାର୍ଷିକ ବିବରଣୀ ଅନୁସାରେ ଜେକେ କାଗଜକଳର ବାର୍ଷିକ ବ୍ୟବସାୟ ହେଉଛି ୨୯୮୯.୩୭ କୋଟି ଟଙ୍କା ।

ଜେକେ କାଗଜକଳ ଓ ଜେକେପୁର ପାରେଇ ନାଗାବଳୀ ଗଡି ଚାଲିଛି ଆଗକୁ ଆଗକୁ । ରାୟଗଡ ସହର ମଧ୍ୟ ଦେଇ ଆନ୍ଧ୍ର ଅଭିମୁଖେ ଯାଇଛି । ରାୟଗଡର ପୂର୍ବପଟରେ ଅଛି ଋଷି ପାହାଡ । ଶାୟିତ ଋଷି ଆକୃତିର ଏ ପାହାଡ ପଛରୁ ସୂର୍ଯ୍ୟ ଉଇଁଲେ ଝଲସି ଉଠେ ସୁନେଲି କିରଣ ନଦୀଜଳରେ । ଅପୂର୍ବ ସେ ଶୋଭା । ରାୟଗଡର ଲୋକେ ସୁନେଲି କିରଣ ମିଶା ଜଳରେ ସ୍ନାନ କରିବା ସହ ମନ୍ତ୍ର ପଢନ୍ତି: "ଜବାକୁସୁମ ସଂକାଶଂ କାଶ୍ୟପେୟ ମହାଦ୍ୟୁତିମ୍ / ଧ୍ୱନ୍ତାରି ସର୍ବପାପୋଘ୍ନ ପ୍ରଣତୋଽସ୍ମି ଦିବାକରଃ ।"



## ନାଗାବଳୀ ଓ ଝୁଲନ୍ତାପୋଲ

ସଂଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କ କିରଣରେ ବି ଅନୁରୂପ ଆଭା ଖେଳେ ନଦୀ ବକ୍ଷରେ । ଆବାଳବୃଦ୍ଧବନିତାଙ୍କ କୋଳାହଳରେ ପୂରି ଉଠେ ଦୁଇ କୂଳ । ଏକଦା ହାତୀପଥର ଥିଲା ରାୟଗଡ ସହର ସନ୍ନିକଟ ଏକ ସୁନ୍ଦର ବଣଭୋଜିର ସ୍ଥାନ । ହେଲେ ଆଦିତ୍ୟ ପାୱାର ଜେନେରେସନ୍ କଂପାନୀ ସବୁ ସାରିଦେଲା । ବିଜୁଳି ତିଆରି କରିବା ଯୋଜନାରେ କଂପାନି ବାନ୍ଧିଲା ବନ୍ଧ । ସୃଷ୍ଟି ହେଲା ସମସ୍ୟା । ବନ୍ୟାଜଳରେ ରାୟଗଡର କୂଳସଂଲଗ୍ନ ବହୁ ଚାଷଜମି ଓ ଘରପ୍ଲଟ୍ ଧୋଇ ହେଇଗଲା । ଫଳରେ ନାଗାବଳୀର ଗତିପଥରେ ଆସିଲା ପରିବର୍ତ୍ତନ । ହାତୀପଥର ଠୁ କିଂଚିତ୍ ଦୂରେଇ ଗଲା ଏ ନଦୀ । କୂଳସଂଲଗ୍ନ ଜମିରୁ ଅତଡା ଖସି ତାହା ପରିଣତ ହେଲା ଏକ ବିପଜ୍ଜନକ ସ୍ଥାନ ରୂପରେ । ନଦୀଘାଟ ହେଲା ମୃତ୍ୟୁ ଘାଟ । ପୂର୍ବ ଶିରୀ ଓ ସୁଷମା ହେଲା ଲୁପ୍ତ । କମିଗଲା ପର୍ଯ୍ୟଟକଙ୍କ ଆସିବା ଯିବା । ଶୁଭିଲାନି କୋଳାହଳ । ତେବେ ମାଓବାଦୀ ପ୍ରବଣ ଅଂଚଳ ପାଇଁ ସରକାରଙ୍କ ସମନ୍ୱିତ ଆକ୍ସନ୍ ପ୍ଲାନ୍ (ଆଇଏପି)ରେ ଦେଢ କୋଟି ଟଙ୍କା ବ୍ୟୟରେ ନଦୀଶଯ୍ୟାର ପତନ ଠୁ ୧୦୦ ଫୁଟ୍ ଉପରେ ୧୫୧ ମିଟର ଲମ୍ବର ଏକ ଝୁଲନ୍ତାପୋଲ ଚେକାଗୁଡା ଠାରେ ନିର୍ମିତ ହେବା ପର ଠୁ ପୁଣି ରାୟଗଡ ଲୋକଙ୍କ ପାଖକୁ ଫେରିଛି ଆନନ୍ଦ ସାଉଁଟିବାର ସୁଯୋଗ । ଏହା ହେଉଛି ଓଡିଶାର ଦ୍ୱିତୀୟ ଝୁଲାପୋଲ । ପ୍ରଥମଟି କଟକର ଧବଳେଶ୍ୱରରେ ଅଛି ।

## ନାଗାବଳୀ ନଈ ଓ ତନ୍ମୁଳତାର କବି


କବି ସୁନୀଲ ପୃଷ୍ଟି

ପ୍ରାକୃତିକ ସୁଷମାରେ ବିମଣ୍ଡିତ ନାଗାବଳୀ ନଦୀଶଯ୍ୟା, ତାର କୂଳ, ଉପକୂଳ ଯୁଗେ ଯୁଗେ କବି ଓ ଲେଖକଙ୍କୁ ଦେଇ ଆସିଛି କବିତା ଲେଖିବାର ପ୍ରଚୁର ଖୋରାକ ଆଉ ପ୍ରେରଣା । ସେମାନଙ୍କ କବିତା ପଢିଲେ କେହି ବି ହୋଇପାରେ ନଦୀମନସ୍କ ।

ଯଦିଓ ଅଧୁନା ଭୁବନେଶ୍ୱର ନିବାସୀ, ତଥାପି ନାଗାବଳୀ କୂଳର ଜଣେ ତନ୍ମୟ କବି ଭାବେ ସେ ବେଶ୍ ଜଣାଶୁଣା । ସେ ହେଲେ **ସୁନୀଲ୍ କୁମାର ପୃଷ୍ଟି** । ନାଗାବଳୀ ନାମୋଚ୍ଚାରଣ ମାତ୍ରେ ହୁଅନ୍ତି ବିଭୋର୍ : "ନାଗାବଳୀ ଥିଲା ମୋ ଯୌବନର ସାଥୀ । କେତେ ଯେ ସଂଜ ତା' କୂଳରେ କଟିଛି ହିସାବ ରଖିନି ! ଅପରାହ୍ନ ହେଉ ହେଉ ମୋ ସଂଗାତ ଓ ମୁଁ ସାଇକେଲ୍ ଧରି ବାହାରି ପଡୁଥିଲୁ ନାଗାବଳୀ ଅଭିମୁଖେ, ତା କୂଳର ଶୀତଳ ପବନକୁ ଥିଲା ଆମ ଲୋଭ । ଢେର୍ ବେଳ ଯାଏଁ ସେଠି ବସୁଥିଲୁ । କେତେ ଯେ କଥା ଆମର ପଡେ । କଲେଜ ପାଠପଢା ଠାରୁ ଆରମ୍ଭ କରି କବିତା ଯାଏଁ । ମୋର ବହୁ ନୂଆ କବିତା ସଂଗାତଙ୍କୁ ସେଇ କୂଳରେ ମୁଁ ଶୁଣେଇଛି । ସେସବୁ ଏବେ ସ୍ମୃତି ।

ନିରବରେ ତଥାପି ନାଗାବଳୀ ମୋ ଭିତରେ ବହୁଛି । କର୍ମ ଜଂଜାଳରେ ପଡି ଅଶୀ ଦଶକରୁ ରାୟଗଡା ଛାଡି ରାଜଧାନୀ ଚାଲି ଆସିବା ପରେ କେବେ କେବେ ମହାନଦୀ, ବୈତରଣୀ ଭେଟ ହେଇଛନ୍ତି । ତଥାପି ନାଗାବଳୀ ଭାସି ଉଠିଛି ମୋ ଆଖିରେ ସବୁବେଳେ । କବିତାର ଧାଡି ପରି ଛନ୍ଦରୂପରେ ସେ ବହି ଚାଲିଛି ସେଦିନ

## କବିତାରେ କବିତାରେ ନାଗାବଳୀ

କବି **ସତ୍ୟନାରାୟଣ ଗନ୍ତାୟତ**ଙ୍କ କବିତାରେ :

**॥ ଏଠି ଏଇ ନାଗାବଳୀ କୂଳେ ॥**

ଏଠି ଏଇ ନାଗାବଳୀ କୂଳେ,
ସୁନେଲି ମୋରମ୍ ବିଂଚି
ସୂର୍ଯ୍ୟ ଉଇଁଆସେ
ଧାଡିଧାଡି ରେଜାଙ୍କର
ମିଠା ଖିଲିଖିଆ ସେଇ ଖିଲ୍ ଖିଲ୍ ହସରେ
କୁରେଇ ଫୁଲଙ୍କ ମେଳେ
କଂଚା ସୁଆଦିଆ ଆମ୍ବଙ୍କ ଗହଳେ ।

ଏଠି ଏଇ ନାଗାବଳୀ କୂଳେ,
ଆକାଶେ ଉଦାସୀ ତାରା
ଆଉ ତୋଟାଏ ବିରହୀ ପବନ ଭିତରେ
ନିଃସଙ୍ଗ କବିଟି ଗାଏ
ବେଦନାର ଗାଥା
ଗାନ୍ଧୀ ପାର୍କ ସିମେଂଟ ବେଂଚରେ
ଘାସଫୁଲ ସାନ୍ନିଧ୍ୟର ମୁହୂର୍ତ୍ତଙ୍କ ମେଳେ ॥

● **'ଛବିର ମଣିଷ' ପୁସ୍ତକରୁ ଉଦ୍ଧୃତ**

କବି **ବଂଗାଳି ନନ୍ଦ**ଙ୍କ କବିତାରେ :

**॥ ହାତୀ ପଥର ॥**

(ଦୀର୍ଘ କବିତାର କିୟଦଂଶ)

ବୁଲିଅଛି କେତେ ରୁଦ୍ର ପାହାଡ ପ୍ରାନ୍ତର ଗିରି,
ଦେଖିଅଛି କେତେ ପ୍ରକୃତି ଶୋଭାପସରା ଶିରୀ ।
କିନ୍ତୁ ସେ ଛବି ରହିଗଲା ଲାଖି ମନରେ ମୋର ,
ଅନନ୍ୟ ଶୋଭା କ୍ଷୁଦ୍ର ପ୍ରପାତ 'ହାତୀପଥର' ॥
ବର୍ଣ୍ଣବିଭବ ସାରା ତୋ ଶରୀରେ ଠୁଳ ହୋଇଛି,
ବୋଲି କହିବାକୁ ବଳେନା ସାହସ, ଅନେକ ଅଛି ।
ତଥାପି କି ଦଣ୍ଡେ ଦେଖିଲି ତୋହର ବିଳାସ ପୁର,
ସେହି କ୍ଷଣୁ ମନ ରହିଲା ତୋଠାରେ 'ହାତୀପଥର' ॥

ସେଦିନର ସେହି ନିର୍ମଳ ସଂଧ୍ୟା ଶୁଭ ମୁହୂର୍ତ୍ତେ,
ଲଭିଥିଲି ତୋର ଦର୍ଶନ ପ୍ରିୟଜନ ସଂଗତେ ।
ଲୁଚିଯାଉଥିଲେ ସବିତା ପଶ୍ଚିମେ କୁଂକୁମ ବୋଳି,
ଉଡିଯାଉଥିଲେ ବିହଙ୍ଗମ ରଚି କଳ କାକଳି ॥

ବହୁଥିଲା ନଈ ନାଗାବଳୀ ନାଗ ଗତିକୁ ବଳି,
ଖର ସୁଅଧାରେ ତୋ ବକ୍ଷେ ଅପୂର୍ବ ସଂଗୀତ ତୋଳି ।
ମର୍କଟରାଜି ଖେଳୁଥିଲେ ତୋର ତଟ ପାଦପେ,
ଦର୍ଶକମନେ କୌତୁକ ଜାତ କରି ଛଟକେ ॥

ଲୁଚିଯାଉଥିଲେ ଗହଳ ଶାଖାରେ ଅବା ଗୁମ୍ଫାରେ,
ପରକ୍ଷଣେ ପୁଣି ମୁହଁକୁ ଦେଖାଇ ବିକୃତରେ ।
ନାହିଁ ତୋ ବକ୍ଷେ ଶୁଷ୍କ ବିତାନ-ବାଲୁକା ସ୍ତୁପ,
କେବଳ ତୋ ଜଳେ ଦେଖଇ ଶଇଳ ତା' ନିଜରୂପ ॥

କଳା ମଚମଚ ଠାଏଁଠାଏଁ ବଡବଡ ପଥର,
ଦୂରୁ ଭ୍ରମ ସୃଷ୍ଟି କରଇ ମନରେ 'ହାତୀପଲ'ର ।
ସେଇଥିପାଇଁକି ହୋଇଛି ଏପରି ନାମ ତୋହର,
ଆନନ୍ଦପ୍ରଦାୟୀ ଶୋଭାର ଆକର 'ହାତୀପଥର' ॥

● **ହାତୀପଥର, 'କବିତାର ବୟସ ନଥାଏ' ପୁସ୍ତକରୁ ଉଦ୍ଧୃତ ।**




ମାଆ ମଝିଘରିଆଣୀ, ରାୟଗଡ

ଠୁ । କେବେ କେବେ ଲାଗେ ଜୀବନ ଯୁଆଡେ ଯୁଆଡେ ଯାଇଛି ତା'ପଛରେ ଯୋଡି ହୋଇଛି ଛାଡି ଆସିଥିବା ଗୋଟିଏ ନଈର ଗୀତ । ନାଗାବଳୀ ଅନେକ ଋତୁଚର୍ଯ୍ୟାରେ ଭିନ୍ନଭିନ୍ନ ରୂପରେ ଠିଆ ହୁଏ ମୋ ଆଗରେ । କେବେ ବର୍ଷାର ପ୍ରଚୁର ପାଣି, କେବେ ଗ୍ରୀଷ୍ମର ଧୀର ଜଳ ଉପରେ ସୁଶୀତଳ ପବନ, କେବେ ତା'ର ଉଷୁମ ଜଳରେ ଶୀତ ଦି'ପହରରେ ଆଦିବାସୀ କନ୍ୟାର ସ୍ନାନ ସବୁ ମିଶି ନାଗାବଳୀ ମୋ ପାଇଁ ଗୋଟେ ଜୀବନ । ମୋର **'ତନୁଲତାର କବିତା'** ବହିର କେତୋଟି ଧାଡି ଥିଲା ଏଇପରି : 'ଆଜି ବେଶୀ ଥଣ୍ଡାପବନ/ ହାଲ୍‌କା ମେଘର ଛାଇ/ ତନୁଲତା ବସିଥିଲା ଝର୍କାକଡେ/ ଚୁପ୍‌ଚାପ୍ ବହୁଥିଲା ନାଗାବଳୀ ନଈ / ଆଜିକାଲି ଦେହ ମୋର ଭଲ ରହୁନାହିଁ ।' ନାଗାବଳୀ କେବଳ ମୋର ହୋଇ ନଥିଲା । ତନୁଲତାର ବି ପ୍ରିୟ ସେ ।"



କବି ସୁଶାନ୍ତ ନାୟକ

## ନାଗାବଳୀ ଓ ମା' ମଝିଘରିଆଣୀଙ୍କ ମନ୍ଦିର

ନାଗାବଳୀ କୂଳର ଅନତି ଦୂରରେ ଅବସ୍ଥିତ ରାୟଗଡର ପ୍ରତ୍ୟକ୍ଷ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର । ରାୟଗଡର ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରୁ ଏଇ ଦେବୀପୀଠଟି ଅନ୍ୟତମ । ଏଠାରେ ଓଡିଶା ସମେତ ଆନ୍ଧ୍ର ଓ ତେଲେଙ୍ଗାନା ରାଜ୍ୟର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ । ମାଆ ମଝିଘରିଆଣୀଙ୍କର ଚୈତ୍ର ପର୍ବ ଏଠାରେ ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହୁଏ । ମନ୍ଦିର ତଟଦେଇ ପ୍ରବାହିତ ଝଂଜାବତୀ ନଦୀ ନାଗାବଳୀ ସହ ମିଶି ଏକାକାର ହୋଇଛି ଏଇଠି । ଏ ନଈର ତଟଦେଶରେ ଠାଏ ଠାଏ ପ୍ରତିଷ୍ଠିତ ହୋଇଛି କେତେକ ପୁଣ୍ୟ ଶୈବପୀଠ । ସେଥିମଧ୍ୟରୁ ପାର୍ବତୀପୁରମ୍ ସ୍ଥିତ ଗୁପ୍ତେଶ୍ୱର ମହାଲିଙ୍ଗ ଓ କଳିଙ୍ଗପଟ୍ଟନମ୍ ସ୍ଥିତ ଶ୍ରୀମୁଖଲିଙ୍ଗମ୍ ଅନ୍ୟତମ । ନାଗାବଳୀ ସହିତ ଝଂଜାବତୀର ସଂଗମ ସ୍ଥଳକୁ କୁହାଯାଏ କିଆଝୋଲା ।

'କିଆଝୋଲା' ସଂପର୍କରେ କବି ତଥା ସଂପାଦକ **ସୁଶାନ୍ତ ନାୟକ** କହନ୍ତି : "ଦିନେ କିଆଫୁଲର ମହକରେ ସେ ଅଂଚଳ ମହକୁଥିଲା । ନାଗାବଳୀ ଓ ଝଂଜାବତୀର ମିଳନସ୍ଥଳ କିଆଝୋଲା ନଦୀପଠାରେ ଠିଆ ହୋଇ ସକାଳର ସୂର୍ଯ୍ୟୋଦୟ ଦେଖି ଅର୍ଘ୍ୟ ଦେଲେ ଅଶେଷ ପୁଣ୍ୟ ମିଳେ ବୋଲି ଲୋକବିଶ୍ୱାସ ରହିଛି । ସୂର୍ଯ୍ୟୋଦୟର ସେ ଦୃଶ୍ୟ ଅତୀବ ରମଣୀୟ ଓ ଚିତ୍ତାକର୍ଷକ । ସଂଗମ ସ୍ଥଳରେ ବୁଡ ପକାଇ ମଝିଘରିଆଣୀ ଦର୍ଶନ କଲେ ମନୋକାମନା ସିଦ୍ଧ ହୁଏ ବୋଲି ଅନୁଭବୀ ଲୋକେ କହନ୍ତି । ତେଣୁ ନାଗାବଳୀ ନଦୀ ସହିତ ଝଂଜାବତୀର ସଂପର୍କ ଓ ମା ମଝିଘରିଆଣୀ ପୀଠର ସଂପର୍କ ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି କୁହା ଯାଇପାରେ । ନାଗାବଳୀ ରାୟଗଡ ଜିଲ୍ଲା ସଦରମହକୁମାର ସୁଖଦୁଃଖର ମୂକସାକ୍ଷୀ ରୂପେ ଆଜି ମଧ୍ୟ ବହି ଚାଲିଛି । ତା' ବହିବା ସହିତ ତାଳ ଦେଇ ଚାଲିଛି ଆମ ଜୀବନ । କହିବାକୁ ଗଲେ ନାଗାବଳୀ ଆମ ଜୀବନ-ନଈ ।"

ହଁ ନାଗାବଳୀ ! ଏକ ଜୀବନ-ନଈର ନାମ । ପ୍ରାଣୀର କଲ୍ୟାଣାର୍ଥେ ଯେପରି ଏ ନଈର ଜନ୍ମ ! ସୁଠି ସବୁବେଳେ ଜନସମୁଦାୟର ସେବାରେ ନିଜକୁ ଉତ୍ସର୍ଗ କରିଥିବା ଗୋଟେ ନଦୀ : ନାଗାବଳୀ ।

**କୃତଜ୍ଞତା:** ଆର୍ଯ୍ୟ ଯଜ୍ଞଦତ୍ତ, ବଂଗାଳି ନନ୍ଦ, ସୁନୀଲ୍ ପୃଷ୍ଟି, ସୁଶାନ୍ତ କୁମାର ନାୟକ ଓ ସତ୍ୟନାରାୟଣ ଗନ୍ତାୟତ

ଭଲ ବହି

# ନିରବ ନାୟକ



କବି ବିପିନ୍ ନାୟକ

ବହିଟିଏ ବଦଳେଇ ଦିଏ ଭାବଚିତ୍ର, ମନର । ବହି ବି ବସାଘର ପରି ବାନ୍ଧିପାରେ କେବେ କେବେ ବୟସ୍କ ମନକୁ । ବହିର ବଗିଚା ଭିତରୁ ଘେରାଏ ବୁଲି ଆସିଲେ ମନ ଓ ଭାବ ଭିତରେ ଚହଲି ଉଠେ ଚେନାଏ ବାସ୍ନା : ଶବ୍‌ଦର ନିଃଶବ୍‌ଦର । ଭଲ ବହିଟିଏ ତ କେବେ କେବେ ଆନମନା କରିପକାଏ । କାହାକୁ ବାଣ୍ଟି ନଦେବା ଯାଏଁ ସେ ଉଲ୍ଲାସରୁ ମୁକୁଳି ହୁଏନା । ଭଲବହିର ଭଲପଣଟି କାହାକୁ ନ କହିବା ଯାଏଁ ମନରୁ ହଟେନା ପୁଲକର ସେ କୋଳାହଳ । ସେମିତି ଏକ ଭଲବହିର କାହାଣୀ 'ରେବତୀ'ର ପ୍ରତିବେଦନ ।



# ପୁଷ୍ପିତ ପଦାବଳୀର ସମ୍ପନ୍ନ ସନ୍ତକ:
# ଅପୁସ୍ତକ



କେ. ଶ୍ୟାମବାବୁ ଦୋରା

ଫଟୋ ସୌଜନ୍ୟ : ଲେଖକ

କବିତା ଆୟୋଜନ ନୁହଁ, ବରଂ କବିତା ଏକ ଉତ୍ସବ । ଏ ଉତ୍ସବ ହୃଦୟର ଏକ ସ୍ୱତଃସ୍ଫୂର୍ତ୍ତତାର । ଯେମିତି ଫୁଲଫୁଟେ, ଯେମିତି ପୂର୍ବାକାଶରେ ମେଘ ଉଠି ଦଲକାଏ ବର୍ଷି ଦେଇ ପୁଣି ଉଭାନ୍ ହେଇଯାଏ । ମୁଁ ଏଠି ଭାଷାର କଥା କହୁ ନାହିଁ, ବରଂ ଭାବାବେଗର କଥା ହିଁ କହୁଛି, ଯାହାର କୌଣସି କ୍ରମିକତା ନାହିଁ, ଯୁକ୍ତିନିଷ୍ଠତା ନାହିଁ ।

କବିତା ସମ୍ପର୍କରେ ଚିଲିର ବିଶ୍ୱବିଖ୍ୟାତ କବି ପାବ୍ଲୋ ନେରୁଦା କହନ୍ତି– "କେହି କେହି ମୋ କବିତାର ଲାଇନ୍ ମାପି ପ୍ରମାଣିତ କରିବାକୁ ଚାହିଁଛନ୍ତି ଯେ' ଜାଣିଶୁଣି ମୁଁ କୋଉଠି ପଙ୍‌କ୍ତିମାନଙ୍କୁ ବଡ଼ କରିଚି କି' ଛୋଟ । କବିତାର ପଙ୍‌କ୍ତି ବଡ଼ ହେବ କି' ଛୋଟ, ସରୁହେବ କି' ମୋଟା, ନାଲିହେବ କି' ହଳଦିଆ, ତା'ର କୌଣସି ନିୟମ କାନୁନ୍, କ'ଣ କିଏ ତିଆରି କରିଛି ? ଯେଉଁମାନେ କବିତା ଲେଖନ୍ତି ସେମାନେ ହିଁ ନିର୍ଦ୍ଧାରଣ କରନ୍ତି ନିଜର ରକ୍ତ ଓ ଶ୍ୱାସ ପ୍ରଶ୍ୱାସ ଦେଇ, ଜ୍ଞାନ ଓ ଅଜ୍ଞତା ଦେଇ । କବିତାର ରୁଟି ତିଆରି ପାଇଁ ଏସବୁ ଖୁବ୍ ଦରକାରୀ । ଈଶ୍ୱର ଅଥବା ଶୟତାନ, କେହି ବି ତିଆରି କରି ନାହାଁନ୍ତି ଯା'ର ଫର୍ମୁଲା । ଅଥଚ ଏଇ ଦୁଇ ମହାନ୍' ଭଦ୍ରବ୍ୟକ୍ତି– ଈଶ୍ୱର ଓ ଶୟତାନ, କବିତାର ଜଗତରେ ଲଗେଇଛନ୍ତି ଗୋଟେ ଲଗାତାର ଯୁଦ୍ଧ । ଯୁଦ୍ଧରେ କେବେ ଯେ ଜିଣୁଛନ୍ତି ତ' କେବେସିଏ । ହେଲେ କବିତା ରହିଯାଇଛି ଅପରାଜେୟ ।"

ଉତ୍ତର ସତୁରୀ ଓ ଅଶୀ ଦଶକର ଓଡ଼ିଆ କବିତାର ଅମନଯୋଗୀ ପାଠକଙ୍କୁ କବିତା ମନସ୍କ କରେଇବାରେ ଯେଉଁ କେତେଜଣ କବିଙ୍କ ଯୋଗଦାନ ରହିଛି ସେଥି ମଧ୍ୟରୁ କବି ବିପିନ୍ ନାୟକ ନିଶ୍ଚିତ ରୂପେ ଅନ୍ୟତମ ଅଗ୍ରଣୀ ନାୟକ । ଶବ୍ଦର ନିଃଶବ୍ଦତାକୁ ଉଜାଗର କରି ଭାବ ଓ ଆବେଗର ସମ୍ବେଦନା ଓ ସ୍ୱର୍ଶତୁରତା ସୃଷ୍ଟି କରିବାରେ ତାଙ୍କ କାବ୍ୟସିଦ୍ଧି ଅତୁଳନୀୟ । ଶବ୍ଦର ସତେଜ, ମୁକ୍ତ ଓ ପ୍ରସ୍ତମୟ ପ୍ରୟୋଗ ଏବଂ ଗଭୀର ଜୀବନାନୁଭବରେ ରସସିକ୍ତ ତାଙ୍କ ସୃଷ୍ଟି ଅପାର ପାଠକୀୟତାରେ ଆଦୃତ । ବାକ୍ ବହୁଳତା ଅପେକ୍ଷା ସଂକ୍ଷିପ୍ତ ବାୟବୀୟତ, ନିର୍ଦ୍ଦିଷ୍ଟତା ଅପେକ୍ଷା ନାନ୍ଦନିକ ଅଥୟତା ସୃଷ୍ଟି କରିବାରେ ସେ ସିଦ୍ଧହସ୍ତ । ତାଙ୍କ ଉଚ୍ଚାରଣ ଏବଂ କାବ୍ୟିକ କଳାତ୍ମକତା ରସଗ୍ରାହୀ ପାଠକଙ୍କୁ ସମ୍ମୋହିତ କରିବାରେ ସମର୍ଥ । ବିପିନୀୟ ଦୃଷ୍ଟି ଓ ଦର୍ଶନକୁ ପାଠକଙ୍କ ହୃଦୟରେ ପ୍ରତିରୋପଣ କରି ତାକୁ ପ୍ରତିପାଳିତ କରିବାରେ ସେ ନିଷ୍ଠାବାନ ଓ ପାଠକାଦୃତ ।



ନିରବତାର ନାୟକ : ବିପିନ ନାୟକ ►

କବିତା ଏକ ପୁନର୍ଜନ୍ମ ଓ କବିତା ବି ଏକ ପୁନରାବିଷ୍କାର । ସେ ଯେତେବେଳେ ତାଙ୍କ କବିତାରେ ସମ୍ବୋଧନ କରନ୍ତି– ମାଲୁଣୀ ଲୋ !.... ସେତେବେଳେ ମାଲୁଣୀ ତା' ଅର୍ଥ ଓ ବିମ୍ବ ଭିତରୁ ବାହାରି ଯେମିତି ମହିମାନ୍ୱିତ ହେଇଯାଏ ବିଶ୍ୱରୂପରେ ।

ଏ କ'ଣ ସେଇ ମାଲୁଣୀ, ଯୋଉ ମାଲୁଣୀକୁ ଆମେ ଚିହ୍ନିଚୁ, ଜାଣିଚୁ । ନିଶ୍ଚିତଭାବେ– ନା' । ଯେ ତ ଆଉ ଏକ ପୁନରୁଦ୍ଧାର ନିଜ ଭିତରେ ନିଜସ୍ୱ କଳ୍ପିତ ପୃଥିବୀର । "ତୋ' ମୃଣାଳମୟ ପୋଖରୀରେ / ରେଣୁ ରେଣୁ ପଦ୍ମର ପରାଗ / ତୋ' ଉନ୍ମାଦ ଉପବନରେ / ଇନ୍ଦ୍ରନୀଳ ଭଅଁରର ବ୍ୟାକୁଳ ବେହାଗ / ତୋ'ର ତ ବାରିପଟେ ହୀରା ନୀଳା / ମାଣିକ୍ୟ ଓ ବୈଦୁର୍ଯ୍ୟର ଖଳା / ପୁଷ୍ପରାଗ ପ୍ରବାଳରେ / ସୁଶୋଭିତ କଟିରେ ତୋ' / ସୁନ୍ଦର ମେଖଳା ।''

ଏ କବିତାର ଶେଷ ଭାଗରେ ଦେଖନ୍ତୁ– "ମାଲୁଣୀ ଲୋ !/ ତୋ' ଲାଗି ବୋଇତ ନେଲି/ ଦିନେ ଲବଣ ଦ୍ୱୀପକୁ / ଲଂଘିଲି ଅରଣ୍ୟ ଗିରି ସମୁଦ୍ରର ବୁକୁ / କାଉଁରୀ ସ୍ୱର୍ଗରେ ତୋ'ର ମୁଁ ହେଲି କଳାମେଣ୍ଢା / ସାରିଦେଲି ସମଗ୍ର ଆୟୁଷ / ତୋ' ମନ୍ତରା ଫୁଲର ମାୟା / କେବେ ଫେରେଇବ ମୋର / ବିଗତ ବୟସ ?'' (ମାଲୁଣି, ପୃ. ୨୪)

ମାଲୁଣୀ ରୂପକ ଏ ସୌନ୍ଦର୍ଯ୍ୟ କି' ରହସ୍ୟ ଭିତରୁ ବାହାରି ଜୀବନର ଅନ୍ୟ ଏକ ସତ୍ୟଟିକୁ ଯେତେବେଳେ ଉପଲବ୍ଧି କରେ କବି ସେତେବେଳେ ସେ ତା' ଅନ୍ତଃକରଣରେ ଦେଖେ ଲୁକ୍କାୟିତ ସେଇ କାରୁଣ୍ୟ, ଯାହା ପ୍ରମାଣିତ କରିଦିଏ ଯେ' ଉତ୍ତର ନୁହଁ, ବରଂ ପ୍ରଶ୍ନାକୁଳତା ହିଁ ପରମ ଅବା ଚରମ ।

ଉତ୍ତର ଠୁଁ ଅନେକବେଳେ ବୋଧେ ପ୍ରଶ୍ନ ହିଁ ଗୁରୁତ୍ୱପୂର୍ଣ୍ଣ । ପ୍ରଶ୍ନ ଏକ ସିଦ୍ଧି, ପ୍ରଶ୍ନ ଏକ ଉତ୍ତରଣ । "ଗୋଟେ ହଂସ / ଗୋଟେ ଦିଆସିଲି/ କିଛି ଅଙ୍ଗାର / ଖଣ୍ଡେ

# ପ୍ରସ୍ଥାନ

## ବିପିନ ନାୟକ

କେଡ଼େ ନିଃଶବ୍ଦ ଥିଲା ପ୍ରସ୍ଥାନ ।

ଯିବି ଯିବି ବୋଲି
ଅନେକ ଦିନରୁ ଗୋଡ଼ କାଢ଼ିଲାଣି,
ହେଲେ ଏରୁଣ୍ଡିବନ୍ଧରେ
ମାୟା ଥିଲା କି କ'ଣ
ପଞ୍ଜୁରିରେ ପ୍ରେମ
ତାକୁ ବୋଧେ ଭିଡ଼ି ଧରୁଥିଲା
ବିନା ନଈ ବିନା କଦମ୍ବର
ବଂଶୀସ୍ୱନ
ଅସ୍ଥିର ପବନ ।

ଖାସ୍ ଗୋଟେ ଗୀତର ମୋହରେ
ସେ ଆଉ କେତେଦିନ ବା
ପଡ଼ିରହନ୍ତା !
ଗୋଟେ ଜହ୍ନରାତି
ନଥିବା ଫୁଲର ବାସ୍ନା
ପରସ୍ତେ କୁହୁଡ଼ି
ମରୀଚିକାରେ ମାଛ ଖୋଜି ଖୋଜି
ଗାଧୋଇପାଧୋଇ
ଶୋଷ ମାରୁଥାନ୍ତା,
ମରୁଭୂମିରେ ତାରା ଗଣୁଥାନ୍ତା !

ସେ କ'ଣ ଖଣ୍ଡେ ଆକାଶରେ
ମେଣ୍ଟେଇପାରନ୍ତା ଭୋକ,
ଭଙ୍ଗାଭଙ୍ଗା ଇନ୍ଦ୍ରଧନୁରେ



ଭରିପାରନ୍ତା ସ୍ନେହର ସିନ୍ଦୁକ ?

ତା'ର ତ ଅନେକ କାମ ।

ଏବେ ତ ସିଏ ତା'ର
ପ୍ରତିମାମାନଙ୍କ ପାଇଁ
ନିବିଷ୍ଟରେ ଘୋରିବ ଚନ୍ଦନ,
ଖଣ୍ଡେ ମୃଣାଳ କି ମକରନ୍ଦ ପାଇଁ
ଉଜାଡ଼ିଦେବ
ସବୁ ପଦ୍ମବନ,
ସିଏ ତ ଏଥରକ ତୋଳି ଆଣିବ
ଫଳଭାରରେ ନଇଁ ଆସୁଥିବା
ଗଛମାନଙ୍କରୁ ଫଳ,
ଭର୍ତ୍ତି କରିଦେବ
ଏଯାବତ୍ ଖାଲି ଥିବା
ଶସ୍ୟର ଅମାର ।

ତା'ର ନିଃସଙ୍ଗତା ମାନେ ତ
ଏଥରକ ବୁଲିଯିବେ ସାଙ୍ଗସାଥୀ ବନ୍ଧୁଘର
ହାଟ କି ବଜାର,
ତା ପଣତଯାକ ତ ଥିବ
ନିଆଁ ଆଉ ପାଉଁଶର
ଅଜସ୍ର ଜଞ୍ଜାଳ ।

ସେ କ'ଣ କାଚଥାଳିରେ
ରଖିପାରନ୍ତା
ଟୋପେ ଟଳମଳ ସୂର୍ଯ୍ୟ
ଲୁହର କାକର ?
ବହିଯାଉଥିବା ସୁଅ ଉପରେ
ଗଢ଼ିପାରନ୍ତା ଗୋଟେ
ବାସ୍ନାଘନ ପବନର ଘର ?
ତା'ର ତ ଅନେକ କାମ,
ଗୋଟେ ଗୀତ ପାଇଁ
ସେ କ'ଣ ସାରିଦିଅନ୍ତା
ସାରାଟା ଜୀବନ ?




ସାବୁନ / ଖଣ୍ଡେ ଦର୍ପଣ / ଉଇ / ଦହନୀୟ ଦହନୀୟ କିଛି ବହି / ଗୋଟେ ପାଲିଙ୍କି / ଯୋଗାଡ଼ କରିବ ତ କର / ଯଦି କରିବ / ତେବେ କାହିଁକି ?'' (ସରଞ୍ଜାମେ, ପୃ:୩୭)

ମୋ ମତରେ ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ଲେଖି ବହୁ ଚର୍ଚ୍ଚିତ ଓ ବହୁ ପଠିତ ହେବାରେ କବି ଗୁରୁ ପ୍ରସାଦ ମହାନ୍ତିଙ୍କ ପରେ କବି ବିପିନ୍ ନାୟକ ନିଶ୍ଚିତ ରୂପେ ଏକ ସଶ୍ରଦ୍ଧ ଓ ସଂଭ୍ରାନ୍ତ ଉଚ୍ଚାରଣ ।

ଭାବ, ଧ୍ୱନି, ଶୋକ ଓ ସ୍ୱପ୍ନର କବି ସେ । ନିଜ ଭିତରେ ପର୍ଯ୍ୟାପ୍ତ ଦୁଃଖର ଭାରକୁ ବୋହି ବୋହି ନିର୍ଜୀବ ପଥର ଉପରେ ସେ ପାଣି ଢାଳୁଥାନ୍ତି ନିରନ୍ତର, କାଳେ ତା' ଭିତରୁ ସଂଚରି ଆସିବ ଜୀବନ । ସେ ଜୀବନକୁ ଚିହ୍ନନ୍ତି, ବୁଝନ୍ତି । ଏଣୁ ପ୍ରତିଟି ପ୍ରବେଶରେ ସେ ଦେଖି ପାରନ୍ତି ପ୍ରସ୍ଥାନ । ପ୍ରତିଟି ଉଚ୍ଚାରଣରେ ମୌନତା ଓ ପ୍ରତିଟି ମୌନତାରେ ମୂକ ଉଚ୍ଚାରଣ । ଏକ ବିସ୍ମୃତ ଅପାଙ୍କ୍ତେୟ ଚରିତ୍ର କି' ବସ୍ତ୍ର ଭିତରେ ଜୀବନର ବାଙ୍ମୟତାକୁ ଦେଖିବା ଓ ପରିଶେଷରେ ସେ ସୌନ୍ଦର୍ଯ୍ୟକୁ ନିଜ ଭିତରେ ସମାହିତ କରି ପୁଣି ନିଜର ଅସ୍ତିତ୍ୱକୁ ଅସ୍ମିତାକୁ ଆବିଷ୍କାର କରିବା, ଏହା ହିଁ ତାଙ୍କ କବିତାର ଅନ୍ୟ ଏକ ବିଶେଷତ୍ୱ । ବିରୋଧାଭାସ ଯଦି ସତ୍ୟ, ବିରୋଧାଭାସ ଯଦି ଏକ ସୌନ୍ଦର୍ଯ୍ୟ, ତେବେ ତାଙ୍କ କବିତା ଏଇ ବିରୋଧାଭାସ ଭିତରେ ଆବେଗାୟିତ ଓ ଉତ୍କର୍ଷ ।

– "ବେଳେବେଳେ ମୁହଁ ଲାଗେ/ ଅନ୍ଧାରରୁ ଉଇଁଥିବା / ଲଜ୍ଜାରୁଣ ଇଚ୍ଛାଙ୍କର ଉଜ୍ଜ୍ୱଳ ପାହାନ୍ତି / ଆଉ କେବେ ମୁହଁ ଲାଗେ / କୌଣସି ପ୍ରାଚୀନ ପଥର ଉପରେ ଲେଖା ଅନୁଶାସନ / ଅସ୍ପଷ୍ଟ ଅବୋଧ୍ୟ / କଠୋର ଯେମିତି ।'' (ମୁହଁ, ପୃ:୧୬)

# ବିପିନ୍‌ଙ୍କ ବୟାନ୍



ପୁସ୍ତକରେ ନିଆଁ ଲଗାଯାଇପାରେ । କପେ ଚା' ବି ପ୍ରସ୍ତୁତ କରାଯାଇପାରେ । ପୁସ୍ତକର କାନ୍ଥରେ ଗଢ଼ିହୁଏ ପୁସ୍ତକର ଛାତ । ପୁସ୍ତକର କାନ୍ଥରେ ଗଢ଼ିହୁଏ ପୁସ୍ତକର ଛାତ । ପୁସ୍ତକ ତ ଅନ୍ୟସବୁ ପଦାର୍ଥ ପରି ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା କି' ଓଜନ ବିଶିଷ୍ଟ ଏକ ପଦାର୍ଥ । ପୃଷ୍ଠା ବହୁଳତା, ଅକ୍ଷର ସଜ୍ଜା, ସାଙ୍କେତିକତା ସତ୍ତ୍ୱେ ବସ୍ତୁତ୍ୱରୁ ମୁକୁଳି ପାରେନି ପୁସ୍ତକ ।

ସୁଖର କଥା- ଏଇ ସ୍ଥୁଳତାର ଅନ୍ତରାଳରେ ଥାଏ ଚେତନା, ଯାହା ଅସ୍ଥିର, ବିପୁଳ, ଭାବକ୍ଷମ, ଭାବରୁ ଭାବକୁ ଯାତ୍ରା ପଛରେ ଶବ୍ଦ, ଅକ୍ଷର, ପୁସ୍ତକ ସ୍ୱୟଂ ଏକ ମାଧ୍ୟମ । ମାଧ୍ୟମ କିନ୍ତୁ ଲକ୍ଷ୍ୟ ନୁହେଁ ।

ପୁସ୍ତକ ତା'ର ବନ୍ଦୀତ୍ୱରୁ ମୁକୁଳିଲେ ଯାଇ ଏକ ବୃହତ୍ତର ଅନୁଭବ, ଇତିହାସ, ଅନୁଦ୍‌ଘାଟିତ ସ୍ମୃତି କି' ସମ୍ବେଗକୁ ଉଜାଗର କରେ, ଯାହା ପୁସ୍ତକର ବାହାରେ ହିଁ ଥାଏ । ସ୍ଥୁଳତାରୁ ସୂକ୍ଷ୍ମତା, ବସ୍ତୁରୁ ଭାବ, ଆବଦ୍ଧରୁ ଅନାବଦ୍ଧ ଆନନ୍ଦ ଆଡ଼କୁ ଯା'ର ଯାତ୍ରା । ଅଣୁତ୍ୱ କି' ଆକାଶ ଆଡ଼କୁ । ଇଏ ବୋଧେ ଅପୁସ୍ତକ । ଭାବୁଚି । ସଠିକ୍ ଜାଣିନି ।

ବିପିନ୍ ନାୟକ

ପାଦ ଶବ୍ଦ, ନଈର ନକ୍ସା, ପବନର ଝୋଟି, ବନ୍ଦ ଘରର ବାସ୍ନା, ଆଲୁଅର ଆତ୍ମଲିପି ଓ ସ୍ୱରଚିତ୍ର ପରେ 'ଅପୁସ୍ତକ' କବିଙ୍କର ସପ୍ତମ କାବ୍ୟକୃତି । ତେବେ ବହିଟିର ନାଁ ଅପୁସ୍ତକ କାହିଁକି ?

ସ୍ରଷ୍ଟାପଣର ଯାବତୀୟ ଉଦ୍‌ବେଳନ ଭିତରେ ନିଜକୁ ବିନମ୍ରତାର ସହ ଅସ୍ୱୀକାର କରିବାର ଯେ ବୋଧେ ଏକ ସଂଭ୍ରମ ସ୍ୱୀକାରୋକ୍ତି । ପୃଷ୍ଠପତ୍ର, ଯାହା ଅନ୍ତିମ ବଦଳରେ ଅପାରମ୍ପରିକ ଭାବରେ ପୁସ୍ତକଟିର ଆଦ୍ୟରେ ହିଁ ସଂଯୋଜିତ ସେଇ ଆଲେଖ୍ୟଟିର ଶେଷ ଭାଗରେ ସେ ଲେଖିଛନ୍ତି- ଏ ଅନ୍ୱେଷା, ଏ ଯାତ୍ରା ଏକ ଆବିଷ୍କାର ମାତ୍ର ସହୃଦୟ ପାଠକର । ଅଙ୍ଗାରରେ ଅରଣ୍ୟ ଦେଖୁଥିବା ଉତ୍ତରିତ ଦୃଷ୍ଟିର । ସେ ଦୃଷ୍ଟି ଆଗରେ ସତରେ କେଡ଼େ ମ୍ଳାନ, ନିଷ୍ପ୍ରଭ କବିକର୍ମ !

ପୁଣି ସମସ୍ତଙ୍କୁ ବିସ୍ମିତ କଲା ଭଳି ଅପୁସ୍ତକ ନାମକ ଏଇ ପୁସ୍ତକଟିକୁ ସେ ଉତ୍ସର୍ଗ କରିଛନ୍ତି ଉଇମାନଙ୍କୁ । ପ୍ରଶ୍ନ- ଉଇମାନଙ୍କୁ କାହିଁକି ? ଏଠି ଉଇମାନେ କ'ଣ ସର୍ବୋତ ଭାବେ ପ୍ରକୃତ ଅର୍ଥରେ ଉଇ ନା' ଭବିତବ୍ୟର ଧୂମାୟିତ, ସଜଳ କି' ଅନାଗତ ଏକ ଛାଇ, ଯାହାକୁ ଦେଖିପାରେ କବିର ଦୂର କିମ୍ବା ଦିବ୍ୟଦୃଷ୍ଟି ।

ବୟାଳିଶିଟି ରସଘନ ଉତ୍ତୀର୍ଣ୍ଣ କବିତାର ଏ ଅନୁପମ ସମ୍ଭାର, ଯାହାର ସୁଦୃଶ୍ୟ ପ୍ରଚ୍ଛଦ ଆଙ୍କିଛନ୍ତି ଚିତ୍ରଶିଳ୍ପୀ ଅତୁଲ ବଳ । 'ଅପୁସ୍ତକ' ଯଦି ଉଇମାନଙ୍କ ଆହାର, ତେବେ ସେ ଉଇ ନିଶ୍ଚିତ ରୂପେ ଶ୍ରଦ୍ଧାଶୀଳ ପାଠକଙ୍କ ଆବେଗିତ ହୃଦୟର ।

ଲକ୍ଷ୍ମୀ ବ୍ୟାଙ୍ଗଲସ୍, ଜନାନା ହସ୍‌ପିଟାଲ୍ ରୋଡ୍, ବ୍ରହ୍ମପୁର, ଫୋନ : ୭୦୦୮୯୨୩୨୯୬

## ବହି ବିଚାର




- ପୁସ୍ତକର ନାମ: **ଦିନ ପରେ ଦିନ**
- ଲେଖକଙ୍କ ନାମ : **ଅକ୍ଷୟ ବେହେରା**
- ପ୍ରକାଶକଙ୍କ ନାମ : **ପକ୍ଷୀଘର ପ୍ରକାଶନୀ, ୩୨-ମଧୁସୂଦନ ନଗର, ଭୁବନେଶ୍ୱାର-୧୧**
- ମୂଲ୍ୟ : **୨୨୫/-**

ଓଡ଼ିଆ କାବ୍ୟ ପରଂପରାରେ ଜୀବନ୍ମୟତାର ପ୍ଲା-କାର୍ଡ଼ ଧରି ତିନି ଦଶନ୍ଧିରୁ ଅଧିକ କାଳ ନିରବଚ୍ଛିନ୍ନ ଭାବେ କବିତା ମନସ୍କ ରହି ଆସିଥିବା କବି ଅକ୍ଷୟ ବେହେରା ଦିନ ପରେ ଦିନ ସହି ଆସିଛନ୍ତି ସମୟର ତାଡ଼ନା, ସହୋଦରଙ୍କ ଉପେକ୍ଷା ଆଉ ପ୍ରେମମୟୀଙ୍କ ପୀଡ଼ା । ଅଥଚ ସହିଷ୍ଣୁତାର ସୃଜନ-ପୀଠରେ ସେ ସଦା ରହିଛନ୍ତି ଅବିଚଳ, ସଦା ଚଳଚଞ୍ଚଳ ଓ ସଦା ଛଳଛଳ ।

'ଦିନ ପରେ ଦିନ' ତାଙ୍କର ସଦ୍ୟତମ କବିତା ସଂକଳନ, ଯାହା ସଦ୍ୟ ହସ୍ତଗତ ହୋଇଛି ଆମର । ପ୍ରେମରେ ପ୍ରତିଷ୍ଠା ପାଇଥିବା ଶବ୍ଦ ଓ ଭାବ ଭିତରେ ଗୋଟେ ଉତ୍ତୁଙ୍ଗ ସୋପାନ ଶ୍ରେଣୀ ପାରେଇ ଆସିବା ସମୟରେ କବି ପ୍ରତାରଣାର ପରିଭାଷାକୁ ଉନ୍ମୋଚନ କରିଛନ୍ତି । ସେତିକିବେଳେ ଆଲିଙ୍ଗନର ଆପଣାପଣକୁ ବି ଚିତ୍ରରାତି ପରି ସଜେଇଛନ୍ତି ନିଜର ସେଇ ମୌଳିକ ଓ ସ୍ୱକୀୟ କାବ୍ୟ ଶୈଳୀରେ : ଛଳଛଳ ଓ କଳକଳ ଭାବାବେଗରେ । ନିଷ୍ପ୍ରାଣ ଓ ନିଷ୍ପନ୍ଦ ପ୍ରାୟ ଶବ୍ଦମାନଙ୍କୁ ଜୀବନ୍ୟାସ ଦେଇଛନ୍ତି ଅକ୍ଷୟ ବେହେରା ଏ ପୁସ୍ତକରେ ଥିବା ୧୧୦ଟି କବିତାରେ । ଜୀବନବୋଧର ଗଭୀର ଅନ୍ୱେଷା ହିଁ 'ଦିନ ପରେ ଦିନ'କୁ ପାଠକାଦୃତ କରାଇବ, ଆଶା ଆମର ।

# ଆତ୍ମହତ୍ୟାର ପୂର୍ବଦିନ

ରେଳ ଷ୍ଟେସନର ଶେଷ ସିମେଣ୍ଟ୍ ବେଞ୍ଚ୍ । ତିନିଜଣ ବସିବା ପାଇଁ ଜାଗା ଅଛି । ଏକୁଟିଆ ବସିଥିଲା ଲିପି । ଲିପିରେଖା ସାହୁ । ବୟସ ପନ୍ଦର କି ଷୋହଳ ହେବ । ପଟିଆଲା ପ୍ୟାଂଟ୍ ସାଙ୍ଗକୁ ହଳଦିଆ କୁର୍ତ୍ତି ବୟସ ଟିକେ ବେଶୀ ଜଣାପଡ଼େ ।

ପାଖରେ ଗୋଲାପି ଏୟାର୍‌ବ୍ୟାଗ୍ । କାରଣ ଗୋଲାପି ତାର ପ୍ରିୟ ରଙ୍ଗ । ଷ୍ଟେସନ୍‌ରେ ଲୋକ ବେଶି ନାହାନ୍ତି । ସକାଳେ ଦୁଇଟି ଲୋକାଲ୍ ଟ୍ରେନ୍ ଗଲା ପରେ ଷ୍ଟେସନ୍ ଟିକେ ଶାନ୍ତ ପଡ଼ିଯାଇଛି । ଦଶଟାରେ ଜନଶତାବ୍ଦୀ, ହେଲେ ଶତାବ୍ଦୀରେ ଯିବାଲୋକ ବହୁତ କମ୍ ।

କେହିଜଣେ ଲିପି ବସିଥିବା ବେଞ୍ଚ୍ ଆଗରେ ଦୁଇଥର ଏପଟସେପଟ ହେଲାଣି । ଲିପିର ସେଥିପ୍ରତି ନିଘା ନାହିଁ । ସେ ଦେଖୁଥିଲା ଷ୍ଟେସନ୍ ଛାତ ଆଉ ଖୁଂଟ ମଝିରେ ଥିବା ପାରାଭାଡ଼ିକୁ । କ'ଣ କଥା ହେଉଛନ୍ତି ସେମାନେ ସବୁବେଳେ ଗୁଟୁରୁଗୁଟୁରୁ । ଏମାନେ ଜନ୍ମରୁ ଏମିତି କୋଳାହଳ ପ୍ରିୟ କି ଷ୍ଟେସନ୍‌ର କୋଳାହଳ ପରିବେଶ ଏମାନଙ୍କୁ ଜୀବନଶୈଳୀ ପରିବର୍ତ୍ତନ କରିବାକୁ ବାଧ୍ୟ କରିଛି ? ଏମାନଙ୍କ ପ୍ରେମ ବି କୋଳାହଳ ଆଉ ଶତ୍ରୁତା ବି ।

ଲିପି ଆଗରେ ଦୁଇ ତିନିଥର ଚକ୍କର କାଟିବା ପରେ ସେ ପିଲାଟି ଷ୍ଟେସନ୍‌ର ଶେଷ ଖୁଂଟ ପଛପଟେ ପରିଶ୍ରା କରୁଥିଲା ।

ଲିପି ନାକରେ କିନ୍ତୁ ସାମ୍ଭୁର ବାସ୍ନା ବାଜିଲା । ଦୁଇଜଣ ରେଲ୍‌ୱେ ପୋଲିସ ତାଙ୍କ ମୋଟର୍‌ବାଇକ୍‌କୁ ଘସିମାଜି ଧୋଉଥିଲେ । କୋଉ ଗୋଟେ ରେଳଗାଡ଼ି ଆସିବାର ଶବ୍ଦ ଦୁଇନମ୍ବର ପ୍ଲାଟ୍‌ଫର୍ମରେ । ଘୁଘୁନି ବିକୁଥିବା ଲୋକଟି ଗୋଟେ ନାଲି କପଡ଼ାରେ ବନ୍ଧା ତା ଘୁଘୁନି ହାଣ୍ଡିକୁ ଉଠେଇ ଦୁଇ ନମ୍ବର ପ୍ଲାଟ୍‌ଫର୍ମ ଆଡ଼କୁ ଯାଉ ଯାଉ ଫେରି ଆସିଲା । ବଡ଼ପାଟିରେ କହିଲା, "ହେ ମାଲ୍ ଗାଡ଼ିଟା ।"

ଗୋଟିଏ ଶବ୍ଦ ଲିପି କାନରେ ବାଜିଲା 'ମାଲ୍' । ସେ ଶଙ୍କିଗଲା । ସେ ଖରାପ ଲୋକଟି ତା'କୁ ଠିକ୍ ଏଇ ଉପମା ଦେଇ ସମ୍ବୋଧନ କରେ । କହେ, ଲିପି ତୁ ଏବେ ଗୋଟେ ମାଲ୍ ହେଇଗଲୁଣି । ଏତିକି କହିଲା ବେଳେ ତା ଗୁଟୁକା ଖିଆ ଲାଲ ଭର୍ତ୍ତି ପାଟି ତାକୁ ଗୋଟେ ବିଷଧର ସାପର ଫଣା ପରି ଦିଶେ । ତା' ଦେହ ଅଜଣା ଭୟରେ ଥରିଯାଏ ।

ଏବେ ତା ଦେହ ଥରୁଛି କାହିଁକି ? ଓହୋ ମାଲ୍‌ଗାଡ଼ିଟା ଏଇ ଷ୍ଟେସନ୍‌ରେ ନ ଅଟକି ଦ୍ରୁତଗତିରେ ପାରେଇଗଲା । କିଛିକ୍ଷଣ ସବୁକିଛି ଦୋହୋଲିଗଲା । ସେ ଆଜି ଲକ୍ଷ୍ୟହୀନ ପଥର ଯାତ୍ରୀ । ତାକୁ କେବଳ ଏହି ପରିବେଶ, ନିଜ ଚିହ୍ନାଲୋକ, ବନ୍ଧୁ ପରିଚିତମାନଙ୍କ ଠାରୁ ଦୂରକୁ ଯିବାର ଅଛି । ବହୁତ ଦୂରକୁ, ଯେଉଁଠି ତାର କେହି ପରିଚିତ ଲୋକ ନଥିବେ ।

ସେ କେବଳ ଏତିକି ଜାଣିଚି ରେଳରେ ଗଲେ ରାଜ୍ୟ ବାହାରକୁ ଯାଇ ହେବ ଆଉ ଉଡ଼ାଜାହାଜରେ ଗଲେ ଦେଶ ବାହାରକୁ ଯାଇ ହେବ । ଯଦି ତା ପାଖରେ ସମ୍ବଳ ଥାନ୍ତା ସେ ଉଡ଼ିଉଡ଼ି ଦେଶ ବାହାରକୁ ବି ପଳେଇଯାନ୍ତା ।

ହୁଏତ କାଲି ସକାଳେ ଖବରକାଗଜରେ ବାହାରି ପାରେ ଲିପି ସାହୁର ନିଖୋଜ ଖବର । କାନ୍ଥବାଡ଼ରେ ମଇଦା ଅଠା ଲଗେଇ କେହିଜଣେ ବୁଲି ବୁଲି ଲଗାଉଥିବ ତା ଫଟୋ । ଲିପି ସାହୁ, ପିତା- ଗୋରେଖନାଥ ସାହୁ, ମାତା- ପ୍ରେମଲତା ସାହୁ, ବଡ଼ଭାଇ- କରୁଣାକର ସାହୁ । ଗ୍ରାମ-ବଡ଼କିଆ, ଜିଲ୍ଲା-



କାହାଣୀ ପଛର କାହାଣୀ

**ମୁଁ ଗାଁରେ ବଞ୍ଚେ । ତେଣୁ ଗାଉଁଲି ଚରିତ୍ରକୁ ନେଇ ଲେଖେ । ଯଦି ମତେ ପ୍ରଶ୍ନ ହୁଏ ଏହି ଗଳ୍ପଟି ମୁଁ କାହିଁକି ଲେଖିଲି, ତେବେ କିଛି ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତର ଦେଲେ ଅନ୍ୟାୟ ହେବ । କାରଣ ଏଯାଏଁ ଆଖିରେ ଦେଖିଲା ଗୋଟିଏ ଚରିତ୍ର ନୁହଁ । ଦେହ ସୁଖ ପାଉନଥିବା ଅର୍ଦ୍ଧବୟସ୍କ ମହିଳା (ସେ ସହରୀ ହେଉ କି ଗାଉଁଲି) ଯେତେବେଳେ ନୂଆ ସମ୍ପର୍କର ସୁଖ ପାଇବା ପାଇଁ ମନ କରିନିଏ ସେସବୁ ପୁରୁଣା ସମ୍ପର୍କ ଭୁଲିଯାଏ । ସେ ସମ୍ପର୍କ ସ୍ୱାମୀ ହେଉ କି ପୁଅ ଝିଅ । ଏଥିରେ ଗଳ୍ପ ଅଳ୍ପ, ବାସ୍ତବତା ବେଶୀ । ଭାବୁଛି ପାଠକଙ୍କୁ ଗପଟି ଭଲ ଲାଗିବ ।**

ବାଲେଶ୍ୱର କାଲିରାତିରୁ ଘରୁ କୁଆଡ଼େ ପଳେଇ ଯାଇଛନ୍ତି । କେହି ଯଦି ତାଙ୍କର କିଛି ଖବର ପାଇବେ ଏହି ନମ୍ବରରେ ଫୋନ୍ କରି ଜଣାଇବାକୁ ଅନୁରୋଧ । ସେ ପ୍ରସିଦ୍ଧ ହୋଇଯିବ କି ଅପବାଦରେ ତା ନାଁ ଯୋଡ଼ି ହେଇଯିବ, ବହୁତ କିଛି ଚିନ୍ତା ତା ମୁଣ୍ଡକୁ ଆସୁଥିଲା ।

ପୁରୀ ହାବ୍‌ଡ଼ା ସୁପର୍‌ଫାଷ୍ଟ ତିନି ନମ୍ବର ପ୍ଲାଟ୍‌ଫର୍ମରେ ଆସୁଅଛି । ଅଜଣା ରାଇଜରୁ ଫେରି ଆସିଲା ଲିପି । ଏହି ଟ୍ରେନ୍‌ରେ ଉଠିଯିବ କି ? ନା ଆଉ କିଛି ସମୟ ଅପେକ୍ଷା କରିବ ? କାହା ପାଇଁ ଅପେକ୍ଷା କରିବ, କିଏ ଅଛି ତା ହାତ ଧରି ନେଇଯିବ ଘରକୁ ? ନେଇଗଲେ ବି ସେ ଆଉ ଯିବ ନାହିଁ ସେ ନର୍କକୁ ।



ଶୁଭଲକ୍ଷ୍ମୀ ଦାସ

ମାର୍ଫତ : କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ନୂଆପୁର,
କଲ୍ୟାଣୀ, ବାଲେଶ୍ୱର-୭୫୬୦୪୪
ଫୋନ:୯୦୭୮୦୫୬୨୨୬

ବାହାରେ ମରିଯିବ ପଛେ ଘରକୁ ଫେରିବ ନାହିଁ । ଘର କଥାର ମନକୁ ଆସିଲେ କେବଳ ସେହି ଲୋକର ଛବି ଆଖି ଆଗକୁ ଆସିଯାଏ । ସେଇ ଲୋକ କିଏ ତାର ? କେହି ନୁହଁ । ଯିଏ ଧସେଇ ପଶି ଆସିଚି ତା' ନିଜ ପରିଧି ଭିତରକୁ । ଆଉ କ୍ଷତାକ୍ତ କରି ଚାଲିଛି ତା ଜୀବ ଯୌବନ ଭବିଷ୍ୟତ ।

କେତେ ଖୁସିର ସଂସାର ଥିଲା ତାର । ସେ ପଢୁଥିଲା ପଂଚମରେ ଆଉ ତା ବଡ଼ଭାଇ ଅଷ୍ଟମ । ବାପା ଚାଷୀ ଲୋକ, କାମ ଜମିରେ ପରିବାର ଚଳେଇବା ମହା ମୁସ୍କିଲ୍ । ସନ୍ଧ୍ୟାରେ ମନ୍ଦିରରେ ଭଜନ କୀର୍ତ୍ତନ କରୁଥିଲେ । ଭଲ ଗୀତ ଗାଉଥିଲେ । ଗାଁ କୀର୍ତ୍ତନ ଦଳରେ ମିଶି କିଛି କିଛି କାର୍ଯ୍ୟକ୍ରମ ବି କରନ୍ତି । ସେଟିରୁ କିଛି ପଇସା ଘରକୁ ଆସେ । ଟଙ୍କିକିଆ ଚାଉଳକୁ ଦାନ ଦକ୍ଷିଣାରେ ଘର ଚାଲୁଥିଲା । କେହିଜଣେ ତା' ବାପାଙ୍କୁ କହିଲେ, ତୁମେ ପ୍ରବଚନ ଦିଅ । ଆଜିକାଲି ପ୍ରବଚକମାନଙ୍କ ବହୁତ ଡିମାଣ୍ଡ୍ । ସେହି ବନ୍ଧୁଙ୍କ ଉପଦେଶ କାମରେ ଲଗେଇଲେ ଲିପିର ବାପା । ଧର୍ମ ଶାସ୍ତ୍ର ଅଧ୍ୟୟନ କଲେ । ଗଳ୍ପ, କବିତା, ବିଭିନ୍ନ ଗୁରୁଙ୍କ ଉପଦେଶାତ୍ମକ ବାଣୀ ସବୁ ପଢ଼ି ହୃଦୟରେ ରଖିଲେ ଆଉ ପ୍ରବଚନ ଦେବାକୁ ପ୍ରସ୍ତୁତ ହେଉଥିଲେ ।

ପିଲାମାନେ ଧୀରେ ଧୀରେ ବଡ଼ ହେଉଥାନ୍ତି । ତାଙ୍କର ଆବଶ୍ୟକତା ବଢୁଥିଲା କିନ୍ତୁ ସେହି ଅନୁପାତରେ ରୋଜଗାର ହେଉନଥିଲା । ଲିପିର ମା ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ । କିଛି ମହିଳା ମିଶି କିଛି କିଛି ଟଙ୍କା ବ୍ୟାଙ୍କ୍‌ରେ ଜମା କରୁଥିଲେ, ଆଉ ସେହି ପଇସା ଉଠେଇ ଗାଁରେ ସୁଧ ଲଗାଉଥିଲେ । ସେଥିରୁ ଲିପି ମାଆ ପାଖକୁ ବି କିଛି ପଇସା ଆସିବାରେ ଲାଗିଥିଲା ।

ବାପା ରାତି ରାତି ପ୍ରବଚନ କାମରେ ବାହାରେ ରହୁଥିଲେ । ଆସିଲା ବେଳେ କେବେ କେବେ ପଇସା ଧରି ଆସନ୍ତି ନହେଲେ ଚାଉଳ, ଆଳୁ, କଦଳୀ ବାଇଗଣରେ ସନ୍ତୁଷ୍ଟ ହେବାକୁ ହୁଏ । ଲିପିର ମାଆ ତା' ବାପା ଉପରେ ସବୁବେଳେ ଗରଗର ହୁଅନ୍ତି ତାଙ୍କ ପାରିବାପଣିଆକୁ ନେଇ । ଶାନ୍ତ ସରଳ ମଣିଷ ଗୋରେଖନାଥ ପ୍ରେମଲତାଙ୍କ କଥାକୁ ନିର୍ବିବାଦରେ ସହିଯାନ୍ତି ।

କିଛି ଦିନ ପରେ ରମେଶ ବୋଲି ଗୋଟିଏ ଗାଁ ପିଲା ଲିପି ଘରକୁ ଯିବା ଆସିବା ଆରମ୍ଭ କରିଥାଏ । ପ୍ରେମଲତା ଯେଉଁ ପଇସା ସୁଧ ଲଗେଇଥାନ୍ତି ସେ ପଇସା କଲେକ୍ସନ୍ ଦାୟିତ୍ୱ ନେଇଥାଏ ରମେଶ । ଗୋରେଖନାଥ ସନ୍ଧ୍ୟା ଆଗରୁ ଘରୁ ବାହାରି ଯା'ନ୍ତି । ରମେଶ ସନ୍ଧ୍ୟା ପରେ ଘରକୁ ଆସେ । ପ୍ରେମଲତା ରୋଷେଇ କରି ସାରି ତା ସହ ଘର ଭିତରେ ପଇସା ହିସାବ କରନ୍ତି । ଜୋର୍ ଜୋର୍‌ରେ ହସନ୍ତି । ଲିପିକୁ ଏସବୁ କିନ୍ତୁ ଭଲ ଲାଗୁନଥିଲା ।

ଭାଇର ମ୍ୟାଟ୍ରିକ୍ ପରୀକ୍ଷା ସରିଲା । ଘରେ ବସି ବସି କ'ଣ କରିବୁ କହି ରମେଶ ତାକୁ ମେଡ଼ିସିନ ଷ୍ଟୋର୍‌ରେ ରଖେଇ ଦେଲା । ସକାଳେ ଯିବ ଫେରିବ ରାତି ନ କି ଦଶ । ଲିପି ଅଷ୍ଟମରୁ ନବମକୁ ଗଲା ।

ରାତି ଉଜାଗର ହୋଇ ବାପା ଦିନ ସାରା ଶୁଅନ୍ତି । ଭାଇ ଦିନ ସାରା ଖଟି ଖଟି ରାତିରେ କଥା କହିବା ପାଇଁ ସମୟ ପାଏନି । ମୋ ସହିତ କଥା ହେବା ପାଇଁ ତାର ଇଚ୍ଛା ହୁଏନି । ଧୀରେ ଧୀରେ ସେ ଏକୁଟିଆ ହେଉଥିଲା ।

ଦିନେ ଘରେ କେହି ନଥିଲେ । ଘରେ ଗରମ ହେଉଥିବାରୁ ଲିପି ମନ୍ଦିର ଅଗଣାରେ ବସି ପଢୁଥିଲା । ସନ୍ଧ୍ୟା ସମୟ ବହୁତ ଜୋର୍‌ରେ ଶୋଷ ଲାଗିଲା । ପାଣି ପିଇବା ପାଇଁ ଘରକୁ ଆସିଲା । ଘରେ ଟଙ୍କା ହିସାବ କରୁଥିବା ରମେଶ, ତା' ମାଆକୁ ଜାବୁଡ଼ି ଧରି କାମୁଡୁଛି । ବହୁତ ଜୋର୍‌ରେ ଡରିଗଲା ଲିପି । କିଛିଦିନ ସେହି ଦୃଶ୍ୟ ତା ମନ ଭିତରେ ଘର କରିଗଲା । ସେ ଯେତେ ଭୁଲିବାକୁ ଚେଷ୍ଟା କଲେ ବି ଭୁଲି ପାରୁନଥିଲା ସେ ଦୃଶ୍ୟ । ଭାବିଥିଲା ବାପାକୁ କହିଦେବ, କିନ୍ତୁ ଘରେ ମହାଭାରତଟେ ହେବ । ବାପା ବୋଉଙ୍କ ସମ୍ପର୍କ ଭିତରେ ଫାଟ ପଡ଼ିଯିବ । ଏମିତି କିଛି ଭବିଷ୍ୟତ ଘଟଣା ଚିନ୍ତା କରି ସେ ମନକଥା ମନରେ ରଖିଦେଲା ।

ସେହିଦିନରୁ ସେ ରମେଶ ଆଗକୁ ଯାଏ ନାହିଁ । ସେ' ବି ବଡ଼ ହେଉଥିଲା । ପୁରୁଷ ନାରୀର ସମ୍ପର୍କ ବିଷୟରେ ସାଙ୍ଗମାନଙ୍କ ସହ କଥା ହେଉଥିଲା । ହେଲେ ବୁଝି ପାରୁନଥିଲା କି ତା ମାଆ ଓ ରମେଶ ଭିତରେ ଏ କି ପ୍ରକାର ସମ୍ପର୍କ ? ତେବେ ମାଆ କ'ଣ ଚରିତ୍ରହୀନା ନାରୀଟେ ନା ରମେଶ କିଛି ଦୁର୍ବଳତାର ଫାଇଦା ନେଉଛି ।

କିଛିଦିନ ପରେ ଲିପି ଭାଇର ରେଜଲ୍ଟ ବାହାରିଲା, ସେ ଫେଲ୍ ହେଇଗଲା । ଆଉ ପାଠ ପଢ଼ିବାକୁ ଇଚ୍ଛା ନଥିଲା ତାର । ଗାଁର ଜଣେ ପିଲା ସହ ରାଜସ୍ଥାନ ପଳେଇଗଲା ମାର୍ବଲ୍ କାମ ଶିଖିବା ପାଇଁ । ଲିପି ଧୀରେ ଧୀରେ ଆହୁରି ନିଃସଙ୍ଗ ହେଉଥିଲା ।

ଦିନେ ହଠାତ୍ ଗୋରେଖନାଥ ସାହୁ କୁଆଡ଼େ ଚାଲିଗଲେ । ଘରକୁ ଝିଅ ଉଦ୍ଦେଶ୍ୟରେ ଚିଠିଟିଏ ଲେଖି ପ୍ରବଚନ ଜାଗାରୁ କୁଆଡ଼େ ଚାଲିଗଲେ ।

ଚିଠିରେ ଲେଖିଥିଲେ, "ମାଆରେ ଏ ସଂସାର ବଡ଼ ଜଞ୍ଜାଳମୟ । ତୁମମାନଙ୍କୁ ଏକୁଟିଆ ଅଧା ରାସ୍ତାରେ ଛାଡ଼ି ଯାଉଛି ବୋଲି ଦୁଃଖ କରିବନି । ଆମେ ସମସ୍ତେ ଏକୁଟିଆ ଆସିଚୁ ଏକୁଟିଆ ଯିବୁ । ମୁଁ ଈଶ୍ୱରଙ୍କ ପୁଅ, ସଂସାର କରିବା ମୋ ପକ୍ଷରେ ଅସମ୍ଭବ । ଆଜି ଠୁ ମୁଁ ସନ୍ନ୍ୟାସୀ ହେଲି । ଆଉ କେବେ ବି ଗୃହସ୍ଥ ଜୀବନକୁ ଫେରିବି ନାହିଁ । ମୁଁ ଜାଣେ ତୋ ମାଆ ବହୁତ ପାରିବାର । ସେ ନିଜ ଦାୟିତ୍ୱ ନିଜେ ନେଇ ପାରିବ । କିନ୍ତୁ ତୁ ସମ୍ମାନର ସହ ସବୁ ପରିସ୍ଥିତିକୁ ସାମ୍ନା କରିବୁ ।

ଇତି ତୋର ବାପା ।"

ବାପାଙ୍କ ଚାଲିଯିବାରେ ଟିକିଏ ବି ଦୁଃଖୀ ନଥିଲେ ମାଆ । ରମେଶର ଘରକୁ ଆସିବା ବଢ଼ି ଯାଇଥିଲା । କେବଳ ସନ୍ଧ୍ୟାରେ, ବାପା ଗଲା ପରେ ଘରକୁ ଆସୁଥିଲା ରମେଶ, ଏବେ ଦିନର ଯେକୌଣସି ସମୟରେ ଆସୁଥିଲା । ଘରକୁ ଟିଭି ଆସିଲା, ଗ୍ୟାସ୍ ଚୁଲା ଆସିଲା । ମାଆ ବହୁତ ଖୁସି ଥିଲା ।



**ବାପା ଚୁଟି ବାନ୍ଧି ଦିଅନ୍ତି ମୁଣ୍ଡ କୁଣ୍ଡେଇ ଦିଅନ୍ତି । କେତେ ଥର ଲିପିର ପିନ୍ଧା ଲୁଗା ବି ସଫା କରି ଦିଅନ୍ତି । ମାଆ ସେଥିପାଇଁ ବିରକ୍ତ ହୁଏ: "ଝିଅକୁ ମୁଣ୍ଡରେ ବସେଇଛ, ଭୋଗିବ ।" ବାପା ତ ଚାଲିଗଲେ କୁଆଡ଼େ ତାଙ୍କ ମନ ହେଲା କିନ୍ତୁ ଭୋଗୁଛି ଲିପି । ଏବେ ଗାଁରେ ଚର୍ଚ୍ଚା ହୁଏ ରମେଶ ଓ ତା' ମାଆର ସମ୍ପର୍କକୁ ନେଇ ।**

ଲିପି ରମେଶ ବିଷୟରେ କିଛି କହିଲେ ପ୍ରେମଲତା ଉତ୍ତର ଦିଅନ୍ତି, "ତୋ ବାପା ତ ତୁମକୁ ଅନାଥ କରି ଚାଲିଗଲା, ମୁଁ ସାହି ଭାଇଙ୍କୁ ନେଇ ଯଦି ନଚାଲିବି ବଂଚିବି କେମିତି ।" ଲିପି ଭାବୁଥିଲା ସାହିଭାଇ କହିଲେ କେବଳ କଣ ଏହି ବାନ୍ଦର ଟୋକା ? ଦିନରାତି ଗୁଟୁଖା ଖାଇ ପାଟି ଗନ୍ଧାଉଥାଏ । ଲୁଙ୍ଗି ପିନ୍ଧି ଆସେ ଆଉ ଲିପିକୁ ଦେଖିଲେ ମିଛରେ ମିଛରେ ମୁହଁ ପୋଛିବା ବାହାନା କରି ଲୁଙ୍ଗି ଟେକିଦିଏ । ଲିପି ଘର ଭିତରକୁ ଯାଇ କବାଟ କିଳିଦିଏ ।

ଦିନେ ଲିପି ମନ୍ଦିର ପାଇପ ପାଣିରେ ଗାଧୋଇ ଘରକୁ ଫେରୁଥିଲା । ରମେଶ ତାକୁ କୁଣ୍ଢେଇ ଧରି ଗେଲ କରିଦେଲା । ଲିପି ତା ଗାଲକୁ ଶକ୍ତ ଚାପୁଡ଼ାଟିଏ ଦେଇ ଘରେ ଲୁଚି ରହିଲା । ମା'କୁ ସବୁ କହିଲା କିନ୍ତୁ ଫଳ କିଛି ହେଲା ନାହିଁ । ମାଁ ଉତ୍ତର ଦେଲା ସେ ତୋ ବାପା ଭଳିଆ । ତୋତେ ଝିଅ ପରି ଦେଖନ୍ତି । ତାଙ୍କ ନାଁରେ ଏମିତି ଖରାପ କଥା ତୁ କହୁଚୁ । ଟିକେ ବଡ଼ ହୋଇଗଲୁ ବୋଲି ଯାହାକୁ ଯାହା କହିଯିବୁ ? ଲିପି ଭାବୁଥିଲା ଏ ଅସଭ୍ୟ ଲୋକକୁ ମାଆ ମୋ ବାପା ସହ ତୁଳନା କରୁଛି ! ଯାର ଅଭଦ୍ରାମୀକୁ ବାପାଙ୍କ ସ୍ନେହପୂର୍ଣ୍ଣ ଆଲିଙ୍ଗନ ସହ ତୁଳନା କରୁଛି ।

ଲିପି ଭାବୁଥିଲା ତା ବାପାଙ୍କ ଆଲିଙ୍ଗନ କଥା । ବାପା କେଡ଼େ ଶ୍ରଦ୍ଧାରେ କୋଳକୁ ଟେକି ନେଉଥିଲେ । ତା' ଗାଲକୁ ଦୁଇ ପଟୁ ଧରି ଟାଣି ଦେଉଥିଲେ । କାଟୁଚି ବୋଲି କହି କାନ୍ଦିଲେ, ପୁଣି ଗେଲରେ ପିଠିକୁ ଦୁଇ ବିଧା ଦିଅନ୍ତି ଆଉ ପଚାରନ୍ତି ଏବେ କାଟିଲା ? ଏବେ କାଟିଲା ? ଲିପି ହସିଦିଏ ।

ବାପା ଚୁଟି ବାନ୍ଧି ଦିଅନ୍ତି ମୁଣ୍ଡ କୁଣ୍ଡେଇ ଦିଅନ୍ତି । କେତେ ଥର ଲିପିର ପିନ୍ଧା ଲୁଗା ବି ସଫା କରି ଦିଅନ୍ତି । ମାଆ ସେଥିପାଇଁ ବିରକ୍ତ ହୁଏ: "ଝିଅକୁ ମୁଣ୍ଡରେ ବସେଇଛ, ଭୋଗିବ ।" ବାପା ତ ଚାଲିଗଲେ କୁଆଡ଼େ ତାଙ୍କ ମନ ହେଲା କିନ୍ତୁ ଭୋଗୁଛି ଲିପି । ଏବେ ଗାଁରେ ଚର୍ଚ୍ଚା ହୁଏ ରମେଶ ଓ ତା' ମାଆର ସମ୍ପର୍କକୁ ନେଇ । ଲୋକଙ୍କ ମୁହଁରେ କଣ ବାଡ଼ବତା ଅଛି ! ଯିଏ ଯାହା ପାରିଲା କହିଲା । ଗାଁ ମାଇପେ ଏବେ ଆଲୋଚନା କଲେଣି ସେ ବାସ୍ତୁରା ରମେଶ ମାଆଝିଅ ଦୁହିଁଙ୍କୁ ରଖିଛି ।

ଏତେ ଅପମାନ ପରେ ବି ଲିପି ମାଆର ଆଚରଣରେ କିଛି ପରିବର୍ତ୍ତନ ହେଉନଥିଲା ।

କାଲିରାତିର ଘଟଣା କିନ୍ତୁ ଲିପିର ସହିବା ସୀମା ପାର୍ ହୋଇଗଲା । ଗାଁରେ ଚାଲିଛି ହରିହାଟ । ସାତଦିନ ଧରି ହରିବଂଶ ପାଠ ହେଉଛି । ଯେହେତୁ ଗୋରେଖନାଥ ସେହି ଅନୁଷ୍ଠାନର ମୁଖ୍ୟ ଥିଲେ, ସବୁ ହାନିଲାଭ ବୁଝୁଥିଲେ । ସେଥିପାଇଁ ଏବେ ଲିପିର ମାଆ ବି ଅନୁଷ୍ଠାନ ସହ ଜଡ଼ିତ । ସନ୍ଧ୍ୟାରେ ହରିହାଟ ବାଡ଼ିରେ ଆସର ଜମିଥିଲା, କୀର୍ତ୍ତନ ଚାଲିଥିଲା । ସାହିର ସବୁ ପୁରୁଷ ମହିଳା ସେଇଠି ।

ଲିପି ଘରେ ଟିଭି ଦେଖୁଥିଲା । ରମେଶ ଆସିଲା, ପେଟେ ପିଇ ଦେଇଥିଲା । ପଚାରିଲା ମାଆ ନାହିଁ କି ? ଲିପି କିଛି ନକହି କବାଟ ଭିତରପଟୁ ଦେଇଦେଲା । ରମେଶ ରାଗି କି ନିଆଁ ବାଣ: "ବଜାତ୍ ଝିଅ ମତେ ପୁଣି ନାଲି ଆଖି ଦେଖାଉଛୁ । ତୋ ମାଆ ମୋ ପାଖରୁ ହଜାର ହଜାର ଟଙ୍କା ନଉଚି । ଆଉ କିଛିଦିନ ଗଲେ ତତେ ମୋ ସାଙ୍ଗରେ ବାହା ଦବ । ତା' ପରେ ଦେଖିବୁ ତୋ ରଙ୍ଗ କେମିତି ମୁଁ ଛଡ଼େଇବି ।" ଆହୁରି କଣ କଣ ସବୁ ଅଭଦ୍ର କଥା କହି କହି ଚାଲିଗଲା ।

ଲିପି ଭାବୁଥିଲା ଇଏ ମୋ ନିଜ ମାଆ କି ସାବତ ମାଆ ? ବାପା ଆଉ ଗୋଟେ ବାହା ହେଇନଥିଲେ ତ ? ନିଜ ଝିଅ ସହିତ କେହି କେମିତି ଏମିତି କରିପାରେ ?

ମାଆ ଫେରିଲା ଡେରି ରାତିରେ । କବାଟ ଖୋଲି ଦେଇ ଶୋଇବାକୁ ଗଲା ଲିପି । ହେଲେ ନିଦ ନଥିଲା, ରମେଶର ଗୋଟି ଗୋଟି ଶବ୍ଦ ତା' କାନରେ ପ୍ରତିଧ୍ୱନିତ ହେଉଥିଲା ।

ସୂର୍ଯ୍ୟ ପୃଥିବୀକୁ କଣେଇ ଚାହିଁବା ଆଗରୁ ଘରୁ ବ୍ୟାଗ୍ ଧରି ବାହାରି ଆସିଛି ସେ । କୁଆଡ଼େ ଯିବ ଠିକ୍ ନାହିଁ । ଭାଇ ପାଖକୁ ଯାଆନ୍ତା ଯେ ହେଲେ ତା ଠିକଣା ନାହିଁ । ମାମୁ ଘରକୁ ଗଲେ କିଛି ଲାଭ ନାହିଁ ଦୁଇଦିନ ପରେ ମାଆ ଯାଇ ନେଇଆସିବ । ଆଉ ସେମିତି କେହି ପରିଚିତ ନାହାନ୍ତି ଯାହା ଘରକୁ ଯାଇ ପାରିବ ଯାହା ଘରେ ରହି ପାରିବ । କିନ୍ତୁ ଆଉ ସେ ଘରକୁ ଫେରିବ ନାହିଁ ଏହା ନିଶ୍ଚିତ । ବାଟରେ କଉଠି ପଡ଼ି ମରିଗଲେ ବି ଚିନ୍ତା ନାହିଁ କିନ୍ତୁ ସେ ରାକ୍ଷସ ରମେଶ ସହିତ କେବେ ନୁହଁ ।

ଗୋଟିଏ ଟ୍ରେନ୍ ପହଁଚିଲା ବାଲେଶ୍ୱର ଷ୍ଟେସନ୍‌ରେ । କୋଉଠୁ ଆସିଲା କୋଉଠିକି ଯିବ ସେସବୁ ଚିନ୍ତା କରିବା ଅବସ୍ଥାରେ ନଥିଲା ଲିପି । ସାଧାରଣ ବଗିରେ ବହୁତ ଭିଡ଼ । ରିଜର୍ଭେଶନ୍‌ରେ ଚଢ଼ିଗଲା । ଫାଙ୍କା ଜାଗା ଦେଖି ବସିଗଲା । ଝିଅମାନଙ୍କୁ ସାଧାରଣତଃ ସିଟ୍ ମିଳିଯାଏ ଏମିତି ଏକ ଧାରଣା ଆମ ଦେଶରେ ଅଛି ।

ପ୍ରଶ୍ୱାସ ନେବାକୁ ହେଲେ ନିଃଶ୍ୱାସ ପବନ ବାହାରକୁ ଛାଡ଼ିବାକୁ ହୁଏ, ସେହି ନ୍ୟାୟରେ କିଛି ନେବାକୁ ହେଲେ କିଛି ଦେବାକୁ ପଡ଼େ ବୋଲି କଥା ବି ଦେଶରେ ବହୁତ ଆଗରୁ ଚାଲି ଆସିଛି । ହୁଏତ ସିଟ୍ ଦେଇଥିବା ଲୋକର କିଛି ପାଇବା ଆଶା ନାହିଁ କାରଣ ସେ ଆଗ ଷ୍ଟପେଜ୍‌ରେ ଓହ୍ଲେଇବାର ପ୍ରସ୍ତୁତିରେ ଥିଲା ।

ରାତିରେ ଭଲ କି ଶୋଇ ନଥିବା ଲିପିକୁ ଧୀରେ ଧୀରେ ନିଦ ଆସିଗଲା । ସ୍ୱପ୍ନରେ ସେ ଦେଖୁଥିଲା ତା ବାପାଙ୍କୁ । ଏକ ଦିବ୍ୟ ପୁରୁଷ ହୋଇ ଆକାଶରେ ବିଚରଣ କରୁଛନ୍ତି । ଦେହରୁ ଉଜ୍ଜ୍ୱଳ ଆଲୋକ ବିଚ୍ଛୁରିତ ହେଉଛି । କିଛିକ୍ଷଣ ପରେ ପୁଣି ଗାଁର ମଳିମୁଣ୍ଡିଆ ଗୋରେଖନାଥ ହୋଇ ଯାଉଛନ୍ତି । ସେହି ନିଷ୍କପଟ ହସ, ଲିପି ମୁଣ୍ଡକୁ ଆଉଁଶି ଦେଇ କହୁଛନ୍ତି "ଗେଲି ଲୋ ଖାଇଛୁ ?" ସତରେ କେହିଜଣେ ତା ମୁଣ୍ଡରେ ହାତ ମାରି ଆଉଁସି ଦଉଚି । ଲିପିର ଆଖି ଖୋଲିଗଲା । ସାମ୍ନାରେ ଜଣେ ଦିବ୍ୟପୁରୁଷ । ଗୈରିକ ବସ୍ତ୍ର, ମୁହଁରେ ଦାଢ଼ି, କିନ୍ତୁ ଦାଢ଼ି ଭିତରର ହସକୁ ସେ କେମିତି ଭୁଲିଯିବ ? ତା ବାପାର ହସ । ଲିପି ବାପାକୁ ଆଲିଙ୍ଗନ କରି କାନ୍ଦୁଥିଲା । ସନ୍ନ୍ୟାସୀ ବି କାନ୍ଦୁଥିଲେ । ସନ୍ନ୍ୟାସୀ ମାନେ ରାଗିଗଲେ ଭଲ ଦିଶନ୍ତି, କାନ୍ଦିଲେ ନୁହଁ । ଲିପି ବାପାକୁ ଜାବୁଡ଼ି ଧରି ସବୁକଥା ଏକ ନିଃଶ୍ୱାସରେ କହିଗଲା । ସେ ତା ବାପାକୁ ଆଉ ଛାଡ଼ିବାକୁ ଚାହୁଁନଥିଲା ।

ସନ୍ନ୍ୟାସୀ ଯୋଗାନନ୍ଦ (ଗୋରେଖନାଥ) କହିଲେ, "ମୁଁ ଏ ସଂସାର ପାଇଁ ଅଯୋଗ୍ୟ, ତୁ ବି । ମୁଁ ହରିଦ୍ୱାର ଯାଉଛି, ସେଠୁ ଯିବି ହିମାଳୟ ତୁ ଯିବୁ ମୋ ସହ ?" ଲିପି ହସିଦେଲା, "ବାପା ତୁମେ ଯୁଆଡ଼େ ଯିବ ମୁଁ ତୁମ ସହ ଯିବି । ମତେ କେବଳ ଏହି ନର୍କରୁ ନେଇଯାଅ ।"



ଉତ୍କର୍ଷ ଆମ ମାଟିର ସ୍ୱର

# ଗୀତୁ ନାନୀ

Dr Ranjan Mallik



**କାହାଣୀ ପଛର କାହାଣୀ**

କାହାଣୀ ପଛର କାହାଣୀରେ ରହିଛି ଗୋଟେ ପରିବାରର ସଦସ୍ୟମାନଙ୍କ ସାମାଜିକ ଓ ମାନସିକ ବିଚାରଧାରାର ଭିନ୍ନତା । ସୁଖରେ ବଢୁଥିବା ଝିଅ ଚାହିଁଛି ଆହୁରି ସୁଖୀ ଭବିଷ୍ୟତ ବିନା କଷ୍ଟରେ । ନିଜକୁ ସେ ଘରେ ଆଶ୍ରିତ ବୋଲି ଦୁଃଖୀ ଥିବା ଝିଅଟି ବୁଝିଛି ଏ ପୃଥିବୀରେ କେଉଁ କୋଣରେ ବି ସୁଖ ନାହିଁ । ସେ ବଢ଼ିଥିବା ପରିବାରର ମାଲିକାଣୀ ଯାହାଙ୍କୁ ସେ ଖୁଡ଼ୀ ବୋଲି ଡାକେ ମାଆର ସ୍ନେହ ଖୋଜେ । ତାଙ୍କ ଠୁ ପାଇଥିବା ଅସହିଷ୍ଣୁ ବ୍ୟବହାର ପିଲାମନର କୋମଳ ତନ୍ତ୍ରୀ ଏମିତି ଆଘାତ ପ୍ରାପ୍ତ ଯେ ପରବର୍ତ୍ତୀ ସମୟରେ ପରିସ୍ଥିତିର ସୁଧାରପଣରେ ବି ଫରକ୍ ପଡ଼ିନି । ନିଜେ ବାପାମାଆଙ୍କୁ ହରେଇ ଝୁରି ହେଇଛି ବୋଲି ବୁଝିଛି ଅନ୍ୟ ଅନାଥର ମନକଥା । ବିବାହ କରିଛି ସମ୍ଭାବନାମୟ, ସ୍ନେହମମତାର ପରିବାର ଭେଟିଦେବ ବୋଲି ।ନିଜ ନିଷ୍ପତ୍ତି ନିଜେ ନେଇ ସିଦ୍ଧ କରିବାକୁ ଚାହୁଁଛି ସେ ଝିଅଟେ ହେଲେ ବି କାହା ଦୟା ବା ଆଶ୍ରିତରେ ନାହିଁ ।




## ଲିପିକା ଦାସ

ପ୍ରଫୁଲ୍ଲ ନଗର, ୱାର୍ଡ଼ ନଂ-୧୨
ବାରିପଦା, ମୟୂରଭଞ୍ଜ
ଫୋନ : ୮୮୯୫୦୭୪୫୪୫


ଫଗୁଣ ଆକାଶର ତୋଫା ଜହ୍ନ । ସବୁଆଡ଼େ ଚୁନା ଚୁନା ସଫେଦ୍ ଫୁଲର ଆସର । ଛାତ ଉପରେ ମୋତେ ଘେରି ବସିଥିବା ଝିଅ ବୋହୂମାନଙ୍କ ହାତରେ ମେହେନ୍ଦୀ ଲଗେଇବାର କୋଳାହଳ । ମୋ ହାତର ମେହେନ୍ଦୀ ଶୁଖିଗଲାଣି । ହାତଟା ଧୋଇବି ବୋଲି ଓହ୍ଲେଇ ଆସିଲି ତଳକୁ । ତା'ଛଡ଼ା ମୋ ଆଖି ବି ଖୋଜୁଥାଏ ଜଣକୁ । ସେ ମୋ ଗୀତୁ ନାନୀ । ସବୁ ରାତି ଠାରୁ ଆଜିର ରାତିଟା ନିଆରା । ରାତି ପାହିଲେ ମୋ ଉପରେ ପଡ଼ିବ ବାଡୁଅ ପାଣି । ଗୀତୁନାନୀ ଠୁ ମୁଁ ଅଲଗା ହେଇଯିବି ତା'ପରେ । ଆଜି ମନଭରି ମୋତେ ତା' ସହ ଗପିବାକୁ ଅଛି । ହେଲେ ସେ କାହିଁ ? ସବୁଆଡ଼େ ତ ଖୋଜି ସାରିଲିଣି । ତଳ ଘରେ କୁଣିଆ ଭର୍ତ୍ତି । ଉପର ମହଲାରେ ଗୀତୁନାନୀ ଓ ମୋ ରୁମ୍‌କୁ ଛାଡ଼ି ବାକି ରୁମ୍‌ସବୁ ବି କୋଳାହଳମୟ । ହଁ ଗୀତୁ ନାନୀ ଆଉ ମୋର ଗୋଟିଏ ରୁମ୍ । ଏତେ ଛୋଟ ବେଳୁ ଗୀତୁ ନାନୀ ସହ ଫେଣ୍ଟି ହେଇଯାଇଛି ଯେ, ତା'ଠାରୁ ମୋ ରୁମ୍ ଅଲଗା ହେବା କଥା ବୋଉ କହିଲା ବେଳେ ମୋର ପ୍ରାୟ କାନ୍ଦ କାନ୍ଦ ଅବସ୍ଥା । ଗୀତୁନାନୀ ହିଁ ମୁହଁ ଫିଟେଇଲା । କହିଲା, "ଦାଦା, ରୁଲି ମୋରି ରୁମ୍‌ରେ ଥାଉ । ମୋତେ ବି ଭଲ ଲାଗିବ ।" ସେୟା ହେଲା, ଆଉ ବୋଉ ଦୁମ୍‌ଦୁମ୍ ହେଇ ତଳ ଘରକୁ ଓହ୍ଲେଇ ଯାଇଥିଲା ।

ଗୀତୁ ନାନୀ ମୋ ବାପାଙ୍କର ସାଙ୍ଗ ରଘୁବେନ୍ଦ୍ର ଦାଦା ଝିଅ । ରଘୁବେନ୍ଦ୍ର ଦାଦା ଓ ମାନସୀ ଖୁଡ଼ୀ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାନ୍ତି । ସୌଭାଗ୍ୟବଶତଃ ଗୀତୁ ନାନୀ ବଂଚି ଯାଇଥିଲା । ଦାଦା ଓ ଖୁଡ଼ୀ ଅଲଗା ଅଲଗା ସମ୍ପ୍ରଦାୟର ଥିବାରୁ ଘରେ ବିବାହ ପାଇଁ ସ୍ୱୀକୃତି ମିଳି ନଥିଲା । ସେଥିପାଇଁ ସେମାନେ ପ୍ରେମ ବିବାହ କରିଥିଲେ । ପରେ ଉଭୟେ ଗୋଟେ ବଡ଼ କମ୍ପାନୀରେ ଭଲ ପୋଷ୍ଟରେ ଚାକିରୀ କଲେ । ଜାଗା କିଣି କୋଠାଘର, ଗାଡ଼ି, ଚାକର ବାକର କୋଉଥିରେ ଅଭାବ ନଥିଲା ସେମାନଙ୍କର । ସେତେବେଳକୁ ବାପା ଖଣ୍ଡେ ଚାକିରୀ ପାଇଁ ବେଶ୍ ସଂଘର୍ଷରତ । ରଘୁବେନ୍ଦ୍ର ଦାଦା ତାଙ୍କରି କମ୍ପାନୀରେ ଚାକିରୀଟେ ଯୋଗାଡ଼ କରି ଦେଇଥିଲେ । ସେତେବେଳକୁ ଗୀତୁନାନୀ ଛୋଟଟେ । ବାପାଙ୍କ ବାହାଘରକୁ ବି ଦାଦା ଓ ଖୁଡ଼ୀ ଆସିଥିଲେ । ଆର୍ଥିକ ସାହାଯ୍ୟ ବି କରିଥିଲେ । କାରଣ ଗାଁରେ ଥିବା ଘରେ ଏତେ ଆର୍ଥିକ ଅବସ୍ଥା ଭଲ ନଥିଲା । ବାପାଙ୍କ ପରିବାରରେ । ସେଇଥିପାଇଁ କି କ'ଣ ବାପା ରଘୁବେନ୍ଦ୍ର ଦାଦାଙ୍କ ପରିବାରକୁ ଅନେକ ଭଲ ପାଉଥିଲେ ।

ଯୋଉଦିନ ଦୁର୍ଘଟଣା ଘଟିଲା, ଖବର କମ୍ପାନୀରେ ପହଂଚିଲା ବେଳକୁ ବାପା ସେଇଠି ଥିଲେ । ଅନ୍ୟମାନଙ୍କ ସହ ହସ୍‌ପିଟାଲ୍‌ରେ ଯାଇ ଦେଖିଲେ ମାନସୀ ଖୁଡ଼ୀ ଆଖିବୁଜି ସାରିଛନ୍ତି । ରଘୁବେନ୍ଦ୍ର ଦାଦା ବଡ଼ କଷ୍ଟରେ ଦିନଟିଏ ବଂଚିଥିଲେ । ସେଇ ଭିତରେ ବାପାଙ୍କୁ କହିଥିଲେ, "ନାରାୟଣ ତୋତେ ମୋ ଗୀତୁ ଲାଗିଲାରେ । ମୋର ସମସ୍ତ ସମ୍ପତ୍ତିର ଏବେଠୁ ତୁ ମାଲିକ ।" ଶୀଘ୍ର ଜଣେ ଓକିଲଙ୍କୁ ଡାକିବାକୁ ଅନୁରୋଧ କଲେ ଦାଦା । ବାପା କିନ୍ତୁ ସମ୍ପତ୍ତି ଓ ବ୍ୟାଙ୍କ୍ ଆକାଉଣ୍ଟ୍‌ରେ ଥିବା ଅର୍ଥର ମାଲିକ ରୂପେ ଗୀତୁନାନୀକୁ ଉଇଲ୍‌ରେ ଲେଖେଇଥିଲେ । କେବଳ ସେ ସାବାଳକ ହେବାଯାଏଁ ସେସବୁ ବାପାଙ୍କ ହେପାଜତ୍‌ରେ ରହିବ । ସେବେଠାରୁ ଗୀତୁନାନୀ ଆମ ଘରେ ରହି ଆସିଛି । ଗୀତୁ ନାନୀ ଆସିଲା ବେଳକୁ ମୁଁ ବି ତା' ସହ ଯୋଡି ହେଇଗଲି । ଗୋଟିଏ ଖଟ, ଗୋଟିଏ ପଢ଼ା ଟେବୁଲ୍, ତା'ସହ ଭାଗ କରିଛି । ତିନିବର୍ଷର ବଡ଼ସାନ ହେଇ ବି ଆମେ ପରସ୍ପରର ହୃଦୟର ଖୁବ୍ ନିକଟତର ।

ଦିନେ ଦିନେ ଗୀତୁନାନୀ ରାତିର ନିର୍ଜନ ପ୍ରହରରେ ଖଟରୁ ଓହ୍ଲେଇ ତଳେ ବସି ନିରବରେ ଲୁହ ଝରେଇବା ମୁଁ ଦେଖିଛି । ବୁଝିପାରେ ମାଆର ଅଭାବରେ ଏ ଲୁହ । କିନ୍ତୁ ପିତୃତ୍ୱର ଅଭାବ ସେ ଅନୁଭବ କରି ନଥିବ ନିଶ୍ଚେ । ବାପା ଆମମାନଙ୍କ ଆବଶ୍ୟକତା ଠୁ ଗୀତୁ ନାନୀର ଆବଶ୍ୟକତାକୁ ଅଗ୍ରାଧିକାର ଦେଇ ଆସିଛନ୍ତି ଆଜିଯାଏଁ । ବୋଉ କିନ୍ତୁ ସହି ପାରେନା ଏକଥା ଆଦୌ । ଏକଥା ମୁଁ କ'ଣ, ମୋ ଠୁ ସାନ ମିଟୁ ଓ ସୋନୀ ବି ବୁଝନ୍ତି । ଆଉ ଗୀତୁ ନାନୀ ତ ଆମ ସମସ୍ତଙ୍କ ଠୁ ବଡ଼ । ସେ କେମିତି ବୁଝି ପାରନ୍ତାନି ଯେ ମୋ ବୋଉ ତାକୁ ଭଲପାଏନି ବୋଲି ? ସେ ଯେଉଁଦିନ ମେଟ୍ରିକ୍ ପାଶ୍ କଲା, ବୋଉର ଆଦୌ ଇଚ୍ଛା ନଥିଲା ତାକୁ ଅଧିକ ପଢ଼େଇବା ପାଇଁ । ସେଇକଥା ସେ ବାପାଙ୍କୁ ବାରମ୍ବାର କହିବା ସତ୍ତ୍ୱେ ଯେତେବେଳେ ତା'ର ପ୍ଲସ୍-ଟୁ ପାଇଁ ଫର୍ମ ଆସିଲା, ବିଭିନ୍ନ କଲେଜ୍‌ରେ ପକେଇବା ପାଇଁ, ସେଦିନ ଆମ ଘରେ ତ ମହାଭାରତ ଯୁଦ୍ଧ ଲାଗିଗଲା । ଶେଷକୁ ବାପା ଗୋପନ ରଖିଥିବା କଥାଟା ଶୁଣେଇ ଦେଲେ ରାଗରେ । "ମୋର ଟଙ୍କାଟେ ଗୀତୁ ପାଇଁ ଖର୍ଚ୍ଚ ହେଉନି । ତା' ବାପାର ବ୍ୟାଙ୍କ୍‌ରେ ଥିବା ଟଙ୍କାର ସୁଧରେ ହିଁ ଗୀତୁର ଭରଣ ପୋଷଣ ଏବଂ ପଢ଼ା ଖର୍ଚ୍ଚ ଉଠି ଯାଉଛି । ତା' ନାମରେ ଥିବା ତା' ସହରର କୋଠାଘର ଭଡ଼ା ଟଙ୍କାରେ ତୁମର ଦାମୀ ଶାଢ଼ି କି ଗହଣା ବି ମଝିରେ ମଝିରେ କିଣା ଯାଉଛି । ନହେଲେ ଏତେବଡ଼ ପରିବାରର ଖର୍ଚ୍ଚ ଉଠେଇ ସାରିଲା ପରେ ତୁମର ସେସବୁ ସଉକି ପାଇଁ ଟଙ୍କା କୋଉଠୁ ପାଆନ୍ତି ଯେ ? କମ୍ପାନୀ ଚାକିରୀଟାରେ କେତେ ଦରମା କି ମୋର ? ଉପର ମହଲା ବି ତ ଗୀତୁର ଟଙ୍କାରେ ହେଇଛି । ସେଇଥିପାଇଁ ସବୁଠାରୁ ବଡ଼ ରୁମ୍‌ଟା ତାକୁ ଦେଇଥିଲି । ହେଲେ ସେ କ'ଣ ଏକୁଟିଆ ରହିଲା ? ରୁଲିକୁ ବି ସେଥିରେ ଭାଗିଦାର କଲା । ତା'ର ଉଚ୍ଚମନ ସାମ୍ନାରେ ତୁମର ଏମିତି ବ୍ୟବହାର କେତେ ଛୋଟ ଲାଗେ ସତରେ ?"

ସେଦିନ ବି ଗୀତୁନାନୀ ରାତିର ନିର୍ଜନ ପ୍ରହରରେ ଧକେଇ ଧକେଇ କାନ୍ଦିଥିଲା, ଝରକା ସେପାଖର ଦୂର ତାରାମାନଙ୍କୁ ଦେଖି । ମୋତେ ବି ବହୁତ ଖରାପ ଲାଗିଲା ବୋଉର ଏମିତି ଈର୍ଷୁକୀ ଭାବନାରେ ।





"ମୋର ଟଙ୍କାଟେ ଗୀତୁ ପାଇଁ ଖର୍ଚ୍ଚ ହେଉନି । ତା' ବାପାର ବ୍ୟାଙ୍କ୍‌ରେ ଥିବା ଟଙ୍କାର ସୁଧରେ ହିଁ ଗୀତୁର ଭରଣ ପୋଷଣ ଏବଂ ପଢ଼ା ଖର୍ଚ୍ଚ ଛୁଟି ଯାଉଛି । ତା' ନାମରେ ଥିବା ତା' ସହରର କୋଠାଘର ଭଡ଼ା ଟଙ୍କାରେ ତୁମର ଦାମୀ ଶାଢ଼ି କି ଗହଣା ବି ମଝିରେ ମଝିରେ କିଣା ଯାଉଛି । ନହେଲେ ଏତେବଡ଼ ପରିବାରର ଖର୍ଚ୍ଚ ଉଠେଇ ସାରିଲା ପରେ ତୁମର ସେସବୁ ସଉକି ପାଇଁ ଟଙ୍କା କୋଉଠୁ ପାଆନ୍ତି ଯେ ? କମ୍ପାନୀ ଚାକିରୀଟାରେ କେତେ ଦରମା କି ମୋର ? ଉପର ମହଲା ବି ତ ଗୀତୁର ଟଙ୍କାରେ ହେଇଛି ।

ଗୀତୁନାନୀ ଖୁବ୍ ଭଲ ପଢ଼େ । ମୋତେ ଗଣିତ ବୁଝେଇ ଦିଏ । ବୋଉ ହାତରୁ କାମ ଛଡ଼ାଏ । ଘର ସଜେଇ ରଖେ । ଅଥଚ ବୋଉଟା କେତେ ଅସହୁଣି ! ମୁଁ ମନେ ମନେ ବୋଉକୁ ରାଗେ ।

ଏଇ ଘଟଣା ପରେ ବୋଉ ଆଉ ଗୀତୁନାନୀର ପଢ଼ାକୁ ନେଇ କେବେ ପ୍ରତିବାଦ କରିନି । କଲେଜ୍ ଯିବାଦିନ ତା' ସୁନାଚେନ୍‌ଟି ପିନ୍ଧେଇଥିଲା ଗୀତୁନାନୀକୁ । କହିଲା, "ଝିଅପିଲା ଟିକେ ସାବଧାନରେ ଯିବା ଆସିବା କରୁଥିବୁ ମା' ।" ଆମେ ସମସ୍ତେ ଆଶ୍ଚର୍ଯ୍ୟ । ବାପାଙ୍କ ଓଠରେ ଥିଲା ଧାରେ ହସ । ଗୀତୁ ନାନୀକୁ ଅଠର ବର୍ଷ ହେଲା ପରେ, ବାପା ତାକୁ ନେଇ ତା' ଘର ଓ ବ୍ୟାଙ୍କ୍ ଆକାଉଣ୍ଟର ଖାତା ହସ୍ତାନ୍ତର କରିଥିଲେ । ମୁଁ ଭାବିଥିଲି ଏଥର ଗୀତୁନାନୀ ଆମଘରେ ରହିବନି ବୋଧହୁଏ । ତା'ଘରକୁ ଚାଲିଯିବ । ମୋ ଧାରଣା ଭୁଲ୍ ଥିଲା । ଗୀତୁନାନୀ ଫେରିଲା ଆମଘରକୁ । ଭାରି ଖୁସିଥିଲା ସେଦିନ ସେ । ମୋତେ ଅଧିକ ଆଦରରେ କୁଣ୍ଢେଇ ରାତିରେ ଶୋଇଲା ଯେମିତି କି ତା' ମୁଣ୍ଡରେ ଆଉ କାହା ଦୟାର ବୋଝ ନାହିଁ । ଏଥର ଗୀତୁନାନୀ ଓ ମୁଁ ଏକା କଲେଜ୍ ଯାଉଛୁ । ତା'ର ଏ ବର୍ଷ ବିଏ ଫାଇନାଲ୍ ଇୟର, ଆଉ ମୋର ପ୍ଲସ୍‌ଟୁର ଦ୍ୱିତୀୟ ବର୍ଷ । କ୍ଲାସ୍ ସରିଗଲେ ବି ଆମେ ପରସ୍ପର ପାଇଁ ଅପେକ୍ଷା କରୁ । ସାଙ୍ଗ ହେଇ ଘରକୁ ଫେରୁ ।

ଆଜିକାଲି ଗୀତୁ ନାନୀ ଭାରି ସୁନ୍ଦର ଦିଶୁଛି କାହିଁକି କେଜାଣି । ମୁଁ ଅନେକଥର ଲକ୍ଷ୍ୟ କରିଛି ଶ୍ୟାମଳ ରଙ୍ଗର ତା' ଦେହରେ ସବୁରଙ୍ଗ ଯେମିତି ହାର୍ ମାନି ଯାଆନ୍ତି । ମୁହଁରେ ନୀଳଜହ୍ନର ଆଭା ଆଉ ମୁଣ୍ଡରେ କଳା ମଚମଚ ଷ୍ଟେପ୍‌କଟ୍ ହେୟାର ଷ୍ଟାଇଲ୍‌ରେ ସେ ଅନନ୍ୟା । ଝରଣାର କୁଳୁକୁଳୁ ଗୀତ କିମ୍ବା କୋଉ ଗାନ୍ଧର୍ବ ନାୟିକା ପରି । ସେ କିନ୍ତୁ ଭ୍ରମର ତ ଦୂରର କଥା ମାଛିଟିଏ ବି ପାଖ ମଡ଼େଇ ଦିଏନା । ମୁଁ ଏସବୁର ପ୍ରତ୍ୟକ୍ଷ ସାକ୍ଷୀ । ଗମ୍ଭୀର ରହୁଥିବା ଗୀତୁନାନୀ ପୁଅପିଲା ସାଙ୍ଗ ବି ରଖେନି ।

ଏଥର ସେ ଏମ୍.ଏ. ପଢ଼ିଲା ସ୍ୱୟଂଶାସିତ କଲେଜ୍‌ରେ ଆଉ ମୁଁ ସେଇ ପୁରୁଣା କଲେଜ୍‌ରେ ବି.ଏ. ପଢ଼ିଲି । ଆଜିକାଲି ଗୀତୁ ନାନୀର ବ୍ୟବହାରରେ ଅଧିକ ମିଠାପଣ । କେବେ କେବେ ଜିଦ୍ କରି ବୋଉ ମୁଣ୍ଡରେ ତେଲ ଲଗେଇ କୁଣ୍ଡେଇ ବେଣୀ ପକାଏ । ବାପାଙ୍କ ସହ କୁଆଡ଼େ ବାହାରକୁ ଗଲେ ବୋଉ ପାଇଁ ଶାଢ଼ି ସହ ମ୍ୟାଚିଙ୍ଗ୍ ଗହଣା ବାଛିଦିଏ । ବୋଉ ବି ତା' ଏମିତି ଜିଦ୍‌କୁ ମାନିନିଏ ସହଜରେ । ତାକୁ ନେଇ ଆଉ ଆମ ଘରେ କୌଣସି ପ୍ରତିବାଦ କିମ୍ବା ଯୁକ୍ତି ହୁଏନି । ମିକୁ ଓ ସୋନୀ ବି ତାକୁ ଖୁବ୍ ଭଲ ପାଆନ୍ତି । ବାପା ଏବେ ତା' ପାଇଁ ଯୋଗ୍ୟ ବରପାତ୍ର ସନ୍ଧାନରେ । ଗୀତୁ ନାନୀ ସିଭିଲ୍ ସର୍ଭିସ୍ ଦେବ ବୋଲି ପଢ଼ାପଢ଼ିରେ ବ୍ୟସ୍ତ ଥାଏ ପ୍ରାୟ । ବିବାହ କଥା ପଡ଼ିଲେ ନିରୁତ୍ସାହିତ ହୋଇ ଉଠିଯାଏ ସେଠୁ । ଅନେକ ରାତି ଯାଏଁ ପଢୁଥାଏ ସେ । ମୋର ଶୋଇବାରେ ଡିଷ୍ଟର୍ବ ନହେଉ ବୋଲି ଟେବୁଲ୍ ଲ୍ୟାମ୍ପ୍‌ରେ ପଢ଼େ । ଆଖିତଳେ କଳାଦାଗ ଦିଶେ । ସେଥିକୁ ତାର ନଜର ନଥାଏ । ବେଳେବେଳେ ମୁଁ ତାକୁ ଚିଡ଼ାଇ କହେ, "ତୁ ଏତେ କଷ୍ଟ କାହିଁକି କରୁଚୁ କହିଲୁ ? ଦେଖିବୁ ପର ଘର ସହ ଅଫିସ୍‌କୁ ନେଇ ଅତିଷ୍ଠ ହୋଇ ପଡ଼ିବୁ । ମୁଁ କିନ୍ତୁ ବାହା ହେଇ ମୋ ବର ଟଙ୍କାରେ ଐଶ୍ କରିବି ।" ଗୀତୁ ନାନୀ ହସରେ ଥାଏ ଉଦାସୀ ଭାବଟେ । କହେ, "ପାଗିଳୀଟା, ବଳେ ବୁଝିଯିବୁନି ସେତେବେଳେ ? ଏ ପୃଥିବୀରେ କୌଣସି କୋଣରେ ନାରୀ ପାଇଁ ସୁଖ ନାହିଁ । ସୁଖ ସବୁ ପ୍ରଜାପତି ପରି ଦିଶନ୍ତି । ଧରି ପାରିଲେ ବି ହାତ ମୁଠାରେ ଥାଇ ମରି ଯାଆନ୍ତି । ଯେତେ ସବୁ ସୁଖ, ରଙ୍ଗ ମାଖି ବୁଲୁଥାନ୍ତି ନା, ଥରେ ବର୍ଷାରେ ଭିଜିଗଲେ, ଅସଲ ରୂପରେ ଦେଖାଯାଆନ୍ତି । ଚାଲ୍, ବହିଖୋଲ୍ । ମୁଣ୍ଡ ଉପରେ ପରୀକ୍ଷା ।"

ଗୀତୁ ନାନୀ, ଗୋଟେ ପରେ ଗୋଟେ ବିବାହ ପ୍ରସ୍ତାବକୁ ନାକଚ କରେ । କହେ, "ଦାଦା, ରୁଲି ପାଇଁ ଦେଖ । ମୋ ପାଇଁ ମୋଟେ ବ୍ୟସ୍ତ ହୁଅନି ।" ଦିନ ଗଡ଼ିଯାଏ । ମୋ ପାଇଁ ବି ପ୍ରସ୍ତାବ ଆସେ । ଆଉ ଏଇଠି ବ୍ୟାଙ୍କ୍ ଅଫିସର୍ ବିନୋଦଙ୍କ ସହ ଠିକ୍ ହେଇଯାଏ ବିବାହ ।

ଘରସାରା ଲୋକେ ନୟାନ୍ତ ହେଲେଣି ଗୀତୁନାନୀକୁ ଖୋଜି ଖୋଜି । ଅଥଚ ସେ କୋଉଠି ବି ଦିଶୁନି । ବାପାଙ୍କ ସନ୍ଦେହ ଧୀରେ ଧୀରେ ଗାଢ଼ ହେବାରେ ଲାଗିଲାଣି ବୋଉ ଉପରେ । ନିଶ୍ଚୟ ସେଇ କିଛି କହିଛି । ତା' ପୁରୁଣା ବେମାରି ବୋଧେ ପୁଣିଥରେ ବାହାରିଛି । ନହେଲେ ଗୀତୁ ପରି ଶାନ୍ତ ସ୍ୱଭାବର ଝିଅଟା ଏମିତି କାହାକୁ କିଛି ନଜଣେଇ କୁଆଡ଼େ ଗଲା ଯେ ସଞ୍ଜ ଗଡ଼ି ରାତି ହେବାକୁ ବସିଲାଣି ? ବୋଉ ଜାଣିଛି, ବାପା ରାଗିଲେ ବୋଉ ଶୁଣେ କେତେ ନିଷ୍ଠୁର ଶବ୍ଦ ସବୁ । ସେ ଭାବିହେଲା, ନାଃ, ମୁଁ ତ ଗୀତୁକୁ ଏମିତି କିଛି କହିନି ଯେ ତାକୁ କଷ୍ଟ ଦେଲା ପରି । ବୋଧହୁଏ ବାପାଙ୍କ ଧୈର୍ଯ୍ୟର ବନ୍ଧ ଭୁଷୁଡ଼ିବାରେ ଲାଗିଥିଲା ବେଳକୁ ବେଳ । ପୁଲିସ ପରି ଜେରା କରିବା ଆରମ୍ଭ କରି ସାରିଲେଣି । ବୋଉ ହତବାକ୍ । ବାପାଙ୍କ ପ୍ରଶ୍ନ ପାଇଁ ତା' ପାଖରେ ଯଥେଷ୍ଟ ଉତ୍ତର ନଥିଲା ସନ୍ତୁଷ୍ଟି ପାଇଁ । ଘରେ ବାତାବରଣ ଧୀରେ ଧୀରେ ଗମ୍ଭୀର ହେବାକୁ ଲାଗିଲାଣି । ମୋର ବି କିଛି ମନେ ପଡୁନଥାଏ । ଗୀତୁ ନାନୀ କାହିଁକି ନାହିଁ ।

ଗେଟ୍ ପାଖରେ ଗାଡ଼ି ରହିବାର ଶବ୍ଦ । ସମସ୍ତେ ଦଉଡ଼ିଗଲୁ ବାରଣ୍ଡାକୁ । ଗାଡ଼ିରୁ ଓହ୍ଲାଉଥିଲା ଗୀତୁନାନୀ । ସାଙ୍ଗରେ ଜଣେ ଯୁବକ । ସେମାନେ ଆସି ପାଦ ଛୁଇଁଲେ ବାପା ଓ ବୋଉଙ୍କର । କେହି କିଛି ପଚାରିବା ପୂର୍ବରୁ ଗୀତୁ ନାନୀ କହିଲା, "କାହାକୁ କିଛି ନଜଣେଇ ଏମିତି ଘରୁ ବାହାରି ଯାଇଥିବାରୁ ମୁଁ ଦୁଃଖିତ । କିନ୍ତୁ ମୋର ଅନ୍ୟ କିଛି ଉପାୟ ନଥିଲା । ଯେ ହେଲେ ରାଜେଶ୍ । ସାଙ୍ଗିଆ କିଛି ନାହିଁ । ଜାତି କୁଳ ଗୋତ୍ର ଜଣାନାହିଁ । ଅନାଥାଶ୍ରମରେ ବଡ଼ ହେଇଛନ୍ତି । କଲେଜ୍‌ରେ ପରିଚୟ ଦୁଇ ବର୍ଷ ତଳେ । ମୋର ଉପର ବ୍ୟାଚ୍‌ରେ ପଢୁଥିଲେ । ଧୀରେ ଧୀରେ ଆମେ ଆତ୍ମୀୟ ହେଲୁ । ତାଙ୍କର ଜବାବ୍ ଥିଲା, ଯୋଉଦିନ ସେ ଆଇ.ଏ.ଏସ୍ ପାଇବେ, ସେଇଦିନ ହିଁ ଆମର ବିବାହ ହେବ । ଆଜି ରେଜଲ୍ଟ ବାହାରିଛି । ସେ ଆଇ.ଏ.ଏସ୍. ପାଇଛନ୍ତି । ଏବଂ ଆମେ ବିବାହ କରିଛୁ କୋର୍ଟରେ । ରାଜେଶଙ୍କୁ ଏକ ଭରପୁର ପରିବାର ଭେଟି ଦେବାର ପ୍ରତିଶ୍ରୁତି ବି ମୁଁ ରଖିଛି ଆଜି । ଦାଦାଙ୍କ ଉପରେ ମୋର ଭରସା ଥିଲା, କିନ୍ତୁ ଖୁଡ଼ୀଙ୍କୁ ଡରୁଥିଲି, ପ୍ରତିବାଦ କରିପାରନ୍ତି ହୁଏତ । ଆଉ ମୋର ପ୍ରତିଶ୍ରୁତି ଅଧା ରହିଯିବ । ଏଇଥିପାଇଁ ମୁଁ ଏ ବିଷୟରେ ଘରେ ଆଜିଯାଏଁ କାହାକୁ ବି ଜଣେଇ ନଥିଲି ।"

ବାପା ଅନେଇଲେ ବୋଉ ମୁହଁକୁ । ବୋଉ ହୁଏତ ଅତୀତର କିଛି ପୃଷ୍ଠା ଉପରେ ଆଖି ବୁଲେଇ ଆଣିଲା । କିଛି ଭୁଲ୍‌ର ପଶ୍ଚାତାପ ସହ ବାପାଙ୍କ ପାଦକୁ ପାଦ ମିଳେଇ ଆଗେଇ ଆସି ଘୋଷଣା କଲା: "କାଲି ମୋ ଦୁଇ ଝିଅଙ୍କର ବାହାଘର ଏକା ସାଙ୍ଗରେ ହେବ ।" ବାପା ବୁଲିପଡ଼ି ପଛରେ ଟୁପୁରୁ ଟାପୁରୁ ହେଉଥିବା ଧିମା କୋଳାହଳଙ୍କୁ କହିଲେ, "ମୁଁ ଆଜି ସତରେ ଗର୍ବିତ, ଗୀତୁ ମୋର ଉପଯୁକ୍ତ ସଂସ୍କାର ।"

# ବାଲେଶ୍ୱରର
# ଜଗନ୍ନାଥ ମନ୍ଦିର



# ଭିନ୍ନ ଏକ ମନ୍ଦିର

# ଇମାମୀ ଜଗନ୍ନାଥ ମନ୍ଦିର



**ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି**

ଫଟୋ ସୌଜନ୍ୟ : ଲେଖିକା ଓ ଇମାମି ପେପର୍ ମିଲ୍ସ୍

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଥାଏ ବିଶ୍ୱଶାନ୍ତି, ମୈତ୍ରୀ, ସଂହତି ଏବଂ ସଦ୍‌ଭାବର ଏକ ଅବାରିତ ଧାରା । ବଡ଼ ଦେଉଳର ବଡ଼ ଠାକୁର ସେ । ତାଙ୍କ ଆଶ୍ରିତ ହେଲେ ମନରୁ ଦୂର ହୋଇଥାଏ ସବୁ ବିକାର, ସବୁ ଆବିଳତା । ସ୍ୱୟଂ ଶ୍ରୀଜଗନ୍ନାଥ ହିଁ ଶାନ୍ତି ଓ ମୈତ୍ରୀର ପ୍ରାଣକେନ୍ଦ୍ର । ତେଣୁ ଜାତି, ଧର୍ମ ବର୍ଣ୍ଣ ଏବଂ ଧର୍ମବିଶ୍ୱାସ- ଏସବୁର ବହୁ ଉର୍ଦ୍ଧ୍ୱରେ ସେ । ବାଲେଶ୍ୱରରେ କାଗଜ ଉତ୍ପାଦନ କରୁଥିବା ଇମାମୀ ପେପର୍ ମିଲ୍ସ ଲିମିଟେଡ୍ ଏହାକୁ ଦୃଷ୍ଟିରେ ରଖି ଏକ ନୂଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବା କଥା ଚିନ୍ତା କଲେ । ଏପରି ଏକ ଭିନ୍ନ ଜଗନ୍ନାଥ ମନ୍ଦିର ହେବ ଯେଉଁଠି ସମସ୍ତେ, ଏମିତିକି ବିଦେଶୀମାନେ ମଧ୍ୟ ପ୍ରବେଶ କରିବାର ଅଧିକାର ପାଇବା ସହ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ । ପ୍ରଭୁ ଜଗନ୍ନାଥ ଚେତନା ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଲକ୍ଷ୍ୟ ନେଇ ଏ ଜଗନ୍ନାଥଙ୍କ ମନ୍ଦିର ସ୍ଥାପିତ । ସମସ୍ତଙ୍କ ମନରେ ସଂସ୍କାର ମନୋଭାବ ଜାଗ୍ରତ ଚ଼ରେଇବା ହେଉଛି ଏ ମନ୍ଦିର ପ୍ରତିଷ୍ଠା କରିବାର ମୁଖ୍ୟ ଉଦ୍ଦେଶ୍ୟ ।

ପୁରୀରେ ଥିବା ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିର ସଦୃଶ ବାଲେଶ୍ୱର ଜିଲ୍ଲା ବାଲ୍‌ଗୋପାଳପୁରରେ ଏକ ଜଗନ୍ନାଥ ମନ୍ଦିର ୨୦୧୫ ଡିସେମ୍ବର ୧ ତାରିଖରେ ପ୍ରତିଷ୍ଠା ହୁଏ । ଦୂରରୁ ଦେଖିଲେ ମନ୍ଦିରଟି ଏକ ବିଶାଳ ରଥ ଉପରେ ବିଦ୍ୟମାନ ହେବା ପରି ଲାଗେ । ଏବଂ ସେପରି ଶୈଳୀରେ ହିଁ ନିର୍ମିତ । ରଥ ଉପରେ ମନ୍ଦିର ସ୍ଥାପନ କାହିଁକି ? ଏହାର ଉତ୍ତରରେ ମନ୍ଦିର ନିର୍ମାଣ କରିଥିବା ବିଖ୍ୟାତ ଶିଳ୍ପୀ ରଘୁନାଥ ମହାପିତ୍ର କହନ୍ତି : "ଏହା ଏପରି ଏକ ଜଗନ୍ନାଥ ମନ୍ଦିର, ଯେଉଁଠି ପ୍ରଭୁ ଶ୍ରୀଜଗନ୍ନାଥ ରଥ ଉପରେ ଆରୋହଣ କରିଥିବାର ଭକ୍ତମାନେ ଦେଖିପାରିବେ । ବିଶ୍ୱାସ ରହିଛି ଯେ ଜଗନ୍ନାଥଙ୍କୁ ରଥାରୂଢ ଅବସ୍ଥାରେ ଦର୍ଶନ କଲେ ମୋକ୍ଷପ୍ରାପ୍ତି ହୁଏ । ଏଣୁ ଅଗଣିତ ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କୁ ଏହାର ସୁଯୋଗ ଦେବା ନିମନ୍ତେ ଏ ମନ୍ଦିରକୁ ଏପରି ଶୈଳୀରେ ନିର୍ମାଣ କରାଯାଇଛି ।"

୭୮ ବର୍ଗଫୁଟ୍ ଉଚ୍ଚତା ବିଶିଷ୍ଟ ଏ ଜଗନ୍ନାଥ ମନ୍ଦିର ତିନି ଏକର ପରିମିତ ଜମିରେ ନିର୍ମିତ । ଓଡ଼ିଶା ଲଳିତକଳା ଏକାଡ଼େମୀର ସଭାପତି ତଥା ପଦ୍ମବିଭୂଷଣ ବିଶିଷ୍ଟ ଶିଳ୍ପୀ ରଘୁନାଥ ମହାପାତ୍ର ଏବଂ ତାଙ୍କ ସହଯୋଗୀ ଶିଳ୍ପୀକୁଳ ଏହି ମନ୍ଦିରର କାରିଗର । ୨୦୧୦ ମସିହାରେ ଶିଳ୍ପୀ ରଘୁନାଥ ମହାପାତ୍ର ଏବଂ ତାଙ୍କ ଦଳଙ୍କୁ



ମନ୍ଦିରର ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟର ଭାର ନ୍ୟସ୍ତ କରାଯାଏ । ଦୀର୍ଘ ପାଞ୍ଚ ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ ପରେ ନଭେମ୍ବର ୩୦ରେ ସମ୍ପୂର୍ଣ୍ଣ ହୁଏ ମନ୍ଦିର । ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନୀତି ଓ ପରମ୍ପରା ଅନୁସାରେ ସିଂହାସନରେ ଉପବେଶନ କରାଟାଏ । ମନ୍ଦିରରେ ପୂଜା ଆରମ୍ଭ ହୁଏ ଡିସେମ୍ବର ପହିଲାରୁ । ପୁରୀ ମନ୍ଦିରର ସମସ୍ତ ପୁରୋହିତ ଏହି ମନ୍ଦିର ପ୍ରତିଷ୍ଠା ଦିନ ଉପସ୍ଥିତ ରହନ୍ତି । ମନ୍ଦିର ପ୍ରତିଷ୍ଠା ଅବସରରେ ମନ୍ଦିର ପରିସରସ୍ଥ କଲ୍ୟାଣ ମଣ୍ଡପରେ ସମ୍ପନ୍ନ ହୁଏ ୨୦ଟି ବିବାହୋତ୍ସବ ଏବଂ ତତ୍ ସହ ୩୦୦ ବ୍ରାହ୍ମଣଙ୍କୁ ବ୍ରାହ୍ମଣଭୋଜନରେ କରାଯାଏ ଆପ୍ୟାୟିତ । ବୈଦିକ ପଣ୍ଡିତଙ୍କ ବେଦପାଠରେ ପ୍ରକଂପିତ ହୁଏ ମନ୍ଦିର ପରିସର । ସମଗ୍ର ବାତାବରଣ ହୋଇ ଉଠେ ଜଗନ୍ନାଥମୟ ।

ପୁରୀ ମନ୍ଦିର ଢାଞ୍ଚାରେ ଏଠାରେ ମଧ୍ୟ ଅଛି ଗୁଣ୍ଡିଚା ମନ୍ଦିର । ବାର ମାସରେ ତେର ପର୍ବ ହେବା ଭଳି ସବୁ ପର୍ବପର୍ବାଣି ମନ୍ଦିରରେ ପାଳନ କରାଯାଏ । "ଜଗନ୍ନାଥ ସଂସ୍କୃତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଲୋକଙ୍କ ଭିତରେ ଜଗନ୍ନାଥ ଚେତନା ଉଦ୍ରେକ କରାଇବା ପାଇଁ ଏହା ଏକ ନମ୍ର ପ୍ରୟାସ । ଲୋକମାନେ ଜଗନ୍ନାଥଙ୍କୁ ଦର୍ଶନ କରନ୍ତୁ, ମୋକ୍ଷ ପାଆନ୍ତୁ, ଏତିକି ଆମର ଇଚ୍ଛା ନୁହେଁ, ପ୍ରଭୁଙ୍କ ଇଚ୍ଛା" ବୋଲି ଜଗନ୍ନାଥ ମନ୍ଦିରର ପୁରୋହିତ ପଣ୍ଡିତ ପ୍ରଦୀପ୍ତ କୁମାର ମିଶ୍ର କହନ୍ତି ।

ତେର ଶହ ଶତାବ୍ଦୀର ପୁରୀ ଜଗନ୍ନାଥ ମନ୍ଦିର ସଦୃଶ ନିର୍ମିତ ଏହି ନୂଆ ଜଗନ୍ନାଥ ମନ୍ଦିର କିନ୍ତୁ ଏକ ରଥ ଉପରେ ବିଦ୍ୟମାନ । ସମ୍ପୂର୍ଣ୍ଣ ମନ୍ଦିରଟି ପଥରରେ ନିର୍ମିତ । ଇମାମୀ ପେପର୍ ମିଲ୍ସ ଲିମିଟେଡ୍ ଏ ମନ୍ଦିର ନିର୍ମାଣ ପାଇଁ ଖର୍ଚ୍ଚ କରିଛନ୍ତି ପ୍ରାୟ ୧୭ କୋଟି ଟଙ୍କା । ମନ୍ଦିରର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ସମୟ ଲାଗିଛି ପାଞ୍ଚ ବର୍ଷ । ମନ୍ଦିରର ଛାତ ଏବଂ ଆଭ୍ୟନ୍ତର କାନ୍ଥରେ ଅତି ସୁନ୍ଦର ସୂକ୍ଷ୍ମକଳାର ପଟ୍ଟଚିତ୍ରମାନ ଖୋଦିତ ହୋଇଛି । ମନ୍ଦିର ଚାରିପାଖରେ ମଧ୍ୟ ରହିଛି ଆଉ ପାଞ୍ଚଟି ଛୋଟ ଛୋଟ ମନ୍ଦିର । ସେଗୁଡ଼ିକ ହେଲା, ପ୍ରଭୁ ଶିବ, ମା' ବିମଳା, ଦେବୀ ଲକ୍ଷ୍ମୀ, ଗଣେଷ ଏବଂ ସଙ୍କଟମୋଚନ ହନୁମାନଙ୍କ ମନ୍ଦିର । ଏହା ବ୍ୟତୀତ ଏକ ସୁନ୍ଦର କଲ୍ୟାଣ ମଣ୍ଡପ ରହିଛି । ପୁରୀ ଜଗନ୍ନାଥଙ୍କ ମନ୍ଦିର ପରି ଏଠାରେ ୩.୧ ଫୁଟ୍ ଉଚ୍ଚର ପ୍ରଭୁ ଜଗନ୍ନାଥ , ୩.୩ ଫୁଟ୍ର ବଳଭଦ୍ର ଏବଂ ୨.୮ ଫୁଟ୍ ଉଚ୍ଚତାର ସୁଭଦ୍ରାଙ୍କୁ ମୁଖ୍ୟ ମନ୍ଦିର ତଥା ରତ୍ନ ମଣ୍ଡପ ଭିତରେ ପବିତ୍ର ସ୍ଥାନରେ ସ୍ଥାପନା କରାଯାଇଛି । ଏହି ତ୍ରିମୂର୍ତ୍ତି ପବିତ୍ର ନିମ୍ବ କାଠରେ ତିଆରି ହୋଇଛନ୍ତି । ପୁରୀର ପୁରୋହିତଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥ ଏଠାରେ ସବୁଦିନ ପୂଜା ପାଆନ୍ତି । ଭକ୍ତମାନଙ୍କ ପାଇଁ ରହିଛି ବିଭିନ୍ନ ପ୍ରକାରର ପାରମ୍ପରିକ ଭୋଗର ବ୍ୟବସ୍ଥା । ମନ୍ଦିର ପରିସରରେ ପ୍ରଧାନ ପର୍ବମାନ ପାଳିତ ହେଉଛି ଏବଂ ପ୍ରଭୁଙ୍କ ପାଖରେ ଲାଗୁଥିବା ପାରମ୍ପରିକ ଅନ୍ନ ଭୋଗ ସବୁ ଭକ୍ତମାନଙ୍କୁ ପ୍ରଦାନ କରାଯାଉଛି । ମନ୍ଦିର ସନ୍ନିକଟ କଲ୍ୟାଣ ମଣ୍ଡପରେ ବାହାଘର, ବ୍ରତଘର, ଭାଷଣ, ସଭା ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମର ବ୍ୟବସ୍ଥା ମଧ୍ୟ ରହିଛି । ମନ୍ଦିର ଚାରିପାଖରେ ଥିବା ଆୟତାକାର କାନ୍ଥକୁ ମେଘନାଦ ପ୍ରାଚୀର ବୋଲି କୁହାଯାଏ ଏବଂ ମନ୍ଦିରର ମୁଖ୍ୟଦ୍ୱାରର ମୁହଁ ଉଦୟାଚଳ ସୂର୍ଯ୍ୟଙ୍କ ଆଡ଼କୁ ରହିଛି । ପ୍ରାଚୀରର ଚାରିଦିଗରେ ଚାରୋଟି ଦ୍ୱାର । ମୁଖ୍ୟଦ୍ୱାରକୁ ସିଂହଦ୍ୱାର କୁହାଯାଏ । ମନ୍ଦିରର ମୁଖ୍ୟଦ୍ୱାର ସାମ୍ନାରେ ଦୁଇଟି ବିଶାଳ ସିଂହଙ୍କର ପ୍ରତିମୂର୍ତ୍ତି ରହିଥିବା ଯୋଗୁଁ ଏପରି ନାମକରଣ କରାଯାଇଛି । ମୁଖ୍ୟ ମନ୍ଦିରଟି ୬୧ ଫୁଟ୍ ଏବଂ ମୁଖ୍ୟମନ୍ଦିରକୁ ଯିବାକୁ ହେଲେ ବାଉଶି ପାହାଚ ଚଢ଼ି ଯିବାକୁ ପଡୁଛି । ଦେଖିବାକୁ ଏହା ସବୁଠୁ ଆକର୍ଷଣୀୟ ।





ମନ୍ଦିରର ପ୍ରମୁଖ ଆକର୍ଷଣ ହେଉଛି ପଟ୍ଟଚିତ୍ର । ଓଡ଼ିଶାର ପାରମ୍ପରିକ ଚିତ୍ରକୁ ଅତି ଉଜ୍ଜ୍ୱଳମାନ ରଙ୍ଗ, ସର୍ଜନାତ୍ମକ ବିଷୟବସ୍ତୁରେ ଖୋଦିତ କରାଯାଇଛି । ସରଳ ବିଷୟବସ୍ତୁର ବର୍ଣ୍ଣନା, ପୌରାଣିକ ଚିତ୍ରର ଆଧାରରେ ଚିତ୍ର ଅଙ୍କନ ମନ୍ଦିରକୁ ସୁଶୋଭିତ କରିବା ସହ ମନ୍ଦିରର ଶ୍ରୀବୃଦ୍ଧିରେ ହୋଇଛି ସହାୟକ । ମନ୍ଦିର ଭିତରେ ଓ ବାହାରେ ଅତ୍ୟନ୍ତ ଜନପ୍ରିୟ ଶ୍ରୀକୃଷ୍ଣ ଲୀଳା, ଶ୍ରୀ ଜଗନ୍ନାଥଙ୍କ ଆଦେଶାନୁସାରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପିଲାବେଳର ଶକ୍ତି ଏବଂ ଦଶାବତାର– ପ୍ରଭୁ ବିଷ୍ଣୁଙ୍କ ଦଶ ଅବତାରର ଚିତ୍ର ସହ ଜଗନ୍ନାଥଙ୍କୁ ଦର୍ଶନ କରିବା ସତରେ ଏକ ଅପୂର୍ବ ଉପଲବ୍ଧି । ବିଶେଷକରି ମନ୍ଦିରର ଶାନ୍ତ ପରିବେଶଟି ଦର୍ଶନାର୍ଥୀଙ୍କୁ କ୍ଳାନ୍ତମୁକ୍ତ କରୁଛି । ଭକ୍ତମାନଙ୍କ ପାଇଁ ଶ୍ରଦ୍ଧା, ଶାନ୍ତି ଏବଂ ମୈତ୍ରୀର ପ୍ରତୀକ ପାଲଟି ସାରିଛି ଏ ମନ୍ଦିର । ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରୀତିନୀତି ଯାହା, ଏଠାରେ ବର୍ତ୍ତମାନ ସେହି ରୀତିନୀତି । ସନ୍ଧ୍ୟା ହେବା ମାତ୍ରେ ମନ୍ଦିରର ଚିତ୍ର ଆଲୋକମାଳାରେ ହୋଇ ଉଠୁଛି ଉଦ୍‌ଭାସିତ । ଜଗନ୍ନାଥଙ୍କ ରୀତିନୀତି, ପରମ୍ପରା ଏବଂ ସଂସ୍କୃତିକୁ ନେଇ ଇମାମୀ ମନ୍ଦିର ସ୍ଥାପନ କରାଯାଇଛି । ପୁରୀରେ ପ୍ରଭୁ ଜଗନ୍ନାଥଙ୍କ ଯେଉଁ ସବୁ ବ୍ୟବସ୍ଥା ଭକ୍ତମାନେ ପାଉଥିଲେ ବର୍ତ୍ତମାନ ଏଠାରେ ସେହି ପ୍ରକାର ବ୍ୟବସ୍ଥା ପାଉଛନ୍ତି । ମନ୍ଦିର ଦର୍ଶନାର୍ଥୀଙ୍କ ମତରେ ଏହା ଦ୍ୱିତୀୟ ଶ୍ରୀକ୍ଷେତ୍ର । ଜଗନ୍ନାଥଙ୍କ ସଂସ୍କୃତିକୁ ପ୍ରଚାର କରିବା ଉଦ୍ଦେଶ୍ୟରେ ଏହି ମନ୍ଦିର ସ୍ଥାପନ କରାଯାଇଛି । ଅନ୍ୟଦିନମାନଙ୍କ ତୁଳନାରେ ଛୁଟିଦିନ ଓ ପର୍ବପର୍ବାଣୀରେ ଅଧିକ ଭକ୍ତଙ୍କ ଭିଡ଼ ଜମୁଛି । ମନ୍ଦିରରେ ଭକ୍ତମାନଙ୍କ ପାଇଁ ଅନେକ ବ୍ୟବସ୍ଥା ରହିବା ସହିତ ଆଗକୁ ଅନେକ ବ୍ୟବସ୍ଥା କରାଯିବାର ଯୋଜନା ରହିଛି । ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ପାନ୍ଥନିବାସ, ଆନନ୍ଦ ବଜାର, ନରେନ୍ଦ୍ର ପୋଖରୀ ରହିଥିବା ବେଳେ ବିବାହ ଓ ବ୍ରତ ପାଇଁ ମଧ୍ୟ ସୁବ୍ୟବସ୍ଥା ଅଛି । ପ୍ରତ୍ୟେହ ଦିବା ୧୨.୩୦ ମିନିଟ୍‌ରେ ଅନ୍ନପ୍ରସାଦର ବ୍ୟବସ୍ଥା ମଧ୍ୟ ରହିଛି । ସବୁଠୁ ବଡ଼ କଥା ହେଲା ଯେ ଏଠାରେ ଟଙ୍କତୋରାଣୀ ମଧ୍ୟ ଭକ୍ତମାନଙ୍କୁ ମିଳି ପାରୁଛି । ଯେଉଁଟା କେବଳ ପୁରୀ ମନ୍ଦିରରେ ମିଳୁଥିଲା ବର୍ତ୍ତମାନ ତାହା ବାଲେଶ୍ୱର ଶ୍ରୀଜଗନ୍ନାଥ ମନ୍ଦିରରେ ମଧ୍ୟ ମିଳୁଛି । ପୁରୀରେ ଯାହା ଯାହା ମିଳିଥାଏ, ଏଠାରେ ସେସବୁ ମିଳିବା ଫଳରେ ଏହାକୁ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ବୋଲି ଭକ୍ତମାନେ କହୁଛନ୍ତି । "ଆମ ଭିତରୁ ଅନେକେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଡାକରା ନଆସିଲେ ପୁରୀ ଯାଇପାରନ୍ତି ନାହିଁ । ଯଦି ପୁରୀ ଜଗନ୍ନାଥ ମନ୍ଦିର ପରି ଏଠାରେ ବି ସେଇ ବ୍ୟବସ୍ଥା ହୋଇପାରିଛି ତେବେ ପ୍ରଭୁଙ୍କୁ ଅତି ନିକଟରୁ ଦର୍ଶନ କରିବା ଭକ୍ତମାନଙ୍କ ପାଇଁ ଆଉ ଏକ ସୁଯୋଗ" ବୋଲି ମନ୍ଦିରକୁ ଆସିଥିବା ଜଣେ ମହିଳା ଭକ୍ତ ମମତା ପ୍ରିୟଦର୍ଶିନୀ କହିଛନ୍ତି । ତେଣୁ ଇମାମୀ ପେପର୍ ମିଲ୍ସର ଏହି ଦାୟବଦ୍ଧତା କେବଳ ବାଲେଶ୍ୱର ଜିଲ୍ଲାକୁ ଆଉ ଟିକେ ଊର୍ଦ୍ଧ୍ୱରେ ପହଞ୍ଚାଇନି, ଅଧିକନ୍ତୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଉ ଟିକିଏ ଲୋକଙ୍କ ନିକଟତର କରିବାରେ ସହାୟକ ହୋଇଛି ।

**ଫକୀରମୋହନ ନଗର, ବାଲେଶ୍ୱର, ଫୋନ୍ : ୮୭୬୩୮୮୮୧୨୦**

ସ୍ଥାନ-କାଳ-ପାତ୍ର

# ମାୟାନଗରୀ
# ମୁମ୍ବାଇ





# ଭାରତର ପ୍ରବେଶପଥ
# ମୁମ୍ବାଇ



**ପାରମିତା ଷଡ଼ଙ୍ଗୀ**

ଫଟୋ ସୌଜନ୍ୟ : ଲେଖିକା

କେବେ କେଉଁଠି ନିଷ୍ପାପ ସରଳ ସ୍ମାରକଟିଏ ଦେଖିଛନ୍ତି କି ? ଦେଖିବାକୁ ଚାହୁଁଛନ୍ତି ? ଆସନ୍ତୁ ନା ମୁମ୍ବାଇ, ଭାରତୀୟ ଅର୍ଥନୀତିର ରାଜଧାନୀ । ଏଇଠି ଅଛି ସେ ସ୍ମାରକ । ଠିଆ ହୋଇଛି ସ୍ୱାଗତ ମୁଦ୍ରାରେ । ଦେଖିବାକୁ ଚାହୁଁଛନ୍ତି, ଚାଲନ୍ତୁ ମୋ ସହ । ମୁଁ ନେଇଯିବି ତା ପାଖକୁ ।

ସେ ସ୍ୱପ୍ନନଗରୀ । ସେ ବି ମାୟାନଗରୀ । ଆପଣେଇ ନେବାର ଏକ ଅଦ୍‌ଭୂତ ସହର । ଏମିତି ଏକ ସହର, ଯେଉଁଠାକୁ ଆସିଲା ପରେ କେହିବି ଏ ସହରର ହୋଇ ଯାଆନ୍ତି । ଏ ଦୁର୍ବାର ଆକର୍ଷଣକୁ ଶବ୍ଦରେ ବର୍ଣ୍ଣନା କରି ହେବନି । ସବୁବେଳେ ଚମକୁଥିବା, କେବେ ବି ଶୋଉନଥିବା ଏ ସହର, ତା ଦେହରେ ବେଶ୍ କେତୋଟି ସ୍ମାରକକୁ ଧାରଣ କରି ଭାରତ ମାନଚିତ୍ରର ପଶ୍ଚିମରେ ବିଦ୍ୟମାନ । ସେହି ସ୍ମାରକଗୁଡ଼ିକ ମଧ୍ୟରୁ 'ଗେଟ୍ ଓ୍ୱେ ଅଫ୍ ଇଣ୍ଡିଆ' ଅନ୍ୟତମ ।

## ମୁମ୍ବାଇ: ଚେନାଏ ଇତିହାସ

କାନ୍ଦିବଲିର ନିକଟରେ ଉତ୍ତର ମୁମ୍ବାଇରୁ ମିଳିଥିବା ପ୍ରାଚୀନ ଅବଶେଷରୁ ଜଣାଯାଏ ଯେ ଏହି ନଗରୀର ଅବସ୍ଥିତି ପାଷାଣ ଯୁଗରୁ ହୋଇଥିଲା । ଲାଭାରୁ ନିର୍ମିତ ସାତୋଟି ଦ୍ୱୀପ ଦ୍ୱାରା ଏହାର ଗଠନ ।  ଯାହାକୁ ସେତୁ ଦ୍ୱାରା ପ୍ରମୁଖ ଭୂଖଣ୍ଡ ଦ୍ୱାରା ଯୋଡ଼ା ଯାଇଥିଲା । ମୌର୍ଯ୍ୟ ବଂଶ, ସାତବାହାନ ବଂଶ, ସିଲ୍‌ହାରା ବଂଶ ଦ୍ୱାରା ଅଧିକୃତ ହୋଇ ଶେଷରେ ୧୫୩୪ ମସିହାରେ ପର୍ତ୍ତୁଗୀଜ୍‌ମାନେ ବାହାଦୁରଶାହଙ୍କ ଠାରୁ  ଏହି ଦ୍ୱୀପକୁ ଅଧିକାର କରି ନେଇଥିଲେ । ପରବର୍ତ୍ତୀ ସମୟରେ ଏହି ଦ୍ୱୀପ ସମୂହକୁ ଇଂଲଣ୍ଡର ରାଜା ଚାର୍ଲସ୍ ଦ୍ୱିତୀୟଙ୍କୁ ଯୌତୁକ ଆକାରରେ ଦାନ କରାଯାଇଥିଲା । ଚାର୍ଲସ୍ ଦ୍ୱିତୀୟ ଇଷ୍ଟ୍ ଇଣ୍ଡିଆ କମ୍ପାନୀକୁ ମାତ୍ର ଦଶ ପାଉଣ୍ଡ୍ ପ୍ରତିବର୍ଷ ଦରରେ ପଟା ଦେଇଥିଲେ । ୧୬୮୭ରେ କମ୍ପାନୀ ତାର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ ସ୍ଥାପିତ କରିବା ସହ ଏହାର ନାମ 'ବମ୍ବେ ପ୍ରେସିଡେନ୍‌ସୀ' ରଖିଲେ । ମୁମ୍ବାଇର ଇତିହାସ ଅନ୍ୟ ଏକ ଅଧ୍ୟାୟରେ ଆଲୋଚନା ହେବ । କେବଳ ଏହି ସଂକ୍ଷିପ୍ତ ପରିଚୟ ଦ୍ୱାରା ଏତିକ ଜଣାଇବାକୁ ଚେଷ୍ଟା କଲି ଯେ, ଏଇଠୁ ଆରମ୍ଭ ହୋଇଥିଲା 'ଗେଟ୍ ଓ୍ୱେ ଅଫ୍ ଇଣ୍ଡିଆ'ର ସ୍ଥାପନାର କାହାଣୀ ।

**ଗେଟ୍ ଓ୍ୱେ ଅଫ୍ ଇଣ୍ଡିଆ**

ଗୋଟେ ପ୍ରବେଶ ଦ୍ୱାର ରୂପରେ ଏହି ସ୍ମାରକଟିର ନିର୍ମାଣ ୨ ଡିସେମ୍ବର ୧୯୧୧ରେ ଆରମ୍ଭ ହୋଇ ୪ ଡିସେମ୍ବର ୧୯୨୪ରେ ଶେଷ ହୋଇଥିଲା । ହଳଦିଆ ମୁଗୁନି ପଥରରେ ନିର୍ମିତ ଏହି ପ୍ରବେଶ ଦ୍ୱାରଟି ଇଂଲଣ୍ଡର ରାଜା ଜର୍ଜ ପଞ୍ଚମ ଏବଂ ରାଣୀ ମେରୀଙ୍କ ସ୍ୱାଗତ ହେତୁ ନିର୍ମାଣ କରା ଯାଇଥିଲା ।

ସ୍କଟିଶ୍ ଶିଳ୍ପୀ ଜର୍ଜ୍ ବିଟେଟ୍‌ଙ୍କ ପରିଚାଳନାରେ ଭାରତ-ଆରବୀୟ କଳା ଶୈଳୀରେ ୮୫ ଫୁଟ୍ ଉଚ୍ଚ ଏହି ସ୍ମାରକର ନିର୍ମାଣ କାର୍ଯ୍ୟରେ ସେ ସମୟରେ ପ୍ରାୟ ୨୧ଲକ୍ଷ ଖର୍ଚ୍ଚ ହୋଇଥିଲା । କୁହାଯାଏ ଜର୍ଜ୍ ବିଟେଟ୍ ଭାରତରେ ଦୀର୍ଘକାଳ ବିତାଇଥିଲେ । ଏଣୁ ତାଙ୍କୁ ଭାରତର ହିନ୍ଦୁ-ମୁସଲିମ୍ ବାସ୍ତୁକଳା ଉପରେ ଗଭୀର ଜ୍ଞାନ ଥିଲା । ସେଥିପାଇଁ 'ଗେଟ୍ ୱେ ଅଫ୍ ଇଣ୍ଡିଆ'ର ରଚନା ଗୁଜୁରାତି ଏବଂ ଆରବୀୟ ଶିଳ୍ପକଳାର ମିଶ୍ରଣରେ ସମ୍ଭବ ହୋଇଥିଲା ।



କୁହାଯାଏ 'ଗେଟ୍ ୱେ ଅଫ୍ ଇଣ୍ଡିଆ' 'ପ୍ୟାରିସ୍'ର ଆର୍କିଡିଟ୍ରମର ପ୍ରତିଶ୍ରୁତି । ତାହେଲେ ଏଥିରୁ ଜଣାପଡ଼େ ହିନ୍ଦୁ-ଆରବୀୟ ବାସ୍ତୁଶିଳ୍ପ ବି ତତ୍କାଳୀନ ସମୟରେ ଦେଶ ବାହାରେ ତା'ର ପ୍ରଭାବ ପକାଇ ସାରିଥିଲା । ତେବେ ସେ ଯାହାବି ହେଉ ମୁମ୍ବାଇର ପଶ୍ଚିମ 'ମହାସାଗର' ତଟର କୋଲାବା ଜିଲ୍ଲାରେ ହଳଦିଆ ମୁଗୁଡ଼ି (ବାସ୍‌ଲଟ୍) ଏବଂ କଂକ୍ରିଟ୍‌ରେ ତିଆରି ଏହି ସ୍ମାରକୀଟି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିଛି ।

**ମୁମ୍ବାଇ: ଭାରତକୁ ପ୍ରବେଶ ପଥ**

'ଗେଟ୍ ୱେ ଅଫ୍ ଇଣ୍ଡିଆ'କୁ ଆରବ ମହାସାଗରରେ ସାମୁଦ୍ରିକ ମାର୍ଗରୁ ଆସୁଥିବା ଜାହାଜମାନଙ୍କ ପାଇଁ ପ୍ରବେଶ ଦ୍ୱାର ବୋଲି କୁହା ଯାଉଥିଲା । ବ୍ରିଟିଶ୍ ଶାସନ କାଳ ପୂର୍ବରୁ ଏହି ସ୍ଥାନ ଆପୋଲ ବନ୍ଦର ଭାବେ ଭାରତୀୟଙ୍କ ଦ୍ୱାରା ବ୍ୟବହାର ହେଉଥିଲା । ଏବେ ବି ଏହି ଦ୍ୱାର ଦେଇ ଭ୍ରମଣକାରୀମାନେ ନୌକା ଏବଂ କାଟାମେରିନ୍ ଦ୍ୱାରା ଅନ୍ୟ ପର୍ଯ୍ୟଟନ ସ୍ଥଳ ଯେପରି ଏଲିଫେଣ୍ଟା କେଭ୍, ଅଲିବାଗ୍ ଆଦି ସ୍ଥାନକୁ ଭ୍ରମଣ କରି ପାରନ୍ତି ।





ବଣ ଜଙ୍ଗଲ, ପାହାଡ଼-ପର୍ବତ, ନଦୀ ଝରଣା ଆଜି ପ୍ରାକୃତିକ ଶୋଭାର ଭଣ୍ଡାର । କିନ୍ତୁ ଏଠି ପ୍ରକୃତିର ଅବର୍ଣ୍ଣନୀୟ ଶୋଭା ସହ ମାନବକୃତ 'ଗେଟ୍ ୱେ ଅଫ୍ ଇଣ୍ଡିଆ' ଏକ ଅତୁଳନୀୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିଛି । ସମୁଦ୍ର ଆଉ ଭୂଖଣ୍ଡ ମିଶି ଯାଇଛନ୍ତି ଏଇଠି । ଦେଖିଲେ ଏମିତି ଲାଗେ ଯେ ସମୁଦ୍ର ଆଉ ଭୂଖଣ୍ଡର ମିଳନ ହେତୁ ସନ୍ତାନ ରୂପେ ଏହି ସ୍ମାରକର ସୃଷ୍ଟି । ରାତିରେ ହଳଦିଆ ହାଲୋଜେନ୍ ଲାଇଟ୍‌ରେ ହଳଦିଆ ମୁଗୁନି ପଥରରେ ନିର୍ମିତ ଏହି ସ୍ମାରକଟି ସତେକି ପାଲଟିଯାଏ ଗୋଟେ ଅପରୂପା ନବବଧୂ । ନିଜେ ନ ଦେଖିଲେ ଏହି ସୁନ୍ଦରତାକୁ ନା ଶବ୍ଦରେ ବର୍ଣ୍ଣନା କରିହେବ, ନା ଅନୁଭବ କରିହେବ ।

ଚର୍ଚ୍ଚଗେଟର ଷ୍ଟେସନରୁ 'ଗେଟ୍ ୱେ ଅଫ୍ ଇଣ୍ଡିଆ' ଯିବା ପାଇଁ ପ୍ରାୟ ପାଞ୍ଚ ମିନିଟ୍ ସମୟ ଲାଗିଥାଏ । ଯେହେତୁ ମୁମ୍ବାଇ ଏକ ଉନ୍ନତ ସହର ତେଣୁ ଯାତାୟତର କୌଣସି ଅସୁବିଧା ନଥାଏ । ଜଣେ ଚାହିଁଲେ ବି 'ଚର୍ଚ୍ଚଗେଟ୍'ରୁ 'ଗେଟ୍ ୱେ ଅଫ୍ ଇଣ୍ଡିଆ' ଚାଲି ଚାଲି ବି ଯାଇପାରିବ । ରାସ୍ତାର ଦୁଇ ଧାରରେ ବ୍ରିଟିଶରଙ୍କ ଦ୍ୱାରା ନିର୍ମିତ ଅଟ୍ଟାଳିକା, ଯାହାକି ଏବେ ଉଭୟ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଛି । ପାଶ୍ଚାତ୍ୟ କଳାରେ ନିଖୁଣ ଏହି ଅଟ୍ଟାଳିକା ଗୁଡ଼ିକ ପର୍ଯ୍ୟଟକଙ୍କୁ ମଧ୍ୟ ଖୁବ୍ ଆକର୍ଷଣ କରିଥାଏ ।

**ପଥର ଆଖିରୁ ବି ଝରେ ଲୁହ**

ଥରେ ଆସନ୍ତୁ ମୁମ୍ବାଇ । ଠିଆ ହେବେ ଏହି ପ୍ରବେଶ ଦ୍ୱାର ସାମ୍ନାରେ ଦୀର୍ଘ ଶହେ ବର୍ଷ ପାଖାପାଖି ମୁମ୍ବାଇର ସାକ୍ଷୀ ରୂପେ କାଳଜୟୀ ଭଙ୍ଗୀରେ ଠିଆ ହୋଇଥିବା ଏହି ସ୍ମାରକୀକୁ ଦୁଇ ତିନି ମିନିଟ୍ ଅପଲକ ନେତ୍ରରେ ଚାହିଁବେ । ଦେଖିବେ ପ୍ରସ୍ତର ଆଖିରୁ ଲୁହ ଝରେ କିପରି ? ବିଶ୍ୱାସ କରୁନାହାନ୍ତି ନା ! ମୁଁ ଦେଖିଛି ତା ଆଖିରେ ଲୁହର ଝଲକ ।

ଗତ କେତେ ଦଶନ୍ଧି ଧରି ଏହି ସ୍ମାରକଟି ମୁମ୍ବାଇରେ ଘଟିଥିବା ଆତଙ୍କବାଦର ସାକ୍ଷୀ ହୋଇ ରହିଛି । ୧୯୯୨ର ଦଙ୍ଗା, ୧୯୯୩ ଏବଂ ୨୦୦୮ର ଆତଙ୍କବାଦୀ ଆକ୍ରମଣ, ଲୋକଙ୍କ ଚିତ୍କାର, ରାସ୍ତା ଆଉ ଟ୍ରେନ୍‌ରେ ଲେସି ହୋଇ ଯାଇଥିବା ରକ୍ତର ଛିଟା - ଏସବୁକୁ ତା ଛାତିରେ ଚାପି ଧରି ଠିଆ ହୋଇଛି ନିରବରେ 'ଗେଟ୍ ୱେ ଅଫ୍ ଇଣ୍ଡିଆ', ମହାରାଷ୍ଟ୍ରର ମୁକୁଟ ପରି ।

କେତେ ଘଟଣା କେତେ କାହାଣୀକୁ ନିଜ ଭିତରେ ଧରି ଗମ୍ଭୀର ସନ୍ୟାସୀଟେ ପରି ଠିଆ ହୋଇଛି ଏହି ସ୍ମାରକଟି । ନିୟତିର ବିଡ଼ମ୍ବନା ଦେଖନ୍ତୁ ତ ଯେଉଁ 'ଗେଟ୍ ୱେ ଅଫ୍ ଇଣ୍ଡିଆ' ବ୍ରିଟିଶ୍ ରାଜା ରାଣୀଙ୍କ ସ୍ୱାଗତ ହେତୁ ନିର୍ମାଣ କରାଯାଇଥିଲା, ସେହି ପ୍ରବେଶ ଦ୍ୱାରଟି ସାକ୍ଷୀ ବନିଯାଇଥିଲା ସ୍ୱାଧୀନତା ପରେ ବ୍ରିଟିଶ୍ ଶାସନର ଶେଷ ଜାହାଜକୁ ଇଂଲଣ୍ଡ୍ ଫେରିବାର ।

ମୁମ୍ବାଇର ପରିବେଶ କୋଲାହଳମୟ ହେଲେ ମଧ୍ୟ ଦେଶୀ ବିଦେଶୀ ପର୍ଯ୍ୟଟକ ଏବଂ ପ୍ରକୃତି ପ୍ରେମୀଙ୍କୁ ସାଉଁଟି ତାଙ୍କୁ କରିଥାଏ ମନ୍ତ୍ରମୁଗ୍ଧ । ସେଥିପାଇଁ ଏଠିକୁ ଥରେ ବୁଲି ଆସିଥିବା ପର୍ଯ୍ୟଟକ ତାର ସ୍ମୃତିକୁ ସାରା ଜୀବନ ସାଇତି ରଖିଥାଆନ୍ତି । ପ୍ରାୟ ଆଠ ମହଲା ଉଚ୍ଚ, ଚାରୋଟି ମିନାରକୁ ଧାରଣ କରି ହିନ୍ଦୁ-ମୁସଲିମ୍ ଶିଳ୍ପ କଳାରେ ପରିପୂର୍ଣ୍ଣ ଏହି ସ୍ମାରକ ହେତୁ ମୁମ୍ବାଇ ପର୍ଯ୍ୟଟକମାନଙ୍କୁ କେତେ ଦଶନ୍ଧି ଧରି ଆକର୍ଷଣ କରିବାରେ ସକ୍ଷମ ହୋଇଛି ଏବଂ ଆସନ୍ତା ସମୟରେ ବି ସକ୍ଷମ ରହିବ ।

**୨-ଡି, ସନ୍‌ସିଟି ୭୦୪, ମୁମ୍ବାଇ-୪୦୦୧୦୧**
**ଫୋନ:୯୮୬୭୧୧୩୧୧୩**



▲ଚିତ୍ର : ସଂଜୟ କୁମାର ରାଉଳ

ବିଶ୍ୱସାହିତ୍ୟରେ 'ପଞ୍ଚତନ୍ତ୍ର'ର ସ୍ଥାନ ସ୍ୱତନ୍ତ୍ର । ପଶୁପକ୍ଷୀଙ୍କୁ ମୁଖ୍ୟତଃ ଚରିତ୍ର ଭାବେ ନେଇ ଏହିସବୁ ଗଳ୍ପ ରଚନାର କଳା, ନୈପୁଣ୍ୟ ଅନନ୍ୟ ଓ ଅନୁପମ । ଗଳ୍ପ ଗୁଡ଼ିକ ସାଧାରଣତଃ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ - ଏପରି ଏକ ଭ୍ରମସୃଷ୍ଟି କରୁଥିଲେ ମଧ୍ୟ ବସ୍ତୁତଃ ଏଗୁଡ଼ିକ ସମାଜର ସବୁ ବର୍ଗର ମଣିଷ ପାଇଁ ଅଭିପ୍ରେତ । ପିଲାଠାରୁ ବୁଢ଼ାଙ୍କ ଯାଏଁ ପ୍ରତ୍ୟେକଙ୍କ ପାଇଁ ଗଳ୍ପ ଗୁଡ଼ିକ ଅତ୍ୟନ୍ତ ରସାଳ ଏବଂ ମନୋରଞ୍ଜକ । ଗୋଟିଏ ଗଳ୍ପ ପଢ଼ି ସାରିବା ପରେ - ଏହାର ପରବର୍ତ୍ତୀ ଗଳ୍ପ ପଢ଼ିବା ପାଇଁ ପାଠକ ମନରେ ସ୍ୱତଃ ଉଦ୍ରେକ ହୋଇଥାଏ ଉତ୍କଣ୍ଠା ଓ ଉତ୍ସାହ । ପ୍ରଥମ ଗଳ୍ପ ଠାରୁ ଆରମ୍ଭ କରି ଶେଷ ଗଳ୍ପ ଯାଏଁ ପ୍ରତିଟି ଗଳ୍ପ ଅନ୍ୟଗଳ୍ପ ସହ ଅନୁବନ୍ଧିତ । ପରିବାର, ସମାଜ ଓ ରାଷ୍ଟ୍ରର ସବୁ ବର୍ଗର ଲୋକଙ୍କ ପାଇଁ ମନଛୁଆଁ କାହାଣୀ ଛଳରେ 'ପଞ୍ଚତନ୍ତ୍ର' ସଜାଇ ରଖିଛି ଗଭୀର ଜୀବନଦର୍ଶନ ଓ ନୀତିକଥାର ନାନ୍ଦିକ ଐଶ୍ୱର୍ଯ୍ୟ । ଅନେକ ବର୍ଷ ତଳର କଥା । ଦକ୍ଷିଣ ଭାରତବର୍ଷରେ ମହିଳାରୋପ୍ୟ ନାମରେ ଗୋଟିଏ ରାଜ୍ୟ ଥିଲା । ସେଠାରେ ଅମରଶକ୍ତି ନାମରେ ଜଣେ ମହାଦାନୀ, ପ୍ରତାପୀ ରାଜା ରାଜୁତି କରୁଥିଲେ । ରାଜାଙ୍କ ପାଖରେ ଥିଲା ଅମାପ ଧନ ସଂପତ୍ତି । କିନ୍ତୁ ରାଜାଙ୍କର ପୁଅମାନେ ଥିଲେ ବିଲ୍‌କୁଲ ମୂର୍ଖ ଆଉ ବୋକା । ତିନି ରାଜପୁତ୍ରଙ୍କର ନାମ ଥିଲା - ବହୁଶକ୍ତି, ଉଗ୍ରଶକ୍ତି, ଅନନ୍ତଶକ୍ତି । ସେମାନେ କେବଳ ମୂର୍ଖ ନଥିଲେ- ଥିଲେ ଖୁବ୍ ଅବାଧ ଆଉ ଉଚ୍ଛୃଙ୍ଖଳ । ସେମାନଙ୍କୁ ଉଚିତ୍ ଶିକ୍ଷା ଦେବା ପାଇଁ ରାଜା ବିଷ୍ଣୁ ଶର୍ମାଙ୍କୁ ଦାୟିତ୍ୱ ଦେଇଥିଲେ । ମୂର୍ଖ, ଅବାଧ ରାଜପୁତ୍ର ମାନଙ୍କୁ ଶିକ୍ଷିତ କରାଇବା ଏବଂ ବିଶେଷ କରି ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ବିଷ୍ଣୁଶର୍ମା ଅନେକ ଗୁଡ଼ିଏ ଗଳ୍ପ କେବଳ କହିଥିଲେ । ସେହିସବୁ ଗଳ୍ପ ମାଧ୍ୟମରେ ରାଜପୁତ୍ର ମାନେ ମାତ୍ର ଛ ମାସ ଭିତରେ ରାଜନୀତି ଏବଂ ବ୍ୟବହାର ନୀତି ଶିକ୍ଷା ପାଇ ପୁରାପୁରି ଶିକ୍ଷିତ ହୋଇ ଯାଇ ପାରିଥିଲେ । ବିଷ୍ଣୁଶର୍ମା କହିଥିବା ସେହିସବୁ ଗଳ୍ପ ସଂଗ୍ରହର ନାମ 'ପଞ୍ଚତନ୍ତ୍ର' ଅଟେ । ସମସ୍ତ ଗଳ୍ପକୁ ମିତ୍ରଭେଦ, ମିତ୍ରପ୍ରାପ୍ତି, କାକୋଲୁକୀୟ, ଲବ୍ଧପ୍ରଣାଶ ଓ ଅପରୀକ୍ଷିତ କାରକ ଭଳି ପାଞ୍ଚ ପ୍ରକାରରେ ବିଭାଜନ କରାଯାଇଥିବା ହେତୁ ଏହାକୁ ପଞ୍ଚତନ୍ତ୍ର କୁହାଯାଏ । ବିଷ୍ଣୁଶର୍ମା ବିରଚିତ ସେଇ କାହାଣୀମାଳାର ପୁନର୍କଥନ ଆମେ ଏଠାରେ ନିୟମିତ ପ୍ରକାଶ କରୁଛୁ ।

# ମିତ୍ରଭେଦ




**ଡକ୍ଟର ବିବୁଧରଂଜନ**

ତଳମାଳି ସାହି, ପୁରୀ

ଫୋନ : ୯୯୩୭୬୪୯୮୯୪


ମହିଳାରୋପ୍ୟ ନାମକ ଏକ ନଗରରେ ବର୍ଦ୍ଧମାନ ନାମରେ ଜଣେ ବଣିକ ରହୁଥିଲା । ସେହି ବଣିକଟି ଉଚିତ୍ ମାର୍ଗରେ ବେପାର ବଣିଜ କରି ଅମାପ ଧନ ସମ୍ପତ୍ତି ଠୁଳ କରିଥିଲା । କିନ୍ତୁ ତଥାପି ତା ମନରେ ସନ୍ତୋଷ ନଥିଲା । କିପରି ଆହୁରି ଧନ ରୋଜଗାର କରିବ ସେଥିପାଇଁ ସେ ସଦାସର୍ବଦା ବଡ଼ ବ୍ୟାକୁଳ ଥିଲା । ଛଅ ଉପାୟରେ ଧନ ଉପାର୍ଜନ କରାଯାଇ ପାରେ । ଭିକ୍ଷା, ରାଜସେବା, ଚାଷବାସ, ବିଦ୍ୟା, ସୁଧ କାରବାର ଏବଂ ବେପାର କରି । ତେବେ ଏ ସବୁ ମଧ୍ୟରୁ ବେପାର ବଣିଜ ଧନ ରୋଜଗାର କରିବା ପାଇଁ ସବୁଠାରୁ ଶ୍ରେଷ୍ଠ ମାଧ୍ୟମ । ବଣିକ ବର୍ଦ୍ଧମାନ ମନ ଭିତରେ ସ୍ଥିରକଲା ସେ ବିଦେଶ ଯିବ । ସେଠାରୁ ଭଲ ଭଲ ଜିନିଷ କିଣିଆଣି ନିଜ ଦେଶରେ ବିକ୍ରୟ କରିବ । ଏହା ଠିକ୍ କରି ବିଦେଶ ଯାତ୍ରା ପାଇଁ ସେ ତାହାର ଶଗଡ଼ଗାଡ଼ି ତିଆରି କରାଇଲା । ପିଲାମାନେ, ସେ କାଳରେ ତ ଆଜିପରି ଟ୍ରେନ୍, ଉଡ଼ାଜାହାଜ, ମଟରଗାଡ଼ି ବାହାରି ନଥିଲା । ଏକମାତ୍ର ବାହାନ ଥିଲା ଘୋଡ଼ା ଗାଡ଼ି ନ ହେଲେ ବଳଦ ଟଣା ଶଗଡ଼ ଗାଡି । ବଣିକ ବର୍ଦ୍ଧମାନ ତା ଶଗଡ଼ ଗାଡ଼ିକୁ ଟାଣିବା ପାଇଁ ଦୁଇଟି ହୃଷ୍ଟପୃଷ୍ଟ ସୁନ୍ଦର ବଳଦ ଯୋଗାଡ଼ କଲା । ବଳଦ ଦୁଇଟିର ନାମ ଥିଲା ସଂଜୀବକ ଏବଂ ନନ୍ଦକ ।

ବର୍ଦ୍ଧମାନର ଶଗଡ଼ ଯେତେବେଳେ ଯମୁନା ନଦୀର କୂଳରେ ପହଞ୍ଚିଲା ସଞ୍ଜୀବକ ନାମର ବଳଦଟି ନଦୀକୂଳର ପଙ୍କରେ ଗଳିଗଲା । ପଙ୍କ ଭିତରୁ ବାହାରକୁ ବାହାରିବା ପାଇଁ ସେ ଯେତେ ଚେଷ୍ଟା କଲା ସେଥିରେ ତାର ଗୋଡ଼ର ହାଡ଼ ଭାଙ୍ଗିଗଲା । ବଳଦର ଏପରି ଅବସ୍ଥା ଦେଖି ବଣିକ ବଡ଼ ଦୁଃଖିତ ହେଲା । କ'ଣ ଆଉ କରାଯାଇପାରିବ । ତିନି ଦିନ ଯାଏଁ ବଣିକ ସେହିଠାରେ ଅପେକ୍ଷା କଲା କାଳେ ସଂଜୀବକ ବଳଦ ସୁସ୍ଥ ହୋଇଯିବ ବୋଲି । ଶେଷରେ ତାର ସାରଥି କହିଲା ଏ ପାଖ ଜଙ୍ଗଲରେ ବହୁତ ହିଂସ୍ର ଜନ୍ତୁ ଅଛନ୍ତି । ଏ ବଳଦର ଭଲ ହେବାର କୌଣସି ଆଶା ଦିଶୁ ନାହିଁ । ତେଣୁ କେତେଦିନ ଆଉ ଆମେ ନିଜ ଜୀବନକୁ ବିପଦରେ ପକାଇ ଏହିଠାରେ ପଡ଼ି ରହିବା ? ସାରଥିର ଉପଦେଶ ବଣିକର ମନକୁ ପାଇଲା । ସଂଜୀବକର ଦେଖାଚାହାଁ କରିବା ପାଇଁ ବଣିକ ତାର କିଛି ଭୃତ୍ୟଙ୍କୁ ସେଠାରେ ଛାଡ଼ି ତା ଗନ୍ତବ୍ୟ ପଥରେ ଆଗେଇ ଚାଲିଲା ।

ବଣିକ ସେଠାରୁ ଚାଲିଯିବା ପରେ ତାର ଭୃତ୍ୟମାନେ ମଧ ଦୁଇଦିନ ଭିତରେ ବଳଦକୁ ସେହି ଅବସ୍ଥାରେ ସେଠାରେ ଛାଡ଼ିଦେଇ ପଳାଇଲେ । ଏବଂ ବଣିକକୁ ଯାଇ ମିଛରେ କହିଲେ ଯେ – ସଂଜୀବକ ମରିଗଲା । କିନ୍ତୁ ଏପଟେ ସଂଜୀବକ ଯମୁନା ନଦୀ କୂଳର ଶୀତଳ ପବନ, କଅଁଳିଆ ସବୁଜ ଘାସ ଖାଇ କିଛିଦିନ ମଧ୍ୟରେ ସୁସ୍ଥ ହୋଇ ଉଠିଲା । ଦିନସାରା ନଦୀ କୂଳରେ ଏକୁଟିଆ ରହି କେବଳ ଗର୍ଜନ କରିବା, ଶିଙ୍ଘରେ ମାଟି ତାଡ଼ିବା ସଂଜୀବକର ଏକମାତ୍ର କାମ ହୋଇଗଲା । ଗୋଟିଏ ଦିନ ସେହି ଯମୁନା ନଦୀ କୂଳକୁ ପିଙ୍ଗଳକ ନାମକ ଏକ ସିଂହ ପାଣି ପିଇବାକୁ ଆସିଲା । ପାଣି ପିଇବା ବେଳେ ସଂଜୀବକ ବଳଦର ଗମ୍ଭୀର ଗର୍ଜନ ଶୁଣି ସିଂହ ପୁରାପୁରି ଭୟ ପାଇ ଜଙ୍ଗଲର ବୁଦା ଭିତରେ ଲୁଚିଗଲା । ପିଙ୍ଗଳକ ସିଂହ ମନେମନେ ଭାବିନେଲା ଯେ ନିଶ୍ଚୟ ସେ ଜଙ୍ଗଲ ଭିତରକୁ ତା ଠାରୁ ବଳବାନ୍ ଆଉ ଏକ ପ୍ରାଣୀ କିଏ ଆସି ଯାଇଛି ।

ସିଂହ ସାଥୀରେ ସବୁବେଳେ ଦୁଇଟି ବିଲୁଆ ରହୁଥିଲେ । କରଟକ ଆଉ ଦମନକ । ସିଂହ ଯେଉଁଆଡ଼େ ଯାଏ ବିଲୁଆ ଦୁହେଁ ତା ପଛେ ପଛେ ଚାଲି ଥାଆନ୍ତି । ଏ ଦୁହେଁ ଯେତେବେଳେ ନିଜ ସ୍ୱାମୀଙ୍କୁ ଭୟଭୀତ ହେବାର ଦେଖିଲେ – ଆଶ୍ଚର୍ଯ୍ୟ ହୋଇଗଲେ । ଜଙ୍ଗଲର ରାଜା ସିଂହ ଏଭଳି ଡରି ଯିବା ସତରେ ବଡ଼ ଆଶ୍ଚର୍ଯ୍ୟର କଥା । ଦମନକ ନିଜ ସାଥୀ ବିଲୁଆ କରଟକ କୁ କହିଲା – ଆମର ସ୍ୱାମୀ ହେଲେ ଜଙ୍ଗଲର ରାଜା । ପ୍ରତ୍ୟେକ ପଶୁ ତାଙ୍କୁ ଭୟ କରନ୍ତି । ଅଥଚ ଆଜି ସ୍ୱୟଂ ରାଜା ଭୟରେ ଅଧାପାଣି ପିଇ ଆସି ବୁଦାମୂଳେ ଲୁଚି ବସି ଗୋଟା ପଣେ ଥରୁଛନ୍ତି । କାରଣ କ'ଣ ?

କରଟକ କହିଲା – ଦମନକ ! କାରଣ ଯାହା ହୋଇ ଥାଉନା କାହିଁକି ସେଥିରୁ ଆମକୁ କ'ଣ ମିଳିବ ? ଅନ୍ୟର କାମରେ ହସ୍ତକ୍ଷେପ କରିବା ଆଦୌ ଠିକ୍ ନୁହେଁ । ଆମକୁ ତ ସିଂହ ଭୋଜନର ଉଚ୍ଛିଷ୍ଟ ମିଳି ଯାଉଛି । ସେତିକିରେ ଆମେ ସନ୍ତୁଷ୍ଟ ରହିବା ।

ଦମନକ କହିଲା – କରଟକ ! ତୋରତ କେବଳ ଅଇଁଠା ବଳକା ଭୋଜନର ଚିନ୍ତା । ନିଜ ସ୍ୱାମୀଙ୍କର ମଙ୍ଗଳ ଚିନ୍ତା ତୋ ପାଖରେ ନାହିଁ ।

କରଟକ – ଆମର ହିତ ଚିନ୍ତାରେ କ'ଣ ଅବା ହୋଇପାରିବ ? ସିଂହର ପ୍ରମୁଖ ପାରିଷଦଙ୍କ ଭିତରେ ଆମରତ କୌଣସି ସ୍ଥାନ ନାହିଁ । ବିନା ନିମନ୍ତ୍ରଣରେ ଉପରେ ପଡ଼ି କାହାରିକୁ ନିଜର ମତାମତ ଦେବା ମୂର୍ଖତା ଅଟେ । ଏଥିରେ ଅପମାନ ଅତିରିକ୍ତ ଆଉ କିଛି ମିଳେ ନାହିଁ । କରଟକର କଥା ଶୁଣି ଦମନକ କହିଲା – ତୁ ବୋଧହୁଏ ଜାଣିନାହୁଁ ଯେ ରାଜା, ସ୍ତ୍ରୀ ଏବଂ ଲତା ଏମାନେ ପାଖରେ ଥିବା ବାଲାଙ୍କୁ ନିଜର କରି ଥାଆନ୍ତି । ଯିଏ ରାଜାଙ୍କର ଭଲ ସେବା କରିପାରିବ ସେ ତାଙ୍କର ପ୍ରଧାନ ହୋଇଯାଇ ପାରିବ । ବାସ୍, ଏହାପରେ ଦୁଇ ବିଲୁଆ ସିଂହର ରାଜସଭା ଆଡ଼କୁ ଚାଲିଲେ ।

ଦମନକ ବିଲୁଆ ରାଜସଭାକୁ ଆସି ସିଂହ ପିଙ୍ଗଳକକୁ ପ୍ରଣାମ କରି ତାର ନିର୍ଦ୍ଦିଷ୍ଟ ଆସନରେ ବସି ପଡ଼ିଲା । ସିଂହ ପଚାରିଲା – ଦମନକ, ତୁ ବହୁତ ଦିନ ପରେ ରାଜସଭାକୁ ଆସିଛୁ । ତୋର ସବୁ କୁଶଳତ ? ଆସିବାର କୌଣସି ବିଶେଷ ପ୍ରୟୋଜନ ? ଦମନକ କହିଲା – ମହାରାଜ୍, କୌଣସି ବିଶେଷ କାରଣ ନାହିଁ । ତଥାପି ମାଲିକର ହିତ ପାଇଁ ସେବକକୁ ସ୍ୱୟଂ ଆସିବାକୁ ପଡ଼ିଥାଏ । ରାଜାଙ୍କ ପାଖରେ ଉତ୍ତମ, ମଧ୍ୟମ, ଅଧମ ସବୁ ପ୍ରକାରର ସେବକ ରହି ଥାଆନ୍ତି । ରାଜାଙ୍କ ପାଇଁ ସଭିଙ୍କର ପ୍ରୟୋଜନ ରହିଥାଏ । ତେବେ ବହୁତ ଦିନ ପରେ ଆପଣଙ୍କ ରାଜସଭାକୁ ମୁଁ ଆସିବାକୁ ବାଧ ହୋଇଛି । କେବଳ ଆପଣଙ୍କର ହିତ ପାଇଁ । ଯେଉଁଠାରେ କାଚ ବଦଳରେ ମଣି ଏବଂ ମଣି ସ୍ଥାନରେ କାଚକୁ ଗୁରୁତ୍ୱ ଦିଆଯାଇ ଥାଏ ସେଠାରେ ଭଲ ସେବକ ରୁହନ୍ତି ନାହିଁ । ସ୍ୱାମୀ ଏବଂ ସେବକ ପରସ୍ପରକୁ ଆଶ୍ରୟ କରିଥାଆନ୍ତି ତେଣୁ ଦୁହେଁ ଦୁହିଁଙ୍କୁ ସମ୍ମାନ କରିବା କଥା । ରାଜା ତ ସନ୍ତୁଷ୍ଟ ହେଲେ ସେବକକୁ ପୁରସ୍କାର ଦେଇ ଥାଆନ୍ତି । କିନ୍ତୁ ସେବକ ସନ୍ତୁଷ୍ଟ ହେଲେ ସେ ନିଜ ରାଜା ପାଇଁ ନିଜର ପ୍ରାଣବଳି ଦେବାକୁ ମଧ ପଛଘୁଞ୍ଚା ଦିଏନାହିଁ ।

ପିଙ୍ଗଳକ ସିଂହ ଦମନକ ବିଲୁଆର କଥାରେ ଅତ୍ୟନ୍ତ ପ୍ରୀତ ହୋଇ କହିଲା କହ, ତୋର କଣ କହିବାର ଅଛି । ବିଲୁଆ କହିଲା – ମହାରାଜ, ମୁଁ ଏକାନ୍ତରେ ଆପଣଙ୍କୁ କିଛି କହିବାକୁ ଚାହୁଁଛି । ଚାରିକାନ ଭିତରେ ହିଁ ଗୁପ୍ତକଥା ସୁରକ୍ଷିତ ରହିପାରେ । ଛଅ କାନରେ କୌଣସି କଥା ଗୁପ୍ତ ରହେନାହିଁ । ସିଂହ ସଙ୍ଗେ ସଙ୍ଗେ ଇଶାରା ଦେଲା ଅନ୍ୟାନ୍ୟ ସମସ୍ତ ପଶୁ ସେଠୁ ଛାଡ଼ି ଚାଲି ଯିବା ପାଇଁ । ସଭାସ୍ଥଳରୁ ସମସ୍ତେ ଚାଲିଗଲା ପରେ ଦମନକ ଯାଇ ସିଂହ କାନ ପାଖରେ ପଚାରିଲା – ମହାରାଜ୍ ! ଆପଣ ଯମୁନା ନଦୀରୁ ଅଧାପାଣି ପିଇବା ଅବସ୍ଥାରେ କାହିଁକି ପଳାଇ ଆସିଲେ ? ଏହାର କାରଣ କ'ଣ ? ପିଙ୍ଗଳକ ଶୁଖିଲା ହସଟିଏ ହସି କହିଲା – ନାଁ, ସେମିତି କିଛି ବିଶେଷ କାରଣ ନାହିଁ । ବିଲୁଆ

ଦମନକ କହିଲା – ମହାରାଜ୍, ଯଦି ସେକଥା କହିବା ଯୋଗ୍ୟ ହୋଇ ନଥାଏ ତେବେ କୁହନ୍ତୁ ନାହିଁ । କାରଣ ପ୍ରତ୍ୟେକ କଥା କହିବା ଯୋଗ୍ୟ ହୋଇ ନଥାଏ । କିଛି କଥା ନିଜ ସ୍ତ୍ରୀ ପାଖରେ ମଧ ଲୁଚାଇବା ଯୋଗ୍ୟ ହୋଇଥାଏ । କିଛି କଥା ନିଜ ପିଲାମାନଙ୍କ ପାଖରେ ମଧ ଗୋପନ ରଖା ଯାଇଥାଏ ।

ପିଙ୍ଗଳକ ଭାବିଲା – ଏ ବିଲୁଆ ବଡ଼ ବୁଦ୍ଧିମାନ ମାଲୁମ୍ ହେଉଛି । ଏହା ପାଖରେ ମୋ ମନର ଭୟକୁ ପ୍ରକାଶ କରାଯାଇ ପାରେ । ଏହା ଭାବି ସିଂହ କହିଲା – ଦମନକ୍, ଯମୁନା ନଦୀର ଅପର ପାର୍ଶ୍ୱରୁ ଯେଉଁ ଗମ୍ଭୀର ସ୍ୱରର ଗର୍ଜନ ଭାସି ଆସୁଛି ତାହା ତୁ ଶୁଣି ପାରୁଛୁ ? ଶୁଣି ପାରୁଛି ମହାରାଜ୍ । ବିଲୁଆ ଉତ୍ତର ଦେଲା । ପିଙ୍ଗଳକ କହିଲା – ମୁଁ ଭାବୁଛି ଏ ଜଙ୍ଗଲ ପରିତ୍ୟାଗ କରି ଅନ୍ୟ କେଉଁ ଜଙ୍ଗଲକୁ ପଳାଇବି । ଦମନକ କହିଲା – କାହିଁକି ମହାରାଜ୍ ? ପିଙ୍ଗଳକ କହିଲା ଯାହାର ଗର୍ଜନ ଏଭଳି ଭୟଙ୍କର ଜଣା ପଡୁଛି ସେ ପଶୁ କେତେ ଭୟଙ୍କର ହୋଇ ନଥିବ ?

ସିଂହର କଥା ଶୁଣି ବିଲୁଆ କହିଲା – ମହାରାଜ୍, କେବଳ ମାତ୍ର ଉଚ୍ଚ ଶବ୍ଦ ଶୁଣି ଭୟ ପାଇବା ଯୁକ୍ତିଯୁକ୍ତ ନୁହେଁ । ଉଚ୍ଚ ଶବ୍ଦର ସ୍ୱରତ ଅନେକ ପ୍ରକାରର । ଭେରୀ, ତୂରୀ, ମୃଦଙ୍ଗ, ଶଙ୍ଖ, କାହାଳୀ, ଘଣ୍ଟା ଏପରି



ଅନେକ ବାଦ୍ୟ ଅଛି ଯାହାର ଆୱାଜ୍ ବହୁତ ଦୂରଯାଏଁ ଶୁଭା ଯାଇଥାଏ । କିନ୍ତୁ ସେସବୁ ସ୍ୱରକୁ କେହି ଡରିଥାଏ କି ? ଏ ଜଙ୍ଗଲ ଆପଣଙ୍କ ପୂର୍ବ ପୁରୁଷଙ୍କ ଜଙ୍ଗଲ । ଏ ଜଙ୍ଗଲକୁ ଛାଡ଼ି ଅନ୍ୟତ୍ର ଛାଲିଯିବା ଆଦୌ ଉଚିତ୍ ହେବ ନାହିଁ । ଢୋଲ କେତେ ଜୋରରେ ବାଜିଥାଏ । ଗୋମାୟୁ ଢୋଲ ଭିତରେ ପଶିବା ପରେ ହିଁ ଜାଣିଲା ଯେ ଢୋଲ ଭିତର ଫମ୍ପା । ଆପଣ କ'ଣ ସେ କାହାଣୀ ଶୁଣି ନାହାନ୍ତି ?

ପିଙ୍ଗଳକ ପଚାରିଲା– ଦମନକ ମୋତେ ଗୋମାୟୁର କାହାଣୀ କୁହ ।

ବିଲୁଆ ଦମନକ କହିଲା– ମହାରାଜ ତେବେ ଧ୍ୟାନ ଦେଇ ଶୁଣନ୍ତୁ । (ଆରଥରକୁ)



- ପୁସ୍ତକର ନାମ: **ନିଃସଙ୍ଗ ପ୍ଲାଟଫର୍ମ (ବାଂଲା ଅନୁବାଦ ସଂକଳନ)**
- ଲେଖକଙ୍କ ନାମ : **କବିତା ବାରିକ**
- ଅନୁବାଦକଙ୍କ ନାମ : **ଅଜିତ୍ ପାତ୍ର**
- ପ୍ରକାଶକଙ୍କ ନାମ : **ଅନ୍ୱୟ ପ୍ରକାଶ, ୩୮/୪, ବାଂଲାବଜାର, ଢାକା-୧୧୦୦**
- ମୂଲ୍ୟ : **୧୭୫/-**

ଓଡ଼ିଆ କଥାସାହିତ୍ୟରେ କବିତା ବାରିକ ଏକ ଶ୍ରଦ୍ଧାଶୀଳ ନାଆଁ । ଯୌଥ ପରିବାରର ଚକ୍ରାନ୍ତର ଶିକାର ହୋଇ ବାପାଙ୍କୁ ଗୃହହରା ହେବା ଏବଂ ଚାକିରି ହରାଇବା ଦେଖିଛନ୍ତି ସେ । ସେଥିପାଇଁ ଶୈଶବରୁ ବହୁତ କଷ୍ଟ ଭିତରେ ବଡ଼ ହେଉହେଉ ଦେଖିଛନ୍ତି ଚାରିପଟର ନିଷ୍ଠୁର ମଣିଷଙ୍କ ପରିହାସକୁ । ପୁଣି ତାହାରି ଭିତରେ ଖୋଜି ପାଇଛନ୍ତି ମାନବିକ ମୂଲ୍ୟବୋଧ ସମ୍ପନ୍ନ ବହୁ ମଣିଷଙ୍କୁ । ସେଥିପାଇଁ ତାଙ୍କର ଗଳ୍ପ ଗୁଡ଼ିକରେ ଦେଖିବାକୁ ମିଳେ ନାରୀ-ପୁରୁଷମାନଙ୍କ ଭିତରେ ଗୋଟିଏ କଳାଧଳା ସମ୍ପର୍କ । କବିତା ବାରିକ ସମାଜର ଜଣେ ସଠିକ୍ ରୂପକାର । ଶୈଶବରୁ ଜୀବନର ଚଲାପଥରେ ଆହରଣ କରିଛନ୍ତି ବିଭିନ୍ନ ଘଟଣାର ସାରତତ୍ତ୍ୱ । ଏହାରି ମଝିରେ ନାରୀ ହିସାବରେ ନାରୀମାନଙ୍କ ମୂଲ୍ୟବୋଧ ଖୋଜୁ ଖୋଜୁ ସୃଷ୍ଟି କରିଛନ୍ତି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ । ନାରୀବାଦୀ ଲେଖିକା ହିସାବରେ ପୁରୁଷତାନ୍ତ୍ରିକ ସମାଜରେ ଗଢ଼ି ଉଠିଥିବା ନାରୀମାନଙ୍କ ଆଜିକାର ସ୍ଥିତି ଓ ଭବିଷ୍ୟତର ପଥ ଖୋଜିବାକୁ ଚେଷ୍ଟା କରିଛନ୍ତି ।

'ନିଃସଙ୍ଗ ପ୍ଲାଟ୍‌ଫର୍ମ' ଗଳ୍ପ ସଂକଳନଟିରେ ଏମିତି ସବୁ ବିଷୟବସ୍ତୁ ଆଧାରିତ ଦଶଟି ଗଳ୍ପ ସଂକଳିତ ହୋଇଛି । ତନ୍ମଧ୍ୟରୁ ଉଲ୍ଲେଖଯୋଗ୍ୟ ସ୍ମୃତିର୍ ଶହର୍ (ସ୍ମୃତି ସହର), ଠିକାନା (ଠିକଣା), ନିଃସଙ୍ଗ ପ୍ଲାଟଫର୍ମ ଆଦି ।

ଏହି ପୁସ୍ତକଟିକୁ ଓଡ଼ିଆରୁ ବାଂଲାରେ ଅନୁବାଦ କରିଛନ୍ତି ଅନୁବାଦକ ଅଜିତ୍ ପାତ୍ର । ସେ ଓଡ଼ିଆ ସାହିତ୍ୟର ଜଣେ ପରିଚିତ ନାଆଁ । ଓଡ଼ିଆର ବହୁ ସାହିତ୍ୟ କୃତିକୁ ବାଂଲାରେ ଅନୁବାଦ କରିବା ସହିତ ବାଂଲାଦେଶରେ ଓଡ଼ିଆ ସାହିତ୍ୟକୁ ପରିଚିତ କରାଇବାର ଖ୍ୟାତି ଅର୍ଜନ କରି ପାରିଛନ୍ତି । ଅଜିତ୍ ପାତ୍ର ମଧ୍ୟ ବାଂଲାରେ ତାଙ୍କର ସାବଲୀଳ ଉପସ୍ଥାପନା ଓ ବାକ୍ୟ ବିନ୍ୟାସରେ କବିତା ବାରିକଙ୍କ ମୂଳ ଭାବକୁ ଅକ୍ଷୁର୍ଣ୍ଣ ରଖି ଅନୁବାଦ କରିଛନ୍ତି ଯାହା ବହୁତ ସୁଖପାଠ୍ୟ ହୋଇପାରିଛି ।

# ହସଖୁସିର ପରିବାର



**ଡ. ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ଏମ୍.ଏ.କେ. ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ହସଖୁସିର ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ । ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ । କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାନ୍ତି । ସେତେବେଳେ ସେମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟା ପାଇଁ ସମାଧାନର ସୂତ୍ର ବତାଇବୁ ଆମେ ।

## ଆପଣଙ୍କ ସମସ୍ୟା : ସମାଧାନର ସୂତ୍ର ଆମର

**ସମସ୍ୟା : ୧**

ସମ୍ବଲପୁରରେ ମୁଁ ଓ ମୋ ସ୍ୱାମୀ ଚାକିରି କରୁଛୁ ଦୁଇଟି ବେସରକାରୀ ସଂସ୍ଥାରେ । ଭଲପାଇ ବାହା ହୋଇଛୁ । ବାହାଘର ୭ ବର୍ଷ ହୋଇଗଲାଣି । ପୁଅକୁ ୫ ବର୍ଷ । ସ୍ୱାମୀ ଘରକାମରେ ମତେ କିଛି ସାହାଯ୍ୟ କରୁନାହାନ୍ତି । ଏପରିକି ବଜାରରୁ ପରିବା, ସଉଦା କିଣିବା ସବୁ ମୁଁ କରୁଛି । ଚାକିରୀ ପରେ ସେ ସାଙ୍ଗସାଥୀମାନଙ୍କ ଠାରେ ସମୟ କଟାଉଛନ୍ତି । ମୁଁ ଘର କଥା କହିଲେ ସେ ବିରକ୍ତ ହେଉଛନ୍ତି । ସେ ସବୁ ତାଙ୍କ କାମ ନୁହେଁ ବୋଲି କୁହନ୍ତି । ମୁଁ ବି ଚାକିରି କରୁଛି । ଘରକୁ କ୍ଲାନ୍ତ ହୋଇ ଫେରୁଛି । ମୋ କାମ ପାଇଁ ପ୍ରଶଂସା କରିବା ତ ଦୂରର କଥା ଟିକେ ଟିକେ ଭୁଲ୍ ପାଇଁ ମୋ ସହିତ ଯୁକ୍ତି କରି ଗାଳି ଦେଉଛନ୍ତି । ଏହାର କୁପ୍ରଭାବ ଆମ ପୁଅ ଉପରେ ପଡ଼ିଲାଣି । ଆଉ ସହି ହେଉନି । ମୋତେ ଲାଗୁଛି ସତେ ଯେପରି ସେ ଆଉ ମୋତେ ଭଲପାଉ ନାହାନ୍ତି ଅବା ଆମକୁ ଚାହୁଁ ନାହାନ୍ତି । ଏବେ ମୁଁ ମାନସିକ ଯନ୍ତ୍ରଣାରେ ଅଛି । ଏହାର କିପରି ସମାଧାନ ହୋଇପାରିବ ?

▶ ନାମ ପ୍ରକାଶରେ ଅନିଚ୍ଛୁକା, ବାଲେଶ୍ୱର

ଫଟୋ : ମନୋଜ ଦଳବେହେରା



**ସମସ୍ୟା ପଠାଇବାର ଠିକଣା**

ଡ. ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦିକା
ରେବତୀ ଆମ ମାଟିର ସ୍ୱର
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦



## ସମାଧାନର ସୂତ୍ର

ଏହିପରି ସମସ୍ୟା ଅନେକ ପରିବାରରେ ରହିଛି । ଏଥିରେ ବିଚଳିତ ହୁଅନ୍ତୁ ନାହିଁ କିମ୍ବା ମନ ଅସ୍ଥିର କରନ୍ତୁ ନାହିଁ । ଯାହା ଘଟୁଛି ତାହା ହିଁ ସତ୍ୟ । ଏଣୁ ଏହି ସତ୍ୟକୁ ଗ୍ରହଣ କରିନେଲେ ହିଁ ମାନସିକ ଯନ୍ତ୍ରଣା ହେବ ନାହିଁ । ପ୍ରଥମ କଥା ହେଲା ଯେ ଆପଣ ଏହି ପରିସ୍ଥିତିକୁ ସକରାତ୍ମକ ମନୋଭାବରେ ଗ୍ରହଣ କରି ନିଅନ୍ତୁ । ବିରକ୍ତ ହୁଅନ୍ତୁ ନାହିଁ । ମନଦୁଃଖ ହେବ ତ ନିଶ୍ଚିତ କିନ୍ତୁ ମନରେ ଧୈର୍ଯ୍ୟ ଓ ଦମ୍ଭ ରଖିଲେ ମୁଣ୍ଡ ଥଣ୍ଡା ରହିବ ଓ ସମାଧାନର ବାଟ ଫିଟିବ ।

ପ୍ରତ୍ୟେକ ତାଲାର ଚାବି ଥିଲା ପରି ସବୁ ସମସ୍ୟାର ସମାଧାନ ରହିଛି । ଥଣ୍ଡା ମୁଣ୍ଡରେ ଭାବିଲେ ହିଁ ବାଟ ମିଳିବ । ତାଙ୍କୁ ପରିବର୍ତନ କରିବାକୁ ଚେଷ୍ଟା କରନ୍ତୁ ନାହିଁ ବରଂ ନିଜକୁ ପରିବର୍ତ୍ତନ କରନ୍ତୁ । ଯୁକ୍ତି, କଳହ ଓ ଦୋଷାରୋପ କରନ୍ତୁ ନାହିଁ । ତାଙ୍କ ଠାରୁ ପ୍ରଶଂସା ଆଶା କରନ୍ତୁ ନାହିଁ । ଆଶା ହିଁ ଦୁଃଖର କାରଣ । ତାଙ୍କ ବିରୁଦ୍ଧରେ ବା ପରିବାରରେ ଏହି ସମସ୍ୟା ବିଷୟରେ ଅନ୍ୟ କାହାକୁ କୁହନ୍ତୁ ନାହିଁ । ଏପରିକି ଆପଣଙ୍କ ବନ୍ଧୁବାନ୍ଧବମାନଙ୍କ ପାଖରେ ବି ନୁହେଁ । ମନରେ ଦୁଃଖ ଥିଲେ ବାହାରେ ପ୍ରକାଶ କରିବେ ନାହିଁ । ହସହସ ମୁହଁରେ କାମ କରିବେ ।

ଆପଣଙ୍କ ଲକ୍ଷ୍ୟ ରହିବ ଆପଣଙ୍କର କାମ ଉପରେ । ଘରକାମ ସହିତ ଅଫିସ୍ କାମ ବି ଭଲ ରୂପେ କରିବାକୁ ହେବ । ତା ସହିତ ପୁଅର ଦାୟିତ୍ୱ । ତାକୁ ବି ପଢ଼ାଇବାକୁ ହେବ । ଏଣୁ କାମରେ ଏକାଗ୍ରତା ରହିଲେ ଆପଣଙ୍କର ମନ ଆଉ ବିଭ୍ରାନ୍ତ ହେବ ନାହିଁ । ଘରେ ଅଶାନ୍ତି ହେଲେ ଅଫିସ୍‌ରେ ବି ଠିକ୍ ରୂପେ କାମ କରିପାରିବେ ନାହିଁ । ଏହାର କୁପ୍ରଭାବ ପୁଅ ଉପରେ ପଡ଼ିବ । ଏଣୁ ଭବିଷ୍ୟତକୁ ଆଖି ଆଗରେ ରଖି ଆପଣଙ୍କୁ କାମ କରିବାକୁ ହେବ । କଥାରେ ଅଛି– 'ଆଲୋ ସଖୀ, ଆପଣା ମହତ ଆପେ ରଖି ।' ଏଣୁ ନିଜକୁ ଆୟତ୍ତରେ ରଖିବାକୁ ଚେଷ୍ଟା କରନ୍ତୁ । ତାହା ହିଁ ଆପଣଙ୍କ ପାଇଁ ଏକ ସାଧନା । ନିଜର ଦାୟିତ୍ୱ ନିଜେ ନିଅନ୍ତୁ । ସମୟ ବାହାର କରି ଠାକୁରଙ୍କ ପାଖରେ ପ୍ରାର୍ଥନା କଲେ ମନୋବଳ ବୃଦ୍ଧି ପାଇବ । ସମର୍ପଣ ଭାବ ରହିଲେ ସମାଧାନର ବାଟ ମିଳି ପାରିବ । ଦେଖିବେ ଧୀରେ ଧୀରେ ଆପଣଙ୍କ ସ୍ୱାମୀଙ୍କ ମନରେ ପରିବର୍ତ୍ତନ ଆସିବ ।

## ସମସ୍ୟା : ୨

**ମୁଁ ଏମ୍.ବି.ଏ. ପଢ଼ିଲା ବେଳେ, ମୋ କ୍ଲାସ୍‌ର ଗୋଟେ ଝିଅକୁ ଭଲପାଇ ବାହା ହେଲି । ଆମ ଘରେ କି ତାଙ୍କ ଘରେ, ଏଥିରେ କିଏ ବି ରାଜି ନ ଥିଲେ । ଆମେ କାହା କଥା ନ ଶୁଣି ନିଜ ଇଚ୍ଛାରେ ବାହା ହୋଇଗଲୁ । ପଢ଼ା ସରୁ ସରୁ ମତେ ଚାକିରି ମିଳି ଯାଇଥିଲା । ଆମେ ଦୁହେଁ ଭୁବନେଶ୍ୱରରେ ଘର ଭଡ଼ା ନେଇ ରହିଲୁ । ପରେ ପରେ ତାକୁ ବି ଚାକିରି ମିଳିଗଲା । ବର୍ଷେ ଯାଏ ଠିକ୍‌ଠାକ୍ ଚାଲିଲା । କିଛିଟା ଅସୁବିଧା ଯୋଗୁଁ ମୁଁ ଚାକିରି ଛାଡ଼ିଦେଲି । ତାପରେ ଆରମ୍ଭ ହୋଇଗଲା ଆମ ଦୁଇ ଜଣଙ୍କ ଭିତରେ ଯୁକ୍ତିତର୍କ ଓ ମନୋମାଳିନ୍ୟ । ଦୁଇ ମାସ ପରେ ମୋ ସ୍ତ୍ରୀ ବି ତା ଚାକିରି ଛାଡ଼ିଦେଲା । ଦୁଇ ଜଣଙ୍କର ଚାକିରି ନାହିଁ । ଅର୍ଥର ଅଭାବ । ଆମ ଦୁହିଁଙ୍କର ପରିବାର ସହିତ ଆମର ବି ସଂପର୍କ ନାହିଁ । ଦିନକୁ ଦିନ ଅଶାନ୍ତି ବଢ଼ି ଚାଲିଛି। ଏବେ ଭାବୁଛି, ଆମେ ଦୁହେଁ ହଠାତ୍ ଏପରି ବାହାହେବାର ନଥିଲା । ମୋ ସ୍ତ୍ରୀ ବି ସେଥିପାଇଁ ମତେ ଦୋଷ ଦେଉଛି । କଣ କରିବି କିଛି ଭାବି ପାରୁନାହିଁ । ସମାଧାନ କୁହନ୍ତୁ ।**

**ଶ୍ୟାମପ୍ରକାଶ ପଟ୍ଟନାୟକ,** ଭୁବନେଶ୍ୱର-୧୨

## ସମାଧାନର ସୂତ୍ର

ଯାହା ଘଟିଯାଇଛି ତାହା ଅତୀତ । ତାହା ଆଉ କେବେ ଫେରିଆସିବ ନାହିଁ । ଅତୀତ ବିଷୟରେ ଚିନ୍ତା କରି କିଛି ଫଳପ୍ରାପ୍ତି ନାହିଁ । ବରଂ ଦୁଃଖ ବଢ଼ିବ । ମନ ଭାଙ୍ଗିଯିବ । ଏବେ ବର୍ତମାନର ପରିସ୍ଥିତି ବିଷୟରେ ଭାବିବାର ଅଛି । ଅତୀତ ହାତରୁ ଚାଲି ଯାଉଛି ଓ ଭବିଷ୍ୟତ ହାତକୁ ଆସିନି । ଭବିଷ୍ୟତ ପାଇଁ ଆଜି ହିଁ କାମ କରିବାକୁ ପଡ଼ିବ । ଏଣୁ ତୁମକୁ ବର୍ତ୍ତମାନର ପ୍ରଧାନ କାର୍ଯ୍ୟ ବିଷୟରେ ଭାବିବାକୁ ହେବ । ମୋ ମତରେ ତୁମର ଏବେ ମୁଖ୍ୟ କାମ ହେଉଛି ଚାକିରିଟିଏ ଖୋଜିବା ଏବଂ ନିଜର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା । ସେହିଭଳି ସ୍ତ୍ରୀକୁ ଉତ୍ସାହିତ କରି ତାର ମନୋବଳକୁ ବଢ଼ାଇବା । ଫଳରେ ସେ ବି ତାର ଚାକିରି ଖୋଜିବାରେ ଲାଗି ପଡ଼ିବ । ଦୁହିଁଙ୍କର ଚାକିରି ହୋଇଗଲେ, ତୁମର ପ୍ରଥମ ସମସ୍ୟା ଦୂର ହୋଇଯିବ । କାମ ଉପରେ ଧ୍ୟାନ ରହିଲେ ମାନସିକ ଦୁଃଶ୍ଚିନ୍ତା ବି କମିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇଗଲେ, ମାନସିକ ଶାନ୍ତି ବି ଆସିବ । ତାପରେ ଦୁହେଁ ବସି ଥଣ୍ଡା ମୁଣ୍ଡରେ ନିଜ ନିଜ ପରିବାର ସହିତ ପୂର୍ବ ସଂପର୍କ ଫେରାଇ ଆଣିବା ପାଇଁ ଉପାୟ ଭାବିବ । ରାତି ପରେ ଦିନ ଆସେ । ସମସ୍ୟା ଯେତେ ଜଟିଳ ହେଉନା କାହିଁକି, ତାର ସମାଧାନର ବାଟ ରହିଛି । ସେଥିପାଇଁ ଆମକୁ ଥଣ୍ଡା ମୁଣ୍ଡରେ ଧୈର୍ଯ୍ୟର ସହିତ ଭାବିବାକୁ ପଡ଼ିବ । ଭାବିଲେ ହିଁ ରାସ୍ତା ମିଳିବ । ଏହା ହିଁ ସକରାତ୍ମକ ମନୋଭାବ । ରାତାରାତି କିଛି ସମାଧାନ ହୁଏ ନାହିଁ । ଏଣୁ ନିଜର ଭୁଲ୍‌କୁ ସ୍ୱୀକାର କରି, ସେଥିରୁ ଶିଖି ପାରିଲେ ହିଁ ସୁନ୍ଦର ଭବିଷ୍ୟତଟିଏ ଗଢ଼ିପାରିବା ।

## ସମସ୍ୟା : ୩

**ମୁଁ ଜଣେ ଗୃହିଣୀ । ମୋର ସ୍ୱାମୀ ସରକାରୀ ଚାକରି କରୁଛନ୍ତି । ଆମର ଦୁଇଟି ପିଲା । ପୁଅ ବଡ଼ ଓ ଝିଅ ସାନ । ମୋର ସ୍ୱାମୀ ତାଙ୍କ ଚାକିରି ଜାଗାରେ ରୁହନ୍ତି । କିନ୍ତୁ ସେ ସ୍ଥାନରେ ପିଲାମାନଙ୍କ ପାଠପଢ଼ାର ସୁବିଧା ନ ଥିବାରୁ ମୁଁ ପିଲାମାନଙ୍କୁ ଧରି ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଛି । ମୋ ସ୍ୱାମୀ ମାସେ ବା ଦୁଇ ମାସରେ ଥରେ ଘରକୁ ଆସନ୍ତି । ମୋର ପୁଅକୁ ୧୪ ବର୍ଷ, ସେ ଅଷ୍ଟମ ଶ୍ରେଣୀରେ ପଢୁଛି ଓ ଝିଅକୁ ୯ ବର୍ଷ ବୟସ, ସେ ୪ର୍ଥ ଶ୍ରେଣୀରେ ପଢୁଛି । ଝିଅ ପାଠ ବହୁତ ଭଲ ପଢ଼ିବା ସହିତ ଖେଳକୁଦ ଇତ୍ୟାଦିରେ ମଧ୍ୟ ବହୁତ ଭଲ । ହେଲେ ମୋର ସବୁ ଚିନ୍ତା ପୁଅ ପାଇଁ । ପୁଅ ଆଗରୁ ବହୁତ ଭଲ ପାଠ ପଢୁଥିଲା । ଏବେ କିନ୍ତୁ ଆଉ ପାଠରେ ମନ ଦେଉନି । ଏପରିକି ସ୍କୁଲ୍ ଯିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରୁନି । ତାର ବାପା ଘରକୁ ଆସିବା ବି ସିଏ ପସନ୍ଦ କରୁନି । ସାନ ଭଉଣୀକୁ ମଧ୍ୟ ଭଲ ପାଉନି । ତାକୁ କଥା କଥାରେ ମାରୁଛି, ଗାଳି ଦେଉଛି । ଏପରିକି ସାଙ୍ଗସାଥୀରେ**

ଫଟୋ : ରାନୁ ମିଶ୍ର



ମଧ୍ୟ ମିଶୁନି । କୁଆଡ଼େ ଯିବାକୁ ଇଚ୍ଛା ପ୍ରକାଶ କରୁନି । ସେ ପିଲା ବେଳୁ **ମୋ ସହିତ ବହୁତ ଖୋଲାଖୋଲି ସବୁ କଥା ଆଲୋଚନା କରେ, ଠିକ୍ ଗୋଟେ ସାଙ୍ଗ ପରି । ସବୁବେଳେ ଟି.ଭି.ରେ ଫିଲ୍ମ ଗୀତ ଦେଖୁଛି । ବହୁ ସମୟ ଚୁପ୍‌ଚାପ୍ କବାଟ ବନ୍ଦ କରି ଶୋଇ ରହୁଛି । କଣ ସବୁ ଭାବୁଛି । ମୁଁ ଜାଣି ପାରୁନି କଣ କରିବି । ଦୟାକରି ମୋତେ ଟିକେ ସଠିକ୍ ବାଟ ଦେଖାନ୍ତୁ ।**

**ଝରଣା ମହାପାତ୍ର,** ପଳାଶପଲ୍ଲୀ, ଭୁବନେଶ୍ୱର-୭୫୧୦୨୦

### ସମାଧାନର ସୂତ୍ର

ପୁଅର ବ୍ୟବହାର ବିଷୟରେ ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣା ପଡୁଛି ଯେ ଅତୀତରେ ସେଭଳି କିଛି ଘଟଣା ଘଟିଛି, ଯେଉଁଥିପାଇଁ କି ପୁଅ ଏପରି ବ୍ୟବହାର କରୁଛି । ଆପଣ ଲେଖିଛନ୍ତି ଯେ ପୁଅର ବାପାଙ୍କ ପ୍ରତି ଆପଣାର ଭାବ ନାହିଁ । ସମ୍ମାନ ନାହିଁ ବୋଲି କହିଲେ ଚଳିବ । ନିଜ ସାନ ଭଉଣୀକୁ ବି ସେ ଭଲ ପାଉନାହିଁ । କିନ୍ତୁ ଆପଣଙ୍କ ସହିତ ତାର ଭଲ ସଂପର୍କ । ଏହାକୁ ଆମେ ହାଲ୍‌କା ଭାବରେ ନେଇ ପାରିବା ନାହିଁ । ପୁଅର ଏପରି ଜଟିଳ ବ୍ୟବହାର ହଠାତ ରାତାରାତି ହୋଇ ନାହିଁ । କାରଣ ଗୋଟେ ୧୪ବର୍ଷ ବୟସର ପୁଅ ପିଲାଟିର ବ୍ୟବହାର ସାଧାରଣତଃ ଏପରି ହେବା କଥା ନୁହେଁ । ଯେହେତୁ ତାର ଆପଣଙ୍କ ପ୍ରତି ଭଲ ବ୍ୟବହାର ରହିଛି ତେଣୁ ଆପଣ ହିଁ ତାର ମନକୁ ଅନୁଧ୍ୟାନ କରି ପାରିବେ । କେଉଁ କାରଣ ଯୋଗୁଁ ବାପା ଓ ଭଉଣୀଙ୍କ ପ୍ରତି ତାର ବ୍ୟବହାର ଏପରି ଖରାପ ହୋଇଛି ତାହା ଆପଣ ଚେଷ୍ଟା କଲେ ଜାଣି ପାରିବେ । ନିଶ୍ଚିତରୂପେ ଅତୀତରେ ତାର ମନରେ ସେପରି କିଛି ଆଘାତ ଲାଗିଛି ଯେଉଁଥି ପାଇଁ କି ପିଲାଟି ପାଠ ପଢ଼ାରେ ମନ ଦେଉନି ବା ସ୍କୁଲ୍‌କୁ ବି ଯିବାକୁ ଇଚ୍ଛା ପ୍ରକାଶ କରୁନି । ଆପଣଙ୍କୁ ଏ ବିଷୟରେ ତାର ସ୍କୁଲ୍‌ର ସାଙ୍ଗମାନଙ୍କୁ ତଥା ଶିକ୍ଷକମାନଙ୍କୁ ପଚାରିବାକୁ ହେବ । ଟିକେ ଧୈର୍ଯ୍ୟ ରଖି ସକରାତ୍ମକ ମନୋଭାବ ସହ ଅନୁଧ୍ୟାନ କଲେ ଧୀରେ ଧୀରେ ଅସଲ କାରଣଟି ଜଣା ପଡ଼ିବ । ବର୍ତ୍ତମାନ ପରିସ୍ଥିତିରେ ଆପଣଙ୍କ ସ୍ୱାମୀ ପିଲାମାନଙ୍କ ସହିତ ସ୍ନେହଶ୍ରଦ୍ଧାର ଭାବ ରଖି କଥା ହେବା ଦରକାର । ଏଭଳି ପରିବେଶ ସୃଷ୍ଟି କରିବା ଦରକାର ଯଦ୍ୱାରା ସେ ଅନୁଭବ କରିବ ଯେ ବାପାଙ୍କର ବ୍ୟବହାରରେ ପରିବର୍ତ୍ତନ ହୋଇଛି । କୌଣସି ପରିସ୍ଥିତିରେ ବି ତାକୁ ତାର ସାନ ଭଉଣୀ ସହିତ ତୁଳନା କରିବେ ନାହିଁ । ଆପଣଙ୍କର ସଂପର୍କୀୟମାନଙ୍କ ପାଖରେ ତା ବିଷୟରେ କୌଣସି ଆଲୋଚନା କରିବେ ନାହିଁ । ଏହି କ୍ଷେତ୍ରରେ ଆପଣଙ୍କ ଚେଷ୍ଟା ହିଁ ସଫଳତା ଆଣିବ ।

### ସମସ୍ୟା : ୪

**ମୁଁ ବ୍ୟାଙ୍କ୍‌ରେ ମ୍ୟାନେଜର୍ ଅଛି । ମୋ ସ୍ତ୍ରୀ ବି ଗୋଟେ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଅଛନ୍ତି । ମୋ ଝିଅ ଏବେ +୩ ଶେଷ ବର୍ଷରେ ପାଠ ପଢ଼ୁଛି । ଭଲ ପାଠ ପଢ଼ୁଛି । ସେ ଦଶମ ଶ୍ରେଣୀରେ ପାଠ ପଢ଼ିଲା ବେଳେ ଆମ ଘର ପାଖରେ ରହୁଥିବା ଏକ ଯୁବକକୁ ଭଲପାଇ ବନ୍ଧୁତା କଲା । ସେ ପୁଅ ମୋ ଝିଅ ଠାରୁ ବୟସରେ ଆଠ ବର୍ଷ ବଡ଼ । ବେଶୀ ପାଠ ପଢ଼ିନି । ନିଜର ଗୋଟେ ଛୋଟ ବ୍ୟବସାୟ କରିଛି । ଦେଖିବାକୁ ଚେହେରା ସୁନ୍ଦର ଓ ମାର୍ଜିତ କଥାବାର୍ତ୍ତା । ମନଖୁସି କଲା ପରି କଥା କହି ସେ ଝିଅର ମନକୁ କିଣିନେଲା । ସେ ଦୁଇ ଜଣଙ୍କର ସଂପର୍କ ଏତେ ଘନିଷ୍ଠ ହୋଇଗଲା ଯେ ଆମ କଲୋନୀରେ ବେଶ୍ ଚର୍ଚ୍ଚା ହେଲା । ଯେତେ ଯାହା କହିଲେ ବି ଝିଅ ସେ ପିଲା ଠାରୁ ଅଲଗା ହେଲା ନାହିଁ । ଏଣୁ ଦଶମ ଶ୍ରେଣୀ ପାସ୍ କଲା ପରେ +୨ ପଢ଼ିବା ପାଇଁ ମୁଁ ତାକୁ ମୋ ସାନ ଭାଇ ପାଖକୁ ରାୟପୁର ସହରକୁ ପଠାଇ ଦେଲି । ସେଥିରେ ବି କିଛି ଫଳ ହେଲା ନାହିଁ । ସେ ଦୁଇଜଣଙ୍କର ସଂପର୍କ ଆହୁରି ଘନିଷ୍ଠ ହେବାକୁ ଲାଗିଲା । ତେଣୁ ବାଧ୍ୟ ହୋଇ +୨ ପରେ ପୁଣି ତାକୁ ଆମ ପାଖକୁ ନେଇ ଆସିଲି । ଏଇଠି ରହି ସେ +୩ ପଢ଼ିଲା । ସେ ପିଲା ସହିତ ତାର ସଂପର୍କକୁ ନେଇ ଆମ ଘରେ ସବୁବେଳେ ଝଗଡ଼ା ଓ ଅଶାନ୍ତି । ମୋ ସହିତ ସେ ଆଉ କଥା ହେଉନାହିଁ । ମୁଁ ଯାହା କହିଲେ ବି ସେ ନୀରବ । ପଦେ ପଦେ କଥାରେ ତାର ମାଆ ସହିତ ଯୁକ୍ତିତର୍କ । ଏବେ ସେ ଜିଦି କରୁଛି ସେ ପିଲାକୁ ନିଶ୍ଚିତ ରୂପେ ବାହାହେବ । ଏପରି ପରିସ୍ଥିତିରେ ଆମେ କଣ କରିବୁ ?**

**ସୁବ୍ରତ କୁମାର ମହାନ୍ତି,** ବେଦବ୍ୟାସ, ରାଉରକେଲା

### ସମାଧାନର ସୂତ୍ର

ଏପରି ପରିସ୍ଥିତିରେ ଆଦୌ ବିଚଳିତ ନହୋଇ ଥଣ୍ଡା ମୁଣ୍ଡରେ ଧୈର୍ଯ୍ୟ ରଖିବା ହିଁ ବୁଦ୍ଧିମାନର କାମ ହେବ । କାରଣ ଝିଅର ଦୋଷ କାଢ଼ି ଯୁକ୍ତିତର୍କ ଓ ରାଗରୁଷା ହେବାରେ କୌଣସି ସୁଫଳ ମିଳିବ ନାହିଁ ବରଂ କ୍ଷତି ହୋଇପାରେ । ଏଣୁ ବୁଦ୍ଧିମାନର କାମ ହେବ ଯେ ଆପଣ ଘରେ ସେ ବିଷୟରେ ଆଲୋଚନା କରନ୍ତୁ ନାହିଁ । ତାକୁ ଦୋଷ ଦେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରନ୍ତୁ ନାହିଁ । ସେ ଆଉ ଛୋଟ ପିଲା ନୁହେଁ । ସେ ଯାହା ସ୍ଥିର କରିଛି ତାହା ହିଁ କରିବ, ଯେଉଁ ପର୍ଯ୍ୟନ୍ତ ସେ ନିଜେ ଏହାର କୁପରିଣାମ ବିଷୟରେ ନଭାବିଛି, ତା ଉପରେ କୌଣସି ପ୍ରକାରର ଚାପ ଦିଅନ୍ତୁ ନାହିଁ । ବରଂ ତା ସହିତ ହସଖୁସିରେ ମନଖୋଲା କଥା ହୋଇ ତା ମନରେ ଆପଣମାନଙ୍କ ପ୍ରତି ଥିବା ଘୃଣାଭାବକୁ ହ୍ରାସ କରନ୍ତୁ । ଆପଣ ଜନ୍ମ ଦେଇଛନ୍ତି କିନ୍ତୁ ଭାଗ୍ୟ ଦେଇ ନାହାନ୍ତି । ଏହା ଚିରନ୍ତନ ସତ୍ୟ । ଏଣୁ ଯାହା ଘଟୁଛି ସେଥିରେ ବିବ୍ରତ ନହୋଇ ଭଗବାନଙ୍କ ଉପରେ ଭରସା ରଖନ୍ତୁ । ବାପାମାଆ ହିସାବରେ ତା ପ୍ରତି ଆପଣମାନଙ୍କର ସ୍ନେହଶ୍ରଦ୍ଧାକୁ ପ୍ରକାଶ କରନ୍ତୁ । ଆପଣଙ୍କ ଝିଅ ଅନୁଭବ କରିବା ଦରକାର ଯେ ଆପଣମାନେ ତାକୁ ପ୍ରଚୁର ଭାବରେ ଭଲପାଆନ୍ତି । ତା ମନରେ ଆପଣମାନଙ୍କ ପ୍ରତି ଥିବା ଘୃଣାଭାବକୁ ପୁରାପୁରି ଦୂର କରିବା ପାଇଁ ଚେଷ୍ଟା କରନ୍ତୁ । ଟିକେ ସମୟ ଲାଗିପାରେ । କିନ୍ତୁ ଧୈର୍ଯ୍ୟ ହରାନ୍ତୁ ନାହିଁ । କୌଣସି ପରିସ୍ଥିତିରେ ବି ସେ ଯୁବକ ବିରୁଦ୍ଧରେ କିଛି କୁହନ୍ତୁ ନାହିଁ । ଆପଣଙ୍କ ଭିତରେ ପରିବର୍ତ୍ତନ ଦେଖିଲେ ଆପଣଙ୍କ ଝିଅର ମନରେ ବି ପରିବର୍ତ୍ତନ ଆସିପାରେ ।

**ପ୍ରତ୍ୟେକ ପରିବାରରେ କିଛି ନା କିଛି ସମସ୍ୟା ରହିଛି । ପ୍ରତ୍ୟେକ ସମସ୍ୟାର ବି ସମାଧାନ ଅଛି । ଯଦି ଆପଣଙ୍କ ସମସ୍ୟାର ସମାଧାନ ଚାହାନ୍ତି ତେବେ ବିଶଦ ଭାବରେ ସମସ୍ୟା ଲେଖି ଆମକୁ ପଠାନ୍ତୁ । ପରବର୍ତ୍ତୀ ସଂଖ୍ୟାରେ ଆମେ ତାର ସମାଧାନର ସୂତ୍ର ଜଣାଇବୁ । ଫୋନ କରନ୍ତୁ : ୯୪୩୭୦୧୧୦୨୨, ଇ-ମେଲ୍ :rebati.rebati2018@gmail.com**



# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

**ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।**



ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

# ଗର୍ଭବସ୍ଥାରେ ଭ୍ରମଣ




**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

**ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା**
**ଲିଙ୍କ୍ ରୋଡ୍, କଟକ - ୧୨**
**ଫୋନ : ୯୪୩୭୦୫୫୦୦୭**


**ଫଟୋ ସୌଜନ୍ୟ : ଗୁଗୁଲ୍**

ଗର୍ଭାବସ୍ଥା ଏକ ବିପଦ୍ ଜନକ ଅବସ୍ଥା । ଟିକିଏ ଅସାବଧାନ ହେଲେ ମା' ପାଇଁ ଓ ଶିଶୁପାଇଁ ଅନେକ ଗୁଡ଼ିଏ ବିପଦ୍ ଜନକ ପରିସ୍ଥିତି ସୃଷ୍ଟି ହୁଏ । ବିଶେଷ ଭାବରେ ଗର୍ଭାବସ୍ଥାରେ ବେଶୀ ଭ୍ରମଣ କଲେ କେତେକ ଅସୁବିଧା ଦେଖା ଯାଇଥାଏ, ଯଥା - ପ୍ରଥମ ତିନି ମାସରେ ଗର୍ଭପାତ ଠାରୁ ଆରମ୍ଭ କରି ପାଣିଥଳୀ ଫାଟିଯିବା, ସମୟ ଆଗରୁ ଅପରିଣତ ପ୍ରସବ ଓ ଗର୍ଭରେ ଶିଶୁ ମୃତ୍ୟୁ ହେବା ଏବଂ ପ୍ରସବପରେ ଅପରିଣତ ଶିଶୁର ମୃତ୍ୟୁ ଆଦି ହୋଇଥାଏ । ଦିନ ଥିଲା, ଯେତେବେଳେ ଗର୍ଭବତୀ ନାରୀଟିକୁ ଘରୁ ଗୋଡ କାଢ଼ିବାକୁ ମନା କରାଯାଉଥିଲା । ନଈ, ନାଳ ଡେଇଁ ଯିବାଟ' ଦୂରର କଥା, ସେ ଘରର ଏରୁଣ୍ଡି ବନ୍ଧ ଡେଇଁ ମଧ ବାହାରେ ପାଦ ଦେଇ ପାରୁନଥିଲା । ମୋଟ ଉପରେ କହିବାକୁ ଗଲେ ଘରର ଚାରିକାନ୍ଥ ଭିତରେ ସେ ଏକରକମ୍ ବନ୍ଦୀ ଥିଲା, କିନ୍ତୁ ଏବେ ସମୟ ବଦଳି ଯାଇଛି । ପାଶ୍ଚାତ୍ୟ ଦେଶ ସଂଗେ ତାଳ ଦେଇ ଆମ ଦେଶରେ ମଧ ଅନେକ ନାରୀ ସ୍ୱାକ୍ଷର, ସ୍ୱାବଲମ୍ବୀ ଓ କର୍ମଜୀବି ହୋଇ ଜୀବନ ନିର୍ବାହ କରୁଛନ୍ତି । ଫଳରେ ଗର୍ଭଧାରଣ କଲା ମାତ୍ରେ ଭ୍ରମଣ ତାଙ୍କପାଇଁ ଅନିବାର୍ଯ୍ୟ ହୋଇ ପଡିଛି । ନିଜ ପରିବାର ପାଇଁ ହେଉ, କର୍ମକ୍ଷେତ୍ରରେ ହେଉ, କିଛି ଉତ୍ସବ ପାଇଁ ହେଉ ବା' କୌଣସି ଜରୁରୀ ପରିସ୍ଥିତିରେ ହେଉ ତାଙ୍କୁ ଯାତ୍ରା କରିବାକୁ ପଡୁଛି । ଗର୍ଭାବସ୍ଥାରେ ପ୍ରଥମ ୩ ମାସ ଓ ଶେଷ ୩ ମାସ ଭ୍ରମଣ ନକରି ୪ ମାସ ରୁ ୭ ମାସ ଭିତରେ ଭ୍ରମଣ କରିବା ସବୁଠାରୁ ଭଲ । ଗର୍ଭବତୀ ସ୍ତ୍ରୀ ଲୋକଙ୍କ ପାଇଁ ଉଡାଜାହାଜ ଯାତ୍ରା ନିରାପଦ ହୋଇଥାଏ । କାରଣ ବାୟୁଚାପର ହଠାତ୍ ପରିବର୍ତ୍ତନ ହେତୁ ଶିଶୁଧାରଣ କରିଥିବା ଥଳିଟି ଫାଟିଯିବାର ସମ୍ଭାବନା ଥାଏ । ଏହାଛଡ଼ା ଶୀତଦିନେ ଅନେକ ପିକ୍‌ନିକ୍ ଏବଂ କିଛି ଦୂର ଜାଗାକୁ ଓ ଦର୍ଶନୀୟ ସ୍ଥାନକୁ ମଧ ଯିବାପାଇଁ ମନସ୍ଥ କରିଥାନ୍ତି ଏବଂ ପିକ୍‌ନିକ୍ ବା' ଦର୍ଶନୀୟ ସ୍ଥାନ ଭ୍ରମଣ କରିଆସିବା ପରେ ଜଟିଳତା ସୃଷ୍ଟି ହୋଇଯାଏ । ଜରୁରୀ ପରିସ୍ଥିତିରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଙ୍କ ପରାମର୍ଶ ନେଇ ଯାତ୍ରା କରିବା ଭଲ ।



## ବିମାନ ଯାତ୍ରା

ଆଜିକାଲି ଅଧିକାଂଶ ମହିଳାଙ୍କ ହାତରେ ସମୟ କମ୍ ରହୁଥିବାରୁ, ବିଶେଷକରି କର୍ମଜୀବି ମହିଳା, ବିମାନ ପରିଚାରିକା ବା କର୍ମଚାରୀ, ଛୁଟି କଟାଇବା ପାଇଁ ଯାଉଥିବା ମହିଳା ବା କୌଣସି ଆପଦକାଳୀନ ସ୍ଥିତିରେ, ଅନେକେ ଉଡାଜାହାଜ ଯାତ୍ରାକୁହିଁ ପସନ୍ଦ କରିଥା'ନ୍ତି । ତେବେ ଅଳ୍ପ କେତେକ ଅବସ୍ଥାକୁ ଛାଡ଼ିଦେଲେ ମା' ଓ ଶିଶୁ ଉଭୟଙ୍କ ପାଇଁ ଏହି ଯାତ୍ରା ପ୍ରାୟ ନିରାପଦ ।

**ରିସ୍କ୍ ଫେକ୍ଟର ଗୁଡ଼ିକ ହେଲା**

- ଅତିରିକ୍ତ ରକ୍ତହୀନତା
- ସିକଲ୍‌ସେଲ୍ ରକ୍ତହୀନତା
- ଡିପ୍ ଭେନ୍ ଥ୍ରମ୍ବୋସିସ୍
- ଗର୍ଭଫୁଲ ଇନ୍‌ସଫିସିଏନ୍ସି ବା ଗର୍ଭଫୁଲ ଦେଇ ଶିଶୁ ଦେହକୁ କମ୍ ରକ୍ତ ସଂଚାଳନ ହେବା ।
- ଗର୍ଭାବସ୍ଥାରେ ରକ୍ତହୀନତା ରୋଗ
- ଉଚ୍ଚ ରକ୍ତଚାପ

ବିମାନ ଯାତ୍ରା ସମୟରେ ରକ୍ତରେ ଅମ୍ଳଜାନ କମିଯିବା ତଥା ବାୟୁରେ ଓଜନ ବଢିଯିବାର ଅସୁବିଧା ଥାଏ । ତେବେ ଆଜିକାଲି ଏୟାର୍‌କ୍ରାଫ୍ଟ କୁ ଏମିତି ପ୍ରେସରାଇଜଡ୍ ଭାବରେ ତିଆରି କରି କମ୍ପ୍ରେସର୍ ଲଗାଯାଉଛି, ଯେମିତି ଏଥିରେ କିଛି ଅସୁବିଧା ହେବ ନାହିଁ । ଏହାଛଡ଼ା ଅତିରିକ୍ତ ଉଚ୍ଚତାରେ ଉଡୁଥିବା ବିମାନରେ କସ୍‌ମିକ୍ ରେଡିଏସନ୍ ହେବାର ଭୟ ଅଛି । ବେଳେ ବେଳେ ବେଶୀଥର ବିମାନ ଯାତ୍ରାକଲେ ଗର୍ଭନଷ୍ଟ, ଗର୍ଭ ଭିତରେ ଶିଶୁ ମୃତ୍ୟୁ ତଥା ବିକଳାଙ୍ଗ ଓ ସ୍ୱଳ୍ପ ଓଜନର ଶିଶୁ ହେବାର ଭୟ ଅଛି । ବାରମ୍ବାର ବିମାନଯାତ୍ରା କରୁଥିବା ଗର୍ଭବତୀ ମହିଳା ମାନେ 'ଡିପ୍‌ଭେନ୍‌ଥ୍ରମ୍ବୋସିସ୍' ରୋଗରେ ଆକ୍ରାନ୍ତ ହୋଇପାରନ୍ତି । ଯେଉଁ ମାନଙ୍କର ଆଗରୁ ଡି.ଭି.ଟି. ହୋଇଥିବ ବା ବଂଶଗତ ଥିବ କିମ୍ବା ମୋଟା ହୋଇଥିବେ ତେବେ ସେମାନେ ବେଶୀ ପରିମାଣରେ ଏହି ରୋଗରେ ଆକ୍ରାନ୍ତ ହୋଇଥା'ନ୍ତି ।

## ପ୍ରତିଷେଧକ ବ୍ୟବସ୍ଥା

ବିମାନରେ ଦୂର ଯାତ୍ରା କରୁଥିବା ସମୟରେ, ଗୋଡରେ ମୋଜା ବା ଷ୍ଟକିଂ ପିନ୍ଧିବା ଜରୁରୀ । ଏହାଛଡ଼ା ଗୋଡ ହଲାହଲି ବା ପାଦରେ କିଛି ସମୟ ଚାଲିବା ଜରୁରୀ । ଏହି ସମୟରେ ପ୍ରଚୁର ପାଣି ପିଇବା ଉଚିତ୍ ।

## ସଂକ୍ରମଣ ରୋଗ

ଯଦି ପାଖ ସିଟ୍‌ରେ ସଂକ୍ରମିତ ବ୍ୟକ୍ତି ବସିଥାନ୍ତି ତେବେ ରୋଗ ହେବାର ଆଶଙ୍କା ଥାଏ । ଏହାଛଡ଼ା ମ୍ୟାଲେରିଆ ପ୍ରବଣ ସ୍ଥାନକୁ ଯିବା ପୂର୍ବରୁ ମ୍ୟାଲେରିଆ ନହେବା ପାଇଁ ଔଷଧ ଖାଇବା ଜରୁରୀ ।

## ଟ୍ରାଭଲର୍ସ ଡାଇରିଆ
ବାହାରୁ ସଂକ୍ରମିତ ଖାଦ୍ୟ ଖାଇଲେ ଗର୍ଭବତୀ ନାରୀଙ୍କୁ ଝାଡ଼ା ହୋଇଥାଏ । ତେଣୁ ଭଲ ଭାବରେ ରନ୍ଧା ହୋଇଥିବା ଖାଦ୍ୟ ଓ ବିଶୁଦ୍ଧ ପାଣି ପିଇବା ଉଚିତ୍ । ଏହାଛଡ଼ା ପ୍ରଚୁର ପାଣି ଓ ଓ.ଆର୍.ଏସ୍. ପାଣି ପିଇବା ଭଲ । ସାଧାରଣତଃ ବିମାନଯାତ୍ରାରେ ଆଗରୁ ସଂରକ୍ଷିତ ଥିବା ଖାଦ୍ୟ ଓ ଟିଣରେ ଥିବା ଖାଦ୍ୟ (ଟିନଡ୍ ଫୁଡ୍) ଖାଇବା ଉଚିତ୍ ନୁହେଁ ।

## ଜେଟ୍ ଲ୍ୟାଗ୍
ଅନେକ ସମୟଧରି ବିମାନରେ ଦୂରଯାତ୍ରା କଲେ ଜେଟ୍‌ଲ୍ୟାଗ୍ ହୋଇଥାଏ । ଏହାଦ୍ୱାରା ଅନିଦ୍ରା ଦୋଷ, ଅଳସୁଆମୀ, ଚିଡିଚିଡା ଭାବ, ବଦହଜମୀ ଆଦି ହୋଇଥାଏ । କେତେ ଗୁଡିଏ ଜଟିଳ ପରିସ୍ଥିତିରେ ବିମାନରେ ଯାତ୍ରା କରିବା ଉଚିତ୍ ନୁହେଁ । ଯଥା :

- ଗର୍ଭାବସ୍ଥାରେ ଜଟିଳତା ଥିଲେ ।
- ଗର୍ଭାବସ୍ଥାର ୩୬ ସପ୍ତାହପରେ ।
- ଜାଆଁଳା ଗର୍ଭରେ ୩୨ ସପ୍ତାହ ପରେ ଯାତ୍ରା ।
- ଗର୍ଭାବସ୍ଥାର ପ୍ରଥମ ୩ ମାସ ମଧ୍ୟରେ ଯାତ୍ରା ।

## ନିରାପଦ ସମୟ
ଗର୍ଭବସ୍ଥାର ମଝି ୩ମାସ ବା ୧୪ ରୁ ୨୭ ସପ୍ତାହ ମଧ୍ୟରେ ଦୂରଯାତ୍ରା କରିବା ନିରାପଦ । ପ୍ରଥମ ୩ ମାସରେ ଗର୍ଭନଷ୍ଟ ର ଭୟ ଥାଏ ଏବଂ ଶେଷ ୩ ମାସ ରେ ଅପରିଣତ ପ୍ରସବର ଡରଥାଏ । ଏହାଛଡ଼ା ଅନେକ ବିମାନରେ ଗର୍ଭବତୀ ନାରୀଙ୍କର ସମ୍ଭାବ୍ୟ ତାରିଖର ୧ ମାସ ମଧ୍ୟରେ ଯାତ୍ରାକରିବାକୁ ଦିଅନ୍ତି ନାହିଁ । ଏଥିପାଇଁ ପ୍ରସୂତି ବିଶେଷଜ୍ଞଙ୍କର ସାର୍ଟିଫିକେଟ୍ ଦରକାର ।

**ବିମାନଯାତ୍ରା ସମୟରେ ସତର୍କତା**

୧. ଏ ସମୟରେ ପ୍ରଚୁର ପାଣି ପିଇବା ଉଚିତ୍ ।
୨. ଚା' ଓ କଫି ପିଇବା ଉଚିତ୍ ନୁହେଁ ।
୩. ବସିବା ସ୍ଥାନରେ ଗୋଡ଼ ରଖିବା ପାଇଁ ତଥା ମଝିରେ ମଝିରେ ଉଠି ଚାଲିବା ପାଇଁ ପ୍ରଚୁର ସ୍ଥାନ ଥିବା ଜରୁରୀ ।
୪. ପେଟ ତଳକୁ ସିଟ୍‌ବେଲ୍ଟ ବାନ୍ଧିବା ଜରୁରୀ ।
୫. ବନ୍ଧାକୋବି, ବିନ୍ ଓ ମୃଦୁପାନୀୟ ଖାଇବା ଉଚିତ୍ ନୁହେଁ ।
୬. ଏ ସମୟରେ ନରମ ଓ ଆରାମଦାୟକ ଜୋତା ପିନ୍ଧିବା ଜରୁରୀ ।
୭. ବାନ୍ତି, ଝାଡା, ମୁଣ୍ଡପିନ୍ଧା ଓ ଅନ୍ୟରୋଗ ପାଇଁ ପାଖରେ ଔଷଧ ରଖିଥିବା ଜରୁରୀ ।

## କାର୍‌ଯାତ୍ରା
କାର୍‌ଯାତ୍ରା ସମୟରେ ସିଟ୍‌ବେଲ୍ଟ ବାନ୍ଧି ଯିବା ଉଚିତ୍ । ଏକ ସଙ୍ଗରେ ଅନେକ ସମୟ ଧରି କାର୍‌ରେ ନଯାଇ, ୬ଘଣ୍ଟା ପରେ ଟିକେ ବିଶ୍ରାମ ନେବା ଉଚିତ୍ । ଖାଲ ଢିପ ରାସ୍ତାରେ ବେଶୀ ଦୂରଯାତ୍ରା ବିପଦ୍‌ଜନକ ।

## ଟ୍ରେନ୍‌ଯାତ୍ରା
ସବୁଠାରୁ ନିରାପଦ, କାରଣ ଏହା ଶିଶୁ ପାଇଁ ମଧ୍ୟ ନିରାପଦ ।





## ମୋଟର୍ ସାଇକେଲ୍ ଯାତ୍ରା
ଏହା ଆଦୌ ନିରାପଦ ନୁହେଁ । ତେଣୁ ସବୁ ଅବସ୍ଥାରେ ଏହାକୁ ଏଡାଇ ଦେବା ଉଚିତ୍ ।

## ଜାହାଜ ଯାତ୍ରା
ଆଜିକାଲି ଏ ଯାତ୍ରା ସୀମିତ ହୋଇଗଲାଣି । ତେବେ ପ୍ଲେଜର୍ ଟ୍ରିପ୍ ପାଇଁ ଅଳ୍ପ ସମୟ ଯାତ୍ରା କଲେ ଚଳିବ ।

**କେଉଁମାନଙ୍କ ପାଇଁ ଯାତ୍ରା ନିରାପଦ ନୁହେଁ :**

୧. ବାରମ୍ୱାର ଗର୍ଭପାତ ହେଉଥିଲେ (ରେକରେଣ୍ଟ ମିସ୍ କେରେଜ୍)
୨. ଜରାୟୁଗ୍ରୀବା ଢିଲା ଥିଲେ (ଇନ୍‌କମ୍ପିଟେଣ୍ଟ ସର୍ଭିକ୍ସ)
୩. ଆଗରୁ ଅପରିଣତ ପ୍ରସବ ହେଉଥିଲେ
୪. ଗର୍ଭାବସ୍ଥାରେ ରକ୍ତସ୍ରାବ ହେଉଥିଲେ
୫. ଯାଆଁଳା ଗର୍ଭଥିଲେ
୬. ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ, ମଧୁମେହ ରୋଗ ଥିଲେ
୭. ୧୫ ବର୍ଷରୁ କମ୍ ବୟସର ବା ୩୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସର ପ୍ରଥମଗର୍ଭା
୮. ଶ୍ୱାସ ରୋଗୀ ବା ହୃଦ୍‌ରୋଗୀ
୯. ଅତିରିକ୍ତ ରକ୍ତହୀନତା

**ପର୍ଯ୍ୟଟନ ପାଇଁ ମନସ୍ଥ କରିଥିଲେ କେତୋଟି ବିଷୟଗୁଡ଼ିକ ଉପରେ ଧ୍ୟାନ ଦେବା ଉଚିତ୍ ।**

- ଆରାମଦାୟକ ଓ ଢିଲା ବସ୍ତ୍ର ପିନ୍ଧିବା ।
- ଜଳ ହୀନତା ଦୂର କରିବା ପାଇଁ ପ୍ରଚୁର ପରିମାଣରେ ପାଣି ପିଇବା ଉଚିତ୍ ।
- ରକ୍ତ ସଂଚାଳନ ବଜାୟ ରଖିବା ପାଇଁ ଏବଂ ପାଦ ଓ ଗୋଡ ଗୁଡ଼ିକ ନ ଫୁଲିବା ପାଇଁ ପ୍ରତି ଘଣ୍ଟେ ବା ଦୁଇ ଘଣ୍ଟାରେ ଥରେ ଚଲାବୁଲା କରିବା ।
- ଯାତ୍ରା ସମୟରେ ଖାଦ୍ୟ ଓ ପାନୀୟ ପାଇଁ ସମ୍ପୂର୍ଣ୍ଣ ସତର୍କ ରହିବା ଉଚିତ୍ କାରଣ ଟିକିଏ ଅସାବଧାନ ହେଲେ ପତଳା ଝାଡା, ହେପାଟାଇଟିସ୍ ଏବଂ ଅନ୍ୟ ଭୁତାଣୁ ଓ ଜୀବଣୁ ଜନିତ ରୋଗ ସଂକ୍ରମଣ ହୋଇପାରେ ।
- ବିରକ୍ତି ଭାବ ଦୂର କରିବା ପାଇଁ ଶୁଖିଲା ବିସ୍କୁଟ ସାଥୀରେ ନେବେ ।
- କାର୍ ରେ ଭ୍ରମଣ କଲାବେଳେ ସିଟ୍ ବେଲ୍ଟ ପିନ୍ଧିବା ଉଚିତ୍ ।
- ବସ୍ ବା କାର ଯାତ୍ରା ଅପେକ୍ଷା ରେଲ ଯାତ୍ରା ଭଲ ।
- ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ ଭ୍ରମଣ କରିବାକୁ ହେଲେ ଡ଼ାକ୍ତରଙ୍କ ପରାମର୍ଶ ।

ଅନୁଯାୟୀ ଔଷଧ ଖାଇବା ଓ ନିୟମ ମାନ ମାନିବା ଆବଶ୍ୟକ । ଗର୍ଭାବସ୍ଥାରେ ବର୍ଦ୍ଧିତ ଶିଶୁ ପାଇଁ ଜରାୟୁ ବଢିଯାଇଥାଏ, ଫଳରେ ସେଣ୍ଟର ଅଫ୍ ଗ୍ରାଭିଟିରେ ପରିବର୍ତ୍ତନ ଆସିଥାଏ ଏବଂ ଗର୍ଭବତୀ ମହିଳାଙ୍କର ବସିବା ଏବଂ ଠିଆହେବା ଭଙ୍ଗିରେ ପରିବର୍ତ୍ତନ ଆସିଥାଏ ।

ଏହାଛଡ଼ା ଯେକୌଣସି ଯାତ୍ରାରେ ଦୁର୍ଘଟଣାର ଭୟ ଥିବାରୁ, ଗର୍ଭବତୀ ମହିଳାମାନେ ସତର୍କତାର ସହ ଭ୍ରମଣ କରିବା ଉଚିତ୍ । ପ୍ରତ୍ୟେକ ଗର୍ଭବତୀ ମହିଳା ଯାତ୍ରାକରିବା ପୂର୍ବରୁ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ ଏବଂ ଅତିରିକ୍ତ ଜରୁରୀ ନଥିଲେ ପ୍ରସବ ପରବର୍ତ୍ତୀ ସମୟ ଯାଏଁ ଯାତ୍ରା ସ୍ଥଗିତ ରଖିବା ଉଚିତ୍ ।

# ଉତ୍ତର ଓଡ଼ିଶାର ଖାଦ୍ୟ



ଲେଖିକା : ନିରୁପମା ବେହେରା

# ଦୁଇଟି ବ୍ୟଞ୍ଜନ




## ନିରୁପମା ବେହେରା(ଜୁଲି)

ଫଟୋ ସୌଜନ୍ୟ : ଲେଖିକା




## ଦଳା ଖିଚୁଡ଼ି

**ଆବଶ୍ୟକୀୟ ସାମଗ୍ରୀ:** ୨୫୦ ଗ୍ରାମ ଅରୁଆ, ୨୦୦ ଗ୍ରାମ ଚୋପା ଲଗା କଞ୍ଚା ମୁଗ, ଜିରା, ଭୃସୁଙ୍ଗା ପତ୍ର, ୧ଟି ତେଜ ପତ୍ର, ଛୋଟ ଖଣ୍ଡେ ଡାଲଚିନି, ୨ଟି ଗୁଜୁରାତି, ଗୁଆଘିଅ ୨ ଟେବୁଲ ଚାମଚ, ୨ ଚାମଚ ଚିନି, ସ୍ୱାଦ ଅନୁସାରେ ଲୁଣ, ହଳଦୀଗୁଣ୍ଡ ଓ ପାଣି

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଚୋପା ଲଗା ମୁଗ ଆଉ ଅରୁଆ ଚାଉଳକୁ ଭଲ ଭାବେ ଧୋଇ, ଛାଣି ସେଥିରେ ହଳଦୀ ଓ ୧ ଚାମଚ ଗୁଆ ଘିଅ ପକେଇ ଭଲ ଭାବେ ଗୋଳେଇ ଗୋଟେ ଥାଳିରେ ୧୫/୨୦ ମିନିଟ୍ ରଖି ଦିଅନ୍ତୁ । ଏଥର ଚୁଲିରେ ପ୍ରେସର କୁକୁର୍ ବସେଇ ୨ଚାମଚ ଘିଅ ପକାନ୍ତୁ, ଘିଅରେ ଅଳ୍ପ ଜିରା, ଗୋଟେ କଞ୍ଚାଲଙ୍କା, ଛୋଟ ଖଣ୍ଡେ ଅଦା ଛେଚି ପକାନ୍ତୁ, ଗୋଟେ ତେଜପତ୍ର କିଛି ଭୃସୁଙ୍ଗା ପତ୍ର, ଖଣ୍ଡେ ଡାଲ୍‌ଚିନି ଆଉ ଗୁଜୁରାତି ଛେଚିକି ପକାନ୍ତୁ, ଏଥିରେ ୫୦୦ ମିଲିଲିଟର ପାଣି ଦିଅନ୍ତୁ । ସେଥିରେ ହଳଦୀ, ଚିନି ଓ ଲୁଣ ପକେଇ ଗୋଳେଇ ଦିଅନ୍ତୁ । ପାଣି ଫୁଟିଲେ ସେଥିରେ ଗୋଳା ହେଇ ରଖା ହେଇଥିବା ମୁଗ ଚାଉଳକୁ ପକାନ୍ତୁ, ଗୋଳେଇ ଦେଇ ପ୍ରେସର୍‌ର ଘୋଡ଼ଣି ଦେଇ ଦିଅନ୍ତୁ । ଗୋଟିଏ ସିଟି ପରେ ବନ୍ଦ କରନ୍ତୁ ଗ୍ୟାସ୍‌ର ଆଞ୍ଚ । ୨/୩ ମିନିଟ୍ ପରେ ଘୋଡ଼ଣି ଖୋଲି ଗରମ ଗରମ ପରଷନ୍ତୁ ଦଳା ଖିଚୁଡ଼ି ।

## ସାରୁ ମାଗୁରା

**ଆବଶ୍ୟକୀୟ ସାମଗ୍ରୀ:**

୬ଟି ସାରୁ ପତ୍ର, ୨୫୦ ଗ୍ରାମ ବିରି, ପଞ୍ଚଫୁଟଣ, କଞ୍ଚା ଲଙ୍କା ୨ଟି, ଜିରା, ଲଙ୍କା ଗୁଣ୍ଡ, ଶୁଖିଲା ଲଙ୍କା, ଭୃସୁଙ୍ଗା ପତ୍ର, ୨ଟି ଆମ୍ବୁଲ, ଧନିଆ ପତ୍ର, ହଳଦୀ ଗୁଣ୍ଡ, ସୋରିଷ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ ।

**ମସଲା ପାଇଁ:**

ସୋରିଷ ୨ଚାମଚ, ୧ ଚାମଚ ପୋସ୍ତ, ଜିରା ୧ ଚାମଚ, ୨ଟା ଶୁଖିଲା ଲଙ୍କା, ରସୁଣ ୧୦/୧୨ କୋଲାକୁ ଏକାଠି ବାଟି ରଖନ୍ତୁ ।

**ପ୍ରସ୍ତୁତି ପ୍ରଣାଳୀ:**

ବିରିକୁ ଦୁଇଘଣ୍ଟା ବତୁରେଇ ରଖନ୍ତୁ, ୨ ଘଣ୍ଟା ପରେ ବିରିକୁ କାଠୁଆ ବାଟି ସେଥିରେ ଲଙ୍କା ଗୁଣ୍ଡ ଆଉ ସ୍ୱାଦ ଅନୁସାରେ ଲୁଣ ଦେଇ ଗୋଳେଇ ଦିଅନ୍ତୁ, ସାରୁ ପତ୍ର ଗୁଡ଼ିକୁ ଡେମ୍ଫ ଛିଣ୍ଡେଇ ଭଲ ଭାବେ ଧୋଇ ରଖନ୍ତୁ ।

ଏଥର ଗୋଟିଏ ପତ୍ରରେ ବଟା ବିରିକୁ ବହଳିଆ କରି ଗୋଟେ ପରସ୍ତ ବୋଳି ଦିଅନ୍ତୁ ଏହା ଉପରେ ଆଉ ଏକ ସାରୁପତ୍ର ରଖନ୍ତୁ, ଏଥିରେ ମଧ୍ୟ ବିରି ବଟା ପୂର୍ବ ପ୍ରକାରେ ଦିଅନ୍ତୁ ଏବଂ ତା ଉପରେ ଆଉ ଏକ ପତ୍ର ଦିଅନ୍ତୁ- ସେ ପତ୍ରରେ ମଧ୍ୟ ବିରି ବଟା ଗୋଟେ ପରସ୍ତ ଦିଅନ୍ତୁ ଏବଂ ଏଇ ପତ୍ର ସମୁହକୁ ଗୋଟେ ରୋଲ ଆକାରରେ ଗୁଡ଼େଇ ଦିଅନ୍ତୁ, ଗୋଟିଏ ରୋଲ ପ୍ରସ୍ତୁତ ହେଇଗଲା, ଏବେ ଠିକ ଏହିପରି ଆଉ ୩ଟି ପତ୍ରରେ ଆଉ ଗୋଟେ ରୋଲ ପ୍ରସ୍ତୁତ କରନ୍ତୁ ।

ଏହି ରୋଲ୍ ଦୁଇଟିକୁ ଇଟିଲି ଛାଞ୍ଚରେ ୧୫ମିନିଟ୍ ଯାଏଁ ସିଝାନ୍ତୁ । ଏହାକୁ କାଢ଼ି ଥଣ୍ଡା କରି ମାଛ ପରି ଚକା ଚକା କାଟି ଦିଅନ୍ତୁ । ଏଥର ଚୁଲିରେ କଡ଼େଇ ବସେଇ ତେଲ ପକାନ୍ତୁ, ଗରମ ତେଲରେ ଛୋଟ ଛୋଟ ସାରୁପତ୍ର ପିସ୍‌ଗୁଡ଼ିକ ଭାଜି ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ ।

ଏବେ କଡ଼େଇରେ ୩/୪ ଟେବୁଲ ସ୍ପୁନ୍ ସୋରିଷ ତେଲ ପକାନ୍ତୁ, ପଞ୍ଚଫୁଟଣ, ଭୃସୁଙ୍ଗା ପତ୍ର, ୧ଟି ଶୁଖିଲା ଲଙ୍କା, ୨ଟି କଞ୍ଚା ଲଙ୍କା ପକେଇ ସେଥିରେ ଆଗରୁ ବଟା ହୋଇ ରହିଥିବା ସୋରିଷ ମସଲା ଢାଳି ଦିଅନ୍ତୁ ଲୁଣ ଓ ହଳଦୀ ପକାନ୍ତୁ, ୨ଟି ଟମାଟୋ ଛୋଟ ଛୋଟ କାଟି ପକେଇ କଷନ୍ତୁ । କଷିହେଲେ ଗ୍ରେଭି ଅନୁସାରେ ପାଣି ଦିଅନ୍ତୁ, ପାଣି ଫୁଟିଲେ ଦୁଇଟି ଛୋଟ ଆମ୍ବୁଲ ପକେଇ ଦିଅନ୍ତୁ ଏବଂ ଭଜା ସାରୁ ମାଗୁରା ପକେଇ ୨/୩ ମିନିଟ୍ ଫୁଟାନ୍ତୁ, ଚୁଲିର ଆଞ୍ଚ ବନ୍ଦ କରି ଧନିଆ ପତ୍ର ଦେଇ ଗରମ ଗରମ ପରଷନ୍ତୁ ସାରୁ ମାଗୁରା ।




ଏଲ.ଆଇ.ସି. କ୍ୱାର୍ଟର, ମଣ୍ଡୁଆ, କେନ୍ଦୁଝର

ଫୋନ:୯୪୩୮୩୪୪୬୫୬



# ଉପକାରୀ କଲରା

ଲତାଗୁଳ୍ମ ଓ ଦ୍ରୁମ-ମହାଦ୍ରୁମ କ୍ଷେତ୍ରରେ ବିଶେଷ ଗବେଷଣା କରି ସୁନାମ ଅର୍ଜନ କରିଥିବା ଏବଂ 'ଦ୍ରୁମ-ମହାଦ୍ରୁମ' ପୁସ୍ତକର ସ୍ରଷ୍ଟା ଦେବଯାନୀ ଦାସ 'ରେବତୀ'ର ବାଡ଼ିବଗିଚା ବିଭାଗରେ ଆପଣମାନଙ୍କୁ ବାଢ଼ିଦିଅନ୍ତି ପନିପରିବାର ଉପକାରୀ ଗୁଣ ଓ ତହିଁରୁ ପ୍ରସ୍ତୁତ ବ୍ୟଞ୍ଜନର ବାଟ ।





# କଲରାର ଉପକାରିତା



**ଦେବଯାନୀ ଦାସ**

ଫଟୋ ସୌଜନ୍ୟ : ଲେଖିକା

ସାଧାରଣତଃ ତିନି ପ୍ରକାର କଲରା ମିଳେ । ବଡ଼ କଲରାକୁ ସଲରା, ମଧ୍ୟମ ଆକାରର କଲରାକୁ କଲରା ଓ ଅତି ଛୋଟ କଲରାକୁ ଠୁସି କଲରା କୁହାଯାଏ । ସବୁ ଜାତୀୟ କଲରାର ଦ୍ରବ୍ୟ ଗୁଣ ସମାନ ।

ଏବେ ଲୋକମାନଙ୍କ ମଧ୍ୟରେ ଡାଏବେଟିସର ପ୍ରାର୍ଦୁଭାବ ଦେଖାଦେଇଥିବା ବେଳେ କଲରାର ଚାହିଦା ମାତ୍ରାଧିକ ବୃଦ୍ଧି ପାଇଛି । WHO ଏବେ ଆକଳନ କରିଛି ଯେ ୩୮୨ ମିଲିଅନ ଲୋକଙ୍କ ସଂଖ୍ୟା ଠାରୁ ବି ଅଧିକ ଲୋକ ଡାଏବେଟିସ୍‌ରେ ଆକ୍ରାନ୍ତ । କଲରାରେ ବୃକ୍ଷ ଇନ୍‌ସୁଲିନ୍ ନାମ ଏକ ପ୍ରକାର ପ୍ରାକୃତିକ ଇନ୍‌ସୁଲିନ୍ ଥାଏ ଯାହାକି ରକ୍ତ ଓ ମୂତ୍ରର ଶର୍କରା ଭାଗ କମାଇଥାଏ ।

କେବଳ ଇନସୁଲିନ୍ ପାଇଁ କଲରାର ପୋଷକତତ୍ତ୍ୱ ଅନେକ ଅନେକ ଉପଯୋଗୀ ହୋଇଥାଏ ଆମ ଶରୀର ପାଇଁ କଲରା ଏକ ଲତା ଜାତୀୟ ଗଛ ଯାହାର ସର୍ବାଙ୍ଗ ପିତା ।

ଏହାର ବଟାନିକାଲ ନାମ ହେଉଛି ମୋମରଡିକା ଚାରାନ୍‌ସିଆ, ଇଂରାଜୀରେ ଏହା ବିଟର ଗୋଡ଼ ବା ବିଟର ମେଲନ୍ ବୋଲି କୁହାଯାଏ । ତେଲଗୁରେ କାକରାକାୟା, ତାମିଲରେ ପାଉକାଇ, ମାଲାୟାଲମରେ ଘାଉକାଇ, କନ୍ନଡ଼ରେ ହଗଲକାଇ, ଗୁଜରାଟୀରେ କରେଲା, ମରାଠୀରେ କାର୍‌ଲେ ଏବଂ ବଙ୍ଗଳାରେ କରୋଲା କୁହାଯାଏ ।

ଏହାର ଜୁସ୍ ବାହାର କରି ଖିଆଯାଏ । ସାଧାରଣତଃ ତରକାରୀରେ ବ୍ୟବହୃତ ହୁଏ, ଆଚାର ମଧ୍ୟ କରାଯାଏ ।

ଦ୍ରବ୍ୟଗୁଣ ହେଉଛି- କଲରାରେ ଜଳୀୟ ଅଂଶ ୯୨.୪ଭାଗ, ପୁଷ୍ଟିସାର ୧.୬ ଭାଗ, ତୈଳ ୦.୨ ଭାଗ, ଖଣିଜ ପଦାର୍ଥ ୦.୮ ଭାଗ, ତନ୍ତୁ ୦.୮ଭାଗ ଓ ଶ୍ୱେତସାର ୪.୨ଭାଗ ଥାଏ । ୧୦୦ଗ୍ରାମ କଲରାର ୨୦ମି.ଗ୍ରା. ଚୂନ, ୭୦ ମି.ଗ୍ରା. ଗନ୍ଧକ, ୧.୮ ମି.ଗ୍ରା. ଲୌହ ଓ ୮୮ ମିଗ୍ରା. ଜୀବସାର ଥାଏ । ୧୦୦ ଗ୍ରା.କଲରା ପ୍ରାୟ ୨୫ କ୍ୟାଲୋରୀ ଶକ୍ତିଦିଏ ।

କେବଳ ଡାଏବେଟିସ ରୋଗୀଙ୍କ ପାଇଁ ନୁହେଁ ଛୋଟବଡ଼ ସମସ୍ତଙ୍କ ପାଇଁ କଲରାର ଉପଯୋଗିତା ଅନେକ ।

– ଏହାର ପତ୍ରକୁ ବାଟି ତା ସହ କିଛି ତୁଳସୀ ପତ୍ର ଓ ମହୁ ସହ ସକାଳ ଖାଲି ପେଟରେ ଖାଇଲେ ଆସ୍‌ଥମା, ଥଣ୍ଡା, କାଶ, ସମସ୍ୟା ଦୂର ହୋଇଥାଏ ।

– ଲଗାତର ଗୋଟେ ସପ୍ତାହ କଲରା ରସ ଗୋଟେ ଗ୍ଲାସ ଲେଖା ପିଇଲେ ଲିଭର ସମସ୍ୟା ଦୂର ହୋଇଥାଏ ।

– କଲରା ପତ୍ର ରସ ବା ସିଝା ପାଣିକୁ ପିଇଲେ ଏହା ସଂକ୍ରମଣ ବିରୁଦ୍ଧରେ କାମ କରିଥାଏ ତଥା ରୋଗ ପ୍ରତିରୋଧକାରୀ ଶକ୍ତି ବଢ଼େଇଥାଏ ।

– ରକ୍ତ ଦୂଷିତ ତଥା ବିବିଧ ସଂକ୍ରମଣ ଜନିତ ରୋଗ ଯଥା ବଥ, ବ୍ରଣ, କାଛୁ, କୁଣ୍ଡିଆ, ସୋରିଆସିସ୍, ଯାଦୁ ଇତ୍ୟାଦି ଚର୍ମଯୋଗକୁ ଭଲ କରିବାରେ ସାହାଯ୍ୟ କରେ 'କଲରା' । ଏହା ଏକ ଭଲ ରକ୍ତଶୋଧକ ଅଟେ ।

– କଲରା ରସ ସହିତ ଅଳ୍ପ ଲେମ୍ବୁରସ ମିଶେଇ ଛଅମାସ ଯାଏଁ ଖାଲି ପେଟରେ ଖାଇଲେ ବୟସ ବୃଦ୍ଧି କରିବାର କାରକକୁ ରୋକିବାରେ ସାହାଯ୍ୟ





କରିଥାଏ ।

- କଲରାରେ ଫାଇବର ଥିବାରୁ ହଜମକ୍ରିୟାରେ ସାହାଯ୍ୟ କରି କୋଷ୍ଠକାଠିନ୍ୟ ଦୂର କରିବାରେ ସାହାଯ୍ୟ କରିଥାଏ ।

- ହୃଦୟ ସମ୍ବନ୍ଧୀୟ ରୋଗ ପାଇଁ କଲରା ବିଭିନ୍ନ ଭାବରେ ସହାୟ ହୋଇଥାଏ । କ୍ଷତିକାରକ କୋଲେଷ୍ଟରଲ୍ ଲେବଲକୁ କମାଇ ହୃତ୍‌ଘାତର ଆଶଙ୍କା କମାଇଥାଏ ।

- କୋଷର ବହୁ ବିଭାଜନକୁ ନିୟନ୍ତ୍ରିତ କରାଇ କଲରା କ୍ୟାନ୍ସର ଚିକିତ୍ସା ସମୟରେ ସାହାଯ୍ୟ କରିଥାଏ ।

- କଲରାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆମର ପାଚନ କ୍ରିୟାକୁ ଠିକ୍ କରି ଅତ୍ୟଧିକ ଓଜନ ହ୍ରାସରେ ସାହାଯ୍ୟ କରେ ।

- ପ୍ରତିଦିନ କଲରା ରସ ପିଇଲେ ଶରୀରକୁ ପ୍ରାକୃତିକ ଶକ୍ତି ମିଳିଥାଏ ତଥା ନିଦ୍ରା ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

- ମୁଣ୍ଡରେ ବାଳ ପାଇଁ କଲରା ଭାରି ଉପଯୋଗୀ । ବାଳକୁ ସୁସ୍ଥ ସୁନ୍ଦର, ରୁପି ମୁକ୍ତ କରିବାରେ କଲରା ରସ ସାହାଯ୍ୟ କରେ । ଦୋମୁହାଁ ବାଳ, ଶୁଖିଲା ଓ କୁଣ୍ଡେଇ ହେଉଥିବା ମୁଣ୍ଡରେ କଷ୍ଟକୁ କଲରା ଉପଶମ କରିଥାଏ ।

ସତେଜ କଲରାକୁ କାଟି ମୁଣ୍ଡରେ ଚୁଟି ଭିତରେ ଗୋଳେଇ ଆକାରରେ ଘଷିବେ ଏବଂ କୁଣ୍ଡେଇ ହେଉଥିବା ତାଳୁକା ପାଇଁ କଲରା ରସରେ ଆଭୋକାଡ଼ୋ କିମ୍ବା କଦଳୀ ମିଶାଇ ଗୋଟେ ପ୍ୟାକ୍ ପ୍ରସ୍ତୁତ କରି ସପ୍ତାହରେ ଥରେ ତାଳୁରେ ଲଗାଇଲେ ଆରାମ ମିଳିବ ।

ଯଦିଓ ଏହାର ରସରେ ବିଭିନ୍ନ ଉପକାରିତା ରହିଛି ମାତ୍ର ଏହା ଅଳ୍ପ ପରିମାଣରେ ପ୍ରତ୍ୟେକ ଦିନ ପିଇବା ଉଚିତ । ବେଶୀ ପିଇଲେ ଏହା ବାନ୍ତି କିମ୍ବା ପେଟ ଯନ୍ତ୍ରଣା କରାଇପାରେ । ଗର୍ଭବତୀ ମହିଳା କଲରା ରସ ସେବନ କରିବା ଉଚିତ ନୁହେଁ ।

- ନିୟମିତ ଦିନକୁ ଥରେ ୨ ଚାମଚ କଲରାପତ୍ର ରସରେ ଚାମଚେ ଲେମ୍ବୁରସ ମିଶାଇ କିଛିଦିନ ଖାଇଲେ ଆଲର୍ଜି ଭଲହୁଏ ।

- ହାଡ଼ଫୁଟି ହେଉଥିବା ସମୟରେ ପ୍ରତିଷେଧକ ଭାବେ ପ୍ରତିଦିନ ଦୁଇଚାମଚ କଲରାପତ୍ର ରସରେ



# କଲରାକୁ ନେଇ ବ୍ୟଞ୍ଜନ-୧



## ଗୋଟା କଲରା ଭଜା

ଛୋଟ କଲରା ହେଉ ବା ବଡ଼ ବଡ଼ କଲରା ଯେତୋଟି ଭାଜିବାକୁ ଚାହିଁବେ ନେବେ । ପ୍ରଥମେ ଉପର ଚୋପାକୁ ଆସ୍ତେ ଆସ୍ତେ ଚାଞ୍ଛି ଦେଇ ଗୋଟେ ଗିନାରେ ରଖିବେ । ତାପରେ ପେଟ ପାଖରୁ ଚିରି ମଞ୍ଜି ସବୁ ବାହାର କରି ସେଇ ଚୋପା ସହ ରଖିବେ । ଏଥିରେ ପିଆଜ, ରସୁଣ, ଜିରା, ଲଙ୍କା ଓ ସୋରିଷ ଖାଉଥିଲେ ଅଳ୍ପ ସୋରିଷ ଦେବେ । ଏସବୁକୁ ଗ୍ରାଇଣ୍ଡ୍ କରିନେବେ ।

କରେଇରେ ଅଳ୍ପ ପାଣି ଗରମ କରି କଲରା ଗୁଡ଼ିକୁ ଅଳ୍ପ ସିଝାଇ ଆଣିବେ । ସିଝାଇବା ସମୟରେ ଆବଶ୍ୟକ ଅନୁଯାୟୀ ଲୁଣ ଓ ହଳଦୀ ଦେଇଥିବେ । କଲରା ସାମାନ୍ୟ ସିଝିଗଲା ପରେ ପାଣିରୁ କାଢ଼ି ଆଣିବେ । ଏ ପାଣିକୁ ନ ଫିଙ୍ଗି ପିଇ ପାରିବେ । ଏବେ ଏଇ ଅଧା ସିଝା କଲରାକୁ ତେଲରେ ଭାଜି ଆଣିବେ । କରେଇରୁ ଏସବୁକୁ କାଢ଼ି ଆଣି ଗ୍ରାଇଣ୍ଡ କରି ରଖାଯାଇଥିବା ଚୋପା, ମଞ୍ଜି ଓ ମସଲାକୁ ଲୁଣ ଓ ହଳଦୀ ମିଶାଇ ଭାଜି ଆଣିବେ । ବେଶୀ ଭଜା ହେବ ନାହିଁ । ଏ ମସଲା ଥଣ୍ଡା ହେବା ପରେ ପୂର୍ବରୁ ଭଜା ହୋଇ ରଖାଯାଇଥିବା କଲରାରେ ଏସବୁକୁ ପୁରେଇ ପ୍ରସ୍ତୁତ କରିବେ ଗୋଟା କଲରା ଭଜା । ଏହା ଖାଇବାକୁ ଅତ୍ୟନ୍ତ ରୁଚିକର ହୋଇଥାଏ ।



# କଲରାକୁ ନେଇ ବ୍ୟଞ୍ଜନ-୨

## କଲରା ସୁକ୍ତ

**ଆବଶ୍ୟକ ସାମଗ୍ରୀ:** କଲରା ଛୋଟ ହେଲେ ଆଠ ଦଶଟି, ବଡ଼ ହେଲେ ଦୁଇଟି । ଆଳୁ ଗୋଟେ ବଡ଼ ଆକାରର, ବାଇଗଣ ଗୋଟେ, ସଜନା ଛୁଇଁ ୨ଟି, ବିଲାତି ୧ଟି, କଞ୍ଚା କଦଳୀ ଗୋଟେ, ବଡ଼ି ୪ଟି ।

**ମସଲା** : ବଡ଼ ପିଆଜ ଗୋଟେ, ରସୁଣ ଦଶ / ବାର କୋଳା, ଜିରା ୧ରୁ ୨ଚାମଚ, କଞ୍ଚାଲଙ୍କା ଦୁଇଟି, ସୋରିଷ ତେଲ, ଲୁଣ, ହଳଦୀ, ଗୋଟେ ଶୁଖିଲା ଲଙ୍କା, ଦୁଇଟି କଞ୍ଚାଲଙ୍କା ।

**ପ୍ରସ୍ତୁତି:** ମସଲାକୁ ବାଟି ରଖନ୍ତୁ । ଶୁଖିଲା ଲଙ୍କା ବ୍ୟତୀତ କଲରାକୁ କାଟି ଅଲଗା ରଖନ୍ତୁ । ଅନ୍ୟ ସମସ୍ତ ପରିବାକୁ କାଟି ଗୋଟେ ପାତ୍ରରେ ରଖନ୍ତୁ । ବିଲାତିକୁ ଅଲଗା ରଖନ୍ତୁ । କଲରାରେ ଲୁଣ ଓ ହଳଦୀ ଗୋଳେଇ ରଖନ୍ତୁ ।

କରେଇରେ ୨ବଡ଼ ଚାମଚ ତେଲ ଗରମ କରି ପ୍ରଥମେ ବଡ଼ି ଭାଜି କାଢ଼ି ଆଣନ୍ତୁ । ସେଇ ତେଲରେ କଲରାକୁ ଭାଜି କାଢ଼ି ଆଣନ୍ତୁ । କରେଇରେ ଆଉ ଅଳ୍ପ ତେଲ ଦେଇ ଶୁଖିଲା ଲଙ୍କା ଫୁଟେଇ ମସଲା କଷନ୍ତୁ, ଅଳ୍ପ କଷି ଆସିଲା ପରେ ସମସ୍ତ ପରିବା ଲୁଣ ହଳଦୀ ନେଇ ଗୋଳେଇ ମଧ୍ୟମ ଆଞ୍ଚରେ ଧିରେ ଧିରେ ରାନ୍ଧନ୍ତୁ । ଘୋଡ଼ଣୀ ଦିଅନ୍ତୁ । ପରିବା ଅଳ୍ପ ସିଝି ଆସିଲେ ବିଲାତି ଦିଅନ୍ତୁ । ଆବଶ୍ୟକ ପଡ଼ିଲେ ଅଳ୍ପ ପାଣି ଦିଅନ୍ତୁ । ଶେଷରେ ଭଜା କଲରା ଓ ବଡ଼ି ପକେଇ ଗୋଳେଇ ପାଞ୍ଚ ମିନିଟ୍ ଢାଙ୍କି ରାନ୍ଧନ୍ତୁ । ମେଞ୍ଚି ମେଞ୍ଚି ତରକାରୀ ଭଳି ହେବ ସୁକ୍ତ ତରକାରୀ । ଏହା ଦେହ ପ୍ରତି ହିତକର ଓ ପାଟିକୁ ରୁଚିକର ।

ଛାୟାଚିତ୍ର

# ନନ୍ଦନର ନାନ୍ଦନିକତା



# ନନ୍ଦନ ଚଳଚ୍ଚିତ୍ର ମେଳା



**ଅଜିତ ପାତ୍ର**

ଫଟୋ ସୌଜନ୍ୟ : ଲେଖକ

**ନିକଟରେ ଶେଷ ହୋଇଥିବା ୨୪ତମ କୋଲ୍‌କାତା ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ 'ଡେଥ୍ ସାର୍ଟିଫିକେଟ୍' ସିନେମାଟି ମାନବିକତାର ଗୋଟିଏ ଜ୍ୱଳନ୍ତ ଉଦାହରଣ, ବିଶ୍ଳେଷଣ କରନ୍ତି 'ନନ୍ଦନ'ରୁ ଫେରି ଆସି ସମୀକ୍ଷକ ଅଜିତ ପାତ୍ର ।**



କୋଲ୍‌କାତା ଠାରେ ୨୪ତମ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (KIFF) ୨୦୧୮, ୧୦ ନଭେମ୍ବରରୁ ୧୭ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ୭୦ଟି ଦେଶରୁ ନିର୍ବାଚିତ ୧୭୦ଟି ଫିଲ୍ମ ପ୍ରଦର୍ଶିତ ହୋଇଛି । ସେ ମଧ୍ୟରୁ 'ଅନ୍‌ହାର୍ଡ଼ ଇଣ୍ଡିଆ' (Unheard India) ବିଭାଗ ହୋଇଛି ଗୋଟିଏ ଅନ୍ୟତମ ବିଭାଗ । ଏହି ଅନ୍‌ହାର୍ଡ଼ ଇଣ୍ଡିଆ ବିଭାଗଟି ହେଉଛି ଭାରତର ବିଭିନ୍ନ ପ୍ରାନ୍ତରେ ଲୋକମୁଖରେ କୁହାଯାଉଥିବା କିଛି କିଛି ଅଞ୍ଚଳର ଜୀବନ ନିର୍ବାହକ ଓ ସୌନ୍ଦର୍ଯ୍ୟ ମଣ୍ଡିତ ଭାଷାଗୁଡ଼ିକରେ ତିଆରି ନିର୍ବାଚିତ ସିନେମା ପ୍ରଦର୍ଶନ ପାଇଁ ସଂରକ୍ଷିତ ବିଭାଗ । ଏହି ଭାଷାସବୁ ପ୍ରତିଦିନ ହଜିଯିବାକୁ ବସିଛ । ଏହି ଅନ୍‌ହାର୍ଡ଼ ଇଣ୍ଡିଆ ବିଭାଗଟି ବିଗତ ୧୫ ବର୍ଷ ଧରି କୋଲ୍‌କାତା ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ସହ ଯୋଡ଼ି ହୋଇଥିବା ଶାନ୍ତନୁ ଗାଙ୍ଗୁଲିଙ୍କ ପରିଶ୍ରମର ଫଳଶ୍ରୁତି । କିନ୍ତୁ ଦୁଃଖର ବିଷୟ ଏବେ ସୁଦ୍ଧା ଭାରତ ସରକାର ଏ ସମ୍ପର୍କରେ ନୀରବ ।

ନେତାଜୀ ଇଣ୍ଡୋର୍ ଷ୍ଟାଡ଼ିୟମ୍‌ରେ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଉଦ୍‌ଘାଟିତ ହୋଇଥିଲା ଏଇ ଚଳଚ୍ଚିତ୍ର ମେଳା । ଦେଶବିଦେଶରୁ ଏବଂ ଭାରତର ସବୁ ପ୍ରାନ୍ତରରୁ ସିନେ-ତାରକା, ସିନେ-ସାମ୍ବାଦିକ, ସିନେ-ପ୍ରେମୀଙ୍କ ସମାଗମରେ ଭରପୂର ଥିଲା ଷ୍ଟାଡ଼ିୟମ୍ । ଭାରତୀୟ ସିନେମାର କିମ୍ବଦନ୍ତୀୟ ଅଭିନେତା ଅମିତାଭ ବଚ୍ଚନ ଉଦ୍‌ଘାଟନ କରିଥିଲେ ଏ ମେଳାକୁ । ବଙ୍ଗଳା ଭାଷାରେ ଉଦ୍‌ବୋଧନ ଦେଇ ସେ ତାଙ୍କ ଅଭିଭାଷଣରେ କହିଥିଲେ, "ଦିଦି (ମମତା ବାନାର୍ଜୀ) ଆମାକେ ଛେଡ଼େ ଦିନ୍, ପ୍ରତି ବଛର୍ ଡାକ୍‌ଲେ ନତୁନ୍ ବଲାର୍ କି ଆର୍ ଥାକ୍‌ଛେ ! ମା ଆମାକେ ରକ୍ଷା କରୁନ୍ ।" ଅଭିନେତ୍ରୀ ଜୟା ବଚ୍ଚନ, ବଲିଉଡ଼ କିଙ୍ଗ୍ ଶାହାରୁଖ୍ ଖାନ୍, ସଞ୍ଜୟ ଦତ୍ତ, ଶର୍ମିଲା ଠାକୁର, ମହେଶ୍ ଭଟ୍ଟ, ନନ୍ଦିତା ଦାସ, ଓ୍ୱାହିଦା ରହେମାନ୍ ଏବଂ ଆହୁରି ଅନେକ ବଲିଉଡ଼ ଏବଂ ବଙ୍ଗଳା ସିନେମା ଜଗତର ତାରକାଙ୍କ ସହିତ ଆନ୍ତର୍ଜାତିକ ଚଳଚ୍ଚିତ୍ର ତାରକା ମାଜିଦ୍ ମାଜିଦି, ଫିଲିପେନ୍ସ, ସାଇମନ୍ ବେକାର୍, ଜିଲ୍ ବିଲ୍‌କ୍ ଆଦିଙ୍କ ଗହଣରେ ଦେଶବିଦେଶର ଶତାଧିକ ଚଳଚ୍ଚିତ୍ର ପ୍ରେମୀ ନେତାଜୀ ଇଣ୍ଡୋର୍ ଷ୍ଟାଡ଼ିୟମ୍‌କୁ ଏକ ସିନେ-ସାଗରରେ ପରିଣତ କରିଦେଇଥିଲେ ।

## ନନ୍ଦନ ପ୍ରେକ୍ଷାଗୃହର ପ୍ରେକ୍ଷାପଟ

ଏମିତି ଏକ ବର୍ଣ୍ଣାଢ଼୍ୟ ଚଳଚ୍ଚିତ୍ର ମହୋତ୍ସବର ସିନେମା ଗୁଡ଼ିକ ଦେଖିବା ପାଇଁ ୧୯୮୫ ମସିହାରେ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ନିର୍ମିତ 'ନନ୍ଦନ' ଏକମାତ୍ର ସରକାରୀ ପ୍ରେକ୍ଷାଳୟ । 'ନନ୍ଦନ'ର ବାହାର ଓ ଭିତର ସେଦିନ ଥିଲା ଜନସମୁଦ୍ର । 'ନନ୍ଦନ'ର ଚାରିପଟେ ରହିଛି 'ରବୀନ୍ଦ୍ର ସଦନ', ପଶ୍ଚିମବଙ୍ଗ ସାହିତ୍ୟ ଏକାଡ଼େମୀ ଇତ୍ୟାଦି । 'ନନ୍ଦନ' ପ୍ରେକ୍ଷାଳୟର ସାମ୍ନାରେ ଯେଉଁ ପ୍ରତୀକ ଚିହ୍ନଟିର ନାନ୍ଦନିକତା ସଭିଙ୍କୁ ଆକର୍ଷିତ କରୁଛି, ତାହା ଭାରତରତ୍ନ ସତ୍ୟଜିତ୍ ରାୟଙ୍କ ଅଙ୍କିତ ଶିଳ୍ପସତ୍ତାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଏହି ପ୍ରେକ୍ଷାଳୟର ତୋରଣ ଉଦ୍‌ଘାଟନ ମଧ୍ୟ ତାଙ୍କ କରକମଳରେ ହୋଇଥିଲା । ଏହା ପୂର୍ବ ଭାରତର ସବୁଠାରୁ ଉଲ୍ଲେଖନୀୟ ଗୋଟିଏ ପ୍ରେକ୍ଷାଗୃହ । ଏଠି ତିନୋଟି ହଲ୍‌ରେ ସିନେମା ପ୍ରଦର୍ଶିତ ହୁଏ ଏବଂ ଚାରି ନଂ ହଲ୍‌ଟିରେ ସେମିନାର୍, ସିନେମା କର୍ମଶାଳା ଆଦି ଅନୁଷ୍ଠିତ ହୋଇଥାଏ । ସେଦିନ 'ନନ୍ଦନ' ବିଶ୍ୱସ୍ତରୀୟ ସାଜସଜ୍ଜାରେ ଅପୂର୍ବ ଦିଶୁଥିଲା । ସିନେମା ଦେଖିବା ପାଇଁ ବ୍ୟବସ୍ଥା କରି ପାରିନଥିବା ପୁଅଝିଅମାନେ ବାହାରେ ଦଳବାନ୍ଧି ନାଚଗୀତରେ ମତୁଆଲା ଥିଲେ । ଏମିତି ସବୁ ଦୃଶ୍ୟ 'ନନ୍ଦନ'କୁ ଗୋଟେ ଆନନ୍ଦଉଲ୍ଲାସର କେନ୍ଦ୍ର ଭାବେ ଚିତ୍ରିତ କରୁଥିଲା ।

## ଚବିଶତମ ମେଳାର ମହକରେ ମତୁଆଲା 'ନନ୍ଦନ'

ଏ ବର୍ଷ ହେଉଛି ବଙ୍ଗଳା ସିନେମାର ଶହେ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ଅଷ୍ଟ୍ରେଲିଆ ସିନେମା ଜଗତ ମଧ୍ୟ ପୂରଣ କରୁଛି ଶହେ ବର୍ଷ । ବଙ୍ଗଳା ଭାଷାର ପ୍ରାୟ ୧୪ଟି ଫିଲ୍ମ ପ୍ରଦର୍ଶିତ ହେବାକୁ ଯାଉଥିବା ବେଳେ ଏ ବର୍ଷ ଫୋକସ୍‌ର କେନ୍ଦ୍ର ପାଲଟିଥିଲା ଅଷ୍ଟ୍ରେଲିଆ ।

ଏମିତି ଏକ ଆନନ୍ଦମୟ ଉତ୍ସବକୁ ଯିବା ପାଇଁ ଆକସ୍ମିକ ଭାବେ ସିନେମା ପରିଚାଳକ ରାଜାଦିତ୍ୟ ବାନାର୍ଜୀଙ୍କ ଠାରୁ ଫୋନ୍ ପାଇଲି : "ଅଜିତ୍ ଦା ଚଲେ



ଉତ୍କର୍ଷ ଆମ ମାଟିର ସ୍ୱର

ଆସୁନ୍ । 'ଡେଥ୍ ସାର୍ଟିଫିକେଟ୍' ଦେଖାନୋ ହବେ । ଆପ୍‌ନି ଏଲେ ଆମି ଖୁବ୍ ଖୁସି ହବୋ । ଆପ୍‌ନାକେ ଆସ୍‌ତେ ହବେ ।" ଏ ଫୋନ୍ କଲ୍ ପାଇ ମନ ଅବଶ୍ୟ ବ୍ୟାକୁଳ ହେଲା । ତାଙ୍କ ସହିତ ବାରମ୍ବାର ଯୋଗାଯୋଗ କଲି । ଦେଖିଲି ସବୁପ୍ରକାର ବ୍ୟବସ୍ଥା ହୋଇଛି । ମୁଁ ବାହାରି ପଡ଼ିଲି ।

ଷୋହଳ ନଭେମ୍ବର ସଂଧ୍ୟା ପାଞ୍ଚଟା ପନ୍ଦରରେ **ଅନ୍‌ହାର୍ଡ୍ ଇଣ୍ଡିଆ** ବିଭାଗରେ ରାଜାଦିତ୍ୟ ବାନାର୍ଜୀଙ୍କ ଦ୍ୱାରା ଚିତ୍ରନାଟ୍ୟ, ଅଭିନୀତ, ପରିଚାଳିତ 'ଡେଥ୍ ସାର୍ଟିଫିକେଟ୍' ନନ୍ଦନରେ ପ୍ରଦର୍ଶିତ ହେଲା । ସିନେମାଟିର ଦୈର୍ଘ୍ୟ ୭୪ମିନିଟ, ୨୦୧୭ ମସିହା ଝାଡ଼ଖଣ୍ଡ ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ପୁରୁଲିଆ, ବାଁକୁଡ଼ାର ପାହାଡ଼ିଆ ଲାଲିମାଟି ଅଞ୍ଚଳରେ ସିନେମାଟି ସୁଟିଂ ହୋଇଛି । କାହାଣୀ ମଧ୍ୟ ଏହି ଅଞ୍ଚଳକୁ ନେଇ ।

୧୬ ନଭେମ୍ବର ଦିନ ନିର୍ଦ୍ଧାରିତ ସମୟରେ ମୁଁ ରାଜାଦିତ୍ୟଙ୍କର ପାଖରେ ପହଞ୍ଚିଲି । ତାଙ୍କ ସହିତ ତାଙ୍କ ମା' ଥିଲେ । ଆଳାପ ଆଲୋଚନା ପରେ ନନ୍ଦନର ଭିଡ଼ ଆଡ଼େଇ ବେଶ୍ କେତୋଟି ଅନ୍ତରଙ୍ଗ ଫଟୋଚିତ୍ର ଉତ୍ତୋଳିତ କଲି । ମୁଁ ରାଜାଦିତ୍ୟଙ୍କୁ ପ୍ରଶ୍ନ କଲି, "ଆପଣ କାହିଁକି ଏକ ଆଞ୍ଚଳିକ ମୌଖିକ ଭାଷାକୁ ନେଇ ଗୋଟେ ପୂର୍ଣ୍ଣାଙ୍ଗ ସିନେମା ନିର୍ମାଣ କରିବା କଥା ଭାବିଲେ ? ଆପଣ ଜାଣନ୍ତି ଏହାର ବାଣିଜ୍ୟିକ ସମ୍ଭାବନା ବହୁତ କମ୍ ।"

ସ୍ମିତହାସ୍ୟ ଚେନାଏ ଶୂନ୍ୟକୁ ଫିଙ୍ଗି ଉତ୍ତରରେ ସେ କହିଲେ, "ଆପଣ ଜାଣନ୍ତି ଆମ ପରିବାର ଏକ କଳା ସଂସ୍କୃତି ସମ୍ପନ୍ନ ପରିବାର । ବାପା ଦେବାଶିଷ ବନ୍ଦୋପାଧ୍ୟାୟ ଥିଲେ ଜଣେ ସାହିତ୍ୟିକ । ବଡ଼ଭାଇ ବାପ୍ପାଦିତ୍ୟ ବନ୍ଦୋପାଧ୍ୟାୟ ଜଣେ ସୁଖ୍ୟାତ ସିନେମା ପରିଚାଳକ । ମାତ୍ର ୪୫ବର୍ଷ ବୟସରେ ୨୦୧୬ ମସିହାରେ ତାଙ୍କର ଅକାଳ ମୃତ୍ୟୁ ଘଟିଛି । ସେ ବଙ୍ଗଳା ସିନେମା ଜଗତକୁ ବହୁ ଭାବରେ ସମୃଦ୍ଧ କରିଯାଇଛନ୍ତି 'କାଁଟାତାର୍', 'ହାଉସ୍‌ଫୁଲ୍' ଭଳି ଦଶଟି କଳାତ୍ମକ ଫିଚର୍ ଫିଲ୍ମ ପରିଚାଳନା କରି । ବାପ୍ପାଦିତ୍ୟଙ୍କ ଅକାଳ ବିୟୋଗରେ ମୁଁ ପୁରାପୁରି ଭାଙ୍ଗି ଯାଇଥିଲି । ପ୍ରାୟ ବାକ୍‌ଶୂନ୍ୟ ହେବାକୁ ବସିଥିଲି । ଠିକ୍ ସେହି ସମୟରେ ବାପାଙ୍କ ଗଳ୍ପକୁ ଆଧାର କରି ସିନେମାଟି ତିଆରି ଆରମ୍ଭ କଲି । ବାପା ଟିକିଏ ସମୟ ପାଇଲେ ବାଁକୁଡ଼ାକୁ ଯାଉଥିଲେ । ମୁଁ ମଧ୍ୟ ସେଠି ଜନ୍ମଗ୍ରହଣ କରିଛି । ପାହାଡ଼ ଭିତରର ଗୋଟିଏ ଗାଁକୁ ନେଇ ସିନେମାର କାହାଣୀ । ଏ ଗାଆଁର ବନବାସୀମାନେ କୁଡୁମୀ ଜାତିର । ତାଙ୍କ କଥିତ ଭାଷା କୁଡୁମାଲି । ମୁଁ ଯଦି ଏହି ଭାଷାରେ ସିନେମାଟିକୁ ନିର୍ମାଣ ନକରି ଆର୍ଥିକ ଦିଗକୁ ଦେଖିଥାନ୍ତି ତେବେ ଏହା ସେହି ସରଳ ମଣିଷମାନଙ୍କୁ ଛୁଇଁ ନଥାନ୍ତା । ଆପଣ ମଧ୍ୟ ସେହି ମାଟିର ମହକ ପାଇ ପାରିଥାନ୍ତେ କି ! ମୋ ଥିଏଟର୍ ଜୀବନର ୩୯୯ ଶୋ'ର ଟଙ୍କା ଏଠି ମୁଁ ବିନିଯୋଗ କରିଛି । ଆମେରିକା ଓ ବାଂଲାଦେଶର କିଛି ସିନେପ୍ରେମୀ ମଧ୍ୟ ମତେ




ସାହାଯ୍ୟ କରିଛନ୍ତି । ପାହାଡ଼ ଭିତରେ ମଫସଲ୍ ଜାଗାରେ ସୁଟିଂ କରିବା ବହୁତ କଷ୍ଟକର ଓ ଖର୍ଚ୍ଚବହୁଳ । ପାହାଡ଼ିଆ ଅଞ୍ଚଳର ଶୁଖିଲା ଓ ଉତ୍ତପ୍ତ ବାତାବରଣରେ ସୁଟିଂ ଚାଲିଥିବା ବେଳେ ମୁଁ ତ ଅସୁସ୍ଥ ହୋଇ ପଡ଼ିଥିଲି । କିନ୍ତୁ ଏତେ ପରେ ବି ବାପା ରହିଲେ ନାହିଁ ସିନେମାଟିକୁ ଦେଖିବା ପାଇଁ । ସିନେମା ଶେଷ ହେବା ପୂର୍ବରୁ ସେ ଚାଲିଗଲେ । ଏହା ମୋ ଜୀବନର ସବୁଠୁଁ ବଡ଼ ଦୁଃଖ । ସେଥିପାଇଁ ମୁଁ କେବେବି ବାଣିଜ୍ୟିକ ସିନେମା କରିବା କଥା ଭାବିନି । ତା'ଛଡ଼ା ପୃଥିବୀଯାକ ଲୋକେ ଏ ଭାଷାଟିକୁ ଜାଣନ୍ତୁ, ଶୁଣନ୍ତୁ । ମୋ ବାପାଙ୍କର ଓ ମୋ ଜନ୍ମମାଟିର ଭାଷା ପ୍ରତି ମୋର କୃତଜ୍ଞତା ନିବେଦନର ଏହା ବି ତ ଏକ ବିଶାଳ ସୁଯୋଗ ନୁହେଁ କି !"

## 'ଡେଥ୍ ସାର୍ଟିଫିକେଟ୍' ସିନେମାର ଅନୁଭବ

ସିନେମାଟି କୁର୍ମି ବା କୁଡ଼ମାଲି ଭାଷାରେ ନିର୍ମିତ ଏକମାତ୍ର ସିନେମା । ଏହି ସିନେମାର ପ୍ରିମିୟମ ଶୋ କାନାଡ଼ାର ଟରୋଣ୍ଟୋ ଠାରେ ୨୦୧୭ରେ ହୋଇଥିଲା । ତାପରେ ସିନେମାଟି Melbourne India Film festival, Australia 2017, London Monthly Film festival, U.K. 2017, Los Angeles Cine Fest, LA, USA 2017, San Mauro Film Festival, Italy 2018, Garifuna International Film, USA 2018, Bengaluru International film Fest, India 2018, 16th Third Eye Asian Film Fest India 2018, 16th Third Eye Asian Film Fest, Mumbai 2017, 8th Asian Film Fest, Pune 2018, ବ୍ୟତୀତ ଆହୁରି ବିଭିନ୍ନ ଦେଶରେ ପ୍ରଦର୍ଶିତ ହୋଇଛି ।

'ନନ୍ଦନ'ର ତିନି ନମ୍ବର ହଲ୍‌ରେ ସେଦିନ ସୋରିଷ ପଡ଼ିବାକୁ ଜାଗା ନାହିଁ । ପ୍ରବଳ ଭିଡ଼ । ପଛଭାଗରେ ଅନେକ ସିନେ-ମାପ୍ରେମୀ, ସିନେ-ସାମ୍ବାଦିକ ଛିଡ଼ା ହୋଇଥାନ୍ତି, ସାମ୍ନାଭାଗର ତଳେ କିଛିଅଂଶ କାର୍ପେଟ୍ ବିଛାହୋଇଥିଲା । ସେଠି ମଧ୍ୟ କିଛି ଦର୍ଶକ ବସିଥାନ୍ତି । ରାଜାଦିତ୍ୟ ଦାଦା ସିନେମାଟି ଆରମ୍ଭ ହେବା ଆଗରୁ ଗୋଟିଏ ପ୍ରେଜେଣ୍ଟେଶନ୍ ଅଭିଭାଷଣ ରଖିଲେ । ସିନେମାଟି ବଡ଼ ଭାଇଙ୍କୁ ଉତ୍ସର୍ଗୀକୃତ ବୋଲି ସେ କହିଲେ । ଏହି କଥାଟି କହିବାକୁ ଯାଇ ତାଙ୍କ ଆଖି ଛଳଛଳ ହୋଇ ଯାଇଥିଲା । ସିନେମାର ଏକ ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି ସ୍ୱୟଂ ରାଜାଦିତ୍ୟ ବାନାର୍ଜୀ । ମୁଖ୍ୟ ନାରୀଚରିତ୍ର ସାବିତ୍ରୀଙ୍କ ସ୍ୱାମୀ ଭୂମିକାରେ ଫ୍ଲାସ୍‌ବ୍ୟାକ୍‌ରେ ଆସିଛନ୍ତି ସେ ସାରା ସିନେମାରେ ।

ଆଜିର ମଣିଷ କିପରି ବିଶ୍ୱାୟନ ଦ୍ୱାରା ପ୍ରଭାବିତ ତାହା ହିଁ କାହାଣୀର କେନ୍ଦ୍ରବିନ୍ଦୁ । କିନ୍ତୁ ଏହା କ'ଣ କେବଳ ଆମର ବାହ୍ୟିକ ବସ୍ତୁବାଦୀ ଦୁନିଆର ବିଶ୍ୱାୟନ ? ମଣିଷଙ୍କ ମାନବିକତାର ବିଶ୍ୱାୟନ କାହିଁ କୋଉଠି ? ସହଜ ସରଳ ବଣପାହାଡ଼ ଘେରା ଅଞ୍ଚଳର ନାରୀ ସାବିତ୍ରୀ । ତାଙ୍କ ସ୍ୱାମୀ ରାମଲଖନ । ପାହାଡ଼ ଠୁ ଅନତି ଦୂରର ଗୋଟେ ଛୋଟିଆ ଷ୍ଟେସନ୍ ଅଛି । ସେଇଠି ଯାତ୍ରୀମାନଙ୍କୁ ପିଇବା ପାଣି ଦେବାର କାମ କରନ୍ତି ରାମଲଖନ । ମନହେଲେ କେତେବେଳେ ପାଣି ପିଆଉ ପିଆଉ ଟ୍ରେନ୍‌ରେ ଚଢ଼ି କିଛି ଦୂର ଟ୍ରେନରେ ଯିବାଆସିବା କରନ୍ତି । ଦିନେ ସେ ନିଖୋଜ୍ ହୋଇଗଲେ ଆଉ ଫେରିଲେ ନାହିଁ । ସାବିତ୍ରୀ କ'ଣ କରିବେ ଭାବିପାରିଲେନି । ଶିଶୁପୁତ୍ରକୁ ସାଙ୍ଗରେ ଧରି ଗାଁର ମୁରବି ଜେଜେଙ୍କ ଘରକୁ ଆସି ରାତି ଅଧରେ ତାଙ୍କୁ ଡାକିଲେ । ଜେଜେ ଭାବି ଦେଖିଲେ ରାମଲଖନ୍‌ର ଖବର ନେବାକୁ ହେଲେ ଷ୍ଟେସନ ମାଷ୍ଟରଙ୍କ ପାଖକୁ ଯିବାକୁ ପଡ଼ିବ । ତିନୋଟି ଲଣ୍ଠନ ଧରି ସାରା ରାତି ଆଶଙ୍କିତ ମଣିଷଙ୍କ ଗୋଟିଏ ଜର୍ଣ୍ଣି । ପାହାଡ଼ିଆ ରାସ୍ତା । ଲାଲ୍‌ମାଟିର ଡଙ୍ଗାରୁଜା ରାସ୍ତା, ବିସ୍ତୃତ ପ୍ରାନ୍ତର । ଅପୂର୍ବ ଦୃଶ୍ୟ । ଆମେ ଯେଉଁମାନେ ନିଜକୁ ସଭ୍ୟ କହୁ କ'ଣ ଏମିତି ରାତିବେଳେ କାହାର ଦୁର୍ଦ୍ଦଶା ବେଳେ ସାହାଯ୍ୟର ହାତ ବଢ଼ାଇ ପାରୁ ? ଜେଜେ ତ ପୁଣି ବୃଦ୍ଧ ମଣିଷଟିଏ । ତାଙ୍କ ମନର ସାହସ ଓ ହେଲ୍‌ପିଂ ନେଚର୍ କାହିଁ କୋଉଠି ? ଆଜିର ଯୁବପିଢ଼ି ତାଙ୍କ ଠୁ ଶିଖିବା ଉଚିତ । ଭୋର୍ ହୋଇ ସକାଳ ହେଲା । ସେମାନେ ପହଞ୍ଚିଲେ ଷ୍ଟେସନ ମାଷ୍ଟର ପାଖରେ । ସେ କହିଲେ ସେ ବି କିଛି ଜାଣନ୍ତି ନାହିଁ । ତେବେ ରାମପୁର ହାଟ ଷ୍ଟେସନରେ ଜଣେ ଯୁବକଙ୍କର ଟ୍ରେନ୍‌ରେ କଟି ମୃତ୍ୟୁ

ଘଟିଛି । ଷ୍ଟେସନ ମାଷ୍ଟର ଜାଣିଲେ ଏମାନଙ୍କ ପାଖରେ ଟଙ୍କାଟିଏ ନାହିଁ । ସାବିତ୍ରୀଙ୍କ ହାତରେ ପଚାଶ୍ ଟଙ୍କା ଦେଇ କହିଲେ, "ଯଦି ସେମିତି ହୁଏ ତାହେଲେ ଡେଥ୍ ସାର୍ଟିଫିକେଟ୍ ନେଇ ଫେରିବ ।" ସେମାନେ ଡେଥ୍ ସାର୍ଟିର୍ଫିକେଟ୍ କହିଲେ କଣ ବୁଝାଏ ଜାଣନ୍ତିନି, ଉଚ୍ଚାରଣ ତ ଦୂରର କଥା । ଷ୍ଟେସନ ମାଷ୍ଟର ଗୋଟିଏ ଧଳା କାଗଜରେ ଲେଖି ଦିଅନ୍ତି । ଏବେ ଏମାନଙ୍କର ଚିହ୍ନା ଜଗତକୁ ଛାଡ଼ି ଅଚିହ୍ନା ଜଗତକୁ ଜର୍ଣ୍ଣି । ପୁରା ସିନେମାଟିକୁ ଗୋଟିଏ କାନ୍‌ଭାସ୍‌ରେ ଧରିଛନ୍ତି ପରିଚାଳକ । ବର୍ଷା ବର୍ଷଣ, ପାହାଡ଼ ତଳେ ରେଳଗାଡ଼ିର ଯିବାଆସିବା ଶବ୍ଦ– ଯେମିତି ଗୋଟିଏ କୁହୁକ ଭରା ପୃଥିବୀ ।

ସିନେମାଟି ଆରମ୍ଭ ହୁଏ ଏଇପରି । ବର୍ଷାଦିନ, ପାହାଡ଼ିଆ ନିଛାଟିଆ ଏକ ଗାଁକୁ ଯାଉଥିବା ରାସ୍ତା, ବର୍ଷା ବର୍ଷି ଚାଲିଛି ଅବିରତ । ଚାରିଆଡ଼େ ପାଣି । ବିଲରେ ବି ପାଣି ଜମିଛି । ଗଛପତ୍ରରେ ଝୁଲୁଛି ଅପୂର୍ବ ସବୁଜିମା । ଗୋଟିଏ ଟ୍ରଲି ରିକ୍ସାରେ ମାଇକ୍ ବାନ୍ଧି ଜଣେ କେହି ପଲିଥିନ୍ ଭିତରେ ଢାଙ୍କି ହୋଇ ପ୍ରଚାର କରି ଚାଲିଛି । ଆଜିର ନାଟକ ସାବିତ୍ରୀ ସତ୍ୟବାନ, ସାବିତ୍ରୀ ସତ୍ୟବାନ, ଟିକିଟର ମୂଲ୍ୟ... । ଏସବୁ ଅଞ୍ଚଳକୁ ଏତେ ସୂକ୍ଷ୍ମ ଭାବରେ ପରିଚାଳକ ନିରୀକ୍ଷଣ କରି ଦୃଶ୍ୟାୟିତ କରିଛନ୍ତି ଯେ ଦେଖିଲେ ମନ କୁରୁଳି ଉଠିବ । ନାଟକ ଆରମ୍ଭ ହୁଏ । ଗାଁ ଗଣ୍ଡାରେ ଯେମିତି ସାନ ସାନ ଯାତ୍ରା ପାଲା ଗାଁରୁ ଗାଁ ବୁଲିବୁଲି ଗୋଟିଏ ଦୁଇଟି ପରିବାର ମିଶି କରନ୍ତି ସେମିତି ଦଳ । ନାଟକଟିରେ ପୁରୁଲିଆର ମୁଖା ପିନ୍ଧା ଛଉନାଚକୁ ବହୁତ କୁଶଳତାର ସହ ଦର୍ଶାଯାଇଛି । ସତ୍ୟବାନଙ୍କ ଅକାଳ ମୃତ୍ୟୁ । ସାବିତ୍ରୀର ରୋଦନ କ୍ରମେ କ୍ରମେ ଗ୍ରାମୀଣ କାନ୍ଦଣା ଗୀତରେ ରୂପାନ୍ତରିତ । ବ୍ୟାକ୍‌ଗ୍ରାଉଣ୍ଡ୍‌ରୁ ଭାସି ଆସୁଛି ସୁରମ୍ୟ ସଂଗୀତ । ଭୂଇଁରେ ବସି ଗାଁର ମଣିଷମାନଙ୍କ ସହିତ ନାଟକ ଦେଖୁଥିବା ସିନେମାଟିର ନାୟିକା ସାବିତ୍ରୀ ନିଜର କୋହକୁ ସମ୍ଭାଳି ନପାରି ନାଟକ ଜାଗା ଛାଡ଼ି ଦୌଡ଼ି ପଳାଏ । ଏବେ ପୁରା ସିନେମାଟି ଫ୍ଲାସ୍‌ବ୍ୟାକ୍‌ରେ । ଏଠି ଭଲପାଇବାକୁ ଦର୍ଶାଇବାକୁ ଯାଇ ପରିଚାଳକ କେତେବେଳେ ବି ଯୌନୋଦ୍ଦୀପନାର ଦୃଶ୍ୟ ଯୋଡ଼ି ନାହାନ୍ତି ।

ସିନେମାର କାହାଣୀ ପୁଣି ଆଗକୁ ଗଡ଼େ । ସେମାନେ ଯାଇ ପହଞ୍ଚିଲେ ରାମପୁର ହାଟ ଷ୍ଟେସନରେ । ଜାଣିଲେ ହସ୍‌ପିଟାଲ୍‌ରେ ଗଲେ ଯାଇ ସଠିକ ଖବର ପାଇବେ । ଶବ ବି ସେଇଠି ମିଳିବ । ଆଶଙ୍କା ଓ ଆତଙ୍କକୁ ମନ ଭିତର ଧରି ସେମାନେ ହସପିଟାଲରେ ପହଞ୍ଚିଲେ । କାକୁତିମିନତି ପରେ ଜଣେ ଡାକ୍ତର ହସପିଟାଲ କର୍ମଚାରୀଙ୍କୁ ପଠାନ୍ତି ବସ୍ତାବନ୍ଦୀ ଗଳିତ ଶବଘରକୁ । ସାବିତ୍ରୀ ଚିହ୍ନଟ କରିବେ ଶବ ତା ସ୍ୱାମୀର । ଭାବିବାକୁ ମଧ୍ୟ ସାହସ ହେଉନି । ନା ଏଠି ନାହିଁ । ଟିକିଏ ଆଶାର ଆଲୋକ ତିନି ଜଣଙ୍କ ଭିତରେ । କିନ୍ତୁ ଫେରିବା ରାସ୍ତାରେ ପୁଣି ଡାକ୍ତରଙ୍କ ସହିତ ଦେଖା ହୁଏ । ସେ କିଛି ଫଟୋ ମଗାଇ ଦେଖାନ୍ତି । ସେଇଠି ରହିଛି ରାମଲଖନର ମୁଖମଣ୍ଡଳର ଛବି । ସାବିତ୍ରୀର ଏହି ସମୟର ମନଛୁଆଁ ଅଭିନୟ । ତାର ଭାଙ୍ଗି ପଡ଼ିବାର ମୁହୂର୍ତ୍ତରେ ପୁଣି ମନେପଡ଼େ ଷ୍ଟେସନ ମାଷ୍ଟରଙ୍କ କଥା । ଷ୍ଟେସନ ମାଷ୍ଟରଙ୍କ ଲେଖା କାଗଜଟି ଦେଖାଇଲେ ଡାକ୍ତର କହନ୍ତି ଥାନାରୁ ରାମଲଖନର କପଡ଼ା ନେଇ ଆସିଲେ ଯାଇ ସେ ଲେଖିଦେବେ ଡେଥ୍ ସାର୍ଟିଫିକେଟ୍ । କେତେ ଗୁହାରି ହେଲେ ମଧ୍ୟ ଲେଖିଲେ ନାହିଁ । ପ୍ରମାଣ ଦରକାର । ରାମଲଖନ୍‌ର କପଡ଼ା ଆଣିଲେ ଯାଇ । ଅଥଚ ଏତେ ଶୀଘ୍ର ଶବଟିକୁ କେଉଁଠି ପୋତି ଦେଲେ । ସ୍ୱାମୀ ହରାଇଥିବା ସାବିତ୍ରୀ, ଜେଜେ ଓ ଶିବୁ ପୁଣି ଚାଲନ୍ତି ଥାନା ଆଡ଼େ । ଏଇଠି ଆମର ଥାନା, ପୋଲିସମାନଙ୍କର ଶୋଷଣର ଚିତ୍ର ବହୁତ ସୁନ୍ଦର ଭାବରେ ତୋଳି ଧରିଛନ୍ତି ପରିଚାଳକ । ଥାନାରେ କେତେ ମୌଜ୍‌ରେ ଅଛନ୍ତି ଏମାନେ । ଷ୍ଟେସନ ମାଷ୍ଟରଙ୍କ କାଗଜ ଦେଖି ପୋଲିସମାନେ ଜାଣିଲେ ସରକାରୀ ଚାକିରୀ କରୁଥିବା ଶବଟିର କପଡ଼ା ନେଇ ଡେଥ୍ ସାର୍ଟିଫିକେଟ ନେବାକୁ ଏମାନେ ଆସିଛନ୍ତି । ସେଥିପାଇଁ ଲୋଭ ବଢ଼ିଲା । କଟା ପଡ଼ିଥିବା ରାମଲଖନର କପଡ଼ା ଦେବା ପାଇଁ ଟଙ୍କା ଦରକାର । ଶୂନ୍ୟ ହାତରେ ଆସିଥିବା ଏମାନଙ୍କ ପାଖରେ ଟଙ୍କାଟିଏ ନାହିଁ । ସେମାନେ ମାନିବାକୁ ରାଜି ନୁହଁନ୍ତି । ନହେଲେ ଦେହ ଦିଅ । ଏଇଠି ଗରିବ ସରଳ ମଣିଷଙ୍କୁ ଆତଙ୍କବାଦୀ ସାଜିବା ପାଇଁ ଆମେ ବାଧ୍ୟ କରୁଛୁ । ପୋଲିସମାନଙ୍କ ନିର୍ଲଜ ହସ, ତାମସା, "ତୁମ୍ ଯାଓ ଅପ୍‌ନୀ ଥାନା ମେଁ ବଲୋଗି ।" କପଡ଼ା ନପାଇ ପୁଣି ଫେରିଯାଆନ୍ତି ଡାକ୍ତରବାବୁଙ୍କୁ ପାଖରେ କାକୁତି ବିନତୀ ହେବା ପାଇଁ । ରାତିରୁ ଦିନସାରା ନଖାଇ ନପିଇ କେବଳ ଅନିର୍ଦ୍ଦିଷ୍ଟ ଜର୍ଣ୍ଣି, ତିନୋଟି ମଣିଷଙ୍କର । ଜଣେ ଡାକ୍ତରଙ୍କ ଭିତରେ ବି କୌଣସି ଦୟାମାୟା ନାହିଁ । ପୁଣି ଏଇଠି ଆଉଥରେ ଦେଖାହୁଏ ଦଲାଲ ଭୂପେନଙ୍କ ସହିତ । ଆଗରୁ



ଏମାନେ ଯେତେବେଳେ ଭେଟିଥିଲେ ଭୂପେନ ଡାକ୍ତରଙ୍କୁ କିଛି କାମ ପାଇଁ ବୁଝାଉଥିଲେ । ଏବେ ସେ ସାବିତ୍ରୀକୁ ବୁଝାଉଛି ମୁଁ ସେ ସାର୍ଟିଫିକେଟ ଆଣିଦେବି । ଯେଉଁ କାମ କେହି ପାରନ୍ତି ନାହିଁ ସେ କାମ ମୁଁ କରିଦିଏ । ସାବିତ୍ରୀ ଯେମିତି ଅଥଳ ସାଗରରେ ଭାସିଯିବା କ୍ଷଣରେ କୁଟାଟିଏ ପାଇଲା । ଜେଜେ, ଶିବୁ ଚାହୁଁଛନ୍ତି ଗାଁକୁ ଫେରିଯିବାକୁ । ଆଉ ସେ କାଗଜ ମିଳିବନି । କିନ୍ତୁ ସାବିତ୍ରୀ ଚାହୁଁଛି ତା ସ୍ୱାମୀଙ୍କ ଶେଷ ଚିହ୍ନ ନେଇ ଫେରିବ ବୋଲି । ସେ ଦଲାଲ୍‌ର ହାତରେ ଟାଣି ହୋଇ ଚାଲିଲା ।

ରାଜାଦିତ୍ୟ ବାନାର୍ଜୀଙ୍କୁ ପ୍ରଶ୍ନ : "ଆପଣ ଦେଶବିଦେଶରେ ସ୍ୱାଧୀନ ଭାବେ କେତେ ରିସର୍ଚ୍ଚ ମୂଳକ ଥିଏଟର କରନ୍ତି । ଏମିତିକି ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ମଧ୍ୟ କରିଛନ୍ତି । ଆପଣଙ୍କୁ କ୍ୟାମେରା ଚଳାଇବା ସବୁ ଜଣା ଅଛି । ତାହେଲେ ଏଠି କାହିଁକି ଆପଣ କ୍ୟାମେରାକୁ ଏତେ ସ୍ଥିର ରଖି ବିରାଟ ଅଞ୍ଚଳର କାନ୍‌ଭାସ୍‌କୁ ଧରିଛନ୍ତି । କ୍ଲୋଜ୍‌ଅପ୍ ଚିତ୍ର ବହୁତ କମ୍ । କୃତ୍ରିମ ଆଲୁଅର ବି ବ୍ୟବସ୍ଥା ନାହିଁ ?"




ସେ ମତେ ଉତ୍ତର ଦେଇଥିଲେ, "ମୁଁ ବିଶାଳ ଭୂ-ପ୍ରକୃତି ଭିତରେ ଜୀବନକୁ ଖୋଜିବାକୁ ଚେଷ୍ଟା କରିଛି । ଯେତେଟା ପାରିଛି କୃତ୍ରିମତା ଠାରୁ ଦୂରରେ ରହିଛି । କାହିଁକି ନା ଏ ଅଞ୍ଚଳର ମଣିଷମାନେ ଜମାରୁ କୃତ୍ରିମ ନୁହଁନ୍ତି । ଆପଣ ବର୍ଷାର ଦୃଶ୍ୟ ଦେଖିଥିବେ କେତେ ପ୍ରାକୃତିକ ?" ବାସ୍ତବରେ ପୁରା ସିନେମାଟି ଦେଖିଲେ ଲାଗିବ ଏଇଠି ହିଁ ପରିଚାଳକଙ୍କର ସଫଳତା ।

ଜଙ୍ଗଲ ଭିତରେ କେବେ ଠାରୁ କାହା ଦ୍ୱାରା ତିଆରି ବହୁତ ପୁରାତନ ଇଟା ବାହାରି ଯାଇଥିବା ଗୋଟିଏ ତ୍ରିକୋଣ ମନ୍ଦିରରେ ସାବିତ୍ରୀଙ୍କ ସାଙ୍ଗରେ ରାମଲଖନ୍ । ନିର୍ଜନତା ଚାରିଆଡ଼େ । ଯେତେବେଳେ ମନ୍ଦିର ଭିତରେ ଯାଇ ସ୍ୱାମୀ ପାଇଁ ସାବିତ୍ରୀ ଠାକୁରଙ୍କ ପାଖରେ ମଙ୍ଗଳ କାମନା କରନ୍ତି ସେତେବେଳେ, ରାମଲଖନ କୁହନ୍ତି, ମୁଁ ଭଗବାନଙ୍କୁ ବିଶ୍ୱାସ କରେ ନାହିଁ । ଯଦି ଭଗବାନ ବୋଲି କେହି ଅଛନ୍ତି, ତାହେଲେ ମୁଁ ବି ଭଗବାନ । ସାବିତ୍ରୀର ଛାତି ଦୋହଲି ଯାଏ । ହେ ଭଗବାନ ! ଏଇଠି ଆସ୍ଥା ଅନାସ୍ଥା ଭିତରେ ଦୋହଲି ଥିବା ପୃଥିବୀ ।

ସିନେମାଟି ଯେତେବେଳେ ଶେଷ ଆଡ଼କୁ ସାବିତ୍ରୀ କାହାରି କଥା ନଶୁଣି ଭୂପେନ ଦାଲାଲର କଥାକୁ ମାନିନିଏ । ଦିନ ଶେଷ ହୋଇ ଆସୁଛି । ପାନ ପିଚ୍‌ପିଚ୍ ଖାଉଥିବା ଲଣ୍ଡାମୁଣ୍ଡର ଭୂପେନ ଦଲାଲ୍ ଆଉ ନିଜକୁ ସମ୍ଭାଳି ନପାରି ସାବିତ୍ରୀର ହାତ ଧରି ଟାଣି ନେଇଯିବାକୁ ଚେଷ୍ଟା କରେ ହସପିଟାଲର ନିଛାଟିଆ କମରା ଭିତରକୁ । ସାବିତ୍ରୀ ଯିବାକୁ ନଚାହିଁବାରୁ ସାବିତ୍ରୀର ଦେହରେ ହାତ ଦିଏ ସେ । ସାବିତ୍ରୀ ଚିତ୍କାର କରି ଉଠେ । ଭୂପେନ ଦଲାଲ୍ ଆହୁରି ବଳପୂର୍ବକ ସାବିତ୍ରୀକୁ ଘୋଷାଡ଼ି ନେଇଯିବାକୁ ଚେଷ୍ଟା କରେ । ସାବିତ୍ରୀର ଚିତ୍କାର ଜେଜେ ଆଉ ଶିବୁ ଶୁଣିପାରନ୍ତି । ସେତେବେଳକୁ ସାବିତ୍ରୀ କୌଣସି ପ୍ରକାରେ ହାତ ଛଡ଼ାଇ ଦୌଡ଼ିବାକୁ ଆରମ୍ଭ କରେ । ମାଇଲ୍ ମାଇଲ୍ ପଥ ଅତିକ୍ରମ କରି ନିଜର ସେହି ନିଛାଟିଆ ଗାଁ ଆଡ଼େ ଦୌଡୁଥାଏ ସାବିତ୍ରୀ । ଆଉ ନିଜ ଭିତରେ ନିଜକୁ ଆବିଷ୍କାର କରୁଥାଏ । ସେହି ସମୟରେ ଜଙ୍ଗଲ ରାସ୍ତାରେ ଦୌଡ଼ି ଦୌଡ଼ି ଆସି ସାବିତ୍ରୀର ହାତରେ ଭରସାର ହାତ ରଖି ଦୌଡ଼ିବା ଆରମ୍ଭ କରେ ରାମଲଖନ୍ । ଅସହାୟ ବେଳେ ଅବଚେତନ ମନର ଏହା ଏକ ସ୍ୱପ୍ନ । କିନ୍ତୁ ଏହା ହିଁ ସାବିତ୍ରୀକୁ ଦୌଡ଼ିବାକୁ ବଳ ଦିଏ ଆହୁରି ଦୌଡ଼ିବାକୁ । ଏ ଅଭିନୟ ନୁହେଁ ଯେମିତି ଜୀବନର ନିଚ୍ଛକ ଗୋଟିଏ ଯାତ୍ରା, ଜନ୍ମ ଓ ମୃତ୍ୟୁର ।

ମୋ ମନରେ ପ୍ରଶ୍ନ ଚେଇଁ ଉଠେ, ଯଦି ସତରେ ରାମଲଖନ ବଂଚିଥାନ୍ତା ତାହେଲେ ସ୍ତ୍ରୀ ଉପରେ ଏମିତି ପୈଶାଚିକ ସତୀତ୍ୱ ହରଣର ଚେଷ୍ଟା କେମିତି ସହି ପାରିଥାନ୍ତା ? ନିହାତି ବଦଲା ନେଇଥାନ୍ତା । ତାହେଲେ ନିରୀହ ମଣିଷଙ୍କୁ ଆତଙ୍କବାଦୀ ବନାଉଛି କିଏ ?

ସିନେମାର ଶେଷ ଦୃଶ୍ୟରେ ଦେଖାଯାଏ ଭାରତ ସରକାରଙ୍କ ଦୂରଦର୍ଶନ ଚ୍ୟାନେଲ୍‌ରେ ଆକାଶ ପଥରେ ରକେଟ୍ ଚାଲିଛି ନୂତନ ଦୁନିଆର ଖୋଜ୍‌ରେ ଆଉ ସାବିତ୍ରୀ ଛୁଟି ଚାଲିଛି ଆତଙ୍କିତ ହୋଇ ନିଜର ସତୀତ୍ୱ ରକ୍ଷା ପାଇଁ ପାହାଡ଼ ଜଙ୍ଗଲ ଭିତର ଦେଇ ନିଜ ଗାଁକୁ । ପ୍ରଯୁକ୍ତିର ବିଶ୍ୱାୟନ ଦ୍ରୁତ ଗତିରେ ଚାଲିଛି କିନ୍ତୁ ମାନବିକତାର ବିଶ୍ୱାୟନ କାହିଁ, କେଉଁଠି ବି ପରିଲକ୍ଷିତ ହୁଏ ନାହିଁ । ପରିଚାଳକ ଏଇଠି ହିଁ ସଫଳ ।

ଶେଷରେ କେତୋଟି ଖବର କାଗଜ କଟିଂ ଭିତରୁ ଗୋଟିଏ ହେଉଛି ଓଡ଼ିଶାର ଦାନ ମାଝି ତା ସ୍ତ୍ରୀର ମୃତ ଶରୀରକୁ କାନ୍ଧରେ ବୋହି ଦୀର୍ଘ ପଥ ଅତିକ୍ରମ କରି ଫେରୁଛି । ସାଙ୍ଗରେ ସାନଝିଅଟି ଚାଲି ଚାଲି ଆସୁଛି ମା'ର ମରଦେହ ସାଙ୍ଗରେ । ଏ ଯାତ୍ରା ଜୀବନର କେଉଁ ଯାତ୍ରା ? ମାନବିକତା ଆଜି କେଉଁଠି ?

ରାଜାଦିତ୍ୟ ବାନାର୍ଜୀ ପରି ଯେଉଁ ପରିଚାଳକ ମାନେ ବାଣିଜ୍ୟିକ ଚଳଚ୍ଚିତ୍ର ନିର୍ମାଣ ନକରି ଏପରି ଛବି ସୃଷ୍ଟି କରୁଛନ୍ତି ତା ମୂଳରେ ଅଛି ଇଚ୍ଛା : ମାନବିକତାର ବିଶ୍ୱାୟନ ଘଟିବ, ଦିନେନା ଦିନେ ନିଶ୍ଚୟ ।

ଏଥର Ash May fairଙ୍କ ପରିଚାଳନାରେ 'The third wife ବେଷ୍ଟ ଫିଚର୍ ଫିଲ୍ମର ଆୱାର୍ଡ଼ ସ୍ୱରୂପ The Golden Royal Bengal Tiger ସ୍ମାରକ ପ୍ରତୀକ, ସାର୍ଟିଫିକେଟ ଆଉ ୫୧ ଲକ୍ଷ ଟଙ୍କା ସମ୍ମାନର ସହିତ ଗ୍ରହଣ କଲେ ।

ପୁରସ୍କାର ନପାଇଲେ ବି ରାଜାଦିତ୍ୟ ବାନାର୍ଜୀଙ୍କ ପରିଚାଳନାରେ ପାହାଡ଼ ଜଙ୍ଗଲ ଭିତରେ ବସବାସ କରୁଥିବା ସଭ୍ୟଜଗତରୁ ବିଚ୍ଛିନ୍ନ ମଣିଷଙ୍କ ଜୀବନ କଥା ଏବଂ ସେମାନଙ୍କ ମୁହଁର ଭାଷାରେ ସମ୍ପୂର୍ଣ୍ଣ ସିନେମାଟି ନିର୍ମାଣ କରି ଅନେକଙ୍କ ହୃଦୟ ଓ ମନ ଉଭୟକୁ ଜୟ କରିପାରିଛନ୍ତି, କହିଲେ ଅତ୍ୟୁକ୍ତି ହେବନାହିଁ ।

**ଶାସନ, ବହଡ଼ାଗୋଡ଼ା, ପୂର୍ବ ସିଂହଭୂମ, ଝାଡ଼ଖଣ୍ଡ, ପିନ୍-୮୩୨୧୦୧,**
**ଫୋନ : ୯୮୬୧୬୨୯୭୦୨**

# ସାହିତ୍ୟିକ ସହିଷ୍ଣୁତା

ସୃଜନକ୍ରିୟା ଏକ ବିଭୁଦତ୍ତକୃପା । ସମାଜର ପ୍ରତ୍ୟେକ ମଣିଷଙ୍କ ଭିତରେ ଥାଏ ଏ ପ୍ରକାର ସୃଜନତା, ଭିନ୍ନ ଭିନ୍ନ ବାଗରେ । କିଛି ପ୍ରକଟିତ, କିଛି ଅପ୍ରକଟିତ । ନିଜ ଭିତରର ଏହି ସୃଜନତା ବିକଶିତ ହୋଇ ସମାଜର ହିତସାଧନରେ ଲାଗି ପାରିଲେ ସୃଜନ-ମଣିଷଟି କେବଳ ଆନନ୍ଦ-ପ୍ରାପ୍ତ ହୁଏ ନାହିଁ, ଅଧିକନ୍ତୁ ତା' ଭିତରେ ତିଆରି ହୁଏ ଆତ୍ମସନ୍ତୋଷର ଫଲ୍‌ଗୁ । ତେବେ ଅନ୍ୟାନ୍ୟ ସୃଜନକର୍ମକୁ ଛାଡ଼ିଦେଲେ ସାହିତ୍ୟ ସାଧକଙ୍କ ଭିତରେ ଥିବା ସୃଜନ ଗୁଣଟି ସମାଜରେ ବହୁ ଭାବେ ଆଦୃତ । ଜଣେ ସାହିତ୍ୟିକ ପାଇଁ ସମାଜରେ ଥାଏ ଅଲଗା ସମ୍ମାନ । ସାଧାରଣ ମଣିଷ ଠାରୁ ଯେହେତୁ ସେ ସୃଜନଶୀଳ ଲେଖକଟିଏ, ତେଣୁ ତା' ପ୍ରତି ଅନ୍ୟମାନଙ୍କର ସମ୍ମାନବୋଧ ସର୍ବାଧିକ ରହିବା ଏକ ସ୍ୱାଭାବିକ କଥା । ତେବେ ଆଜିର ସମୟରେ ସାହିତ୍ୟିକଙ୍କ ପାଖରେ ସହିଷ୍ଣୁତା କଥାଟି ନାହିଁ କହିଲେ ଚଳେ । କିନ୍ତୁ ପ୍ରତ୍ୟେକ ମଣିଷ ଭିତରେ ସହନଶୀଳତା ଗୁଣ ଥାଏ । ତଦନୁସାରେ ସେମାନେ ସମାଜରେ ପରିଚିତ ହୋଇଥାନ୍ତି । ଅଥଚ ଆଜି ସମାଜରେ ଖ୍ୟାତି ଅର୍ଜନ କରୁଥିବା ସାହିତ୍ୟିକ ସତରେ ଯେମିତି ସହିଷ୍ଣୁତା ଠାରୁ ମାଇଲ୍ ମାଇଲ୍ ଦୂରରେ ଅଛନ୍ତି, ସେପରି ମନେହୁଏ ।

ଏହା ଭାବିବା ଆଦୌ ବିଚିତ୍ର କଥା ନୁହେଁ ଯେ, ସବୁ ମଣିଷ ଭିତରେ ବୈଚିତ୍ର୍ୟତା ଅଛି । ପୁନଶ୍ଚ ପ୍ରତ୍ୟେକ ମଣିଷ ଭାବୁଥାଏ ଯେ, ସେ ହିଁ ଏ ଜଗତରେ ଗୁଣୀ, ଜ୍ଞାନୀ, ଏବଂ ତା'ର ଏଇ ଗୁଣବତ୍ତା ପାଇଁ ସେ ବସବାସ କରୁଥିବା ସମାଜ ତାକୁ ଯଥେଷ୍ଟ ମାନ୍ୟତା ଦେବା ଦରକାର । ସାହିତ୍ୟ ସମାଜ ଭିତରେ ଚଳପ୍ରଚଳ ହେଉଥିବା ପ୍ରାଣୀମାନେ ମଧ୍ୟ ଏଥିରୁ ପୃଥକ ନୁହଁନ୍ତି, ଯେହେତୁ ସେମାନେ ପ୍ରଥମେ ମଣିଷ, ପରେ ସାହିତ୍ୟିକ । ସୁତରାଂ ସମସ୍ତଙ୍କୁ ଗୋଟେ ସହଜଲବ୍ଧ ଭାବନା ଗ୍ରାସ କରେ ଯେ, ସେ ଯେତିକି ଯୋଗ୍ୟ, ତାକୁ ସେତିକି ପ୍ରାପ୍ୟ ମିଳୁନାହିଁ । ତା'ର ସମଧର୍ମା ସାଥୀଟି, ତାକୁ ଲାଗେ, ବେଶୀ ପ୍ରାପ୍ୟ ପାଉଛି । ଏପରି ବୋଧହେବା ତା ଭିତରେ ଥିବା 'ଅହଂ'ର ଏକ ପ୍ରତିଫଳନ ଛଡ଼ା ଆଉ କିଛି ନୁହେଁ । ଏ ଅହଂଭାବ ଦ୍ୱାରା ସେ ପରିଚାଳିତ ହେଉଥାଏ । ଯଦ୍ୱାରା ସେ ହିଁ ସବୁ, ଅନ୍ୟମାନେ ନଗଣ୍ୟ ବୋଲି ତାକୁ ପ୍ରତୀତ ହୁଏ ।

ଥରେ ଭାବି ଦେଖନ୍ତୁ, ଆମେ ସାହିତ୍ୟିକମାନେ ଆମର ଲେଖା ମାଧ୍ୟମରେ ସମାଜରେ ବସବାସ କରୁଥିବା ଅନ୍ୟମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାର ଏକ ନିରବଚ୍ଛିନ୍ନ ପ୍ରୟାସରେ ଥାଉଁ । ଯେମିତି କୁମ୍ଭାରଟିଏ ତାର କୁଶଳୀ ହାତ ନିର୍ମାଣ କରିଥିବା ସାମଗ୍ରୀକୁ ପ୍ରଦର୍ଶିତ କରାଏ, ସେମିତି ସାହିତ୍ୟିକଟିଏ ମଧ୍ୟ ତା' ଲେଖାର ପ୍ରକାଶନ ମାଧ୍ୟମରେ ନିଜର ଏକ ପରିଚୟ ତିଆରି କରୁଥାଏ । ଆଉ କାଳକ୍ରମେ ଏଇ ପରିଚୟ ନିଶା ହିଁ ଜଣେ ଲେଖକକୁ ଧ୍ୱଂସ କରେ ? ଅର୍ଥାତ୍, ପ୍ରତିଷ୍ଠା-ପ୍ରତ୍ୟାଶୀ ହୋଇ ଲେଖକଟିଏ କ୍ରମଶଃ ଅସହିଷ୍ଣୁ ହୋଇ ଉଠେ ।

କିନ୍ତୁ ସତ କହିଲେ ଏକ ପରିଚୟ ସଂକଟ ଦେଇ ଗତି କରୁଥିବା ସାହିତ୍ୟ ସମାଜରେ ପ୍ରତ୍ୟେକଟି ମଣିଷ ଆଜି ନିଜର ପରିଚୟ ପ୍ରତିଷ୍ଠା ପାଇଁ ଯେନତେନ ପ୍ରକାରେଣ ଚେଷ୍ଟିତ । ଆମେ ଜାଣୁ, ସାହିତ୍ୟିକ କୃତି ହିଁ ଖ୍ୟାତିର ମାନଦଣ୍ଡ । ଆଉ ନିଜର ଏ କୃତି କେହି ତିଆରି କରେନାହିଁ । ଏହା ଜଣକ ଭିତରକୁ ଆଜନ୍ମ ଆସିଥାଏ ଓ ଦିନେ ତାର ଲେଖା ମାଧ୍ୟମରେ ଏହା ବିଚ୍ଛୁରିତ ହୁଏ । ତେଣୁ ସାହିତ୍ୟିକଟିଏ ଲେଖିଯିବା ବେଳେ ପ୍ରାପ୍ତିର ପ୍ରତ୍ୟାଶା ନକରିବା କଥା । କାରଣ ଯୋଗ୍ୟ ବ୍ୟକ୍ତିକୁ ତା'ର ପ୍ରାପ୍ତି ସମୟାନୁସାରେ ମିଳିଥାଏ । ଆମେ କିନ୍ତୁ ନିଜକୁ ତଉଲୁଥାଉ ବେଶୀ । ଅନ୍ୟମାନେ ଆମକୁ ଗୌଣ୍ୟ ଦିଶନ୍ତି ।

ସାହିତ୍ୟରେ ଏ ପ୍ରକାର 'ମୁଁ ବାଦ' ଏବେ ସାହିତ୍ୟର ସ୍ୱଚ୍ଛତାକୁ, ସାହିତ୍ୟର ଧର୍ମକୁ ନଷ୍ଟ କରିଛି । ସମସ୍ତେ ଯେମିତି ବ୍ୟାକୁଳ କିଛି ଗୋଟେ ପାଇବାକୁ, କିଛି ଗୋଟେ ହାତେଇ ନେବାକୁ, କିଛି ଗୋଟେର ପ୍ରଭୁ ହେବାକୁ । କିନ୍ତୁ କ'ଣ ସେଇଟା ? ପରିଚୟ ସଂକଟ କଥା କହୁଥିଲି । କିନ୍ତୁ ପରିଚୟ ସଂକଟ ସହ ସାହିତ୍ୟିକ ଅସହିଷ୍ଣୁତା ମଧ୍ୟ ଏକ ବ୍ୟାଧି ପରି ଆବୋରି ବସିଛି ଆମ ସାହିତ୍ୟିକଙ୍କୁ । ସାମାନ୍ୟତମ ସହିଷ୍ଣୁ ଭାବ ନାହିଁ କାହାରି ଭିତରେ । କାହାର ଲେଖାଟିଏ ପ୍ରକାଶ ପାଇଲେ ଆଉ ଜଣେ ଅସହିଷ୍ଣୁ ହୋଇପଡୁଥିବା ବେଳେ କେହି ପୁରସ୍କାରଟିଏ ପାଇଗଲେ, ଆଉ କିଛି ସାହିତ୍ୟିକ ଅସହିଷ୍ଣୁ ହେବା ଏକ ସାଧାରଣ କଥା ହେଲାଣି । ଆମେ କ'ଣ ସହିଷ୍ଣୁ ହୋଇ ପାରିବାନି ? କେହି ବି ହାତରେ କିଛି ଧରି ଆସି ନଥିଲେ ଏ ଧରାଧାମକୁ ଯେ, କାହାଠୁ ଆଉ କିଏ ଛଡ଼େଇ ନେବ ସବୁ ।

ସାହିତ୍ୟିକ ସହିଷ୍ଣୁତା ଏକ ସୁନ୍ଦର ସାହିତ୍ୟ ବାତାବରଣ ନିର୍ମାଣ କରିବ- ଏକଥା ଆମେ ସମସ୍ତେ ଜାଣୁ । ହେଲେ ଆମ ଭିତରକୁ ସେ ପ୍ରକାର ଭାବନା ଆସୁନି କାହିଁକି ? ଆମେ କାହିଁକି ଆଉ ଜଣକର ସଫଳତାକୁ ନିଜର ସଫଳତା ବୋଲି ଭାବି ପାରୁନୁ ? କାହିଁକି ଆମ ଭିତରେ ଏତେ ବେଶୀ ପରଶ୍ରୀକାତରତା ? କାହିଁକି ଏ ପ୍ରକାର ଅସହିଷ୍ଣୁତା । ଏହାର ଉତ୍ତର ଆମ ପାଖରେ ହିଁ ଅଛି । କିନ୍ତୁ ଆମେ କେହି ପ୍ରସ୍ତୁତ ହୋଇପାରିନୁ, ସାହିତ୍ୟିକ ସହିଷ୍ଣୁତା ଭିତରେ ଚଳିବାକୁ । ଏଥିପାଇଁ ଦରକାର ମାନସିକତାରେ ପରିବର୍ତ୍ତନ । ଆମେ ପ୍ରତିଯୋଗିତାରୁ ଓହରି ଆସି, ଆମେ ତର୍କରୁ ଓହ୍ଲେଇ ଆସି, ଆମେ ଦୌଡ଼ରୁ ବିରତି ନେଇ ଯଦି ସମୂହ ଭାବରେ ପ୍ରତ୍ୟାଶାହୀନ ହୋଇ ସାହିତ୍ୟ ରଚନାରେ ବ୍ରତୀ ହେବା, ଭାବୁଛି ଗୋଟେ 'ନୂଆ ଯୁଗ' ଗଢ଼ି ହେବ । ତାହାର ଭିତ୍ତି ପଡ଼ିବ : ସାହତ୍ୟିକ ସହିଷ୍ଣୁତା ଉପରେ ।






HP
Hari Plaast
STRONG & SAFE
Experience and
Expertise for Five Decades
PVC I CPVC I HDPE I MDPE(GAS) PIPES & FITTINGS
ISO 9001:2015
CERTIFIED
No.1
Hari Udyog (P) Ltd.
O.T. Road, Balasore-756001, Odisha
06782-260963/ 06782-264555
hariplaast@hariplaast.com
/hariplaast www.hariplaast.com

The **REBATI AMA MATIRA SWARA** • December 2018 Vol - 1 Issue - 3 • R.N.I. Title Code : ODIODI 07916 • Rs. 30
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**